ଛାଇ-ଆଲୁଅ

ଗୋପୀନାଥ ମହାନ୍ତି

Digitized by srujanika@gmail.com

ଗୋପୀନାଥ ଗଳ୍ପ ସଂକଳନ-୨

ଛାଇ-ଆଲୁଅ

ଗୋପୀନାଥ ମହାନ୍ତି

ଫ୍ରେଣ୍ଡସ୍ ପବ୍ଲିଶର୍ସ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦବିହାରୀ, କଟକ-୨

Digitized by srujanika@gmail.com

ଛାଇ-ଆଲୁଅ—ଲେଖକ : ଡକ୍ଟର ଗୋପୀନାଥ ମହାନ୍ତି, ପ୍ରକାଶକ : ସହଦେବ ପ୍ରଧାନ, ଫ୍ରେଣ୍ଡ୍‌ସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୭୫୩୦୦୨, ପ୍ରଥମ ମୁଦ୍ରଣ : ୧୯୯୨, ପ୍ରଚ୍ଛଦପଟ ଅସିତ୍ ମୁଖାର୍ଜୀ, ମୁଦ୍ରାକର : ଲିପିକାର, ଝାଞ୍ଜିରିମଙ୍ଗଳା, କଟକ-୯

CHHAI-ALUA—Author Dr. Gopinath Mohanty, Publisher Sahadev Pradhan, Friends' Publishers, Binodbehari, Cuttack-753002, Orissa (India), First Edition : 1992, Cover Design : Asit Mukherjee, Printer : Lipikar, Jhanjirimangala, Cuttack-9

Price : Rs. 35

Digitized by srujanika@gmail.com

ସୂଚୀପତ୍ର

୧ ।	ଘୁଇ-ଆଲୁଅ	୧
୨ ।	ବାବୁ	୨୭
୩ ।	ଚନ୍ଦ୍ରପାଣି	୪୫
୪ ।	ପିମ୍ପୁଡ଼ି	୭୯
୫ ।	ଦ୍ୱୋଳଗୋବିନ୍ଦ	୮୮
୬ ।	ଦାଉ	୧୦୮
୭ ।	ସ୍ୱଦେଶୀ	୧୧୭
୮ ।	ବଗିସ୍ତ	୧୨୫
୯ ।	ରଣକୁହୁଡ଼ି	୧୩୭
୧୦ ।	କାକୁଡ଼ି	୧୬୪

ଗୋପୀନାଥ ଗଳ୍ପ ସଂକଳନ-୧ ('ଶରଣଶଯ୍ୟା' ୧୯୯୨ରେ ପ୍ରକାଶିତ : ମୂଲ୍ୟ ଟ ୪୦)

Digitized by srujanika@gmail.com

ଆମ ପ୍ରକାଶିତ ଲେଖକଙ୍କର ଅନ୍ୟାନ୍ୟ ପୁସ୍ତକ

- ❊ କଛୁ କହିବାକୁ ଚାହେଁ
- ❊ ମନର ନଆଁ
- ❊ ଉତ୍କଳମଣି
- ❊ ଯୁଦ୍ଧ
- ❊ ମହାପୁରୁଷ
- ❊ ଶରଶଯ୍ୟା

Digitized by srujanika@gmail.com

ଛାଇ-ଆଲୁଅ

ବର କାହିଁ ? ବର କାହିଁ ? ଖୋଜା ଲାଗିଛି । ଲୋକେ ଏକର ସେକର ଧାଁଧପଡ଼ ଲାଗେଇଛନ୍ତି, 'ଓଃ ! କି ଅସ୍ତବ୍ୟସ୍ତ ! ଏ ତାକୁ ପଚାରୁଛି ସେ ଯାକୁ ପଚାରୁଛି, କିଏ କହୁଛି ନ ଚରୁର ଯେଉଁଆଡ଼େ ମନ ହେଉଛି ସେଇଆଡ଼େ ଦୌଡ଼ ଯାଉଛି ଖୋଜିବ ବୋଲି । ବାଃ, ଭାରି ମଜା । ଉପେନ୍ଦ୍ର ଏଇ ଅସ୍ତବ୍ୟସ୍ତ ଅବସ୍ଥା ଦେଖି ମନେ ମନେ ଭାରି ଖୁସି ହେଲା । ସେ ଏତେ ପାଖରେ ଅଛି ଅଥଚ କେହି ଦେଖିପାରୁ ନାହାନ୍ତି । ପାରିବେ ବା କାହିଁ । ଏଇ ତାର ପ୍ରିୟ ବନ୍ଧୁ କେଷ୍ଟର ଅବସ୍ଥା [illegible] ଶୋଚନୀୟ, ତା' ଆଖି ଛଳଛଳ ହୋଇଆସିଲାଣି । କନ୍ୟାପକ୍ଷ ତାକୁ ହିଁ ଘେରିଛନ୍ତି । ପଚାରୁଛନ୍ତି, କହୋ ବାବୁ, ବର କାହିଁ ? ତୃତୀୟ ବରଣ ହେବ, ବେଦୀକି ଯିବ, ହାତଗଣ୍ଠି ପଡ଼ିବ, ହୋମ ହେବ । କର୍ତ୍ତା ହେବାକୁ ଗାଁ'ରୁ ଆସିଛନ୍ତି ଅବଶ୍ୟ ହାତ୍ସପଡ଼ିଶାରୁ ଜଣେ ଦାଦା—କପିଳା ଦାଦା; କିନ୍ତୁ ଏଇ କେଷ୍ଟ ହିଁ ତ ସବୁ । ଗାଁଗହଳରୁ ବି.ଏ. ପାସ୍ ଯାହେ ସବୁଠି ସେ ଆଉ କେଷ୍ଟ ଏକାଠି, ଏ ବାହାଘରରେ ତ କେଷ୍ଟ ହିଁ ମାମଲତକାର । ସେଇ ଏ ବାହାଘର ଠିକ୍ କଲା, ସେଇ ସବୁ ଆୟୋଜନ କଲା, ମାମଲତ ଉଠୋଉଛି ସେ । ବନ୍ଧୁ ଭିତରେ ଲୋକଟି ଆସିଛି, ବଡ଼ ଶାନ୍ତ ସରଳ ପିଲାଟିଏ ସେ, ଏଇଠି ବୋଧହୁଏ ନୂଆ କରି ସିଗାରେଟ୍ ଖାଉଛି, ସବୁବେଳେ ହାତରେ ଖଣ୍ଡେ, ଆଉ ବେଦମ୍ କାଶ । ଏଣେ ଗରମରେ ଟଳକ ସମ୍ବଲପୁରୀ ମଠାର କାମିଜ୍ ପିନ୍ଧିଛି । କେଡ଼େ ଉଦାସ ହୋଇ ସେ ବସିଛି । ଗାଁର ଗୋଠକଯାକ ପାଟି କରୁଛନ୍ତି । ପାଉନ୍ତୁ ସେମାନେ ପାନେ, ଭାରି ଆସି ପାଆନ୍ତିଗିରି ବାହାର କରୁଥିଲେ । ବେଶି ପାଟି ଚଇଁଟିର, ନକଲ ନବିଶି କାମ କରେ ଟୋକାଟି, ବାପ ମା ଛେଉଣ୍ଡ ଟୋକାଟିଏ ବିଚରା, ବୋଲହାକ କରିବାକୁ ଭାରି ତତ୍ପର । ଚଇଁର ବେଶ ତ ଅତି ଚମତ୍କାର । ସେ ହଟଳେ ନମାଜା ମାଡ଼ିଛି, କାମିଜ ଉପରେ ବେକରେ ଗୁରେଇଛି ଏକ ହରିରଙ୍ଗି ଉଲ୍ ମଫଲର୍ । ପାନ ଚୋବାଉଛି, ସିଗାରେଟ୍ ଖାଉଛି, ଫେର୍ ସବଟ ବି ପିଇପାରିଲାଣି

Digitized by srujanika@gmail.com

ଦି' ଗିଲାସ । ଚାହା ହେଲେ ତ ଢକ ଢକ କରି ପିଅନ୍ତି । ଯାହାହେଉ, ତା' ଗାଁ କୁଣିଆ ବି ହାଉଳି ହେଉଛନ୍ତି । କି ଉତ୍ତର ସେମାନେ ଦେବେ ? କି ଉପାୟ ସେମାନେ କରିବେ ? ଉପେନ୍ଦ୍ର କୁତୂହଳରେ ଆଉ ଥରେ ଏଇ ଦୃଶ୍ୟକୁ ଦେଖି-ନେଲା, ତା' ପରେ ଦର୍ଶନଶାସ୍ତ୍ରରେ ମନ ଦେଲା । ବୈଶାଖମାସର ଶେଷ । ଦିନ ଟିକ୍ ବାରଟା ଦିପହର । ପୁଣି ତା'ର ଉପାସ । ଆଉ ଆଜି ତା'ର ବିବାହ । ତାକୁ ଲାଗିଲା, ଏ ପରିସ୍ଥିତି ଟିକ୍ ହୋଇଛି ଦର୍ଶନଶାସ୍ତ୍ର ବିଚାରପାଇଁ । ବି. ଏ. ରେ ତା'ର ଦର୍ଶନଶାସ୍ତ୍ର ବି ଏକ ପାଠ୍ୟ ବିଷୟ ଥିଲା । ସେ ଭାବିଲା, ଅବିକଳ ଏମିତି ଭାବୁଥିଲେ ହିନ୍ଦୁ ଦାର୍ଶନିକମାନେ ଆତ୍ମା ବିଷୟରେ । ସେ ମନୁଷ୍ୟ ସର୍ବତ୍ର ମିଶିକରି ଅଛି । ତାକୁ ଲୋକେ ଦେଖିପାରୁ ନାହାନ୍ତି, ଚିହ୍ନି ପାରୁ ନାହାନ୍ତି । ସେ ବି ସେହିପରି ଅବସ୍ଥାରେ ଅଛି । ସଂସାରୀଲୋକେ ଆତ୍ମା ଚିହ୍ନି ପାରନ୍ତି ନାହିଁ । ଏଇ ଚିନ୍ତାକୁ ଜୋର୍‌ରେ ଧରି ସେ ରାଗିଲା, ତା'ର ଆଖି କଟକଟ କଲା, ହାତର ମୁଠାରେ ଜାବ ପଡ଼ିଗଲା । ଇଚ୍ଛା ହେଲା ଥୁଅନ୍ତା କାହାପିଠିରେ ଦି'ଟା ସେ । ନା, ଆତ୍ମାକୁ ଚିହ୍ନି ପାରୁନାହାନ୍ତି ସଂସାରୀ ଲୋକେ, ବାକି ସବୁ ଖାଲି ଛଳନା, ଚାଲାକି, ଧପ୍‌ପାବାଜି । ମନେପଡ଼ିଗଲା କବି ରବୀନ୍ଦ୍ରନାଥଙ୍କର ଏକ ଗୀତର ଏକ ଧାଡ଼ିରୁ ତିନୋଟି ଶବ୍ଦ । "ହିଂସାୟ ଉନ୍ମତ୍ତ ପୃଥ୍ୱୀ ।" ସେ ଚିତ୍କାର କଲା ସେହିଆ— "ହିଂସାୟ୍ ଉନ୍ମତ୍ତ ପୃଥ୍ୱୀ । ସବୁ ଛଳନା ! ସବୁ ଧପ୍‌ପାବାଜି ! ଭାଙ୍ଗିଦିଅ ଚୂରି-ଦିଅ ଛେଚିଦିଅ ! ଧ୍ୱଂସ କର !" ଆଉ ସେହି ଚିତ୍କାରରେ ସେ ଆପଣା ଅଜଣାରେ ପ୍ରକଟ କରିଦେଲା ଆପଣାକୁ । ସମସ୍ତେ ତା'ର ଆଡ଼କୁ ଚାହିଁଲେ । ଆରେ ଦେଖିବ ଆସ ହୋ ! ଧାଇଁପଡ଼ ଧାଇଁପଡ଼ ସମସ୍ତେ । ଦେଖ କେମିତି ବର ବସିଛି ଆମ୍ବଗଛ ଉପରେ !

ଏଁ ! ଆମ୍ବଗଛ ଉପରେ ! ସତେତ ! ଉପରେ ବୋଲି ଉପରେ ! ଏକଦମ୍ ସବା ଉପରେ । କେତେ ବଡ଼ ପୁରୁଣା ଆମ୍ବଗଛଟା ଦାଣ୍ଡରୁ କେତେ ଉପରକୁ ଉଠିଯାଇଛି ସୋଜ୍ ସୋଜ୍ ! ସେ କେମିତି ସେଠିକି ଚଢ଼ିଲା !

ଏ ହେଇ, ଲୋକ ଉଠିଆସୁଛନ୍ତି ଘର ଭିତରୁ ଖଞ୍ଜା ଭିତରୁ ସାହି ଭିତରୁ । ସ୍ତ୍ରୀ, ପୁରୁଷ, ପିଲା, ବୁଢ଼ା । ସମସ୍ତଙ୍କ ମୁହଁରେ କୁତୂହଳ, ଆଶ୍ଚର୍ଯ୍ୟ । ବହୁତ ଦେଖଣାହାରି ଦଳ ଦଳ ହୋଇ ଜକାଜକ ହୋଇ ଉଠି ଚାଲିଆସୁଛନ୍ତି ।

Digitized by srujanika@gmail.com

ଏଇତ ବେଳ, ଉପେନ୍ଦ୍ର ଭାବିଲା, ଏଇ ବେଳ ଲୋକଙ୍କୁ ଦର୍ଶନଶାସ୍ତ୍ର ବୁଝେଇବାକୁ, ଲୋକକୁ ଚେତେଇବାକୁ, ଗାଳି ଦେବାକୁ ।

ଶୁଣ ସମସ୍ତେ । ଧ୍ୱଂସାପ୍ତ ଉନ୍ମତ୍ତ ପୃଥିବୀ, ଖାଲି ଗୁଲିବାଜ, ଧପ୍ପାବାଜ, କଳାବଜାର, ଗଳାକଟା, ତଣ୍ଟିକଟା, ଗଣ୍ଠିକଟା, ଆଉ ସ୍ୱାର୍ଥ ସ୍ୱାର୍ଥ ସ୍ୱାର୍ଥ । କେତେ ଦିନ ରହିବ ଏ ପୃଥିବୀ ? ଆଟମ୍ ଲଢ଼େଇରେ ଜଳିଯିବ, ଜଳି ପାଉଁଶ ହୋଇଯିବ । ମଣିଷ କ'ଣ କଲା ? ଆତ୍ମାକୁ ଚିହ୍ନିଲା ନାହିଁ ? ଶୁଣ, ବୁଦ୍ଧଦେବ କ'ଣ କହିଥିଲେ ସେହି କଥା କହିବ । ଆରେ ହସି ଉଡ଼େଉଚ କ'ଣ ? ଶୁଣ ତୁମେ, ମୋ କଥା ତମକୁ ଶୁଣିବାକୁ ହେବ ।

କାନ୍ଦ କାନ୍ଦ ହୋଇ ଠିଆହେଲଣି ଲୋକଟି, ଆଉ ଖାମ ମୂର୍ତ୍ତି ହୋଇ କେଳୁ ।

"ଆବେ ଉପି, ତୁ ଓହ୍ଲେଉଚୁ କି ନାହିଁ ? ବାହା ହବାକୁ ଆସିଚୁ ନା ନାଁ ପକେଇବାକୁ ଆସିଚୁ ଏଁ ? ଓହ୍ଲେଉଚୁ ନା ଦେଖିବୁ ଅଇଛା ?"

"ଯା ଯା, ଭଣ୍ଡ ପ୍ରଚାରକ । ଆରେ ଧ୍ୱଂସାପ୍ତ ଉନ୍ମତ୍ତ ପୃଥିବୀ । ତୁ ଅଧିକା କଣ ଡରେଇବୁ କାହାକୁ ? ତୁଟା ତ ସ୍ୱାର୍ଥପର, ନହେଲେ ଅନ୍ୟମାନଙ୍କୁ ତୁ ଚେତାନ୍ତୁ ନାହିଁ ନା ?"

"ଆବେ ଗଛ ଉପରେ କାହିଁକି ଚଢ଼ିବୁ ବେ, ଲୋକେ ହସୁଚନ୍ତି, ଲାଜ ମାଡୁନାହିଁ ?"

"ଏଁ ଲାଜ ! ହଁ ସେ ଏକ ମାନସିକ ବିକାର । ମୋର ସେ ନାହିଁ । ଉପରେ ଚଢ଼ିଲି ଉପରଟା ଭଲ ଲାଗୁଛି ବୋଲି । ଗାଇଲୁ ଗାଇଲୁ ଠିକେ । ଗ୍ରାମାରଆନ୍‌ସ ଫ୍ୟୁନରେଲ କବିତାଟି । ମତେ ଖୁବ ଭଲ ଲାଗେ ।"

"ରହ ତତେ ସାଧ କରୁଚି—" ପାଇକଟ୍ଟ ମାରି ଚଢ଼ିଲା କେଳୁ ଆମ୍ବଗଛରେ । ତଳେ ହୋ ହେଲା—ଆରେ ଦେଖିବ ଆସ ଆଜି ଗୋଟାଏ ଚଢ଼ୁଚି ଆମ୍ବଗଛରେ । ଆରେ ସେ ଜୋଇଁଙ୍କ ମିତରେ । ହଁ ଅସଲ ମିତରେ ।

"ଦେଖ୍, ମୁଁ ଡେଇଁବ ଡେଇଁବ ଡେଇଁବ । ମୋର କିଛି ହେବ ନାହିଁ । ଆତ୍ମା ଅବିନଶ୍ୱର ।" ତଳେ ସ୍ତବ୍ଧ ଜନତା । ଏଥର ସେମାନଙ୍କ ଭଙ୍ଗୀରେ

Digitized by srujanika@gmail.com

ଆଡଙ୍କ । କନ୍ତୁ କେଳୁ ଗୁଡ଼ୁ ନାହିଁ । ଚଢ଼ି ଚାଲିଛି ଉପରକୁ ଉପରକୁ । ହେଇ, ଡାଳ ଗୁଡ଼ାକ ବେଢ଼ିଗଲେ । ସେ ଆପେ ନଜକୁ ନଜେ ଥାପଡ଼ ପିଟୁଛି । ଫେର୍ ଚଢ଼ୁଛି । ଡେଇଁବ ନା ?

ଭାବଲାଗିଲା ଉପେନ୍ଦ୍ର । ଡେଇଁବ କ ନ ଡେଇଁବ ? ଉଭୟ ପକ୍ଷରେ ବହୁତ ଯୁକ୍ତି ଉଠିଲା ତା ମନରେ, ସେ ବାରମ୍ବାର ଆପଣାକୁ ମନେ ମନେ ପଚାରିଲା, ଡେଇଁବ କ ନ ଡେଇଁବ ? ତାପରେ କେଳୁ ଆସି ଖପ୍ କର ତା ହାତକୁ ଧରପକେଇଲା ।

"ଧର ତୁ, କ'ଣ କରୁଚୁ କର । ଜାଣି ତୋର ବଳ ବେଶି । ତୁ ଉତ୍କଳଗ୍ରାମ ପଦ୍ମଚରଣ ଆଖଡ଼ାରେ କସରତ୍ କରୁଥିଲୁ । ମୁଁ ନଈ କୂଳେ କୂଳେ ବୁଲୁଥିଲ । ତୋର ଗଣ୍ଠିଟା ମୋଟା ହେଲା, ବୁଦ୍ଧିଟା ବ, ମୋର ଦେହଟା ସୂକ୍ଷ୍ମ ହେଲା, ବଗ୍ଗରଟା ବ । ତେଣୁ ବ. ଏ. ରେ ତୁ ପଢ଼ ନେଲୁ ଇକନମିକ୍ସ ମ୍ୟାଥମ୍ୟାଟିକ୍ସ—ମୁଁ ନେଲ ଦର୍ଶନଶାସ୍ତ୍ର ଓ ଓଡ଼ିଆ ସାହିତ୍ୟ, ତୁ ତା'ର କ'ଣ ବୁଝିବୁ ? ଆ ! ମୋଡ଼ନା ମୋ ହାତଟା କହୁଚ । ମୋଡ଼୍ ନା । ଆ ! ହଉ ତୁ କର କ'ଣ କରୁଚୁ । ଆରେ ଦେହଟା ଉପରେ ସିନା ତୋର ସବୁ ଜୋର୍, ଆତ୍ମାଟାକୁ ଛୁଇଁବୁ କୋଉଠୁ ? ଏଁ ! କ'ଣ ହେଲା ତୋର ! କେଳୁ, କେଳୁରେ !"

ଭେଁ କନା ପିଲା ପର କାନ୍ଦ ପକେଇଲା କେଳୁ । ଆଉ ହାତ ମୋଡ଼ା ନାହିଁ କିଛି ନାହିଁ, ତାକୁ କୁଣ୍ଢେଇ ଧର କେଳୁ ପିଲାଙ୍କ ପର କାନ୍ଦୁଛି ।

ହଠାତ୍ କୁଣ୍ଢିଆ କୁଣ୍ଢି ହେଲେ ସେ ଗଛ ଡାଳରେ । କୁଆଡ଼ୁ ଆସିଲେ କାଉ ଦୋଟି ବ ଧର ଧର ତାଙ୍କ ମୁଣ୍ଡ ଉପରେ ଚକ୍ କର ମାରିଲେ । ଗୁଣ୍ଡୁଚ ମୂଷାଟିଏ ଦଉଡ଼ ପଳେଇଲା ।

କେଳୁ କଇଁ କଇଁ ହୋଇ କାନ୍ଦୁଛି । "କ'ଣ ହେଲା କେଳୁ ! କାଇ କାମୁଡ଼ିଲେ !"

"ଉପି ! ଉପେନ୍ଦ୍ର ! ଭସେଇଦେଲୁ ମତେ ! ଏ ମୁହଁ ଆଉ କାହାକୁ ଦେଖେଇବ ?"

Digitized by srujanika@gmail.com

"କ'ଣ ହେଲା କେଳୁ ?"

"ଉପେନ୍ଦ୍ର, ତୁ କିଏ ? ହଇରେ ତୁ କ'ଣ ସାଧାରଣ ହେଇଚୁ ? ବି.ଏ. ପାସ୍ କରିଚୁ । ଦାୟିତ୍ୱ ମୁଣ୍ଡେଇ ଚାକିରି କରିଚୁ । ତୋର ଆଜି କି ଦଶା ! ବାହା ହବାକୁ ଆସି ତୁ ଆମ୍ବ ଗଛରେ ଚଢ଼ିଚୁ, ତେଣେ କନ୍ୟାଟା ମଙ୍ଗୁଳା ହୋଇ ବସିଛି ! ତୋ ମୁଣ୍ଡ ବିଗିଡ଼ିଗଲା ଉପେନ୍ଦ୍ର ! ତୁ ସତରେ ପାଗଳ ହେଲୁ ?"

"ଓଃ ! ସତେ ତ !

ଝଳଝଳ କରି ଦିଶିଗଲା ସବୁ । ନିଃସହାୟ ପିଲାପରି ତା କାନ ପାଖେ ଫୁସ୍‌ଫୁସ୍ କରି କହିଲା—କେଳୁ ଅଇଗୁ କ'ଣ କରିବା ? କାହିଁକି ମୋର ଏମିତି ହେଲା ମୁଁ ଜାଣେ ନାହିଁ, ଅଇଗୁ କରିବା କ'ଣ ?"

କେଳୁ ଆଖି ପୋଛୁଥିଲା । ଗହଳ ପତ୍ର ଆଢୁଆଳରେ ସେ ଦୁହିଁଙ୍କ ମୁହଁ ଛପି ରହିଛି । କେଳୁ କହିଲା, "ଚୁପ୍ ଚୁପ୍ ଓହ୍ଲେଇ ଚାଲ, ଦେଖାଯାଉ ଯାହା ହେବ ପଛେ ।"

ସେମାନେ ଓହ୍ଲେଇଗଲେ । ତାପରେ ଘୋ ହୋଇଗଲା । ଓହ୍ଲେଇଗଲେ ସେହି ଘୋ ଘା ଭିତରକୁ ଯେଉଁଠି ନାନା ବାକ୍‌ବିତଣ୍ଡା ଲାଗିଛି । ନସର ପସର ହୋଇ ଧାଇଁଆସିଲେ କନ୍ୟାପକ୍ଷର ଲୋକେ, ଆଗରେ ହେଉ କନ୍ୟା ପିତା ଲକ୍ଷ୍ମୀଧର ବାବୁ । ଷାଠିଏ ବର୍ଷର ବୃଦ୍ଧ, ଗୋଲଗାଲ୍ ଗୋରା ତକ୍ ତକ୍, ସଂଭ୍ରାନ୍ତ ବ୍ୟକ୍ତି, ଆଗେ ପ୍ରେସିଡ଼େଣ୍ଟ ଥିଲେ । ପୁଣି ୟୁ. ପି. ସ୍କୁଲ୍ ସେକ୍ରେଟେରି । ମାମଲତ୍‌କାର କନ୍ୟାର ଭାଇ ଅନନ୍ତରାମ, ସାହି ଭାଇ ବହୁତ, ହେଇ ସେମାନେ, ଛନଛନିଆ ଭେଣ୍ଡାମାନେ, ଗଣେଶ, ସାଧୁ, କୁନୁ, ପିମି, ମିଣ୍ଟୁ, ଅବୁ, ରଘୁ, ଧାମ । କିଏ କଲେଜରେ ପଢ଼େ, କିଏ କେଉଁଠି ଚାକିରି କରେ, ଏହିପରି । ଟୋକାମାନଙ୍କର ଏକା ମତ, "ପାଗଳଟା, ଯାଉ ଏ ବର ଫେରିଯାଉ । ଜାଣିଶୁଣି ପାଗଳଟାକୁ କିଏ ଝିଅ ଦେବ ?"

ଏ ପାଖେ ବରପକ୍ଷ କୁଣିଆମାନଙ୍କଠୁ ଘୋର ପ୍ରତିବାଦ "କଦାପି ପାଗଳ ନୁହେଁ ସେ, କେହି କେବେ ଜାଣିନାହିଁ କି ଦେଖିନାହିଁ ତାଠି ପାଗଳାମି । କ'ଣ ବରଣ ସରିଛି, ଝିଅବିଭା କରିବାକୁ ହିଁ ହେବ ।"

Digitized by srujanika@gmail.com

ବରଟିଂ ପାଗଳାମିର ଲେଶମାତ୍ର ଆଉ ନାହିଁ । ଲଜ୍ଜାରେ ତା ମୁହଁ ନାନା ଭଙ୍ଗୀ ଧରୁଛି । କନ୍ୟାପକ୍ଷର ମୁଖିଆ ମୁଖିଆ ବୟସ୍କ ଲୋକେ ବରକୁ ଫେରାଇଦେବା ସପକ୍ଷରେ ମୋଟେ ମତ ଦେଉନାହାନ୍ତି । "ଅଲକ୍ଷଣା କଥା ହେବ । କଏ କେବେ ଶୁଣିଥିଲା ଏମିତି ? କନ୍ୟା ମଙ୍ଗୁଳା ହୋଇ ଅପେକ୍ଷା କରିଛି । ବର ବ'ଥର ବେଦୀ କାମ ସାରିଛି । ଏତିକିବେଳେ କ'ଣ ନା ବରକୁ ଫେରାଇ ଦିଅ !"

"ନହେଲେ କନ୍ୟାକୁ ତଣ୍ଟିଚିପି ମାରିଦିଅ", କନ୍ୟାପକ୍ଷର ଟୋକାମାନେ କହିଲେ । "ଆମ୍ବଗଛ ଚଢ଼ା ପାଗଳାଟାକୁ ଯାହା ଦବ ମାରିଦେଲେ ଭଲ । କରୁଥା ବାହାଘର ଆମେ ରହିବୁ ନାହିଁ ।" ଟୋକାମାନଙ୍କର ଅଲଗା ହୋଇ ମିଟିଙ୍ଗ ବସିଲା, ମନ୍ତ୍ରଣା ଚାଲିଲା, ଏଇ ବେଦୀରେ ଆଉ ଜଣେ ବର କୁଆଡ଼ୁ ଆଣି ଥୋଇପାରିଲେ କନ୍ୟାକୁ ବାହାକରିଦେଇ ହୁଅନ୍ତା । କାହିଁ, କଏ ହେବ ବର ? ବହୁତ ଭାବ ଚିକ୍ ହେଲା ଲୋକନାଥକୁ ହିଁ ଧରିବାକୁ ହେବ । ଭଦ୍ର, କୁଳୀନ, ଶାନ୍ତ, ବି. ଏ. ପାସ୍ । ଗଲେ ତା ପାଖକୁ ଏକ ଯୁବ ପ୍ରତିନିଧିଦଳ । ଗଣେଶ ଆରମ୍ଭ କଲା—

"ଆଜ୍ଞା ଦେଖନ୍ତୁ ଏ ଅବସ୍ଥା, ଉପେନ୍ଦ୍ର ବାବୁ ତ ପାଗଳ ବୋଲି ଜଣାପଡ଼ିଲା, ଏଣେ ଏ କନ୍ୟାଟିର ଅବସ୍ଥା କ'ଣ ହେବ, ଆପଣ ଅନୁମାନ କରନ୍ତୁ···" ।

ଶାନ୍ତ ବିନୟୀ ଲୋକନାଥ ଉତ୍ତରଦେଲା—"ଆଜ୍ଞା ମତେ ବି ଯେ ବଡ଼ ଆଶ୍ଚର୍ଯ୍ୟ ଲାଗୁଛି । ଆପଣମାନେ ବିଶ୍ୱାସ କରନ୍ତୁ, ଆମେ କଲେଜରେ ଚାରିବର୍ଷ ଏକାଠି ପଢ଼ିଲୁ, ମୁଁ ତା ମେସ୍‌ରେ ବି ଚାରି ମାସ ଥିଲି, ଯାଏଁ ତ ଅନେକଥର କିନ୍ତୁ ତା'ର ପାଗଳାମି କେବେ ମୁଁ ଦେଖିନଥିଲି ।"

"ବର୍ତ୍ତମାନ ତ ଦେଖିଲେ; ସନ୍ଦେହ କରିବାକୁ ଆଉକିଛି ବାଟ ନାହିଁ ତ । ଝିଅଟାର ଅବସ୍ଥା ସରିଲା । ଏକମାତ୍ର ଉପାୟ ଆପଣ ।"

'ମୁଁ ।'

"ଯଦି ଆପଣ ତାକୁ ବିଭା ହୋଇପଡ଼ନ୍ତେ ।"

Digitized by srujanika@gmail.com

"ମୋର ତ ଗଲ ତିନିରେ ବରଷର ସରିଲ । ସାତ ବନ ବି ହୋଇନାହିଁ ।"

ଓଃ ! ସମସ୍ତିଙ୍କ ନଜା ପଡ଼ିଲ ତା ପାଦ ଯୋଡ଼କରେ । ଅନେକ ନଭିନାହିଁ ।

ଟୋକାଦଳଙ୍କ ମନ ଫିକା ପଡ଼ିଗଲ । ତା ସଙ୍ଗେ ସଙ୍ଗେ ଘର ଭିତରେ ସ୍ତ୍ରୀ ଲୋକମାନଙ୍କ ମନ ବି । ପଦାରେ ଯେତେବେଳେ ଏ ଗୋଳମାଳ, ଭିତରେ ସେତେବେଳେ ଗ୍ରନେଣି ପଡ଼ିଛି । କନ୍ୟାର ମା ଘଡ଼ି ଘଡ଼ିକେ ମୂର୍ଚ୍ଛା ଯାଉଛନ୍ତି । ଚେତାହେଲେ ଉଠି ବାଡ଼େଇ କଷ୍ଟ ହୋଇ କାନ୍ଦୁଛନ୍ତି । ପାଟି କରୁଛନ୍ତି 'ନା ମୁଁ ଏ ବାଘୁଆ ବରକୁ ଝିଅ ଦେବନାହିଁ । ସ୍ତ୍ରୀଲୋକମାନେ ଅନେକେ ତାଙ୍କ ସହିତ ଏକମତ । ଖାଲି ଅନ୍ତ ବୁଢ଼ୀ ବୁଢ଼ୀମାନଙ୍କ ବ୍ୟତୀତ ଝିଅମାନେ, ବଉମାନେ ଭାଉଜମାନେ, ଅପାମାନେ ସମସ୍ତେ କାନ୍ଦିବାରେ ବ୍ୟସ୍ତ । ସବୁଠି ସେହି ଆହା ପଦ, ସେହି ଚନ୍ଦ୍ରାଦକ । ଆଃ ! ଏଡ଼େ ସୁନ୍ଦର କନ୍ୟା କପାଳରେ ଏ ହଟହଟା ଥିଲ । ନାଁଟି କୁମୁଦମ ଆଜି ସାକ୍ଷାତ ଗୋଟିଏ ସଜଫୁଟା କଇଁ ଫୁଲଟିଏ । ଏଡିକ ରୂପ ! ଏଡ଼ିକ ଭଲ । ସେ ବି କାନ୍ଦୁଛି । ଆଗେ କାନ୍ଦୁଥିଲ ଯେମିତି ବାହାବେଳେ କନ୍ୟା କାନ୍ଦେ । ପରଗୋତ୍ରୀ ହୋଇ ଏ ଘରଛାଡ଼ି ପରଘରକୁ ଗ୍ଲଲି- ଯାଉଛି ବୋଲି । ଏବେ ଖାଲି ସେତିକ ପାଇଁ କାନ୍ଦୁନାହିଁ । ତା ବର ପାଗଳ ଯାହାକୁ ସେ କେବେ ଦେଖି ନଥିଲ, ଶୁଣି ନଥିଲ, ଆଶାକରି ବସିଥିଲ ସେହି ହେବ ତା ଜୀବନର ଦେବତା । ଲୋକେ କହୁଛନ୍ତି ସେହି ହେଲ ପାଗଳ ! ଯାଠୁ ତାଠୁ ଶୁଣିରୁ ଟାପୁରୁ ହୋଇ କେତେ କଥା ଶୁଣି ଶୁଣି ମେ ଗୋଟିଏ ସ୍ୱପ୍ନ ବୁଣି ରଖିଥିଲ । ତାକୁ ସାମ୍ନାରେ ଥାଙ୍କେ । ବସି ବସି ଦେଖେ । ତାକୁ ମୂଣ୍ଡଟେକେ ବଏ, ଶୁଏ । ସେ ସ୍ୱପ୍ନ ତା'ର ଛିନ୍ନଭିନ୍ନ ହୋଇଯାଇଛି । ଆଗରେ କ'ଣ ହେବ ସେ ଜାଣେ ନାହିଁ । କେବଳ କାନ୍ଦିଲେ ଟିକଏ ସୁଝିଲଗେ । ସେହି ତା'ର ସାନ୍ତ୍ୱନା ।

ଏଣେ ପଦାରେ—ପୁରୋହିତ ପାଟି କରୁଛନ୍ତି "ଯାହା କରିବାର କର, ଯୋ'ଗ ଚଳୋଉଚ, ପାଞ୍ଜିରେ ଆଉ ଯୋଗନାହିଁ ।" ସତରେ ତ ଦୁଇଟା' ବାଜ ପଇଁତିଶି ମିନଟଯାକେ ଯୋଗ, ହେଲଣି ଆସି ଦୁଇଟା ପନ୍ଦର । କନ୍ୟାପିତା ଲକ୍ଷ୍ମୀଧରଙ୍କ ମୁଣ୍ଡରେ ତୋଫାନ ଗ୍ଲଲଛି । ବର ଫେରେଇଦେବ ନା ନାହିଁ ।

Digitized by srujanika@gmail.com

ବରଟରଫ କୁଣିଆମାନେ ଯେପରିକ ବୁଝି ସାରିଲେଣି ଯେ ଆଉ ଏ ବଞ୍ଚିବାର ହେବାର ଆଶା ନାହିଁ । ସେମାନେ ଆପଣା ଆପଣା ଗଣ୍ଠି ବାନ୍ଧି ସାରିଲେଣି; କିନ୍ତୁ ଚଦାକୁ ମୁହଁ ଭଡ଼ିକ ଖୁବ୍ । ଲକ୍ଷ୍ମୀଧର ଯ୍ବା ମୁହଁରୁ ତା ମୁହଁକୁ ଅନେଇଁ ଅନେଇଁ ବୁଲି ଆସିଲେ ଘେରିଏ । ଟହଲିବାଟା ଖାଲି ଦେହର ପ୍ରତିକ୍ରିୟା, ମନର ପ୍ରତିକ୍ରିୟା ଭିନେ । ଟହଲି ଟହଲି ସିଧା ଯାଇ ବସି ପଡ଼ିଲେ ବର ସାମ୍ନାରେ । ମୁଣ୍ଡକୁ ଦୁଇ ହାତରେ ଠେକଦେଇ ଧରି ଆଖି ଛଳଛଳ କରି ଓଦା ସ୍ୱରରେ ପଦେ କହିଲେ—

"ବାବା, କ'ଣ କରିବ କହ ।" ତଳକୁ ମୁହଁପୋତି ସେ ବସିଛି । ଶାନ୍ତ-ଶିଷ୍ଟ ସୁବୋଧ ମଣିଷଟି । ବର୍ଷା ଶେଷରେ ପବନରେ ଗଛରୁ ପାଣିଟୋପା ପଡ଼ିଲା ପରି ଟପ ଟପ ହୋଇ ତା ଆଖିରୁ ଲୁହ ଝରିପଡ଼ିଲା । ସଙ୍ଗେ ସଙ୍ଗେ ମୁହଁକୁ ପୋଛିଦେଲା । ବାପର ଦୁଃଖରେ ଟମ୍ଭୀର ମେଞ୍ଚୁଆ ଆଖି ଦୋ'ଟି ଟେକି ଧୀରେ ଧୀରେ କହିଲା—

"ଫେରେଇ ଦିଅନ୍ତୁ ।"

କେବି କେବି ଲୁହ ପୋଛି ପକାଇଲା । ମତେ କ୍ଷମା କରନ୍ତୁ । ନିଜକୁ ତ ଯାହା କଲି କଲି, ଆପଣଙ୍କୁ ବହୁତ ହଟହଟାରେ ପକାଇଲି । କାହିଁକି ଏପରି ହେଲା ଜାଣେ ନାହିଁ । ଆମ ବଂଶରେ ପାଗଳ କେହି ନ ଥିଲେ, ଥିବେ ଯଦି ତା ମତେ ଜଣାନାହିଁ । ଆଗରୁ ମତେ ଏପରି କେବେ ଲାଗିନାହିଁ । କେହି କେବେ କହିନାହାନ୍ତି ଏ ପାଗଳ । ଆମେ ସେମିତି ସଂପତ୍ତିବାଲା ଲୋକ ନୋହୁ, ମୁଣ୍ଡ ଅଣ୍ଟା ଭିଡ଼ି ପରିଶ୍ରମ ନ କଲେ ଆମର ଜୀବିକା ମିଳିବ ନାହିଁ । ଆଜି କାହିଁକି ଏପରି ଘଟିଲା, ମୁଁ ଜାଣେନାହିଁ । ଉପାସ, ଗରମ, ଗହଳି, ଆଉ କ'ଣ ହୋଇପାରେ—ମୁହଁକୁ ତଳକୁ ପୋତି କହିଲା "ଅତ୍ୟଧିକ ଆନନ୍ଦ ବୋଧହୁଏ, ଆଜି ତା ସହିତ ଅତ୍ୟଧିକ ଦୁଃଖ ଯେ ଆଜିପରି ଦିନେ ମୋ ବାପା ବୋଉ ନାହାନ୍ତି । ନିଜ ମନକୁ ବିଶ୍ଳେଷଣ କଲେ ମୁଁ ଏଇଆ ଦେଖୁଛି । ସବୁଆଡ଼ୁ ସବୁଆଡ଼ୁ ହୋଇ ମୁଣ୍ଡଭିତର କ'ଣ କେମିତି ହୋଇଗଲା । ତା' ବୋଲି ଲୋକହସା ହୋଇ ଆସୁଗଛ !—" ତା'ର ସ୍ୱର ଭାଙ୍ଗିଗଲା, କୋହ ଗୁପିବାକୁ ଦମ୍ ମାରିଲା, ପୁଣି ଧୀରେ ଧୀରେ କହିଲା—"ବାପା ଥିଲେ ଆଜି ମୁଁ ଠିକ୍ ଏଇଆ କହିଥାନ୍ତି, ବାପା ମୁଁ ଆପଣଙ୍କ ବଂଶରେ କଳଙ୍କ ବୋଲିଲି, ମତେ ଶାସ୍ତି

Digitized by srujanika@gmail.com

ଦିଅନ୍ତୁ, କିନ୍ତୁ ମୁଁ ଜାଣିଶୁଣି ଏପରି କେବେ କରିନାହିଁ । ଛି ଛି ଛି ମୁହଁଟା ଲୁଚେଇବି କେଉଁଠି ? ଛାଡ଼ନ୍ତୁ ମୁଁ ସଫେଇ ଦେଇ ନିଜ ଦୋଷ ଛଡ଼ାଇବାକୁ ଚାହୁଁ ନାହିଁ । ମଣିଷର ହୃଦୟରେ ଯାହାଥାଉ ତା କାର୍ଯ୍ୟରେ ତା ଭାଷାରେ ତା ବ୍ୟବହାରରେ ଯାହା ପ୍ରକାଶ ପାଏ ତାକୁ ସେହି ଅନୁସାରେ ନାଁ ଦିଆଯାଏ, ବର୍ଣ୍ଣନା କରାଯାଏ, ଦାମ ଦିଆଯାଏ । ଆଜି ସମସ୍ତେ କହୁଛନ୍ତି ଉନ୍ମାଦ, ପାଗଳ, ମୁଁ ବି ସେଇଆ କହିବି । ଏ ପାଗଳାମି ପାଇଁ କ୍ଷମା ନାହିଁ । ଏ ବିଭାଘର ଆପଣ କଦାପି କରାଇଦିଅନ୍ତୁ ନାହିଁ । ବର୍ତ୍ତମାନ ସିନା ସୁସ୍ଥ ଅଛି, ପୁଣି କେତେବେଳେ ବି ତ ଏପରି ହୋଇପାରେ । କାହିଁକି ଏକ ସରଳା ନିରପରାଧା ବାଳିକାର ସର୍ବନାଶ ହେବ ? ଆପଣ ମନା କରିଦିଅନ୍ତୁ ।”

ନିସ୍ତବ୍ଧ ହୋଇ ସମସ୍ତେ ଶୁଣୁଥିଲେ । ସେ ବକ୍ତୃତା ଦେଉନାହିଁ ଖାଲି ଗୋଟି ଗୋଟି କରି ମନ କଥା କହୁଛି । ନିଜ ବିଷୟରେ ସେ ଏକ ବିଚିତ୍ର ବଖାଣୁଛି, ରାୟଦେଉଛି ଏ କ'ଣ ପାଗଳ ? ଲକ୍ଷ୍ମୀଧର ଭାବୁଥିଲେ । କନ୍ୟା ଗାଁର ଲୋକେ ପରସ୍ପର ଭିତରେ ସେହି ଆଲୋଚନା କରୁଥିଲେ । ଏତେ ଧୀର ଶାନ୍ତ କଥା । ଏତେ ଯୁକ୍ତିର କଥା, ନିଜ କଥା । ଏ ବିଦ୍ୱାନ୍‌ର ଆତ୍ମସମୀକ୍ଷାମୟ ବିଶ୍ଳେଷଣ, ପାଗଳର ପ୍ରଳାପ ନୁହେଁ । କେଷ୍ଟୁ, କପିଳଦାଦା ଅଲଗା ଅଲଗା ହୋଇ ସେହିକଥା ବୁଝାଇ ଲଗିଛନ୍ତି । ତାଙ୍କଠୁଁ ଶୁଣି ବରପକ୍ଷର ଲୋକେ ଭୀମ ବିକ୍ରମରେ କନ୍ୟାପକ୍ଷ ଲୋକଙ୍କ ଆଗରେ ବରର ଗୁଣ ବର୍ଣ୍ଣନା କରି ବାହାଦୁରି କାଢ଼ୁଛନ୍ତି । ଏ କଥା ଚହଲିଗଲାଣି ଅନ୍ଦରମହଲକୁ ବୋଲି, କନ୍ୟା କାନରେ ବି ପଡ଼ିଲାଣି ।

ଲକ୍ଷ୍ମୀଧର ବାବୁ ଉଠିପଡ଼ିଲେ । କହିଲେ, “ବାବା, ପଛକଥା ଭୁଲିଯାଅ । ମଣିଷ ତୁମକୁ ସବୁ ପାଗଳ ବୋଲି କହିବେ, ତେବେ ସଂସାରଯାକ ପାଗଳ । ଦୁଃଖ କରନା, ସବୁ ଭାଗ୍ୟର ଅଧୀନ, କ'ଣ ଯେ କେତେବେଳେ ହୋଇଯାଏ କେହି କହିପାରିବ ନାହିଁ କାହିଁକି ହୁଏ ।”

ସେ ନିଷ୍ପତ୍ତି କରିସାରିଥିଲେ, ବାହାଘରଟା ହେବନି । ତଥାପି ଆପଣା ବିବେକକୁ ଶାନ୍ତ କରିବାପାଇଁ ଥରେ ଯାଇ ଝିଅକୁ କହିଲେ—

“ମା, ଏହି ହେଲା ଘଟଣା । ଅଥଚ ତାକୁ ଦେଖିଲେ ତା’ କଥା ଶୁଣିଲେ ଆଉ କଥାଟାକୁ ଲୋକେ କହିବେ ଦୁଃସ୍ୱପ୍ନ । ବିଭା ନ ହେଲେ ମଙ୍ଗୁଳା କନ୍ୟାକୁ

Digitized by srujanika@gmail.com

ଭବିଷ୍ୟତରେ ଆଉ କେହି ବିଗିଡ଼ିବା ପ୍ରଥା ଅନୁସାରେ ସହଜ ନୁହେଁ । ବିଗିଡ଼ିଲେ ଆଜିକା ଘଟନା—। ତେବେ ଶାସ୍ତ୍ର କହୁଛି ସାବିତ୍ରୀ ନିଜ ତପବଳରେ ସତ୍ୟବାନଙ୍କୁ ଯମପୁରୁ ଫେରେଇ ଆଣିଥିଲେ । ତୋ ଭାଗ୍ୟ ତା ଅମଙ୍ଗଳକୁ କାଟିପାରେ । ମୁଁ ତତେ ବାଧ୍ୟ କରିବାକୁ ଆସିନାହିଁ ତାକୁ ବାହାହବାକୁ । ତୋର ହଁ ରେ ମୋର ହଁ, ତୋର ନାଇଁରେ ମୋର ନାଇଁ । କହ, କ'ଣ ତୋର ଇଚ୍ଛା, କ'ଣ ତୋର ମତ ?"

ପାଟ ପିନ୍ଧି ଗହଣା ନାଇ ଚନ୍ଦନପାଉଡ଼ରେ ବେଶହୋଇ ସେ କବାଟ କଣକୁ ଆଉଜି ଠିଆହୋଇଛି । ଏଇ ତା'ର ବାପା ।

କିନ୍ତୁ ଖାଲି ବାପା ନୁହନ୍ତି, ସମାଜ ବି ।

ଘରେ ରହିଲାବେଳୁଁ ତା'ର ସ୍ୱତନ୍ତ୍ର ଇଚ୍ଛା ସ୍ୱତନ୍ତ୍ର ମତ ସେ ଭୁଲିଛି । ସେମାନେ ଶିଖାଇଥିଲେ । ପ୍ରତି ମୁହୂର୍ତ୍ତରେ ଶାଶୁଘରକୁ ଯିବାପାଇଁ ତାଲିମ୍ । ବୟସ ଏକୋଇଶ ହେଲାଣି ସତ; କିନ୍ତୁ ନିଜର ଇଚ୍ଛା ନିଜର ମତ ଠିକ୍ କରି ଭଲ ସେ ଜାଣିଶିଖି ନାହିଁ । ସେହିମାନେ ହାତ ଧରି ଧରି ଚଳେଇ ନେଇଛନ୍ତି, ସେହିମାନେ ଚଳେଇବେ । ସେହି ବାପା ବୋଉ, ଗୁରୁଜନମାନେ । ପାଦତଳେ ଘୋସାରି ଘୋସାରି ସେ ଗାର କାଟିଲା ଆଉ ଅନେଇଁ ରହିଲା ତା ନିଜର ଅଳତାବୋଳା ପାଦରେ ପିନ୍ଧିଥିବା ପା'ପଦ୍ମଟିକୁ ।

"କହ ମା, ଲାଜ କରନାହିଁ ।"

"ତମର ଯାହା ମତ ମୋର ସେଇଆ ମତ, ମୋର ଆଉ ଅଲଗା ମତ କେବେ ହେଲା ବାପା ?"

ହଠାତ୍ ଗଦ୍‌ଗଦ ହୋଇ ସେ ତା' ମୁଣ୍ଡରେ ଦୁଇ ହାତ ଥୋଇ ଆଶୀର୍ବାଦ କଲେ । କହିଲେ 'ହଉ, ସେଇଆ ହଉ ମା, ଯୁଆଁଳିଆ ବଞ୍ଚି ହ, ଏଡ଼େ ଶାନ୍ତ ବିଦ୍ୱାନ୍ ଭଲପିଲା କାହିଁ କୋଟିକରେ ଗୋଟିଏ, ଏଡ଼େ କଅଁଳ ସ୍ନେହୀ ମନଟିଏ ତା'ର କାହାରି ପ୍ରାଣରେ କଷ୍ଟ ଦେବନାହିଁ । ଭଗବାନ ତତେ ଅହ୍ୟ ସୁଲକ୍ଷଣା କରିଥାନ୍ତୁ, କୋଟି ପରମାୟୁ ଦେଇଥାନ୍ତୁ, ତୁ ସୁଖ ଶାନ୍ତିରେ ଘରଘର କର ।"

ଏଇ ତାଙ୍କ ନିଷ୍ପତ୍ତି । ସେ କହିଁ କହିଁ ହୋଇ କାନ୍ଦିଉଠିଲା । ସେ ଘୁଞ୍ଚିଗଲେ ।

Digitized by srujanika@gmail.com

ଲାଗିଗଲା ଶବ୍ଦଘର । ଏକ ଅନିଶ୍ଚିତ ଅବସ୍ଥାରେ ସମସ୍ତେ ଧ୍ୟାନେଇ ପଡ଼ିଥିଲେ ପୁଣି ଉଠିପଡ଼ିଲେ । ଢୋଲିଆ ଢୋଲ ବଜାଇଲେ । ଶଙ୍ଖୁଆ ଶଙ୍ଖ ଫୁଙ୍କିଲେ । ସ୍ତ୍ରୀଲୋକମାନେ ହୁଳହୁଳି ଦେଲେ । ପୁରୋହିତ ମନ୍ତ୍ର ପଢ଼ିଲେ ଓ ଶ୍ଳୋକ ବୋଲିଲେ—

"ଯଥା ରାବଣସ୍ୟ ମନ୍ଦୋଦରୀ—"

ସେହିପରି ଉପେନ୍ଦ୍ରର କୁମୁଦମା ହୋଇ ହାତଗଣ୍ଠି ପଡ଼ିଗଲା । କୁମୁଦମାର ଅନୁଭବ କରିବା ଶକ୍ତି ନଥିଲା ସେତେବେଳକୁ । ଯୋଡ଼ିପୁଡ଼ି ହୋଇ ମେଞ୍ଚି ମେଞ୍ଚି ହୋଇ ସେ ବାରିକାଣୀ କୋଳରେ ତଳି ପଡ଼ିଥିଲା ।

ତା'ପରେ ଜଳିଲା ହୋମ । ଲହଲହ ହୋଇ ଅଗ୍ନିଶିଖା ଉପେନ୍ଦ୍ର ମୁହଁ ଆଡ଼କୁ ଡଳିଲା । ଏକ ଅସ୍ଥିରତା ଖେଳି ଲାଗିଲା ତା'ଠି । ତା' ମୁହଁ ଓଠରେ ଖେଳିଗଲା ନାନାପ୍ରକାର ଭଙ୍ଗୀ । ଲାଗିଲା, ବର ଯେପରିକି ନାନାପ୍ରକାର ମୁହଁ କରି ଅଗ୍ନି ଦେବତାଙ୍କୁ ଖତେଇ ହେଉଛୁ । ପୁଣି ଜୁଇଆଡ଼େ ଏକ ଗୁଣ୍ଡୁ ଗୁଣ୍ଡୁ ଖେଳିଗଲା ।

ହୋମ ଶିଖାକୁ ବରଠୁ ଉଢ଼ୁଆଳ କରି ରଖିବାପାଇଁ ଦୁ'ଖଣ୍ଡ କଦଳୀପତ୍ର ଧରି ରଖାହେଲା । ତଥାପି ସେ ଅଛୁ ଅଛୁ ଖତେଇ ହେଉଛୁ । କେଳୁ ଆସି ତା' ପିଠିଆଡ଼େ ଠିଆହେଲା, ଧୀରେ ଧୀରେ ପାଖକୁ ଲାଗିଆସିଲା । କଡି କରି ତା' ପିଠିରେ ଚିମୁଟି ଦେଇ କହିଲା, କ'ଣ ଏମିତି ଦାନ୍ତ ଦେଖାଉଛୁ ? ଠିକ୍ ହୋଇ ବ । ଟିକିଏ ଶୋଷଟା ତାତଟା ସମ୍ଭାଳି ପାରୁନୁ ?

ସେ ଚମକିପଡ଼ି ସୁସ୍ଥ ହେଲା । ଯେପରିକି ଏକ ସୁଧାର ପିଲାଟିଏ । ଏ ପରିବର୍ତ୍ତନ ବ ସମସ୍ତେ ଲକ୍ଷ୍ୟ କଲେ, ହୋମ ଉଠିଛୁ ଯେତେବେଳେ ତାକୁ ଘରକୁ ନେଇଗଲେ ପୁଣି ତାର ଅସ୍ଥିରତା ପ୍ରକାଶ ପାଇଲା । ବାରମ୍ବାର ମନକୁ ମନ କହିଲା, "ପରିସ୍ଥିତି ଘନେଇ ଆସୁଛି ।" କ'ଣ ସେ ପରିସ୍ଥିତି, କ'ଣ ସେ ଘନେଇ ଆସୁଛି ସେ ବୁଝେଇ ପାରିଲା ନାହିଁ । ଭୁଣ୍ଡରେ ଖାଲି ସେହିକଥା । ସେ ଅବସ୍ଥା ବ ଗଲା । ବଞ୍ଚାଉଞ୍ଚି, ହବତ, ଯଥାଯୋଗ୍ୟ ସତ୍କାର ପରେ ତାକୁ ବନ୍ଦାପନା କରିବାକୁ ନେଲେ । ଅନ୍ଧାରୁଆ ଘରେ ପୂରେଇ ମାଇପେ ଘେରି ବସି ଘାସ ଜାଳି ହୁଳହୁଳି ଦେଲେ, ବନ୍ଦାଇଲେ ।

Digitized by srujanika@gmail.com

ସେଇଠି ଆରମ୍ଭ ହେଲା ପୁଣି ତା'ର ଉଲ୍ଲାସ । ସେ ଏକ ଭିନ୍ନ ଅବସ୍ଥାକୁ ଚାଲିଗଲା । ତାର ମୁଦସବୁ କାଢ଼ି ପକାଇ ସେ ଘରପାକ ହେଉଛନ୍ତି କଲା ଓ ଦୁଇ ଓଠକୁ ଚାପି ଉପର ଓଠତଳେ ଫୁଫୁକାର କରି କରି ଉପର ଓଠକୁ ଥରେଇ ଥରେଇ ଖୁବ୍ ଜୋର୍‌ରେ ଆରମ୍ଭକଲା କ୍ରମାନ୍ୱୟରେ ଏକ ଭ ଭ ଭ ଶବ୍ଦ ।

ର ର ର

"ଭ-ଅ-ଅ-ଅ···ଭ ଭ ଭ ··"

ର ର ର ର

ପିଢ଼ାଟା ଉପରେ ଚଢ଼ି ଚଳେଇଛି ସେ ଯନ୍ତ୍ର, ସତେକି ମଟର ଗାଡ଼ିରେ ଇଞ୍ଜିନ ଷ୍ଟାର୍ଟ ହେଉଛି । ସେ ଆଉ ରହୁନାହିଁ କି ବଦଳୁ ନାହିଁ । ଶାଶୁ ତ ମୂର୍ଚ୍ଛା ହୋଇ ପଡ଼ିଲେ । ସାହି ପଡ଼ିଶାରୁ ଆପଣାର ଯାକେ ମାନ୍ୟରେ ଥଣ୍ଡା ହେବେ ଯେତେଲୋକ ସେମାନେ ସବୁ ହସି ହସି ଗଡ଼ିଲେ; କିନ୍ତୁ ମଝିରେ କିଏ ଜଣେ ଚିତ୍କାର କଲା "ଆଲେ ଧଉଡ଼ ପଳା ଧରିପକେଇ କାମୁଡ଼ି ଦବଲେ" ବୋଲି ଆହୁରି ଦି'ଥର "ଭ ଭ ଭ" ହେଉ ହେଉ ଠେଲାପେଲା ଧକାଧକି ହୋଇ

ର ର ର

ଲାଗିଗଲା କୁହାଟ, ସାନ ସାନପିଲାଙ୍କର ଚିଁରେଇ କାନ୍ଦଣା, ସମସ୍ତେ ଏକାବେଳକେ ସେହି ଗୋଟିଏ ଦୁଆରମୁହଁ ବାଟେ ଠେଲାପେଲା ହେଲାବେଳକୁ ସେଠି ଆହୁରି ଆହୁରି ଯନ୍ତ୍ରଣାର ଚିତ୍କାର । ଭିତରେ କ'ଣ ହେଉଛି ତା ଆଗର ଲୋକ ଜାଣିଲେ ନାହିଁ, ସେମାନେ ଖାଲି ଏହି କଲବଲ ଚପାଚପି ଠେଲାଠେଲି ଛଟପଟ ଦୃଶ୍ୟହିଁ ଦେଖିଲେ ଆଉ କୁହାଟ ଶୁଣିଲେ "ଆଲୋ ଆଇଲା !" "ଆଲୋ କୁଆଡ଼େ ଗଲୁଲୋ ।" "ଇଲୋ ହେଇଟିଲୋ ଆଇଲା କି କଣଲୋ, ମୁଁ କ'ଣ କରିବି ଲୋ !"

କିନ୍ତୁ ବୃଥା ଏ ଆଶଙ୍କା, ସେ ବରବ ସେହି ଗୋଟିଏ ଠାଆରେ ବସି ସେମିତି "ଭ ଭ" ଶବ୍ଦ କରୁଛି । ପାଞ୍ଚ ମିନଟରେ ଘର ଖାଲି ପଡିଗଲା, କଣହେଲା

ର ର

କଣହେଲା ବୋଲି ମିଶିପେ ଛୁଟିଆସିଲାବେଳକୁ ସେଠି ସେ ଏକୁଟିଆ ବସି ଇଞ୍ଜିନ ଚଳେଇଲା ପରି ଶବ୍ଦ କରୁଛି ।

ସତେକି ସେ ସେଠି ନାହିଁ, ଗତିଶୀଳ ପୃଥିବୀରେ ରେଲରେ ହେଉ କି ଉଡ଼ାଜାହାଜରେ ହେଉ ସେ ସତେକି ମନେ ମନେ ଖୁବ୍ ଗତିରେ ଘୂରିବୁଲୁଛି ।

Digitized by srujanika@gmail.com

କେଳୁର ବଧାଣ୍ଟା ଗୁମ୍ଫନା ତା' ପିଠିରେ ଗଳିଗଲା, ସେ ଧନୁପରି ବାଙ୍କିଇ ଯାଇ ପୁଣି ସିଧା ହେଲା । ଆଖିରୁ ଲୁହ ବାହାରି ଛୁଟିଲା । ତା'ର ଭ ଭ ବନ୍ଦ ହୋଇଗଲା ।

ରୁ ର୍

ସେ ଏ ପୃଥିବୀକୁ ଫେରିଆସିଲା, ଦେଖିଲା କେଳୁ ଠିଆ ହୋଇଛି । ପନ୍ଧାଲ୍‌ମାନ ଘର ଠାଣିରେ କେଳୁ । ଅନ୍ୟମାନେ ଠିଆ ହୋଇଛନ୍ତି ସେ ବୁଝିପାରିଲା ନାହିଁ ସେ କେମିତି ସେ ଏଠିକି ଆସିଲା । ତାପରେ କ'ଣ ହେଲା, କିଛି ତାହାର ଅର୍ଥ ସ୍ପଷ୍ଟ ହେଲା ନାହିଁ । ଆଶ୍ଚର୍ଯ୍ୟ ଆଶ୍ଚର୍ଯ୍ୟ ହୋଇ ସ୍ତ୍ରୀ ମୁହଁରୁ ତା' ମୁହଁକୁ ଅନାଇଲା । ନିର୍ଦ୍ଦୋଷ ପିଲା ପରି କହିଁକି ପଚାରିଲା "କଣ ହୋଇଚି ? କାହିଁକି ସମସ୍ତେ ମୋ ମୁହଁକୁ ଏମିତି ଚାହିଁଛନ୍ତି ?"

କେଳୁ କହିଲା, 'ତୁ ବରହେଇଚୁ ପରା, ସେଇଥିପାଇଁ ।'

ଉପେନ୍ଦ୍ର ମୁରୁକି ମୁରୁକି ହସିଲା, କହିଲା "ଧେତ୍ ବଜାଯା । ଚାଲ୍ ଯିବା ।" ସେମାନେ ମଡାକୁ ବାହାରିଲେ । କେଡ଼େ ସୁନ୍ଦର ସାତ ବର୍ଷର ଝିଅଟିଏ ବରଣ୍ଡାରେ ଉହାଙ୍କି ମାରି ଅନାଇଲା । ଉପେନ୍ଦ୍ରର ମନ ହେଲା ତାକୁ ଟିକିଏ କୋଳ କରେ । କିନ୍ତୁ ସେମିତି ହାତ ବଢ଼ାଇଛି ସେ ଖଲଖଲ ଚୁ । ପିଲା ସବୁ ଦୂରେଇ ଦୂରେଇ ଅନାଇଁଛନ୍ତି, ମୁହଁରେ କୁତୂହଳ ସହିତ ଆତଙ୍କ, ମାଇପେ ଦୂରର ଘର ଦୁଆର ମୁହଁରୁ ଅନାଇଛନ୍ତି । କବାଟ ଆଉଜେଇ ଦେଉଛନ୍ତି । ପୁରୁଷମାନେ ଭଗ୍ନପ୍ରାୟ, ସେମାନେ ବି ଦୂରେଇ ଦୂରେଇ ରହୁଛନ୍ତି । ଦୁଆରେ ଘୁମୁଡ଼ିଆ ଛେନ ଖାଲି ବେଦୀଟା ପଡ଼ିଛି ହେଇ, ସେଠି ମଙ୍ଗଳଘଟ । ହୋମକୁଣ୍ଡ, କେତେ ଗୁଆଳ, ଚନ୍ଦନ, ଘାସ ଫୁଲ ସବୁ ପଡ଼ିଛି । କେଡ଼େ ସୁନ୍ଦର ସଜା ହୋଇଛି ସେ ବେଦୀ । ସେଇଆକୁ କରୁଣ ହୋଇ ଅନାଇଁ ଅନାଇଁ ସେ ଦାଣ୍ଡ ଘରକୁ ତା' ଆସ୍ଥାନକୁ ଗଲା । ଆଖି ଛଳଛଳ କରି ସେ କେଳୁକୁ କହିଲା "କେଳୁ, ପୋଡ଼ଗଲା ଭୁଇଁରେ ସୁଆଦ ନାହିଁ । ମୁଁ ଆମ୍ବ ଗଛରେ ଚଢ଼ିଥିଲି ତା ସେମାନେ ଭୁଲି ପାରିବେ ନାହିଁ । ମୋ ପ୍ରତି ତାଙ୍କ ସନ୍ଦେହ ଦୂର ହେବ ନାହିଁ । ମେର ଆଉ ତୁମମାନଙ୍କ ଛଡ଼ା କେହି ନାହିଁ କେଳୁ । ସମସ୍ତେ ମତେ ସନ୍ଦେହ କରୁଛନ୍ତି—"

କେଳୁ କିଛି କହିଲା ନାହିଁ, କେହି କିଛି କହିଲେ ନାହିଁ । ଟାଳଟଳେ ବେଳ କମିତି କଟୁ । ରାତିସାକ ସେ ପ୍ରକୃତିସ୍ଥ ହୋଇ ରହିଲା । ପୁଣି ଭିତରକୁ ଗଲା, ଶାଶୁ ଓ ଶାଳୁ ସ୍ତ୍ରୀପୁମାନେ ଆସି କଥାଭାଷା ହେଲେ । ସେ ଖୁବ୍ ଭଲ କଥାଭାଷା କଲା । ତାର ବିନମ୍ର ଓ ତାର ମଧୁର ବ୍ୟବହାର, ଧୀର ଅଳ୍ପ କଥା,

Digitized by srujanika@gmail.com

ସମସ୍ତିଙ୍କ ମନକୁ କିଣିନେଲା । ତା'ର ନାନା ଗୁଣର ପ୍ରଶଂସା ଚାଲିଲା । କି ସୁନ୍ଦର ଚେହେରା ! ଗୋରା, ଧାର ମୁହଁ, ଚଉଡ଼ା କପାଳ, ଖଣ୍ଡାଧାର ପରି ନାକ ! କେଡ଼େ ଭଲ ମଣିଷଟିଏ ସେ, ଖାଲି ହସି ଦେଉଥିବ ହସି ଦେଉଥିବ ମୁହଁକୁ ଚଳକୁ ପୋଛି, ଯେ ଯାହା କହୁ । ସର୍ବସହଣି । ଗାଈପରି ସୁଧାର । ଦୁଃଖ ସୁଖର ମଣିଷଟିଏ । କେତେ ପାଠ ପଢ଼ିଛି ! ବଡ଼ ଚାକିରି କରିଛି । ତା' ସମ୍ପତ୍ତିକି ସେ ଗୋଟିଏ ବୋଲି ।

ଖଞ୍ଜାର ଆଈଶାଶୁ ବକ୍କେଇ ବକ୍କେଇ ପଚାରିଲେ—"ତମ ମୁଣ୍ଡ କଣ ହୁଏ ପୁଅ ? କ'ଣ ମୁଣ୍ଡ ଭ୍ରମିଯାଏ ?" ମୁହଁ ଶୁଖାଇ ସେ କହିଲା, 'ନାଇଁ ତ, କେବେ ଦେଖାନଥିଲା । ଅଧାକପାଳି ବଥେଇଥିବ ଦି' ତିନି ଥର, ଔଷଧ ଖାଇଲି ଛାଡ଼ିଯାଇଥିଲା । ମତେ ବେମାର ହୁଏ ନାହିଁ । ଆଜି କାହିଁକି ତ ହଠାତ୍ ମୁଣ୍ଡ କଣ ହୋଇଗଲା ! ହଁ, ଯାହା ଯେତେବେଳେ ହେବାର ବଦା ଥାଏ ତା ହୁଏ ।"

ଏକାବେଳକେ ସମସ୍ତେ ଛାଡ଼ିଲେ ଦୀର୍ଘଶ୍ୱାସ, କେହି ଆଉ ଆଜିକାର କଥା ବିଷୟ ଉଠାଇ ନାହାନ୍ତି ।

ତାପରେ, ରାତିଟା ସମସ୍ତେ କଟାଇଲେ ଆଶ୍ୱସ୍ତିରେ, ଆନନ୍ଦରେ, ହଉଢର ହଉଢର ପରି ଲାଗିଲା । ବଡ଼ ଅନ୍ଧାରୁଆରୁ କନ୍ୟା ଛଦା, ନହେଲେ ସକାଳ ପାହିଗଲେ ସଙ୍କ୍ରାନ୍ତି ଆରମ୍ଭ ହୋଇଯିବ ।

ସେହି ଅନ୍ଧାରେ ଅନ୍ଧାରେ କୁମୁଦିନୀ ଆପେ କାନ୍ଦି ସମସ୍ତିଙ୍କୁ କନ୍ଦାଇ ସ୍ୱାମୀଘର କରି ଚାଲିଲା । ସେ ବସିଲା ସବାରିରେ, ବର ମାର୍କଣ୍ଡି ବସିଲେ ଝୋଲା ପାଲିଙ୍କିରେ, ଜିନିଷପତ୍ର ଶଗଡ଼ ଗାଡ଼ିମାନଙ୍କରେ କୁଲିଆମାନଙ୍କ ସଙ୍ଗେ ଗଲା, ଚାଲି ଚାଲି ଗଲେ କେତୁ, ଟେଲିକ, ଚଇଁ ଓ ଆଉ କେତେଜଣ ଯୁବକ ।

ସକାଳ ପାହିଲା, ଖରା ତେଜ ଉଠିଲା, ସକାଳ ଆଠଟାବେଳେ ବୈଶାଖ ଶେଷରେ ଝାଞ୍ଜି ଖରା ପୋଡ଼ିଲା ପରି ଲାଗିଲା । ପଡ଼ିଲା ଏକ ଗହ୍ୱାର ବିଲ, ଚକା ଲାଗିଛି ଖଣ୍ଡେ ଦୂର । ତା'ର ଆରମ୍ଭରେ ଗୁବେଟି ଆମ୍ବଗଛ । ସବାରି ପାଲିଙ୍କି ଥୋଇ ଦେଇ ବାହକମାନେ ବସି ବସି ଝାଳ ପୋଛିଲେ । ଉପେନ୍ଦ୍ର ପାଲିଙ୍କିରୁ ବାହାରିଲା । ଭିଡ଼ମୋଡ଼ି ହେଲା, ଦେହ ସଳଖେଇ ଗହ୍ୱାର ଆଡ଼କୁ ଚାଲିଲା । ନଜର ପଡ଼ିଗଲା ଗହ୍ୱାର ଭିତରେ ଡାଙ୍ଗ ଖଣ୍ଡିକ ଉପରେ ନାଲିଆ କଂକଟିଏ ବସିଛି ।

Digitized by srujanika@gmail.com

ପାଟବର୍ଣ୍ଣର ଦେହ, କେଡ଼େ ସୁନ୍ଦର ମୋଟାସୋଟା, ତା'ର ବଡ଼ ବଡ଼ ପକ୍ଷୀ । ହଠାତ୍ ଇଚ୍ଛା ହେଲା ସେଇ କଙ୍କିଟିକି ସେ ଧରିବ । ଦେହକୁ ନାନା ଭଙ୍ଗରେ ଭାଙ୍ଗି ନଇଁ ଲେପ୍‌ଟେଇ ସେ କଙ୍କିଟିର ପିଠିଆଡ଼ୁ ତା ପାଖକୁ ଅଗ୍ରସର ହେଲା । କଙ୍କି ବି ବୋଧହୁଏ ସେହି ମଜାଦେଖୁଥିଲା ତା'ର ନେଳି କାଚର ଗୋଲ ଗୋଲ ଡୋଳା ଦି'ଟାକୁ ବୁଲେଇ ବୁଲେଇ, ସେ ଯେମିତି ତା' ହାତ ପାଖକୁ ଆସିଛି ସେମିତି ସିଧା ଉପରକୁ ଉଡ଼ିଯାଇ ଦଶ ହାତ ଦୂରରେ ଆଉ ଏକ ଡାଙ୍ଗ ଉପରେ ବସିଲା । ପୁଣି ସେଠିକି ଗଲା ଉପେନ୍ଦ୍ର, ପୁଣି କଙ୍କି ଉଡ଼ିଯାଇ ଆଉଠି ବସିଲା । ଏଥର ଯେମିତିକି କଙ୍କି ତା ସଙ୍ଗେ ଖେଳିବାକୁ ମନକଲା । ସେ ଏଠୁ ଉଡ଼ି ସେଠି ବସେ, ସେଠୁ ଉଡ଼ି ଏଠି, କେତେବେଳେ ଠିକ୍ ତା ମୁଣ୍ଡ ଉପରେ ଚକ୍କି ମାରେ, କେତେବେଳେ ତା' ହାତପାଆନ୍ତରୁ ମୋଟେ ଦୁଖଣ୍ଡେ ଉଞ୍ଚରେ ଆକାଶରେ ସ୍ଥିର ହୋଇ ରହି ପକ୍ଷୀ ହଲାଏ, ଆଉ ଏଣେ ଉପେନ୍ଦ୍ର ହାତ ଗୋଡ଼ ଛାଟି ଛରନ୍ତର ହୋଇ ଗୋଡ଼ଉଁଥାଏ ତା' ପଛେ ପଛେ, ଧରିବାକୁ ହାତ ବଢ଼ାଇଥାଏ । ଦୂରରୁ ଦେଖିଲେ କେହି, ଲୋକ ଓ ତାଙ୍କ ଦଳ, ଦେଖିଲେ ସବାରି ବାହକମାନେ । କଙ୍କି ତାଙ୍କୁ ଦିଶୁ ନ ଥିଲା, ଦିଶୁଥିଲା ମଣିଷଟାଏ ଦି'ହାତ ଟେକ ଘୂରି ଘୂରିକା ଡେଇଁ ଲାଗିଛି ଗମ୍ଭୀର ବାଲିଯାକ, ଡାକିଲେ ଶୁଣୁନାହିଁ କି ଅନାଉ ନାହିଁ ।

ସବାରି ଭିତରେ ବସି କୁମୁଦିନୀ ତା'ର ନୂଆ ଜୀବନ କଥା ଭାବୁଥିଲା । ଗତ ରାତିରେ ତା' ସ୍ୱାମୀ ବିଷୟରେ ଯେଉଁ ଶୁଭ ମତ ପ୍ରଚାର ହୋଇଥିଲା ତା ସେ ଶୁଣିଥିଲା । ସେ ଧରିନେଇଥିଲା କାହାର ଦୃଷ୍ଟି ପଡ଼ି ତା ସ୍ୱାମୀ ଏପରି ହୋଇଛନ୍ତି ପରା, କିଏ ତାଙ୍କୁ ଗୁଣି ଲଗାଇଛି କି କ'ଣ, ନହେଲେ ସେ ଏପରି କାହିଁକି ହୋଇଥାନ୍ତା ?

ସେ ମନେ ମନେ ବହୁ ଦେବଦେବୀଙ୍କି ଡାକି ସାରିଛି । ପୁଣି ନାଁ ଧରି ମନେ ମନେ ଡାକୁଥିଲା ଓ ଆଶା ବାନ୍ଧୁଥିଲା । × × ×

ସେହି କଥାହିଁ ତ ମନେପଡ଼ୁଯାଏ କୁମୁଦିନୀର, ସେ କ'ଣ ଛାଡ଼ିବା କଥା ?

ସେହି କଥାହିଁ ତ ମନେପଡ଼ୁଥାଏ—ଯେତେବେଳେ ଲୋକେ ତାଙ୍କୁ ଦେଖନ୍ତି କବାଟ କଣରେ ହାତେ ଓଢ଼ଣୀ ଟାଣି ମନକୁ ମନ ଭୁଟୁରୁ ଭୁଟୁରୁ ହେଉଛି । କାହାରି କଥାର ଉତ୍ତର ଦେଉନାହିଁ । ଯେ ଡାକିଲେ ମୁହଁ ଉଠାଉ

Digitized by srujanika@gmail.com

ନାହିଁ । ସେତେବେଳେ ସେ ନୂଆ ବୋହୂଟିଏ, ତେଣୁ ତ ତା'ର ହାତେ ଓଢ଼ଣୀ । ଛୁ ! ପଦାକୁ ବାହାରିପଡ଼ିବ କ'ଣ ? ଏଇ କବାଟ କଣକୁ 'ସେ' ଆସିବେ । ଆସିଛନ୍ତି ତ ହେଉ ! ସେହି ସୁନ୍ଦର ଠାଣି । ସେହି ସୁନ୍ଦର ମୁହଁ ଆଖି । ସେହି ମୋହ ସେ ଗୁହାଣିରେ, ଠିଆ ହୋଇ ତା ମୁହଁକୁ ଅନେଇଛନ୍ତି ଓ ସକାଳ ଯାଇ ହ'ପହର ଯାଇ ଝୁଲି ଲେଉଟିଗଲାଣି ! ସେ ବି ଭୁଲିଯାଇଛି ଏଥିରେ କିଛି କେବେ ଅସ୍ୱାଭାବିକ ଅଛି ବୋଲି । ସେ ଥିଲା ଗପୁଡ଼ି, ହସକୁରି, ସାହି ବୁଲିବାଲିଇ ଅଥଚ ଏମିତି ତା'ର ମନ ହୋଇଗଲା ଯେ ଆଉ କେଉଁ ମଣିଷର ସଙ୍ଗ ତାକୁ ରୁଚିଲା ନାହିଁ । ଖାଲି ସେତେବେଳେ ଦେଖିଲେ ଘର କଣ । ଉପେନ୍ଦ୍ର ବି ଥିଲା ବନ୍ଧୁ ସୁଆଗିଆ, ସାଇକଲ ଧରି ବୁଲି ଥୋଡ଼ାଏ ବନ୍ଧୁଙ୍କୁ ସଙ୍ଗୋଳି ନ ଆସିଲେ ତା'ର ସଟେକ ଭାତ ହଜମ ହୁଏ ନାହିଁ । ଏପରି ଲୋକଟା ବନ୍ଧୁମାନଙ୍କଠୁ କରିଛଡ଼ା ଦେଇ ରହିଲା । ଏପରିକି କେତେପରି ବାଲ୍ୟବନ୍ଧୁ ବି ଅଭିମାନ କରି ଆସିବା ବନ୍ଦ କରିଦେଲେ । ଆଜି ଏ ଦୁନିଆରେ କାହାର ସାହଚର୍ଯ୍ୟ ସେମାନେ ଲୋଡ଼ନାହାନ୍ତି କେବଳ ପରସ୍ପର ଛଡ଼ା ।

କିନ୍ତୁ ଏ ଆଚ୍ଛନ୍ନତା ଏକା ଦିନକେ ଆସିନାହିଁ, ସେଥିପାଇଁ କୁମୁଦମାକୁ ପରିଶ୍ରମ କରିବାକୁ ପଡ଼ିଛି । ଏଣୁ ଯେଉଁ ଲୋକଟିକୁ ସଂସାର ପାଗଳ ବୋଲି କହି ପଦେ କଥାରେ ମାର୍କା ମାରିଦେଇଥିଲେ କୁମୁଦମା ଇଚ୍ଛାକଲା ଆପେ ପଛେ ପାଗଳୀ ହୋଇ ତା'ର ମନରେ ପ୍ରବେଶ କରିବାର ଗଳିବାଟ ଆବିଷ୍କାର କରିବ । ଆଗ ସେ ସବୁ ପ୍ରକାର ଦୌରାତ୍ମ୍ୟ ସହିଲା, ଅନ୍ତତଃ ଦୁଇଥର ଉପେନ୍ଦ୍ର ତା' ତଣ୍ଟି ଚିପିବାକୁ ଚେଷ୍ଟା କରିଛି । ଥରେ ଛୁରି ଧରି ସ୍ତ୍ରୀର ସବୁ ଲୁଗାପଟା ଫଡ଼ାଫଡ଼ି କରି ଶେଷ ସେ ଫୋପାଡ଼ି ଦେଲା ।

କେତେଥର ଘରର ଜିନିଷକୁ ସେ ଚେଚିଛି, ଭାଙ୍ଗିଛି ଫୋପାଡ଼ି ଦେଇଛି । ତଥାପି କୁମୁଦମା ତାକୁ ଗୋଡ଼େ ଗୋଡ଼େ ଜଗି ରଖିଥିଲା, ଚୁପ୍‌ଚାପ ଛାଇପରି ତା'ର କଡ଼ରେହିଁ ବସିରହିଥାଏ, ଯାହା ଦରକାର ହୁଏ ତା ଯୋଗେଇ ଦିଏ, ଗୋଡ଼ରେ ଗୁଡ଼ରେଇ ହୁଏ ନାହିଁ । ଏଇ ନୀରବ ତପସ୍ୟା ମଧ୍ୟରେ ସେ ଲକ୍ଷ୍ୟ କରୁଥାଏ କ'ଣ ସେ ଭଲ ପାଏ, କ'ଣ କେତେବେଳେ ତା ମନର ରଙ୍ଗ, କେଉଁ ଲୀଳାରେ ସେ ମନ ପ୍ରକାଶ ପାଏ ପୁଣି କେଉଁ ଲୀଳାରେ ଲୁଚେ ।

ଉପେନ୍ଦ୍ର ସେତେବେଳେ ସତେ କି ନୀରବତାର ଉପାସକ ।

Digitized by srujanika@gmail.com

ବାହାରିହୋଇଛନ୍ତି—କେଉଁଠି କୌଣସିମତେ ସେ ଜାଣେ । ଯେପରି ବାହାହୋଇ ସ୍ତ୍ରୀକୁ ଛାଡ଼ିଦେଇ ସେ ଅନ୍ୟ କେଉଁ ଜରୁରୀ କାମରେ କେଉଁଆଡ଼େ ଚାଲିଯାଇଛନ୍ତି, ଆଉ ଫେରି ନାହାନ୍ତି । ପିଣ୍ଡଟା ତା'ର ପଡ଼ିରହିଛି ଯା, ପ୍ରାଣ ଯାଇଛି ଅନ୍ୟ କେଉଁଆଡ଼େ । ପିଣ୍ଡ ତା'ର ଜାଗତିକ କାର୍ଯ୍ୟ କରେ । ଖାଏ, ପିଏ, ଶୁଏ, ପ୍ରଶ୍ନ ଦେଉଥିଲା ଭଙ୍ଗୀରେ କେତେବେଳେ ଅନାଏଁ ନୂଆ ଆସିଥିବା ଭୂଆସୁଣୀଟିକୁ, ଯେପରି ସେ କାବା ଜାବା ହୋଇଯାଉଛନ୍ତି, ଭାବୁଛନ୍ତି, ଏ ନୂଆ ଭୂଆଟି ଏ କଏ ଓ କାହିଁକି ଚେଷ୍ଟା କରୁଛି ଏ ସୃଷ୍ଟି ଭିତରେ, ନିଜର ସମ୍ପର୍କ ଭିତରେ ତା'ର ସ୍ଥାନ କେଉଁଠି ଅଛି ନିର୍ଣ୍ଣୟ କରିବାକୁ ।

କୁମୁଦିନୀ ତା ପ୍ରଶ୍ନର ଉତ୍ତର ଦେବାକୁ ଆଗଭର ହେଲା ନାହିଁ । ସାହି ଲୋକରେ ଭାଜନ ଲଗିବ, ସମବୟସୀ ଭୂଆସୁଣୀଟିଏ ଶରଧାମଣି ସହିତ ଏକାଠି ଗାଧୋଇଗଲାବେଳେ ଏକାଠି ପଡ଼ିଆକୁ ଗଲାବେଳେ ଦେଖା ହୁଏ । ଶରଧାମଣି କହିଲା, "କି ମାଇକିନିଆଟାଏ ହେଇଚ ମ କୁମ । ଏତେ ରୂପ ଥାଇ କ'ଣ ହେବ ? ଜଣକୁ ତ ମେଣ୍ଟା କରିପାରିଲ ନାହିଁ ଆଉ ସେ ଗଦର କି ଗୁଣ ? ଖାଲି ଦେଖା ସୁନ୍ଦର କଖାରୁ ବଡ଼ ସିନା !" ଯେତେବେଳେ ଶରଧାମଣି ଉପାୟ ବତେଇଲା, କାନ ପାଖେ ଚୁପ୍‌ଚୁପ୍ କରି କହିଲା କୁମୁଦିନୀ ମୁହଁ ମୋଡ଼ିଦେଲା, କହିଲା "ଛି ! ମତେ ସେ ଫୁସୁଲେଇବାପଣ ସେଗୁଡ଼ାକ ଆସେ ନାହିଁ କି ମୁଁ ସେମିତି ହୋଇପାରିବି ନାହିଁ । ଯାହାର ମନ ଡାକିବ ସେ ମନକୁ କଥା କହିବ, ହସିବ, ଅନେଇବ ତା' ବୋଲି ତାକୁ ଜାଣିଶୁଣି ଭୁଲେଇ ଭାଲେଇ ଓଟାରିବା ! ଛି କେଡ଼େ ଘୃଣ୍ୟ କଥା !"

'ହଉଲେ ଫୁଲେଇ ଛୋଟକଥା କି ବଡ଼ କଥା ପଛେ ବୁଝିବୁ ଯେ, ଯେତେବେଳେ ମତେ ସ୍ମରଣ କରୁଥିବୁ ।"

ସ୍ମରଣ ସେ କରିଥିଲା, ଯେତେବେଳେ ଛାଆଁକୁ ଛାଏଁ ତାଙ୍କ ମନ ତା' ଆଡ଼କୁ ବୁଲି ଯାଇଥିଲା । ଦଦାଡ଼ ଅନ୍ଧାର ହୋଇଥାଏ, ଉଆଁସ ରାତି । ଉପେନ୍ଦ୍ର ଅନ୍ଧାରରେ ଦାଣ୍ଡ ପିଣ୍ଡାରେ ବସି ସାମ୍ନାକୁ ଅନାଇ ରହିଥାଏ । ସଜନା ଗଛରେ ଡାଳ ଫୁଟିଲା ପରି ଜୁଳୁଜୁଳିଆ ନେସି ହୋଇଥାନ୍ତି । ପୁଣି ଉଡ଼ି ଉଡ଼ି ଯାଆସ କରୁଥାନ୍ତି । ସେ ଅନ୍ଧାରରେ ଉପେନ୍ଦ୍ର ଗୋଟାଏ ଗୋଟାଏ ଉଡ଼ନ୍ତା ଜୁଳୁଜୁଳିଆ ପୋକର ଗତି ପଥକୁ ନିରେଖି ଦେଖୁଥାଏ, ଉପରେ ଝିଲ୍ ଝିଲ୍ ତାରା । ଭାବୁଥାଏ

Digitized by srujanika@gmail.com

ହୁଏତ—ଯେ ଅନ୍ଧାରରୁ ଆଲୁଅର ଜନ୍ମ । ପୁଣି ଅନ୍ଧାରରେ ସେ ବିଲୁପ୍ତ ହୁଏ, ଶୂନ୍ୟରୁ ବ୍ରହ୍ମର ଉତ୍ପତ୍ତି, ପୁଣି ଶୂନ୍ୟରେହିଁ ତା'ର ବିଲୟ, ଘୂରୁଛି ଚକ, ଘୂରୁଛି, ଘୂରୁଛି । ତେଣୁ ତ ସେ ପାର୍ଥିବ ସୁଖକୁ ସାନବୋଲି ଦେଖେ ଆଉ ଉପାସନା କରେ ଅନ୍ଧାରର, ଯେ ଜଗନ୍ମାତା, ଆଲୋକର ଜନନୀ । ସେ କଥା ସେ କେତେଥର ବାଟରେ ଘାଟରେ ବୁଝେଇ ସାରିଛି ତା ବ୍ୟାଖ୍ୟାନମାନଙ୍କରେ । ସେହି ଜଗନ୍ମାତା ସେପରିକି ନୂଆ କରି ତା ସ୍ତ୍ରୀ ସଙ୍ଗେ ତା'ର ପରିଚୟ କରାଇଦେଲେ । ହଠାତ୍ ସେ ଦୁଇ ହାତ ବଢ଼ାଇ ତା'ର ଛୁଇଁ ପରି ମାରବରେ ବସିଥିବା ସ୍ତ୍ରୀକୁ ଆସି ସ୍ପର୍ଶ କଲା, କହିଲା, "ଶୁଣ—

ମୁଁ ତୁମକୁ ଚିହ୍ନେ, ତୁମେ ଏଇ ଅନ୍ଧାରର କବିତା, ନାରୀ ।

ତୁମେ ସେହି ଆଲୋକର ଜନନୀ, ନାରୀ, ଯହିଁ ଅନ୍ଧାର ନାହିଁ, ଆଲୁଅ ନାହିଁ କେବଳ ବିଲୟହିଁ ଆମର ଭବିଷ୍ୟତ ଓ ଅତୀତ ତେବେ ଆନନ୍ଦ ନ କରିବାହିଁ ସମସ୍ତ ନଷ୍ଟ, ଆଉ ଏ ସମୟ ଆସିବ ନାହିଁ ।

ଶୁଣ—ମୁକ୍ତ କରି ଆନନ୍ଦକୁ ସନ୍ଧାନ କରିବାକୁ ମୋର ଆଉ ଧୈର୍ଯ୍ୟ ନାହିଁ ।

ମୁଁ ବୁଝି ପାରୁଛି—ଆନନ୍ଦ ଆସିଛି । ତୁମେ ତାକୁ ଲୁଚେଇ ରଖିଛ, ତୁମଠିଁ ତା'ର ସନ୍ଧାନ ମିଳିବ ।"

ତା'ର ମନଟା ଖୁଣ୍ଟି କଲା । ଦେହ ଶୀତେଇ ଉଠିଲା; କିନ୍ତୁ ସେ ଟାଣ ହୋଇ କହିଲା, "ଆଚ୍ଛା କହିଲ, ତୁମେ ତ ଏତେ ପାଠ ପଢ଼ିଛ, ମୁଁ ପଢ଼ି ନାହିଁ । ପାଠ ପଢ଼ିଲେ କ'ଣ ମଣିଷକୁ ଘରଆଡ଼େ ସବୁ ପଦାର୍ଥ ଖାଲି ଦାଶ ବହି ପରି ?"

"କେମିତି ?"

"ନୁହେଁ ! ତୁମେ ଏଇ ଅନ୍ଧାରକୁ ଅନେଇଁ ବସିଥିଲ, ଲାଗୁଥିଲା ତୁମେ ତାକୁ ବସି ବସି ପଢ଼ୁଥିଲ ଯେ ଏ ଅନ୍ଧାର ଗଣ୍ଡରେ କ'ଣ ଲେଖାହୋଇଛି । ଅଇଛୁ ମୋ ଆଡ଼କୁ ନଜରଟା ଆସିଲା, ହଠାତ୍ ଲାଗିଲା ଏ ମଣିଷଟା ବି ଗୋଟାଏ ବହି, ଯାକୁ ପଢ଼ିବାକୁ ହେବ ।"

"ବାଃ ବେଶ୍ ବୁଦ୍ଧିମାନ କଥା କହୁଚ ତ !", ସେ ତାକୁ ପ୍ରଶଂସା କରୁଥିବା ଦୃଷ୍ଟିରେ ଗୁହାଁରହିଲା; କିନ୍ତୁ ଅନ୍ଧାରରେ କୁମୁଦିନୀ ତା ଲକ୍ଷ୍ୟ କରି-

Digitized by srujanika@gmail.com

ପାଗଳ ନାହିଁ । ହସିଲା ସେ ବ୍ୟଙ୍ଗୋକ୍ତି କରୁଛି, ଆହୁରି ଭରସି ସେ କହିଲା, “ବହିରେ ବୁଦ୍ଧିମାନ କଥା ଲେଖାଥାଏ । କିନ୍ତୁ ଜାଣିରଖ, ମୁଁ ବହି-ଠର ପଢ଼ା ହେବ ବୋଲି ତମ ଘରକୁ ଆସିନାହିଁ, ମୁଁ ମଣିଷ, ମୁଁ ବି ମାନ ଅପମାନ ସୁଖ ଦୁଃଖ ବୁଝିପାରେଁ, ମୁଁ ବି ପାଇଲେ ଖୁସି ହୁଏଁ ନ ପାଇଲେ ଦୁଃଖିତ ହୁଏ । ଏଇ ଦେଖ, ମୁଁ କାଗଜ ନୁହେଁ ମୁଁ ମଣିଷ—”

“ବାଃ ! କି ଚମତ୍କାର ! କି ଚମତ୍କାର !”

ସେହି ଅନ୍ଧାର, ସେ ଥିଲା ତା’ ବିବାହିତ ଜୀବନରେ ଗୋଟିଏ ଘଟଣା ।

ମନେପଡ଼େ ଆଜି ବି, କେତେଥର ତାର ସ୍ମରଣ ଭିତରେ ସେ ଆସିଛି, ଯାଇଛି । ସେଇଥିପାଇଁ ତା ଭୂତରୁ ଭୂତରୁ, କି ବୁଝିବେ ବାହାର ଲୋକ ତାର କଥା ? କିଏ କ’ଣ ଭାବୁ ନଭାବୁ ତାର ଛଳ ନାହିଁ । ଯେତେବେଳେ ପଦାରେ ଦାଉ ଦାଉ ହୋଇ ଆଲୁଅ ଜଳୁଛି, ସଂସାର କାର୍ଯ୍ୟରେ ବ୍ୟସ୍ତ, ସେତେବେଳେ ତାର ଚେତନାରେ ଉଇଁଛି ଅନ୍ଧାର, ସୃଷ୍ଟିର ଆଦିମ ଅନ୍ଧାର ପରି ତାର ତା’ ସ୍ୱାମୀ ସହିତ ଚିହ୍ନାଜଣା ହେବାର ସେହି ଅନ୍ଧାର ମାହେନ୍ଦ୍ର ଯୋଗ, ସେତେବେଳେ ଦଣ୍ଡ ଅଗଣାରେ ସଜନାଗଛରେ ଜୁଳୁଜୁଳିଆ ଭର୍ତ୍ତି ହୋଇଥିଲେ, ପିଜୁଳି ଖାଇବାକୁ, ଫଡ଼ ଫଡ଼ ହୋଇ ବାଦୁଡ଼ିମାନେ ଉଡ଼ି ବୁଲୁଥିଲେ, ଠିକ ଏ ଗୁଡ଼ି ବିଲୁଆପଲ ଚହରକିଆ ବୋବେଇଲେ, ଯେତେବେଳେ ସଂସାରର ପ୍ରଥମ ପୁରୁଷ ସଂସାରର ପ୍ରଥମ ନାରୀ ଆବିଷ୍କାର କରୁଥିଲା, ଆଉ ହଠାତ୍ ଏକାଥରକେ ଗୁହା ପାଖରୁ ଉଠିଲା ଚହଳ । ବିଲୁଆଙ୍କ ବୋବାଳି, ଯେପରି ଅନ୍ଧାର ସେ ପାଖେ ଛପି ଛପି ଲୁଚି ଲୁଚି ସେମାନେ ରହିଥିଲେ କୌଣସି ଏ- ବଶିଷ୍ଟ ମୁହୂର୍ତ୍ତ ପର୍ଯ୍ୟନ୍ତ, ଆଉ “କ’ଣ ହେଲା ? କଣ ହେଲା ?” ବୋଲି ହଠାତ୍ ଏକ ଚମକମିଶା ପ୍ରଶ୍ନ ପକ୍ଷର ପକ୍ଷର ଚେଙ୍ଗ ପେଚାଟିଏ ଉଡ଼ିଆସି ସଜନାଗଛରେ ବସିଲା । ପୁଣି ମୁଣ୍ଡ ଉପରେ ଚାଳରେ ବସିଲା । ତାପରେ ଉତ୍ତର ନ ପାଇ ଯେଉଁ ଅନ୍ଧାରରୁ ଆସିଥିଲା, ସେହିଠିକି ଉଡ଼ି ଚାଲିଗଲା । ଦୁହେଁ ତୁନପଡ଼ି ଯାଇଥିଲେ, ଅଙ୍ଗରେ ବହୁଥିଲା ଚୈତ୍ର ପବନ । ନୀରବରେ ଅନୁଭବ କରୁଥିଲେ ଅନ୍ଧାର ଭିତରର ଆଲୁଅକୁ, ଗହଳ ଭିତରର ମୃଦୁ ସଙ୍ଗୀତକୁ, ଯାହା କେବଳ ମନର ଏକ ବିଶିଷ୍ଟ ଅବସ୍ଥାରେ ବାରି ହୁଏ । ଯେତେବେଳେ ମନର ସବୁ ଝରକା ସବୁ ଦୁଆର ଖୋଲିଯାଏ, ବଢ଼ି ବଢ଼ି ମନ ଆପଣାଟି ଆକାଶକୁ ବି ସାମିଲ କରିଦେଇ ପାରେ, ବସୁଧାକୁ ବି ।

Digitized by srujanika@gmail.com

"ଉଡ଼" ତାର ମନ ଡାକେ, "ଚେତେଣ ଥାଅ, ମୁଁ ତୁମକୁ ଡାକ ନାହିଁ, ମୁଁ ତୁମକୁ ଲୋଡ଼ ନାହିଁ, ଯାଅ ଉଡ଼" —ବାହାରର ଚାହିଁବା ଲୋକ ସେ ମଣିଷ ମୁହଁ ମୁହାଁକୁ ଚାହିଁ ଶଂକଯାଏ । ତା' ଭିତରେ କୁମୁଦନୀ ଭିତରେ ସତେ ଯେପରି ଧୀରେ ଧୀରେ ଉଠି ଠିଆହୁଏ ଏକ ଲୁହା ପାଚେରି — "ଯାଅ", କୁମୁଦନୀର ମନ କହେ ସାରା ଦୁନିଆକୁ, "ଯାଇ ଅପପ୍ରଚାର କର, କହ ଦେଇଆସିଲ କୁମୁଦନୀ ପାଗଳୀକୁ ପାଗଳୀଟା—ବଣ ପାଗଳ—କହ ଯାଇ ଯେତେ ଖରାପ କଥା କହିପାରିବ, ଢାଳି ପାରିବ ଯେତେ ନିନ୍ଦା ତୁମ ଜିଭ, କହ ସେ ଖରାପ, ସେ ଅସତୀ, ସେ ହଇତାନୀ, ସେ···ଯାହା ଖଞ୍ଜି ପାରିବ ବିଶେଷଣ ତୁମ ମନ ଇଚ୍ଛା, ଯାଅ ପ୍ରଚାର କର—

କେବଳ ଅନୁରୋଧ ଏତିକି—ମତେ ମୋର ସ୍ୱପ୍ନ ଧରି ବଞ୍ଚିବାକୁ ଓ ମରିବାକୁ ଛୁଟିଦିଅ, ତୁମ ଗୋଡ଼ତଳେ ପଡ଼ୁଛି । ଆସ ନା ଏଠିକି, ଯାଅ ବାହାରି ।"

"କୁମ ଅପା, ତୁମେ ସବୁ ଆଗେ ଗୀତ ଲେଖୁଥିଲ, କାହିଁ ସେ ଲେଖା ।"

"ଛକ୍, ଛକ୍, କେବେ କ'ଣ ଗାଉଥିଲି ଯେ ତା ନାଁ ପୁଣି କବିତା ! ଛାଡ଼ ତ !"

"ଆଣ କୁମ ପା'···ଅନ୍ତତଃ ତମ ଖାତାଟା ଟିକିଏ ଦିଅ—"

"ଜାଣେନାହିଁ କୋଉ ଖାତା ଫାତା—"

ନା କେବଳ ନାହିଁ ତାକୁ ଯେ ସେ ଫସାଦି ଲୋକଙ୍କ ସଙ୍ଗେ ବସାଉଠା, ହସଖେଳ ହେବ । ସ୍ୱାମୀ ମଲା ପରେ ସେ ତା' ବାପ ଘରକୁ ଚାଲିଆସିଛି । ତା'ର ଦୁଃଖରେ କାନ୍ଦିକାନ୍ଦି ବୋଉ ମରିଯାଇଛି, ବାପା ମରିନାହାନ୍ତି, ମରିବେ, ଘରେ ସାନ ଭାଇ ଅନନ୍ତରାମ, କୃଷିବିଦ୍ୟା ପାସ୍ କରି କୃଷି ଅଫିସର୍ ହୋଇଥିଲା । ବାପାଙ୍କ ନିର୍ଦ୍ଦେଶରେ ତାକୁ ଛାଡ଼ିଦେଇ ଆସି ଗାଁରେ ଚାଷ କରୋଉଛି, ଏକା ନିଜ ବିଲବାଡ଼ିରେ ନୁହେଁ, ସମସ୍ତଙ୍କ ବିଲବାଡ଼ିରେ । ସେଥିପାଇଁ ସାନ ସାନ କିଆରି ଭାଙ୍ଗି ଯାହାର ତାର ଏକାଠି ଗୋଳେଇ ମିଶେଇ ସେ ସମବାୟ ସମିତି ଗଢ଼ିଛି । ଏ ଅଞ୍ଚଳର ଚାଷର ଗବେଷଣା ପାଇଁ ଅନାବାଦିରୁ କିଛି ଜମି ନେଇ ଗୋଟିଏ ଶ୍ରେଷ୍ଠ ଗବେଷଣାଘର ତୋଳି ସେଠି କାମ କରୁଛି—ଗାଁରେ ଯେଉଁଠି ସତର ଫାଙ୍କ୍, ସତର ଦଳ, ଟାଉଟର, ମାମଲତକାର, ସେଠି ଅନନ୍ତରାମ

Digitized by srujanika@gmail.com

ଗୃହର ଉନ୍ନତି ପାଇଁ ଲୋକଙ୍କ ମନକୁ ଓଟାର ମାରୁଛି । ତିନି ବର୍ଷର ପରିଶ୍ରମ ପରେ ଯୋଜନାଟି ରୂପ ପାଇପାରୁଛି । ଲୋକେ ତାଙ୍କୁ ଉପଦେଶ ଦେଲେ, ଭଉଣୀକି କାହିଁକି ନଅ, ଏଠିକି ନଅ, ସେଠିକି ନଅ, ତା'ର ପାଗଳାମି ଭଲ ହେବ । ପଦେ କଥାରେ ସମସ୍ତଙ୍କ ଉତ୍ତର ଦେଇ ଦେଇ ସେ ଆଉ ଗୃହରେ ଲାଗିଲେ । କହିଲେ, "ମରୁ ଯାଇ ଯାଇ ତ ଖାଲି ପାଗଳାମି ଟିକିଏ ରହିଛି, ଯନ୍ତ୍ରରେ ସଂସାରଟାକୁ ଭୁଲିହେଉଛି, ସେତକ ଗଲେ ସେ ବଞ୍ଚିବ କିପରି ? ଭାବିଚ ପ୍ରକୃତି କ'ଣ ବିନା କାରଣରେ କିଛି କରେ ?"

ମନ ଖୁସିରେ ତା' ପାଗଳାମିରେ ସେ ମତ୍ତ ରହିପାରେ । ପାଗଳାମି ବା କ'ଣ ? ପିଠା ମିଳୁ ନାହିଁ । ଭଙ୍ଗା ଭୁଟା ନାହିଁ, ଲଙ୍ଗଳା ମୁକୁଳା ଆମ୍ଭୁଡ଼ା କାମୁଡ଼ା ଗର୍ଜନ ତର୍ଜନ କିଛି ନାହିଁ, ବରଂ ଏଇ କିଛି ନାହିଁ ହିଁ ତାର ପାଗଳାମି, ଯେ ସେ କାହାକୁ ପାଟି ଫିଟେଇବ ନାହିଁ, କେଉଁଠିକି ବୁଲିଯିବ ନାହିଁ । ସବୁବେଳେ ହାତେ ଓଢ଼ଣା ଟାଣି କବାଟ କଣରେ, ସବୁବେଳେ ଅନ୍ୟମନସ୍କ, ହେ ବୋଲି କହିବ ନାହିଁ, ନେ ବୋଲି କହିବ ନାହିଁ, ଖାଲି ବସି ବସି ଭାବିବାକୁ ଚାହେଁ । ସେ ବେଶି କାନ୍ଦେ ନାହିଁ କିନ୍ତୁ କାନ୍ଦେ, ସେ ବେଶି ହସେନାହିଁ କିନ୍ତୁ ହସେ । କେବଳ ମନ ଖିଆଲରେ, ପର କଥାରେ ନୁହେଁ । ଦାନ୍ତ ଘଷିବା, ଝାଡ଼ା ଫେରିଯିବା, ଗାଧୋଇବା, ଆପଣାକୁ ପରିଷ୍କାର ରଖିବା, ବେଶକୁ ସଫତ ରଖିବା ଏସବୁ ତା'ର ହୁଏ ଆପେ ଆପେ, ଘଣ୍ଟାର କଣ୍ଟା ବୁଲିଲା ପରି । କିନ୍ତୁ ଖାଇବା ବିଷୟରେ ଠିକ୍ ସେ କଥା କହିହୁଏ ନାହିଁ । ସେଇଥିରେ ସବୁଯାକ ଅବହେଳା । କେବେ କେମିତି ହଠାତ୍ ପାଟିଟା ସୁଆଦ ଖୋଜେ । ଚହଲି ଯାଏ ମନ ଭିତରଟା । ପହଞ୍ଚଇ ପହଞ୍ଚଇ ଉଠିଯାଏ କେତେ ପର୍ଦ୍ଦା । ଷ୍ଟେଜ୍ ଉପରେ । ସେତେବେଳେ ଗ୍ରେଟ ପିଲାଙ୍କ ପରି ସେ ଟିକି ଭାଉଜଟି ସଙ୍ଗେ ଅଳି କରେ "ଆଲୋ ଦେ ମୁଁ ମତେ ଆଜ ଖଣ୍ଡେ ମାଛ ଭଜା, ଇଲୋ ପେଟ ମାଛ କ'ଣ କଲୁ ? ଲଞ୍ଜ କ'ଣ କଲୁ ? ଦେ ଦେ ଦେ"—ଟିକି ଭାଉଜଟି ଭାବେ ଆଜି ତା'ର ଶୁଭଦିନ । ଏଇ ନିସ୍ପୃହ ନଣନ୍ଦଟିକୁ ସେ ଭାରି ଗେହ୍ଲା କରେ, ଯା କଥା ଭାବିଲେ ତା' ହୃଦୟ ଭିତର ଥରିଉଠେ, ଦେହ ଶୀତେଇ ଉଠେ । ତା' ଅଳି, କେଉଁ ମାସେ ଦି'ମାସରେ ଥରେ ପଡ଼େ କି ନାହିଁ—ଲାଗେ ଯେମିତିକି ତପ କରୁଥିଲା କେଉଁ ବାବାଜୀଟିଏ ହଠାତ୍ ଉଠି ଆସି ପହଞ୍ଚିଛି । କିନ୍ତୁ ବେଶିଦିନ ରହେ ନାହିଁ । ତା'ପରେ ଭାତଥାଳିରେ ଭାତ ଶୁଖେ । "ଆଲୋ ଖା ମ' ଭାତ ଶୁଖି ହେଲାଣି ତଣା ଗୁଡ଼ିକ, ତୁ କ'ଣ

Digitized by srujanika@gmail.com

କରୁଛୁ ଖାଲି ବସି ବସି ?" ହସିଦେଇ ଉଠିଯାଏ । ଆଲେ ଉଠିଗଲୁ ଯେ ! ଆ'ମ ଆ, ଖାଇବୁ ଆ'—

"ଏଁ—"

କେତେବେଳେ ପଦେ "ଏଁ", ନହେଲେ ନାହିଁ । ଖାଦ୍ୟ ଅଭାବ ଯେ ଅନୁଭବ କରେ ନାହିଁ ସହଜରେ । ଯେପରିକି ଅନୁଭବ କରେ ନାହିଁ ଓଦା ଶୃଙ୍ଖଳର ସ୍ପର୍ଶ । ବର୍ଷାରେ ଓଦା ସର ସର ହୋଇ ସେ ଦୁଆରେ ବସିଥିବ, ହାତ ଧରି ଆଣିଲେ ଆସିବ । ଖରାରେ ବସି ବସି ଝାଳେଇ ଶୀତେଇ ଝୋଲମାରି ଯିବଣି ତା' ଦେହ, ସେ ସେମିତି ବସିଥିବ, ଡାକ ପକାଇଲେ ଆସିବ । ତା'ର ସେ କେତକୀ ଫୁଲପରି ଗୋରା ଚମ ଉପରେ ପର୍ଦ୍ଦା ପଡି ପଡ଼ି ସେ ହେଲଣି ଗହମ ବର୍ଣ୍ଣର ।

କେବଳ ଗୋଟାଏ କଥାକୁ ତାର ଝୁଙ୍କ—ପାନ ଖାଇବାକୁ । ଏ ମାତ୍ର ଆଜ ପାନ ଦେଶରେ ସେଇଟା ପିଲାଦିନର ଅଭ୍ୟାସ, ସେଥିପାଇଁ ସେ କାହାରିକି ଅପେକ୍ଷା କରେ ନାହିଁ, ଆପେ ପାନଡାଳି କାଢ଼ିନେଇ ଭାଙ୍ଗି ଖାଏ । ଆଜି ତା'ର ଜଗତ ବାରୁଦ୍ଧରେ ସବୁଯାକ ରାଗ ଅଭିମାନ ଜାଗି ଉଠେ ଯଦି ଦେଖେ ପାନଡାଲା ଖାଲି ଅଛି । ହଠାତ୍ ସତେକି ସେତେବେଳେ ତାକୁ ଲାଗେ ଯେ ତା'ର ଏ ସଂସାର କିଏ ଖାଲି କରିଦେଇଛି । ଏଇ ଚହଲା ଘର, ଗଛ, ମଣିଷ, ଜନ୍ତୁଜୀବ, ମାଟି, ଆକାଶ, ପବନ, ଆଲୁଅ ଅନ୍ଧାର, ଏଇ ଯେତେ ଯାହା ଏକାଠି ହେଲେ ଗୋଟାଏ ଚହଲା ଛବି ଗଢ଼ି ହୁଏ ଯାହା ସହିତ ସମନ୍ୱୟ ରଖି ସେ ବଞ୍ଚି ରହିଛି । ଲାଗେ ଯେପରି ସେ ଛବି କିଏ ଚିରି ନେଇଛି । ସେ ନାହିଁ, ଲାଗେ ତା'ର ସଂସାର ଅବସ୍ଥିତିର ସହଜ ସ୍ତର ଯେପରି କିଏ ଓଲଟାଇ ପକାଇଛି । ସେ କାହାରିକି କିଛି କହେ ନାହିଁ । ଘରୁ ଯାହା ପାଏ, ତାକୁ ଟେକି ନେଇ ଦୁଆରେ ଦୁମ୍‌ଦାମ୍ କରିପକେ । ଥାଳି, ଗିନିଆ, ଲୋଟା, ପିଢ଼ା, ଲୁଗାପଟା ଯାହା ସେ ସହଜେ ଟେକି ପାରିବ, ଫୋପାଡ଼ି ପାରିବ ଏହିପରି ଜିନିଷ । ସମସ୍ତେ ବୁଝି-ପାରନ୍ତି ଯେ, କୁମଦେଈଙ୍କର ପାନ ସରିଗଲା, ସଙ୍ଗେ ସଙ୍ଗେ ତା'ର ବ୍ୟବସ୍ଥା କରନ୍ତି, ସେ ପୁଣି ଥୟ ହୁଏ । କାଳେ ଏପରି ଏକ ପରିସ୍ଥିତି ଘଟିବ ବୋଲି ବାରମ୍ବାର ତା' ପାନଡାଲା ପରଖା ହୁଏ । ତେଣୁ ଏପରି ଘଟେ କ୍ୱଚିତ କେବେ ।

Digitized by srujanika@gmail.com

କଳ ବୁଲିଛି, ଫସାର ଠିକ୍ ଅଛି, ସେ ତା' ଗୋପନ ମନର ଅଜାଡ଼ ସ୍ତୂ-ତାରେ ନିଜକୁ ଉପାଇ ଦିଏ। ଏଇତ, ଖରାରେ ବୁଲି ବୁଲି ସେ ଘରକୁ ଲେଉଟୁଛନ୍ତି। କୁମର ଓଠ ଥରିଲାଣି, ସେ ମନେ ମନେ କଥା କହୁଛି, ଭାବୁଛି ତା' କଥା ତା' କାନକୁ ଶୁଭୁଛି। ଆଉ କେହି ଶୁଣିପାରୁନାହାନ୍ତି। ସେ କଥା କହୁଛି। "ବାରମ୍ବାର ମନା କରିଚି ଏସ ଖରାରେ ବୁଲିବ ନାହିଁ। ଫେର୍ କାହିଁକି ଗଲ ?"

"ମାଇନର ସ୍କୁଲରେ ମିଟିଂ ଥିଲା, ସମସ୍ତିଙ୍କ ମତ ହାଇସ୍କୁଲର ଦୁଇଟା କ୍ଲାସ ଖୋଲିବାକୁ ହେବ। ଆଗ ମୁହିଁ ଆରମ୍ଭ କରେଁ।"

"ତମ ମୁଣ୍ଡରେ ଏତେ ବୋଝ ଲଦା ହୋଇଛି କାହିଁକି କହିଲ ? କୋଉଠି ହାଇସ୍କୁଲ ହବ, କୋଉଠି ହାଟ ହେବ, କୋଉଠି ସଡ଼କ ତିଆରି ହେବ—?"

ସେ ହସୁଛନ୍ତି।

"ଆଉ କାହା ମୁଣ୍ଡରେ ଲଦା ହେବ କହ, କେତେ କଷ୍ଟରେ ଏ ଗଣ୍ଡ ମଫସଲ ଭିତରୁ ପିଲା ଯାଇ ବି.ଏ., ଏମେ ପାସ୍ କରେ। ଏ ଖଣ୍ଡମଣ୍ଡଳ ଭିତରେ ମୁଁ ଆଉ କେତେ। କେତେଟା ତ ଓକିଲମାନେ ହୋଇ ଚଳ୍, ଅଇଷ୍ଠ କୋରମୁଁଟରେ ଚେଆରରେ ବସି ଟଙ୍କା ଗଣୁଚ, ଅଫିମ ମୁଣ୍ଡାକୁ ମୁଣ୍ଡା ଟଣୁଚ, ଗାଁ ଲୋକେ ଆଉ କାହାକୁ ଧରିବେ କହ।"

"ଗାଁ ଲୋକଙ୍କ କଥା କହୁଚ; କିଏ କାହାର କ'ଣ କରିଛନ୍ତି ?"

"କରିନାହାନ୍ତି କେମିତି ? ଗାଁକୁ ଛାଡ଼ି ଆମେ ରହିପାରୁଁ ? ଆମର ମଣିଷପଣର ତିଆରିରେ ତାଙ୍କର ହାତ ନାହିଁ ? ଆଶୀର୍ବାଦ ନାହିଁ ? କହୁନାହିଁ ? ଏ ତୁମେ କ'ଣ କହୁଚ ?"

"ଆଉ ଏମିତି ଖରାରେ ଡରାରେ ବୁଲିବୁଲି ତମର ଯଦି ମୁଣ୍ଡ ଝେଇପ ହେବ।"

ଯାଃ, ହସି ହସି ପାଖକୁ ଚମକି ଆସୁଛନ୍ତି, ତା'ର ଥୋମଣି ଆଡ଼କୁ ହାତଟା ବଢ଼ାଇ ଦେଉଛନ୍ତି 'ହେ ତେତେମ ମତେ ଧରନା ପେମିତି ହଟହଟା କରନା କହୁଚ—ଦେଖ !' ସେ ଫେର୍ ଦୂରକୁ ଗଲେଣି, ହସୁଛନ୍ତି, କହୁଛନ୍ତି

Digitized by srujanika@gmail.com

"ମୁଣ୍ଡ ଖରାପ ହେଲେ କ'ଣ ହେବ, ତେମେ ତ ଅଛ ! ଆଜ ଯଦି ନହାତି ଖଣ୍ଡିଗଲିବ, ତେବେ ଯାଉ । ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଗୁଳଯାଆନ୍ତୁ ପିଠିରେ । ଯାଉ ଯିବ ଯେବେ, କ'ଣ ନାକର ହେବ ।"

"ଆହା ! କି ଶୋଭା ଢଙ୍ଗ ! କି ଶୋଭା କଥା ! ମରଯାଉଥାନ୍ତି ଟି !

ଲଗିଛି କଥାଭାଷା, ଆସୁଛି ଯାଉଛି ଛୁଇ । ସେ ମରିଛନ୍ତି । ପାଞ୍ଚବର୍ଷର ଝଡ଼ାଝଡ଼ି ଜୀବନ ଶେଷରେ, ଯେଉଁବେଳେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଥିଲେ, ଖରାରେ ବର୍ଷାରେ ବୁଲିବୁଲି ଲୋକଙ୍କ ଉପକାର ହେଲାଭଳି କାମ କରୁଥିଲେ, କେତେବେଳେ ହେଲେ ଫୁରସତ୍ ନାହିଁ, ସବୁବେଳେ ପରିଶ୍ରମ, ଘରେ ପଦାରୁ ଥରି ଥରି ବୁଲି ବୁଲି ଆସି କହିଲେ, "ଦେହଟା କେମିତି ହୋଇଯାଉଛି ।" ଗୋଟାଏ ଝାଡ଼ା ହୋଇଗଲା । କହୁ କହୁ ଆହୁରି ଥରେ, ଆହୁରି ଥରେ । କେଇଟା ଘଣ୍ଟାରେ ସେ ମରିଗଲେ । ସେ ମରଣରେ କଅଁଳ ଫୁଟିଲା ନାହିଁ, ମଲାବେଳେ ନାଁଟାଏ ଉକ୍ତି କରୁ କରିଗଲେ ନାହିଁ । ମରଣକୁ ଭଲ ପାଇ ମରଣ କୋଳରେ ମୁଣ୍ଡ ନୁଆଇଁଲେ ନାହିଁ । ଛଟପଟ ହୋଇ କଲବଲ ହୋଇ ହାଇଁ ପାଇଁ ହୋଇ ଆପଣାର ନିତାନ୍ତ ଅନିଚ୍ଛାରେ ମଲେ, ଦେହର ପ୍ରତ୍ୟେକ ମାଂସପେଶୀ ପ୍ରତ୍ୟେକ ରକ୍ତ ବିନ୍ଦୁ ବିଦ୍ରୋହ କରିଉଠିଥିଲା ହଇଜା ଜୀବାଣୁ ବିରୁଦ୍ଧରେ, ମୃତ୍ୟୁ ବିରୁଦ୍ଧରେ; କିନ୍ତୁ ପାରିଲା ନାହିଁ । ମଲାବେଳେ ମୁହଁରେ ଯନ୍ତ୍ରଣାର ଚିହ୍ନ ଥିଲା । ଆଖିରୁ ପାଣି ବୋହୁଥିଲା, ଯେପରି କି ସବୁ ଶେଷରେ ନା-ନା-ଯିବ ନାହିଁ—କେବେ ଯିବନାହିଁ ବୋଲି କହୁ କହୁ କିଏ ଓଟାରି ନେଇଯାଇଛି ସେ ପାଖକୁ, ଅନ୍ଧାରକୁ, ତେଣୁ ଭଙ୍ଗୀରେ ଏକ ଆର୍ତ୍ତନାଦ ଅଙ୍କା ହୋଇ ରହିଛି । ପାଟି ଆଁ ହୋଇ ଦାନ୍ତ ଦେଖାଇ ବିକଟ, ମୁହଁ ବଙ୍କା, ତୋଳା ହ'ଟା ଆଖିରୁ ଫାଡ଼ ହୋଇ ଚାହାଁଲା ପରି, ହାତ ହ'ଟା ବଙ୍କା ହୋଇ ନାଟି ହୋଇଯାଇଛି । ଆଙ୍ଗୁଠି ବଙ୍କା ବଙ୍କା ଯେପରିକି ଚଢ଼େଇର ଆଙ୍ଗୁଠି, ସେ ବିଦାରି ପକାଇବାକୁ ଚାହେଁ, ତୋଫାନରେ ଚେରରୁ ଓପଡ଼ା ଭଙ୍ଗାରୁଜା ହୋଇ ପଡ଼ିଥିବା ବଡ଼ ଗଛ । ଭୟଙ୍କର, ଦୁଃଖପ୍ରଦ, ଏକ ଉତ୍କଟ 'ନାଁ' ଅଧା କୁହା ହୋଇ ପାଟିରେ ରହିଯାଇଛି, ପ୍ରାଣ ଗୁଳିଯାଇଛି ।

କିପରି ସେ ମନେରଖନ୍ତା ସେ ଦୃଶ୍ୟ ! ସେ ଏକ ସମାପ୍ତି । ତାକୁ ସେ ବି ଅସ୍ୱୀକାର କରୁଛି, ତା'ର ଅନ୍ତର, ତା'ର ମନ, ତା'ର ଅସ୍ତିତ୍ୱ ସବୁ ଅସ୍ୱୀକାର

Digitized by srujanika@gmail.com

କରୁଛି । ଏ ଶୀତଳ ଜଡ଼ ପଦାର୍ଥ ତା'ର ସ୍ୱାମୀର ମୃତ ଦେହ, ଅପମାନିତ, ବଳ୍ପିତ, ଭଗ୍ନ, ସେ ତା'ର ସ୍ୱାମୀ ନୁହେଁ । ଏଥିରେ ନାହିଁ କିଛି ଶୁଭ, କିଛି ମାଙ୍ଗଳିକ, ଏଥିରେ ସୌନ୍ଦର୍ଯ୍ୟ ନାହିଁ । ଯେ ଏ ସବୁ କହେ ସେ କହେ ଖାଲି କାଳ୍ପନିକ କଥା । ଏଇ ଅଶ୍ରୁର ଭଣ୍ଡାର—ସେ ନୁହେଁ ହସର ସମୁଦ୍ର । ଏଥିରେ ଆନନ୍ଦ ନାହିଁ । ଯହିଁରେ ଆନନ୍ଦ ନାହିଁ ତା ସତ୍ୟ ନୁହେଁ । ଏକ ନଗ୍ନ ଅସତ୍ୟତା ଏ ମୃତ ଶବ । ସେ ତାକୁ ମନେରଖିନାହିଁ ।

କିନ୍ତୁ ମନେରଖିଛି ଜୀଅନ୍ତା ମଣିଷଟାକୁ । ସେ ଯୁବକ ଥିଲା, ସେ କେବେ ବୁଢ଼ା ହେବ ନାହିଁ । ତା'ର ସମ୍ପର୍କରେ ସେ ନିଜେ ଯୁବତୀ ଥିଲା । ସେ କେବେ ବୁଢ଼ୀ ହେବନାହିଁ । ପାଞ୍ଚ ବର୍ଷର କାହାଣୀ ! ପାଞ୍ଚଟା ଯୁଗର ! ସେଇ ଫେର୍ ଝଲ୍‌ଝଲ୍ କରୁଛି ସ୍ମରଣରେ, ଚେତନା ଆଗରେ । ହିରୋସିମା ପରମାଣୁ ବୋମାରେ ଧ୍ୱଂସ ହେଲା । ତା'ପରେ ତା ଛାଇ ଲଖି ରହିଲା ଆକାଶରେ । ସେହିପରି ସହର କୋଠା ବାଡ଼, ଗଛ, ମଣିଷ, ଯେମିତି ସେମାନେ ଯାଆସ କରୁଛନ୍ତି । କିନ୍ତୁ ପୃଥିବୀରେ ନୁହେଁ ଆକାଶରେ । କିନ୍ତୁ ସେ ଛାଇ କଥା କହେ ନାହିଁ, ବଦଳେ ନାହିଁ, ଧ୍ୱଂସ ହେଲାବେଳେ ଯେପରି ଦିଶୁଥିଲା, ତାହାରି ଛାଇ, ତା ଆଗର ନୁହେଁ । ନୁହେଁ ପାଞ୍ଚ ବର୍ଷର । ଏ ଛାଇ ତାକୁ କଥା କହେ, ବୁଲେ ଚୁଲେ, ପାଞ୍ଚ ବର୍ଷର କାହାଣୀ ପୁଣି ପୁଣି ଘଟେ ତା ଆଖି ଆଗରେ ।

ପାଞ୍ଚ ବର୍ଷ କି ଦଶବର୍ଷ ବୋଲି ନାହିଁ । ଜୀବନ କହିଲେ ଏଇଆ ବୁଝାଏ । ଏକ ଚଳମାନ ଅନୁଭୂତି । ସେଥିରେ ସମୟର ମାପ ନାହିଁ । ଅସରନ୍ତି ସମୟ ରହିଛି ତା'ର ପ୍ରତିକଣାରେ ।

ଦୁନିଆଁ ଆଖିକୁ ରଖି ଦେଇପାଇଛି ଗୋଟିଏ ସ୍ମୃତି; ତା ପୁଅ ମହେଶ । ଦୁନିଆଁ ଆଖିକୁ, କିନ୍ତୁ କୁମୁଦିନୀ ତାକୁ ଦେଖୁ କରେ ନାହିଁ । ଧନ ଯଦ୍ଦି ପାଉଛି, ସେ ତାକୁ ଭୁଲି ଭୁଲି ଯାଉଛି । ଯେପରି କି ଅବହେଳା ଜଣେ କଏ ସେ । ଯେପରିକି ପୁଅକୁ ସ୍ୱୀକାର କଲେ ହଠାତ୍ ତା'ର ବାପାର ବିୟୋଗରେ ଯବନିକା ତା ମନ ଉପରେ ଟାଣି ହୋଇଯାଏ । ସଂସାର ଶୂନ୍ୟ ଦିଶେ । ନା, ତା'ର ଓ ତା' ସ୍ୱାମୀର ସମ୍ବନ୍ଧ ଭିତରେ ଏ ତୃତୀୟ ଜଣକ କିଏ ? କେହି ନାହିଁ । କେହି ନାହିଁ । କେବଳ ଯୁବା ଓ ଯୁବତୀ ।

ମହେଶର ତା' ମା ଆଖି ପରି ଆଖି । ବାପା କପାଳ ପରି ଚଉଡ଼ା

Digitized by srujanika@gmail.com

କପାଳ । ମା ପରି ଗୋରା, ବାପା ପରି ତା'ର କୁଞ୍ଚକୁଞ୍ଚିଆ ବାଳ । ଅତି ତେଙ୍ଗା ଅତି ସୁନ୍ଦର ମଦ୍ରେଶ ବିଶ୍ୱବିଦ୍ୟାଳୟରେ ବହୁତ କୃତି ଅର୍ଜନ କରି ଏମ୍. ଏସ୍‌ସି. ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଛି । ଲୋକେ କହନ୍ତି ସେ ଜିନିୟସ୍ । ଆଜି ତା'ର କାରଣ ବି ବଖାଣନ୍ତି ଯେ ନହିଁତ ପାଗଳାମି ପରି ସୂକ୍ଷ୍ମ ଗବେଷଣା, ସୂକ୍ଷ୍ମ ଜ୍ଞାନାର୍ଜ୍ଜନ ଆଡ଼କୁ ଢଳାପଡ଼ ତେବେ ତାକୁ ବଳିପିବା କଠିନ । ଜିନିୟସ ଆସିଲା । ଆଜି ତା'ର ଫଳ ବାହାରିଛି । ସେ ସହରରେ ରହେ, ମା' ପାଖରେ ନୁହେଁ । ବୋଉର ଗୋଡ଼ତଳେ ପଡ଼ିଲା ।

"ହେଇଲେ, ତୋ ପୁଅ, ଆଲୋ ଆଶୀର୍ବାଦ କର ମିଁ—"

"ମୋର କାହିଁକି ପୁଅ ହେବ ମୁଁ । ତୋ ପୁଅ ହେଉନାହିଁ ।"

"ଇଲୋ ତୋ ପୁଅ ମ, ଲୋକେ କେତେ ପ୍ରଶଂସା କରୁଛନ୍ତି ତାକୁ ଦେଖି ଦେଖି, ଚାରିଆଡ଼େ ଜୟଜୟକାର । ଇଲୋ ଦେଖ୍ ମିଁ ଟିକିଏ ।"

"ନାଇଁ, ମୋର ପୁଅ ନୁହେଁ । ତାକୁ କହ ଯାଉ ଘର ସେ ଏଠୁ ।"

ହସି ହସି ଚାଲିଯାଉଛି । କଣେଇଁ କଣେଇଁ କୁମୁଦିନୀ ଚାହିଁଲା । ଏଇ ସେ ହସ ! ଏଇ ! ଏଇ ! ଚିଲ ପରି ଧାଇଁ ଯାଇ ତାକୁ କୁଣ୍ଢେଇ ଧରି ତା ଉପରେ ଲଦିହୋଇପଡ଼ିଲା । ଆଜି ଭେଁ କରି କାନ୍ଦିଉଠିଲା । ଛାଇ ଠିଆ ହୋଇଛି । କହୁଛି ଯେପରି "ହଁ, ଏଇ ଏଇ ।" କୁମୁଦିନୀ କାନ୍ଦୁଛି ଆଜି ବହୁ ଦିନର କାନ୍ଦଣା । ଜିନିୟସ୍ କାନ୍ଦୁଛି । ଟିକି ଭଉଜ କାନ୍ଦୁଛି । ଘରେ ସମସ୍ତେ କାନ୍ଦୁଛନ୍ତି ।

କାହିଁକି ? କାହିଁକି ? କାହିଁକି ?

ଉତ୍ତର ନାହିଁ । ଖାଲି କାନ୍ଦଣା ।

Digitized by srujanika@gmail.com

ବାବୁ

ବାବୁ ଆସିଛନ୍ତି ।

"ହେ ଚୌକିଦାର୍ ! ହେ ଚୌକିଦାର୍ !" ଡାକବଙ୍ଗଳା ପଛଆଡ଼େ ନଡ଼ିଆଗଛ ମୂଳେ ଠିଆ ହୋଇ ଭଗି ଚପରାସୀ ରଡ଼ି ଛାଡ଼ିଲା ।

ଖଣ୍ଡେ ଦୂରରେ ଚୌକିଦାରର ବସା । ତା' ଝିଅ ନଖୀ ଘର ଆଗରେ ଓଦା ଶାଢ଼ିଟାକୁ ଦର୍ଦ୍ଧା ପର . ଟାଙ୍ଗିଦେଇ କହିଲା, "ଇଲେ ବା, ଶୁଣୁ ନାହିଁ କି ?"

ହଟ ପାପୁଲିରେ ଗଞ୍ଜେଇ ମଳୁଥିଲା, କହିଲା—"କଏ ବା ?"

ନଖୀ ଖିଁ କରି ହସିଦେଇ କହିଲା—"ସେଇ ହୁଣ୍ଡା ନଣ୍ଟୁଆଟା ମ, ଗୋଟାଏ ଆଖି ନାହିଁ । ତା' ବାବୁଟି ସା'ହଜ ଭାରି ଭଲ ।"

"ହେଇଟି ହେ," ଆଖି ତରାଟି ହଟ କହିଲା, "ଦେଖିଥା କଣରେ ଥୁଆହେଇଛ ସେ କଣ୍ଟୁରି କି ।"

ନଖୀ ମୁହଁ ଶୁଖେଇ ନଥିକରି ବସିପଡ଼ିଲା । ତା'ର ଲୁହଧାର ନଗିଡ଼ି ପଡ଼ିଲା । କହିଲା—"ମୁଁ କ'ଣ କଲି କି ?"

"ଚୌକିଦାର୍ !"

ହଟ ଫୁସ୍ ଫୁସ୍ କରି କହିଲା, "ମୁଁ କି ଜାଣେ ? ତୋ ବୋଉ ତ ନାହିଁ, ତୁ ବି ଯା' ତୋ ମାମୁଘରକୁ । ହ'ଦିନ ଗଲେ ଆସିବୁ । ଡକରା ପଡ଼ିଲାଣି ମୁଁ ଯାଏଁ । ଆଉ ଏଠି ଦଣ୍ଡେ ରହନା ।"

ସେ ବାଲ୍ଟି ଓ କୁଅଦଉଡ଼ି ଧରି ଘରୁ ଧାଇଁ ଧାଇଁ ଗଲା । ଭଗି ଚପରାସୀକି ଦଣ୍ଡବତଟାଏ କଲା, ଭଗି ଗାଳି ଦେଉଥାଏ, ସେ ଦାଣ୍ଡପଟକୁ ଯାଇ ପ୍ରକାଣ୍ଡ ଦଣ୍ଡବତଟାଏ କରି ହାତଯୋଡ଼ି ଠିଆହୋଇ ହସିଦେଇ କହିଲା—"ହଜୁରେ—"

Digitized by srujanika@gmail.com

ବାବୁ ସିଗାରେଟ୍ ଲଗାଇ ଟହଲୁଥିଲେ । ଗୋରା, ଡେଙ୍ଗାଳିଆ କାରଣ ପାତଳା, ବୟସ ପଇଁତିରିଶ ହେଲେ ବି ଦିଶୁଥାନ୍ତି ପଚିଶି ଛବିଶି ଚକ୍‌କଣ ମୁହଁ, ଗୋଲ, ଆଖି ଯୋଡ଼ିକ ଚୁନେଇଲା ପରି । ଧଳା ପ୍ୟାଣ୍ଟ୍ ଧଳା ହାଓ୍ୱାଇ । ନଳି ଗୋଡ଼ରେ ମୋଜା; ପାଦରେ ଜକ ଜକ ଜୋତା ।

"ଠିଆ କରେଇ ଦେଇ", ସେ କହିଲେ । ଭାରି ମିଠା କଥା, ଗୋଟି ଗୋଟି, ସ୍ପଷ୍ଟ । ଶାନ୍ତ, ଧୀର କଥା । ଉଦ୍‌ବେଗ ନାହିଁ ।

ହଟ କହିଲା, "ଆସୁଥିଲି ।" ତରତର ହୋଇ ଯାଇ କବାଟ ଫିଟାଇ ଦେଲା, ଜିନିଷପତ୍ର ଭିତରକୁ ବୋହିନେଲା, କାର୍ଯ୍ୟରେ ଲାଗିଗଲା ।

ଦୁଇ ବଖୁରିଆ ବଙ୍ଗଳା ଘର । ସାମ୍ନା ପିଣ୍ଡାକୁ ଉଡୁଆଳ କରି ଗୋଟାଏ ପୁରୁଣା ଇଞ୍ଜିନ୍ ଲଗା ରୋଡ଼-ରୋଲର ଅଖଞ୍ଜ ହୋଇ କେଉଁକାଳୁ ପଡ଼ିରହିଛି । ତା'ର ଖୋଲରେ ଖୋପରେ କୁଆଡ଼େ ସାପ ରହନ୍ତି । ବାଡ଼ରେ ଗହଳ ହୋଇ ବଡ଼ ବଡ଼ ଗଛ, ହତା ଆଗରେ ନଡ଼ିଆ ଓ ଆମ୍ବ ତୋଟା ପଛଆଡ଼େ ହତା ଆହୁରି ବଡ଼, କିନ୍ତୁ ଟୋଟା ଆଉ କିଛି ପନିପରିବା ଲଗାଇଲା ଭଳି ଖାଲି ଜାଗା ।

ହତା ବାହାରେ ବଡ଼ ବସ୍ତି, ସହର ମଫସଲ ମିଶାମିଶି, କୋଠା ଆଉ ଧାନକ୍ଷେତ ଆଉ ସ୍କୁଲଘର, ବରଫ କଳ ଆଉ ରିକ୍ସା, ମଟର ଟ୍ରକ୍ ଓ ଶଗଡ଼, ପାଏ ବାଟ ଗଲେ ସଳଖ, ସଦାକୁ ବାହାରପଡ଼ିଲେ ଅଳ୍ପ ଅଳ୍ପ ଦିଶେ ।

ବାବୁ ଆରାମ୍ ଚଉକିରେ ଆଉଜିପଡ଼ି ସିଗାରେଟ୍ ଟାଣୁଥାନ୍ତି ଓ ସଦାକୁ ଅନାଇଁଥାନ୍ତି । ଦିନ ଦଶଟା ବେଳ ହେବ । ଖଣ୍ଡେ ଦୂରରେ ହତାରେ ଗୋଟିଏ ପକ୍‌କା କୂଅ । ସେତେବେଳେ ବି ଗୋଟିଏ ଗୋଟିଏ ହୋଇ ମାଇପେ ପାଣି ନେବାକୁ ଆସୁଥାନ୍ତି । କୁକୁର ତିନି ଚାରିଟା ନଡ଼ବଡ଼ ହେଉଥାନ୍ତି । ଖୁଣ୍ଟିରେ ଲମ୍ବ ପଘାରେ ବନ୍ଧା ହୋଇ ଚୌକିଦାରର ଗାଈ ଚରୁଥାଏ । ବେଳେ ବେଳେ ଚୌକିଦାରର କୁକୁଡ଼ାମାନେ ଏକର ସେକର ହେଉଥାନ୍ତି । ନଡ଼ିଆଗଛ ଗଣ୍ଡିରେ ଗୁଣ୍ଡୁଚିମୂଷା ଧାଁଧପଡ଼ ହେଉଥାନ୍ତି । ସହରରୁ ଆସିଥିବା ବାବୁଙ୍କ ମୁହଁର ଠାଣି ଦେଖିଲେ ଲାଗୁଥାଏ ସତେ ଯେମିତି ସେ ଶୀତଳ ଶାଗୁଆ ଶାନ୍ତ ଭିତରେ ଠିଆ ପହଁରି ଦେଲାପରି ହସୁଛନ୍ତି ।

Digitized by srujanika@gmail.com

ହଟ ଚୌକିଦାର କାମ କଲାବେଳେ ତାଙ୍କୁ ଦୂରରୁ ଟିକିଏ ଅନାଇଁ ଅନାଇଁ ଯାଏ । ମାଡ଼ପଡ଼େ । ଭାବେ, କେତେ ବଡ଼ ଘରର ପିଲା ହୋଇଥିବେ । ଏଠିକି କେତେଥର ଆସିଲେଣି । ଲୋକେ ଖାତିର କରନ୍ତି । ଶୁଣିଲାମାତ୍ରେ ଏଠିକି କେତେ ବଡ଼ଲୋକ ପ୍ରତାପୀଲୋକ ଆସି ଦେଖାକରନ୍ତି । ହାତରେ ବଡ଼ 'ପାବାର' ବୋଲି ସେ ଶୁଣିଛି । କେତେଥର ନିଜେ ନିଜ ଦୁଃଖ କହିଛି, ଦରମା ଅଣ୍ଟେ ନାହିଁ, ଆଉ ଦଶଟି ଟଙ୍କା ବଢ଼ନ୍ତା ଯଦି— । ବ'ଉଳି ମାଛ, କୁକୁଡ଼ା ଡିମ୍ବ ନ ହେଲେ ଚଳେ ନାହିଁ । ସ୍ବହା ତ ଘଣ୍ଟା ଘଣ୍ଟାକେ ଆଉ ସେ ଆଇଲା ତାଙ୍କୁ । ଗଲାବେଳେ ଓଳିଏ ଖଣ୍ଡେ ରହିଥିଲେ ବି ବକ୍‌ସିସ୍ ଟଙ୍କାଏ । ନିଶ୍ଚୟ ବଡ଼ଲୋକ । ଆଉ କି ସୁକୁମାରିଆ ସଫାସୁତୁରା ଦେହ । ଭଲ ଖାଇପିଇ ଘୁଇତଳେ ନିର୍ଜଞ୍ଜାଳ ହୋଇ ବସିଲେ ଏମିତି ଦେହ ହୁଏ । ଦେହ ଏତେ ଚିକ୍‌କଣ ମାଛି ଖସିପଡ଼ିବ । ଯାହା କହିଲେ କେଡ଼େ ସୁନ୍ଦର ମିଠା ହସ ହସି ମୁଣ୍ଡ ଟୁଙ୍ଗାରନ୍ତି । ବହୁତ ଧୈର୍ଯ୍ୟ, ବହୁତ ସହାନୁଭୂତି । କାହା ସଙ୍ଗେ କଥା ହେଉଥିଲାବେଳେ କାମ କାର୍ଯ୍ୟ କଥା ଛାଡ଼ି ଅନ୍ୟ କଥା କହୁଥିଲେ ବେଳେ ବେଳେ ସେ ଶୁଣେ ସେ ଖାଲି ଧର୍ମ କଥା ନ୍ୟାୟ ନୀତି କଥା କହୁଥାନ୍ତି । ଅଳ୍ପ ଅଳ୍ପ କରି କଥା କହନ୍ତି, ହଟ ମୁଣ୍ଡରେ ବୁଦ୍ଧି କାହିଁ ସେ ବୁଝିବ । କିନ୍ତୁ ସେ କେମିତି ଜାଣିପାରେ ସେଗୁଡ଼ାକ ଅତି ଓଜନ କଥା । ସାଧାରଣ ଲୋକେ ଏମିତି କହନ୍ତି ନାହିଁ । ଆଉ, ଗଦା ଗଦା ବହି, ତା'ର ଢକ ଢକ ମଲାଟ । 'ଇଙ୍ଗିଲିସି' । ଆଗମ ତଉକି ବ'ହାତ ଉପରେ ବ'ଟା ଥୁଆହେଲଣି । ଟେବୁଲ୍ ଉପରେ ବହି ଓ କାଗଜ ଥାକ ମରା ହେଲଣି । ବଡ଼ ବାବୁ ।

ଆଉ ଯାବତ ଦୁଷ୍ଟ ପ୍ରକୃତି ଏ ଚପରାସୀଟା । ଗୋଟାଏ ଆଖି ନାହିଁ । ବରୁଗୁଡି ମୁହାଁ । ଗୁଣ୍ଡା ପରି ଚେହେରା । ଗାଳି ଦିଏ । କିନ୍ତୁ ସେଥିକି ଡର ନାହିଁ; ଡର ତା'ର ଆଖିକି । ନିଖୀକି ଦେଖିଲେ ଦାଉ ଦାଉ ହୋଇ ସେ ଆଖି ଜଳେ । ହସେ । ଉଣ୍ଡୁଥାଏ । ଉପରେ ପଡ଼ି କଥା କହିବାକୁ ମନ । ଭିତରେ କାକୁଡ଼ିଟିଏ କି ବାଗରେ ବାଇଗଣ ପୁଞ୍ଜିଏ ଦେଖିଲେ ଝୋଲା ପକାଇବାକୁ ହାତ ଖଲ ଖଲ ହୁଏ । ଗନ୍ଧ ଭଲ । ବାସ୍ନାରେ ସ୍ବର ଆଉ କମ୍ପେ । ସେ ଆତୁର ବିପଦ, ନିଖୀଟା ତରଂ ତରଂ ହୁଏ, ରେଷ୍ଟେଇଶାଳ ଆଖପାଖ ଏକର ସେକର ହେବାକୁ ତା' ମନ । ଯୋଗାଡ଼ କରିବାକୁ ଭଗି 'ଏକ ନମ୍ବର' । କାହାକୁ ପିଠି ଆଉଁସା, କାହାକୁ ଧମକ ଚମକ, ଯେତେବେଳେ ଯାହା । ଭାରି ଫୁର୍ତ୍ତି । କାମ ଉଠେଇ ଜାଣେ । ବାବୁଟା ସେଇଥିରେ ବଶ । ସେଇ ତ ବାବୁ କଥା ଗଠେ । ଦିଲ୍ଲୀ, କଲିକତା, ମାନ୍ଦ୍ରାଜ,

Digitized by srujanika@gmail.com

କେତେ ସହରର ନାଁ କହେ । କେତେ କୋଠାବାଡ଼ି ଅଫିସ ବହୁତ ବର୍ଣ୍ଣନା କରେ । ବାବୁଙ୍କର କେତେ ବଡ଼ ବଡ଼ ବନ୍ଧୁମାନେ, ତାଙ୍କ କଥା ବି ପଦେ ପଦେ କହେ । କେତେ ମଟର ଗାଡ଼ି କଥା କହେ, ସେଗୁଡ଼ା କୁଆଡ଼େ ଅତି ସୁକୁମାରିଆ ଅତି ଦାମୀ ଗାଡ଼ି, ଏ ସଡ଼କ ଏ ଲୁଣି ହାଓ୍ୱା ସେ ଗାଡ଼ିଙ୍କ ଅସଜ ବୋଲି ସେ ଏଣେ ଆସେ ନାହିଁ । ଆଉ କହେ ହଜାର ହଜାର ଟଙ୍କା କଥା, ଲକ୍ଷ ଲକ୍ଷ ଟଙ୍କା କଥା, ଟଙ୍କା ଆଉ 'ପାବାର' । ହଟ ଉଣୁଯାଏ ।

ସବୁଦିନ ପରି ଚାଲିଲା କାମ । ଆସିଲେ ଲୋକ । ବାବୁ ଗଲେ, କୁଆଡ଼େ ଚଲକା ବୁଲି ସଞ୍ଜକୁ ଫେରିଲେ । ସଞ୍ଜରେ ପିଣ୍ଡାରେ ବହୁ ବିଶିଷ୍ଟ ଲୋକ । ହଟ ସେମାନଙ୍କୁ ଚିହ୍ନିଛି । କାହାଠୁ ଟଙ୍କା ଧାରିଛି, କାହାଠିଁ ଚାଉଳ । କାହାଠିଁ କ'ଣ ଉଧାରରେ କିଣିଛି । ବଡ଼ ବେପାରୀ, ବଡ଼ ଚାଷୀ, ବଡ଼ ମୁନସିବ୍ରତ, ପୂଜକ, ଗଣକ, ବଡ଼ ବଡ଼ ଗାଁ ମୁଣ୍ଡିଆଳ । ସେମାନେ ହଟ ଆଖିରେ ସବୁଦିନେ ବଡ଼ । ଆଉ ତାକୁ ଲାଗୁଥାଏ, ତାଙ୍କ ଆଖିରେ ସେ ବଡ଼ ସେ କ'ଣ ନ ହୋଇଥିବେ ।

ସଞ୍ଜବୁଡ଼େ ଯେତେବେଳେ ପିଣ୍ଡାରେ ଲୋକ ବସିଥାନ୍ତି, ବାବୁ ବସିଥାନ୍ତି । ହଟ ନୂଆ ନୂଆ ଆସିଥିବା ଲୋକଙ୍କ ପାଇଁ ଚଉକି ବୋହୁଥାଏ, ସେ ଶୁଣୁଥାଏ ବାବୁ କେତେ ଦାମୀ ଦାମୀ କଥା କହୁଥାନ୍ତି । ସେତେବେଳେ ସେ ଲୁଗା ପଞ୍ଜାବି ପିନ୍ଧି ଧୋବ ଫରଫର ପେଟ୍ରୋମାକ୍ସର ଆଲୁଅ ତାଙ୍କର କାଚ ପରି କପାଳରେ ବାଜି ଛିଟିକି ଲେଉଟି ଆସୁଥାଏ । ସେ ଯାହା କହୁଥାନ୍ତି ସବୁ ଅକ୍ଷରେ ଅକ୍ଷରେ ସତ ।

"ଦେଖିଲୁ, ଆଜିକାଲି ମତ ବୋଲି ଗୋଟାଏ କିଛି ରହୁନାହିଁ । ଚରିତ୍ର କୁଆଡ଼େ ଗଲା ? ହଟ ମନେପକାଉଥାଏ, ଏଇ ଗାଁରେ କେତେଠିଁ କେତେ କାହାଣୀ । କୁଆଡ଼ୁ କୁଆଡ଼ୁ ପେଟ ବିକଳିଆଣୀ ପଲ ପାଲୁ ପାଲୁ ହୁଅନ୍ତି, ଏଠି ସେଠି, ଛିଃ । ଏ ଗାଁ କେଡ଼େ ନିର୍ମଳ ଥିଲା । ବାହାରିଆ ଲୋକ ବଢ଼ିଲେ ତ ସବୁ ବିଗିଡ଼ିଲା ।

"ବ୍ରହ୍ମଚର୍ଯ୍ୟ ନାହିଁ ।" ହଟ ବୁଝିଲା ସେ ବ୍ରହ୍ମତେଜ କଥା କହୁଛନ୍ତି, 'ବ୍ରହ୍ମତେଜ' ସେ ଶୁଣିଛି ମୋଟା, ତା' ସହିତ ଚିତା, ଉପାସ, ଅରୁଆ ଚାଉଳ, ପୂଜା କେତେ କଥା ମନେପଡ଼େ । ଆଉ ଏଇ ତ ବସିଛନ୍ତି ଆଚାର୍ଯ୍ୟ ସେମିତି କ ଆଉର ତାଙ୍କଠି ? ଖାଲି ମାଛ ଶୁଖୁଆ ବେପାର । ଅବଶ୍ୟ ତାଙ୍କର ପାଞ୍ଚଟଙ୍କା

Digitized by srujanika@gmail.com

ତା' ଉପରେ ଅଛି ।

"ନିଶା କେମିତି ମାଡୁଛି ଦେଖନ୍ତୁ ନା ।" ଠିକ୍, ଠିକ୍, କେତେଟା ପାଣ୍ଠି ଅଛି ସେତିକି ବର୍ତ୍ତମାନ ଗଲେ ଗୁଣ୍ଡି ଦାଉଁ ଧାଉଁ ପଡ଼ିବ, ମଦ ଭଣ ଭଣ ଯେ ପ୍ରାଏ ବାଟକୁ ଗନ୍ଧ । ଉଣା ଅଧିକେ ସବୁଠି ମଦ ବ୍ୟାପିଲାଣି । ସେଗୁଡ଼ାକ ଭଲ କଥା ନୁହେଁ । ସେ ଖାଇଲେ ଖାଏ କେବେ କଦବା । ତା ବୋଲି ସବୁଦିନେ ।

ଏଇ ଯେମିତି ଜିନିଷ ଲୁଚାଇ ଦାମ୍ ବଢ଼ାଇବା କଥା, ଏଗୁଡ଼ା ଆଗେ ଥିଲା ନା ! କେବେ ନୁହେଁ, କେବେ ନୁହେଁ, ହଟ ଭାବୁଥାଏ, ଯେ କରୁଛନ୍ତି ସେମାନେ ତ ସେଇଠି ବସିଛନ୍ତି ।

"ଠାକୁର ଦେବତାଙ୍କଠି ଲୋକଙ୍କର ଆଉ ଆଗପରି ବିଶ୍ୱାସ ବି ନାହିଁ । କେଡ଼େ ଦୁଃଖର କଥା ! ସବୁଆଡ଼ୁ ସବୁଆଡ଼ୁ ଦେଶର ନୀତି ଭୁଷୁଡ଼ି ପଡ଼ିଲେ ଭବିଷ୍ୟତ ଅନ୍ଧାର ଷଲ ଷଲ ।" ସମସ୍ତେ ଭାରି ଜୋର୍‌ରେ ମୁଣ୍ଡହଲାଇ ସ୍ୱୀକାର କରୁଛନ୍ତି ।

"ଏ ଅବସ୍ଥାରେ ନିସ୍ୱାର୍ଥ ମଣିଷ ଗଡ଼ି ମରିବେ, ଗରିବ ଆହୁରି ହଟହଟା । ସେଉଠୁ ଅଶାନ୍ତି ଆହୁରି ବ୍ୟାପିବ, ଆପଣମାନେ ସେଥିରେ ଷଣ୍ଡରେ ପଡ଼ିବେ । ଗରିବଙ୍କ ଦାୟିତ୍ୱ ନିଅନ୍ତୁ !" ଆଃ ! ବଚନ ନୁହେଁ ଅମୃତ । ହଟ ଭାବୁଥାଏ । ଅଟକି ଯାଇ ଠିଆହେଲା । ବାବୁ ଏତେ କଥା ଭାବନ୍ତି । ଗରିବଙ୍କ କଥା । ସତେ ଏମାନେ ତାଙ୍କ କଥାମାନି ଗରିବଙ୍କ ଦାୟିତ୍ୱ ନେବେ ! ଶହେ ଖଣ୍ଡେ ଟଙ୍କା ହେଲେ ନଗୀଠା ଭଲ ଘରଟାଏ ପାଇ ଉଠିଯାଆନ୍ତା । ଦେବେ ? ବାବୁ ଗଲେ ସେ ଚେଷ୍ଟା କରିବ ।

କରିକଆ ହୋଇ ଶିଷ୍ଟ ସଲ ବାବୁ ବସିଛନ୍ତି, ବଡ଼ ଶୁଖୁଆ ବେପାରୀ । ହଟ ତାଙ୍କ ପାଖକୁ ଯାଇ ଫୁସ୍ ଫୁସ୍ କରି ସେଇ କଥା କହିଲା । ସେ ତ ପିଲାଦିନୁ ତା ଦୁଃଖ ଜାଣନ୍ତି । ସେ ସହାନୁଭୂତି ଦେଖାଇ ମୁଣ୍ଡ ହଲାଇଲେ ।

"ହେ, ଖାଲି ଠିଆଟା ହେଉଛୁ କ'ଣ ? ମସଲା ବାଟି ଦେ ଆ" ଭଗି ଚପରାସୀ ତା କାନ ପାଖେ ଫୁସ୍ ଫୁସ୍ କରି କହିଲା । ସେ ତା' ପଛେ ପଛେ ଗଲା । ବାବୁ ସେତେବେଳେ ଶରଶଯ୍ୟାରେ ଭୀଷ୍ମଙ୍କ ଉପଦେଶ ବିଷୟ କହୁଆସୁଥିଲେ ।

Digitized by srujanika@gmail.com

ସେଠୁ ଉଡୁଆଳକୁ ଯିବାମାତ୍ରେ ଭଗି କହିଲା, "କୁକୁଡ଼ା ହ'ଟା ଆଉ ଘୁମେଇ ଦେଇ ଆ । ଆଉ ହଁ, ତୋ ଘର ଶୁନ୍‌ଶାନ୍ କାହିଁକି ? ଝୁଅଟା ଥାଏ କୁଆଡ଼େ ଯାଇଛି । "

"ମାମୁ ଘରକୁ ଯାଇଛି ବାବୁ !"

"ଥିଲେ ଆଜ କୁକୁଡ଼ା ଝୋଳ ଖାଇଥାନ୍ତା ।"

"ସେ ଖାଇବ ନାହିଁ, ତା ପେଟକୁ ମାରେ ।"

"ପେଟକୁ ମାରେ ? କରେ ବାବୁଙ୍କୁ ଦେଖେଇଲୁ ନାହିଁ, ଏମିତି ଔଷଧ ଜାଣିଲାବାଲା ଆଉ କୋଉଠୁ ପାଇବୁ ? ହୋମିଓପାଥି, ଜାଣିଚୁ ନା, ପାଦେନକେ ଠିକ୍ । ମୋର ପରା ସେମିତି ହଉଥିଲା ବାବୁ ଭଲ କଲେ ।"

"ହଉ ଆଉଥରକୁ ଦେଖିବ ।"

"ଏମିତିଆ ଚଉକିଦାର୍ ଥିଲେ ମଣିଷ ନହାଲ୍ । ଘର ଯିନା ହଆହେଇଚି, ମଣିଷ ରହିବା ପାଇଁ, କେହି ନାହିଁ । ଲୋକ ଥିଲେ ବୋଲିଟିଏ ହାକିଟିଏ କରନ୍ତେ ନାହିଁ ?"

ହଟ ରାଗିଲା, କହିଲା "କ'ଣ କେତେ କାମ ବତେଇବ ବତୋଉନା, ମତେ କାମ ବତେଇଚ ? ମୁଁ ଯିନା ଦରମା ଖାଉଚି ଗୁକର କରିଚି, ଆଉ ଲୋକଙ୍କ ପାଖରେ ତମର କି କାମ ? ଯାହା ଦରକାର ମତେ କହ ନ କଲେ ଗାଳଦବ ।"

"ହଇରେ କ'ଣ ଖାଉ ବଡ଼ି ବଡ଼ି କଥା କହୁଚୁ ?", ଭଗି ଚିହିଁକି ଆସି କହିଲା, ମୂଷା ଗଞ୍ଜେଇ ଖାଇ ହେଲୁ ?"

ହଟ ଠିଆ ହୋଇପଡ଼ି ଗାରଡ଼େଇ ଅନେଇଁଲା, କହିଲା—"ମୋ ପାଖରେ ସେମିତି ଲଗା ନାହିଁ ଚପରାସୀ ବାବୁ । ତମର ଏ ଢଙ୍ଗଢ଼ାଙ୍ଗ ନାଲି ଆଖି ଆଉ କାହାପାଇଁ ରଖିଥ, ବୁଝିଲ, ଗଞ୍ଜେଇ ଖାଇ ତମେ ହେଲ୍ । "

"କ'ଣ କହିଲୁ ? କଣ କହିଲୁ ? "

"ଯାହା କହିଲି କହିଲି, ହାଣ୍ଡିରେ ପୂରେଇ ଫାଣ୍ଡିକି ନବ ?"

"ଦେଖ୍, ମୋ ଦୋଷ ନାହିଁ । "

Digitized by srujanika@gmail.com

"ମୋର ବ ଦୋଷ ନାହିଁ ।"

ଭଗି ଆଶ୍ଚର୍ଯ୍ୟ ହେଲା, କହିଲା—"କଣରେ ଇମିତି ତମତମ କାହିଁକି ହଉଚ ? କ'ଣ ଚାକର ବ ଲୋଡ଼ନାହିଁ ?

"ଚାକର ଥିବାପାଇଁ ଲୋଭ ଅଛି, ଯଦି ଚାଲିଯିବ, ତେବେ ଲୋଡ଼ନାହିଁ, ବସ୍ତା ବୋହିଲେ ଦିନକୁ ତିନିଟଙ୍କା ଚାରିଟଙ୍କା ।" କହିଦେଇ ହଠ ତା' ବସାକୁ ଚାଲିଗଲା । ସେ ଭାବୁଥାଏ, କେଡ଼େ ଅଝାଡ଼ୁଆ ଏ ଦୁନିଆଁ, ଢେବରା ଟଇ ବାବୁ । ତା ସଂଗରେ ରାକ୍ଷସ ପର ଏଥିରୁ ଗୋଟାଏ । ଇଚ୍ଛାଥିଲା ଦମେ ଦି' ଦମ୍ ଟାଣିନେଇ ତା'ପରେ ଯିବ । ତେଣୁ ବାବୁଙ୍କ ଡାକ ଶୁଭିଲା "ଚୌକିଦାର୍ ।"

ଦଉଡ଼ି ଦଉଡ଼ି ଫେରିଗଲା । ପେଟ୍ରୋମାକ୍ସଟାରେ ପମ୍ପ୍ ମାରିବାକୁ ପଡ଼ିବ ।

ବାବୁ କହିଲେ, "ତୁମେ ଆଉ ଅଲଗା ରାନ୍ଧୁଥିଲ କି" ଖିଆପିଆ ଆଜି ଏଇଠି । ମୁଁ ଯେଉଁଠି ରହେ ଦି'ଟା ହାଣ୍ଡି ସେଠି କରେଇ ଦିଏନାହିଁ । ନହେଲେ ତମ ହାଣ୍ଡିରେ ଚାଉଳ ପକା ଆମେ ତମର କୁଣିଆ ହବୁଁ ।"

ସମସ୍ତେ ବାହ୍ ବାହ୍ କଲେ । ଟିକିଏ ଆଗରୁ ହଠ ଯାହା ରଗରଗ ହେଉଥିଲା ତା' ମନ ଶୀତଳ ପଡ଼ିଗଲା । ଭାବିଲା, "ଏତେ ଲୋକ ତ ଦେଖିଛି କାହିଁ ଏମିତି କିଏ ତ କହନ୍ତି ନାହିଁ !"

ଲଜକୁଳା ଲଜକୁଳା ହୋଇ କହିଲା, "ହଜୁରେ, ଏଡ଼େ କପାଳ ମୋର କାହୁଁ ହେବ ?"

ବାବୁ ସଙ୍ଗେ ସଙ୍ଗେ କହିଲେ, ଭାଗ୍ୟ ହେଲେ ହୁଅନ୍ତା ମୋର । ତମର ନୁହେଁ ସେ ସମବେତ ଭଦ୍ରମଣ୍ଡଳୀଙ୍କି ଅନାଇଁ କହିଲେ "ତାମିଲ୍ କାବ୍ୟରୁ ପଦେ ମନେପଡ଼ୁଛି ।" ସମସ୍ତେ କାବା ହୋଇ ତାଙ୍କ ମୁହଁକୁ ଅନାଇଲେ । କଣ ସେ କହୁଛନ୍ତି । ଓଡ଼ିଆ ବାବୁ ଇଂରେଜୀ, ହିନ୍ଦୀ, ବଙ୍ଗଳା କେହି କେହି ତେଲୁଗୁ ବ ଜାଣନ୍ତି । ଆଉ ଏ ବାବୁ ପଢ଼ିଛନ୍ତି ତାମିଲ୍ ତହିଁରେ ତାମିଲ୍ କାବ୍ୟ ! ବାବୁ ସେମାନଙ୍କ ବିସ୍ମିତ ମୁହଁକୁ ଅନାଇଁ କହିଗଲେ ।

' 'ଯାଦୁମ୍ ଊରେ—ଯାବରୁମ୍ କେଳୀର୍—ତିଦୁମ୍ ନନ୍ଦ୍ରୁମ୍—ପିର୍ର

Digitized by srujanika@gmail.com

ତର ବାସ" କହିଲେ ସ୍ତା ଅର୍ଥ—"ଦୁନିଆଟାଯାକ ମୋ ଘର କାରଣ ଦୁନିଆଁ ଯାକର ଲୋକ ମୋ ବନ୍ଧୁବାନ୍ଧବ । ମୁଁ ସେଇଆ ବୁଝେଁ ।"

ଶୁଣିକୁଆ ବେପାରୀ ଆଗ୍ରହରେ କହିଲେ, "ବସୁଧୈବ କୁଟୁମ୍ବକମ୍ । ତାହେଲେ ତାମିଲ୍ ବ ହେଇଆ କହୁଛ ? ହିଁ ନ କହିବେ କାହିଁକି ?"

ବାବୁ କହିଲେ, "କଥାରେ କହିଲେ ଚଳିବ ନାହିଁ । କାର୍ଯ୍ୟରେ କରିବାକୁ ପଡ଼ିବ । କେଇଟା ଧନକୁ ମଣିଷ ଆସିଛୁ, ସେଥିରେ ଖାଲି 'ତୋର' 'ମୋର' ବାଦଚ୍ଛେଦ । ସବୁ ହାଣ୍ଡି ଯଦି ଗୋଟିଏ ହୁଅନ୍ତା, କ'ଣ ନାଙ୍କସ ହୁଅନ୍ତା ?"

ଶତ୍ରୁଘ୍ନ ବାବୁ କହିଲେ, "ଆଜ୍ଞା, କରୁଛୁ କଏ ? ଏବ ଏଣିକ ଏଣିକ ବାପର ପୁଅର ଅଲଗା ଅଲଗା ହାଣ୍ଡି ।"

"ବଡ଼ ଦୁଃଖର କଥା । ସବୁଠି ସବୁ ମାନ୍ତ ଭ୍ରଷ୍ଟ ପଡ଼ୁଛି, ସ୍ନେହ ମୈତ୍ରୀ ଦୟା ଦାକ୍ଷିଣ୍ୟ କିଛି ନାହିଁ । ବିଶ୍ୱାସ ତ କାହାର ଆଉ କାହା ଉପରେ ନାହିଁ । ଖାଲି ଶତ୍ରୁତା ।"

"ସେ ତ ଜଗତଯାକର ଚଳଣି", ଗେଣ୍ଡୁ ଜେନା କହିଲେ ।

"ଖାଲି ସେତିକ କହିଦେଲେ ଦାୟିତ୍ୱ ତୁଟିଯିବ ? ନା ଲଗିବାକୁ ପଡ଼ିବ ? ସ୍ନେହ କାହିଁକି ରହୁନାହିଁ ? ଯେ ଯାହାକୁ ଦେଖୁଛି ତାଠୁଁ କିଛି ଲାଭ ଉଠେଇ ନେବାକୁ ବସିଛି । ସେତିକ ନଥାଉ, ଆପଣମାନେ ଦେଖିବେ ସମସ୍ତେ ଭାଇପରି ବସିବେ ଭାଇପରି କଥା କହିବେ । ଜଣକୁ ଦେଖିପକାଇଲେ ଆଗ ଭାବିବା ଦରକାର ଯେ ମୁଁ କ ଉପକାର କରିପାରିବି । ସମସ୍ତେ ଏମିତି ଭାବିଲେ ଏମିତି କାମ କଲେ ତ ପୃଥିବୀ ସ୍ୱର୍ଗ ହୋଇଯିବ ।"

ଆଗ୍ରହରେ କହିଲେ, "କଳିକାଳରେ କଏ ଏମିତି ଭାବୁଛି କଏ ଏମିତି କରୁଛି ?"

"କେହି ନକରୁ, ଆପଣମାନେ କରନ୍ତୁ; ଜଣେ କଲେ ଆଉ ଜଣେ କରିବ । ପାଞ୍ଚଟିଏ କଲେ ଗାଁଯାକ ଲୋକ କରିବେ । ସତରେ, ଆପଣମାନେ ଗୋଟିଏ ସଜ୍ଜନ ସଂଘ ଗଢ଼ନ୍ତୁ । କିଛି କିଛି ଚାନ୍ଦା ଭେଦା ଦେଲେ ପାଣ୍ଠିଟିଏ ତିଆରି ହେବ, ଆପଣଙ୍କର ଏ ଅଞ୍ଚଳର ଯାହାର ଯାହା ଅଭାବ ଆପଣମାନେ ତା' ପୂରଣ କରିବେ, ଅଭାବୀ ଲୋକଙ୍କ ଦାୟିତ୍ୱ ନେଇ ତାଙ୍କୁ ଚଳାଇବେ । ନିଜ

Digitized by srujanika@gmail.com

ନିଜ ଭିତରେ ଉପକାର କରାକରି ହୋଇ ସ୍ନେହ ବଢ଼ାଇବେ । ଯେତେଦୂର ପାରିବେ ପ୍ରାଣପଣେ ଚେଷ୍ଟା କରିବେ ଯେପରି ସବୁ ବିଷୟରେ ଆପଣମାନେ ଆଦର୍ଶ ଚରିତ୍ରର ମନୁଷ୍ୟ ହେବେ ଓ ଆପଣଙ୍କର ଏ ଅଞ୍ଚଳରେ ଅନ୍ୟ ସମସ୍ତଙ୍କର ଚରିତ୍ର, ଆଚରଣ, ସ୍ୱାସ୍ଥ୍ୟ ସବୁ ଅତି ଉଚ୍ଚ ସ୍ତରର ହେବ । ଘରେ ଘରେ ଧର୍ମଗ୍ରନ୍ଥ ପଢ଼ା ହେଉ, ଖାଲି ଗଦ ଗଦ ହୋଇଯାଇ ଗୋଡ଼ିତଳେ ପଡ଼ିବା ପାଇଁ ନୁହେଁ, ସେଥିରେ ଯାହା ଲେଖାହୋଇଛି, ତାକୁ ପ୍ରତିଦିନ ନିଜର ଘରକରଣାରେ ଅବିକଳ ସେହିପ୍ରକାରେ କେମିତି ଚଳାହେବ ସେଥିପାଇଁ ଚେଷ୍ଟା କରିବା ସକାଶେ । ତା'ର ନାଁ ଯେ ଅସଲ ସାଧନା, ହଠାତ୍ ତ କରିହେବ ନାହିଁ, ଆସ୍ତେ ଆସ୍ତେ କରୁ କରୁ ବହୁତ କଥା କରିହେବ । କେତେ ଲୋକ କେତେ କଥା କରୁଛନ୍ତି, ଆପଣମାନେ ଏମିତି ଗୋଟିଏ କାମ କରନ୍ତୁ ।"

ସମସ୍ତେ ସତେ ଯେମିତି ଏକାସଙ୍ଗରେ ଆନନ୍ଦ ଉତ୍ସାହରେ ହାଉ ହାଉ ହୋଇଉଠିଲେ । କିନ୍ତୁ ପ୍ରକୃତରେ ସମସ୍ତେ ନୁହନ୍ତି । ପଛଆଡ଼ୁ ତିନି ଚାରିଜଣ ଆଗ କଳରବ ଆରମ୍ଭ କରିଦେଲେ, ସମସ୍ତେ ସା' ଦେଲେ ।

ସପନ ଛୁଆଁଳସିଂ କହିଲେ, "କାମଟା କାମ ଭଳିଆ ଆରମ୍ଭ କରାଯାଉ । ଦିନ ଠିକଣା ହେବ । ଗୋଟାଏ ଉଦ୍‌ଘାଟନ ଉତ୍ସବ ହେବ, କାହାକୁ ଜଣକୁ ସେମିତିଆ ଲୋକ ଦେଖି ବାଛିବା । ସବୁ ଖବର କାଗଜରେ ବାହାରିବ ।"

ରଘୁ ବେହେରା କହିଲେ, "ତା ସଙ୍ଗରେ ଗୋଟାଏ ଗାଁ ଯନ୍ତାଳ ଭୋଜି ବି କରାଯାଉ, ଆଉ ଚାଲୁ, ଦାସକାଠିଆ ।"

ପାଣ୍ଡୁ ମୁଖି କହିଲେ, "ଆଉ ବକ୍ତୃତା ? ହେଡ୍‌ମାଷ୍ଟ୍ରେ ତ କିଛି କହିବେ, ଏଠି ଆହୁରି କେତେଜଣ ବି କହିଲାବାଲା ବାହାରିବେ । ତେବେ ସ୍ୟାଡ୍ ଦି'ଜଣ ଜଣେ ଆସିଲେ ମାନନ୍ତା, ଧର୍ମ, ପୁରାଣ, ଚରିତ୍ର, ଇତି ନାନା ବିଷୟରେ ସେମାନେ କହନ୍ତେ ।"

ଆଶ୍ଚର୍ଯ୍ୟ କହିଲେ, "ଭାରି ଭଲ ହେବ । ଆଉ ତା ସଙ୍ଗରେ ଗୋଟିଏ ପ୍ରଦର୍ଶନୀ ବି ହେଉ । କିଛି ଖେଳ କସରତ, କୁସ୍ତି, ଦଉଡ଼ ଏସବୁ ବି ହେଉ । ଆଉ ରାତିରେ ସିନେମା । ବହୁତ ଲୋକ ଆସିବେ ।"

ଶତ୍ରୁଘ୍ନ କହିଲେ, "ଆଉ ଯଦି ଗୋଟାଏ ଲଟେରି ଫଟେରି କରାଇ ପାରନ୍ତେ, ତେବେ ଲୋକଙ୍କୁ ବି ଭାରି ଶରଧା ଲାଗନ୍ତା, ସେ କାମ ପାଇଁ ଯେତେ

Digitized by srujanika@gmail.com

ପଇସା ଦରକାର ତା ବ ଉଠିଯାଆନ୍ତା !"

ବାବୁ ତୁନ ହୋଇ ବସିଥିଲେ । ହଠ ଲକ୍ଷ୍ୟ କରୁଥିଲି । ତାଙ୍କ ମୁହଁ ଶୁଖିଯାଇଥିଲା । ହଠାତ୍ ସେ କହିପକାଇଲେ, "ଖରା ଭଲ ଉଦ୍ଦେଶ୍ୟ ଆଖି ଆଗରେ ରଖି ଗୋଟାଏ କେତେ ବଡ଼ ଉଦ୍ୟମ ଆରମ୍ଭ ହୁଏ, ତା'ପରେ ସେ ଏପରି ବାଟରେ ଯାଏ ଯେମିତି ମୂଳ ଉଦ୍ଦେଶ୍ୟର ଠିକ୍ ବିପରୀତ ।"

ହୋହା ବନ୍ଦ ହୋଇଗଲା । କ'ଣ କେଉଁଠି ଭୁଲ୍ ହୋଇଯାଇଛି, ସେମାନେ ବୋକା ପରି ମୁହଁ ଚାହାଁଚାହିଁ ହେଲେ ।

ବାବୁ କହିଲେ, "ଏସବୁ ନୈତିକ ଆଧ୍ୟାତ୍ମିକ କାର୍ଯ୍ୟ କାର୍ଯ୍ୟର ହୋ-ହା ହେଲା ଶତ୍ରୁ ।"

ଗେଣ୍ଡୁ ଜେନା କହିଲେ, "ଠିକ୍ ଠିକ୍, ସବୁ ଚୁପ୍‌ଚାପ୍ କାମ ।"

ବାବୁ କହିଲେ, "କାମ ଆଗ ହେଉ, ସେ ବଳେ ନିଜକୁ ପ୍ରଚାର କରିବ ।"

ଗେଣ୍ଡୁ ଜେନା କହିଲେ, "ସେଇଆ ପରା, କଥାରେ ସମୟ ନଷ୍ଟ, ଯାହା କରିଯିବ କରିଯିବ । ମତେ ଖରା ଭଲ ଲାଗୁଛି ।"

ଆଚାର୍ଯ୍ୟ ବାବୁଙ୍କୁ କହିଲେ, "ଏକା ଗୋଟିଏ କଥା । ଆପଣ ହୁଅନ୍ତୁ ଆମ ସଭାପତି ।"

ଅନେକେ ସେଇଆ ଅଳି ଧରିଲେ ।

ବାବୁ କହିଲେ, "ସେ ସବୁ ନାଁ ନେବାକୁ ମୁଁ ଚାହେଁ ନାହିଁ । କିନ୍ତୁ ମୁଁ ଆସୁଥିବି, ବୁଝୁଥିବି, ମତେ ଗଣନ୍ତୁ ଆପଣଙ୍କ ଭିତରୁ ଜଣେ ।" ହାତ ଯୋଡ଼ି କହିଲେ, "ମତେ ସଦାବେଳେ ଆପଣଙ୍କ ସେବକ ବୋଲି ଭାବନ୍ତୁ ।"

ଖୁସି ଆନନ୍ଦରେ ବହୁତ ଚହଳ ପଡ଼ିଗଲା ।

ଗେଣ୍ଡୁ ଜେନା ଠିଆହୋଇପଡ଼ି ହାତ ଯୋଡ଼ି କହିଲେ,

"ଅଜ୍ଞା, ଆମେମାନେ ଆପଣଙ୍କ ସେବକ । କେତେ ଭଲ କଥା ! କେତେ ପବିତ୍ର କଥା କହିଲେ, ଆପଣଙ୍କ ଆଶୀର୍ବାଦ ଥିଲେ କଣ୍ଟ ହେଲେ କାମ ଆମଦେଇ ହେବ ।"

Digitized by srujanika@gmail.com

ହଟରର ଗୁଣ୍ଡ କୁଣ୍ଠେମାନ ହୋଇଗଲା । ସେ ଭାବୁଥାଏ, ସତେ କ'ଣ ଏ ବାବୁ ମନୁଷ୍ୟ ନା ଦେବତା । ଗେଣ୍ଡୁ ଜେନା ଠରଳଗଲେଣି, କଥା ଦେଖିଲେଣି । ସେ ଖାଲି ଧର୍ମ କ ପ୍ରଚାରୀ ନୁହନ୍ତି, ତାଙ୍କ ଖଷପୁରେ କେତେ କଥା ଶୁଣାଯାଏ, ଗୁଣ୍ଡିରୁ ରକ୍ତ ଶୁଖିଯାଏ । ଧର୍ମର ତେଜ ଏମିତିଆ । ପାଷଣ୍ଡ ବି ସନ୍ଥ ହୁଏ । ହୁଏତ ନଖୀର ବାହାଘର ପାଇଁ ସେମାନେ ସାହାଯ୍ୟ ଦେବେ, ଟଙ୍କା ଅଭାବରୁ ଅଟକିବ ନାହିଁ । ତା'ର ଆଶା ବଢ଼ିବା ସଙ୍ଗେ ସଙ୍ଗେ ତାକୁ ଲାଗିଲା ସେ ଉନ୍ନତତର ଜୀବନର ସନ୍ଧାନ ପାଇଛି । ନିଜକୁ କଳି ଭାବିଗଲା ସେ ତା'ର ଗୋଟାଏ ଖରାପ ଅମଳ । "ସତେ କ'ଣ ମୋ ଦେଇ ଗଞ୍ଜେଇ ଅମଳଟା ଗୁଡ଼ ହେବ ନାହିଁ ?" ବାବୁଙ୍କ ପାଖରେ ଥାଇ ସେ କଥା ଭାବିଲାବେଳକୁ ତାକୁ ଲାଜ ମାଡ଼ୁଥାଏ ।

ତା'ର ଭାବନା ଭଙ୍ଗ କରି ଚପରାସୀ ଭଗି ଆସି ତା' କାନରେ ହାତ ଥୋଇ ଫୁସ୍ ଫୁସ୍ କରି କହିଲା, "କେବେ ଝଟେନ କାଟେନ ନାହିଁ ଆଜି କାହିଁକି ମୋ' ଉପରେ ରାଗିଚୁ କହିଲୁ ? ଗେଲରେ ଗେଲରେ କ'ଣ କହିଦେଲି ବୋଲି ଏମିତି ଗଣ୍ଡି ଫଟାଇ କଥା ଧରିଲୁ ? ଆଇଲୁ ଆଇଲୁ, କୁକୁଡ଼ା ହ'ଟା ଟିକିଏ ଲୁଟେଇ ଦେ ଆଉ ମସଲାଟା—"

ହଟରର ରାଗ ପାଣି ହୋଇଗଲା । ଭୂଷ୍ ଭୂଷ୍ ହୋଇ ତା' ଆଗେ ଆଗେ ଚାଲି ଯାଉ ଯାଉ କହିଲା, "କିଏ କାହିଁକି ରାଗିବ ଭାଇ ତୋ ଉପରେ ?"

ମସଲା ବାଟୁଥାଏ ଆଉ ବାବୁଙ୍କ କଥା ଭାବୁଥାଏ । ତାଙ୍କ ଗୁଣ ବାହୁନିବାକୁ ତାଠିଁ ଭାଷା ନାହିଁ । ଶହ୍ଲା ଦୁନିଆଁ ଭିତରେ ସେ ଜଣେ ଅତି ଆଶ୍ଚର୍ଯ୍ୟ ପ୍ରକାରେ ଉଚ୍ଚ ମଣିଷର ପରିଚୟ ପାଇଛି । ସବୁ ଭଲ ଗୁଣ ତାଙ୍କୁ ବିଧାତା ଦେଇଛି । ସେ ତାଙ୍କର ଆଗରେ ଆପଣା ଦୁଃଖ ଗୁହାରି କରିବ । ସେ ବୁଝିବେ । କେତେବେଳେ କରିବ ? ଆଜି ନୁହେଁ କାଲି ସକାଳେ । ବାବୁ ଏକୁଟିଆ ଥିଲାବେଳେ ।

ଖିଆପିଆ ସରିଲା । ଭଗି ତା' ଉପରେ ଯେତେ କାମ ଲଦିଲା ସବୁ ସେ ଅତି ଆନନ୍ଦ ଉତ୍ସାହରେ କରିଗଲା । କାରଣ ସବୁ ସେ ବାବୁଙ୍କର କାମ; ତାଙ୍କରି ପାଦତଳେ ସେ ତା' ପ୍ରାଣ ଝଳ ଦେଇଛି । ତାଠିଁ ପରମ ଆନନ୍ଦକର ଦାସ୍ୟ-ଭାବ । ସେ ତାଙ୍କ ସାନ୍ନିଧ ଖୋଜୁଛି ।

Digitized by srujanika@gmail.com

ବାବୁ ପଦାକୁ ବାହାରିଲେ । ଦାଣ୍ଡ ପିଣ୍ଡାରେ ଚଉକିରେ ଲୀନ ହୋଇ ବସିଲେ । ଭଗି କୁଆଡ଼େ ଯାଇଛି କ କ'ଣ, ଦିଶୁନାହିଁ । ବାବୁ ନ ଦେଖିଲା ପରି ଗୋଟାଏ ଖୁଣ୍ଟ ତଳ ଅନ୍ଧାରରେ ବସି ହଟ ତାଙ୍କୁ ହିଁ ଲକ୍ଷ୍ୟ କରୁଛି । ହଠାତ୍ ସେ ଭାବିଲା ଏଥର ସେ ତାଙ୍କ ଆଗରେ ନିଜର ସବୁ ଦୁଃଖ ଗାଇଦିବ । ସେ ଗଳା ଖଙ୍କାରିଲା ।

ବାବୁ ପଚାରିଲେ, "ସେଠି କିଏ ?"

"ହଜୁରେ ମୁଁ ହଟ ।"

"ଡେରି ହେଲାଣି ଶୋଇବ ଯାଅ, ଦିନଯାକ ତ ମୋ ପାଇଁ ବହୁତ କଷ୍ଟ ପାଇଛ । ଆଜି ମୋର କିଛି ଦରକାର ନାହିଁ ଯେ ।"

"ହଜୁରେ ମୁଁ ଏଇଠି ଏ ପିଣ୍ଡାରେ କାନ ପାରି ଗଡ଼ପଡ଼ିବ । ହଜୁରଙ୍କୁ ଛାଡ଼ି କୁଆଡ଼େ ଯିବ ?"

ବାବୁ କହିଲେ "ନାଇଁ ନାଇଁ କିଛି ଦରକାର ନାହିଁ ।"

"ହଜୁରେ ଏ୍ୟା ନାଁ ଗୋଟାଏ କଥା ? ମୋ ପ୍ରାଣ କମିତି ସହିବ ?" "ତୁମେ ଯିବଟି, ଗଲ ।" ବାବୁଙ୍କ ସ୍ୱର ଆଦେଶ ପରି ଶୁଭିଲା, "ତୁମେ ବସାକୁ ଯାଇ ଶାନ୍ତିରେ ଶୋଇଲେ ମୁଁ ନିଶ୍ଚିନ୍ତ ହେବ, ସକାଳକୁ ପୁଣି କେତେ କାମ ।"

ହଟ ଉଠିଗଲା । ବାବୁଙ୍କ ପ୍ରତି ତା'ର ଭକ୍ତି, କୃତଜ୍ଞତା, ସ୍ନେହ ଆହୁରି ବଢ଼ିଯାଇଥାଏ । ଭାବୁଥାଏ ସେ ନିଜେ କେଡ଼େ ଅନ୍ଧ, ଏ ବାବୁ ଏହା ଆଗରୁ ତିନି ଚାରି ଥର ଆସିଛନ୍ତି, ସେ ତାଙ୍କୁ ସାଧାରଣ ବୋଲି ଭାବିଛି, କେବେ ଚିହ୍ନିବାକୁ ଚେଷ୍ଟା କରିନାହିଁ । ମନେପଡ଼ୁଥାଏ, ବାବାଜମାନେ ଧ୍ୟାନରେ ବସିବାକୁ ଆରମ୍ଭ କଲାପରି ବାବୁ ବସିଛନ୍ତି । ବାବାଜି ସେ ଦେଖିଛି, ତାଙ୍କଠୁଁ କଥା ଶୁଣିଛି, ଗୋରୁ ହଜିଲେ କି ଟଙ୍କା! ଅଭାବ ପଡ଼ିଲେ କି ଆଉ କେଉଁ କାରଣରୁ ମନରେ ଉଦ୍‌ବେଗ କି ନୈରାଶ୍ୟ ଆସିଲେ ସୁବିଧା ପାଇଲେ ସେମାନଙ୍କୁ ପଚାରେ, ଭକ୍ତି ଜଣାଇ କଥା ଶୁଣି ଆଶ୍ୱସ୍ତ ହୁଏ । ସେ ଭାବୁଥିଲା ଏ ବଳି ବଳି ଅନ୍ଧାର ମଝି ରାତିରେ ଦାଣ୍ଡ ପିଣ୍ଡାରେ ଏକୁଟିଆ ବସି ବାବୁ ବି ସେମିତି କିଛି ଲୟ ଲଗାଉଥିବେ, ତେବେ ସେ ତ ଖାଲି କଥାର ମଣିଷ ନୁହନ୍ତି, କାମର ମଣିଷ, ସେ ଭାବୁଥିବେ କଣ କଲେ ଏ ସଂସାରର ମଙ୍ଗଳ ହେବ, ଦୁଃଖୀ ରଙ୍କି ବଞ୍ଚିବେ, କଳିଗୋଳ ତୁଟିବ ।

Digitized by srujanika@gmail.com

ହଟ ତା' ଯନ୍ତ୍ରଣାରେ ପଡ଼ିରହି ଛଟପଟ ହେଉଥାଏ । ମଶା ତ ନିତିଦିନେ ବେଢ଼ନ୍ତି, ସେତେବେଳେ ବି ବେଢ଼ିଥିଲେ, ସେକଥା ସେ ଭାବୁ ନଥିଲା । ବାବୁଙ୍କ ସ୍ମୃତି ତା' ମନରେ କେତେ ନୂଆ ଭାବ ଉପୁଜାଇଥିଲା । ସେ ଭାବୁଥାଏ, ଏ ଅଞ୍ଚଳରୁ ଏତେ ଉଚ୍ଚଦରର ମଣିଷ ଉଭୁରୁ ନାହାନ୍ତି କାହିଁକି ? ଆଗେ ତ ସାଧୁ ସନ୍ଥ ଏଠି ଥିଲେ, ତାଙ୍କର ସମାଧି ଗାଦି କେତେ ଚିହ୍ନ ରହିଛି । ଆଜି ଭାବୁଥାଏ, ଏହି ଯେଉଁ ଏତେ ବଡ଼ କଥା କରି ବୋଲି ବାବୁ କହିଗଲେ, ଲୋକେ ହିଁ କଲେ, ସତେ ସତେ ଯଦି ହୋଇପାରନ୍ତା, ତେବେ କେତେ ଭଲ ହୁଅନ୍ତା ! ଦିନୁଦିନ ସ୍ନେହ ପ୍ରୀତି ବି କୁଆଡ଼େ ଗଲାଣି । ଆଗେ ଲୋକେ ମାଗିଲେ ମିଳୁଥିଲା, ଏବେ କ୍ୱଚିତ୍ । କାହା ପିଣ୍ଡାରେ ବସିଲେ ପାନ ଖଣ୍ଡେ ବି ନାହିଁ । କେତେ ପ୍ରକାରେ କୁଟ କପଟ ମିଛ ଠାଉଠରା ବଢ଼ୁଛି, ସେ ତ ଜାଣ ଅଗରେ । ଅବଶ୍ୟ ଅଛନ୍ତି କେହି କେହି ଜଣେ ଅଧେ, ସେମାନେ ଭଲ ବାଟରେ ଚାଲନ୍ତି; କିନ୍ତୁ ମୁହଁକୁ ତଳକୁ ପୋତି ଚାଲନ୍ତି, ଚିହ୍ନା ପଡ଼ନ୍ତି ନାହିଁ, କିନ୍ତୁ ତାଙ୍କ ଭିତରୁ ଜଣକୁ ହେଲେ ସେ ବାବୁଙ୍କ ସମକକ୍ଷ ବୋଲି ଭାବି ପାରିଲା ନାହିଁ । ସେମାନେ ଅତି ସାଧାରଣ ଚିହ୍ନା ଲୋକ, ନଥିବା ଲୋକ, ଏ ଚେହେରା, ନା ଏ ଭାବଭଙ୍ଗୀ, ନା ଏ ଧନ, ଏ କ୍ଷମତା ? ତାଙ୍କ ଦେଇ ଶାଗ ସିଝିବ ନାହିଁ ।

ସେ ଗୋଟାଏ ଆନନ୍ଦର ଭବିଷ୍ୟତ କଳ୍ପନା କରୁ କରୁ ଶୋଇପଡ଼ିଥିଲା । ତା' ପରେ ତା' କାନ ପାଖେ ଚଞ୍ଚା କୁକୁଡ଼ା ବୋବାଇଲା । ସେ ଉଠିପଡ଼ିଲା । ସିଧା ଚାଲିଲା ଦାଣ୍ଡ ପିଣ୍ଡାକୁ । ବାବୁଙ୍କ ସାନ୍ନିଧ୍ୟ ପାଇଁ ଆଗ୍ରହ ତାକୁ ଓଟାରି ନେଉଥାଏ । ଏଇ ବେଳକୁ ବାବାଜୀମାନେ କହନ୍ତି ବ୍ରାହ୍ମ ମୁହୂର୍ତ୍ତ, ସେ ଭାବୁଥାଏ । ଆଉ ଘଣ୍ଟାଏ ଗଲେ ସକାଳ ହେବ । ଭାଗ୍ୟ ଥିଲେ ବାବୁଙ୍କ ମୁହଁ ଦେଖି ସେ ସକାଳଟା ଆରମ୍ଭ କରିବ । ନିତ୍ୟକର୍ମ ସାରି ସେ ଚାହା ଖାଉଥିବେ ଏତିକିବେଳେ ସେ ତା' ଦୁଃଖ କହିବ । କିଛି ନାହିଁ, ତା' ଝିଅ ବୋଝ ଉଠିଗଲେ ସେ ନିଶ୍ଚିନ୍ତ ହୁଅନ୍ତା, ନ ହେଲେ ଚିନ୍ତା ତା' ରକ୍ତ ମାଉଁସ ଝୁଣି କରି ଖାଉଛି । ବଜାରି ଜାଗା, ଲଫଙ୍ଗା ପିଲା ପଲ, ମିଛଟାରେ ହେଲେ କିଏ କ'ଣ ଅପବାଦ ଉଠାଇଦେଲେ ମହତ୍ ସରିଲା । ସେ କହିବ, ହଜୁରେ, ମଣିଷ ନିଶ୍ଚିନ୍ତ ନିର୍ଭୟ ନ ହେଲେ ଦିନ ରାତି ଖାଲି ନରକ ଯନ୍ତ୍ରଣା, ସତେ ଯଦି ହଜୁରଙ୍କ ଦୟାରୁ ଏଠି ଏମିତି ଗୋଟିଏ ସାଧୁ ସମାଜ ଗଢ଼ା ହେବ, ଆଜି ସେ ଗରିବକୁ ଟିକିଏ ନିଶ୍ଚିନ୍ତ ନିର୍ଭୟ କରାହେଉ, କେତେ କେତେ ମହାଜନମାନେ ବସିଛନ୍ତି, ହାତ ଟେକି କିଛି କିଛି ସାହାଯ୍ୟ

Digitized by srujanika@gmail.com

ଦେଲେ କ'ଣ ସରିଯିବ ?

ହଜୁରରେ ହସିବେ, କହିବେ "ହଉ ।"

ମିଞ୍ଜି ମିଞ୍ଜି ଲଣ୍ଠଣ ଧରି ସେ ଆଗ ବଙ୍ଗଳା ଗ୍ଭରକରେ ବୁଲିଆସିଲା । କେଉଁଠି କେହି ନାହାନ୍ତି । ଥରେ ଅଧେ ଏଣ୍ଡୁକବେଳେ ବଙ୍ଗଳା ହତା ଗଛରୁ ନଡ଼ିଆ ପାଚି ନେଲାବେଳେ ସେ ଧରିଛୁ । ତା'ପରେ ସେ ପିଣ୍ଡାକୁ ଉଠିଲା । ବାବୁ ଶୋଇଥିବା ବଖରା ଆଗର ପିଣ୍ଡାରେ ଟିଆହେଲା । ଝରକା କବାଟ ବନ୍ଦ । "ଶୁଅନ୍ତୁ, ଶାନ୍ତିରେ ଶୋଇଥାନ୍ତୁ, ବିଧାତା ତାଙ୍କର ମଙ୍ଗଳ କରନ୍ତୁ", ସେ ମନେ ମନେ କହିଲା । ଭିତରୁ ଖଡ୍‌ଖାଡ୍ ଖସ୍‌ଖାସ୍ ଶବ୍ଦ ଶୁଭିଲା । ବନ୍ଦ ହେଲା, ପୁଣି ବାରମ୍ବାର ଶବ୍ଦ । ସେ ମୂଷାମାନଙ୍କ ଉପରେ ବିରକ୍ତ ହେଲା । ସେଗୁଡ଼ାକ ପ୍ରବଳ ହେଲେଣି, ହେଇ କେମିତି ଚିଁ ଚିଁ ଯାଇଁ ଯାଇଁ କଳକଳ ଜଳକଳ, ଏ ଶବ୍ଦରେ ବାବୁଙ୍କର ନିଦ ଭାଙ୍ଗିଯିବ । ପୁଣି କ'ଣ ଝଣଝଣ କଟ୍‌କଟ୍ ଧଡ଼୍‌ଧାଡ଼୍, ଦୁମ୍ । ଯାଃ ବାବୁ ବୋଧହୁଏ ମୂଷା ଦାଉରେ ଉଠିପଡ଼ି ପଡ଼ିଗଲେ କି କ'ଣ । ଭିତରୁ କବାଟ ଖୋଲିଲା । ସେ ହାତର ଲଣ୍ଠଣଟା ଟେକିଦେଇ ଆଗେଇଗଲା । ଘର ଭିତରୁ ବାହାରି ଆସୁଥିଲା ଗୋଟାଏ ସ୍ତ୍ରୀ ଲୋକ, ତା' ପଛଆଡ଼େ ଥିଲେ ବାବୁ ।

ରାଗରେ ହଟର ଆଖିରୁ ନାକରୁ ନିଆଁ ବାହାରିଲା । ସେ ଲଣ୍ଠଣଟାକୁ ଉପରକୁ ଟେକିଦେଲା । ଚହ୍ନିଲା, ରୂପେଇ । ବର୍ଷେ ହେଲା ଦକ୍ଷିଣଆଡ଼ୁ କୁଆଡ଼ୁ ସେ ଆସିଛି । ସଡ଼କ ଉପରେ ମଦ ଦୋକାନ ପାଖରେ ଖଣ୍ଡେ ପାନ ଗୁଳିଆ ଟେକିଥାଏ । କିଏ ଡାକିଲେ ମୂଲ ବି କେବେ କେବେ ଲାଗେ । ତା' ଗୁଣରୁ ତାକୁ ସେଠି ସମସ୍ତେ ଚହ୍ନନ୍ତି । ରୂପେଇ ପଛେଇ ପଛେଇ ଭିତରକୁ ଭିତରକୁ ଦୁଝିଗଲେ । ହଟ ଏଣେ ପୁରୁଷ ପରି ଭିତରକୁ ପଶିଲା । ବାବୁ ଗୋଟାସୁଦ୍ଧା ଥରୁଛନ୍ତି । ମୁହଁ କଳାକାଠ । ତା' ହାତ ଧରିପକାଇଲେ । ସେ ହାତ ଛୁଆଡ଼ିଦେଲା । ଲମ୍ବ ହୋଇ ତଳେ ପଡ଼ିଯାଇ ତା' ବଳାଗଣ୍ଠିକି ହାତରେ ମୁଠେଇ ଧରିଲେ । ସେ ଗୋଡ଼ ଛୁଆଡ଼ି ଦେଇ କହିଲା "ଛି ତମ ମୁହଁକୁ ।" ପଛକୁ ଅନାଇଲା, ରୂପେଇ ଗଲେଣି ।

ହଟ ପଦାକୁ ବାହାରିଆସିଲା ।

ଭିତରେ ବାକ୍ସ ତାଲା ଖୋଲିବା ଶବ୍ଦ ହେଲା । ଟର୍ଚ୍ଚ ଧରି ବାବୁ ପଦାକୁ ଆସିଲେ । ତା' ହାତକୁ ଯୋଡ଼ାଏ ଦଶ ଟଙ୍କିଆ ନୋଟ୍ ବଢ଼ାଇ ଦେଲେ । ସେ

Digitized by srujanika@gmail.com

ମୁଠେଇ ଧରିଲା କିନ୍ତୁ କୃତଜ୍ଞ ହେଲା ନାହିଁ । ତା' ମୁଣ୍ଡ ଭିତର ଗୋଳମାଳ ହୋଇଯାଇଥାଏ ।

ଟଙ୍କା ଦେଇ ବାବୁଙ୍କ ଆତ୍ମବିଶ୍ୱାସ କିଛି ଅଳ୍ପ ଫେରି ଆସିଥାଏ । ଡାକିଲେ, "ହିଟ !" ପାଟି ଥରୁଥାଏ ।

ସେ ଦୁଆର ମୁହଁକୁ ଗଲା ।

ସେ କହିଲେ, "କାହାକୁ କହିବ ନାହିଁ ।"

ସେ ନିରୁତ୍ତର ହୋଇ ରହିଲା ।

ସେ କହିଲେ, "ମନେ ରହିଲା ?"

ସେ ତଥାପି ନିରୁତ୍ତର ।

ହୁଏତ ତା'ର ଉତ୍ତର ସେ ତା' ହାବଭାବରୁ ଜାଣିପାରୁଥିଲେ । ତାକୁ ବୁଝେଇବାକୁ ଚେଷ୍ଟା କରି କହିଲେ, "ଆମେ ସମସ୍ତେ ମଣିଷ, କେହି ଦେବତା ନୁହେଁ । ମଣିଷ ପୁରାଣ ପଢ଼ିବ ବୋଲି କ'ଣ ଝାଡ଼ା ମାଡ଼ିଲେ ଝାଡ଼ାଫେରି ଯିବ ନାହିଁ ?"

ଏ ଯୁକ୍ତି ଯେତେ ସତ ହେଲେ ସୁଦ୍ଧା ଭାରତବର୍ଷର ଯୁଗ ଯୁଗର ବୁନିଆଦି ଧାରଣାରେ ଗଢ଼ାହୋଇଥିବା ହିଟ ମଳିକର ମନକୁ ତା' ପାଇଲା ନାହିଁ । ତା' ନିଜଠିଁ ଯେତେ ଦୋଷ ଦୁର୍ବଳତା ଥାଉ ପଛେ ସେ ଭାବେ ଯେ ଯାହାକୁ ସେ ଭକ୍ତି କରିବ ତାଙ୍କଠିଁ ସେ ଦୋଷ ଦୁର୍ବଳତା ନଥିବ, ଖାଲି ତାଙ୍କ ବାହାର ଶୁଦ୍ଧ ଓ ଉନ୍ନତ ହେଲେ ଚଳିବ ନାହିଁ, ଆନ୍ତର ବି ଶୁଦ୍ଧ ହୋଇଥିବ । ବୁଦ୍ଧି ବିଦ୍ୟାରେ ସେ ଯେତେ ପାରିବାର ହୋଇଥାନ୍ତୁ, ତାଙ୍କଠିଁ ଆଉ ଯେତେ ଯାହା ଭଲ ଗୁଣ ଥାଉ, ଯଦି ସେ ଦୁଷ୍ଚରିତ୍ର, ଜାତିଭ୍ରଷ୍ଟ, ଆଚାରଭ୍ରଷ୍ଟ ସେ ତାକୁ ଭକ୍ତି କରିବ ନାହିଁ । ଅକଳରେ ପଡ଼ିଲେ ଡରିଯାରେ ।

କିନ୍ତୁ ଏ ବାବୁଙ୍କୁ ଆଜି ଡରିବାକୁ ତା'ର କୌଣସି କାରଣ ନଥିଲା, ତା' ଆଖି ଆଗରେ ସେ ହେୟ, ଘୃଣ୍ୟ ।

"କିଛି କହିଲ ନାହିଁ ଯେ । ମୋ ମାନକୁହା ରଖିବ ନାହିଁ ? ମୋ ଇଜ୍ଜତ ମହତ—"

Digitized by srujanika@gmail.com

ଗାଉଁ ଗାଉଁ ହୋଇ ହଟ କହିଲା, "ଏସୁ ବଙ୍ଗଳାରେ ସେ ଧିଟ ନାଟ ବଗଡ଼ କାମ ଚଳିବ ନାହିଁ ଜାଣିଥା । ହୁଁ ।"

ବାବୁ ବେକ ଭାଙ୍ଗି ଦେଇ ଘର ଭିତରକୁ ପଶିଗଲେ । ଘର ଭିତରେ ଆଲୁଅ ଜଳିଲା । ତା' ପରେ ଖସ୍‌ଖାସ୍ ଧଡ଼୍‌ଧାଡ଼୍ ଶୁଭିଲା । କିଛି ସମୟ ପରେ ବାବୁ ଗମ୍ଭୀର ସ୍ୱରରେ ଡାକିଲେ, "ଚୌକିଦାର୍ । ମୋ ଚପରାସୀକି ଉଠେଇ ଦେ । ବଙ୍ଗଳା ବନ୍ଧ କର୍ । ମୁଁ ଯିବି । ରେଲ୍ ଟାଇମ୍ ହୋଇଯାଉଛି ।"

ହଟ ଯାଇ ସେ ମୁଣ୍ଡ କୋଠରୀରେ ଭଗିଆକୁ ଉଠାଇଦେଲା । ଭଗିଆ ନିଦ ମଳି ମଳି ଆଖିକି ରଗଡ଼ ରଗଡ଼ ଉଠି ପଡ଼ି କହିଲା, "କ'ଣ କହିଲୁ ? ବାହାରିଲେଣି ? କୁଆଡ଼େ ଯିବେ ? କୋଉ ରେଲ୍‌ରେ ଯିବେ ? କାହିଁ ମତେ ତ କିଛି କହିନାହାନ୍ତି । ଆମର ପରା ଆଉ ଦି'ଦିନ ଏଠି ପ୍ରୋଗ୍ରାମ ଅଛି । ହେ, ଶୁଣି ଯାମ, ଆରେ ଆମେ ପରା କାଲି ଯାଇଥାନ୍ତେ ପାଚପଡ଼ା ? ଏଃ, ଏ ପାହାନ୍ତିଆ ନ ହଉଣୁ ଉଠେଇଦେଲୁ ?"

ହଟ ସେଠୁ ଚାଲିଆସିଥିଲା । ଆଲୁଅ ଧରି ମିଳେଇ ମିଳେଇ ଦେଖିଥିଲା ସେ ଡାକବଙ୍ଗଳାର ଯେତେ ଜିନିଷ ସେମାନେ ବ୍ୟବହାର କରିଥିଲେ ସବୁ ଠିକ୍ ଅଛି ନା ନାହିଁ । ସେମାନଙ୍କ ଉପରେ ତା'ର ବିଶ୍ୱାସ ତୁଟିଯାଇଥିଲା । ଭଗିଆକୁ ସେ ଅତି ନୀଚ ଅତି ଝଗଡ଼ା ଲୋକ ବୋଲି ଭାବୁଥିଲା ।

ଭଗିଆ ଆସି କାନ ପାଖେ ଫୁସ୍ ଫୁସ୍ କରି କହିଲା, "ଟିକିଏ ଜିନିଷ ଧରି ପହଞ୍ଚେଇ ଦେଇ ଆସନ୍ତୁ ନାହିଁ ? ଆରେ ବାବୁ ଦେବେ ମ ।"

ହଟ ପିଠି ବୁଲେଇ ଦେଇ ଠିଆହେଲା ।

ସେ ଦୁହେଁ ଚାଲିଗଲେ, ଆଗେ ଆଗେ ବାବୁ, ପଛରେ ବିଛଣା ସୁଟ୍‌କେସ୍ ବୋହି ଭଗିଆ । ବାବୁ ସିଧାହୋଇ ଚାଲୁଥାନ୍ତି, ସଳଖ ବେକ, ମୁହଁ ଗମ୍ଭୀର, ପାଟିରେ ସିଗାରେଟ୍ । ସତେ ଯେମିତି ତାଙ୍କର ସବୁପାକ ମର୍ଯ୍ୟାଦା ଆଉ ଦାୟିତ୍ୱ ସେ ବୋଝପୁର ହୋଇ ଚାଲିଛନ୍ତି ।

ସେମାନେ ଚାଲିଗଲା ପରେ ହଟର ଉତ୍ତେଜନା ବି ଚାଲିଗଲା । ତାକୁ ଦୁର୍ବଳ ଦୁଃଖିତ ଆଉ ଉଦାସ ଲାଗିଲା । ସେ ପିଣ୍ଡାରେ ନଥିକିନା ବସିପଡ଼ିଲା । ଅନ୍ଧାର ପାତଳ ହୋଇ ଅପସରିଗଲାଣି । ଆଲୁଅ କି ସଜ କି ସ୍ୱଚ୍ଛ । ଶଳିକାଆଡ଼କୁ ମାଳ ମାଳ ଚଢ଼େଇ ଉଡ଼ିଲେଣି । ଦୁନିଆଁ ଚେଇଁ ଉଠୁଛି ।

Digitized by srujanika@gmail.com

ସେ ନିଜ କଥା ଭାବୁଥାଏ, ସେ ଖାଲି ଚୌକିଦାର, ପ୍ରକାର ପ୍ରକାର ଲୋକ ଆସୁଥିବେ, ଏ ବଙ୍ଗଳାରେ ରହୁଥିବେ ଦିନେ ଅଧେ, ଚାଲିଯାଉଥିବେ, ସେ ଥିବ, ଦେଖୁଥିବ । ଦେଖିଛି ତ । ଲୋକ ଦେଖିଛି, ମଣିଷ କାହାନ୍ତି ?

ତା' ହେଲେ କ'ଣ ଦୁନିଆଁ ଆଉ ବଦଳିବ ନାହିଁ ? ଖାଲି ଅସମ୍ଭବଟା ସମ୍ଭବ ହେବ ବୋଲି ଆଶା କରି କରି ଖଞ୍ଜଣି ବାଡ଼େଇ ଭଜନ ବୋଲି ବୋଲି ଦିନ ସରିଯିବ ? ଆଉ ଏମିତି ସବୁ ବଡ଼ି ବଡ଼ି ଚାଲିଥିବ ? ବାଦ, ଛେଦ, ହିଂସା, ମିଛ, ପେଞ୍ଚ ? ଖାଲି ପେଟ୍ଟା ଶିଙ୍ଘରେ ଯେ ମାଟି ଖୋଳୁଥିବେ, ଯେ ହାରିଗଲା ଯେ ପଡ଼ିଗଲା ତାକୁ ସାହା ହେବାକୁ ଆଗକୁ କେହି ନାହିଁ, ପଛକୁ କେହି ନାହିଁ ?

ସୂର୍ଯ୍ୟ ଉଇଁ ନ ଥାଏ । ଦୂରରୁ ସଂକୀର୍ତ୍ତନ ଶୁଭିଲା । ସକାଳଟା ସତେ ଯେମିତି ଏଇଥିପାଇଁ ଅପେକ୍ଷା କରିଥିଲା । ଏଥର ସେ ଜୀବନ ପାଇଲା । ହଟ ଫାଟକ ପାଖକୁ ଗଲା । ସଂକୀର୍ତ୍ତନ ଡାକବଙ୍ଗଳାକୁ ଆସିଲା । ପନ୍ଦର କୋଡ଼ିଏ ଜଣ ଲୋକ, ତହିଁରେ ଅନେକେ ଯେଉଁମାନେ ରାତିରେ ଆସିଥିଲେ । ଗାଧୋଇ ପାଧୋଇ ଚନ୍ଦନ ନାଇ ଫୁଲମାଳ ପକାଇ ସେମାନେ ଆସିଛନ୍ତି । ସମସ୍ତଙ୍କ ମୁହଁ ପ୍ରଫୁଲ୍ଲ । ବଙ୍ଗଳା ହତାରେ ଠିଆ ହୋଇ ସେମାନେ ସଂକୀର୍ତ୍ତନ କଲେ । ଥନ୍ତଲପେଟିଆ ଶତ୍ରୁଘ୍ନ ଆଉ ଗେଣ୍ଡୁ ତେଜନା ଅନ୍ୟମାନଙ୍କ ସଙ୍ଗେ ମିଶି କରୁଛି ସମସ୍ତ ବାହାଟେକ ଉଦ୍ଦଣ୍ଡ ନୃତ୍ୟ କଲେ । ତା ପରେ ସଂକୀର୍ତ୍ତନ ବନ୍ଦ ହେଲା ।

ଆଶ୍ଚର୍ଯ୍ୟ ହଟକୁ ପଚାରିଲେ, "କିରେ ହଟ, କେହି କ'ଣ ନାହାନ୍ତି ?"

"କାହିଁକି ? ଆମେ ସମସ୍ତେ ତ ଥାଇଁ ଆପଣେ । ଆଉ କିଏ ନାହିଁ ?"

"କିରେ ବାବୁ କାହାନ୍ତି ମ ? ଆମର ସବୁ ଆଜିଠୁଁ ସଜ୍ଜନ ସଙ୍ଘ ହେଲାରେ ? କାଲି ରାତିରେ ଏଠି କଥା ହୋଇ ପୁଣି ଠାକୁରାଣୀଙ୍କ ମଣ୍ଡପରେ ଏକାଠି ବସିଗଲୁଁ । ସେଇଠୁ ତ ହେଲା ଆଉ କ'ଣ ?"

ହଟ ଉଲ୍ଲସିତ ହେଲା । କହିଲା, "ହେବ ନାହିଁ, ଗାଁ ଯାଇ ସମସ୍ତେ ବସିଲେ ? କୋଉ କଥା ଅଟକିବ ?" କଣ କଣ ହେଲାଣି ନା ଏଇ ସଂକୀର୍ତ୍ତନରୁ ଆରମ୍ଭ ?

ଶତ୍ରୁଘ୍ନ କହିଲେ, "ବହୁତ ବହୁତ କଥା ହୋଇଗଲାଣିରେ ହଟିଆ, କାଲି ରାତି ଅଧ ହୋଇଛି । ମାଛ ଜାଣ ବାଡପୁରେ କେତେ କଳି ଛୁଟିଗଲାଣି, କୋଉ ମାହାତା ଅମଳର କେତେ ମନ ଫଟାଫଟି ତୁଟିଗଲାଣି । କେତେ ସୀମା

Digitized by srujanika@gmail.com

ସରହଦ ଗଣ୍ଡଗୋଳ, କେତେ ମାଲମକଦ୍ଦମା ଆପୋଷରେ ତୁଟିଗଲେଣି, ଗାଁ ଯାକ ବାଡ ବାଡ଼ ଥିଲା ଅଇଛା ନାହିଁ । ଆଜି କିଛି ଗରିବଗୁରୁବା ଦୁଃଖୀରଙ୍କଙ୍କ କାମ ହେବ । ବାବୁ କୁଆଡ଼େ ଗଲେ ?”

ହଟ ନବଜ କରି କହିଲା, “ଉଡ଼ା ଚଢେଇ କୁଆଡ଼େ ଉଡ଼ିଗଲେ, ସେ କୋଉ ଏ ମାଟିର ? କ’ଣ ମନ ହେଲା, ଘରରୁ ଉଠି ରେଲ ଚଢ଼ି ଛୁ । ସେ ଯାଆନ୍ତୁ, କୋଉ ସବୁଦିନେ ଥିଲେ ?”

ସମସ୍ତଙ୍କ ମୁହଁ ମଉଳିଗଲା । ଗେଣ୍ଡୁ ଜେନା କହିଲେ, “ମଲା, ଏତେ ଭଲ କଥା କହୁଥିଲେ ଏତେ ଉତ୍ସାହ ଦେଉଥିଲେ କାହାରିକି କିଛି ନ କହି ନ ପୋଛି ଚାଲିଗଲେ ?”

ହଟର ମନେପଡ଼ିଗଲା ବାବାଜିଙ୍କ ତୁଣ୍ଡରୁ ଶୁଣିଥିବା କଥା, କହିଲା “ଶୁଆ ରାମନାମ ପଢ଼େ ବୋଲି କ’ଣ ବୁଝେ ? ଏ ଦୁନିଆଁରେ ମଣିଷ ବି ଥୋକେ ସେମିତି ଥାଆନ୍ତି । ହକୁରେ, ବିଧାତା ତାଙ୍କୁ ଗଢ଼ିଛି ରାମନାମ ଗାଇ ଗାଇ ପରକୁ ଶୁଣେଇବା ପାଇଁ, ଆପେ ସାଧିବା ପାଇଁ ନୁହେଁ । ଫେର୍ ଯେବେ ଯାଡ଼େ ଆସିବେ ଆହୁରି ଗାଇ ଶୁଣାଇବେ ନାହିଁ କି ? ତା’ ବୋଲି ଆମରି କାମ ଅଟକିବ ?”

ଗେଣ୍ଡୁ ଜେନା କହିଲେ, “ଠିକ୍ ଠିକ୍ । ଠାକୁରାଣୀ ଆଗରେ ମାନସିକ କରି ଆମର ଯେଉଁ ଯାହା ଆରମ୍ଭ ହୋଇଛି ସେ ଅଟକିବ ନାହିଁ । ଆମ କାମ ତ ଆମେ କରିବା, ଆଉ କିଏ ପର ଆସି କରିଦେବ ? ଚାଲ ଚାଲ, ସେଇ ଠାକୁରାଣୀ ଆଗରେ ବସି ଯାହା କରିବାର କରିବା ।”

ସଙ୍କୀର୍ତ୍ତନ ପୁଣି ଆରମ୍ଭ ହେଲା । ସେମାନେ ଚାଲିଗଲେ । ହଟ ଭାବୁଥାଏ —ଆଜି ପୁଣି କେଉଁ ବାବୁ ଆସିବେ ?

●

Digitized by srujanika@gmail.com

ଚକ୍ରପାଣି

କିଏ କେତେ ବିସ୍କୁଟ୍ ନ ଖାଆନ୍ତି ? ଆଜି ଏତେ କଷ୍ଟ କରି ବିସ୍କୁଟ୍‌ର ନିର୍ମାତାମାନେ ବିସ୍କୁଟ୍ ପ୍ରସ୍ତୁତ କରି ଟିଣରେ ବନ୍ଦକରି ତା' ଉପରେ ଛାପମାରି ଏତେ ଦୂରକୁ ଦୂରକୁ ପଠାନ୍ତି ବା କାହିଁକି ଯଦି ତାକୁ ମଣିଷ ନ ଖାଇବେ ? କିନ୍ତୁ ଯେଉଁଦିନ ଗାଁର ସତୁରି ବର୍ଷର ବୁଢ଼ା ସମାଜପତି ଚକ୍ରପାଣି ମହାପାତ୍ରେ ଗେଲରେ ଗେଲରେ ତାଙ୍କ ନାତି ସାତ ବର୍ଷର ପିଲା ଦଣ୍ଡପାଣିଠାରୁ ଛଡ଼େଇ ନେଇ ପାନ କରି ଖଣ୍ଡିଏ ବିସ୍କୁଟ୍ ଖାଇଦେଲେ, କଥାଟା ଚାରିଆଡ଼େ ଚହଳ ପଡ଼ିଗଲା । କେବଳ ଚକ୍ରପାଣି ଗାଁରେ ବୋଲି ନୁହେଁ; ଆଖପାଖର ସାତଖଣ୍ଡି ମଉଜାରେ, ଆଉ ଏ ତାକୁ ସେ ୟାକୁ ହାଟରେ ବାଟରେ ଯେଉଁଠି ଦେଖିଲେ କୁହାକୋହି ହେଲେ, "ଶୁଣିଲଣି, ଚକ୍ରପାଣି ମହାପାତ୍ରେ ବିସ୍କୁଟ୍ ଖାଇଲେଣି ।"

ଚକ୍ରପାଣି ସେ ଅଞ୍ଚଳର ଜଣେ ବିଶିଷ୍ଟ ଲୋକ । କେବଳ ଜମିଦାର ବୋଲି ନୁହନ୍ତି ବା ଡାକ୍ତର କମ୍ବୁ ପାଣିଙ୍କର ସମ୍ମାନାର୍ହ ପିତୃଦେବ ବୋଲି ନୁହନ୍ତି । ସଂସ୍କୃତରେ ଓ ଜ୍ୟୋତିଷଶାସ୍ତ୍ରରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । ସଂସ୍କୃତ ଜ୍ଞାନରେ ଯଦି ତାଙ୍କୁ ହରି ବ୍ରହ୍ମା ମହାଶୟଙ୍କ ସଙ୍ଗେ ଲୋକେ ସମକକ୍ଷ ବୋଲି ମଣୁଥିଲେ, ତେବେ ଜ୍ୟୋତିର୍ବିଦ୍ୟାରେ ମଣୁଥିଲେ ଶ୍ରୀଯୁକ୍ତ ଭୋଜରାଜ ଉଦ୍‌ଗାତା ଶାସ୍ତ୍ରୀଙ୍କ ସମତୁଲ । କିନ୍ତୁ ବ୍ରହ୍ମା ଓ ଉଦ୍‌ଗାତାଶାସ୍ତ୍ରୀ ଉଭୟେ ସ୍ୱର୍ଗାରୋହଣ କରି-ସାରିଛନ୍ତି । ତେଣୁ ଜ୍ଞାନର ପର୍ବତ ପରି ରହିଛନ୍ତି ଏକା ସେ । ଏତେ ଗାଁ ମଝିରେ, ଯଦିଚ ଭାର୍ଯ୍ୟା ମଲା ପରଠାରୁ ଗତ ପନ୍ଦରବର୍ଷ ହେବ ସେ ଏକମାତ୍ର ପରାଜ୍ଞାନ ଅର୍ଥାତ୍ ଆଧ୍ୟାତ୍ମିକ ଚର୍ଚ୍ଚାକୁ ଆଶ୍ରାକରି ଆପଣା ଘର ସମ୍ମୁଖରେ ଥିବା ବିଷ୍ଣୁମନ୍ଦିରରୁ ପ୍ରସାଦ ପାଇ ଦାଣ୍ଡଘର ବଇଠକରେ ବାବାଜି ପରି ରହିଛନ୍ତି । ତଉସ ପାଖେ ଉଞ୍ଚ ଦାଣ୍ଡ ପିଣ୍ଡାରେ ବସି ତେଇଁଥିବା ସମୟଟକ ସେ ଝିଲିମୁଣି ଧରି ମାଳା ଗଡ଼ାଉଥାନ୍ତି ଓ ପଦାକୁ ଅନାଇଁଥାନ୍ତି । ଆଉ ସେଠୁ ପଦାଏ ପଦାଏ ଦିଶେ ଗାଁ ଗୋଟାକର ଜୀବନର ଚଳନ୍ତି ଦୃଶ୍ୟ—ଲୋକେ ହଳ ନେଇ ବିଲକୁ

Digitized by srujanika@gmail.com

ଯାଆନ୍ତି, ଗୋରୁ ଗାଈ ଅଡ଼େଇ ଅଡ଼େଇ ଫେରନ୍ତି, ବିଲରୁ ଆସନ୍ତି ଗାଁର ମୁଣ୍ଡେଇ କି ଜାଳ ମୁଣ୍ଡେଇ, ବସ୍ତାନି କାଖେଇ ପିଲାଏ ଗୃହାଳକୁ ଯାଆନ୍ତି । ବୋହୂ ଘରକୁ ଖରଥୋର ଯାଏ, ଜାମାଯୋଡ଼ ହୋଇ ଛତା ବାଡ଼ି ଧରି ଲୋକେ ଯାଆନ୍ତି ସହରକୁ, ମୁଣି ଝୁଲେଇ ଡାକବାଲା ଆସେ । ଉର୍ଦ୍ଦି ପିନ୍ଧି ଚଉକିଆ ଯାଏ ଥାନାରେ ରିପୋର୍ଟ କରିବାକୁ । ଆଉ ଦିନସାକ ଗଛର ଛାଇ ବଢ଼େ କମେ, ପିଲା ଜନ୍ମ ହୁଅନ୍ତି ବଡ ହୁଅନ୍ତି, ବୁଢ଼ା ଅନ୍ତର୍ଦ୍ଧାନ ହୁଅନ୍ତି । ସେଇଠି ବସି ଚକ୍ରପାଣି କହନ୍ତି "କୃଷ୍ଣ—କୃଷ୍ଣ—କୃଷ୍ଣ—" ।

ଯେପରିକି ତୁଣ୍ଡରେ ଏମିତି କୃଷ୍ଣନାମ ଉଚ୍ଚାରଣ କରିବା ପାଇଁ ସେ ବଞ୍ଚି ରହିଛନ୍ତି, ଆଉ ସେ ଆସି ଓଳଗି ହେଲେ ସାମାନ୍ୟ ହସି ମୁଣ୍ଡ ହଲେଇ ହଲେଇ ନୀରବରେ ତାଙ୍କୁ ଆଶୀର୍ବାଦ କରିବାକୁ ।

କାହାର ପିଲାଟିଏ ଜନ୍ମ ହେଲେ ତା'ର ଦୀର୍ଘାୟୁ କାମନା କରି ଷଠୀ ପୂଜା ଦିନ ବହୁଦିନ ବଞ୍ଚିଥିବା ବୁଢ଼ାମାନଙ୍କ ନାଁ ତୁଣ୍ଡରେ ଧରି ସେତେବେଳେ ଦଉଡ଼ରେ ଗଣ୍ଠି ପକାହୁଏ, ସେତେବେଳେ ଲୋକେ ଆଗ ଧରନ୍ତି ତାଙ୍କରି ନାଁ । ସରଳ ଗାଁ ଲୋକଙ୍କ ଗାଁ ମାଟିଗଢ଼ା ଧର୍ମଭାବରେ ବିଶ୍ୱାସ ଅନୁସାରେ କଳି ଦେଇ ଲୋକେ କହନ୍ତି, ସେ ଏକ ଜୀଅନ୍ତା ଠାକୁର । କ୍ଲେଶ ସମ୍ବାଦ ଥିବା କୌଣସି କଠିନ କାମ କରିବାକୁ ଗୋଡ଼ ବଢ଼ାଇଲେ ଲୋକେ ଆଗ ଆସନ୍ତି ତାଙ୍କ ପାଖେ ମୁଣ୍ଡିଆ ମାରିଯିବାକୁ । ଆଉ ସେ ବସି କହୁଥାନ୍ତି "କୃଷ୍ଣ—କୃଷ୍ଣ—"

କିନ୍ତୁ ସେ ବିଶ୍ୱାସରେ ନଥିଲା କୌଣସି ବିକ୍ଷୁବ୍ଧ ଶିକ୍ଷିଆ ଲୋକର ପରିକଳ୍ପନା—ତା'ତ ଇଂରେଜୀ ପଢ଼ୁଆ ଥିବା ଲୋକେ ଖାଆନ୍ତି ହିଁ, ସେଥିରେ ନଥିଲା ନାଟ ଦେଖା ହେଉକଶିଆ ମଉଜ ପୂର୍ତ୍ତି ରଙ୍ଗରସର ହାଲୁକା ଜୀବନ, ସେ ଜୀବନ ଗାଁ ଲୋକେ ନିଜେ ବଞ୍ଚନ୍ତି, ସେଥିରେ ଥିଲା ଖାଲି ଏକ ଉଗ୍ର ଶୁଷ୍କ ନୈଷ୍ଠିକତା, ପୂଜା, ବ୍ରତ, ଏକାଦଶୀ, ଦେହରେ ନାମାବଳି, ବେକରେ ମାଳି, ଦେହସାକ ଚନ୍ଦନ ଛାପା କୃଷ୍ଣ-କୃଷ୍ଣ-କୃଷ୍ଣ, ମନ୍ଦିରେ ଚୂଟି, ଆଉ ହୁମ୍‌ଦୁମ୍ ହଲଚଲ ଶୂନ୍ୟ ପାଳକ ହୋଇ ଜଣେ ବୁଢ଼ା ଲୋକ, ଯାହାର କହିବା କଥାଠୁଁ ନ କହିବା କଥାହିଁ ବେଶି ଆଶ୍ୱାସ ଦେବ ଦେଶ ଲୋକଙ୍କୁ, ରୋଗରେ ଶୋକରେ ସନ୍ଦେହରେ, ବିପଦରେ, ତାହାର ସାକ୍ଷାତ୍ ଅବତାର ଥିଲେ ଚକ୍ରପାଣି ମହାପାତ୍ର, ତେଣୁ ସୁସ୍ଥ ବିଶ୍ୱାସରେ ହୋହଲୁଥିବା ମହୁଫେଣାରେ ଟେକା ପଡ଼ିଲା ପରି

Digitized by srujanika@gmail.com

ସ୍କୁରଆଡ଼େ ଓଁ ଓଁ ବୁଲିଲା ସେଇ ଗୋଟାଏ ଶେଷ କଥା—"ଚକ୍ରପାଣି ମହାପାତ୍ରେ ବିସ୍କୁଟ୍ ଖାଇଲେଣି ।"

ଯଦିଓ ସେମିତି ଫେର୍ ଏକ ଆଦର୍ଶର ସମାଧି ଘଟିଲା ଜନତାର ଆଖି ଆଗରେ । ଫେର୍ ଭାଙ୍ଗିପଡ଼ିଲା ଏତେ କଷ୍ଟରେ ଗଢ଼ାହୋଇଥିବା ଗୋଟାଏ ମଣିଷଠୁଁ ଦୂର ମଣିଷଠୁଁ ଉଚ୍ଚ ବିଶ୍ୱାସର ସୌଧ, ଯେ ଆଶ୍ୱାସ ଦେଇଥାନ୍ତା "ନରରୂପୀ ନାରାୟଣ ଅଛନ୍ତି, ସମସ୍ତେ ଦୁର୍ବଳ ନୁହନ୍ତି । ସାଧନା କଲେ ସାଧାରଣ ଗୃହସ୍ଥ ବି ଏପରି ହୋଇପାରିବ । ସମାଜରେ ମନସପଷରେ ଉତ୍କର୍ଷତାର ଚଡ଼ତ୍ତର ଶୃଙ୍ଗ ପରି ଯୁଗେ ଯୁଗେ ଥାଆନ୍ତି କେହି କେହି ଜଣେ ଜଣେ ଲୋକ, ଅନ୍ୟମାନେ ଯେତେ କହିବା ହେଉନ୍ତୁ ପଛେ ସେ ଯୁଗରେ ସେହି ଉତ୍କର୍ଷ ହିଁ ମଣିଷର ବଡ଼ତ୍ତର ମାପ ।" ଗାଁ ନଗର ନାହିଁଲ କହି କହି ବୁଲାଲେ, ଉତ୍ତରରେ ପାଇଲେ କୌଣସି କୌଣସି ଶ୍ରୋତାଠୁଁ ଆଗ ଟିକିଏ ଭ୍ରୂଲତାଟେକା ଆଶ୍ଚର୍ଯ୍ୟ ଭାବ, ତା'ପରେ ଗୋଟାଏ ଦୀର୍ଘଶ୍ୱାସ, ତା'ପରେ ନିରାଶାର ଶୁଖିଲା ହସ ଟିକିଏ, ତା'ପରେ ବିଶ୍ୱାସ ଭାଙ୍ଗିଲା ପରର ଶ୍ଳେଷୋକ୍ତି ଟିକିଏ—"ହଁ ଏ କଳି ଯୁଗରେ ସବୁ ଘଟେ, ଦେବତା ତ ପଥର, ଆଉ କାହାକଥା କ'ଣ କହିବା ?" କାହାଠୁଁ ଅବା ଖାଲି ଦୀର୍ଘଶ୍ୱାସ ।

କିନ୍ତୁ ଯାହା ବିଷୟରେ ଏତେ ଚହଳ ପଡ଼ିଗଲା, ସେ ଏ ବିଷୟରେ ଥିଲେ ନିର୍ଲିପ୍ତ ଓ ନିର୍ବିକାର । ଭାବି ପାରି ନଥିଲେ ଯେ ତାଙ୍କର ଏପରି କ'ଣ ପରିବର୍ତ୍ତନ ଘଟିବ ଯହିଁରେ ତାଙ୍କର ସତୁରିବର୍ଷର ଏକାପ୍ରକାର ବ୍ୟକ୍ତିତ୍ୱଠୁଁ ଲୋକେ ନୂଆ ଘଟ ଦେଖି ପାରିବେ । ସବୁର ସୃଷ୍ଟି ଭଗବାନ୍, ବିସ୍କୁଟ୍ର ବି । କେତେବେଳେ କେଉଁ ବିଷୟ ପ୍ରତି ସେ ଆସକ୍ତି ଉପୁଜାନ୍ତି । କେତେବେଳେ ତୁଟାନ୍ତି ସେ ଆସକ୍ତି, ସାଧାରଣ ମଣିଷ କେବଳ ଆସକ୍ତିରେ ହିଁ ବାନ୍ଧି ହୋଇ ପଡ଼ିରହେ । ଅଧ୍ୟାତ୍ମମାର୍ଗର ଉନ୍ନତ ମଣିଷ ଆସକ୍ତିର ହେତୁ ଅର୍ଥାତ୍ ଭଗବାନଙ୍କୁ ହିଁ ଦେଖେ ଆଉ ସବୁ ଗ୍ରହଣ କରିନିଏ ପ୍ରସାଦ ପରି; ସେହିପରି ତ ସେ ଫୋଟ୍ କ'ଣ ?

ଭାବିବସିଲେ ପଛକୁ ଦେଖି ହସମାଡ଼େ, ପିଲାଦିନେ କେଡ଼େ ଭଲ ଲାଗୁଥିଲା କଞ୍ଚା ପିଜୁଳି ଚୋବେଇବା, ପନ୍ନିଲ ବିବାହବେଳେ ଆପଣା ସ୍ତ୍ରୀର ମୁହଁକୁ ଚାହିଁଲେ ସବୁ ଭୁଲିହେଉଥିଲା, ତା'ପରେ ଝୁଙ୍କ ପଡ଼ିଗଲା ଆପଣା ଧନ ବଢ଼େଇବାରେ, ତା' ପରେ ନିଜ ପାରିଲାପଣ ଉପରେ, ସବୁ ଭୁଲିଯାଇ ଆଶା

Digitized by srujanika@gmail.com

ରହିଲା କେବଳ କୃଷ୍ଣନାମ ଜପିବା ଉପରେ, ସେଇ ତ ଜୀବନ, ଆଉ କଣ ?

ଆପଣା ବଦାଣ୍ଡରେ ଜୀବନ ବଞ୍ଚିବାର ଫର୍ଦ୍ଦ ବି କେତେ ଚଞ୍ଚଳ ବଦଳି ବଦଳି ଆସିଛି, ପିଲାଦିନେ ହୁମ୍‌ଦୁମ୍ ହୋଇ ଧାଁଧପଡ଼ କରିବାରେ ଯଦି ଚାହାଁ-ପଡ଼ୁଥିଲା ଜୀବନ ମୁହିଁସଞ୍ଜବେଳେ ଜୀବନର ପରିଚୟ ଖାଲି ମାଳା ଗଡ଼େଇ-ବାରେ । ଗୋଟାଏ ସ୍ତରରୁ ଆଉ ଗୋଟାଏ ସ୍ତରକୁ ଉଠିଆସିଲାବେଳେ ଥାଏ କିଛି ଘଟନା, କେଉଁଟା ହସର, କେଉଁଟା କାନ୍ଦର—ଏହି ଯେପରି ପରମାର୍ଥ ଧରିବା ପୂର୍ବରୁ ସ୍ତ୍ରୀଙ୍କର ମୃତ୍ୟୁ ; କିନ୍ତୁ ସବୁ ମଣି ହୋଇଯାଏ ପରେ; ପୁରୁଣା ଧରଣ ପୁରୁଣା ସୁରକୁ ଆପଣା ଘରପାଖେ ଅନ୍ୟ ଲୋକଙ୍କଠି ଜେଇଲେ ବି ସେଇଟା ଭୁଲ୍ ବୋଲି ଲାଗେ, ନିଜ ଗୁଣରେ ତା' ପ୍ରତି କ୍ଷମା ବି ଆସେ—ଆଉ ସବୁ ତ ଠାକୁରଙ୍କ ଇଚ୍ଛା, ସେଥିରେ କ'ଣ ଅଛି ?

ଏହିପରି ଭାବି ଭାବି ଚକ୍ରପାଣି ମହାପାତ୍ରେ ଆପଣା ଅତୀତଟାକୁ କ୍ଷମା କରିପାରିଥିଲେ, ଭୁଲିଯାଇଥିଲେ ସବୁ ସୁଖ ଅନୁଭୂତିର ଧକ୍ ଧକ୍ ଛଟପଟ, କେବଳ ପିଣ୍ଡା, ଠାକୁରଘର ଆଉ ସେ—ଆଉ ତୁଣ୍ଡରେ କୃଷ୍ଣନାମ ।

ଏହିପରି ସେଦିନ ଘୁଇନେଉଟାବେଳେ ବସିଥିଲେ ସେ ଦାଣ୍ଡ ପିଣ୍ଡାରେ, ପଦାକୁ ଗୁହିଁ ଗୁହିଁ ନାମ ଜପୁଥିଲେ । ତାଙ୍କର ହଳଦିଆ ଖୋଲା ଆଖି ଦୁଇଟା ଉପରେ ପଡ଼ିଥିଲା ଫୁଲ ଲଦାଲଦି କୃଷ୍ଣଚୂଡ଼ା ଗଛର ଘୁଇ, ଆଉ ସାମ୍ନାର ସେ ବଡ଼ କଦଳୀବାରିର, ଆଉ ଠିକ ଠିକ ଗୁଳି ଘରର । ସେଠି ଘରଚଟିଆ ଏକର ସେକର ଉଡ଼ୁଥିଲେ, ଖୁଣ୍ଟିରେ ବନ୍ଧା ହୋଇଥିବା କାଳୀ ଛେଳିଟି କନ କନ ହୋଇ ଏପାଖ ସେପାଖକୁ ଅନେଉଁଥିଲା, ଫଁ ଫଁ ନିଶ୍ୱାସ ଛାଡ଼ୁଥିଲା, କାନ ହଲଉଥିଲା । ବେକ ଘୁଞ୍ଚୁଥିଲା, ଗମ୍ଭୀର ହୋଇ ରଡ଼ ଦେଉଥିଲା—"ମେଁ—ଭେଁ—"

ତଣ୍ଡା ହୋଇଥିବା ଚଟାଣ ଉପରେ ଗୋଲ ଗୋଲ ହୋଇ ଘଷି ଶୁଖୁଥିଲା । ବୁଢ଼ୀ ବାଉରାଣୀ ନେଡେଇମା କହୁଣିଯାକେ ଗୋବର ଧରି ସର ହୋଇ ନୂଆ ଘଷି ପାରିଯାଉଥିଲା । ଏକ ମନରେ, ଆପଣା ମନକୁ ମନ କହି ଲାଗିଥିଲା—"ମଲା, ଏ ଛେଳିଟାକୁ ଏଇଟିକିନା ଖଟେଇ ଦେଇଗଲେ କାହିଁକି ବା, କୁଆଡ଼େ ପଦାକୁ ନେଇଯାଇଥାନ୍ତେ ନା, ଏ ତ ତାଣ୍ଡକରି ରହିଛି—କୁଟା ପଡ଼ିଛି ସୁଧା ଚୋକୁନାହିଁ ; କିଛିକ ଗଲେ ମାରିବ, ଆଉଟିକିକୁ ପଦା ଛୁଣ୍ଡେଇବ,

Digitized by srujanika@gmail.com

ସେଇଠୁ ବାଇ ଲାଗିଲା ପରି କୁଦା ମାରିବ ଯେ କ'ଣ ନାଇଁ କ'ଣ କରିବ କେଜାଣି । ମଲା ଏ ଲୋକ ଜାଣିଶୁଣି ବାଟରେ ଘାଟରେ ନିଆଁ କୁଡ଼େଇ ରଖନ୍ତି କାହିଁକି ବା ? ନିଆଁକୁ ପିନା ପାଣି, ଏ କୋଉକଥା ହେଲା ?"

"କୃଷ୍ଣ-କୃଷ୍ଣ-କୃଷ୍ଣ-କୃଷ୍ଣ—" ପଦାରେ ଅସରନ୍ତି ଛାଇ-ଆଲୁଅର ଘଡ଼ି ଘଡ଼ିକେ ନୂଆ ଖେଳ, ପଦାର ଦୃଶ୍ୟ ଅତି ସାନ ହୋଇ ଛପା ମଗ୍ନହୋଇ ରହିଛି ହଳଦିଆ କୋଠଳିଆ ଆଖିର କଳା ଡୋଳା ଉପରେ । କୃଷ୍ଣ-କୃଷ୍ଣ-କୃଷ୍ଣ —ଏଇତ ବଞ୍ଚିବାର ସୁଆଦ, ବୟସ ଯେତେ ବଢ଼ିଲେ ବି ବଞ୍ଚି ବଞ୍ଚି ଧୋକ ଲାଗେ ନାହିଁ—ଆଖିରେ ଏଇ ଦୃଶ୍ୟ, ଦେହରେ ଏଇ ପବନ କାନରେ ଅତି ପରିଚିତ ଆପଣା ସଉକର ସଙ୍ଗୀତ ପରି ମଣିଷ ପାଟିର କଥା—ସବୁ ସେହି ଅସରନ୍ତି ସର୍ଜନର ଲୀଳା, ଖାଅ ନ ଖାଅ ଅଜାଡ଼ି ହୋଇ ପଡ଼ିବ ତା'ଉପରେ, ତା'ଉପରେ ଏଇ ଏତେ ନୂଆ ପତ୍ର, ନୂଆ କଢ଼, ନୂଆ ଶିଶୁ, ନୂଆ ଫୁଲ, ଆଷାଢ଼ର ହାଣ୍ଡି ଶୁଣ୍ଢରେ ପାଣି, ଆଉ ଏ ହିତେନ ଏତେ ରୂପ ରସର ସମ୍ଭାର । ପୋଥି ପଢ଼ା ଶାସ୍ତ୍ର କଥା ଆଦୌ ମନେପଡ଼ୁନାହିଁ, ସେ ଯେପରିକି ଗଛର ମାରଳ ବକଳକୁ ହିଁ ଛୁଏଁ, ଗମ୍ଭୀରକୁ ଭେଦେ ନାହିଁ । ଗମ୍ଭୀରକୁ ଭେଦେ ବୋଲି ବିଶ୍ୱାସ— "ବିଶ୍ୱାସେ ମିଳଇ କୃଷ୍ଣ ତର୍କେ ବହୁଦୂର" ।

ଚେତନା ଭିତରେ ତେଜିଉଠିଲା ନେତେଇମା ବାଉରାଣୀର କଥା କେତେ ପଦ । ଚକ୍ରପାଣି ନୂଆ ଦୃଷ୍ଟିରେ ତାକୁ ଅନେଇଲେ । ତାଙ୍କର ଆଚ୍ଛନ୍ନ ଭାବ ଭିତରେ ହଠାତ୍ ଯେପରିକି ସୂର୍ଯ୍ୟୋଦୟ ହେଲା, ପୁଣି ହଠାତ୍ ସେ ବୁଡ଼ି ବୁଡ଼ି ଆସି ଦଶିଗଲା ସୂର୍ଯ୍ୟାସ୍ତ । ହେଲା ତ କାଲି ସକାଳେ—ସପନାର ଭାରିଯା ନଆ ବୋହୂ ହୋଇ ଏ ଗାଁକୁ ଆସିଥିଲା । ବଳଲ୍ ବଳଲ୍ ହାତଗୋଡ଼, ପୂରିଲା ପରି ଗୋଲ ମୁହଁ, ଟଂ ଟଂ ଆଖି ଏକର ଟେକର । ତା'ର ହାତରେ ଥିଲା ମୋଟାମୋଟା ପିତଳର ଖଡ଼ୁ ଛ'ସେର, ଗୋଡ଼ରେ ଗିଲଟି ବଳା, ବଙ୍କା ବଙ୍କା । ଏଇ ଉହାଡ଼ୁ ଖଣ୍ଡେ ଛୁଡ଼ି ବାଉଁଶବଣ ସେ ପାଖେ ତାଙ୍କ ଘର । ଏ ବାଟେ କେତେ ଯାଏ, ଏଘରେ କେତେ କାମ କରେ, ଆଉ ବିଲରେ ଚୋଟାରେ ଯୁଆଡ଼େ ଗଲେ ସବୁଠି ସେ । କାହିଁ ସେତେବେଳେ ତ ଦେଖିଲେ ମନରେ ଆସୁ ନଥିଲା ଯେ, ସେ ବଉରାଣୀ ଘର ଝିଅ, ଗେଣ୍ଡା କୋଶିଆ ଖାଏ, ଅପନା କାମ କରେ ସତେକି ଦୁଃଖ ଧନ୍ଦା କରି ପଡ଼ିବା ପାଇଁ ତା'ର ସେ ବଳିଷ୍ଠ

Digitized by srujanika@gmail.com

ଦେହକୁ ବିଧାତା ଯତନେ ଲୁନ୍ଦୁଛି । ସେତେବେଳେ ମୁହଁଟା ନଥିଲା ତା'ର ଏତେ ଖଭଙ୍ଗ, ଏଡ଼େ କର୍କଶ କଠିଣ, ବେଙ୍ଗ ଛାଲରେ ଛାଉଣି ହୋଇ ହାଡ଼, ଗାଡ଼ ଆଉ କୋରଡ଼, ସ୍ୱର ଥିଲା କେଡ଼େ କଅଁଳ ଆଉ ନରମ, ବେଙ୍ଗ ରଡ଼ି ପରି ଆଦୌ ନୁହେଁ । ସପନାର ଭରଯା ବାଉରି କୁଳରେ ଜନ୍ମ ହୋଇ ସାଜଥିଲା ସାଧାରଣ ମଣିଷକୁଳର ସ୍ୱାସ୍ଥ୍ୟ ଓ ଶିକ୍ଷାର ବିଧାତା ଗଢ଼ା ଆଦର୍ଶ, ନିଆଁ ଜାଳେ, ପାଣି ଡାଳେ, ଶସ୍ୟ ଉପୁଜାଏ, ଘର ପାଳେ—ହସ ଖୁସି ଆରାମ ଓ ଶାନ୍ତିର ସାଧାରଣ କାରିଗର ।

ଆଖି ସେଠି ମାଡ଼େଇ ରହୁଥିଲା ।

କୃଷ୍ଣଚୂଡ଼ା ଯେପରିକ ଓଲଗ ଓଲଗ ରଙ୍ଗ ଗଦା ।

ଦେହରେ ବାଜୁଛି ପବନ, ସାକ୍ଷାତ୍ ଉଠିଆସିଛି ଗାଁର ବଡ଼ ବଡ଼ ଦନ୍ତୁଆ ପୋଖରୁ ।

ହଠାତ୍ ବୁଢ଼ା ଚକ୍ରପାଣି ଭାବି·ଲାଗିଲେ "କୁଆଡ଼େ ଗଲା ସପନା ଭରଯା ?—କଏ ସେ ପୁଣ—ଧୋକଡ଼ୀ ବୁଢ଼ୀଟା ? ସପନା ଭାରଯା ବୁଢ଼ୀ ହେଲା କେବେ ?"

ସ୍ୱର କାନ୍ଧରେ ବୁହା ହୋଇ କୋକେଇରେ ପଡ଼ି ଚାଲିଯାଇଛନ୍ତି କେତେ କଏ—ସେ ତ ଆଖିଦେଖଣା ଯାହା । 'ରାମ ନାମ ସତ୍ୟ ହେ'ର ଗମ୍ଭୀର ଉଦାସ ଘୋଷା, ଫଟା ବାଇଦର ଚଣ୍ଡିବସା ରଡ଼ି, ଯାହାରେ ହନୁମାନ ଲଙ୍ଗୁଳରୁ ଖଣ୍ଡେ ମରି ଉଦ୍ୟତ ନିଆଁ ବଢ଼େଇ, ଚଛେ ପଛେ ଗହଳ ଘୋଷାରେ କାନ୍ଦଣା ବୋବାଳି । ଲୋକେ ଜାଣନ୍ତି, ଗାଁରୁ ଜଣେ ଗଲା । ଏମିତି ଗଲେଣି କେତେ—ଅଣ୍ଡା ଧାର୍ଣ୍ଡ ଅବସର ସତୁରଠା ବର୍ଷ । ଦି'ବର୍ଷ ଚାରିବର୍ଷର ଫାଙ୍କ ଛାଡ଼ି ଛାଡ଼ି ଗାଁରେ ମହାମାରୀ ଘୋଟେ । କେବେ ହଇଜା, କେବେ ବସନ୍ତ, କେବେ ଠେଙ୍ଗାଜର, ମ୍ୟାଲେରିଆ ତ ଲାଗିରହିଛି ପ୍ରାୟ, ଆଖପାଖର ଜଙ୍ଗଲ ଗଛ ବଢ଼ିବା ସଙ୍ଗେ ସଙ୍ଗେ ବଢ଼ିଲାଗିଛି । ମହାମାରୀ ଭୁହାଇ ଭୁହାଇ ଗାଁକୁ ନିକ୍ଷେପ କରେ, ପୁଣି ମରଣକୁ ହସି ଭୁହାଇ ଭୁହାଇ ଗଦା ହୁଅନ୍ତି ନୂଆ ପିଲା ଯୁଥ ଯୁଥ, କିନ୍ତୁ ହେବ କ'ଣ, ଜୀବନରେ ଥାଇତା ନାହିଁ, ଗାଁର ଭେଣ୍ଡା ପଦା ହେଲେଣି, ଏଣିକ ଖାଲି ମେଣ୍ଢା—

Digitized by srujanika@gmail.com

ସେ୍ତ ତ ଗଲା ସତେ ସତେ ମରଣ, ଦେହର ମରଣ—ଯାହାକୁ ଲୋକେ ଦେଖନ୍ତି, ବାହୁନି ହୁଅନ୍ତି । କିନ୍ତୁ ଯେଉଁ ମରଣ ନିଃଶବ୍ଦରେ ଘଟେ, ସେହି ଦେହ ଠିଆ ହୋଇଛି, ସେହି ନାଁ ଧରି ଲୋକେ ଡାକୁଛନ୍ତି, କିନ୍ତୁ ସେ ମଣିଷ ନାହିଁ; ସେ ରୂପ ନାହିଁ, ସେ ମନ ସେ ସ୍ୱଭାବ ନାହିଁ । କେଉଁଗୁଣେ କମ୍ ସେ ଦେହ ମରଣଠୁଁ ।

ଏମିତି କେତେ ବଂଶ ଥାଉ ଥାଉ ମରିଯାଆନ୍ତି, ବାଉଁରିଯାଙ୍କର ଭେଣ୍ଡା ପଦା ହୋଇଛନ୍ତି । ବାଲୁଆ ପଶିଲେ ଚଢ଼ିବାକୁ ଖାଲି ଧେଡ଼ କୁକୁର, ଧୂତ ଧୂତ କହିବାକୁ ମାଇକିନିଆ ପୁଞ୍ଜାଏ, ମା' କୋଡ଼ରେ ପଶି ମୁହଁ ଲୁଚେଇବାକୁ ପିଲା ଗଣ୍ଡାଏ ପାଖରେ, ବଞ୍ଚିଛି ହେଇ ସପନା ଭଗିଆ, ସତେ ସତେ ସେ ବଂଶ ନାହିଁ, ସେ ନୁହେଁ ସେ୍ତ ଧୋକଡ଼ୀ ବୁଢ଼ୀ ପରା··କୃଷ୍ଣ-କୃଷ୍ଣ-କୃଷ୍ଣ—ଚେତ ଉଠେ ଫେର୍ ଚକ୍ରପାଣି ମାଳା ଗଣିବାରେ ମନ ଦେଲେ ।,

ସ୍ୱଉଁ କରି ଉଠିଲା ମନ ଭିତରେ —ନାଁ-ନାଁ-ନାଁ—ମୃତ୍ୟୁ ମିଛ । କେବଳ ଘଟ ପରିବର୍ତ୍ତନ, ବାପ ଘର କରୁଥିଲା, ପୁଅ ଘର କରୁଛି, ଶାଶୁ ଟୋକୀ ହୋଇ ଭିତର ପିଣ୍ଡାରେ ଗୋଡ଼ ଲମ୍ବେଇ ବସି ଚରୁଣିରେ ମୁଣ୍ଡ କୁଣ୍ଡାଉଥିଲା, ହସି ହସି ଆପଣା ମୁହଁକୁ ଆପେ ଆରଶିରେ ଦେଖୁଥିଲା, ଖଲି ଖଲି ହାତକୁ ହାତ, କଣ୍ଠରେ କିଆଫୁଲ ଖଣ୍ଡେ ଅଛି, ଗଭାରେ କଣ୍ଟା ମାରିଦେଇ କିଆଫୁଲ ଚରୁଡ଼ାରେ ଖୋଷି ଦେବ, ତର ସହୁନାହିଁ—ବୋହୂ ସେଇଆ କରୁଚି, ଉଦୁଉଦିଆ ଝପଡ଼ାରେ ଦାଣ୍ଡ ଦୁଆରେ ଥିଲା ନୋକା ଯୋଗୀ, ଖଣ୍ଡୁ କାତ କନକପିନ୍ଧା, କଅଁଳିଆ ହାତରେ ଗୁଣ୍ଡାଇ ଆଞ୍ଜୁଳାରୁ ଯୋଗୀ ଥାଳରେ ଭିକ ଦେଉଥିଲା, ଆଜି ବି ଅଛି ସେ, ମୃତ୍ୟୁକୁ ସ୍ୱୀକାର କରିବେ ସେ ! କଦାପି ନୁହେଁ ।

"ନେତେଇମା, ତୋ ବୋହୂ କେମିତି ଅଛି ?"

"ହଃ, ଚୂଲି-ଗାତ-ରଡ଼ —"ନେତେଇମା ଝଡ଼ ଝଡ଼ ହେଲା, ଗାଇ-ଗୁଳିଲା ବୋହୂ ବିରୁଦ୍ଧରେ ତା'ର ସବୁଦିନର ଅଭିଯୋଗ—"ଖାଲି ନାଟରେ ହବ ସଣୀ, ସାଆନ୍ତେ, ପେଟକୁ ଖାଇବ ଦେହକୁ ମାଜିବ ଆଉ ଦେହରେ ମୁହଁରେ ବୋଳିବାର ଆଜିକାଲିକା ଯେତେ ଅପରଚ୍ଛନ, ଯାହା ଆମ ଆଖି ଦେଖି ନଥିଲା ସେଇ ଚୂଲି,ପାଉଁଶ ଗୁଣ୍ଡକ ବୋଳି ହଉଥିବ ଆଉ ଗାଁଯାକ ଧେଇ ଧେଇ । କହିଲେ କହିବ ତୋର କଣ ଗଲା ? ତୁ କହିବାକୁ କିଏ ସେ ଲୋ । ତା' ଉପରୁ

Digitized by srujanika@gmail.com

ତ ଦିନୁ ଦିନ ବଢ଼ୁଚି ସାଆନ୍ତେ, ମୋ ଉପରେ ଷଣ୍ଢ ହେଉଚି ମନେ ହେଲା କଲଣି, ଗୋଟାଏ ପେଟକୁ ଅଲଗା ଗୋଟାଏ ହାଣ୍ଡି । କହିଲି ଆଗେ ସବାଖାଇ ତୁ ଏଠି ରହିବୁ କାହିଁକି ଲୋ, ଲାଜରେ ଆଜ ମୋ ମୁଣ୍ଡ ଉଠେଇ ପାରୁନାହିଁ । ପୁଅ ତ ମଲା, ତୋର ତ ଜାଣି ବୟସ ଟେକ ତୁ ଯୋଗିମାଖାଇ ଏଠି ତୋ ମୁହଁ ପୋଡ଼ୁଚୁ କାହିଁକି ଆଜ କାହା ହାତ ଧରି ଚାଲିଯାଉନୁ କାହିଁକି ? ଓଲଟି ମତେ କହୁଚି କାହିଁକି ଯିବ ? ମୋ ମନକୁ ମନ ମୁଁ ତୋ ଘ'ଟିକ ଅଇଥିଲି କି ? ପୁଅ ମଲେ ମଲା, ମୁଁ ତ ଅଛି, ମୁଁ ଥାଉଁ ଥାଉଁ ମୋ ଭାଗଟା କିଏ ଛଡେଇନେବ ? ଭଲଟରେ ଭଲ, ବିଧାତା ତାଟେ ଏଇଆ ଜନମ ଦେଇଥିଲା—ମୋ'ରି ଗୁଡ଼ ଉପରେ ଚେକା ପକାଇ ବସି ମୋ'ରି ଜଉଟା ଓଟାରି ଓଟାରି ମୋ ରକ୍ତ ମାଉଁସ ଝୁଣିକଣି ଖାଉଥିବୁ—କି ଘର ଥିଲା ମୋର, କି ଘର ହେଲା, କୁଆଡ଼େ ଗଲା ଆମ ବାଉରିକୁଳ ଇଜତ ମହତ ଧନଗାଡ଼ି ଯେତେବେଳେ ଦେଖ କୁକୁର ପଶିଲା ପରି ମଣିଷ ପଲ ପଲ—କୋଉଟା ଓଳିତଳେ ନାକେଇଚି, କୋଉଟା ପିଣ୍ଡାରେ ଗୋଡ଼ ଲମ୍ବେଇ ବସି ପିକା ଟାଣୁଚି, କୋଉଟା କଆବୁଦା ଉହାଡ଼ରେ ଛପି ବସି ଝିଣ୍ଡିକାଶ ମାରୁଚି—କିଏ ଟାକରା ଫୁଟାଉଛି, କିଏ ଚୂନାପଶା ସିଠି ମାରୁଛି, କାହାକୁ ମନା କରିବ ? ପଚାରିଲେ କହିବେ ଏଇଟା ତ ବିଲକୁ ଯିବା ବାଟ, ଏବାଟେ ଯିବାକୁ କ'ଣ ମନା ? ରାଇଜ ଲୋକଙ୍କ ଯିବା ବାଟ କ'ଣ ମୋର ଦୁଆର ବାଟ କହିଲ ସାଆନ୍ତେ ! ଯେବେ କହିଲି ହଉଓ ଏ ବାଉରି ଘର ପିଣ୍ଡାଟାରେ ବସୁଚ କାହିଁକି, ତମୁକୁ କ'ଣ ଗଛମୂଳ ନାହିଁ ତେବେ କହିଲେ, କ'ଣ ହେଲା ବାଉରି ଘର ହେଲେ । ଆଜକାଲି କ'ଣ ସେ ଯୁଗ କଥା ଅଛି, ଅଇନା ତ ସଭିଏଁ ସମାନ ଗୋଟାଏ ଛୁଆଁ ଛୁଇଁ ବାରଣ କ'ଣ, ଖରା ଲାଗିଲେ କି ଦେହ ଢୋଳ ହେଲେ ଯାହାରି ହେଲେ ପିଣ୍ଡାରେ ବସିପଡ଼ିବୁ । ତମ ପିଣ୍ଡା କ'ଣ ଦୋରି ହୋଇଯାଉଚି ? ଆଜ ଘର ଭିତରୁ କରି କରି ହୋଇ ହସୁଥିବ ସେ । ଭଲା କହିଲ ସାଆନ୍ତେ ଏତେ ବାଟ ଥାଉ ଥାଉ ଖାଲି ମୋର ବାଟଟା ବାଟ, ସେଇଠି ସମସ୍ତିଙ୍କି ଢୋଳ ଲାଗିବ ପିଣ୍ଡାରେ ବସିବାକୁ, ମୂତ ମାଡ଼ିବ, ହଗ ମାଡ଼ିବ, ବାଡ଼ିତଳେ ବସିବାକୁ, ଆଉ ତମ କାଳ ନାଇ ସାଆନ୍ତେ—"

ଟେକ ଉଠି ନେଟେଇମା କହିଲା—"ତମ ବେଳେ ତେମେ ଥିଲ ଗାଁଯାକରେ ଗୋଟାଏ ବୋଲା ଷଣ୍ଢ, ତମେ ତ ପରମାର୍ଥ ଧରିଲ, ଅଇସ୍ତୁ ଗାଁ ଗୋଟାକ ଏକୁ ଆରେକ ମହାବଳ, ଗାଁଯାକ ସମସ୍ତେ ହେଲେ ଷଣ୍ଢ—ନା ମାନ୍ୟ ନା ମାନତା,

Digitized by srujanika@gmail.com

କାହା କଥା ଶୁଣୁଚ କଏ, ମାନୁଚ କଏ ? ସବୁ ଦେଖିବନାଇଁ ଜଳମ୍ରୋଡ଼ପିବ—"

ନେଚେଇମାର ବୋହୂ ଗାଁ ଭିତରେ ଗୋଟାଏ ସମସ୍ୟା, ସମସ୍ତେ ଜାଣନ୍ତି ସତେକ କାହାର କିଛି କହିବାର ନାହିଁ, କରିବାର ନାହିଁ—ଗାଁମଝିରେ ଦଳୁଆ ପଙ୍କୁଆ ପୋଖରୀଟା ପରି ସମସ୍ତେ ଅନୁଭବ କରନ୍ତି, ସେଇଟା ନ ଥିଲେ ଭଲ ହୋଇଥାନ୍ତା । ସେଠି ଏତେ ବଲ୍ଡଦଳ ଭିଡ଼ ନ ରହିଥିଲେ ଗାଁଟାର ସ୍ୱାସ୍ଥ୍ୟ ଭଲ ହୁଅନ୍ତା—କିନ୍ତୁ କାଟିବାକୁ ହାତ ଉଠେନାହିଁ । ସଦୁପଦେଶ କରିଯାଏ ବହୁତ, କାମ ବେଳକୁ କିଛି ନାହିଁ ।

ନେଚେଇମା ଝଡ଼ ବଡ ହଉଚ—"ମଲେ ମରଣ ନାଇଁକି ତାକୁ ବାଡ଼ ନାଇଁ—ସାତ ଶରଧାର ଯୋଉ ଜୀବନ, ସେ କେମିତି ପାଣିଫୋଟକା ପରି କୁଆଡ଼େ ବୁଲିଯାଉଚି ଲୋ, ଆଉ ଯାହାର ଅଲୋଡ଼ା ଜୀବନ ଖାଲି ହନ୍ତସନ୍ତ ଦହଗଞ୍ଜ, ତାଙ୍କ ବେଳକୁ ନଈ ପୋଖରୀ ନାଇଁ କି ବାଡ଼ ନାଇଁ କି ମରୁଡ଼ି ନାଇଁ—"

ନା-ନା-ନା—ଅସମ୍ଭବ ଏ କଳ୍ପନା—ଅସମ୍ଭବ—ଅସମ୍ଭବ—ଦେହୀ ଖାଲି ଦେହର ବିକାରକୁ ଆବୋରି ସଂସାର ଜଞ୍ଜାଳକୁ ହେତୁ କରି କରି ଏମିତି କଲବଲ ଛଟପଟ ହୁଏ, ନ ହେଲେ ଆଉ କ'ଣ ଅଛି ?

ଜୀବନ—ସେ ସୁନ୍ଦର, ସେ କାମ୍ୟ—ବଞ୍ଚି ନ ଜାଣି ଧର୍ମକୁ ହୁଡ଼ି ଲୋକ ଜୀବନକୁ ଧିକ୍କାର ଦିଏ, ନାଚ ନ ଜାଣି ତାଳର ଦୋଷ—

ନେଚେଇମା ଜାଣେ ନାହିଁ ।

ତା'ର ଶେଷ କଥା କେଇପଦ ମନରେ ଆଣିଥିଲା ଗୋଟାଏ ପ୍ରବଳ ପ୍ରତିବାଦର ନାହିଁ ନାହିଁ—କିନ୍ତୁ ତା'ର ଆଗ କଥା—ତା'ର ବାହୁନା ଶୁଣି ଶୁଣି କେମିତି କୁତୁ କୁତୁ ଦଲ ସଲ ଲାଗିଥିଲା, କଏ ଯେପରି କି ମୁଣ୍ଡର କେଉଁ ସ୍ନେହ କେନ୍ଦ୍ରରେ ଟିପ ମାରି ମାରି ହଜିଲା ଧାରଣା ଚିଆଇଁ ଦେଉଛି । ମନେ ମନେ ସଂସ୍କାରକଙ୍କ ପ୍ରତିବାଦର ମାମୁଲି ଭାଷା ଆଉଣ୍ଡି ଆଉଣ୍ଡି ଆପେ ବନ୍ଦ ହେଉଛି ଭୁଲିଯାଇଥିବା ଏକ ଦାୟିତ୍ୱହୀନ ଜୀବନ, ଜୀବନରେ ଗୋଟିଏ ଭୁଲ ସ୍ୱର ପୁଣି କେତେଠି ଆସୁଛି, ସୁଖଲାଗୁଛି ।

ନେଚେଇମା'ର ବକ୍ତୃତା ମଝିରେ ଚକ୍ରପାଣିଙ୍କର ଦି' ଗୁଣଟା ଦୀର୍ଘଶ୍ୱାସ ଉଠିଥିଲା । ଦୀର୍ଘଶ୍ୱାସ ଉଡ଼ିଗଲେ । ଅନୁଶୋଚନା ଉଭେଇଗଲା, କୃଷ୍ଣ ନାମର

Digitized by srujanika@gmail.com

ପାଟି ସ୍ଥିର ହୋଇ ରହିଲା, ଆଖି ରହିଲା ଦୂରକୁ ଚେଖ ହୋଇ। ହେଇ ସେହି ଫୁଲଭର୍ତ୍ତି କୃଷ୍ଣଚୂଡ଼ା କେଉଁ ଆଦିମ ରଙ୍ଗର ଆଦିମ ଭାବର ଉଚ୍ଛ୍ୱାସ ପରି ଠିଆ-ହୋଇଚି। ଦୁର୍ଦ୍ଦାନ୍ତ ପବନରେ ଫଡ଼ ଫଡ଼ ହେଉଛି । ତା' ପଛ ଆଡ଼େ ଗାଁର ଶରନ୍ଦନ ଗଛ—ଗଡ଼ଳ ଗଛ ସେ ପାଖେ ଚନ୍ଦବାଳ ଘରରେ କେଉଁଠି ହଜିଥିଲା ତାଙ୍କ ଯୌବନ, ଦୁର୍ଦ୍ଦାନ୍ତ ପବନରେ ସତେକି ଧାଇଁ ଧାଇଁ ଲେଉଟି ଆସୁଛି।

ଏହି ପଟଭୂମିରେ ଘଟିଥିଲା ଗୋଟିଏ ସାଧାରଣ ଘଟନା—ନାତି ଦଣ୍ଡପାଣି ଖଣ୍ଡେ ବିସ୍କୁଟ୍ ଖାଇ ଖାଇକା ପଦାକୁ ବାହାରିଥିଲା। ବାଁହାତରେ ଆଦ୍ଧର ଦ'ଖଣ୍ଡ। ହାଫ୍ପ୍ୟାଣ୍ଟ ଆଉ ହାଫ୍ କାମିଜ୍ ପିନ୍ଧିଛି, କାନ୍ଧରୁ ଓହଳିଛି ଏକ ମୁଣି। ସେଥିରେ ସିଲଟ ବହି ଖାତା, ସେ ଇସ୍କୁଲକୁ ବାହାରିଚି। ନବଜ ଲଗେଇ ନାତି କହିଲା—"ଜେଜେ, ବିସ୍କୁଟ ଖାଉଚି। ଖାଇବ ଖଣ୍ଡେ ?"

"ଦେ, ଦେ—"

"ତମ ଦାନ୍ତରେ ହବ ନା ?—"

"ଦେ, ଦେ—"

"ଏଥିରେ ଡିମ୍ବ ପଡ଼ିଚି, ସାହାବ ହାତର ପାଣି ପଡ଼ିଚି, ଜାଣିଚ ଜେଜେ—"

"ଆରେ ଦେ, ଦେ—"

ଗେଲରେ ଗେଲରେ ଦଣ୍ଡପାଣିର ବେକ ବେଢ଼େଇଧରି ଗେଲରେ ଗେଲରେ ଚକ୍ରପାଣି ମହାପାତ୍ରେ ତା' ହାତରୁ ବିସ୍କୁଟ୍ ପଟେ ନେଇ ଧରିଲେ—ଦଣ୍ଡପାଣି ଆଶ୍ଚର୍ଯ୍ୟ ହେଲା। ପୃଥିବୀରେ ଏଇ କେଇଦିନର ଅଭିଜ୍ଞତାରେ ସେ ଦେଖିଛି, ଜେଜେ ଏ ଗୁଡ଼ାକ ଛୁଅନ୍ତି ନାହିଁ, ସତେକି ଛୁଇଁଲେ ଛୁଆଁ ଲାଗିବ। ବୋଉ ବି କହେ—"ଆଇଁଷ କି ବିସ୍କୁଟ କି ଡିମ୍ବ ହାତ କରିଥିଲେ ଜେଜେଙ୍କ ପାଖକୁ ଯିବୁ ନାଇଁ, ବୁଝି ଖବରଦାର, ସେ ଭକ୍ତିମାର୍ଗର ମଣିଷ।" "ଭକ୍ତିମାର୍ଗ କ'ଣ ?"

"ଏମିତି ଯୋଉମାନେ ଏ ଗୁଡ଼ା ଛୁଅନ୍ତି ନାହିଁ, ଖାଲି ଠାକୁର ପୂଜା କରୁଥାନ୍ତି ସେମିତିଆ ଲୋକେ ଭକ୍ତିମାର୍ଗର ମଣିଷ।"

କାବା ଭାଙ୍ଗିଲା ପରେ ସେ କହିଲା—"ଜେଜେ ତମେ ସବୁ ଭକ୍ତି

Digitized by srujanika@gmail.com

ମଣିଷ ?" କିନ୍ତୁ ଯେତେବେଳକୁ କେତେ ଖଣ୍ଡିକୁ ଖଣ୍ଡ କରି ଦ'ଖଣ୍ଡ ବିସ୍କୁଟ ପାଟିରେ ପୂରେଇ ସାରିଥିଲେ, ଦାନ୍ତଶୂନ୍ୟ ମଢ଼ିଆର ଗୁପରେ ଚକ ଉପରେ ଚକ ପେଷିଲା ପରି କଳଟା ବୁଲେଉଥିଲେ । ତାଙ୍କର ସେପରିକି କିଛି ଘଟିନାହିଁ ସେହିପରି ତରଳ ସେ ମୁହଁର ଠାଣି—କତ ଦେଖା ଦୃଶ୍ୟ, ଗାଈ ଘାସଖାଉଛି—ଆଉ ଅଧିକ କ'ଣ ?

ଦଣ୍ଡପାଣିର ଆଁ, ଆଁ ହୋଇ ରହିଗଲା, ହଠାତ୍ ସେ ଅନୁଭବ କଲା ଦୁଇଟା ବିସ୍କୁଟର ଷଡ଼, ଚଲିପରି ଛୁଟିଲା ଖଞ୍ଜା ଭିତରକୁ, "ବୋଉ ଶୁଣିଲୁଣି—"

ତ୍ରୁଟି ନାମାବଳି ଦେହପାକ, କୃଷ୍ଣଗୁମ୍ଫା ହାତରେ ମୁଣିମାଳ ସମାଜପତ୍ର ଚକ୍ରପାଣି ମହାପାତ୍ରେ ବସି ରହିଲେ ସେହି ଜାଗାରେ । ଧୀରେ ଧୀରେ ଓଠ ଉପରେ ଜିଭର ଅଗ ବୁଲି ଲାଗିଲା—ଏକର ସେକର, ଏକର ସେକର—

ଡାକ କହିଲେ—"ନେତେଇମା, ତୋ ବୋହୂ ଆସେ ନାହିଁ ଏଠିକି କାହିଁକି ?

ଭଲ ଲୋକଙ୍କ ପାଖେ ବସିଲେ ଉଠିଲେ ସିନା ଦ'ପଦ ଭଲକଥା ଶିଖନ୍ତା ତା ମତ ବଦଳନ୍ତା, ଘରଟାରେ ବସି ରହିଥିଲେ କ'ଣ ହବ ? କହିଦବୁ, ଶୁଣିଯିବ ।

କହିଦେବ ସାଆନ୍ତେ କହିଦେବ—ସେ ଗୁଣ୍ଡାଳୁଣୀ କ'ଣ ଶୁଣିବ ? ଦଣ୍ଡପାଣିର ବୋଉ ଶୁଣିଲେ, କଥାଟା ବିଶ୍ୱାସ କଲେ ନାହିଁ ।

କିନ୍ତୁ ସେହି ସଞ୍ଜରେ ସବୁଦିନପରି ଛାଟିଆରେ ଆଉଟା ଦୁଧ, ଥାଳିରେ ଖଇ ଚକଟା ଓ ପାଚିଲା କଦଳୀ ଦୋ'ଟି ଧରି ଯେତେବେଳେ ସେ ଆସିଲେ, ଜଳଖିଆ କରିବାକୁ ଅନୁରୋଧ କରିବାକୁ, ସେତେବେଳେ ଚକ୍ରପାଣି ହସିଦେଇ କହିଲେ, "ଏତିକି ହବ ନାହିଁ, ଘରେ ଝଣ୍ଡି ବିସ୍କୁଟ ଆଣି ଦିଅ, ଭଲ ଲାଗିଲା ।"

ବୋହୂ ଚାଟକା ହୋଇ ତାଙ୍କ ମୁହଁକୁ ଅନେଇଁ ରହିଲେ । ଚକ୍ରପାଣି କହିଲେ—

"ବିସ୍କୁଟ ଗୁରିଖଣ୍ଡ ଆଣ, ଏଥର ଆମେ ବିସ୍କୁଟ ଆଉ ଗୁ' ଖାଇବା--"

"ଆପଣଙ୍କ ପାଇଁ ଆଣିବ ?"

Digitized by srujanika@gmail.com

"କାହିଁକି ଆଣିବ ନାହିଁ ? ତେମେ ସବୁ ତ ଖାଉଚ ପୁଣି, ଆମେ ଖାଇଲେ ଦୋଷ କ'ଣ ହେବ ?"

ଚୁପ୍‌ଚାପ୍ ଚାଲିଗଲେ କମ୍ବୁପାଣିଙ୍କ ସ୍ତ୍ରୀ । ସେହି ସଞ୍ଜରେ ତାଙ୍କଠିଁ ଗୋଟାଏ ଆତଙ୍କ ପଶିଗଲା, ଭାବିଲେ—"ଶଶୁରେ କ'ଣ ରାନ୍ଧିଲେ ପଚେ ! ଅନ୍ତ କରୁଣ ହୋଇ ଗୋଟାଏ ବଦାମୁ ବେଳର ଧାରଣା, ଏତେଦିନଯାଏଁ ଖୁଣ୍ଟ ପରି ବସିଥିଲେ, ଖାଲି ନାଁଟା ଥିଲା ବୋଲି ଲୋକେ ମାନୁଥିଲେ, ଘଣ୍ଟା ଝୁଣ୍ଟୁଥିଲା, ନହେଲେ ସେତେ ସାହା ହେଲେ 'ପ୍ରେ' ତ' ବାରବୁଲା ଗୁଡ଼ିଆ, ଯେଉଁଠିଥିଲେ ହେଲେ ଶିଅର ହେବାକୁ ବେଳ ନ ଥାଏ । ଏ ସବୁ ବୁଝିବେ ଗାଁ, ଘର, ଜମି କଥା ? ଲୋକ କହନ୍ତି ମରିବା ଆଗରୁ ଲୋକେ ପ୍ରକୃତିଛଡ଼ା ହୁଅନ୍ତି, ସେତେବେଳେ ଏଣ୍ଡୁତେଣ୍ଡୁ ଖାଇବାକୁ ମନ ବଳାନ୍ତି, ତେବେ କଷ୍ଟୁ ସେଇଆ ଘଟିବ ସ୍ବାମୀଙ୍କର । ଲାଗିଲା, ଘରକୁ ସବୁ ସବୁ ମୃତ୍ୟୁ ଆସୁଛି, ପଦାର ଅନ୍ଧାରର ଆଜି ନୂଆ ଅର୍ଥ ନୂଆ ରୂପ, ଘର ଚାରିପାଖ ନଡ଼ିଆଗଛ ଉପରକୁ ଅନେଇଁଲେ ଲାଗୁଥିଲା ସେହି ଗହଳ ବାହୁଙ୍ଗା ହନ୍ଧାରେ ଅନ୍ଧାର ଭିତରେ କ'ଣ ଗୋଟାଏ ଲୁଚି ବସିଛି, ଘଞ୍ଚ ବରଗଛକୁ, ସାହାଡ଼ା ବୁଦାକୁ ଅନେଇଁ ହେଲାନାହିଁ, ସେଠି ବି କ'ଣ ସତେକି ଅଜଣା ଭୟ । ଖୁଡ଼୍ କରି ହେଲେ ସେ ଚମକି ପଡ଼ୁଥିଲେ । ତେମଣି ଚଢ଼େଇ ଓଗ୍ ବାଉଁଶ ତଳେ ଫଡ଼ ଫଡ଼ ହେଲାବେଳେ କାନରଖି ଶୁଣୁଥିଲେ—ପେଚ୍ଚ ନୁହେଁ ତ ! ତାଙ୍କର ସ୍ଥିର ବିଶ୍ୱାସ ଆସିଥିଲା, ମରଣ ଆସୁଛି, ହେଇ, ଆସିଗଲା ପରି । ତହିଁ ଆରଦିନ ସ୍ବାମୀଙ୍କ ପାଖକୁ ଭାଷା ଲେଖିଦେଇ ଡାକକୁ ପଠାଇଦେଲେ ।

କିନ୍ତୁ ସେହି ଗୋଟାଏ ରାତିରେ ବିସ୍କୁଟ୍ ଖାଇ ଚା' ଖାଇ ଚକ୍ରପାଣିଙ୍କର ଯାହା ପରିବର୍ତ୍ତନ ହୋଇଥିଲା, ସେ ଅବସ୍ଥା ମରିବାଠୁଁ ବହୁଦୂର । ଭାଗବତ ପୋଥି ନାଁକୁ ଖୋଲିଲା, ଇଚ୍ଛା ହେଲା ପଦାରେ ଯାଇ ଅନ୍ଧାରରେ ଟିକିଏ ବସେଁ, ଆଜି ପବନରେ ହଜିଲା ହାତର ସାଉଁଳା ଆଉଁସା ଅଛି, ଆଉ ମନ ହେଉଛି ଦେହଟାକୁ ମାଟିରେ ଭରାଦେଇ ତାରାଫୁଟା ଆକାଶ ଉପରକୁ ମନଟା ହାଉଲେ ଉଡ଼େଇ ଦେବାକୁ—ପିଲାଏ ଯେମିତି ଘୁଡ଼ି ଉଡ଼ାନ୍ତି ସେହିପରି । ଆଜି ଠାକୁରଙ୍କ ନାଁ ନେଲାବେଳକୁ ମନ ଭିତରେ ହଠାତ୍ ନାନା ଅଭିଳାଷ ମୁଖର ହୋଇ କଥା କହିବାକୁ ଲାଗିଲେ, ମୁଣ୍ଡ ଭିତରେ ବହୁତ କଥାଭାଷା, ନହେଲା ହେଲେ କାନ

Digitized by srujanika@gmail.com

ଶୁଣିବାକୁ ଗୁହେଁ କ'ଣ ସେ କଥା କୁଆଡ଼କୁ ତା'ର ଗତି । କୃଷ୍ଣ କୃଷ୍ଣ କହି କହି ଆଖିବୁଜି ଦେଇ ଘଡ଼ିଏ ବସିପଡ଼ିଲେ ବହୁଦିନର ଅଭ୍ୟାସ ଅନୁଯାୟୀ । ପ୍ରଥମେ ଅନ୍ଧାର ତା'ପରେ ଆଲୁଅ ତା'ପରେ ଖାଲି ଅଧ ଅଧ ନେଳି ଆଲୁଅ ତା'ପରେ କେଉଁ ଶଙ୍ଖ ଚକ୍ରଧର ଚତୁର୍ଭୁଜ ମୂର୍ତ୍ତି, ତା'ର ସ୍ୱରପାଖ ଆବୋର ଗୋଟିଏ ଧଳା ଓଡ଼ିଆ ଅକ୍ଷରରେ ଓଁକାର, ସେଥିରୁ ତାସ ଆଲୁଅର ଧାସ ପରି ଧାର ଧାର ହୋଇ ଧାସ ଛୁଟିକଟି ନେଲା ଆକାଶକୁ । ଏହିପରି ଏକ ଦୃଶ୍ୟ ଦେଖି ଦେଖି ସେ ଆନନ୍ଦ ପାଉଥିଲେ । ଆଜି ହଠାତ୍ ସତୁରିବର୍ଷର ସଂସ୍କାର ବଦଳେଇ ଦେଇ ଗୁହା ବସ୍ତୁଟି ଖାଇଦେଲା ପରେ ଯେତେବେଳେ ସେ ଅଭ୍ୟାସ ଅନୁସାରେ ଆଖିବୁଜି ବସିଲେ, ସେତେବେଳେ କୌଣସି ସ୍ପଷ୍ଟ ଦୃଶ୍ୟ ଦେଖିବାକୁ ମିଳିଲାନାହିଁ । ଅନ୍ଧାର ଦେଖିଲା ପରେ ପରେ ସ୍ପଷ୍ଟ ଅନୁଭୂତ ହେଲା ଧୀରର ଧାସ ଆଖିପତା ଉପରେ ପଡ଼ୁଛି, ଅନ୍ଧାର ଜଳ ଜଳେଇଲା, ଅନ୍ଧାରହିଁ ରହିଲା, ତା'ପରେ ଓଟାଳ ଓଟାଳ ଆଖିପତା ମାଡ଼ିରଖିବାକୁ ଚେଷ୍ଟା କଲାବେଳେ ଅଣଚର କେତେ ମୁହଁ ମନେପଡ଼ିଗଲା, ଇଚ୍ଛା ହେଲା ଆଖି ଖୋଲି ଦେଇ ପକାଏଁ, ଭାବେଁ । ଭଗବତ ବନ୍ଦ କରିପାରିଥିଲେ, ଆଖି ଖୋଲିଦେଲେ । ହଠାତ୍ ସନ୍ଦେହ ହେଲା—ଭଗବାନ ଦେଖାଦେଲେ ନାହିଁ ଆଜି, ଭଗବାନ୍ ରାଗିଲେ କି ?

ସନ୍ଦେହଟା ଆପଣା ଆପେ ମେଣ୍ଟିଗଲା ଶାସ୍ତ୍ରର ଯୁକ୍ତିରେ—ସେ ତ ନିର୍ଗୁଣ, ନିସ୍ପୃହରେ ସେ ଭାଗୀ ହୁଅନ୍ତି ନାହିଁ, ସେ ରାଗିବେ କାହିଁକି ? କାହାର କ'ଣ ଅନିଷ୍ଟ କରିଛନ୍ତି ସେ ? ଏ ନୂଆ ଇଚ୍ଛା ଆସିଲା ବା କାହିଁକି ଯଦି ସେ ଇଚ୍ଛା ଉପୁଜେଇବାରେ ଈଶ୍ୱରଙ୍କର ହାତ ନାହିଁ ; ତ୍ୟାଗର ମାର୍ଗ ଦେଖାଇ ଯାଇଛନ୍ତି ସେ ବହୁତ ବର୍ଷ, ଏଣିକି ସେ ଦେଖାଇଛନ୍ତି ଭୋଗର ମାର୍ଗ, ଆଉ ଭଗବତ ତ କହିଛନ୍ତି, "ଆତ୍ମା-କୁଶଳେ ସର୍ବସିଦ୍ଧି, ଉଦ୍ଧବ ପଣ୍ଡୁରୁ ତୁ ବୁଧି—" ନା ଏଇପରି କ'ଣ ।

ସନ୍ଦେହ ଉଭେଇଗଲା । ଅତି ସହଜରେ ସେ ବିଶ୍ୱାସ କଲେ, ତାଙ୍କର ଇଚ୍ଛାହିଁ ଭଗବାନଙ୍କ ଇଚ୍ଛା । ଦୁହେଁ ଅଭିନ୍ନ ।

ପରମ ଉତ୍ସାହରେ ଆପଣା ପ୍ରତି ଅନୁକମ୍ପା ଦେଖାଇ ସେ ଭାବିଲାଗିଲେ —ଆପଣାଟି କେତେ କଳରବ ରହିଛି—ପ୍ରବୃତ୍ତି ଓ ଅଙ୍ଗପ୍ରତ୍ୟଙ୍ଗ ଏକାଠି ହୋଇ ଚହଳ ପକାଇ ଉଠୁଛନ୍ତି—ଆମେ ପାଇନୋହୁଁ—ଆମେ ପାଇନୋହୁଁ । ଈଶ୍ୱରଙ୍କ

Digitized by srujanika@gmail.com

ମନ୍ଦିରରେ, ପରମ ଧର୍ମକ୍ଷେତ୍ରରେ ବିଶୁଦ୍ଧ ଘିଅ ଖାଇ ଖୋଲଲ ଲକାଶ ଫଳ ଫଳ, ସେମାନେ ପାଳି କରୁଛନ୍ତି, କ'ଣ ହେବ ତାଙ୍କର ଗତି ! କ'ଣ ହେବ ତାଙ୍କର ଉପାୟ ? ନ ମରୁଣୁ କାଳ ଯେପରିକ ଏକ ଅତୃପ୍ତ କ୍ଷୁଧାମୟ ଅମୋଘ ଆତ୍ମା, ଏତେ ଇଚ୍ଛା ଏତେ କାମନାର ଅଶାନ୍ତ ବ୍ୟକ୍ତିତ୍ୱ କେଉଁ କ ଉପାୟରେ ମଣିଷ ଯାଇପାରେ ସ୍ୱର୍ଗକୁ ? ହୁଏତ ଗୋବିନ୍ଦଙ୍କର ଉଦ୍ଦେଶ୍ୟ କେବଳ ଏତିକ ଦେଖାଇ ଦେବା—କିନ୍ତୁ କାହିଁ ସମୟ ଆଉ ? କାହିଁ ବଳ ? କାହିଁ ଶକ୍ତି ?

ଅଶାନ୍ତ ହୋଇ ଭାବିରହିଲେ ବହୁତ ବେଳ, ସେ ଭାବନାର ଅନ୍ତ ନାହିଁ, ସେ ସମସ୍ୟାର ସମାଧାନ ନାହିଁ ।

ଯେପରିକ ଆନନ୍ଦକର କେଉଁ ସର୍ଜନ ଆରମ୍ଭ କରିଦେଇ ହଠାତ୍ ସେ ଶୋଇପଡ଼ିଥିଲେ, ତା'ପରେ ସମସ୍ତ ବଦଳିଯାଇଛି, ପରିସ୍ଥିତି ବଦଳି ଯାଇଛି । ନିଦ ଭାଙ୍ଗିଲା ବେଳକୁ ବାକି କାମ ଗଦା ହୋଇ ପଡ଼ିଛି, ଉପକରଣ ନାହିଁ କି ବଳ ନାହିଁ । ଏତେଦିନକେ ତୀବ୍ର ଅନୁଶୋଚନା ଯେମିତି ମୁହାଁମୁହିଁ ଦେଖାଦେଲା ଆପଣାର ବାର୍ଦ୍ଧକ୍ୟ—ଫମ୍ପା ଘଟ ଭିତରେ ହାଉ ହାଉ ପବନର ଉଇଁର ଖେଳ, ତା'ର ଗୋଟାଏ ନାଦ—'ସମୟ ନାହିଁ, ସମୟ ନାହିଁ ।'

ହଜିଯାଇଥିଲା କେବେ କେଉଁ ସଙ୍ଗୀତର ମୂର୍ଚ୍ଛନା, ତା'ର ଶେଷ ଧାଡ଼ିକ ଯେପରିକ ଶୁଭୁଯାଉଛି, ପୁଣି ଆଉ ଶୁଭୁନାହିଁ । ନିଭିଯାଇଥିଲା କେବେ କେଉଁ ଆଲୁଅ, ତାର ନିଭିଲା ବେଳର ଶେଷ ଧାସ ପୁଣି ଆଉଥରେ ଦଣି ଦଣି ଯାଉଛି, ପୁଣି ଦୂଲୁକି ଆସୁଛି ଅନ୍ଧାର, ଶୁଳିଯାଇଛନ୍ତି କେତେ ଲୋକ, କେତେ ଦୃଶ୍ୟ ହଜୁଛି, ମୁହିଁ ସଞ୍ଜ ଆଗର ଥମ୍ବିଲା ଆକାଶ ଆଗରେ ସ୍ଥୂଳ ବସ୍ତୁର ଅନ୍ଧାର ଛବି ପରି ଠିଆହୋଇପଡ଼ୁଛନ୍ତି ସେସବୁ, ପୁଣି ଅନ୍ଧାରରେ ମିଶିଯାଉଛି ତାଙ୍କ ଆକୃତିର ପରିସୀମା । ନାମ ଫାଟିପଡ଼ି ହୋଇଛି ସହସ୍ର ନାମ, ସହସ୍ର କାମନା, ଆଉ ସେହି ଅନୁଶୋଚନାର କାନଅତଡ଼ା ଘୋଷା—ସମୟ ନାହିଁ ସମୟ ନାହିଁ ।

ନୂଆ ଯୁକ୍ତିରେ ତଉଲି ଦେଖୁଛନ୍ତି ଆପଣାର ଅତୀତକୁ । ସେଠି ଉଦ୍ଧତାର ଲଗାମ୍, ଖ୍ୟାତି ଅରଜିବାକୁ ପେଟ ଭୋକ ମୁହିଁ ଲାଜ ଅବସ୍ଥା, ପରମାର୍ଥ ଓ ତ୍ୟାଗର ପିଠା ଗେରୁଆ, ପୋଥି ଘାଣ୍ଟିବା ଓ ପାଠ ମୁଖସ୍ଥ କରିବାର ଅନର୍ଥକ ପରିଶ୍ରମ । ସବୁ ସାନ ହୋଇଆସୁଛି, ଆପଣାଟି ଏକ ପ୍ରଚଣ୍ଡ କ୍ଷୁଧା, ଦୂରରେ ସମୁଦ୍ରର ଗର୍ଜନ । କର୍ତ୍ତବ୍ୟ, କ୍ରିୟା ଓ ନିଷ୍ଠାର ଏତେ ବର୍ଷର ଜୀବନ

Digitized by srujanika@gmail.com

ଆପଣାକୁ ଲାଗୁଥିଲା ସଙ୍କୀର୍ଣ୍ଣ ଓ ଅଯୌକ୍ତିକ, ଏତେ କରି ଦୁଃଖ ରୋଗ କି ମୃତ୍ୟୁକୁ ଅଟକାଇ ହୋଇନାହିଁ, ସବୁ ଝଡ଼ିପଡ଼ୁଛି, ଆଉ ସେ ଫେରିବ ନାହିଁ ।

ରାତିରେ ଶୋଇଲାବେଳେ ଏତେ ମୁହଁ ପଛରେ ପୁଣି ସ୍ମୃତି ଭାସି ଦେଇଥିଲା ଆଜି ଦେଖିଥିବା ଗାଈଲେଉଟାଣି ବେଳର ଦୃଶ୍ୟ ଉପରେ, ସେହି କୃଷ୍ଣଚୂଡ଼ା ଗଛ, ସେହି କଳ କଳ କାଳୀ ଛୁଡ଼ା, ଆଉ ନେଡ଼େଇମା'ର ଅଶାନ୍ତ ଓ ତା' ବୋହୂର ବର୍ତ୍ତମାନ ଅବସ୍ଥା ଉପରେ । ଠିକ୍ କଥା, ନେଡ଼େଇମା'ର ବୋହୂକୁ ଦେଖିବାକୁ ପଡ଼ିବ, ଆସିବ ତ', ଉପଦେଶ ଶୁଣିବ । ନିଦ ହୋଇଗଲା ।

ତହିଁ ଆରଦିନ ସକାଳେ ଦଣ୍ଡପାଣି ବୋହୂକୁ ଡାକି ନୂଆ କଥା କହିଲେ—"ମୁଁ ଭାବୁଚି, ମାଛ ମାଂସ ଖାଇବାକୁ ହିଁ ପଡ଼ିବ । ଏ ଦେହ ରଖିବାକୁ ହେଲେ ପୁଷ୍ଟିକର ଖାଦ୍ୟ ଦରକାର । କେତେ ଲୋକ କହନ୍ତି, ମାଛ ମାଂସ ଖାଇଲେ ପାପ ହୁଏ, ଭୁଲ ବୁଝିଚନ୍ତି ସେମାନେ । ଆମେ ନ ଖାଇଲେ କ'ଣ ହେଲା, ଆଉ ଲୋକେ ଖାଉଚନ୍ତି ତ, ସେମାନଙ୍କ ପାଇଁ ତ ମାଛ ମାଂସ ହେବ, ଆମେ ଖାଇଲେ କେତେ ନ ଖାଇଲେ କେତେ, ଆମେ ଖାଇଦେଲେ କ'ଣ ଅଧିକ ପ୍ରାଣୀ ହତ୍ୟା ହୋଇଯିବ ନା ନ ଖାଇଲେ ଅଟକିବ ? ଆପଣା ରୁଚିର କଥା, ରୁଚି ହେଉନଥିଲା ଖାଉନଥିଲି, ରୁଚି ହେଲା, ଏଥର ଖାଇବି । ସହରରେ ବୁଲି ବୁଲି କ'ଣ ସବୁ ଭଲ ରନ୍ଧା ଶିଖି ଆସିଚ ପରା, ଭଲ କରି ରାନ୍ଧିବ, ଆଜିଠୁ ଆରମ୍ଭ ।"

ଦଣ୍ଡପାଣିର ବୋଉ ବିକଳ ହୋଇ ଭାବିଲେ, ଆହା ବିଚରା ବୁଢ଼ା ମଣିଷଟି ! ଖାଉନ୍ତୁ ଯାହା ମନ ହେଉଛି । କିନ୍ତୁ ପୁଣି ଏ କାହାଣୀ ସ୍ୱାମୀଙ୍କ ପାଖକୁ ଚିଠିରେ ଲେଖା ହୋଇ ଚାଲିଗଲା—"ତୁମେ ଶୀଘ୍ର ଆସ, ମତେ ତ କେମିତି କେମିତି ଲାଗୁଛି, ଯଦି କିଛି ଗୋଟାଏ ଘଟିଯିବ ମୁଁ ମାଇପି ଲୋକ, ତୁଲେଇ ପାରିବି ନାହିଁ ।" ପଦାରେ କଥାଟି ପ୍ରକଟ ନ କରିବାକୁ ହିଁ ଚେଷ୍ଟା କଲେ, କିନ୍ତୁ ଦଣ୍ଡପାଣି ଇସ୍କୁଲ ଯିବା ପିଲା, ଘରୁ ଇସ୍କୁଲ ଯାଏ ଓ ପୁଣି ଲେଉଟାଣି ସେ ତା'ର ନୂଆ ଜ୍ଞାନର ବ୍ୟାଖ୍ୟା କରି କରି ଚାଲିଲା—

"ଆମ ଜେଜେ ମାଛ ମାଂସ ଖାଇଲେଣି, ଏଥର ରୋଜ ଆମ ଘରେ ମାଛ ମାଂସ ହବ, ବୋଉ କହିଚି ।"

ଗାଁ ଲୋକେ ଗୋଠି ଗୋଠି ହୋଇ ଚଢ଼ିବାକୁ ଲାଗିଲେ ଖାଲି ଦେଖିବାକୁ,

Digitized by srujanika@gmail.com

ପ୍ରଥମେ ଅଳ୍ପ ଅଳ୍ପ, ତା'ପରେ ଧାର ବଢ଼ିଲା । ଫସାଙ୍ଖ ଲୋକେ ବିଶ୍ୱାସ କରିବାକୁ ନାରାଜ ଯେ ନଈ ବି ଗତି ବଦଳାଏ, ମଣିଷ ତା'ର ସ୍ୱଭାବ ବଦଳାଏ, ଅତି ବଡ଼ ଗଛ ବି ପବନରେ ଉପୁଡ଼ି ପଡ଼େ, ଯେଉଁଠି ଧନେ ବସ୍ତି ବସିଥିଲା ସେଠି କେବେ ପାଣି ଗଣ୍ଡ ବି ହୁଏ, କୁମ୍ଭୀର ବସା କରେ । ପୁରୁଖା ଲୋକେ ଧରି ନେଇଥିଲେ, ମରିବା ପୂର୍ବରୁ ଚକ୍ରପାଣି ମହାପାତ୍ରେ ପ୍ରକୃତିଛଡ଼ା ହେଉଛନ୍ତି, ଖୁବ୍ ଶୀଘ୍ର ଆସୁଛି ମରଣ, ସେତେବେଳେ ଆଉ ପିଣ୍ଡାରେ ବସିଥିବା ପାକଲା ଆମ୍ବ ପରି ବୁଢ଼ା ନଥିବେ, ଗାଁର ଗୋଟିଏ ସାତ ସାରରେ ସାର ମୁଣ୍ଡ ହଜିଯିବ । ତେଣୁ ସେମାନେ ପେଟପୂରା ଭୋଗ କରିବାକୁ ଆସିଥିଲେ ତାଙ୍କ ସନ୍ନିଧାନ । ଗାଁର ଟୋକାଏ ନବଜ ଦେଖିବାକୁ ଆସିଥିଲେ, ବୁଢ଼ାର ମୁଣ୍ଡ ଝରିଡ଼ୁଛି, ଚୁହୁଁ ଚୁହୁଁ ହୁଏତ ସେ ଥେଇ ଥେଇ ହୋଇ ନାଚିବ, ଏଥର ବଡ଼ ମଜା ଛାଡ଼ଦେବା ଉଚିତ ହେବ ନାହିଁ । ତେଣୁ ସେମାନେ ତୁନିତାନି ଆସି ଠିଆ ହୋଇ ରହିଲେ । ଘଟନା ଶୁଣି ମନରୁ ତାଙ୍କ ପ୍ରତି ସମ୍ମାନ ଉଡ଼ିଯାଇଛି, ଚିର ଅଭ୍ୟାସର "ଦଣ୍ଡବତ ଓଳଗ—" ବି ଅନେକେ ଭୁଲିଗଲେ । କେତେକଙ୍କ ମନରେ ଥିଲା କରୁଣ ସହାନୁଭୂତି ଆଉ କେତେକଙ୍କ ମନରେ କେବଳ ନିର୍ଦ୍ଦୟ ଉପହାସ; କିନ୍ତୁ ମହିର କରଛଡ଼ା ଦେବାର ସମ୍ଭ୍ରମମିଶା ଭକ୍ତି ଯେପରିକି ଅପସରି ଯାଇଥିଲା । ଲୋକେ ପାଖକୁ ଆସି ଠିଆହେଲେ, କଣ୍ଡରେ ବସିଲେ, କିଛି ନ କହି ଚାହିଁରହିଲେ ଖାଲି ଘଡ଼ିଏ ବେଳ ।

ହଁ ପରିବର୍ତ୍ତନ ସ୍ପଷ୍ଟ ଆଖିରେ ପଡ଼ୁଛି । ସେ ଥିଲେ ମୌନୀ, ଯେ ଯାହା କହୁ କୃଷ୍ଣ-କୃଷ୍ଣ—କହି ମୁଣ୍ଡ ଝୁଙ୍କାଉଥିଲେ । ଆଉ ଆଜି ସେ ମୁଖର, ସମସ୍ତଙ୍କ ପାଇଁ ଅଛି କିଛି ହସ, କିଛି କଥା । ଯେପରିକି ଏତେଦିନ ବନ୍ଦୀ ହୋଇ ରହିବା ପରେ ଆଜି ସେ ପଦାକୁ ଆସିଛନ୍ତି, ହଠାତ୍ ଲାଗୁଛି, ସମସ୍ତେ ତାଙ୍କୁହିଁ ସମ୍ବର୍ଦ୍ଧନା ଦେବାକୁ ଆସିଛନ୍ତି, ସମସ୍ତେ ତାଙ୍କର ହିତକାମୀ, ସ୍ନେହୀ ବନ୍ଧୁ, ଫଟୋକ ଆସିଛନ୍ତି କେବଳ । ଆଜି ଏହି ଗଣ-ସାନ୍ନିଧ୍ୟରେ ଝଳକି ଉଠୁଛି ତାଙ୍କର ମୁକ୍ତ ବ୍ୟକ୍ତିତ୍ୱ—

"ଆସ, ଆସ, ବସ ବସ, ଆରେ କିଏ ଅଛ, ପାନ ଆଣରେ । ଗଛରେ କ'ଣ ପଇଡ଼ ନାହିଁ ? ଚଢ଼ୁ ଜଣେ, ଖବରେ ଆସିଛନ୍ତି ଏମାନେ, ପଇଡ଼ଟିଏ ହେଲେ କ'ଣ ନାଙ୍କେରା ହେବ ? ହଁ, ବସ ବସ—କ'ଣ

Digitized by srujanika@gmail.com

କହୁଥିଲାଣି, କହୁଚ ରଇଥା—କ'ଣ ପୋଇଁ ପୁଅ, ଚାଷ ବେଉସା ଭଲ ଲାଗୁନି ତ ? ତମର କ'ଣ ଚନ୍ତା, ଆପଣା ହାତେତ ହାତେ କାମ, କୋଉ କାହା ଉପରେ ନର୍ଭର ରଖିଚ ଯେ ପଡ଼ୁଛି ଅଛୁ ? କ ବେହେସାବ, କେମିତି ଲାଗୁଚ କାମଦାମ ? ତମେ ଟିକଏ ତମ ମାହ୍ନାଲୋକଙ୍କୁ କହ, ପାଣି ମିଶେଇଲେ କ'ଣ ଦୁଧ ବେଶି ହବ ? ବେଶି ପଇସାକୁ ଆଶା ତ ଭଲ ଗାଈ ରଖ, ବେଶି ବେଶି ଦୁଧ ହଉ, ମାଠିଆ ମାଠିଆ ପାଣି ମିଶେଇଦେଲେ କୋଉ ଘଣ୍, ସେ ପଇସା କୋଉ କାମକୁ ଯାଏ ? କହେ ଶତପଥୀଏ, ବାପେ ତ ଟୋଲ ବସେଇ ସଂସ୍କୃତ ପଢ଼ାଉଥିଲେ, ଏବକାଳକୁ ବଦ୍ୟାଟା ବ ଲୋପ ହୋଇ ରହୁଲାଣି, ଖାଲି ଚଟକଣିରେ ତାଳ ମାରଦେଲେ ସଂସ୍କୃତ ହୋଇଗଲା, ଏଇ ହାଓ୍ୱା ଲାଗୁଥିବ ନା ବଦଳେଇବାକୁ ଚେଷ୍ଟା ଯତ୍ନ ହେବ । ଆସିଲ ସବୁ, ଭାରି ଭଲ ହେଲା । ଏ ଗାଁ ବାଷ୍ପୁରେ କେତେ କଥା କହିବାକୁ ଥିଲା କ'ଣ ତ ମନେପଡ଼ୁନାଇଁ, ରଇଥା, ଧୀରେ ଧୀରେ ମନେପଡ଼ିବ । ହଁ ଏ ଟୋକାଗୁଡ଼ାକ ଏମିତି ନର୍ଜୀବା ହେଇ-ଯାଉଚନ୍ତି କାହିଁକି ? ଆଗ କାଳେ ଦେଖିଚ ତ, ମଣିଷ ଥିଲେ, ସକାଳ ଭନ ଟା କଞ୍ଚା ଚଣ୍ଡା ଅଣ୍ଟିରେ ପଶିଲା ତ ଆଉ ଘଣ୍ଟାକେ ନାଇଁ, କୁଆଡ଼େ ହଜମ୍ ହେଇ ପାରି ହେଇଯାଇଥିବ । ସେଇଠୁ କଟକ ଅଧସେର ଗୁଡ଼ରର ବଟୁଡ଼ି! ଭାତ, ଅଧସେରିଆ କଂସାରେ କଂସାଏ ଲେଖାଁ ଭରିଡ଼ାଲି, ଗୋଟାଏ ବଡ଼ ଶୁଖୁଆ । ସେ ଖାଦ୍ୟ ନାହିଁ, ସେମିତି ଖାଇଲାବାଲା ନାହାନ୍ତି, ସେମିତି ମାଲ ବ ନାହାନ୍ତି, ଆଉ କେତେ କେତେ ପିଠାମାନ—କେଡ଼େ କେଡ଼େ ବଡ଼! କେଡ଼େ କେଡ଼େ ପିଠା—ଏବର ଏ ବୋହୂ ଝିଅ ତ ତା' କରିବାକୁ ଭୁଲିଗଲେଣି—

କଥା କହି କହି ଥକାମାରି ବସିରହୁଲେ କାହ୍ନୁ ବେଳ, ଯେପରିକ ସେ ସେହି ପିଠା ସ୍ୱପ୍ନ ଦେଖୁଛନ୍ତି । ଜାଣିବା ଲୋକେ ମୁହଁ ଚାହାଁଚାହିଁ ହେଲେଣି, ଆହା, ବୁଢ଼ା ବଚାରାଙ୍କର ପିଠା ଖାଇବାକୁ ମନ ହୋଇଛି, ଘରେ ଘରେ ଏଥର ବୋହୂ ଝିଅ ଲାଗି ପଡ଼ିବେ, ଖାଉନା ମଣିଷଟା ପେଟ ପୂରେଇ, ପିଠା ଆସିବ । କିନ୍ତୁ ତାଙ୍କର ପ୍ରତ୍ୟେକ କଥା ସମବେତ ଜନତା ମନରେ କାହ୍ନୁନା କାହ୍ନୁ ପ୍ରତକ୍ରିୟା ଉପୁଜାଉଛି, କଏ ଯେଉଁଠି କେଉଁ ଅର୍ଥରେ, କଏ ଭାବୁଛି ଏ ପାଗଳ, କଏ ଭାବୁଛି ନା ଏ ସାର କଥା । ଗୋଟାଏ କଥା ଅତି ସ୍ପଷ୍ଟ, ଏ ଭାଷଣରେ ନାହିଁ ଶାସ୍ତ୍ରର ପରମାର୍ଥ କଥା କାହିଁ, ଖାଲି ଏଥିରେ ସଂସାରୀ ଲୋକର ଜୀବନ ଧାରଣର ସାଧାରଣ ସମସ୍ୟା । ଏତେ ବଡ଼ ପରମାର୍ଥ ନଷ୍ଠାପର ଧାର୍ମିକ ବୁଢ଼ାଙ୍କ ମୁହଁରେ

Digitized by srujanika@gmail.com

ଖାଲି ଏଇ ମଡ଼ା ମାଟିର କଥା, ଆକାଶର କଥା ନାହିଁ । କେତେ ବୁଢ଼ା ଫଁ ଫଁ ଦୀର୍ଘନିଶ୍ୱାସ ଛାଡ଼ିଲେ, ଚକ୍ରପାଣିଙ୍କ କଥାର ଧାରରେ ସେମାନେ ଦେଖିଲେ ନରକ ଆଉ ପ୍ରଳୟର ଝଲ୍ସିକା—ଏତେ ଶାସ୍ତ୍ର ପଢ଼ି କ'ଣ ଏଣ୍ଡୁ ହେଲା ଫଳ ଯେ ଏତେ ବୋଧା ପାକଲା ବୁଢ଼ାଙ୍କ ଭୁଣ୍ଡରେ ଶାସ୍ତ୍ର ଉପଦେଶ ପଦେ ହେଲେ ନାହିଁ ! ନା ଏ କଳିଯୁଗର ହିଁ ନିୟମ, ପବନ ଲୋକେ ଆଗ୍ରର ଛାଡ଼ିବେ, ବାବାଜି ସଂସାର କରିବେ, ସବୁ ଓଲଟିଯିବ, ଭୁଷୁଡ଼ିପଡ଼ିବ, ଭାଙ୍ଗିଯିବ ।

ଦମ୍ ନେଇ ବୁଢ଼ା କହିବାକୁ ଆରମ୍ଭ କଲେଣି—

"ଅସଲ ହଉଛି ବଳ ବୟସ, ଝଟଗେଟ ଦେହ । ସେତକ ନ ଥିଲେ ସବୁ ବଗିଡ଼ା । ହଜାରେ ପଣ୍ଡିତ ହେଲେ କ'ଣ ହେବ ? ପ୍ରାଣଟା ବଳଟା କ'ଣ କିଏ ଦେଇଦେବ କାହାକୁ ? ପିଣ୍ଡରେ ପ୍ରାଣ ଥିଲେ ତ ?

ଗୁଲୁ ଗୁଲୁ କରି ସ୍ୱାଁ ମୁହଁରୁ ତା'ମୁହଁକୁ ଅନେଇଁଗଲେ, ସେପରିକି କଥାର ଖିଅ ହଜିଗଲା । ପୁଣି ଲେଉଟି ଆସିଲାପରି ଥୁକନା ନଣ୍ଡାଏ ଛେପ ପକାଇ ଦେଇ ପୁଣି ଆରମ୍ଭ କଲେ—"ଯୁଆଡ଼େ ଶୁଣ ଖାଲି ପ୍ରେମ ପ୍ରେମ ପ୍ରେମ—ଏ ଟୋକାଙ୍କର ସେମିତିକି ଆଉ କିଛି ନାହିଁ । ମୁଁ ଏଠି ବଇଚ ବୋଲି ମୋ କାନଟା କ'ଣ ବନ୍ଦ ଅଛି ? ତୁମ ଗୀତ ସେଇଆ, ସେଇଥିପାଇଁ ତମର ଏତେ ନାଟ ଯାହାରେ ସଉକ୍ । କର, କିଏ ମନା କରୁଚି । ଅଣ୍ଟାରେ ତ ବଳ ନାଇଁ, ଦୁହିଁ ଆଣିଲେ ହାଡ଼ ମାଉଁସ ପଳେ, ତମେ କି ପ୍ରେମକୁ ଯୋଗ୍ୟ ? ମୁଁ ପଚ୍ଚରୁଚି—" ହୋ-ହୋ ହୋଇ ହସି ଉଠିଲା, ଉତ୍ସାହିତ ହେଲା ପରି ଚକ୍ରପାଣି କହିଲେ—"ଯାହା ମନ ତା' ଖାଅ, ଆଗ ବଳୁଆ ହୁଅ, ହଁ ଏଇ କଥା ତ କହିବ କହିବ ବୋଲି ଭୁଲିଯାଇଥିଲି—ଗାଁରେ ଖଣ୍ଡେ ପହିଲିମାନ ଆଖଡ଼ା କର, ଭେଦା ପକେଇ ଟଙ୍କା ଠୁଳ କରି ସମ୍ବସେର ପୁରୁଆ ପଠାଣ ପହିଲିମାନ 'ଗୁରୁ ରଖ—ସାଧନ ଭାଙ୍ଗ, ବାଡ଼ ଖେଳ ମୁଦ୍‌ଗର ବୁଲାଅ, ଦଣ୍ଡ ପେଲ, ଯାହା ପାରି ତା' କର ମଣିଷ ହୁଅ—"

ଟୋକା ଭିତରୁ ଜଣେ ପଚ୍ଚରିଲା—"ଆମେ କୁସ୍ତି ଆଖଡ଼ା କଲେ ଆପଣ ସେଠିକି ଆସିବେ ତ ?"

"କାହିଁକି ଯିବୁ ନାଇଁ ? ଆମେ କ'ଣ ମଣିଷ ନୋହୁଁ ? କୁସ୍ତି ସିନା ନ ଲଢ଼ିବୁଁ, ଦେଖିବାକୁ କ'ଣ ମନା ଅଛି ?"

Digitized by srujanika@gmail.com

"ଦେହ ସଜାଡ଼ିବେ ବୋଲି ଆପଣ ମାଛ ମାଂସ ଖାଇବାକୁ ଆରମ୍ଭ କଲେ କି ?"

"ସେଇ ତ କଥା, ମୋ ମୁହଁରୁ ଛଡ଼େଇ ନେଲ । ବସି ବସି ଭାବିଲି ସବୁ ବିଷୟରେ ତା ମନ ଦେଲି ଆପଣା ଦେହ ପାଇଁ କଲି କ'ଣ ? ମରିବାକୁ ତ ହେବ, ବୟସ ବଢ଼ିଗଲାଣି, ତା' ଆଉ କିଏ ଅଟକେଇବ କହ । ତେବେ ଯେତେଦିନ ଥାଇଁ ସେତେଦିନ ମଣିଷ ପରି ନ ବଞ୍ଚିବା କାହିଁକି ?"

"ମାଛ ମାଂସ ଖାଇଲେ ଫେର୍ ହରିନାମ ?"

"ହରି ନାମ ଅଟକିବ ନାହିଁ । ହରି କୋଉଠି ନାହାନ୍ତି କହ ? ସେ ତ ଦେଖିବା କଥା ନୁହଁ, ଅନୁଭବ କରିବା କଥା, ଅନୁଭବ ଆସିବ ଦେହ ବାଟେ ଫେର୍ ମନ ବାଟେ । ଦେହ ଯଦି ଦେହ ହୋଇ ନଥିବ, ତେବେ ହରିଙ୍କି ଅନୁଭବ କରିବ କ'ଣ ? ସନ୍ଧିରେ ମୁଣ୍ଡ ବିଥୋଉଥିଲେ କି ଜର ହୋଇଥିଲେ କ'ଣ ପବନଟା ପବନ ପରି ଲାଗିବ ନା ପାଣିଟା ପାଣି ପରି । ଆଗ ଏ ଘଟ, ତାକୁ ଆବୋରି ସବୁ ।"

"ତେବେ ଏତେ ଦିନ ସେଗୁଡ଼ା ନ ଖାଉଥିଲେ କାହିଁକି ?"

"ଦେହର ଅଭାବ ନ ଥିଲା, ମନ ହେଉ ନ ଥିଲା ଖାଉ ନ ଥିଲି । ଦେହର ଦରକାର ନ ଥିଲେ ମନ ଆଦୌ ହବ ନାହିଁ । ଇଚ୍ଛା ଦରକାର ହେଲା, କ'ଣ ବିଗିଡ଼ିଗଲା ସେଥିରେ ? ଶାସ୍ତ୍ର କହୁଛି, ଆସକ୍ତ ନ ଥିଲେ ସବୁକାମ କରି ହବ, ଫେର୍ କଇଁଚ ପରି ବେକ ଗୋଡ଼ ଓଟାରି ଦେଇ ଆପଣା ଖୋଳ ଭିତରେ, ଯୋଉ ଲୟକୁ ସେହି ଲୟ । ଆମେ ତ ଗୃହୀ, ଏମିତି କେତେ ବାବାଜି ଅଛନ୍ତି । ସେଥିରେ କିଛି ନାହିଁ, କୋଉଥିରେ କିଛି ନାହିଁ, ଆପେ ବଞ୍ଚିଲେ ବାପର ନାମ ।"

ଚାଲିଲା ନାନା ଜାତି ପ୍ରଶ୍ନ, ବୁଢ଼ା ଯଥାସାଧ୍ୟ ତା'ର ଉତ୍ତରଦେଲେ । ଗାଁ ଲୋକେ ପଚାରିବାକୁ ବାଗ ପାଇଲା ପରେ ଦେଖାଇ ବସିଲେ ଅଦମ୍ୟ କୁତୁହଳ, ସତେ ଯେପରି ବିଦେଶରୁ କିଏ ଜଣେ ଆସିଛନ୍ତି ଆଉ ସାମ୍ବାଦିକମାନେ ତାଙ୍କୁ ବେଢ଼ି ବସି ନାନା ବିଷୟରେ ତାଙ୍କ ମତ ପଚାରୁଛନ୍ତି । ସେ ଉତ୍ତର ବି ଲାଗିଲା ଠିକ୍ ସେହିପରି ବ୍ୟବହାରରେ, ନୁଆଁମାନେ ଶୁଣିଗଲେ ଯେମାନେ ଚାଲିଆଡେ ପ୍ରଚାର କରି ଲାଗିଲେ, ତା' ଉପରେ ପୁଣି ଚାଲିଲା ସମାଲୋଚନା—"ହୋଃ,

Digitized by srujanika@gmail.com

ଭଣ୍ଡ ତପସ୍ୱୀ — କ'ଣ କହନ୍ତି ନାହିଁ, ମାଛ ନ ଖାଉ, ମଛଲି ନ ଖାଉଁ, ମାଣ୍ଡିଆ କଙ୍କଡ଼ା ପାଇଲେ, ପୋଡ଼ିକରି ଖାଉଁ — ଦେହବାଟେ ଅନୁଭବ କରିବେ ହରିଙ୍କି — ଅଇଛା ଗୋଟାଏ ହରି ପାସୋରି ଯାଇ ଆଉ ସବୁ ହରି ଆଖିରେ ଦିଶୁଛନ୍ତି — ବୋଇଲି ହରି ପଟଳଇଲି ହରି ଗୋଡ଼େଇଲି ହରି ପଶିଗଲି ହରିରେ, ସେମିତିଆ ଯୁଆଙ୍କ ହରି ।"

"ମୁଣ୍ଡର ଦନ୍ଧା ଛେନା ଛୁଣ୍ଡି ଗଲଣିମଁ, ମଥା ବଗିଡ଼ା, କଣ ନାହିଁ କଣ ବକି ଯାଉଛନ୍ତି, ସେଥିରେ କଣ ବାଇଶ ଅଛି ?"

କିନ୍ତୁ ଚକ୍ରପାଣି ତୃପ୍ତ ଥିଲେ । ଲାଗିଲା, ଏତେ ଦିନକେ ସେ ତାଙ୍କର ସତ୍ୟ ସନ୍ଦେଶ ପ୍ରଚାର କରିପାରିଛନ୍ତି, ନିଶ୍ଚୟ ସେ ଚେର ମଡ଼େଇବ, ସଂସାରର ମଙ୍ଗଳ ହେବ । ପିଇବା ଆରମ୍ଭ କଲା ପରେ ତାଙ୍କୁ ପ୍ରଚାରକର ନିଶା ମାଡ଼ି ବସିଥିଲା, ଜହ୍ନୁଁ ଥିଲେ ଟିବୁବେଳେ ଲୋକେ କଡ଼ରେ ବସିଥାନ୍ତେ ଆଉ ସେ ଗପୁଥାନ୍ତେ । ମୁଣ୍ଡ ଭିତର କେମିତି ଝାଙ୍କି ଲା ପରି ଲାଗୁଛି, କପାଳ ତତଲ; ପାଟି ଥରୁଛି, ବେଳେ ବେଳେ ଖାଲି ବାଜିଯାଉଛି, ତଥାପି ସେ ପଦାରୁ ଲୋକ ଡାକିଆଣି କଡ଼ରେ ବସାଉଛନ୍ତି, ଗପୁଛନ୍ତି । କଣା ଅଦ୍ଭୁତ ଟେଳ ଟେଲ ପସରେ ମୂଣ୍ଡେଇ ଚପଡ଼ାଉବେଳେ ବକ ବାହାରିଥିଲା, ହଠାତ୍ ହାଙ୍କ ଶୁଣିଲା, "ଶୁଣ ଅଦ୍ଭୁତ, ଆସ, ଝାଳ ମାର, ଛାଇରେ ବସ । ଆଚ୍ଛା ତମେ ଏମିତି ଦିନ ନାହିଁ ରାତି ନାହିଁ ଖଟି ମରୁଚ ଯେ, ଖାଉଚ ନା ଗଣ୍ଡାଏ ଭଲ କରି ଆପଣା ପେଟକୁ ? ନା, ଖାଉ ନ ଥିବ, ଖାଲି ମୋ ପୁଅ, ମୋ ନାତି, ମୋ ଭାରିଯା, ମୋ ବୋହୂ, ଏ ଗୁଡ଼ା କ'ଣ ? କି କଥା ଏ ? ଏ ଖାଲି ଲୁବ୍ଧକ ବନ୍ଧନରେ ପଡ଼ି ଛଟପଟ ହେବା କଥା । ଏ ଖାଲି ମାୟା ।" ଅଦ୍ଭୁତ ମୁଣ୍ଡ ଟିଙ୍ଗାରିଲା, ସତ କଥା ତ ମାୟା ନୁହେଁ ତ ଆଉ କ'ଣ ? ତେଣେ ବକ୍ତୃତାର ବରଷା ଗାଜୁଛି, 'ସବୁରି କର୍ତ୍ତା ତ' ଆଉ ଜଣେ, ଭଲା ତମେ ଆମେ ହାଇଁପାଇଁ ହେଲେ କାହାରି କିଛି କରି-ପକେଇବା ? ତମେ ଯଦି ମୋ କଥା ମାନନ୍ତି, ତେବେ ପେଟେ ବାସି ପଖାଳ ଆଉ ପିଆଜ ଦେଇ ଗଡ଼ିଶା ମାଛ ପୋଡ଼ା ଏକାଠି ଖାଇଦେଇ ଥିରିକରି କାନ ପାରି ଦେଇ ଛାଇ ତଳେ ଘଡ଼ିଏ ଶୋଇପଡ଼ନ୍ତ, ଆଉ ଭାରିଯାକୁ କହନ୍ତ ନେ ମୋ ଗୋଡ଼ ଦି'ଟା କୋଳରେ ଥୋଇ ଆଚ୍ଛା କରି ଘଷି ଦେ, ପତି ଭକ୍ତି ଶିଖ୍ । ସେ ସୁଖ ଆଉ କେଉଁଠୁ ପାଇଲ ? କି ସୁଖ ପାଇଲ ? ସବୁଦିନେ ଖାଲି ପେଟ ସେବକ

Digitized by srujanika@gmail.com

ମୁହଁ ଲାଜ, ପେଟରେ ଭୋକ ଗରଜ ଗରଜ ମଲା, କାହା ମୁହଁକୁ ଗୁହିଁ ବ ପାରଲ ନାହିଁ ମଣିଷ, ସେଇଠୁ ଯୋଉଠୁ ଆଇଷ ସରିଯିବ, ଖାଇ ହବ ନାହିଁ, ଝୁରି ହଉଥିବ ଆହା, କାହିଁକି କଲ ନାହିଁରେ, ଭୋଗ ଭାଗ୍ୟ କରିବା ଲୋକ ଭୋଗ କଲେ, ମୁଁ ଖାଲି ଖୋଳପା ଗୋଟେଇଲ। ଅଚ୍ୟୁତ, ଯାହା କହୁଚି ମନ ଦେଇ ଶୁଣ, ଗୋପ୍ୟ ବଦ୍ୟା ଏ ଶୁଣ—

କଣା ଅଚ୍ୟୁତ ଚେଲ ନଃସହାୟ ହୋଇ ଗୁରୁଆଡକୁ ଗୁହିଁଲ, ତା'ପରେ ପେଟରେ ହାତ ଗେଞ୍ଜି ମୁହଁ କେମେଇ ଟଗାଟାଏ "ଆହା—" କଲ, କହିଲ, "ପେଟ ମୋଡ଼ ହଉଚ, ପିଆହା ଡାକଲଣି—" ଆଉ ପସର ଧରି ଉଠି ପଡ଼ ଝଟ୍ ଝଟ୍ ପଳେଇଲ।

ବୋହୂ ଆସି ଆଡୁଇ ହୋଇ ଠିଆହେଲେ, ତନକୁ ମୁହଁ ପୋତ ଆସ୍ତେ ଆସ୍ତେ କହିଲେ, "ବେଶି କଥା ଗପିଲେ ଦେହ ଖରାପ ହବ, ଖିଆପିଆ ବଢ଼େଇଦେଇ ଶୋଇପଡ଼ିଲେ ଭଲ—"

"ହଉ ହଉ ଶୁଣିଥାଅ ହ'ପଦ, ଆମେ ଯେତେଦନ ବଞ୍ଚିଛୁ। ପରେ ଆଉ କୋଉଠୁ ପାଇବ? ପାଟିଟା ତ ଅଛି। କଥା ନ କହିବ କେମିତ?"

ଅଭିମାନ ହେଲା, ଲୋକେ ତାଙ୍କୁ ଭୁଲ୍ ବୁଝିଛନ୍ତି। ଆପଣା ଗୁଆଁକୁ ହସିଦେଇ କହିଲେ, "ସେଥିରେ ଆଉ ବଚାର କ'ଣ ଅଛିକ? ଯେତେ ମହାତ୍ମା ଯେତେ ମହାପୁରୁଷ ସମସ୍ତଙ୍କି ଲୋକେ ଭୁଲ୍ ବୁଝିଥାନ୍ତି, ଏ ଲୋକେ! ଗୁଡ ଯାଙ୍କ କଥା, କୁକୁର ଲାଙ୍ଗୁଡ଼ ବାରବର୍ଷ ନଳଭିତରେ ପୁରେଇ ରଖିଲେ ବ ସେ ଆଉ ସିଧା ହେବନାହିଁ। କ'ଣ କରଯାଏ? ଆପଣା କର୍ତ୍ତବ୍ୟ ତ କରିବାକୁ ପଡ଼ିବ। ଧର୍ମ ପ୍ରଚ୍ଛର କରିବାର ସେହି ହେଲ ପନ୍ଥା, ଲୋକେ ଶୁଣିବୁନାହିଁ ଶୁଣିବୁନାହିଁ ବୋଲି ଧାଇଁ ପଳାଉଥିବେ, ଆଉ ତୁମେ ଶୁଣିପା ଶୁଣିପା କହି ତାଙ୍କ କାନରେ ଧର୍ମନାଦ ତାଲଡ଼ାଳକା ପଛେ ପଛେ ଧାଇଁଥିବ, ତେବେ ଯିନା ବଧର୍ମୀଙ୍କି ତାରି ପାରିବ ମୂର୍ଖଙ୍କୁ ବୁଝେଇ ପାରିବ; ଆଗ ଗୁଡ଼ିଦେଲେ ତମେ ଯେମିତି, ସମସ୍ତେ ସେମିତି; ଅଧିକା କ'ଣ?"

ଖାଇ ବସିଲାବେଳେ ବୋହୂଙ୍କୁ କହିଲେ, "ଆମ ପାଇଁ କୁକୁଡା ଆଉ କୁକୁଡ଼ା ଡମ୍ବ ରାନ୍ଧ ଏଥର। ମାଛ ମାଉସ ଖାଇବା ତ ଭଲକରି ଖାଇବା, ଆଉ ଅଧାଅଧି କ'ଣ?"

Digitized by srujanika@gmail.com

ବୋହୂ ପାଟିରେ ଲୁଗା ମାଡ଼ିଦେଇ କହିଲେ, "ହଉ ।"

ମାଛ ଲଞ୍ଜକୁ ଆଉଁଷି ଆଉଁଷି ସେଥିରୁ ମାଂସ ଓଟାରୁ ଓଟାରୁ ମଲା ସ୍ତ୍ରୀ କଥା ମନେପକାଇ ଚକ୍ରପାଣି କହିଲେ, "ଝାଇଲାବେଳେ ସତରଗୁଞ୍ଜା ହଉଥିଲା, ମୁହଁ ଲୁଣିଆଡ ହେଉଥିଲା, ସେ କେତେ ଲଗାନ୍ତି ଖାଅ ବୋଲି, ମୁଁ ମନା କରେଁ । ଆଜି ଅଇଛା ମନେ ପଡ଼ୁଛି । ହଉ, ମନସ୍କାମନା ପୂର୍ଣ୍ଣ ହେଲା ତ ଏଥର ?" ମୁହାଁମୁହିଁ ଚାହିଁ କଥାଟା ଏପରି ଭାବେ କହିଲେ ଯେପରି ବୋହୂଙ୍କୁ ଲାଗିଲା ତାଙ୍କ ଶାଶୂ ତାଙ୍କ ପଛରେ ଆସି ଠିଆ ହୋଇଛନ୍ତି । ଚମକପଡ଼ି ପଛକୁ ଚାହିଁଦେଇ ମୁଣ୍ଡ ଉପରେ ଲୁଗା ଓଟାରି ଆଣି ନିଜ ଦେହ ଉପରେ "ଥୂଃ ଥୂଃ ଥୂଃ ଥୂଃ" ହେଲେ, ବୁଢାଙ୍କ ସମ୍ବୋଧନରେ ସବୁ ଗୋଳିଆ ମିଶା ହୋଇଯାଇଥିଲା, କହିଲେ, ମତେ ବନେଇଥିଲା, ମୁଁ ମନା କରୁଥିଲି, ମୁଁ ବନେଇଛି ସମ୍ଭାଳ ଏଥର—ହିଁ ଆରଓଳିକ ଉତ୍ସବହେବ, ହେଃ-ହେଃ ହେଃ—"

ବୋହୂ ଆଗ ନାଳ ପଡ଼ିଗଲେ, କାନମୁଣ୍ଡା ଜଳିଲେ ତା'ପରେ ଅଜଣା ଭୟରେ ଦେହସାରା ଥରିଗଲା, ଓର ଓର ଚାହିଁଲେ, ସେତିକିବେଳେ ଲାଗିଲା—ସେ ଆସୁନାହାନ୍ତି କାହିଁକି ? କାହିଁକି ମୁଁ ମାଇପି ଲୋକଟା ଉପରେ ସବୁଯାକ ଛୋଡ଼ ?

ସ୍ୱାମୀଙ୍କ ପାଖକୁ ଚିଠି ଲେଖିଦେଇ ସେ ନିଶ୍ଚିନ୍ତ ନଥିଲେ, ଲୋକ ଦୌଡ଼ାଇଥିଲେ । ଆପେ ବରଗିବା ବି ଦରକାର ନଥିଲା, ଏଇ ବଢଟଣ ଗାଁରେ ଧୂଙ୍ଗାଳି ହେଉଛି, ଖବର ଜାରି କରିବାକୁ ଲୋକେ ବାଦବୁଦିଆ ହେଲେଣି । ବେଶି ଦୂରରେ ନାହାନ୍ତି କମ୍ବୁପାଣି, ମୋଟେ ଆଠକୋଶ ବାଟ । ଆସନ୍ତେ ଭଲ, ସେ ଡାକ୍ତର ସେ ସମ୍ଭାଳନ୍ତେ ।

କମ୍ବୁପାଣିଙ୍କ ସ୍ତ୍ରୀ ଚାରିଆଡ଼େ ଦେଖିଲେ ବାଘୁଷିକା ।

ଆଜି ଦଣ୍ଡପାଣି ବହୁତ ଅଧିକ ଆଦର ପାଇଲା, ଅଡ଼ବମିଲା, ସେ ଆଜି ପଢ଼ିବାକୁ ଯିବନାହିଁ । "ନଯା ମୋ ବାପ, ମୋ ଧନ, ଖାଇପିଇ ଦେଇ ଶୋଇପଡ଼ୁ ।" ଖଗ ବସିଲା ଖାଁ ଖାଁ । ଚାଳ ଉପରେ ଗୋଟିକିଆ ଡାମରାକାଉଟା ଯେତେବେଳେ ବୋବେଇଲା, ଲାଗିଲା ସେ କିଛି ଅଶୁଭ କଥା କହୁଛି; ଡାହାଣ ଆଖିଟା ଡେଇଁଲା ପରି ଲାଗିଲା । ସାନ ଠାକୁରଘର ବଖରା ଭିତରକୁ ଦେଖିଲାବେଳେ ଟଙ୍ଗା ହୋଇଥିବା ଯୁଗଳ ଛବିଙ୍କ ମୁହଁକୁ ସେ ଅନେଇ ପାରିଲେ

Digitized by srujanika@gmail.com

ନାହିଁ, ଖଟୁଲି ଉପରେ ଚନ୍ଦନ ଲେପି ହୋଇ ପୋଥିଗୁଡ଼ିଏ ପୂଜା ପାଉଛି, ସବୁର ସମଷ୍ଟି ଆଜି କେବଳ ତିରସ୍କାର, ଧମକ, ଭୟ । ଅମଙ୍ଗଳକୁ ଏଡ଼ିବାପାଇଁ ମନେ ମନେ ଦେବାଦେବୀଙ୍କି ସ୍ମରଣ କଲେ ।

ଚକ୍ରପାଣି ପଦାରେ ବସିଲେ । ଖର ଭିତରେ ଗୁଳିତଳ ଲାଗୁଛି କେତେ ଶୀତଳ ! ଯାଃ, ଏଠି ସୃଷ୍ଟି ଅଛି । ଧୀରେ ଭାସିଆସିଲା ଚେତନା—ସବୁଠି ସମ୍ବନ୍ଧର ଡୋରି ଲାଗିଛି, ମାଟି, ଆକାଶ, ଗଛ, ଭୂତ, ଜନ୍ତୁ, ମଣିଷ; ସବୁଠି ସବୁଠି ମାଣ୍ଡେଇ ଯିବାକୁ ମନହୁଏ, କେମିତି କାଟିହେବ ଏ ବନ୍ଧନ ? ନୂଆ ଅର୍ଥ ଦିଶୁଛି ବସ୍ତୁର ଧାରାରେ, କଳ୍ପନାଠୁଁ ବାସ୍ତବ ସୁଖହିଁ ବଡ଼, ଆଉ ଯେତେ ଶାସ୍ତ୍ର, ସଂସ୍କାର, ବଡ଼ ବଡ଼ କଥା—ନପାଇଲା ଲୋକଙ୍କୁ ସାନ୍ତ୍ୱନା ଦେବାପାଇଁ ସେସବୁ ଖଞ୍ଜା ହୋଇଛି । ଯାହା ଭାଗ୍ୟରେ ମିଠେଇ ଖାଇବା ନାହିଁ ତା'ର ବେଶି ଦରକାର ଜାଣିବାକୁ ଯେ ମିଠେଇ ଖାଇଲେ ପେଟରେ କୃମି ହୁଏ । ବାଃ କେଡ଼େ ସରଳ ଏ ବ୍ୟାଖ୍ୟା ! ଏହିପରି ଆହୁରି କେତେ ବ୍ୟାଖ୍ୟା ମନେ-ପଡ଼ୁଛି । ଏଇ ତ ନୂଆ ଜ୍ଞାନ, ଜୀବନର ନୂଆ ଅର୍ଥ, ଆଖି ଆଗରେ ନୂଆ ଦର୍ଶନ ପାଇଁ ନୂଆ ଯନ୍ତ୍ର—କିଏ ଏପରି ଦେଖିଥିଲା କି କେବେ ? କେହି ନୁହେଁ । ଏକା ସେ ନିଜେ, ତା ମଧ୍ୟ ଏତେ ଡେରିରେ । ଏଇ ନୂଆ ଦେଖା ଜ୍ଞାନ ବିତରଣ କରନ୍ତେ ଭଲା ଜଗତକୁ ! ଫେର୍ ବିତରଣ ? କ'ଣ ହେବ ବାଣ୍ଟି ବାଣ୍ଟି, ଆପେ ଖାଇବାକୁ ତ ସମୟ ନାହିଁ । ସମୟ ନାହିଁ, ସମୟ ନାହିଁ, ଆଲୁଅ ସରିଯିବା ଆଗରୁ ମନଇଚ୍ଛା ଚରିଯିବା ଦରକାର ।

କୃଷ୍ଣଚୂଡ଼ାଗଛ ସୁନ୍ଦର ଦିଶୁଛି । ଅନ୍ୟଦିନ ପରି ତାକୁ ଦେଖିଲେ କୃଷ୍ଣ ମନେପଡ଼ୁନାହାନ୍ତି । ମନକୁ ଆସୁଛି ଜଗତରେ ଅଶେଷ ସୌନ୍ଦର୍ଯ୍ୟ, ଯାହାକୁ ହାତରେ ପାଇ ସୁଦ୍ଧା ଭୋଗ କରି ହେଲା ନାହିଁ । ଏମିତି ଏ ଗଛ ଠିଆ ହୋଇ ରହିଥିବ, ଆରକରେ କଦମ୍ବ ଟହଟା, ଏମିତି ଥିବ ବାଡ଼ରେ ସାବଜା ଆକ୍ରୁଡ଼ଙ୍କ, ବହଳ ପତ୍ର ତା' ପଛକୁ ତା' ପଛ ସବୁଜ ଥାଟପରି, ଆଗର ବାଙ୍କରେ ଉଦ୍ଧତ ଦର୍ପ, ଥିବ ଏହି ମାଳମାଳ ନଡ଼ିଆଗଛ ତଳେ ମଣିଷର ଶରଣୀତଳ ସ୍ଥଳକୁଡ଼ିଆ-ଗୁଡ଼ିକ, ସେଠି ଥିବ ସୃଷ୍ଟିର ଗୋପନ ରହସ୍ୟ, ଆଲୁଅ, ପବନ, ସବୁ ଏମିତି ଥିବ ସବୁଥିବ, ସବୁଥିବ, ଭୋଗକରି ହେଲା ନାହିଁ । ରଙ୍ଗ ରଙ୍ଗର ଭଙ୍ଗା କାଚପରି ଅନ୍ତ-ତରର ଯେତେ 'ହେଲା ନାହିଁ' ଯେତେ ଆଉ-ଲୁବ୍ଧ ଆବେଗମୟ ସ୍ମୃତି ସବୁ ଯେପରିକ

Digitized by srujanika@gmail.com

ବଣ୍ଟହୋଇ ପଡ଼ିରହିଛି ଆଖି ଆଗରେ । ଭଗ୍ନାଂଶ ହେଲେ ବି ଟାଣ, ଶକ୍‌ଶକ୍, ଆଂଶ ଆଂଶିଆ ଆଉ ସ୍ପଷ୍ଟ ତା'ର ରୂପ, ଘୃହାଣିରେ ଅପେକ୍ଷା ଶୋଷା ବଢ଼ି-ଯାଉଛି, ବଢ଼ିଯାଉଛି । ଗାଁରେ ଚହଳ ଶୁଭିଲା, ଆକାଶରେ ଉଡ଼ୁଛି ଗୋଟାଏ ଉଡ଼ାଜାହାଜ, ତଳେ ଉଡ଼ୁଛି, ବାଣ ହେଉଛି ପରିଷ୍କାର ଆକାଶ ବ୍ୟାପୀ ଗୋଟାଏ ଭିଁ ଭିଁ ଶବ୍ଦ । ଗାଁର ସ୍ତ୍ରୀ ପୁରୁଷ ବଡ଼ ସାନ ମୁହିଁକୁ ଉପରକୁ ଟେକି ବେକ ମୋଡ଼ି ଦେଇ କଲ୍‌କାଳିଆ ହୋଇ ପଦାରେ ଗଦା ହେଉଛନ୍ତି । ଉଡ଼ାଜାହାଜ ଗଲାଗଲା, ଲୋକେ ଛପି ଗଲେ । ଚକ୍ରପାଣି ଅନୁଭବକଲେ ଗୋଟାଏ ଉଦାସ ନିଃସହାୟତା । ଦେହଟା ଶିତେଇ ଉଠୁଛି । ଅନୁଭବ କରି ହେଉଛି, ଏହି ଲୋକ ଗହଳକୁ ଧରି ତାଙ୍କର ବ୍ୟକ୍ତିତ୍ଵ ଦୃଶ୍ୟ ହୋଇ ରହିଛି, ଦିନେ ଏ ବି କଟିଯିବ । ସେତେବେଳେ ଏ ମୁହିଁ ସବୁ ଆଉ ଦିଶିବ ନାହିଁ, ଶହେ ଜଣା ଯାହା, ଯେଉଁମାନେ, ସବୁ ପଛେଇ ରହିବେ । କାଗୁଚିଆ ଉଡ଼ାଜାହାଜ, କେଡ଼େ ନିଘୃଣିଆ ଏଇ ଗାଁ ଗାଁ ଯେପରିକି ତା'ର ଅନ୍ତରର ଦୁଃଖ, ଏତେ ଉଞ୍ଚରୁ ତଳକୁ ନିଗିଡ଼ି ପଡ଼ୁଛି । ଲୋକେ କହନ୍ତି ପ୍ରାଣ ଉଡ଼ିଯାଏ, ସେ କ'ଣ ଏମିତି ?···ତରତର ହୋଇ ଖେଳି ବୁଲୁଛି କେତେ ଅନିର୍ଦ୍ଦିଷ୍ଟ ଧାରଣାର ଛବି କୁକୁଡ଼ା ଡିମ୍ବ, ସିଧା ଠିଆ ନଡ଼ିଆଗଛ, ବାହା ହୋଇ ଆସିଲାବେଳେ ତାଙ୍କ ସ୍ତ୍ରୀଙ୍କର ରୂପ—ଏଥର ପଚାରିଲେନ୍ ପିନ୍ଧିବାକୁ ହେବ । ପୁଅ ପିନ୍ଧେଇ—ନେତେଇମାର ବୋହୂ—ଆଉ ଗୋଟାଏ ଅନୁଶୋଚନା ସେ ସେ ଆସିଲା ନାହିଁ—ନିଶ୍ୱାସ ରୋକି ମୁହୂର୍ତ୍ତେ ଟିକିଏ ପ୍ରତୀକ୍ଷା କଲାପରି, ତା'ପରେ ଧନୁର ଗୁଣ ଶୁଣିଲାପରି ଗୋଟାଏ ଟଣକା କିନ୍ତୁ ଝଣ ଝଣ ହେଲାପରି ଅନ୍ତରସାରା—ତା'ପରେ ଆଉ ନାହିଁ । ଆଉ ନାହିଁ ।

ଡାକ୍ତରବାବୁ ଆସିଲାବେଳକୁ ସେ ସେହିପରି ଡେରେଇ ହୋଇ ବସିଥାନ୍ତି । ଆଖି ଖୋଲା ଥାଏ । ଗହଳ ବେଢ଼ିଥାନ୍ତି ।

ସତ୍କାର୍ଯ୍ୟନ କରି ଗାଁ ଲୋକେ ଉଠାଇ ନେଲାବେଳକୁ କୁହାକୋଇ ହେଉଥାନ୍ତି ଓହୋ, କେଡ଼େ ବଡ଼ ପୁଣ୍ୟାତ୍ମା ଥିଲେ ।

●

Digitized by srujanika@gmail.com

ପିମ୍ପୁଡ଼ି

ଧୀରେ, ଧୀରେ, ଧୀରେ—ସବା ଉପରେ ପହଞ୍ଚିବାକୁ ଆଉ ବାର ହାତ ବାକି ଅଛି, ଗୋଟାକ ପଛେ ଗୋଟାଏ ହୋଇ ଉପରକୁ ଉପରକୁ ଚାଲିଛି ପାଦ ଦି'ଟା, ଗୋଡ଼ର ପେଣ୍ଡା ଓ ଜଙ୍ଘ ଯେପରିକି ଫାଟିପଡ଼ିଲାଣି । ଗ୍ଲୁଭ ଭିତରେ ଧୁଡ଼ୁମୁଣ୍ ଚାଲିଛି । ମୁଣ୍ଡର ଟୋପି ଫାନ୍ଦରେ ଝାଳଗୁଡ଼ାକ ଝୁଲୁଛି ଓଳିରୁ ବର୍ଷାପାଣି ପରି, ହାଫ୍‌ପ୍ୟାଣ୍ଟ ହାଫ୍‌କାମିଜ ଓଦା ସର ସର, ତଥାପି ଟେକି ହେଲାପରି ଚାଲିଛି ଦେହଟା, ଲାଗୁଛି ସତେକି ପବନରେ ଆଉଜିଛି । ପର୍ବତର ମହୁଡ଼ ହୋଇଗଲା, ରମେଶ ଅଟକିଲା ।

ବଡ଼ ଗଛର ବଣ କାହିଁ ତଳେ ରହିଲାଣି, ଉପରୁ ଦିଶୁଛି କଳାଢୁମର, ଯେପରିକି ପାତାଳକୁ ଓହ୍ଲାଇଯାଇଛି ଅଗନାଗ୍ନି ବନସ୍ତ । କିନ୍ତୁ ଉପରେ ଲମ୍ବା ଚଟାଣ, କରେ କରେ ଘାସ, ଚାରିପାଖେ ଆକାଶ ।

ପର୍ବତ ଚଢ଼ିବା ଖୁବ୍ କଷ୍ଟ । ସେ ଆପଣା ପାଖେ ସ୍ୱୀକାର କଲା, ଦଳର ଅନ୍ୟମାନଙ୍କ ଆଗରେ ସେ କଥା କହିବାକୁ ଲାଜମାଡ଼େ । ବୟସରେ ସେହି ତ ଟୋକା, ସେମାନେ ବୁଢ଼ା ବା ଦରବୁଢ଼ା, ତା' ଛଡ଼ା ସେ କର୍ମଚାରୀ ଅଧିକାରୀ, ଲୋକ, ଯେତେ କଷ୍ଟପାଉ ତଳ ଓଠରେ ଦାନ୍ତ ମାଡ଼ିଦେଇ କାଠପରି ରହିବା ତା'ର କର୍ତ୍ତବ୍ୟ । ଓଲଟି ସେମାନଙ୍କୁ କହେ "କ'ଣ ତୁମେ ଏତିକିରେ ଥକିଗଲ ?" ସରୁଆ ନହକା ଭେଣ୍ଡିଆଲୋକେ, ଜୋତା ମଡ଼ା ପାଦରେ ଦାଢ଼ୁଆ ଚୋକଆ ପଥର ଉପରେ ଖଟ୍ ଖାଟ୍ ଡେଇଁ ଆଗେ ଆଗେ ଚାଲିଯାଏ ।

ଇଞ୍ଜିନ ପରି ସଁ ସଁ ହୋଇ ଉପରକୁ ଉଠିଆସୁଛି ଚପରାସୀ ବନ୍ଧୁ, ଓଡ଼ଆ ରମେଶ ଉପରେ ଠିଆହୋଇ ଅପେକ୍ଷା କଲା । ବନ୍ଧୁର ପ୍ରକାଣ୍ଡ ଠେକା ଧୀରେ ଧୀରେ ବଡ଼ ହୋଇ ହୋଇ ଉପରକୁ ଉଠୁଛି, ଯେପରିକି ଗୋଟାଏ ମାଟିଆ ବର୍ତ୍ତୁଳ ଅଣ୍ଡାକାପ୍ପ ଛତୁ । ତା' ତଳେ କଳା ମିଶ୍ ମିଶ୍‌ଗେଟମ ଗାଟମ୍ ଲୋକଟି ।

Digitized by srujanika@gmail.com

ନାକରେ କାନରେ ସୁନାନୋଳ, ଦେହରେ କୋଟ ପ୍ୟାଣ୍ଟ, ବନ୍ଧୁକ ବୋହିଛନ୍ତି ଓ ପିଠିରେ ଫ୍ଲାସ୍କ ଝୁଲେଇଛନ୍ତି । ବନୁ ଉପରେ ଆସି ଠିଆହୋଇ ହାଁ ହାଁ ହେଲା । ପାଟିକଲା—"ଏଇ ଡେରେବେରେ ଓ୍ୟାଦୁଡ଼େ" । ରମେଶ ପଛଆଡ଼େ ତା'ର ସାଇନ୍‌ବୋର୍ଡ଼ ପରି ଠିଆହୋଇ ରହିଲା ଚପଚାପୀ ।

ତଳୁ ସମସ୍ୱରରେ ଗୀତ ଶୁଭୁଛି, ଗୀତର ଗହଳ ଘୋଷା ଲହରେଇ ଉଠୁଛି, "ବାଇଲେ,—ବାଇଲେ—" ।

ଆଗ ଜଣେ, ତା'ପରେ ଦି ଜଣ, ତା'ପରେ ଏକାଠି ଆଠଜଣ ଭଦ୍ରଆଙ୍କ ଚେହେରା ଫୁଟି ବାହାରିଲା ଛେଙ୍ଗା ଘାଘ ଉହାଡ଼ରୁ କୌପୀନ ପିନ୍ଧା କନ୍ଧ ଲୋକ, ଖାଲି ଦେହ । ଗୀତ ବନ୍ଦହେଲା । ବନୁ ପାଟିକଲା, "ଖାଲି ଅଳସୁଆ ଗୁଡ଼ାକ, ଯେତେ ଗାଳିଦେଲେ ଖାଲି ପଛରେ ପଡ଼ିଥିବେ ।" "ବୁଢ଼ା ହୋଇଗଲୁଁ ବେ ଆଜ୍ଞା !" ଜଣେ କଏ ଉତ୍ତର ଦେଲା, ଲାଗିଲା ତାଙ୍କର ଦମ, ସେମାନେ ଖଣ୍ଡେ ଘୁଡ଼ ବସିପଡ଼ି ପିକା ଲଗାଇଲେ ।

ବନୁ ଫ୍ଲାସ୍କ୍ ଖୋଲି ଚା' ଦେଲା । ଗୋଟିକିଆ ଅଁଳା ଗଛତଳେ ବସିପଡ଼ି ରମେଶ ଚା ପିଉ ପିଉ ପଚାରିଲା, "ଆଉ କେବେ ଏବାଟେ ଆସିଥିଲୁ ବନୁ ?"

"ଆଉ ଥରେ ଆସିଥିଲି ଦି'ବର୍ଷ ତଳେ, ତା ଆଗରୁ ତ ଅନେକଥର ।"

"ଆଉ କେହି ଅଧିକାରୀ ଏବାଟେ ଚାଲି ଚାଲି ଆସିଥିଲେ ?"

"କେତେ ଆସିଥିଲେ ଆଜ୍ଞା ! ଏ ତ ହାଟକୁ ଯିବାକୁ ପାଖବାଟ, ଯାଆସ ହୁଏ ।"

ରମେଶର ଆତ୍ମାଭିମାନ ଦବିଗଲା । ପିଲାଦିନୁଁ ଏପର୍ଯ୍ୟନ୍ତ ସବୁଠୁ ବେଶି ଆନନ୍ଦ ସେ ପାଇଆସିଛି ସମସ୍ତଙ୍କ ଆଗରେ ରହିବାରେ । ଆଉ ସେଇ ତ' ଉପାଧି ସମ୍ମାନ ପାଇଁ, ପ୍ରତିଷ୍ଠା ପାଇଁ । ଉତ୍ତର ବାଲେଶ୍ୱରର କାହିଁ ଏକ ଖଣ୍ଡ ମଫସଲରେ ଗୋଟିଏ ଦରିଦ୍ର ପରିବାରରେ ତା'ର ଜନ୍ମ । କେତେ ସାଙ୍ଗୀ ଅଟକିଗଲେ ଗାଁ ଚାଟଶାଳୀରେ, କେତେ ପୁଣି ରହିଗଲେ କଲେଜ୍ ଏପାଖେ, ତା' ଗାଁରୁ ସେ ଏକା କଲେଜ୍ ଅତିକ୍ରମ କଲା, ତା ବି ସମ୍ଭବ ହେଲା ସ୍କଲରସିପ୍ ବଳରେ । ପ୍ରତିବର୍ଷ ପ୍ରାଇଜ ବହି, ପରୀକ୍ଷାରେ ଫଳ ସ୍କଲରସିପ୍, ମେଡ଼ାଲ, ଜୀବନର ବାଙ୍କେ ବାଙ୍କେ ଚେଉଁକଟା ସାଫଲ୍ୟ ଏତିକି, ରମେଶ ତା'ର ସ୍ମୃତିରେ

Digitized by srujanika@gmail.com

ଗର୍ବିତ । ତା'ପରେ ଦିନେ, ସେ ବ୍ଲକରେ ଯୋଗଦେଲା, ଅଚାନ୍ନା ଲୋକେ ଚାନ୍ଦା ଦେବାକୁ ଆସି ଦଣ୍ଡବତ କଲେ, ଚପରାସୀ ସଲାମ ହେଲା, ସଞ୍ଜବୁଡ଼େ ଇନ୍‌ସ୍ୟୁରେନ୍‌ସ ଏଜେଣ୍ଟ ଜଗିବାକୁ ଆସି ଚା' ଖାଇବାକୁ ନିମନ୍ତ୍ରଣ କରିଦେଇ ଗଲେ, ବଡ଼ଘରର ସମ୍ବନ୍ଧ ଆସିଲା, ସାଙ୍ଗ ପଢ଼ୁଆ ଉମେଶ ଆସି ସ୍ପଷ୍ଟ ପଚାରିଗଲା, "ଭାଇ ତୋ ବାହାଘର ବିଷୟରେ କାହା ସଙ୍ଗେ କଥାଭାଷା ହେବା କହିଲୁ ଟିକଏ ।" ଦଣ୍ଡବତ, ଦଣ୍ଡବତ, ହୁଜୁରଆଜ୍ଞା ଦଣ୍ଡବତ । ବ୍ୟକ୍ତିଗତ ଉଦ୍ୟମର ପରୀକ୍ଷା-ପରୀକ୍ଷାରେ ପ୍ରଥମ ଜିତା ଜିତି ତା'ର ଆତ୍ମାଭିମାନ ପାଲଟିଲା ଆତ୍ମବିଶ୍ୱାସ, ରମେଶ ବୁଝିଲା, ସେ ଜଣେ କେହି ।

ତା'ର ପୃଷ୍ଠଭୂମିରେ ସେହି ଅଗଣିତ ଲୋକେ; ଯେଉଁମାନେ କେହି ନୁହନ୍ତି ।

କିନ୍ତୁ ପଦେ ପଦେ ଝେଣ୍ଟା ଲାଗେ ଯେତେବେଳେ ସେ ଦେଖେ ଯେତେ ଆଗକୁ ମାଡ଼ିଲେ ବି ତା' ପୂର୍ବରୁ ଅନେକ ଆହୁରି ଆଗକୁ ଯାଇଛନ୍ତି, ଯେତେବେଳେ ଦେଖିଲେ ଆଗରେ ଅନେକେ ଆଜି ତାଙ୍କୁ ଗଣିଲେ ସେ ଅତି ନଗଣ୍ୟ ।

ଅନ୍ତତଃ ପର୍ବତ ଚଢ଼ିଲାବେଳେ ଏପରି ଲାଗୁଥିଲା; ଯେପରି ତା'ର ସଭ୍ୟ ଗୋଷ୍ଠୀରୁ ସେହି ଏ ବାଟେ ଆସିଛି ପ୍ରଥମ ହୋଇ । ସତ ନହେଲେ ବି କଳ୍ପନା କରି ଆନନ୍ଦ ପାଉଥିଲା । ଚା' ଦେଉ ଦେଉ ଶନୁ କହୁଛି—"ଏଇ ପର୍ବତ ଉପରେ ସେଥର ବଡ଼ ସାହେବ ଛାଉଣୀ ପକେଇଥିଲା, ରହିଗଲେ ଏଠି ପାଞ୍ଚଦିନ, ସତେକି ସହର ବସିଥାଏ । ଆଜି କି ଶିକାର କି ନାଚ ତାମସା, କେତେ କଥା ।"

ହଁ, ମଣିଷ ଆସିଛନ୍ତି, ମଣିଷ ଯାଇଛନ୍ତି, ପର୍ବତ ଦେଖିଲେ ଲାଗୁଛି ଏ ଅନ୍ଧାର ବଣ ସବୁଦିନ ଏହିପରି ଅନ୍ଧାରୁଆ ।

"ସେକାଳର ବଣ ଆଜ୍ଞା, କାହିଁ ଆଉ ସେ !" ଶନୁ କହିଲା, "ଭାରି ବଣ ଥିଲା, ଜନ୍ତୁ ଯେ ଜନ୍ତୁ କହିଲେ ନସରେ । ସେ ବଣ ସରିଲେ, କନ୍ଧମାନେ ହାଣି ପକେଇଲେ । ଏଇଠି ଥିଲା କେତେ କନ୍ଧ ଗାଁ, ବଣ ସରିବାରୁ ବାଘ ଧରି ଧରି ଖାଇଲା, ସେମାନେ ଉଠିଗଲେ ।"

"ଏକାଳେ ବଣ ନାହିଁ ଆଉ ଏଗୁଡ଼ା କ'ଣ ?"

"କଟା ହୋଇ ଫେର୍ ବଢ଼ିଯାଇଛି, ଯେତେ ବଢ଼ିଲେ ସେ ବଣ

Digitized by srujanika@gmail.com

ଆଜି କାହୁଁ ହେବ ?"

ମଣିଷ ଆସିଛି, ବଣ ଭିତରକୁ ଭେଦିଛି, ଫେର୍ ହଟିଯାଇଛି, ଫେର୍ ଆସିଛି । ବଣ ପାହାଡ଼ରେ ବି ତା'ର ସୁଖ ଦୁଃଖର ଧାର ନଭିନାହିଁ, ଛପି ରହିଛି, ଘଞ୍ଚ ଜଙ୍ଗଲ ତଳେ ତଳେ ଗୋଡ଼ ସାଲୁ ସାଲୁ ସରୁ ଝରଣାର ଧାରପରି ।

ରମେଶର ଆତ୍ମଚେତନା ଉଦାସ ହୋଇ ଧିମେଇଁ ପଡ଼ିଲା ସେହି ଗଣ ଚେତନାରେ ।

ଭଙ୍ଗା ବସ୍ଟ୍‌ର ଗୁଣ୍ଡ ଗୋଟେଇବାକୁ ସରୁ ହୋଇ ପିମ୍ପୁଡ଼ି ଧାରଟିଏ ଲାଗିଲେଣି, ରମେଶ ଚମକିପଡ଼ି ନଘା କଲା । ହସିଦେଇ ମନକୁ ମନ କହିଲା, "ଖାଲି ମଣିଷ ନୁହନ୍ତି ପିମ୍ପୁଡ଼ି ବି !" ଲକ୍ଷ ହଜାର ଫୁଟ ପର୍ବତ ଉପରେ ମଣିଷର ଗୃହସ୍ଥଳର ସାଥୀ ପିମ୍ପୁଡ଼ି ବି ରହିଛି । ସାମାନ୍ୟ ପିମ୍ପୁଡ଼ି ସେପରିକି ତା'ର ଏ ପର୍ବତ ବୁଲାର ଅସଲ ଉଦ୍ଦେଶ୍ୟ ତାକୁ ସ୍ମରଣ ପକେଇଦେଲା । ଠିଆ ହୋଇପଡ଼ି ସେ ପଚାରିଲା—

"ବିନୁ, ସ୍ବଜନ ଗ୍ରେଟ ଧରିବା ତ ?"

"ତା ଅଜି ଧରିବା ନାହିଁ ? ଯୋଉବାଟେ ଗଲେ ବି ସ୍ବଜନ ବାହାରିବ ଯାଇ କମ୍ପାଓ୍ବାଲ୍‌ପା ହାଟରେ । ଅଇଛୁ ୧୦ ଟା ବାଜିଛି, ଏଇ ତାଲୁଚା ଓହ୍ଲେଇ ପଡ଼ିରେ ଅମେ ସେଠି ପହଞ୍ଚିବା ଦଶଟା ଆଗରୁ । ତାପରେ ତ ଗୋଟିକ ଗୋଟି ଧରି ପକେଇବା, ଯିବେ କୁଆଡ଼େ ?"

"ବେଶ୍, ଗ୍ଲ ତେବେ ଆଉ ଡେରି ନାହିଁ ।" ଏଠି ବି ବିଶ୍ରାମ ମିଳିବନାହିଁ ଜାଣି ବିନୁ ବିରକ୍ତ ହେଲା । କିନ୍ତୁ ଉପାୟ ନାହିଁ । ଯାହା ଜାଣିଥିଲା ପୁଞ୍ଜିଏ ପାଞ୍ଚଟା କନ୍ଧ ବୋଲି ତାହାର ବାହାଦୂରି ଦେଖାଇ କନ୍ଧ ବୋଝିଆଙ୍କ ଉପରେ ଗର୍ଜନକଲା, "ହେଇ, ଡେରିବେରେ ହାଲମୁଡ଼େ (ଯାଅ) ।"

କନ୍ଧଲୋକେ ଗର୍ ଗର୍ ହେଲେ । ଭଲ କଥା, ଟିକିଏ ବିଶ୍ରାମ ନାହିଁ ଖାଲି ଦୌଡ଼ ଦୌଡ଼ । ମାଙ୍କଡ଼ ଖେଳିଲା ପରି ଆହ୍ବମ କୁଇ କନ୍ଧ ଭାଷାରେ ବିନୁ ଓ ତା'ର ପୂର୍ବପୁରୁଷଙ୍କୁ ଗାଳି ବଖାଣିଲେ । ସେମାନେ ଜାଣନ୍ତି ତାଙ୍କର ଭାଷା ଏ ବୁଝିବେ ନାହିଁ । ଏମାନେ ଖାଲି ହୁକୁମ ଦେବେ—ବୋଝ ବୁହ, ପାଣି ଆଣ,

Digitized by srujanika@gmail.com

ଛାଠ ଆଣ । ଏତକ ପ୍ରକାଶ କରିବାକୁ କେତେଟା କଥା ଶବ୍ଦ କେଉଁ କେଉଁ ଜାଣନ୍ତି; ବନ୍ଧୁ ବି ଜାଣେ, ସୁତରାଂ ତାକୁ ମନ ଖୋଲି ଗାଳି ଦେଲେ କ୍ଷତି ନାହିଁ । ଆପଣା ଭିତରେ କୁହାକୋହି ହେଲେ—ଆଚ୍ଛାବାପ୍ପା ଲଗିଛି ଯୁଗ୍ଭଙ୍କୁ ଯେ ଏ ଦେଶର ଜଙ୍ଗଲ ସେ ଦେଶର ଲୋକ କିଣି ନେଉଛନ୍ତି ବୋଲି ଏମାନେ ବଣ ଚକଟି ଚକଟି ମୂଷା ଧରିବାକୁ ଧାଇଁଛନ୍ତି । ଲୋକ ତ ସମ୍ପର୍କ କରିବ, ସେଥିରେ ଏ ଦେଶ କ'ଣ, ସେ ଦେଶ କ'ଣ ? ଯାହାର ଯାହା ଦରକାର ସେ ଯଦି ତାକୁ କିଣିବାକୁ ଆସିଲା, ସେଥିରେ ଅପରାଧଟା କ'ଣ ହେଲା ? ଭଲା ଏ ଦେଶଟା ବି କାହାର ? ଜଙ୍ଗଲ ବା କମୋଉଛି କିଏ ? ନା, ଏମାନଙ୍କ ନ୍ୟାୟଟା ଭିନେ, ସେ ନ୍ୟାୟରେ ମଦ ରାନ୍ଧିଲେ ଦୋଷ, ବଣ ହାଣିଲେ ଦୋଷ, ଜଙ୍ଗଲ କିଣିଲେ ଦୋଷ, ବୋଝ ବୋହି ବୋହି ଢ଼'ଢ଼ନ ବାଟ ଚାଲି ଘାଲିଆ ହୋଇ ବସିପଡ଼ିଲେ ଦୋଷ ।

କଥା ଗପିବାକୁ ବେଳନାହିଁ, ତପରତପି ଗାଳି ଦେଲଣି, ବାବୁଟା ବି ମାଡ଼ି-ଚାଲିଲଣି ଆଗେ ଆଗେ । କଥାଲୋକେ ଉଠିପଡ଼ିଲେ । ଆପଣାର ଯନ୍ତ୍ରୁ ଅଭିଯୋଗକୁ ଏକାଠି ଗୁନ୍ଥି ଗୀତ ଫାନ୍ଦିଦେଲେ । ତା' ପଛରେ ଭୁହାଇ ଭୁହାଇ ସେଇ ଏକା ଘୋଷା,—"ବା'ଇଲେ—ବା'ଇଲେ—"

ଯାମ୍ନାରେ ମହାବଣ, ତାହାର ତଳେ ତଳେ ପର୍ବତ ତାଳୁରେ ଛପିଲି ସୁଡଙ୍ଗ ପରି ଢଳକୁ ଢଳକୁ ବାଟ । ପଛରୁ ସମସ୍ୱରରେ କଷ୍ଟ ଗୀତ ରମେଶକୁ ଆନନ୍ଦ ଦେଉଥିଲା । କେଡ଼େ ସୁନ୍ଦର ଶୁଭୁଛି । କ'ଣ ତା'ର ଅର୍ଥ ହୋଇଥିବ । ନିଶ୍ଚୟ କୌଣସି ଏକ ଜାତୀୟ ଗାଥା ।

"ବନ୍ଧୁ !", ରମେଶ ଉଡ଼ିଲା ।

ମନେ ମନେ ତାକୁ ଗାଳି ଦେଇ ଦେଇ ପଥର ଉପରେ ଠକି ଠକି ହୋଇ ବନ୍ଧୁ ତା' ପାଖକୁ ଚମକିଗଲା । ତା'ର ବୟସ ପଞ୍ଚାବନ, ମୁଣ୍ଡ ମଝିରେ ଚନ୍ଦା, ଛ'ଟି ଦାନ୍ତ ପଡ଼ିଗଲଣି । ଏ ବୟସରେ ପାହାଡ଼ ଚଢ଼ା ତା' ଦେହକୁ ସହେ ନାହିଁ, ଦେହ ଖୋଜେ ସୁସ୍ଥି, ମଠ ମଠ ଚାଲି । କିନ୍ତୁ ଏ ଟୋକା ଅଧିକାଂଶ ତର ତର କରିଦିଏ, ଅମଡ଼ା ମଡ଼ାଏ, ଆପେ ବାପ୍ପା, ପରକୁ ବାପ୍ପା ଲଗାଏ । ବନ୍ଧୁର ଖାଇବାକୁ ଅଭାବ ନାହିଁ, କିନ୍ତୁ ଚାକିରି ଚାଲିଗଲେ ତାର କ୍ଷମତା ଚାଲିଯିବ, କଳାହରିଣ ହୋଇ ସେ ହେବ ସାମାନ୍ୟ ଏକ ଦେଶୀୟ, ଜୀବନଯାକ ବାଧ

Digitized by srujanika@gmail.com

ପଛେ ପଛେ ବଲୁଆ ପରି ସେ ଦେଶୀସ୍ଵାଙ୍କ ଉପରେ ଚରୁଛି, ପୁଣି ନଜେ ଦେଶୀସ୍ଵା ହୋଇ ପଡ଼ରହିବାକୁ ହେବ ଭାବିଲେ ଜୀବନ ଉପରେ ଧିକ୍କାର ଜନ୍ମେ । ସେହି ଭୟରେ ବନୁ ପାହାଡ଼ ଚଢ଼େ ।

"ବନୁ, ଏମାନେ ଭାରି ସୁନ୍ଦର ଗୀତ ଗାଉଛନ୍ତି ।"

"ଭାରି ସୁନ୍ଦର ଆଜ୍ଞା ।"

"କ'ଣ ଯ୍ଵାର ମାନେ ?"

ବଙ୍କା ଲୋକ ପରି ପଗଡ଼ି ହଲେଇ ହ'କଳ ପାନ ଭିତରୁ ଅଗୁଝା କନ୍ଧ ଗୀତର ଅର୍ଥ ଫାନ୍ଦ ଦେଇ ବନୁ କହିଲା—"ଏଇଟା ସେଇ ଚଇତ୍ ପରବର ଗୀତ ଆଜ୍ଞା ।"

"କ'ଣ ଯ୍ଵାର ମାନେ ?"

"ଖାଲି ଧାଂଡ଼ା ଧାଂଡ଼ୀ କଥା, ସେଇ ପୁରୁଣା କଥା—ସେମିତି କହନ୍ତି ନାହିଁ—ତତେ ଦେଖି ମୋର ବଢ଼ ଶରଧା, ଏ ଯାଇଫୁଲ୍ । ତୁ କେବେ ମୋ ଘରକୁ ଆସିବୁ ? ଏ ଯାଇଫୁଲ୍ ।" ବନୁ ହସିଲା ।

ରମେଶ କହିଲା, "ସବୁଦିନେ ଯ୍ଵାଙ୍କର ଏଇ ଗୀତ ?"

"ସବୁଦିନେ ଆଜ୍ଞା ।"

"ବାଇଲେ ଅର୍ଥ କ'ଣ ଯୂଇଫୁଲ ?"

"ଠିକ୍ ଧରିଚନ୍ତି ଆଜ୍ଞା, ଆପଣ ଏମିତି ଶିଖିବସିଲେ ଭାରି ଚଞ୍ଚଳ ଯ୍ଵାଙ୍କ ବୋଲି ଶିଖିଯିବେ ।"

ରମେଶ ଖୁସି ହେଲା, ପଚାରିଲା "ଯେତେ ବୁଢ଼ା ହେଲେ ବି ଏଇ ଗୀତ ?"

"ଆମ ଦେଶରେ କେହି ବୁଢ଼ା ହୁଅନ୍ତି ନାହିଁ ।"

ରମେଶ ମନେ ମନେ ଲେଖି ରଖିଲା—'ବାଇଲେ' ମାନେ ଯୂଇଫୁଲ୍ । କନ୍ଧମାନେ ଖାଲି ପ୍ରେମାପ୍ରେମ ଗୀତ ଗାଆନ୍ତି ।

ରମେଶକୁ ଭୁଲେଇ ଦେଇ ବନୁ ବି ଖୁବ୍ ଖୁସି ହେଲା ।

କନ୍ଧ ବୋଝିଆ ଗୀତରେ ଗୀତରେ ଚପରାସୀ ଓ ଅଧିକାରୀମାନଙ୍କୁ ଗାଳି ଦେଇ ଦେଇ ଗ୍ଲୁଲେ, ଗାଇଗ୍ଲୁଲେ ଆପଣାର ଦୁଃଖ ଦୁର୍ଦ୍ଦଶା । ବାଟରେ

Digitized by srujanika@gmail.com

ଦେଖାପଡ଼ିଲେ ପଞ୍ଚା ଟଞ୍ଚା ହାଟମୁହାଁ କରି ବାଟୋଇ । ଗୀତ ଶୁଣି ହସିଉଠିଲେ ଗୀତରେ ଗୀତ ଯୋଡ଼ିଦେଲେ । ସମଦୁଃଖୀ ସେମାନେ, ଏକା ଉପହାସରେ ଭାଗୀ ।

ଗୀତ ଗାଇ ଗାଇ ପାଟି ଘୋଳ ହେଲେ ବୋହିଆ ଭୁନପଡ଼ନ୍ତି, ବନୁ ଗର୍ଜନ ଛାଡ଼େ—"ହେଇ ଗୀତ ଗା, ଗୀତ ଗା ।"

"ଆମ ଦେଶରେ କେହି ବୁଢ଼ା ହୁଅନ୍ତି ନାହିଁ ।" ଆପଣାର କଥା ବନୁର ଆପଣା ଆଗେ ନୂଆ ରୂପ ଧରି ଠିଆହେଲା । ସେ ତା'ର ସାନ ଭାରିଯା, ତୃତୀୟ ପକ୍ଷ । ଆଗର ଦୁଇ ଭାରିଯା ଅଛନ୍ତି, ତଥାପି ବର୍ଷେ ହେଲା ସେ ଆସିଛି । ଅଧିକ କନ୍ୟାସୁନା ଦେଇ ତା'ର ବାପ ମା'ଙ୍କୁ ମନେଇ ଅନ୍ୟଜଣକ ଆଶା ମୁହଁରୁ ସେ 'ଗୋସ୍ତି'କୁ ଏକ ପ୍ରକାର ଛଡ଼େଇ ଆଣିଛି । ଏ ବଣ ଦେଶରେ ଛଡ଼େଇ ଆଣି ପାରିବାହିଁ ପାରିଲାପଣ, ସେଥିରେ ମଣିଷ ଜନ୍ତୁକୁ ଟପିଯାଏ । କିନ୍ତୁ ବନୁର ଏ ପାରିଲାପଣ ଉହାଡ଼ରେ ଥିଲା ଜୀବନ ଗୋଟାକର କ୍ଷୋଭ । ତା'ର ତୋଟା ଅଛି କ୍ଷେତ ଅଛି ଘର ଅଛି ଗାଈଗୋରୁ ଅଛନ୍ତି; କିନ୍ତୁ ସନ୍ତାନ ନାହିଁ । ବୟସ ଯେତେ ସରି ସରି ଆସୁଛି, ସେତେ ସେ ବେଶି ବେଶି ଅନୁଭବ କରୁଛି ତା'ର ପୁଅଟିଏ ଦରକାର । ବାଟେ ବାଟେ ଖାଲି ତା'ର ଗୋସ୍ତି ମନେପଡ଼ୁଛି । ହଁ' ସଉଳୁଣୀ ତାକୁ ଦେଖିପାରୁଥିବେ ତ ? ମନ ରାଜି ନ ହେଲେ ଏ ଦେଶରେ ସ୍ତ୍ରୀ ପଳେଇ ଯାଏ—ଗୋସ୍ତି ମନ କଷ୍ଟ କରୁନଥିବ ତ ? ଆଉ ସେ ଭେଣ୍ଡିଆ ଚପରାସୀ, ଯାହା ନାଁ ବଣି, ଲେଖାଯୋଖାରେ ଟାଣି ଓଟାରି ବନୁର ନାତି ସମ୍ପର୍କ ହୁଏ, ଖାସ୍ ଆଜ୍ଞାମାନଙ୍କ ସଙ୍ଗେ ଥଟ୍ଟା ଲଗିବାକୁ ଆସି ଓଳି ଓଳି ବଡ଼େଇହୁଏ, ସେ କ'ଣ କରୁଥିବ ?

"ବନୁ !"

"ଆଜ୍ଞା"

"ଆଚ୍ଛା ଏ ଜଙ୍ଗଲ ଆଗରୁ ଧରା ପଡ଼ୁନାହିଁ କାହିଁକି ? ଲୁଚ୍ଚା ବେଗରେ ମାନ୍ଦ୍ରାଜ ଇଲାକାକୁ ଚାଲାଣ ହେବାପାଇଁ କେଉଁଠି ତ ଗଦା ହୋଇଥିବ, ହାଟ ଲାଗୁ କି ନଲାଗୁ ହେଉଚ୍ ବେପାରୀମାନେ ବୋହି ନେଉଥିବେ, କୋରାପୁଟକୁ ଆସିଲେଇଁ ଶୁଣିବାକୁ ବାଟ, ଏତେ ଗାଁ ବୁଲିଲେଇଁ ଏତେ ଜାଗା ଦେଖିଲେଇଁ କାଇଁ ସେମିତି ତ ଆମ ଆଖିରେ ପଡ଼ିଲା ନାହିଁ । କଥା କ'ଣ ?"

Digitized by srujanika@gmail.com

"ସେମିତି ଏକାଠି ବେଶି ବେଶି ଗୁଡ଼ଜ ଗଲେ କ'ଣ ଲୋକ ଦେଖାଣିରେ ଲୁଚିପାଆନ୍ତା ?" ବିରକ୍ତ ଅବସ୍ଥାରେ କଥାଟା କହିଦେଇ ବିନୁ ପଚାରିଲେ । ସେ ନିଜେ ତା' କ୍ଷେତର ଶହେ ମହଣ ଗୁଡ଼ଜ ଚଢ଼ା ଦରରେ ପଦାକୁ ପଠେଇ ପାରିଛି । ସେ ବିଶ୍ୱାସ କରେ, ଯେଉଁଠି ସମାଜର ମାନ୍ତ ଯେ ଯେଝା ପାଦରେ ଯେଝା ଠିଆ ହେବେ, ପ୍ରତ୍ୟେକେ ଆପଣା ଶିଙ୍ଗରେ ମାଟି ଖୋଳିବେ, ସେଠି ପରକୁ ଠେଲିବା ପରର ଗୋଡ଼ ଧରି ଓଟାରି ଦେବା ପରି କାନ୍ଧରେ ଜବରଦସ୍ତି ଲଦି ହେବା ବା ପରକୁ ଚିତା କାଟିବା ଉଦ୍ୟୋଗୀ ଲୋକ ପକ୍ଷରେ ଆପେ ଆସେ, ନହେଲେ ନିଜେ ବଡ଼ ଲୋକ ହେବା ଅସମ୍ଭବ । ଯେଉଁଠି ନିଜପାଇଁ ନିଜଛଡ଼ା କେହି ନାହାଁ ସେଠି ସମସ୍ତିଙ୍କ ସମୃଦ୍ଧ କଲ୍ୟାଣ କଳ୍ପିଉଳ ନିୟମକୁ ଚଳାଇ ଲୋକ ନିଜ ସ୍ୱାର୍ଥ ପାଇଁ ଭାଙ୍ଗିବାହିଁ ସ୍ୱାଭାବିକ ଓ ଉଚିତ ବୋଲି ସେ ଭାବେ । ଧରା-ପଡ଼ିଯିବାକୁ ଡରେ । କଥା ବାଁରେଇ ଦେଇ କହିଲି – ,,ଏକାଠି ବେଶି ବେଶି ଗୁଡ଼ଜ କୌଣସି ଜଣକ ହାତରେ ପଦାକୁ ଯାଉନାହିଁ । ଆଜ୍ଞା, ସେମିତି ହୋଇ-ଥିଲେ ଆମ ଆଖିରେ ପଡ଼ିଥାନ୍ତା, ଲୁଚନ୍ତା କୋଉଠି ? ହାଟକୁ ଗଲେ ଆପଣ ଦେଖିବେ କିଏ ପାଞ୍ଚ ସେର, କିଏ ଦଶ ସେର କରି ଗୁଡ଼ଜ କିଣି ନେଇ ଯାଇଛନ୍ତି ଏମିତି ଶହ ଶହ ଚଳ ଦେଶର ଲୋକ । ଦ'କୋଶ ଗଲେ ମାନ୍ଦ୍ରାଜର ସୀମା, ସେଠି ସାହୁକାର ବସିଥିବେ, ଶଗଡ଼ ଥିବ, ପାଖେ ଗୁଡ଼ଜ ପୂରେଇବାକୁ ବସ୍ତା ପାଖେ ଟଙ୍କା ମୁଣି । ନହେଲେ ତାଙ୍କର ଟଙ୍କାରେ ମୁଣ୍ଡ ବୋହିଆ ଗୁଡ଼ଜ କିଣି ଆଣିଥିବେ । ସେ ଗୁଡ଼ଜ ଜମା ହେବ । ବସ୍ତାରେ ପଶିବ । ଗୁଳାବ ଶଗଡ଼ ବିଶାଖା ପାଟଣା ପାର୍ବତୀପୁର, ବୋବିଲି, ମକୁଆ । ବେପାରୀ ଲୋକର କଥା ଅଲଗା ଆଜ୍ଞା—"

"ବେପାରୀ ହାତରେ ପଡ଼ିବା ପୂର୍ବରୁ ସେଇ ଗୁଡ଼ଜ ଆମେ ଧରିଦେବା", ଗମ୍ଭୀର ହୋଇ ରମେଶ କହିଲା ।

ତା'ର ଆଖିରେ ଝଟକୁଥିଲି ଶିକାରୀ ଆଖିର ଆଲୁଅ ।

ମନରେ ଗୋଟାଏ ଖିଆ—ଆମର ଗୁଡ଼ଜ କାହିଁକି ସେମାନେ ବୋହିନେବେ ? ଏଇଟା ଯେପରିକି ତା'ର ବ୍ୟକ୍ତିଗତ ଅଧିକାର ଉପରେ ହସ୍ତକ୍ଷେପ ।

'ଆମର' କହିଲାବେଳେ ତା'ର ବ୍ୟକ୍ତିତ୍ୱ ବୁଝେ ଖାଲି ଗୋଟାଏ

Digitized by srujanika@gmail.com

କଥା—ସେ ଓଡ଼ିଆ । ତା ପଛରେ ଓଡ଼ିଶାରେ ଇତିହାସ ଓ ସେ ଇତିହାସରେ ପଡ଼ୋଶୀ ଦେଶ ଉପରେ ରାଜ୍ୟବିସ୍ତାର, ଯୁଦ୍ଧ ଜୟ, ସାମ୍ରାଜ୍ୟ ସ୍ଥାପନ । ଅତୀତର ଧୂଳିଗଦା ଓ ଭଙ୍ଗା ଇଟାକୁଡ଼ରୁ ବର୍ତ୍ତମାନର ଖ୍ୟାତିହୀନତାକୁ ସେ ଫେରିଆସେ, ମନର ଓରମାଣ ମେଣ୍ଟାଇବାକୁ ପଡ଼ୋଶୀ ଦେଶ ଉପରେ ଦୋଷ ଢାଳିଦିଏ ।

"ଖାଇ ଖାଇ ଖତମ କରିଦେଲେ ଦେଶ ଗୋଟାକୁ, ଆଉ ଫେର୍ କ'ଣ ?"

ବଣ ବାଟରେ ଶିକାର ମନେପଡ଼େ ।

ରମେଶର ମନରେ ଗ୍ରାଇଯାଏ ଜଙ୍ଗଲ ଶିକାରର ନିଶା ।

"ଧରି ପାରନ୍ତି—"ଦାନ୍ତରେ ଦାନ୍ତ ଘଷି ସେ କହେ । ଧରିପାରିଲେ କ'ଣ କରିବ ସେ ଜାଣେ ନାହିଁ ।

ତରତର ହୋଇ ଚାଲିକୁ ଚାଲିକୁ । ମାଟିର୍ ପାଗ ଓ ବାଟର ତାତି ମିଶିଯାଇ ବସନ୍ତର ଅନୁଭୂତି ଆଣୁଛି, ଯୁଆଡ଼େ ଚାହିଁଲେ ପରିପୂର୍ଣ୍ଣ ଗଛପତ୍ରର ଶୋଭା । ଗଡ଼ାଣି ଶେଷରେ ବାଟ କଡ଼ରେ ଲୋକମାନଙ୍କର ଗାଁଟିଏ ପଡ଼ିଲା । ଆମ୍ବ ତୋଟା, କ୍ଷେତ, ଖଳା, ଧାଡ଼ି ଧାଡ଼ି ଘର । ପିଲାବାଟରେ ପିଲାଟିଏ ଠିଆ ହୋଇଥିଲା, ଅଚିହ୍ନା ଲୋକ ଦେଖି ଭେଁକିନା କାନ୍ଦି ମା'କୁ ଡାକ ଡାକ ଦଉଡ଼ି ପଳେଇଲା । ସେଇଟି ହେଲା ସଂକେତ, ବାଡ଼ି କଡ଼ରେ ଖୁଣ୍ଟିରେ ବନ୍ଧା ହୋଇଥିବା ବାଛୁରିମାନେ ପଘାରୁ ଉଦ୍ବର୍ତ୍ତି ହୋଇ ହମାରଡ଼ି ଦେଲେ । ସ୍ତ୍ରୀ ଲୋକମାନେ ଆତଙ୍କଗ୍ରସ୍ତ ହୋଇ ମିଟି ମିଟି କରି ଅନେଇଁ ରହିଲେ । ଗାଁ ଲୋକ ଗୋଟି ଗୋଟି ହୋଇ ପାଖକୁ ଆସିଲେ । ରମେଶକୁ ଲାଗିଲା, ଏ ଦୃଶ୍ୟ ତା'ର ଚିହ୍ନା ଚିହ୍ନା । ପାଦ ଆପେ ଧୋଷାରି ହେଲା । ଝଙ୍କା ଗଛ ଛାଇରେ ଅଟକି ରହି ସେ ପଛକୁ ଅନେଇଁଲା । ପ୍ରକାଣ୍ଡ ମନଗଢ଼ା ଭୂତପରି ପର୍ବତଟା ପଛରେ ଠିଆହୋଇଛି । ଧକେଇ ଧକେଇ ବନ୍ଧୁ ଆସୁଛି, ଦୌଡ଼ି ଦୌଡ଼ି ଆସୁଛନ୍ତି ବୋହିଆ ।

"ଏଠି ଭଲ ପାଣି ମିଳିବ ବନ୍ଧୁ ?"

"ମିଳିବ ।" ବନ୍ଧୁ ତତ୍ପର ହେଲା । ବୋକଚ୍ଚା ଖୋଲି ଲୋଟା ଗିଲାସ ବାହାର କରି ଗାଁକୁ ଗଲା । କାନ୍ଧ ବୋହିଆ ବସି ବସି ଝାଳ ମାରିଲେ । ରମେଶ ଅପେକ୍ଷା କଲା ।

Digitized by srujanika@gmail.com

ଅଳ୍ପ ସମୟ ଭିତରେ କୁଆଡ଼ୁ ଆସି ପହଞ୍ଚିଗଲା ଗୋଟାଏ ବଉଳିଆ ଖଟ, ଜଣେ ଗୋଟାଏ ଗ୍ଲାସରେ କଞ୍ଚା ଗରମ ଦୁଧ ଆଣି ଠିଆ ହେଲେ, ଆଉ ଜଣେ ଆଣିଲା ଫେଣାଏ ପାଚିଲା କଦଳୀ, ତେଲେଙ୍ଗୁ, ଓଡ଼ିଆ, କୋଣ୍ଡାଦୋରା ମିଶି ଗାଁର ପାଞ୍ଚଜଣ ରଇତ ଆସି ଅନୁନୟ କଲେ—

"ଖରା ବହୁତ ହେଲାଣି, ଦୟାକରି ଏଠି ଟିକିଏ ବିଶ୍ରାମ ନେଇ ଗଣ୍ଡିଏ ଖାଇ କରି ନଗଲେ ଗାଁଲୋକଙ୍କ ମନ କଷ୍ଟ ହେବ।"

ବିଶ୍ରାମ !

ରମେଶ ହସିଲା। ବାଟେ ବାଟେ ସେହି ନିମନ୍ତ୍ରଣ। ସତେକି ସ୍ନେହଆଦର ବଣ ଜଙ୍ଗଲ ଭେଦିକରି ହୋଇ ମଣିଷ ମଣିଷକୁହିଁ ଆଉଜିବାକୁ ଖୋଜେ। ଅଠକ-ପାଅ, ରହିପାଅ ଆଜ ବାଟଟା ଆମ ଗାଁରେ। ଚାଳ୍ପା ଗଛର ଛାଇ, ଅଧଚାଳ୍ପା ଘରକ ଭିତରୁ ମଟୁଆ ମଠୁଆ ଚୂଲି ଧୂଆଁ ସାଧାରଣ କାମରେ ବ୍ୟସ୍ତ ପୁରୁଷ ସ୍ତ୍ରୀ। ସେ ବଣଠୁ ଭିନେ, ପର୍ବତରେ ଥାଇ ପର୍ବତଠୁ ଭିନେ।

ତଥାପି, ଚାଲିବାକୁହିଁ ହେବ। ପଛ ଗାଁର ବାଟରୁ ସ୍ନେହ ଲାଗିରହିଥିବ ଖଣ୍ଡେ ଦୂର, ତା'ପରେ—ପବନରେ ଉଡ଼ିଯିବ।

ଟିକିଏ ପାଣି ପେଇ ଆସିଲା। ପାଣି ପିଇସାରି ରମେଶ କହିଲା, "ଯିବା ଚାଲ।" ଏଥର ବୁଢ଼ୀଟିଏ ଆସି ବାଟ ଓଗାଳିଲା। ହସି ହସି କହିଲା, "ଏତେ ବେଳଟାରେ ଅଖିଆ ଯିବୁ ପୁଅ, ମା' ପାଖରେ ଥିଲେ ଏମିତି ଛାଡ଼ ଦଅନ୍ତା ? ଏ ଗାଁରେ କ'ଣ ମା ଭଉଣୀ ତୋର ନାହାନ୍ତି ?"

ସମସ୍ତେ ହସିଲେ। ବୁଢ଼ୀଟି କହି ତେଲେଙ୍ଗୁ ମିଶାମିଶା କୋଣ୍ଡାଦୋରା ଜାତିର। ଏଗାଁରେ କ'ଣ ମା' ଭଉଣୀ ତୋର ନାହାନ୍ତି।

ରମେଶ ଆଖି ଉପରେ ଯେପରିକି ଲୁହ ଲହ ହୋଇପଡ଼ିଲା।

ନିଜକୁ ନିଜେ ବଡ଼ ପାଟିରେ କହିପକାଇଲା—"ନା-ନା-ନା, ଯିବାକୁ ହେବ, ବହୁତ କାମ।" ଆପଣାକୁ ଓଟାରି ନେଇ ଚାଲିଲା।

ସ୍ମୃତିରେ ରହିଗଲା ସେହି ବୁଢ଼ୀର ମା-ମୁହଁପରି ମୁହଁର ଲୁହ ! ମା'ର ଆଖି ପେଟକୁ, ଆଉ ଭୁଣ୍ଡରେ ଆହା ପଦ। ତା'ର ଅନ୍ୟ ଜାତି ନାହିଁ, ଭାଷା ନାହିଁ, ସେ ମା।

Digitized by srujanika@gmail.com

ଚାଉଳ ଧରା ପଡ଼ିସାରିଗଲା । କିନ୍ତୁ ମୁଣି ମନେପଡ଼ିଗଲା ସେତେବେଳେ ଖଣ୍ଡେ ଦୂରରେ ମେ ଦେଖିଲି, ହାଟୁଆ ଚାଲିଛନ୍ତି, ଭାର ଭାର ଚାଉଳ ।

“ବନ୍ଧୁ, ହାଟ ଆଜି କେତେ ବାଟ ?”

“ହେଇ ଆଗରେ ଆଜ୍ଞା, ପହଞ୍ଚିଗଲେ ।”

“ହସିଆର୍ ହଲ୍ଲା କରିବ ନାହିଁ ।”

“ନାହିଁ ଆଜ୍ଞା, ଆରେ କନ୍ଧମାନେ, ଆଜି ଗୀତ ବୋଲ ନାହିଁ, ପାଟି କର ନାହିଁ, ଚୁନଚୁନ ଚାଲ ।” ବନ୍ଧୁ ହସି ଦେଇ ବୋଝିଆମାନଙ୍କ ପାଖକୁ ଚାଲିଗଲେ । କ୍ଷଣ ଭିତରେ ଶିକାର କରି ଗଲାପରି । ପଦାରେ ଚୁନଚାନ, ମନ ଭିତରେ ଚହଳ । ଇତିମଧ୍ୟ ତରତର ହୋଇ ତା'ର କର୍ମପନ୍ଥା ବିଷୟରେ ଭାବିଗଲି । ଚାଉଳର ଚୋର ଚାଲାଣ ଖାଲି ଅଟକେଇ ଦେଇ ସେ ନିଶ୍ଚିନ୍ତ ହେବ ନାହିଁ । ପକ୍କା ବନ୍ଦୋବସ୍ତ କରିଦେଇଯିବ । ରିପୋର୍ଟ୍ ଲେଖିବ । ପ୍ରଶଂସା ପାଇବ । ଏହିପରି ପ୍ରଶଂସା ପାଇ ପାଇ ଶୀଘ୍ର ସେ ଉନ୍ନତି କରିବ । ପରୀକ୍ଷାରେ ସମ୍ମାନ ପାଇଲାପରି ସେ ବି ଏକ ପୁରସ୍କାର । ପାଇବାକୁ ହକଦାର ସେ, ନ ହେଲେ ଏତେ ବଣବୁଲା, ଝଡ଼ରେ ଶୀତରେ । ସତେକି କଙ୍ଗୋ ଆଫ୍ରିକାରେ ଲିଭିଂଷ୍ଟୋନ । ସେ ଯାଇଥିଲେ ଗୋଟାଏ ନଦୀର ଉତ୍ପତ୍ତି ସ୍ଥଳ ଆବିଷ୍କାର କରିବାକୁ, ସେ ଯାଉଛି ଚାଉଳ ଚୋରାମିର ଚୋର ମୁହାଁଣ ଆବିଷ୍କାର କରିବାକୁ । ଭାରି ଆନନ୍ଦ ଲାଗିଲା । ଆପଣା ସୁଦକ୍ଷପଣରେ ଆପେ ଅଭିଭୂତ ହୋଇପଡ଼ିଲି ।

କିଛି ଆଗରେ ବାଟ କଡ଼ରେ ଗଛ ତଳେ ଗୋଟିଏ ପରିବାର ରୋଷେଇ ସାରି ଖିଆପିଆ କରୁଛନ୍ତି । ଉଦାଣି ପିଲାଟିଏ ମାଟିରେ ଚିତ୍ ହୋଇ ଶୋଇ ଗୋଡ଼ ହାତ ଛାଟି ଛାଟି କାନ୍ଦୁଛି । ଫୁର ଫୁର ମୁଣ୍ଡି, ଜୀର୍ଣ୍ଣଶୀର୍ଣ୍ଣ ହୋଇ ଯୁବତୀଟିଏ ତା'ର ଖାଇବାପତ୍ର ଛାଡ଼ିଦେଇ ଅଇଣ୍ଠା ହାତରେ ଛାତି ଉପରୁ ଛିଣ୍ଡା ଲୁଗା କେବଳ ଓଟାରି ଦେଇ କ୍ଷୀର ଦେବାକୁ ଧାଇଁଗଲେ, ମା'ର ଚୀର ଦରଶୁଖିଲା, କନାପରି ଓହଳିଛି । ପିଲାଟିକୁ ଜାକି ଧରି ବିଦେଶୀ ଆଗନ୍ତୁକକୁ ଅନେଇ ରହିଲା । ସତେକି ଦେହ ନାହିଁ, ଖାଲି ମୁଣ୍ଡର ଅଲରା ବାଳ ଆଉ ଉଦାସ ମଳିନ ଆଖି ଦୋଟି । ସେ ଆଖିରେ ନାହିଁ ସମ୍ବାଦ ପାଇଁ ଆଗ୍ରହ, କାହାର ବଡ଼ଟ ପ୍ରତି ଭ୍ରୂକ୍ଷେପ, ଦୁନିଆଁ ଆଡ଼କୁ ଖୋଲାଥିଲେ ବି ଭିତରକୁ ତା'ର ଦୃଷ୍ଟି, କାହିଁ ତଳକୁ, ତଳାତଳାନ୍ତ ଜୀବନଶକ୍ତିର କାଣ୍ଡି ଉପରକୁ, ଯେଉଁଠି ଶେଷ କ୍ଷୁଧା ବି

Digitized by srujanika@gmail.com

କାଟେ, ଶେଷ ସ୍ନେହ ବ ସନ୍ତାନକୁ ଯୋଡ଼େଇ ରଖେ । ଆଉ ତିନିଜଣ ଭାତ ଖାଉଛନ୍ତି, ବୁଢ଼ା, ବୁଢ଼ୀ, ଭେଣ୍ଡାପୁଅ । ଖାଲି ହାଡ଼, ଚମ, କୋରଡ଼ ଆଉ ବେଢାଏ ଲେଙ୍ଗା ବାଳ । ଆଉ ଚକ ଚକ ଆଖି । ଖାଇବା ଭାତ ଶିଆଳିପତ୍ର ଉପରେ ଉପରେ ଚକ ଚକ କରୁଛି । ଭାତ ଖିଆ, ଖିଆ ନୁହେଁ, କୁକୁରପରି ଗାବୁ.ଗାବୁ କରି ଟେଫା ମାରିବା । ଗଛ ଡାଳେ ଫନ୍ଦ ଭଙ୍ଗା ଚେପା ଟେଉକ୍ତି ହାଣ୍ଡି ଓ ଚୁଲି । ଏକାଥରକେ ସମୁଦାୟ ଦୃଶ୍ୟ ରମେଶକୁ ଯେମିତି ଆକ୍ରମଣ କଲା ।

"ବନ୍ଧୁ, କିଏସେ ଏମାନେ ?'

"ତଳ ଦେଶର ତେଲଙ୍ଗୀ ଲୋକ ଆଜ୍ଞା, ପେଟ ଜ୍ୱାଳାରେ କେତେ ଏମିତି ଏ ଜଙ୍ଗଲରେ ଚଲ ଚଲ ହୋଇ ବୁଲୁଛନ୍ତି ।'

"ଘର କେଉଁଠି ?"—ବନ୍ଧୁ ପଚାରିଲା ।

ତିନିଥର ପଚାରିଲା ପରେ ଖାଇବା ପତ୍ରରୁ ମୁହଁ ନ ଟେକି ବିରକ୍ତ ହେଲାପରି ବୁଢ଼ା କହିଲା—"ସୀମାଚଳମ୍ ।"

ବନ୍ଧୁ ରମେଶକୁ ବୁଝେଇଦେଲା, ଏ ଆସିଛି ତିରିଶି କୋଶ ଦୂରରୁ । ସୀମାଚଳମ୍ । " ଆଗେ ତ ଆମ ଓଡ଼ିଶାରେ ଥିଲା ।" ଓଡ଼ିଶା ଇତିହାସ ମନେ-ପଡ଼ିଗଲା, ପର୍ବତପରି ଠିଆ ହେଲା, ମାଟି କୁଦପରି ସାନ ହୋଇଗଲା, ଗମ୍ଭୀର ହୋଇ ମିଶିଗଲା ସେହି ଭୋକିଲା ଯୁବତୀମା'ର ଆଖି ଦଓଟିରେ । ପିଲାକୁ କ୍ଷୀର ଦେଉଛି, ଆଉଁସୁଛି । ଓଡ଼ିଶାରେ ଆଉ ନାହିଁ ସେ ଦେଶ, ପୃଥିବୀରେ ଅଛି, ସେ ଦେଶରେ ମଣିଷ ଅଛନ୍ତି, ତାଙ୍କର ଭାତ ନାହିଁ ।

"ବହୁତ ଏମିତି ବୁଲୁଛନ୍ତି ଆଜ୍ଞା, ବଣ ଜଙ୍ଗଲକୁ ଡରୁନାହାନ୍ତି, ବାଘ ଭାଲୁକୁ ଡରୁ ନାହାନ୍ତି, ସବୁଠୁ ବଡ଼ ଡର ତ ଆପଣା ପେଟକୁ, ଆଉ କାହାକୁ ?"

"ସତ କଥା, ସତ କଥା" କହି ବୋଝିଆ ପାଳି ଧରିଲେ, ସେମାନେ କତିକି ଲାଗି ଆସିଲେଣି । ବୁଢ଼ା କହି କହିଲା—"ଭୋକ ଲାଗିଲେ କି ଦୁଃଖ ପଡ଼ିଲେ ସମସ୍ତେ ସମାନ । ହେଇ ଦେଖ ଆମକୁ କେତେ ଭୋକ ଲାଗିଲାଣି । କେଉଁଠି ଭାତିଆ ଦବ ସେ ତପସ୍ୱୀ ବାବୁ ।"

ଚୁପ୍ ହୋଇ ରମେଶ ଆଗେ ଆଗେ ଚାଲିଲା ।

Digitized by srujanika@gmail.com

ହଠାତ୍ ଲାଗିଲା, ଯେପରିକି ତା'ର ଉଦ୍ଦେଶ୍ୟ ଗୋଳମାଳ ହୋଇଯାଇଛି । ସେ ନ୍ୟାୟ କରିବାକୁ ଚାହେଁ । କିନ୍ତୁ ନ୍ୟାୟର ସଂଜ୍ଞା ଭୁଲ ହୋଇଯାଇଛି ।

ସିଧା ବାଟରେ ଚାଳନ୍ତି ମାତ୍ର ଉପରେଇଁ ସେ ନିର୍ଭର କରନ୍ତି, ମୁଣ୍ଡପାତ ଯେଉଁଟି ଛପା ଆଇନକୁ, ଲେଖା ନିୟମକୁ, ତା ପଛ ଆଡ଼କୁ ଉଙ୍କି ମାରିବାକୁ ତା ପକ୍ଷରେ ଦୋଷାବହ ବୋଲି ହୃଦ୍‌ବୋଧ କରନ୍ତି । ବର୍ତ୍ତମାନ ବି ସେହିପରି । କେବେ କେବେ ଦେଖିଛି ଛପା ଆଇନ ଓ ଦାଣ୍ଡନ୍ୟାୟ ପଡ଼ନ୍ତି ଅଟମଳ, କିନ୍ତୁ ମନକୁ ଆଶ୍ୱାସ ଦେଇଛି, କର୍ତ୍ତବ୍ୟ କଠୋରକୁ, ସେ ଯନ୍ତ୍ରର ଘୂର୍ଣ୍ଣନ । ପେଟ ଜ୍ୱଳନରେ ଜଣେ ଚୋରି କରିଛି ବର୍ଷକର ପିଲାକୁ ଘରରେ ଜାକି ଗର୍ଭିଣୀ ସ୍ତ୍ରୀ କଣିଆଘର ପିଣ୍ଡାରେ ଗଡ଼ ଗଡ଼ କାନ୍ଦୁଛି, ତା'ର ପୋଷଣାହାର ଆଉ କେହି ନାହିଁ, କିନ୍ତୁ ଚୋର ଜେଲ ଯିବା କଥା, ଜେଲ ଯାଇଛି । ଜଣେ ପାଞ୍ଚଥର ଚୋରି କରି ଦଣ୍ଡ ଭୋଗିଲାଣି, ଷଷ୍ଠଥର କାହା ବାଡ଼ିରୁ କଖାରୁଟିଏ ଚୋରି କରି ଧରା ପଡ଼ିଛି । ପୂର୍ବ ଦୁଷ୍କୃତ ପାଇଁ ଦଣ୍ଡ ବଢ଼ିଯିବା ନିୟମରେ ତାକୁ ହୋଇଛି ବର୍ଷେ ଜେଲ, ସେ ଯାଇଛି । କଠୋର ଏ କର୍ତ୍ତବ୍ୟର ଧାରା, ଯନ୍ତ୍ରର ଘୂର୍ଣ୍ଣନ । ଚାଲିବାକୁ ଧରିବାକୁହିଁ ହେବ ।

ହାଟର ହୋ ହା ଶୁଭିଲା । ଗୋରୁ ଗୁହାଳର ଆଇଁସିଣିଆଁ ସଢ଼ାଳିଆ ଗନ୍ଧ ନାକରେ ବାଜିଲା । ହଠାତ୍ ବଣ ଭିତରୁ ତା ପଛକୁ ତା ପଛ ହୋଇ ମଣିଷ ବାହାରି ପଡ଼ୁଛନ୍ତି, ବୋଝ, ଘର, ଘରରେ ବୁଢ଼ା ହୋଇ ଗ୍ରେଟ ପିଲା, ଗୋଡ଼ ବନ୍ଧା ହୋଇ ମୁଣ୍ଡତଳକୁ ହୋଇ ଗୋଟି ଗୋଟି କୁକୁଡ଼ା, ନାନାବିଧ ପଣ୍ୟଦ୍ରବ୍ୟ —ଆଉ ଚାଉଳ । ଝୋଲରେ ଦେଖା ଦେଇ ବଣରେ ଅଦୃଶ୍ୟ ହୋଇଯାଉଛନ୍ତି ହାଟ ମୁହାଁ । ଶିକାର ଅତି ପାଖରେ । ଉଠେମଣର ଗ୍ରାନ୍ତ ଗୁଡ଼ି କଲା । ପଥରକୁ ପଥର ତଳକୁ ଡେଇଁ ଡେଇଁ ଗଲାବେଳେ କହିଲା—"ଚାଲୁ, ଏଥର ।"

ହାଟ ବସିଲା । କଳାବଳା ଜନାପିମ୍ପୁଡ଼ି ପରି ମଣିଷ । ଗୁଡ଼ାଏ ରଙ୍ଗ, ଗୁଡ଼ାଏ ଗନ୍ଧ, ଗୁଡ଼ାଏ କୋଳାହଳ । ବହୁତ ଗୁଳ ବିକି ହେଉଛି, ପବନରେ ସେହି ଗନ୍ଧ । ଧାଡ଼ ଧାଡ଼ ଚାଳ ଶୁଖୁଆପସରା । ମାଛ ବେଢ଼ିଛନ୍ତି, ମଣିଷ ବେଢ଼ିଛନ୍ତି । ପାଖ ବଣରୁ ଚୋରା ମଦର ଗନ୍ଧ ।

ଘାଉଡ଼ା କୁକୁର ପରି କୁଷ୍ଠରୋଗୀ, ଯକ୍ଷ୍ମାରୋଗୀ, ଖାସୁଲା ଖାସୁଲା କନ୍ଧ

Digitized by srujanika@gmail.com

ପିଠିରେ କୁଳୁପର ଡାଲ ପରି ଅଗଏ ଲେଖାଁ କଞ୍ଚା ଯୁକ୍ ଘା, କଳା କଳା ପୋଡକ ପାଖକୁ ପାଖ ଲଗି ଲଗି ବସିପଡ଼ିଛନ୍ତି । ଘଷାଘଷି ଠେଲାଠେଲି ହୋଇ ସୁସ୍ଥ ଲୋକ, ପୁରୁଷ, ସ୍ତ୍ରୀ ।

ରମେଶର ନଜର ପଡ଼ିଗଲା ଗୋଟିଏ ଯୁବତୀ ଉପରେ—ଚମ୍ପାଫୁଲ ଗୋରୀ, ବଳିଲା ବାଳିଲା ହାତଗୋଡ଼ ଗରି ଗରି, କନ୍ଧ ଦେଶର ସୁନ୍ଦରୀ । ଫାଳେ ଗାଲ ଗୋଟାଏ ଯୁକ୍‌ଘା, ଆରଫାଳକ ଟହ ଟହ ନାଲି । ସେଠି ବି ରୋଗ । ତଥାପି ସେ ଫୁଲ ନାଇଛି, ମୁଆଁ ଗୁେବେଇ ଗୁେବେଇ ଗଣ୍ଡରେ ଯୌବନର ଲହଡ଼ି ଖେଳାଇ ଚାଲିଛି ।

ଆଜ କଣେଇଁ କଣେଇଁ ଚାହୁଁଛି, ଆଖି ହସୁଛି, କନ୍ଧ ଦେଶର କଜଳୁକୀ ଝିଅ ଆଖିରେ ଡାକୁଛି ଖେଳବୁ ଆ ।

ରମେଶ ଆଖିବୁଜି ଦେଇ ହାଟ ମଝିରେ ଗଛକୁ ଆଉଜିଗଲା । କାନରେ ବାଜିଲା ହାଟର ହୋ ହା । ସ୍ମରଣରେ ମେଞ୍ଚା ଘା-ଗାଲ ହସ-ଆଖି ଯୁବତୀ । ଆଉ ପାହାଡ଼ ଉପରେ ନାଟ କରୁଥିବା କନ୍ଧ ପିଲାଏ ।

ଆଜ ଅଗନାଗ୍ନି ବନସ୍ତ ମଝିରେ ଗୋଟିକିଆ ମୁଣ୍ଡିଆ ଆଗରେ ମଣିଷର ଜୀର, ଗଜ ଗଜ ପବନ, ବାଆ ବତାସିରେ ଚୁଲି ଲିଆଁ ନଭୁ ନାହିଁ ।

ଡାକୁଅ ଧାନ ପରି ମଣିଷ, ପାଣି ଯେତେ ବଢ଼େ ଧାନ ଗଛ ସେତେ ଉଞ୍ଚ ହୁଏ । ଗାଲରେ ଯୁକ୍ ଓ କୁଷ୍ଠ ମୁହଁରେ ହସ ଓ ମୁଆଁ । ବହୁକଷ୍ଟରେ ଫୁଟିଛି ଗୋଲାପ, ତା'ର ପାଖୁଡ଼ା ପୋକଦାଉରେ କେମ୍ପା । ଝଡ଼ୁ ପଡ଼ିଛି, ହସୁଛି ।

ବନ୍ଧୁ ଫ୍ଲାସ୍କ୍ ଖୋଲି ଚା ଢାଳିଲା । "ଆଜ୍ଞା—"ରମେଶ ଆଖି ଖୋଲିଲା । ତା'ର ଚାରିପାଖେ ଭିଡ଼ ବଢ଼ୁଛି । କାନପାଖେ ବନ୍ଧୁ କହିଲା, "ରୁଜିଳ ବହୁତ ବଢ଼ି ହେଉଛି, ସବୁ ଧରାପଡ଼ିବ ଏଠି ନୁହେଁ, ହାଟ ସେମୁଣ୍ଡରେ ଘାଟି ଜାଗା ଅଛି, ହାଟରୁ ବାହାରିଯିବାପାଇଁ ଗୋଟିଏ ଗାଡ଼ିଆ ଗୋହିରି, ସେଟି ଡିପ ଉପରେ ଚୁଳ ଖଣ୍ଡେ ଅଛି ।" ହସିଦେଇ କହିଲା, "ମଞ୍ଚାରେ ବସି ଖିଆଦ ମାରିଲାପରି !"

ସେଇଟିକି ଅଡ଼େଇ ନେଇ ଗଲା । ଗୋଟିକିଆ ଚଉକରେ ବସେଇ ଦେଇ କହିଲା, "ଯାଏଁ ମୁଁ ଏଥର ସବୁ ଯୋଗାଡ଼ କରିଆସେଁ ।"

ହାଟ ଶେଷରେ ଗହିର ଗୋହିରିବାଟ, ହ'ପାଖେ ଡିପ, ଡିପ ଉପରେ ସ୍ଥାନେ ସ୍ଥାନେ ଗୋଟିକିଆ ଚୁଳଟି । ରମେଶ ବସିରହିଲା । ଆରପାଖ ଡିପ

Digitized by srujanika@gmail.com

ଡଙ୍ଗକୁ ଚଢ଼ି ଗୋଟିଏ ମୁଣ୍ଡିଆ ହୋଇଛି । ତା' ଉପରେ ଗୋଟିଏ କନ୍ଧ ବସ୍ତି । ଦୁଆରେ ଦଉଡ଼ିଆ ଖଟ ପଡ଼ିଛି । କୁକୁର ବସିଛନ୍ତି । ଗୁଡ଼ାଏ ପିଲା ଗୋଟାଏ ବଡ଼ ଢୋଲ ଉପରେ ମନଇଚ୍ଛା ଦୁଡୁମ୍ ଦୁଡୁମ୍ ପିଟୁଛନ୍ତି । ଗୋଟାଏ ଦୁଆର ମୁହଁରେ ଜଣେ ବୁଢ଼ା ବସି ବାନ୍ତ କରୁଛି, ବୁଢ଼ୀ ତା'ର ପିଠି ସାଉଁଳୁଛି । ନଷ୍ଟସ୍ୱ ମ୍ୟାଲେରିଆ ଜର । ଭଙ୍ଗା କାନ୍ଥକୁଡ଼ ଉପରେ ଗୋଟାଏ ଗାରଡ଼ ଠିଆହୋଇ କ'ଣ ଗଛ ଗେଣ୍ଟବାଉଚି । ରମେଶ ସେସବୁ ବସ୍ତିର ଦୃଶ୍ୟ ଉପରେ ଆଖି ରଖି ସମସ୍ତ ଟାଳିଗଲା । ନାକପୁଡ଼ା ଭିତରୁ ହାଟର ଧୂଳି ରୁମାଲରେ ରଗଡ଼ ଲାଗିଲା । ଧ୍ୟାନ ଫେରିଥିଲା । ବେଳ ଗଲାଣି, ମାଘର ଖରା ଗୁଇ ଲମ୍ବେଇଲାଣି, ଫିକା ପୃଷ୍ଠ-ପଟ ଆଗରେ ଲମ୍ବିଛି ଗୋଟିଏ ସାଧାରଣ ବସ୍ତିର ଚିତ୍ର, ସରଳ ଘରକରଣାରେ ।

ହଠାତ୍ ସେପଟୁ ଉଠିଲା କାନ୍ଦଣାର ରୋଳ । ସବୁ ଘରୁ ଲୋକ ବାହାରି-ପଡ଼ି ଗୋଟାଏ ଘରକୁ ଛୁଟିଗଲେ । ପିଲାଏ ବାଜା ବନ୍ଦ କରି ଦୌଡ଼ିଗଲେ । ଘର ମୁହଁରେ ଓ ଦୁଆରେ ଲୋକଙ୍କର ଭିଡ଼ । ଆପଣା ଗାଲ ଛାତି ଆମ୍ଫୁଡ଼ି ଚମ୍ପୁଟି ସମସ୍ତେ ଭେଁ ଭେଁ କାନ୍ଦିଲେ । କ୍ରମେ ସେ କାନ୍ଦଣା ଧରିଲା ଗୋଟାଏ ଛନ୍ଦର ବାଟ । ସମବେତ ମରଣ ବାହୁନା ଶୁଭିଲା ।

"ଅଲେ ! ଅଲେ ! ହାତେସୁଁ ! ହାତେସୁଁ !"

(ହାୟ ! ହାୟ ! ମରିଗଲା ! ମରିଗଲା !)

ବନ୍ଦୁ ଆସି ପହଞ୍ଚିଗଲା ।

"ସବୁ ବନ୍ଦୋବସ୍ତ କରିଦେଇଛି ଆଜ୍ଞା । ହାଟରେ ପାଇକମାନେ ଥିଲେ । ସମସ୍ତିଙ୍କି ଅଡ଼େଇ ଘେନ ଆସିବେ ।"

"ଏ କଣ ହେଲା ବନ୍ଦୁ ?"

"କିଏ ଜଣେ ମରିଗଲା ଆଜ୍ଞା, ମାଳିଜର, ଏଥିରେ ଆଉ ନୂଆ କ'ଣ ଅଛି ?"

ବନ୍ଦୁ ତା' ପଛଆଡ଼େ ଠିଆହୋଇ ରହିଲା ।

ରମେଶ ସେସବୁ କାନ୍ଦଣାରେ ମନଦେଲା । କେତେ ନୂଆ, କେତେ ପୁରୁଣା । ଆଜି ଚକ ଘୂରୁଛି, ଜନ୍ମ, ମୃତ୍ୟୁ, ପ୍ରଜନନ । ସବୁ ଦୃଶ୍ୟ ତରଳିଯାଇ ବଦଳି-ଗଲା । ଆଖି ଆଗରେ ଭାସିଉଠିଲା ଉତ୍ତର ବାଲେଶ୍ୱରରେ ଆପଣାର ଗାଁ କାନ୍ତପୁର । ତା'ର ଘର, ବାପମା, ପଡ଼ଶୀମାନେ, ଚିହ୍ନା ବୁଢ଼ା ଚିହ୍ନା ପିଲାମାନେ,

Digitized by srujanika@gmail.com

ଚନ୍ଦ୍ରା ଝିଏ । ଗାଁ ମଶାଣିରୁ ଗାଁ ମଝିରେ ଚଣ୍ଡୀମଣ୍ଡପ । ଆଉ ମୃତ୍ୟୁ, ଜନ୍ମ, ପ୍ରଜନନ । ଆଉ ଏଠାପରି ସେଠି ବି ସୃଷ୍ଟିପ୍ରିୟ ଶାନ୍ତିପ୍ରିୟ ମଣିଷ; କଜିଆ ମୂଳେଇ ଯାଏନାହିଁ, ଯାହାର ଅନୁଷ୍ଠା ନକଲେ ବି କଷଣ ଭୋଗେ ।

ଅଲେ ଅଲେ ହାଟେଯୁଁ ହାଟେଯୁଁ ।

କେତେ ଯାଇଛନ୍ତି—କେତେ କେତେ—ଅନ୍ଧାର ଗର୍ତ୍ତରେ କାଉଁରିଆ ନିଆଁ ଜାଳି ଗାଁଲୋକେ ଡାକନ୍ତି—"ଅନ୍ଧାରେ ଆସ ଆଲୁଅରେ ଯାଅ—ଆଲୁଏ ଯାଅ—"

ଆଉ ସାମ୍ନାରେ ଏଇ ମରଣର ଯମତଳ, ସେଠି ଭାଷାର ଭେଦ ନାହିଁ, ଦେଶର ବାଡ଼ ନାହିଁ, ସମସ୍ତେ ସମାନ ଓ ଚିରନ୍ତନ ।

ପଛଆଡ଼େ ଠିଆହୋଇ ବନ୍ଧୁ ବି ଘର କଥା ଭାବୁଛି । ସେଠି ତା'ର ସାନ ଭଉଣୀ । ବଳି କ'ଣ ଆସୁଥିବ ?···ଠାଇଁ କରି ଆପଣା ଗାଲରେ ଏକ ଚାପୁଡ଼ା ମାରିଲା । ରମେଶ ଅନେଇଲା । ବନ୍ଧୁ ଗାଲ ସାଉଁଳୁଛି । କହିଲା, "ଏଠି ବହୁତ ବଡ଼ ବଡ଼ ମଶା ଆଜ୍ଞା, କାମୁଡ଼ିଲେ ବଢେ ।"

ରମେଶ ଚମକି ପଡ଼ିଲା ।

ଆପଣାକୁ ଦେଖିଲା ଦର୍ପଣରେ ପଡ଼ି କମ୍ପୁଛି । କୁହୁମାଟିଆ ଆଖି ପରି ଆଖି, ଭଲୁ ପରି କଳା, ଆରମ୍ଭ ହେବ ଶତେ ଡିନରୁ, ଇଚ୍ଛା ହେବ କାମୁଡ଼େ, ମାରି ଗୋଡ଼ାଏଁ, ଗାଳିଦିଏଁ—ବାନ୍ତି, ଡାଡି, ଡାଡି—ତାପରେ ?

ଜନ୍ମ, ମୃତ୍ୟୁ, ପ୍ରଜନନ, ଜନ୍ମ, ମୃତ୍ୟୁ—

ଆଉନ୍ ମନେପଡ଼େ ନାହିଁ । ଜନ୍ମ, ମୃତ୍ୟୁ, ମଣିଷ···

ହଠାତ୍ ଯେପରିକି ନୂଆ ଆଖିରେ ସେ ଦେଖିଲା । ଲୋକ ଚାଲିଛନ୍ତି, ବହୁତ ଲୋକ । ଅନ୍ଧାରରେ ହଜି ଯାଉଛନ୍ତି । ଧାର ସରୁନାହିଁ । ଚାଲିଛନ୍ତି । ଚାଲିଛନ୍ତି । ହାଟ ଭାଙ୍ଗି ଆସୁଛି । ଲୋକ ଚାଲିଛନ୍ତି । ଯେପରିକି ସେ ଜଣ ଜଣ କରି ସମସ୍ତଙ୍କୁ ଚିହ୍ନେ । ଘରେ ଅଭାବ, ପଦାରେ ପେଷଣ । ତଥାପି ଚାଲିଛନ୍ତି । ତୁଣ୍ଡରେ ସେହି ଅଖଳା ଭାଷା । ଜାତି ଭିନେ ନୁହେଁ ବୋଲି ଭିନେ ନୁହେଁ ସେହି ମଣିଷ ସେମାନେ । ତା'ର ଗ୍ରାମଲୋକେ, ଚନ୍ଦ୍ରାଲୋକେ । ଧାର ଭିତରେ ଅଣ୍ଟା ସଳଖେଇ ପିମ୍ପୁଡ଼ି ଚାହୁଁଛି ପିମ୍ପୁଡ଼ିକୁ ମୁହାଁମୁହିଁ, ଶୁଖିଲା ଆଖିରେ ହସ

Digitized by srujanika@gmail.com

ଭଳିଚାଲେଇ କହିପାରନ୍ତି, ତୁମେ ଆମେ ଏକା ଜାତି ଭାଇ, ଗୋଡ଼ରେ ଚାଲୁଁ ହାତରେ କାମ କରୁଁ । ତୁମର ଆମର ଏକା ଦେଶରେ ଘର ଭାଇ, ଏଇ ମାଟି ଉପରେ ଆକାଶ ତଳେ, ତୁମର ଆମର ଏକା ଶତ୍ରୁ ଭାଇ—ସେ ଆମ ମୁହଁରୁ ଆହାର ଛଡ଼େଇ ନଏ ଗୋଡ଼ରେ ଦଳିଦିଏ ଉପରେ କୁଡ଼ାଏ ଚାଲ ପାଉଁଶ—

ପିମ୍ପୁଡ଼ିର ଧାରି ଚାଲିଛି, ତା'ର ମନ ଗହ୍ୱରରେ ହସ ଆଉ କାଆଁ ମିଶି ଅଖଣ୍ଡପାଠ ଚାଲୁଛି—

ପଦାରେ ଗହଳ ଶୁଭିଲା । ପାଇକମାନେ ଆସୁଛନ୍ତି, ପଛେ ପଛେ ଟୋକେଇ ଓ ବସ୍ତା ଧରି ମାଟେଳ ଲୋକ । ରସେମଣ ମୂର୍ଚ୍ଛିକେ କମଣ୍ଡଳୁଶ ପାଲଟିଗଲା, ଠିଆହୋଇ ପଡ଼ି ପାଇକମାନଙ୍କ ସଲାମ୍‌ ଦେଲା । ବାନୁ ଆଗକୁ ଚମକିଗଲା, କହିଲା, "ଫଂଟୁକୁ ଫଂଟା ଧରି ଧରି ଆଣୁଛନ୍ତି ।" ପାଇକମାନେ କହିଲେ, "ଏଇ ଦେଖିବା ହେଉଛନ୍ତି କେମିତି ଏ ହାଟରୁ ସେ ଲୋକେ ଲୁଟେଇ ଲୁଟେଇ ଚାଉଳ ନେଇ ପଳାଉଥିଲେ ଚଳଦେଶକୁ । ଉପରେ ଉପରେ ଲଙ୍କା ମରିଚ ହଳଦୀ ଧୂଆଁ ପତ୍ର ବସ୍ତାହୋଇଛି, ତଳେ ଅଛି ଚାଉଳ । ଏ ଦେଶରୁ ନେଇ ସେ ଦେଶରେ ବେପାର କରିବେ, ସେଠି ବି ଚଢ଼ା ଦରରେ ବିକିବେ, ଚାଉଳ ଗଣ୍ଡାକ ପାଇଁ ଲୋକଙ୍କ ରକ୍ତ ମାଉଁସ ଝୁଣିକରି ଖାଇବେ ।

ସାମ୍ନାରେ କଙ୍କାଳଥାଟ, ବଦା କାଠ ପରି ଗୁଡ଼ିହାଡ଼, ଦେହର ଚମ ଚେଚମେଣି ଦେହପରି ଓହଳିଛି, ଅଣ୍ଟା ପିଠି ଲାଗିଯାଇଛି ଖାଲି ବେଢାଏ ବେଢାଏ ନ୍ୟୁଗୁବା ବାଳ, ଜୁଳୁ ଜୁଳୁ ଆଖି । ମଣିଷ ନୁହନ୍ତି ମଣିଷର ପ୍ରେତ ଆତ୍ମା ଆପଣା ଭାଷାରେ ଅଳି କରୁଛନ୍ତି, ବୋବାଳି ଛାଡ଼ୁଛନ୍ତି, ପେଟକୁ ପାଟିକୁ ଦେଖାଇ ଅଙ୍ଗଭଙ୍ଗୀ କରୁଛନ୍ତି, ଡାଙ୍ଗ ସରସର ଲମ୍ବା ହାତ ହଲଉଛନ୍ତି ।

ସେପାଖ ବସ୍ତିରେ ମଡ଼ଟା ପଦାକୁ ଆସିଲା ବୋଧହୁଏ, ଠେଲାପେଲା ହୋଇ ମଣିଷ, ଆଗକୁ ପଛକୁ ମୁଣ୍ଡ ଝାଙ୍କି ଝାଙ୍କି ସମସ୍ୱରରେ ସଙ୍ଗୀତ କଲାପରି ବାହୁନା—"ଅଲୋ ଅଲୋ ହାଟେଯୁଁ ହାଟେଯୁଁ, ପାସୁ—"

ଆଉ ଟିକିଏ ତଳେ ଗୋହିରିରେ ବାଢ଼େଇ କରୁଣ ହୋଇ ଗାଅନ୍ତା ପ୍ରେତ —

"ଏ ବାବସ୍ଥା, ଏ ଚଣ୍ଡି—"

Digitized by srujanika@gmail.com

ଆଉ ଯାଇକଙ୍କ ଗର୍ଜନ, ବନ୍ଧୁ ଓଡ଼ିଆର ରଢ଼ି "ଏଇ ସେମିତି କ'ଣ ହଉଚ, ଖୋଲ ଖୋଲ, ଦେଖାଅ ଘୁଉକ—"

ରମେଶ ଆଖି ବୁଜି ଦେଲ, ତା'ର ମୁଣ୍ଡ ଭିତର ଦୋହଲି ଯାଉଛି, ଦେହରେ ବାଟର କ୍ଲାନ୍ତି, ଆଉ ଭୋକ, ଆଖି ବୁଜି ତ ଦେଖୁଛି ଗୋଳଆଗୋଳ ଆଉଟା ଆଉଟି ମଣିଷ, ସେଠି ଗାଲରେ ସୂଜ୍ ବେଗ, ମୁହଁରେ ହସ, ଦେହରେ ଧୋକଡ଼ା ଚମ, ଆଖି ଶକ୍ ଶକ୍ । ସେଠି ମରଣର କାନ୍ଦଣା, ଅଭାବର ଆର୍ତ୍ତନାଦ, ଗାଡ଼ୁଆ ଆଖିର ଗହ୍ୱର ତଳେ କଥାଁ ଆଉ ତୋଫାନ । ଆଖି ଖୋଲି ଚାହିଁଲ, —ଲଗିଛି ଚହ୍ଲାର—"ଏ ବାବୟୁ, ଏ ଡଣ୍ଡି—"ହେ ବାବୁ, ହେ ବାପା, ଦେଖ ଆମ ଅବସ୍ଥା ଥରେ । ନଦା ପଡ଼ିଲ ଆଗରେ ଠିଆହୋଇଛି ବରଡ଼ାପଟ ଭଳିଆ ଡେଙ୍ଗା ମଣିଷ, ଦୁଇ ଲମ୍ବା ହାତ ମୁଣ୍ଡ ଉପରକୁ ଟେକି ଥର ଥର ହୋଇ ନଇଁପଡ଼ିଲ, ଯତେ ଅବା ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିବ ସେଇଠି, ଫମ୍ପା ଖାଗଡ଼ା ଗଳାରେ ରଢ଼ି ଦେଲ, "ଏ ବାବୟୁ, ଏ ଡଣ୍ଡି—"ଗଡ଼ ଗଡ଼ ହୋଇ ଆପଣା ବୋଲିରେ କରୁଣ ଅନୁନୟ ଗାଇଗଲ, ଭାଷା ନ ଜାଣିଲେ ବି ତା'ର ଭାବ ବୁଝି ହୁଏ । ତଳେ ମୁଣ୍ଡ କୋଡ଼ି ତା'ର ପାଦ ଆଡ଼କୁ ହାତ ବଢ଼ାଇ ବେକ ଭାଙ୍ଗିଦେଇ ଉପରକୁ ମୁହଁ ଟେକି ସଜଳଖେ ଚାହିଁଲ । ସେହି ଚାହାଣି ରୂପ ନେଲ କେଉଁ ଏକ ଚହ୍ଲା ମଣିଷର, ରମେଶର ଚହ୍ଲା, ସମସ୍ତଙ୍କର ଚହ୍ଲା, ଭୋକ ଉପାସରେ ଛଟପଟ ହେଲେ ଆପଣା ଭିତରୁ ବାହାରି ଦର୍ପଣରୁ ଚାହିଁ ରହେ । ଲଗିଲ, ଏହି ସମସ୍ତେ ଯେପରି ତା' ଚହ୍ଲା ପରିଚ ଲୋକ, ତା'ର ଗ୍ରାମ ଲୋକ, ଦେହର ଚେହେରାକୁ ଆଜ ତା'ର କଦା କାହିଁ, ଭାବର ଚେହେରା ତା'ର ଅତି ଚହ୍ଲା । ସାମ୍ନାର ଏ ଲୋକଟି ଯେପରି ତା'ର ହଜିଲ ସପନାଦାଦ, ସେମିତି ଅଲରା ବାଳ, ସେମିତି ପାଗଳପରି ଠିଆ ରୁଢ଼, ହାଡ଼ର ଧଡ଼ିଏ ଧଡ଼ିଏ ଝାଲି ଗାଡ଼ମୟ । କେବଳ ସେ ଆହୁରି କ୍ଲାନ୍ତ, ଆହୁରି କ୍ଷୁଧିତ, ମୃତ୍ୟୁର ଯବନିକା ଆଗରେ ଭୟଭୀତ । ସେହି କଶୁଆ ବଙ୍କା ବୁଢ଼ା ଯେପରିକି କାନ୍ତପୁରର ଅକାମୀ ଅରକ୍ଷ କମ୍‌ହାର ବୁଢ଼ା ।

ଏଇ ଚମହାଡ଼ମୟ ଟୋକାପିଲକ କାଲି ଥିଲେ ତା'ର ଗାଁର ଟୋକା, ସେମାନେ ତା'ର ବାଗରେ ପଶି କଷି ପିଜୁଳି ଗୋବୋଉଥିଲେ, ଏଇ ଦଦରା କାହା ପରି ସ୍ତ୍ରୀଲୋକମାନେ କାଲି ଥିଲେ ତା' ଗାଁର ସ୍ତ୍ରୀଲୋକ, ପାହାନ୍ତିଆରୁ

Digitized by srujanika@gmail.com

ଝିଲ୍‌ମିଲିଆ ହୋଇ ବାଦବୁଦିଆ ଲଗାଇ ପଥ ଗୋଟାଇବାକୁ ଧାଇଁଥିଲେ । ରମେଶ ଆଖି ଲୁଚେଇ ମୁହଁ ପୋତି ଠିଆହୋଇ ରହିଲା, ଶୁଣିଲା ଖାଲି ପଦେ କଥା--

"ଯାଅ—ଯାଅ—ଯା ଚାଲ—"

କ'ଣ କହୁଛି ଏ ବାବୁଟା ? ବିନାୟକ ଚକ୍ରବର୍ତୀ ଚରଚର ହୋଇ ଭାବିଗଲା । ସତେ ଏମାନଙ୍କୁ ଚାଉଳ ଯେନ ଚାଲିଯିବାକୁ ଛାଡ଼ଦେଉଛି । ଆତୁର ହୋଇ ପାଟି କଲା, "ଆଜ୍ଞା—ଆଜ୍ଞା—ଆଜ୍ଞା—"

ତା'ଠୁ ସେଇ ଏକା ଉତ୍ତର—"ଛାଡ଼ଦିଅ—ବେଳ ଯାଉଛି—ଯାଅ ଘର ଯା' ଚାଲ—"

ସଂସାରକୁ ଚାହେଁ ନାହିଁ, ନରମ ପୁର୍‌ପୁର୍ ମନ, ଟୋକା ଲୋକ, ଗଜୁରୁ ଗଜୁରୁ ଅଧା ବଣ, ତକତକିଆ ଟୋକା ଖଣ୍ଡେ, ଏଇଟା ନୁହେଁ ଅଧିକାଂଶ, ପ୍ରକୃତ 'ଅଧିକାଂଶ' ବାଦ ପଡ଼ି ମଣିଷ, ଛେଃ ଏଇଟା । ବିନାୟକ ଓଡ଼ିଆ ତା'ର ଅଭିଜ୍ଞତାର ଇତିହାସ ଆଉଜିଣ୍ଡି ଲାଗିଲା, ସେ ବହୁତ ଦେଖିଛି । ତା'ର ଓଠ ବଙ୍କା ହୋଇ ରହିଲା, ନୁହେଁ ହସ, ନୁହେଁ ବିଦ୍ରୂପ ।

ରମେଶ ଠିଆହୋଇ ରହିଲା, ତା'ର ଚେତନା ଆଗରେ ଇତିହାସ ନ ଥିଲା କପିଳେନ୍ଦ୍ର ନାହାନ୍ତି, ପୁରୁଷୋତ୍ତମ ନାହାନ୍ତି, କୋଣାର୍କ ନାହିଁ, ଦେଶ ଓ ଜାତିର ପିଞ୍ଜରାଗଡ଼ା ମଣିଷର ବଶିଷ୍ଟ ରୂପ ନାହିଁ ଇତିହାସର ଅର୍ଥ ନାହିଁ, କିଛି ନାହିଁ, ଚାରିଆଡ଼େ ଖାଲି ପିମ୍ପୁଡ଼ି, ପିମ୍ପୁଡ଼ି, କେବଳ ପିମ୍ପୁଡ଼ି ବଞ୍ଚିବା ପାଇଁ ଆଧାର ବୋହି ନେଉଛନ୍ତି, ଆଜି ପିମ୍ପୁଡ଼ି ଧାଡ଼ିର ଏକାଟି ହୋଇ ମନା ବାହାରୁଛି ନୂଆ ଅଭିଯାନ ପାଇଁ—ସେ ବଞ୍ଚିବାକୁ ଚାହେଁ ।

ଶୀତେଇ ଉଠିଲା, ଖରା ଗଲାଣି, ଚାରିଆଡ଼େ ଖାଲି କୁହୁଡ଼ି, ମାଘର ଶୀତ ଅନୁଭବ କଲା ।

Digitized by srujanika@gmail.com

ଦୋଳଗୋବିନ୍ଦ

ବଡ଼ ସହରର ଗହଳ ଯେ ଖାଲି ଶୂନ୍‌ଶାନ୍ ପଡ଼ି ଆସୁଥିଲା ସେତିକି ନୁହେଁ, ତା' ସଙ୍ଗେ ଧୀରେ ଧୀରେ ଶୂନ୍‌ଶାନ୍ ପଡ଼ି ଆସୁଥିଲା ଆପଣା ମନ ଭିତର । ପଦାକୁ ଅନେଇଲେ ଦିଶୁଥିଲା, ଏ ସଂସାରଟା ଖାଲି କୋଠାବାଡ଼ି ନୁହେଁ । ଏଠି କେବଳ ଖପର୍ଲି ଛାତ, ଟାଇଲ ଛାତ, ଚୂନ ଛାତର ଘର ଅଛି ତା' ବି ନୁହେଁ, ଅଛି ଏଭଳି ଜାଗା ଯେଉଁଠି ଘର ମୋଟେ ନାହିଁ; ଯଦିଓ ହୋଇ-ପାରିଥାନ୍ତା । ଖାଲି ଡିହ, ଫାଙ୍କା ଜାଗା, ଛୋଟାବାଡ଼ି, ଗଛ । କାହିଁ, ଆଜି ଦିନଯାକ ଗଲା ଏପରି ତ ଲାଗୁନଥିଲା ! ମଣିଷ ଛାଡ଼ି କୋଠାବାଡ଼ି ଛାଡ଼ି କେତେବେଳେ ଏଗୁଡ଼ାକ ସବୁ ଆଖିରେ ପଡ଼ିଥିଲା ? ଗଛ ସୁନ୍ଦର ଦିଶୁଛି ଜହ୍ନ ରାତିରେ, ଆଲୁଅ ଅନ୍ଧାର ବୋଳିହୋଇ କି ସୁନ୍ଦର ଛବି ପରି ଠିଆ ହୋଇଛି । ଅସଂଖ୍ୟ ଅନ୍ଧସନ୍ଧି ମିଶି ଝଙ୍କାଗଛ ସବୁ, ତା' ଉପାଦାନ ଆଲୁଅ ଆଉ ଅନ୍ଧାର । ଭାବିବାକୁ ଅଭ୍ୟସ୍ତ ମନ ବିଶ୍ଳେଷଣ କରିବାକୁ ଅଭ୍ୟସ୍ତ ମନ ଆହୁରି ବିଶ୍ଳେଷଣ କରି ଭାବି ଲାଗିଲା, ଖାଲି କ'ଣ ସେତିକି ? ସେଇ ଉପାଦାନ ? ନା, ତା' ବି ନୁହେଁ । ଗୋଟି ଗୋଟିକା ଗଛ ସେପାଖେ ଗ୍ଭରକରେ ଉପରେ ସେହି ସେ ଫାଙ୍କା ଆକାଶ, ପରିଷ୍କାର ଅନ୍ଧାର ଦର୍ପଣକାଚ ପରି । ସବୁ ଥିଲା ପରା ସେଇ, ଅଛି ବି ସେଇ; ଆଉ କିଛି ନୁହେଁ । ସେଇ କାଳର ଅନ୍ଧାରି ଦର୍ପଣକାଚକୁ ନାନା ପ୍ରକାର ଖୋଳି ଖୋଳି, ଯେମିତି କେହି କାରିଗର ଶିଳ୍ପ ଗଢ଼ିଛି । କେଉଁଠା କମକୂଟ ହୋଇ ଝୁଂକାଗଛ, କେଉଁଠା ଅବା ଏକ ଥୁଣ୍ଟା । ହଁ, ସେ ବି ଏକ ଆଶ୍ଚର୍ଯ୍ୟ କଥା, ସେଇ ମଣିଷଟାର ଦୃଷ୍ଟି ପରିସର ଭିତରେ ଆଗରୁ କେବେ ଏହି ଗୋଟିଗୋଟିକିଆ ଖଜୁରିଗଛ ତାଳଗଛ ଆଉ ମଲାଥୁଣ୍ଟା ଠିକ୍ ଏହିପରି ଭାବେ ଠିଆ ହୋଇଥିଲା ସେ କେବେ ଭାବିପାରି ନାହିଁ । ବର୍ତ୍ତମାନ ସ୍ପଷ୍ଟ ବାରି ହେଉଛନ୍ତି ସେମାନେ, ଆଉ ପ୍ରତି ଗଛ ଗୋଟିଏ ଗୋଟିଏ ବ୍ୟକ୍ତିତ୍ୱ ଦେଖାଇଲା ପରି । ହେଇ ଯେଉଁ ରଜା ବାଉଁଶ ଗଛଟି ପିଣ୍ଡିମୂଳ ଉପରେ ଏକୁଟିଆ ଠିଆହୋଇଛି, ସବୁ

Digitized by srujanika@gmail.com

ସୋଡ଼୍ ସୋଡ଼୍ ହୋଇ ନହଲା ଯାଇ ଗୋଟିଏ କରକୁ ଡଳଛୁ, ହାଲୁକା ଅଥଚ ସୁଠାମ, ଅନେଇଁଲେ ବଳର ରୂପ ମନେପଡ଼ୁନାହିଁ ଅଥଚ ଲାଗୁଛି ଏ ତା'ର ନହନହ ଦୁର୍ବଳତାକୁହିଁ ବଳ ପରି ବ୍ୟବହାର କରି ଆପଣା ଉପାୟରେ ସାଫଲ୍ୟ ପାଇବ । ସେହି ବାଉଁଶ ଗଛଟା କେଉଁ ଜଣେ ଶିଳ୍ପୀ ମଣିଷ କଥା ମନେପକାଉଛି; ନା ଜଣେ ନୁହେଁ, ଗୋଟାଏ ପ୍ରକାରର ଯୁବକଙ୍କୁ । ତା' ନଜର ବୟସ ପରୁଣି ଡେଇଁଲାଣି, ସେ ଯୁବକ ସଂପ୍ରଦାୟକୁ ବିଶେଷତଃ ଏଭଳି ଯୁବକମାନଙ୍କୁ ମନେ ମନେ ଯଦି କେତେବେଳେ ଭାବେ, ତେବେ ସେମାନଙ୍କ ବିଶିଷ୍ଟ ଔଦ୍ଧତ୍ୟ ପାଇଁ; ଆଃ, ଭାବୁଥିବେ ଯଦି ଝିଣ୍ଟିକାଗୋଡ଼ିଆ ପାହୁଣ୍ଡ ପକାଇ ସତେ କି ଏ ଦୁନିଆର ମାଲିକ ସେମାନେ, କିନ୍ତୁ ତାଙ୍କ ବଳ ସତେ ଯେମିତି ତାଙ୍କ ଦୁର୍ବଳ ଗଢ଼ଣରେହିଁ, ଡେଙ୍ଗା ହାଡ଼ୁଆ ସରଳରେଖାମାନେ, ସରୁଗୋଡ଼ିଆ ପ୍ୟାଣ୍ଟମାନେ, ମୁଣ୍ଡରେ ବେତାଏ-ଲେଖାଁ ବାଳ । ସେହି ସରଳରେଖାମାନଙ୍କ ଅଗରେ ଯେଉଁ ପୋଛି ଆଣିଲା ପରି, କାଟି କାଟି ଖୋଳିଲା ପରି ହାଡ଼ୁଆ ମୁହଁଟିମାନ ତା'ର ହି' କରରେ ଭୁଲ୍ଲା ସେହି ସରଳରେଖାଗୁଡ଼ିଏ ବିଭିନ୍ନ କୋଣରେ ପରସ୍ପର ପ୍ରତି ଖଞ୍ଜାଖଞ୍ଜି । ସେହି ମୁହଁରେ ଅତି ଜାଅନ୍ଧା ହୋଇ ଜକ୍ ଜକ୍ ଆଖି ହି'ହିଟା, ସେ ବହୁତ ଆଶା କରେ ବହୁତ ଆଶ୍ୱାସ ଦିଏ, ଜଣାଅଛି—ସମ୍ବଳ ହୁଏତ କେବଳ ସୁଟ୍ ଯଥାଟିଏ, ଖଣ୍ଡେ ଆରସି, ଖଣ୍ଡେ ପାନିଆ; କିନ୍ତୁ ସେ ଓଠ ଭଙ୍ଗୀ କରି ସିଟି ମାରିପାରେ, ହସିପାରେ, ସେ ଆଖି ନାନା ଠାଣିରେ ଦୂରକୁ ସଙ୍କେତ ଦେଇ-ପାରେ, ଠାରି ପାରେ, ବାରି ପାରେ, ଓଟାରି ପାରେ, ଜହ୍ନ ରାତିରେ ତଳ ପଡ଼ି ଥରୁଥିବା ଏଇ ଗୋଟି ଗୋଟିକିଆ ବାଉଁଶଗଛ ପରି ସେ ମୁଣ୍ଡ ବଡ଼ ବଡ଼ ବାଳ-ଗୁଡ଼ାକୁ ଝାଂକ ଝାଂକ ନଚେଇ ନଚେଇ ମୁହଁକୁ ହଲେଇ ହଲେଇ ମୁଣ୍ଡକୁ ଥରେଇ ଥରେଇ ଅନର୍ଥ୍ୟାପ୍ ବେପରୁଆ ହସ ହସିପାରେ ଯେମିତିକି ଦୁନିଆଁରେ ଆଉ କିଛି ନାହିଁ ହସିବା ଛଡ଼ା; ହାଃ ହାଃ ହାଃ, ହୋଃ ହୋଃ ହୋଃ—କି ବିରକ୍ତିକର ଶବ୍ଦଗୁଡ଼ାକ, ତା'ର ଛନ୍ଦ ନାହିଁ କି ସମନ୍ୱୟ ନାହିଁ କି ଖାତିର ନାହିଁ, କେତେ ପର୍ଦା ସେ ଡେଇଁଲା ଭାଙ୍ଗିଲା । ସତେ କି ନାନା ପ୍ରକାର ଭାଙ୍ଗିବା ଫାଟିବା ଫଟେଇବା ଶବ୍ଦ ଅଥବା ନାନା ପ୍ରକାର ଚିତ୍କାରର ଲହର ! ଓଃ କି ଔଦ୍ଧତ୍ୟ ! ସେଥିରେ ନାହିଁ ସାମାନ୍ୟ ଗୋଟିଏ ଦଣ୍ଡବତର ବି ସ୍ଥାନ ଯେପରି କି ଦଣ୍ଡବତ ହି ଅଦରକାରୀ ସେମାନଙ୍କ ଦୃଷ୍ଟିରେ । ସେଥିରେ ନାହିଁ ଅଭାବର ଦୈନ୍ୟର ନିରାଶାର ପରାଜୟ, ଭଗ୍ନ ପ୍ରେମର, ଅପୂର୍ଣ୍ଣ କ୍ଷୁଧାର, କଟିଯାଇଥିବା ସମ୍ବନ୍ଧର,

Digitized by srujanika@gmail.com

ଟିଉସନ ଜୀବନର, ବେକାର ଜୀବନର, ମାହାଳିଆ ଛନଟଫାଳିଆ ହୋଇ ବାରମ୍ବାର ବାରମ୍ବାର ଇଣ୍ଟରଭିଉରୁ ଫେରିବାର; ଖାଲି ହୋଃ ହୋଃ ହସ ନାନା ପର୍ଦ୍ଦାର ଆଉ କଥା କଥାକେ ଅବିଶ୍ୱାସ, ଅସମ୍ମାନ, ଯୁକ୍ତି, କଳା ପତାକା । କି ଅଦ୍ଭୁତ ଔଦ୍ଧତ୍ୟ ଏ ଯୁବକମାନଙ୍କର ! ସେଇ ଛଡ଼ ପରି ହାଡ଼ୁଆ ନଡ଼କା ଝିଙ୍ଗିକାଗୁଡ଼ାଙ୍କ ସଙ୍ଗେ ତା'ର ଆଉ ନାହିଁ ସହାନୁଭୂତି, ତାଙ୍କୁ ଦେଖିଲେହିଁ ତା'ର ଧୈର୍ଯ୍ୟ ତୁଟିଯାଏ । ତା'ର ସ୍ନାୟୁ ସବୁ ଟାଙ୍କି ହୋଇଯାଏ । ଟିକଏ ଶବ୍ଦ, ଟିକଏ, ଟିକ୍‌କୁଟିଏ—ତା'ର କାନ ବାଣପାରେ, କ'ଣ କଏ କହିଲା, କହୁଚି, ଅଳ୍ପେ କେଉଁଠି ହଲ୍‌ଚଲ୍ ହେଲେ, ଏପରି କି କାହା ଆଖିପତା ଯଦି ଟିକଏ ଅସ୍ୱାଭାବିକ ପ୍ରକାରେ ଉଦ୍‌ପଡ଼ ହେଲା, ସେ ତାକୁ ଲକ୍ଷ୍ୟ କରେ, ତା'ର ଗୋଟାଏ ଅର୍ଥ ବାରେ, ଯେପରି କି ଆଖିପତା ଉଠିବା ନୁହେଁ, ଆନକଟ ସ୍ଲୁସର ସଟର ଉଠିବା ପଡ଼ିବା ତଳେ ତଳେ ଝଙ୍କାଝଙ୍କ୍ ପ୍ରବାହ ସେ ଦୃଷ୍ଟିର । ଆଉ ସେ ପ୍ରବାହ କେବଳ ତା' ପାଇଁ ଘୃଣା ଅପମାନରହିଁ ବଢ଼ି ସୁଅ । ସେ ଶବ୍ଦ କେବଳ ତାକୁ ହିଁ ଶୋଧା ଭର୍ତ୍ସନା । ସେ ତାଙ୍କ ବକ୍ତୃତାକୁ ପସନ୍ଦ କରିନାହିଁ, ଏପରିକି ତାଙ୍କ ପ୍ରଚାରିତ ମତଗୁଡ଼ିକ ପିଠିଆଡ଼େ ତାଙ୍କର ଆନ୍ତରିକତା ଅଛି ବୋଲି ବିଶ୍ୱାସ କରିନାହିଁ, ସେ ମତରେ କିଛି ଐକ୍ୟ କିଛି ସଂଶ୍ଳିଷ୍ଟ ସମ୍ବନ୍ଧ ସେ ଦେଖିନାହିଁ । ଏମିତି ଗୋଟି ଗୋଟି କଅଁଆଗଛ ସେମାନେ, ଏଠି ଗୋଟାଏ ବାଁକୁ ବଙ୍କେଇ ରହିଛି ଖଜୁରିଗଛ, ସେଠି ଖଣ୍ଡେ ଦୂରରେ ଡାହାଣକୁ ତଳି ରହିଛି ଆଉ ଗୋଟାଏ, ସେଇଟା ତାଳଗଛ । ସେମିତି ସେମାନେ, ଆଉ ଯଦି ସମାନ ବୋଲି କିଛି ସେମାନଙ୍କ ଭିତରେ ଅଛି ସେ ସେଇ ଔଦ୍ଧତ୍ୟ, ସେଇ ହସ; ଆଉ ଯାହା ଏଠୁ ସେଠୁ ଶୁଣି ବିଶ୍ୱାସ କରିନେଇଛି, ସେଇ ଯୁବକ ଦଳରେ ସମସ୍ତିଙ୍କଠି ଅଛି ବୋଲି ଯାହାକୁ ବୋଧାଲୋକେ କହନ୍ତି ଆପଣା ସାର୍ଥିକା ସୁବିଧାବାଦ ବୋଲି, ଯେ ସେମାନେ ଯଦି କାଲିରେ ଜଳଖିଆ ନାଗୁଆ ଖାଇଲେ ତେବେ ଶହେ ଦେଢ଼ଶହ ଟଙ୍କା କାଳି ହେଲେ ଟାଁକୁ ପକେଇବେ, ମେସ୍‌ରେ ଖାଇ ପିଇ ଦେଣା ଫାଙ୍କିବେ, ଘରଭଡ଼ା ଦେବେ ନାହିଁ, ଉଧାର ନେଲେ ପାଲଟି ଫେରାଇବେ ନାହିଁ, ପରକୁ ବାହା ବାହା କହି ଠେକଠେଇ ନିଜେ ବସି ମଜା ଦେଖିବେ, ଆଉ ଏଇପରି ଟୋକାଗୁଡ଼ାକ ଭୁଣ୍ଡରେ ବକ ବକ ତା'ର ଗୋଡ଼ି କାଟିବାକୁ ଉଠି ବୁଲୁଛନ୍ତି ଅଣେ କଣେ ଶିଖଏ ଶିଖଏ ।

ଓଃ ! ମଣିଷଗୁଡ଼ାକ ଭୂଲି ହେଉ ନାହାନ୍ତି । ସେ ଛେପ ଢୋକିଲା ।

Digitized by srujanika@gmail.com

ଆଗେ ତାଙ୍କୁ ସେ ପ୍ରାସଙ୍ଗରେ ପ୍ରକାଶ କରିନଥିଲା । ତା'ପରେ ସେ ତାଙ୍କୁ ବହୁ ବହୁ ଖାଲି ଡାକିଲ ଲଗିଛୁ ଆପଣା ସଙ୍ଗେ କହୁ କରି ଆଜି ଦେଖୁଛୁ ସେ ନିଜେ ଉପରକୁ ଉଠୁଛୁ ତ ସେମାନେ ଓଜନ ହୋଇ ତଳକୁ ଯାଉଛନ୍ତି, ତାଙ୍କର ହିଁ ଭାର ପଡୁଛି ସେ ଯେଉଁଆଡ଼େ ଗଲେ ସେ ଯବ ଶୁଣୁଛୁ ନିଜର କୁତ୍ସା ତ ତାଙ୍କୁ ଲୋକଙ୍କ ଭିତରେ ପ୍ରଚାର କରନ୍ତି ସେହିମାନେ—ସେମାନେ ଲୋକଙ୍କୁ ମତେଇ ତା' ଦାନାପାଣିଟା ଉଠାଇ ଦେବା ଅଭିପ୍ରାୟରେ କାର୍ଯ୍ୟ କରୁଛନ୍ତି । ସେ ବିଷୟରେ ତାଙ୍କଠିଁ ଆଦୌ ଦୟା-ମାୟା ନାହିଁ । ମୁଷ୍ଟିମେୟ ହେଉନ୍ତୁ ପଛେ ସେମାନେ, ସେମାନେ ହିଁ ଭବିଷ୍ୟତ । ସେ ଅନୁଭବ କରୁଛି, ଦାନ୍ତରେ ଦାନ୍ତ ଘଷି ଉଗଡ଼ ପ୍ରାପ୍ତି ପାଇଁ ସେମାନେ ଅପେକ୍ଷା କରିଛନ୍ତି, ସେହି ଯେଉଁମାନଙ୍କ ସମୁଦାୟ ପୁଞ୍ଜି ତାଙ୍କ ଯୁବାବୟସସିଦ୍ଧି, ସେମାନେ ଉଣ୍ଡି ଭଣ୍ଡି ତା'ର ଚେର କାଟୁଛନ୍ତି ଯେପରି କି ବଳେ ସେ ଓଲଟି ପଡ଼ିବ । ଆଜି ସେହି ତ ତା'ର ଦୁଶ୍ଚିନ୍ତାର କାରଣ ।

ଚାଲିଛୁ ତା' ମଟରଗାଡ଼ି । ସହର ଆଉ ସହର ଅନ୍ୟ ପାଖର ବିଜୁଳି ଆଲୁଅ ମିଞ୍ଜି ମିଞ୍ଜି ହୋଇ ଦୂରରେ ନିଭିଗଲାଣି । ଝଲ୍‌ଝଲ୍ ହେଉଛୁ ଜହ୍ନ ଆଲୁଅ, କି ସୁନ୍ଦର ! ଚୋଟା ଗଲା । ବାଗବଗିଚ୍ଚ ଗଲା । ପୋଲ ଉପରେ ପଡ଼ିଲା ଗାଡ଼ି । କି ପ୍ରଶାନ୍ତ ପୁରି ରହିଛୁ ! ସେ ଶୋଇଲା ନଈବାଲି ଉପରେ ! ସତେ ଯେପରି ସ୍ୱପ୍ନ ସବୁ ଆଉଟା ହୋଇ ତଳା ହୋଇଛୁ । କାହିଁ କେଉଁ ତଳେ ସରୁ ପାଣି ଧାରଟିଏ ଚାଲିଛୁ, ସେଠି ବି ଶାନ୍ତ; ସବୁଠି ଶାନ୍ତ, ଖାସ ତା'ର ମନ ଭିତର ଛଡ଼ା । କପାଳ ଉପରେ ବାସନା ରେଶମ ରୁମାଲ ବୁଲେଇ ଆଣି ସେ ମନକୁ ମନ ଟାଣି କରି ପଚାରେ ହେଲା—ଶାନ୍ତ କ'ଣ କେଉଁଠି ହେଲେ ନାହିଁ ? ଘଣ୍ଟା ଦଶଟା ବେଳେ ସହର ଛାଡ଼ି ସେ ଆପଣା ଗାଁକୁ ଫେରୁଛୁ, ତଥାପି କୁକୁରମାଛି ପରି ଦୁଶ୍ଚିନ୍ତାଗୁଡ଼ାକ ଲାଗିରହିଛି, ସାଙ୍ଗ ଛାଡ଼ୁ ନାହିଁ, ସବୁବେଳେ କରୁଛି ଅନ୍ୟମନସ୍କ । ସେ ଖୋଜିଲାଗିଛି ଅନ୍ୟ ଗୋଟିଏ ଦୁନିଆ ଯେଉଁଠି ଏ ଆକ୍ରମଣ ଏ ଉତ୍ପୀଡ଼ନ ନ ଥିବ, ସେ ବଡ଼ି ବଡ଼ି ଚାଲିବ ଯେତେଇଚ୍ଛା ସେତେ, କେହି ଛୁଆଁଇବାକୁ ଆସିବେ ନାହିଁ । ସେହି ତା'ର ଶାନ୍ତିର ସଙ୍କଳ୍ପ ।

କିନ୍ତୁ ଯେତେବେଳେ ସେ ବଢ଼ିବାକୁ ବସୁଛି ସେତିକିବେଳେ ହିଁ ତାଙ୍କୁ ଅଶାନ୍ତ ଘୋଟି ଆସିଛି । ଯେତେବେଳେ ମାଟିରେ ମୁହଁପୋତି କେଉଁ କଣରେ ଛପି ରହିଛି, ସେତେବେଳେ ଆପେ ଶାନ୍ତ ପାଇଛି ।

Digitized by srujanika@gmail.com

ଅନୁଭବ କଲା, ମଟର ଇଞ୍ଜିନ୍ ପରି ସେ ବି ଗ୍ଳଳନ୍ତି । ବଡ଼ ସହରର ଘୋ ଘା ଭିତରୁ ଆପଣାକୁ ଓଟାରି ନେଇ ଯେତେବେଳେ ସେ ଗାଁକୁ ବାହାରି-ଥିଲା, ସେତେବେଳେ ପଣ କରିଥିଲା ଯେ ସେସବୁ କଥା ଆଉ ଭାବିବ ନାହିଁ । ମୁଣ୍ଡରେ ପ୍ରବଳ ରକ୍ତଚାପ, ମୁଣ୍ଡଟାକୁ ସେ ଟିକିଏ ସୁସ୍ଥି ଦେବ । କିନ୍ତୁ ସେ ସେହି ଆଗପରିହିଁ ଭାବିଗ୍ଳଲିଛି ତା'ର ଶତ୍ରୁମାନଙ୍କ କଥା, ଯେଉଁମାନେ ନିଜେ ଶରୀର ଧରି ଉପସ୍ଥିତ ନ ଥିଲେ ବି ଅନ୍ତତଃ ସ୍ମରଣରେ ତା'ର ପିଛୁ ଧରି ସଦାବେଳେ ଗ୍ଳଲିଛନ୍ତି ।

ସେମାନେ ଲେଉଟୁଛନ୍ତି କପରି ତାକୁ ତା' ସ୍ଥାନରୁ ପେଲି ଦେଇ ଗଡ଼ି ଜିତିବେ, ନେବେ ତା'ର ଧନ ଆଉ ତାର କ୍ଷମତା ।

ଏତେ ସହଜ ନୁହେଁ ! ଓଠ ଚିପି ଅଦୃଶ୍ୟ ଶତ୍ରୁମାନଙ୍କୁ ଛଳେଇଲା ଭଳି ସେ ଟିକିଏ ବଙ୍କେଇ ହସିଲା । ସେ ଜାଣେ ସେ ଏକା ଦିନରେ ବଡ଼ଲୋକ ହୋଇ-ନାହିଁ । ଇଟା ଉପରେ ଇଟା ଥୋଇ ଥୋଇକା କୋଠା ତୋଳିଛି । ତେଣୁ ସେ ଜାଣେ, ଯାହା ସେ ପାଇଛି ସେ ସବୁ ତାହା ପ୍ରାପ୍ୟରୁ ଅଧିକା ନୁହେଁ ବରଂ କମ୍ । ଏ ସଂସାରରେ ଆପଣାର ହକ୍ ପାଉଣା ଅସୁଲ୍ କରିନେବାକୁ ନ୍ୟାୟତଃ ତା'ର ଦାବି ଅଛି ବୋଲି ସେ ଭାବେ ଏବଂ ଯେଉଁମାନେ ତା'ର ସେ ହକ୍ ଛଡ଼େଇ ନେବାକୁ ଗ୍ଳହିଁବେ, ସେମାନଙ୍କ ବିରୁଦ୍ଧରେ ଶସ୍ତ୍ର ଟେକିବା ବି ତା'ର କର୍ତ୍ତବ୍ୟ ବୋଲି ସେ ଭାବେ । ଅତଏବ ସେ ଟିକ୍ ଲୁହା ଜାଣି ପାଣି ଦେବ, ଯେପରି ଦେଇଆସିଛି, ପଛେଇବ ନାହିଁ । ଚଳନ୍ତି ପନ୍ଥାକୁ ରକ୍ଷାରକ୍ଷଣ କରେଇବା ତା'ର ମୁଖ୍ୟ କର୍ତ୍ତବ୍ୟ ।

ଚଳନ୍ତି ଗାଡ଼ିରେ ପଦାର ଫାଙ୍କା କ୍ଷେତ ଆଡ଼କୁ ଅନାଇଁ ଅନାଇଁ ସେ ମନକୁ ମନ କହିଲାଗିଲା, ନିଃଶବ୍ଦରେ କହିଲାଗିଲା—କାହିଁକି ଲୋକେ ନିଜର ଭୁଲ୍ ବୁଝିପାରନ୍ତି ନାହିଁ । ଆପଣା ଭୁଲ ନ ବୁଝିପାରି କେହି କେବେ ଉନ୍ନତି କରିଛି ?

ତା'ର ସାଧନା, ତା'ର ତ୍ୟାଗ, ତା'ର ବଡ଼ପଣ, ତା'ର ପ୍ରଭାବ ଓ କ୍ଷମତା, ଏମିତି ବିରାଜମାନ ଥିବାକୁ ତା'ର ଅଧିକାର, ତା'ର ଆସନର ମହତ୍ତ୍ୱ; ସବୁଥିରେ ସେ ଓ ତା'ର—ଯେଉଁମାନେ ଏସବୁ ନ ମାନନ୍ତି ସେମାନେ ଭୁଲ୍ କରୁଛନ୍ତି ଏଥିରେ ସନ୍ଦେହ କ'ଣ ? ତାକୁ ଚହ୍ନିବାପାଇଁ ଯେଉଁମାନଙ୍କର ଆଖି

Digitized by srujanika@gmail.com

ନାହିଁ ସେମାନଙ୍କର ଆଉ କ'ଣ ପାଇଁ ଆଶା ଅଛି ?

ତେଣୁ ସେମାନଙ୍କ ପାଇଁ ସେ ଦୁଃଖିତ ହେଲା, ସେପରି କ ଅନ୍ତତଃ ଦୁଃଖିତ ହେବା ବି ତା'ର କର୍ତ୍ତବ୍ୟରୁ ଗୋଟିଏ ।

ଏଇ ଗଳ୍ପ ପୁରୁଣା ଗାଁ ଇସ୍କୁଲ । ବେଶି ବଡ଼ ପାଠ ସେଠି ପଢ଼ା ହୁଏ ନାହିଁ; କିନ୍ତୁ ସେ ବହୁତ କାଳର । ସ୍କୁଲଘର ଯେମିତି ଥିଲା ସେମିତି ଅଛି । ଆଗପରି ସେଇ ଏକା ଠାଣିରେ, ଅଥଚ ମଝିରେ କେତେ ନାହିଁ କେତେ ବର୍ଷ ବିତିଗଲାଣି । ଇସ୍କୁଲ ହତାରେ ସେଇ ଝଙ୍କା ବରକୋଳି ଗଛଟା ଅଛି । ଓଃ ! କେତେ କାଳର ଗଛ, ସେମିତି ଠିଆହୋଇଛି । ଆଉ କୃଷ୍ଣଚୂଡ଼ା ଗଛଟା, ଘର ଡେଙ୍ଗା କଦମ୍ବ ଗଛଟା, ଛତାଳିଆ ବାଙ୍ଗର ବଉଳ ଗଛଟା । ଶନ୍ତାର ଗାଡ଼ ପୁଣି ନୂଆ ବାଟରେ ଗଡ଼ିଚାଲିଲା । ଏଥର ଖାଲି ସ୍କୁଲ୍ କଥା ।

ଏବଂ ସ୍କୁଲ୍ ବୋଇଲେ ତ ଖାଲି ଏଇ ଘରଟି ନୁହେଁ ଯେ ନିଃସହାୟ ଅବସ୍ଥାରେ ଦଣ୍ଡା ମୁଣ୍ଡରେ ଏକୁଟିଆ ହୋଇ ଠିଆହୋଇଛି । ସ୍କୁଲ୍ କହିଲେ ବୁଝାଏ ଆଉ କେତେ କଥା, ବରଂ ସ୍କୁଲ୍ ଘରକୁ ଛାଡ଼ି, ପାଠପଢ଼ାକୁ ଛାଡ଼ି ।

ସ୍କୁଲ୍ ଘର କେତେ ପଛରେ ରହିଲାଣି, ମନର ଗାଡ଼ ଚାଲିଛି କଚ୍ଚିଟିଆ ବାଟରେ ତା' ଘର ଆଡ଼କୁ, ଦ'ପାଖଟା ଖାଲି ଧାନ ବିଲ, ଘର ଦୁଆର ନାହିଁ । ଗାଁ'ଠୁ କୋଶେ ଛାଡ଼ି ତା'ର ଘର, ଛୋଟା ପୋଖରୀ । କୌଶଳ କରି ଅନାବାଦି ପଟ୍ଟା ନେଇ ବଣ ସଫା କରି ବଗିଚା ବାଡ଼ି ଘର ପୋଖରୀ ସବୁ ସେ କରିଛି । ଅନଯାଁପ୍ ଟଙ୍କା ଆଉ ଝାଳ ସେଠି ଢାଳିଛି, ଜାତି ଜାତି ଗଛ ଲଗାଇଛି । ହତା ଜଗିବାକୁ ବଡ଼ ବଡ଼ ବିଲାତି କୁକୁର ପୋଷିଛି । ସେଇ ଘର ତା'ର ଶିଳ୍ପକଳା । ସେ ପାଖ ହେଲା । କିନ୍ତୁ ମନ ଭିତରେ ଇସ୍କୁଲ୍ ଘରର ସ୍ମୃତି ଗୁହା ହୋଇ ଚାଲିଛି । ଜହ୍ନ ରାତିରେ ସ୍ମରଣ ଭିତରେ ଠାଇଁ ଠାଇଁ ଖରା ଚହଟି ଯାଉଚି । କୃଷ୍ଣଚୂଡ଼ା ଗଛରେ କାନ୍ଧ କାନ୍ଧ ଫୁଲ ଫୁଟୁଛି । ଛୋଟା ବାଡ଼ି ବଗିଚାରେ ନାଲି ପଟ ଗାଢ଼ ସବୁଜପଟ ଝିଲିମିଲି ହେଉଛନ୍ତି । ଭଉଁରି ଭଉଁରିକା ଧୂଳି ଉଡ଼ୁଛି । ସେ ଇସ୍କୁଲ୍‌କୁ ଯାଉଛି । ଫୁଙ୍ଗା ଦେହ । ଲୁଗାଟା ଅଣ୍ଟାରେ ଯେ ବହୁବାଡ଼ିଆ ପିଲେଇ ଧାରି ଧାରି ହୋଇ ପଡ଼ିଛି, ନଣ୍ଡବଢ଼ି ଆଗରେ ବନ୍ଧ ଉପରେ ବାଳବସ୍ତା ପରି, ତଥାପି ମେଲା ଅଛି । ମନେପଡ଼ୁଛି, ପେଟରେ ଭାରି ଭୋକ । ଘରେ ଖାଇବାକୁ

Digitized by srujanika@gmail.com

ପଖାଳ ନାଁରେ ତୋରାଣିହିଁ ଥିଲା । ସବୁ ଘଡ଼ା ବନ୍ଧା ନାହିଁ । ଅଙ୍କ ବନ୍ଧାଟା ଦଦେଇ ବଣାଳଠୁ ମାଗିଆଣିଥିଲା ସେ ଦଦେଇ ପୁଣି ନେଇଯାଇଛି । ଦଦେଇର କାମ କଲିକତାରେ କ'ଣ ଚାକର କରେ । ପୁଅ ପାଇଁ ଜାମା ଯୋଡ଼ା ଆଣେ, ଘରକୁ ଫି ମାସରେ ଟଙ୍କା ପଠାଏ, ପନ୍ଦର କୋଡ଼ିଏ ଏତେ ଲେଖାଁଏ । ସେକାଳର ଦଦେଇ ମନେ ପଡ଼ୁଛି, ମୋଟାମୋଟା ବାଙ୍ଗର ହୋଇ ପିଲଟିଏ; କାନ୍ଧ ଦ'ଟା ଗୋଲ ଗୋଲ । ପିଠିରେ ବାହା ଛକ ଦେଇ କାନ୍ଧ ଫୁଲେଇ ବେକକୁ ଗାରଡେଇ ଅନାଏଁ ତା'ର ଡମା ଡମା ଆଖି । ଦଦେଇ ତା'ର ବନ୍ଧୁ ହୋଇଥିଲା । ମାଗିଲେ ବନ୍ଧ ଦିଏ, କେବେ ଲେମଞ୍ଚୁସ ମିଠେଇ କେବେ ଚିନାବାଦାମ କେବେ ନଡରକୋଳ କେବେ ପିଜୁଳିଟାଏ ଯାହା ପାଏ କତ୍ତୁ ଭାଗଦିଏ । ସେଇ ବେଳ ମନେପଡ଼ୁଛି, ଭୋକ ଉପାସର ଅଭାବ ହଇରାଣର ।

ଯେମିତି ଭୂଇଁରେ ଚେକା ପକାଇ ବସିଲେ ଚଉକିରେ ବସିବା ଅପେକ୍ଷା ତଳ ଜନିଷ ଆହୁରି ବେଶି ସ୍ପଷ୍ଟ ହୋଇ ବାରିହୁଏ ପିଲବେଳର ସେଇ ଦାରିଦ୍ର୍ୟର ସ୍ମୃତି ମନେପଡ଼ିଲା ମାତ୍ରେ ସେଇ ପଲ୍ଲୀର କେତେ କେତେ ମଣିଷ ଓ ଅବସ୍ଥା ଆଖିରେ ପଡ଼ିଲେ । ଯେମିତି ଦୁଃଖୀରଙ୍କି ମାନେ କାହା ମୁହଁ ଦଣେ ଫାଙ୍କ ନ ଚରଉଁଏ, କାହା ଦେହ ଯେପରି କି ସେଠେ୍ରସଫାଳ, ଫୋକସ; ନକ୍ସା । ବଦାକାଠି ପରି ଗୁଡ଼ ହାଡ଼, ପୋଟୁଦେଲ ପରି ହାଉଆ ମୁହଁ, ଆଖିରେ ପୋଷେ ପୋଷେ ଗୁଡ଼ଳ ଧରିବ, ତଥାପି ସେଇ କୋରଡ଼ରୁ ଝଲସୁଛି ଜୀବନର ତେଜ, ଶୁଖିଲା ଓଠତଳେ କଳା ପାନବୋଳ ଯୋଡ଼ଆଯୋଡ଼ ନର୍ଜୀବ ଦାନ୍ତ, ସେଇ ଶୁଖିଲା ଓଠ ଦ'ଫାଳ ପୁଣି ଦ'ଓଳ ଉପାସ ପଡ଼ିଲେ ବ ତୃଷ୍ଣାସ୍ତ ଓଳକ କାଲେ ଖାଇବାକୁ ମିଳିବ ବୋଲି ଆଶା ବାନ୍ଧି ହସେ । ଘର ଗୁଳରୁ ଓହଳ ଶୁଖୁଥିବା ଛିଣ୍ଡା ଫୁଟା ଲୁଗା ଫମ୍ପା ଓଦର କୋରଡ଼ମେଇଁ । ପ୍ରାଣ ଯାଉଚ କ ଆଉଚ ପୋଇଖାଡ଼ିପରି ଘରଣୀ ଓ ପିଲାଛୁଆ । କୋଳଥ ପେସାର ପଇଡ ଓ ତା'ର ବାସନା ପଖାଳ କଂସା ପାଖେ ଖିଆ ହୋଇଥିବା ପିଆଜର ଭୁଣ୍ଡି, ଲଙ୍କାମରିଚର ଭୁଣ୍ଡି । ଲଙ୍ଗଳା କ କଉପୁମା ମଗ ପୁଅ ଝିଅ । ପାହାନ୍ତିଆରୁ ବାଦବୁଢ଼ିଆ ହୋଇ ପଥର ଗୋଟିଆ । ମାଇପେ ପୋଖରୀକ ଗାଧୋଇଗଲେ ବ ଗଲବେଳେ ଫେରିଲବେଳେ ଖାଦ୍ୟ ଆହରଣ କରିବା ସେ କିଏ ଗଛଶ, କନଶିର ଅମିଳକ୍ଷପତ୍ର ଛିଣ୍ଡାଉଛି, କିଏ ବା ଚେଙ୍ଗ ବକଟେ ପାଇବା ଆଶାରେ କାଦୁଅ ଚପୁଛି । ମନେପଡ଼େ ରୋଗହେଲେ ଝୁଣାଧୂଆଁ ଦେଇ ଠାକୁରାଣୀ ମାନଣା, ଗାଁ ବଇଦର ଟୁଣ୍ଡକାଟୁଣିକ,

Digitized by srujanika@gmail.com

ହରିନାମ । ସେତିକିବେଳେ ମନେପଡ଼ନ୍ତି ଗାଁ ଜମିଦାରଙ୍କ ପିଲାମାନେ । ତାଙ୍କ ଛଇଛଟକ, ଦାମୀ ଭେକ, ଦାମୀ ସଜକ, ଉଦ୍ଧତ ବ୍ୟବହାର । ସେତିକିବେଳେ ସେ ପଣ କରିଥିଲା ବଡ଼ହେଲେ ଚାକିରି କରିବ ନାହିଁ ବରଂ ଆପଣା ଜୀବନକୁ ଲଗେଇ ଦେବ ଗରିବଙ୍କ ଉନ୍ନତି କରିବାପାଇଁ, ଆଗେ ସେହି ଗରିବଙ୍କର ପ୍ରତିନିଧି ହୋଇ କାର୍ଯ୍ୟ କରି ଜୀବନ କଟେଇ ଦିବ । ସେ ପଣ କରିଥିଲା ଯେ ଏଇ ଯେଉଁମାନେ ଉପରେ ଫାଙ୍କିମାରି ଚଳନ୍ତି, ପରକୁ ଶୋଷି ନିଜେ ମୋଟାହୁଅନ୍ତି, ସଂସାରକୁ କ୍ଷତି ପହଞ୍ଚିଲେ ବି ଆଗେ ଲାଭ ଉଠାନ୍ତି, ସେ ଲୋକମାନଙ୍କୁ ଉଚିତ ଶିକ୍ଷା ଦେବ, ସେ ବିପ୍ଳବୀ ହେବ ଯେପରି ବିଶ୍ୱରେ ଘୃଣା ହୋଇଥାଏ । ଅନ୍ୟାୟ, ଅନୀତି, ଅସମତା ବିରୁଦ୍ଧରେ ସେ ପ୍ରାଣପଣେ ଲଢ଼ିବ । ଦରମା ଦେଇ ନ ପାରି ଯେମିତି ସ୍କୁଲର ନାଁ ନ କଟେ, ଔଷଧ ପାଇ ନ ପାରି ଯେପରି ରୋଗୀର ମୃତ୍ୟୁ ନ ହୁଏ, ଅଭାବରେ ପଡ଼ି ମଣିଷ ଅକାଳରେ ଯେମିତି ଶିରିଦଣ୍ଡ ନ ହୁଏ, ସେଥିପାଇଁ ଉଦ୍ୟମ କରିବାକୁ ସେ ଜୀବନଟାକୁହିଁ ଲଗେଇ ଦେବ । ଏହି ପଣ କରିଥିଲା ସେ, ସେ ନାସ୍ତିକ ହେବ, ସେ ଗୁଡ଼ାଲୋକଙ୍କ ସ୍ୱାର୍ଥପର ଅଭିସନ୍ଧିକୁ ଫସର ଫଟାଇବ, ଥାଇତା ପଣର ଦର୍ଶନର ଦୁଆ ଦେଇ ଏହି ଯେଉଁ ଦଳେ ଲୋକଙ୍କର ଅଭିସନ୍ଧି, ଯେ ଯେଉଁଠି ଯେତିକରେ ଅଛି, ସେତିକରେ ଥାଉ, ଯେଉଁମାନେ ଲାଭ ଉଠେଇଛନ୍ତି ସେମାନେ ଲାଭ ଉଠେଇଥାନ୍ତୁ ଏଭଳି ବିଶ୍ୱାସକୁ ଭାଙ୍ଗି ଚୂନା କରିଦେବ । ସେ ସଂସ୍କାରକ ବି ହେବ ।

ସ୍କୁଲ୍ ଦିନ ଗଲା, ଉଚ୍ଚଶିକ୍ଷା ପାଇବାକୁ କଲେଜକୁ ବି ସେ ଗଲା । ସେଠି ତାର ଏହି ଧାରଣା, ବରଂ ସେଥିରେ ଆହୁରି ଶାଣ ଦିଆହେଲା । ପିଲାଦିନର ଚିଆଁଲଗା ଅନୁଭୂତି ହେଲା ବଡ଼ ଦିନର ଆଦର୍ଶବାଦ ପାଇଁ ଉପାଦାନ । କଲେଜ ଜୀବନରେ ସେ ଯେତେବେଳେ ନେତା ହେବାକୁ ସ୍ୱପ୍ନ ଦେଖୁଥିଲା ତା'ର ଭବିଷ୍ୟତର କାର୍ଯ୍ୟକ୍ରମ ଭିତରେ ଥିଲା ସେହି ପିଲାଦିନର ଆକାଙ୍‌କ୍ଷା ପୂରଣ ।

ଦାରିଦ୍ର୍ୟ, ଫାଙ୍କିମରା ଲୋକ, ଶୋଷଣ ! ଗୋଟାଏ ଗୋଟାଏ ଶବ୍ଦ ଗୋଟାଏ ଗୋଟାଏ ଇତିହାସର ପର୍ଯ୍ୟାୟ । କେତେ ଲୋକଙ୍କର କେତେ ଛାତିଫଟା ଦୀର୍ଘଶ୍ୱାସ ଲାଗିଛି ତହିଁରେ । କେତେ ଅଭିଶାପ ! କେତେ ଯନ୍ତ୍ରଣାର ସ୍ମୃତି ।

Digitized by srujanika@gmail.com

କାହିଁ ଉଠିଲାଣି ଆଜ ସେ ? ତା'ର ଅଭାବ ନାହିଁ । ଘର, ଜମି, ଜମା, ଯାନ ସବୁ ସେ ପାଇଛି । ଛିଣ୍ଡା କନ୍ଥାକୁ ସେ ଘୃଣାକରେ, ପଖାଳକୁ କହେ ଅସ୍ୱାସ୍ଥ୍ୟକର, ରୁଟିର ମାହାତ୍ମ୍ୟ ଓ ଭିଟାମିନ୍‌ର ଉପାଦେୟତା ପ୍ରଚାର କରେ । ପୁଣି କହେ, ପୋଷାକ ମଣିଷର ବ୍ୟକ୍ତିତ୍ୱର ଅଂଶ, ତେଣୁ ସେ ବିଷୟରେ ସାବଧାନ ହେବା ଉଚିତ । ସେ ପୁଣି କହେ ଆମ ଦେଶରେ ଲୋକେ ଶୀତଦିନେ ବି ଦେହକୁ ଘୋଡ଼େଇବା ଛାଡ଼ି ଦେଇଛନ୍ତି—ଅବଶ୍ୟ ଅଜ୍ଞତା ହେତୁରୁ । ତେଣୁ ବେଶି ନିଉମୋନିଆ ହେଉଛି, ଅତଏବ ଶୀତଦିନେ ଯଥେଷ୍ଟ ପରିମାଣରେ ଶେଯ, ରେଜେଇ, କମ୍ବଳ ବ୍ୟବହାର କରିବା ଉଚିତ । ରହିବା ଘର ସବୁ ଅତି ଟିକ-ଟିକ, ସେଥିରେ ଝରକା ନାହିଁ, ଥିଲେ ମଧ୍ୟ ଅନ୍ଧାରୁଆ, ତାକୁ ସବୁ ଭାଙ୍ଗି ନୂଆ-କରି ସ୍ୱାସ୍ଥ୍ୟକର ଘର ନ ତୋଳିଲେ ଯକ୍ଷ୍ମା ଆକ୍ରମଣ କରିବାର ଭୟ ବେଶି । ନାନା କ୍ଷେତ୍ରରେ ନାନା ପ୍ରକାର ଔଷଧ ବିଷୟରେ ତା'ର ମତ ଅଛି, କିନ୍ତୁ କେଉଁଠୁ ଟଙ୍କା ଆସିବ ଯହିଁରେ ଏ ଔଷଧକୁ କାର୍ଯ୍ୟରେ ପରିଣତ କରିହେବ, ସେକଥା ସେ କହେ ନାହିଁ । ସେ କହେ ସମସ୍ତେ ପାଠ ପଢ଼ିବା ଉଚିତ । କିନ୍ତୁ ସେ ଭୁଲିଯାଏ, ଯାହାର ପିଲା ପାଞ୍ଚ ବର୍ଷରେ ମୂଲ ଲାଗି ଶିଖିଲେ କି ଛେଳି ଜଗି ଶିଖିଲେ ବାପ ମା'ଙ୍କୁ ଘର ଟିକିଏ ଲାଭ ହୁଏ, ପଖାଳ କଂସାରେ ତୋରାଣି ତଳେ ଗୁଣ୍ଡାକ ଭାତ ଜାଗାରେ ଦି'ଗୁଣ୍ଡା ହୁଏ, ସେ ଏ ଧନମାନ ବସିରହିବା ପାଠପଢ଼ାକୁ ପିଲା ପଠେଇବ କେମିତି ?

ହଠାତ୍ ଆଜି ସେହି ଆଗପଛଟାହିଁ ତା'ର ମନକୁ ଦିଶୁଛି, ଆଉ ଲାଗୁଛି ସେ ତା'ର ଶସ୍ତା ବନ୍ଧୁ ଧରି, ସେତେବେଳେ ସେହି ହୋଇଥିଲା ତା'ର ଜୀବନ, ତା ପରେ ଛାଡ଼ି ହୋଇଗଲା । ମନେପଡ଼ୁଛି, ବସିବାକୁ ଚୌକି ନୁହେଁ, ଧୂଳି ସରସର ମାଟି ପିଣ୍ଡା, ପାଟିରେ ଫୁଙ୍କି କାନରେ ଝାଡ଼ି ବସିବାକୁ ହେଉଥିଲା । ପାଟି ଲାଳରୁ କରି କେଉଁ ଖାଦ୍ୟଟା କେତେବେଳେ ଖାଇବ ସେ ବିଷୟରେ ଇଚ୍ଛା କି ଅଭିମତ ନୁହେଁ; ସେତେବେଳେ ସମସ୍ତ ଶିକ୍ଷା ଲାଗୁଥିଲା ଭୋକକୁ ଭୁଲିବାକୁ, ଖାଦ୍ୟକୁ ପ୍ରାଧାନ୍ୟ ନ ଦେବାକୁ । ଯାହା ମିଳିଲା ତାକୁ ଟାଉ ଟାଉ କରି ପାଟିରେ ପକାଇ ଦେଇ ଧନ୍ଦାରେ ମନଦେବାକୁ । ସେହିପରି, କ'ଣ ପିନ୍ଧିବ ସେ ଚିନ୍ତା ବି ନଥିଲା । ଯାହା ମିଳିବ ତାହା । କାହା ସଙ୍ଗରେ କ'ଣ କଥା ଗପିବ ସେ ଚିନ୍ତା ବି ନ ଥିଲା, କିଛି ନ ଗପିଲେ ବି ଖାଲି ମୁହଁକୁ ମୁହଁ ଚାହିଁ ଲାଗୁଥିଲା ଯେପରି କି ସମସ୍ତେ ସମସ୍ତଙ୍କି ଚିହ୍ନିଲେ, ସେହି ଏକା ସମସ୍ୟା, ଏକା ଦୁଶ୍ଚିନ୍ତା, ମୁହଁର ପାଣି

Digitized by srujanika@gmail.com

ଏକାପରି । ଖାଲି ନାହିଁ-ନାହିଁ-ନାହିଁ । ଘର ନାହିଁ, ଲୁଗା ନାହିଁ, ଘର ଛୁଆଣି କରିବାକୁ ପଇସା ନାହିଁ ।;ହାତରେ ପାଣ୍ଠି ବି ନାହିଁ ।

ଗୋବିନ୍ଦ ପେଟରେ ଥରଥର ଦେହରେ ଟାଣ କରି ଦୀର୍ଘଶ୍ୱାସ ପକାଇ ସେ ପ୍ରତିଜ୍ଞା କରିଥିଲା । ବଡ଼ ହେଲେ ସେ ଏହିମାନଙ୍କ ଭୁଣ୍ଡରୁ ନାହିଁ-ନାହିଁ ନିଗିଣା ଦୂର କରିବ, ଏମାନେ ତା ଆପଣାର ଲୋକ ।

ଏହି ଯେଉଁ ବାଉରିମାନେ ନଡ଼ା, କୁଟା, ତାଳବାହୁଙ୍ଗା, ଖଜୁରି ଗୁଞ୍ଜ, ଶୁଖିଲା ତାଳପତ୍ର ଏକାଠି ମିଶାଇ କୁଡ଼ିଆ ଟେକି ଜମିଦାର ଜାଗାରେ ଅଛନ୍ତି ଯେ ଘର ଆଗଦୁଆର ନଡ଼ିଆଗଛରୁ ଗୋଟମାଟିଏ ଝଡ଼ିଲେ ତାକୁ ସେହି ଜମିଦାର ଘର ନେଇ ପକାଏ । ଏହି ଯେଉଁ ଗାଁ ଧୋବା ସବୁବେଳେ କହେ ଆଜି ଚୁଲି ଜଳି ନାହିଁ । ଏହି ଯେଉଁ ଗାଁ ବଢ଼ଇ ନିହାଣ ବାଟିସି ଧରି କାମ ଖୋଜିବାକୁ ସକାଳୁ ଯାଏ, ଶୁଖିଲା ମୁହଁ କରି ସଞ୍ଜକୁ ଫେରେ, ଗାଁର ମେଲଣ ଭେଦା ଦେବାକୁ ତାଠି ପଇସା ନ ଥାଏ ଯେ ସେ ନେଇଥିବ ହୋଇ ଗୁଡ଼ ମାଗେ, ଏଇ ଯେଉଁ ଗାଁ କବି ଘରତଲିଆ ଲେଖିଛି, ଯାହାରେ କି ସୁନ୍ଦର ଗାଏ ଯେ ଗଛରୁ ପତ୍ର ଝଡ଼ି ପଡ଼ିବ ଆଉ ଯେ କହେ ତା' କଥା କେହି ବୁଝିଲେ ନାହିଁ, ଘରେ ଖାଇବାକୁ ନାହିଁ ଯେ ମାଇପେ ପୁଷ୍ଟା ତାକୁ କହିଲେ ନିକମା, କରମକୋଡ଼ି । ଏଇ ଯେଉଁ ଗାଁର ଘରୁଆ ଘରମାନଙ୍କ 'ପୁଅମାନେ ହାଡ଼ୁଆ ଦେହରେ ଚକିଆ ଖୋଳପରି କାମିଜ ଝୁଲେଇ ଟାଣିଓଟାରି ଦସ୍ତାପଣ ଦେଖାଇ ବାରମ୍ବାର ସହରି ଅଭିମୁଖେ ବାହାରିପଡ଼ନ୍ତି କେଉଁଠି ଉପାଧିଆ ପଢ଼ିବେ କାଳେ ଗୁକରି ମିଳିବ ବୋଲି ।

ଯେତେବେଳେ ସେ ଭାବୁଥିଲା ସେମାନେ ତା'ର ବିଶ୍ୱାସ ଲୋକ, ଆପଣାର ଲୋକ । ସେ ସତେ କି ସମସ୍ତଙ୍କର ପ୍ରତିନିଧି, ସେ ବଡ଼ ହେଲେ ତାଙ୍କର ଦୁଃଖ ଯିବ । ଯୁବା ହୋଇ ଉଚ୍ଚଶିକ୍ଷା ପାଇଲାବେଳେ ସେ ସେମାନଙ୍କୁ ଦେଖିଲେ ଆଶ୍ୱାସନା ଦେଲାଭଳି ହସ ହସି ସମ୍ଭାଷଣ କରେ, ଯେପରି କି ମନେ ମନେ କହେ—ଆଉ କେତେ ଡେରି ଅବା ! ପାହିଲା ରାତିରେ ବାଘ ନେଉଛି !

ଯେତେ ଯେତେ ଆପଣାର ଲୋକେ ସମସ୍ତେ ସତେ କି ତା'ର ମନେ-ପଡ଼ୁଛନ୍ତି, ଯେପରି କି ତା'ର ଜୀବନ ପରିସର ମଧ୍ୟରେ ଯେତେ ଲୋକ ବସୁଛନ୍ତି ସମସ୍ତେ ତା'ର ସେତିକବେଳର ଚହ୍ଲାଜଣା ।

Digitized by srujanika@gmail.com

ଏ ସମସ୍ତିଙ୍କୁ ମନେ ମନେ ସେ ପ୍ରତିଶ୍ରୁତି ଦେଇଥିଲା । ଆଉ ସେ ଭାବିଥିଲା, ଯୁବକମାନଙ୍କ ବିଶ୍ବରହିଁ ଏ ସଂସାରରେ ପ୍ରକୃତ ଶାନ୍ତି ଆଣିଦେବ । ବୃଦ୍ଧମାନଙ୍କ ବିଶ୍ବର ନୁହେଁ । ସେ ଭାବିଥିଲା, ରକ୍ଷଣଶୀଳତାର ସୃଷ୍ଟି ଖାଲି ସ୍ୱାର୍ଥ ଓ ଶୋଷଣର ପରମ୍ପରାକୁ ପୁଷ୍ଟ କରିବାକୁ ।

ଏଇ ରାତିରେ ଯେତେବେଳେ ଜହ୍ନ ପଡ଼ୁଛି, ସହର ଗ୍ରୁଡ଼ି ଗାଁକୁ ସେ ଚଳାଉଛି, ଗୋଟାଏ ଶବ୍ଦାର ନୂଆ ଆଲୁଅରେ ଆଖି ଆଗରେ ସେଇ ଅଜଣାଚିହ୍ନା ଚେଇଁଉଠିଛି, ଯେପରି କେବେ କେବେ ସଞ୍ଜପହରରେ ଏକ ନାଲି ଆଲୁଅ ଚହଟେ ଆଉ କେତେ ଦୂରର ଦୂରର ପର୍ବତ ସବୁ ଦିଶେ ଯାହା ଅନ୍ୟବେଳେ କେବେ ଦିଶୁ ନ ଥିଲା । ବିଲ ସେପାଖେ ନଡ଼ିଆ ବାଗ ତଳର ଗାଁ ସେପାଖେ କେଜାଣି କେତେ ଦୂରରେ ନେଳି ହୋଇ ପର୍ବତର ଧାର ଲାଗିଛି । ସକାଳେ ଦିଶୁ ନଥିଲା, ଦି'ପହରରେ ଦିଶୁ ନ ଥିଲା । ସେ ମାୟା ପର୍ବତ ଜହ୍ନ ରାତିରେ ଅସ୍ପଷ୍ଟ ହୋଇ ବାରି ହୁଏ କି ନହୁଏ ।

ସେମିତି ସେ ନିଜେ, କାହିଁ କେତେ ପଛରେ ।

ଯେତେବେଳେ ଅଭାବରେ ଗୃପି ହୋଇ ସୁଦ୍ଧା ସେ ଏକଗୋଟା ମଣିଷ ହୋଇଥିଲା । ସବୁ ଇନ୍ଦ୍ରିୟ ତା'ର ଥିଲା ସମ୍ପୂର୍ଣ୍ଣ ଓ ସଚେତନ । ବିଶ୍ବାସ ଥିଲା ଏ ଜୀବନରେ ସ୍ନେହ ମୈତ୍ରୀ ପାଇଁ ସ୍ଥାନ ଅଛି, ଏଠି ପ୍ରେମ ମିଳେ ଓ ସେ ପ୍ରେମ ନୂଆ ଜୀବନ ନୂଆ ବଳ ଦିଏ । ଆଉ ଆଶା ଥିଲା ଏ ପୃଥିବୀ ବଦଳିବ, ଏଠି ନ୍ୟାୟ ମିଳିବ, ସମସ୍ତିଙ୍କର ଭାଗରେ ପଡ଼ିବ ସୁଖ, ଆନନ୍ଦ, ବିକାଶ ।

ଏବେ ହିଂସା ଦୂର ହେବ ।

ଆଉ ତା'ପରେ ଯହୁଁ ଯହୁଁ ଦିନ ଯାଇଛି ସବୁ ଆଶା ଆଉ ବିଶ୍ବାସ ଗୋଟି ଗୋଟି କରି ଖସିପଡ଼ୁଛି, ମେ ବିଶ୍ବଶିଛି ସେ ବୁଢ଼ିଆ ହୋଇଛି । ଆପଣାର ଯାହା ବିଶ୍ବାସ ଥିଲା ଯାହା ଆଦର୍ଶ ଥିଲା ସେଗୁଡ଼ିକୁ ଗୋଟି ଗୋଟି କରି କାଟିଗୁଣ୍ଡି ଦେଇ ସେ ଭାବିଛି ସେ ବିଜ୍ଞ ହୋଇଛି, ଆପଣା ପଖିକ କାଟିଛି, ପାଦକୁ ପରସ୍ତ ପରସ୍ତ ଦୌଡ଼ରେ ଗୁରାଇଛି ଆଉ ସେ ଭାବିଛି ସେ ଅଗ୍ରଗତି କରିବାକୁ ସାଧନ ସଜାଡ଼ୁଛି ।

Digitized by srujanika@gmail.com

ଅତି କରୁଣଭାବେ ସେ ତା ଜୀବନର ଅଶୀତଟାକୁ ଝୁରି ହେଲା । କଅଁଳ, କମନୀୟ, ସୁଠାମ, ହାଲୁକା । କୋହଳା ନୁହେଁ, କନ୍ତୁ କ୍ଷିପ୍ର, ଗତିଶୀଳ, ଦମ୍ଭବେଶି । ଗମ୍ଭୀର, ଓସାର ନୁହେଁ ପାତଳ, ହସ ହସ, ତା' ଉପରେ ନିର୍ଭର କରି ହୁଏ । ସେଠି ମାଡ଼ ବସିଲେ ଭିତରକୁ ଭେଦେ ନାହିଁ, ପଡ଼ଗଲେ ହାଡ଼ ଭାଙ୍ଗେ ନାହିଁ, ସେ ଡେଇଁ ପାରେ, ଧାଇଁ ପାରେ । ତା'ର ସଞ୍ଚୟରେ ଆନନ୍ଦ ନଥିଲା, ଆନନ୍ଦ ଥିଲା ଖରଚ କରିବାରେ ।

ସେହି ଥିଲା ଅତୀତରେ ସେ ବି ।

ସୁସ୍ଥ ଥିଲାବେଳେ ଯାହା ତା'ର ରୁଚି ଥିଲା ଅସୁସ୍ଥ ହୋଇ ତାକୁ ସେ ପ୍ରତ୍ୟାହାର କରିଛି । ବାଟ ବଙ୍କେଇଛି ସେ ନିଜେ, ଜୀବନ ନୁହେଁ, ଯୁବଶକ୍ତି ନୁହେଁ । ଆଜ ଝିନ୍‌କରି ଲଗିଲା ମୁଣ୍ଡ ଭିତରେ ଯେତେବେଳେ ସେ ଭାବିଲା—ଆଜ ସେହି ଯୁବଶକ୍ତିହିଁ ତା'ର ଶତ୍ରୁ । ସେହି ଅତୀତହିଁ ତା'ର ଶତ୍ରୁ । ତା'ର ଯୁଦ୍ଧ ନିଜର ଅତୀତରେ ପାଟେସାରି ଗୁଡ଼ିଦେଇ ଆସିଥିବା ବ୍ୟକ୍ତି ସହିତ, ତା ଆପଣା ସହିତ । ନହେଲେ ବାହାରର ଯେତେ କର୍କଶ ନିଷ୍ଠୁର ସମାଲୋଚନା ବ୍ୟଙ୍ଗୋକ୍ତି ତାଚ୍ଛିଲ୍ୟ ଓ ଶତ୍ରୁତା ତା' ମନ ଭିତରକୁ ଏତେ ଗହୀରକୁ ଭେଦନ୍ତା ନାହିଁ, ତାକୁ ଏତେ କଷ୍ଟ ଦିଅନ୍ତା ନାହିଁ । ସେ ଏତେ କଷ୍ଟ ପାଏ କାରଣ ପଦାରୁ ଯାହା ସେ ଋଖେ ସେ ତା ଅନ୍ତର ଭିତରର ହିଁ କଥା । ସେତେବେଳେ ତା'ର ମନ ଭିତରେ ବି ବାଡ଼ ହୋଇ ଯୁଦ୍ଧ ଲଗିଯାଏ । ଭୂଇଁତଳୁ ମାଟି ବି ଭୁଷୁଡ଼ି ଭୁଷୁଡ଼ି ଗ୍ଭଲଯାଏ, ଯେପରିକ ଲେଉଟାଣି ଜୁଆର ବେଳେ ସମୁଦ୍ର ପାଣିରେ ଠିଆହେଲେ ଲାଗେ, ହାତରେ ଧରିପକାଇ ଅଟକିବାକୁ ବି କରୁ ନାହିଁ । ସେ ଗ୍ଭରିଆଡ଼କୁ ଅନାଇ ମଣିଷ, ପଶୁ, ଗଛ ବୁରୁଛ, ଜନ୍ତୁଜୀବ, ସମସ୍ତିଙ୍କି ଦେଖେ ନିଜେ ସମୟର ପ୍ରବାହରେ ଟଳଟଳ ହୋଇ ପଛକୁହିଁ ଡେରି ହେଲାପରି ଯାଏ, ଦେଖେ ଆଗେ ଯାହା ଆରମ୍ଭ କରିଥିଲା ଇଚ୍ଛା କରିଥିଲା ତାକୁ ପରେ କରି ନ ପାରିଲା ବଳେଇ ନ ପାରିଲା ବୋଲି ତାକୁହିଁ ଭାଙ୍ଗିବାକୁ ପ୍ରାଣପଣେ ଚେଷ୍ଟା କରି କରି ଘୋଷାରି ହୋଇ ଗ୍ଭଲଯାଏ ଭିତରକୁ ଭିତରକୁ, ଦାନ୍ତ ପଡ଼ଯାଏ, ବାଳ ପାଚି ଝଡ଼ିପଡ଼େ, ଦେହ ଶୁଖିଯାଏ, ସବୁଗ ଉଦ୍ଦୀପନାର ଝରଣା ମରି ହୁଏ ଚନ୍ଦ୍ରଭାଗା ତୀର୍ଥ ।

ଏଁ-ଏଁ—ଭୁଲ କରୁଛି ନା କ'ଣ ସେ ? ଏଇ ଏତେ ସବୁ ମିଛ ସବୁ ତାକୁହିଁ ଛଳେଇ ଛଳେଇ ବୁଡ଼େଇବାପାଇଁ ଆପଣା ହାତଗଢ଼ା ଫନ୍ଦ ନା କ'ଣ ?

Digitized by srujanika@gmail.com

ସେ ମିଛରୁ ଗୋଟେଇଲା, ଏବେ କାଳ ମିଛରୁ ଖୁଲାଉଛୁ । ମିଛରେ ଏ ଶପଥ୍‌ଟା ମିଛରେ ଏ ଯୋଜନା । ଏଇ ଏବେ ମାତମନ୍ତ୍ରଣ ତା'ର—ସେ ଖାଲି ଆପଣାକୁ ଠକିବାକୁ ମିଛ ମୁଖା ? ଭୁଲ୍‌, ଭୁଲ୍‌ ହୋଇଗଲା ସବୁ ? ବେଳ କାହିଁ ? କେବେ ସେ ଫେର୍‌ ଏ ଜୀବନଯାକର ସଞ୍ଚିଥିବା ଧୂଳି କାଦୁଅ ମଳି ଧୋଇବ, ସଫା କରିବ, ପୁଣି ଆରମ୍ଭ କରିବ ଯେଉଁଠୁ ଘୁଞ୍ଚିଥିଲା ? କାହିଁ ବେଳ ? ସେ ଗୋଇଥିଲା, ସେ ବଢ଼େଇଥିଲା ଏଇ ଏବେ "ଆପଣା ପାର୍ଥିବପଣରେ ଯେତେ ଗଛ, ସେ ଖାଲି ଡେଙ୍ଗା ଡେଙ୍ଗା ଅନ୍ଧାରରୁ ଖୁଣ୍ଟ । ତା'ର ଉପରେ ପ୍ରଶାନ୍ତ ଆକାଶ ବ୍ୟାପି ରହୁଛି, ସେ ଯେପରିକି ନିର୍ବିକାର ନିର୍ଲିପ୍ତ ସେ ତା'ପରି ଧୂଳିକଣା ବଞ୍ଚୁ ଅବା ମରୁ, ଆଉ ବିଗ୍‌ବଳୟ ଉପରେ ବାଙ୍କ ଓଠରେ ହସୁଛି ତା'ରି ଶଙ୍କା ଜହ୍ନ, ଆନନ୍ଦରେ ନୁହେଁ ଯେ ଉପହାସ କରି କରି । ଯାହା ସେ ସଞ୍ଚିଛି ଯାହା ସେ ସମ୍ଭାଳିଛି ସବୁ କଥାକୁ ତୁଚ୍ଛା ହସରେ ଉଡ଼ାଇଦେଇ, ଆଉ ବୁଧିଆ କୋକଟା ସେବୁ ଜହ୍ନ ତା'ର ହସିବାକୁ ଅଧିକାର ଅଛି ହସରେ ଉଡ଼ ଯାଉଛି ତା'ର ଜୀବନଯାକର କାମ ଆଉ ତାଙ୍କ ନିଘ୍ନ ଅବଜ୍ଞାରେ ଠିଆହୋଇଛନ୍ତି ସମସ୍ତେ ଖଣ୍ଡପରି ଯେପରିକି କାହାରି କିଛି ଯାଏ ନାହିଁ ଆଜି ସେ ମଲେ କି ଗଲେ, ବାଉଁଶଗଛ ତା'ର ମନକୁମନ ଝୁଲୁଛି ଏକରୁ ସେକରି, ବାଦୁଡ଼ିପଲ ଫଡ଼କେଇ ହୋଇ ଉଡି ଧାଇଁଛନ୍ତି ଏକରୁ ସେକରୁ କେହି ତାକୁ ଆହା ବୋଲି କହୁନାହାନ୍ତି । ଓଃ ! ଆଉ ମୁଣ୍ଡ ଭିତରେ ଚକ ବୁଲୁଛି ସବୁ ଆଉଟା ଆଉଟି ଆଉ ଆଖି ଆଗରେ ଆପଣା କଟଟିରେ ହେଇ ବନ୍ଧାହୋଇଛି ଘଣ୍ଟା ଯେ ତା'ର କେବଳ 'ଘଣ୍ଟାଗୁଡ଼ାକ ଡେଇଁ ଡେଇଁକା ଗୋଟାଏ ଘରୁ ଆଉ ଗୋଟାଏ ଘରକୁ ଧାଇଁଛି, ସମୟ ଗୁଳିଛି ଆଉ ପଛଉ ନାହିଁ । ଓଃ, କିଛି ଗୋଟାଏ କରିବାକୁ ହେବ ଯେ ଜଲଦି ଏଇଲାଗେ; ଓଃ ଗଲାସବୁ । ରୋକୋ ରୋକୋ, ଗାଡ଼ି ଅଟକାଅ, ରଖ ଏଇଠି ।:

ଧଡ଼କରି ଗାଡ଼ିଟା ବନ୍ଦକରି ଡ୍ରାଇଭର ଓହ୍ଲେଇପଡ଼ି ଆସି କବାଟ ଫିଟାଇ ଦେଲା । ହତାର ଫାଟକ ଦିଶୁଛି । ଦୁହେଁ ପରସ୍ପରକୁ ଅନାଅନି ହେଲେ, ସେ ଓହ୍ଲେଇ ପଡ଼ିଲା । କାବା କାବା ହୋଇ ଘରଆଡ଼କୁ ଗୁହିଁଲା ।

ତା'ପରେ ଚୁପ୍‌ଚାପ୍‌ ଗ୍ଲେଲଗଲା ବାଡ଼ କରକୁ । ଯାଇ ବସିପଡ଼ିଲା । ଡ୍ରାଇଭର ବ ଆରପାଖ ବାଡ଼ ଆଡ଼କୁ ଗଲାଣି ଦିଶୁଛି । ଶବ୍ଦ ବ କଲାଣି । ସ୍ୱେ ବ ମନକୁ ମନ କହି ଲଗିଲା ଯେ ସେ ନିଜେ ପରିସ୍ରା କରି ବସିଛି । ତା'ପରେ ସେ ଉଦ୍ଦେଶ୍ୟ ଭୁଲିଗଲା । ବଡ଼ ଆଁଟିଏ କରି ଚେଙ୍ଗା ହୋଇ ସିଧା ମୁହଁପଟ

Digitized by srujanika@gmail.com

ଆକାଶକୁହିଁ ଅନାଇଁ ବସି ରହିଲା ଯେପରି କି ତା'ର ଆଉ କିଛି କାମ ନାହିଁ, କୁଆଡ଼େ ଯିବାକୁ ବି ନାହିଁ । କେବଳ ଏହି ବାଡ଼ଗାଖେ ବସିବା ଆଉ ଆକାଶକୁ ଚାହିଁବା । ଆଉ ସେମିତି ବସି ବସି ଲାଗିଲା ସେ ଏକାଠେ ଏକୁଟିଆ ମଣିଷ ! କାହିଁ କଏ କୁଆଡ଼େ ?

ମନେପଡ଼ିଲା, ସେ କାହାରିକୁ ଏତେବଡ଼ ଚୋଟାରୁ ଭାଗ ଦେଇନାହିଁ, ଏତେ ଜମି ଏତେ ସମ୍ପତ୍ତିରୁ ଭାଗଦେଇ ନାହିଁ । ଫଳଟିଏ ଦେଇନାହିଁ କାହା ଛୁଆକୁ, କି ଫୁଲଟିଏ କାହା ଭଉଁପାଇଁ । ସବୁଜ ସାର କରିବ ବୋଲି କାରଣ ଦେଖାଇ ପଡ଼ର ଗୋଠାଳୀଙ୍କି ଚର ଗୋଟାଇବାକୁ ସୁଦ୍ଧା ଦେଇନାହିଁ । ଯେଉଁମାନଙ୍କଠୁଁ ଉପକାର ପାଇଥିଲା ତାଙ୍କୁ ପ୍ରାଣପଣେ ଭୁଲିବାକୁହିଁ ଚେଷ୍ଟା କରିଛି, ଗରିବଙ୍କୁ ସ୍ୱୀକାର କରିନାହିଁ, ଏଇଥିପାଇଁ ଯେ କାଳେ ସେମାନେ ତାଠୁ ସୁବିଧା ମାଗି ଆସିବେ । କେବଳ କ୍ଷମତା ସଞ୍ଚୟ କରିବାକୁ ଉଦ୍ଦେଶ୍ୟ ରଖି ସେ ପଇସା ଖର୍ଚ୍ଚ କରି ଆସିଛି । ଦଳ ବଢ଼ାଇଛି ଦଳପତି ହେବ ବୋଲି, ଦଳପାଇଁ ସ୍ନେହ ଯୋଗୁଁ ନୁହେଁ ! ସେ ଯାହା ଖର୍ଚ୍ଚ କରିଥିଲା ତାଠୁ ବହୁଗୁଣ ଲାଭ ଉଠେଇ ନେଇସାରିଛି, କେରଣ୍ଡି ଗୁଣ୍ଡି ଶେଉଳ ଧରିଛି । ଆପଣାଠିଁ ହବୁ ପାର କରେଇଛି । ବୁଦ୍ଧିର ଛକାପାଞ୍ଜି ଖେଳ, କଥାର ମୋହିନୀ । ଧର ନ ପଡ଼ି ଉଦ୍ଦେଶ୍ୟ ହାସଲ କରିବାର ଦକ୍ଷତା ଓ କୌଶଳ, ସବୁ ସେ କରିପାରିଛି, ହଟିନାହିଁ ।

ଆଉ ପାଇଛି କ'ଣ ?

ବାଡ଼କୁ ମୁହଁପରେ ରଖି ପରିସ୍ରା କରିବା ବାହାନାରେ ବସି ଏକାଠି ବଡ଼ ନାମୀ ପରାକ୍ରମୀ ଲୋକଟା ଜହ୍ନ ଘତରେ ଯେପରିକି ଆପଣାକୁ ଚଉଲୁଛି, ସେହି ବାଇଗବା ଗଛ ଆଗରେ, ହୁଙ୍କା ଆଗରେ, ନଡ଼ିଆ ବାଡ଼ି ସାମ୍ନାରେ ।

ଓଃ, ନିଛାଟିଆ, କେଡ଼େ ନିଛାଟିଆ ଲାଗୁଚି ! ଶୂନ୍ୟ ପଥରେ ଏକୁଟିଆ ଯାତ୍ରୀ ପରି । ସହରର କାନ ଅତର ଗହଳ ଶବ୍ଦ ବନ୍ଦ ହୋଇଯାଇଛି । ଗହଳି ସମ୍ବନ୍ଧ, ଦିଆ ନେଣା, ଭେଟାଭେଟି, ପାଗ୍ଲେଟା ପାଗ୍ଲେଟି, ଏକା ପଙ୍ଗତ ସବୁ ତୁଟି-ଯାଇଛି । ହାଟ ଯାଇଛି ଭାଙ୍ଗି, ପସରା ଖାଲି । ପବନ ବି ଥମ୍ଭିଯାଇଛି, ନଡ଼ିଆ-ଗଛର ବାହୁଙ୍ଗା ସବୁ ଅସାଷ୍ଟମ ହୋଇ ଲୁଳିପଡ଼ିଛି ଆକାଶକୁ ପିଠି ଭିଡ଼ ଦେଇ, ଜହ୍ନ ବି ଢଳିଲଣି ମାରସ, ଏଥର ସେ ନିଭିବ ।

Digitized by srujanika@gmail.com

ସବୁ ଏଥର ଥଣ୍ଡା ହୋଇଯିବ । ବସନ୍ତ କେବେ କେଉଁ ଛଟକରେ ଆସିଥିଲା କେଉଁ ଛଟକରେ ଗୃଲାଯାଇଛୁ । ମନେପଡୁଛି ସତେ ତ, ଯୁଆଡ଼େ ଦେଖିଲେ ନାଲି ଫୁଲ ଭର୍ତ୍ତି ଦଶୁଥିଲା । ଶୁଖିଲା ଶିମିଳୀ ପାଳଧୂଆ ଗଛରେ ବ ଅତି ସୁନ୍ଦର ନାଲି ଫୁଲ ଖଞ୍ଜି ହୋଇଯାଇଥିଲା ଗୋଡ଼ରୁ ମୁଣ୍ଡଯାକେ, କେତେ ସୁନ୍ଦର ଛୁଆଅଣ୍ଟିଆ ଟିକ ଚଢ଼େଇଟିମାନେ ଆସିଥିଲେ ଫୁଲ ଖୁଣ୍ଟିବାକୁ । ଜାମୁଗଛ ଆଗରେ ଗୋଲାପିପନ ଝଟକୁଥିଲା । ଗଛରେ ନୂଆ ବର୍ଣ୍ଣ, ପଶୁପକ୍ଷୀଙ୍କଠି ନୂଆ ଉଲ୍ଲାସ । କୁକୁରମାନେ ପଲ ପଲ ହୋଇ ଧବାଧର ଲଗାଉଥିଲେ । ଘରଚଟିଆ, ବଣିଚଢ଼େଇ ଖୁସାଖୁସି ଗଡ଼ାଗଡ଼ ହୋଇ ଯାଉଥିଲେ ଚଞ୍ଚି କଟାକଟି ହୋଇ ଆପଣା ପୁରୁଷପଣ ଜାହିର କରିବାକୁ । ପାରି ଅଣ୍ଡା ଦେଇ ଛୁଆ ଫୁଟାଇଥିଲା, କୁକୁଡ଼ା ବ ଛୁଆ ଫୁଟାଇଥିଲା । ଉମ୍ବ ଦେବା, ଛୁଆ ଫୁଟେଇବା, ଫଳିବ—ସବୁସ ଖାଲି ଏଇ କଥା ।

ବସନ୍ତ ଆସିଥିଲା । କୁଆଡ଼େ ଗଲା ସେ ? ସେ ନିଜେ କଣ ବା କରୁଥିଲା ଯେତେବେଳେ ଯେତେବେଳେ ବସନ୍ତ ଆସିଥିଲା ?

ବହ୍ଵଳ ହୋଇ ଠିଆ ହୋଇପଡ଼ି ସେ ଗାଡ଼ିକି ଲେଉଟିଗଲେ । ମନେ ମନେ ସେଇ ଗୋଟିଏ ରାଗିଣୀ ଖେଳୁଛି—ଯେ ବସନ୍ତ ଆସିଥିଲା ଓ ଗୃଲିଗଲା, କ'ଣ କରୁଥିଲା ସେ ?

ମନେପଡ଼ୁଛି, ନଈ କଣ୍ଠିଆରେ ଓସ୍ତ ଗଛତଳେ ବସିଥାଏ ଜଣେ ବାବାଜି, ଯେତେବେଳେ ଦେଖିଲେ ଖାଲି ବସିଥାଏ, ପ୍ଯାଡ଼ୁକୁ ସ୍ୟାଡ଼ୁକୁ ଅନାଉ-ଥାଏ । ମନ ହେଲେ ଖାଲି ଭୂଇଁଟାରେ ଚିତ୍‌ହୋଇ ଶୋଇପଡ଼ି ଫାଙ୍କା ଆକାଶକୁ ଅନାଇଁ ଅନାଇଁ ବେଳ କଟାଏ । ଯେତେବେଳେ ଲୋକ ଅଧୀର ଛଟପଟ ଅନବୃ ଯେ କେମିତି ଘର ଚଳିବ, କି କେମିତି କୋଠା ଗଢ଼ିବାପାଇଁ ସିମେଣ୍ଟ ଯୋଗାଡ଼ କରିପିବ, କି କେମିତି ଆପଣା ହାତକୁ କ୍ଷମତା ଆସିବ, ସେତେବେଳେ ଅଳସୁଆଙ୍କ ଗୁରୁ ସେଇ ବାବାଜିଟା ନିକମା ହୋଇ ବୁଲେ, ବସେ, ଶୁଏ, ଗୁଡ଼ଳ ବଞ୍ଚ ଦିଏ ଚଢ଼େଇ ଖାଇବେ ବୋଲି, କଡରେ ଥାଇ ଦେଖେ, ନଡ଼ା ଉଧାର ଆଣି ଗୋରୁଙ୍କୁ ଖାଇବାକୁ ଦିଏ, ମାଙ୍କଡ଼ଙ୍କୁ ନିମନ୍ତ୍ରଣ କରେ, ଫଳ ପରିବା ମାହା ଭିକ୍ଷା କରିଥାଏ ତାଙ୍କୁ ଦେଇ ଦିଏ । ଏପରି କି ସାହିରୁ ଗୁଡ଼ ମାଗି ଆଣି ପିମ୍ପୁଡ଼ିମାନଙ୍କ ପାଇଁ ତଳେ ଢାଳିଦିଏ । ସାନ ମଣିଷଟିଏ ଅଡ଼େଇ ହାତ ହେବ । ଆଜି ତା'ର ଘୁଡ ଛଳଯାକେ ଦାଢ଼ି, ମୁହଁର ହାଡ଼ ଗାଡ଼ ଲୁଚି ଯାଇଥାଏ ।

Digitized by srujanika@gmail.com

ଯେ ନିଜେ ତାକୁ କେତେ ଅଛା କରୁଛି, ଆଉ କହୁଛି ଯେ ଏମିତି ଲୋକଗୁଡ଼ାଙ୍କୁ ଧରି ଧରି ଜାହାଜରେ ପୂରାଇ ଆମେରିକା ପଠାଇ ଦେଲେ ସ୍ବାଙ୍କ ଜୀବନର ବି କିଛି ସଦ୍‌ବ୍ୟବହାର ହୁଅନ୍ତା, ଆଉ ବୈଜ୍ଞାନିକ ଗବେଷଣା ପାଇଁ ମାଙ୍କଡ଼ମାନଙ୍କ ଅପେକ୍ଷା ଏମାନେ ହୁଏତ ବେଶି କାମରେ ଆସନ୍ତେ । କିନ୍ତୁ ଲୋକେ ବି ଥିଲେ ଯେ ଆସି ତା' ଗୋଡ଼ତଳେ ମୁଣ୍ଡିଆ ମାରୁଥିଲେ, ବାବାଜି ମଧ୍ୟ ସେହି ଲୋକଙ୍କୁ ଆଶୀର୍ବାଦ କରୁଥିଲା । ବାବାଜୀଟା କେଉଁ ଦିନୁଁ ତା'ର ଚହ୍ଲାଜଣା ଭିତରୁ କୁଆଡ଼େ ଚାଲିଗଲାଣି ।

ଲାଗୁଛି, କଣ୍ଡିଆରେ ଉପ୍ତ ଚେଛତଳେ ବସି ତା'ର ଆଡ଼କୁ ଅନାଇଁ ଅନାଇଁ ସେହି ବାବାଜି ହସୁଛି । ସେ ଥିଲେ ହସୁପଛେ କହୁଥାନ୍ତା ହୁଏତ, ବସନ୍ତ କେବେ ଆସିଲା କେବେ ଗଲା, ସେ କହୁଥାନ୍ତା ପରା । ପଛକୁ ପଛ ଖଞ୍ଜି ହୋଇ ଅତୀତ ଭିତରକୁ ଯେଉଁ ଦିନମାନେ ଚାଲିଯାଇଛନ୍ତି ତାଙ୍କର କଥା, ହୁଏତ ସେ ବର୍ଣ୍ଣନା କରିଥାନ୍ତା । ସେହି ଦିନସବୁ ଯେତେବେଳେ ଝଟକୁଥିଲେ, ସେତେବେଳେ କ'ଣ କ'ଣ କାହାଣୀ ଘଟିଥିଲା ତା' ଆଖି ଆଗରେ, ଆକାଶରୁ ତଳର ଧୂଳି ପର୍ଯ୍ୟନ୍ତ ଯାକେ ସବୁଠିଁ ।

ହେଲେ ଯେତେ ଯାହା ଝଡ଼ିପଡ଼ୁଛି, ଚାଲିଯାଉଛି, ଅନ୍ତର୍ଦ୍ଧାନ ହୋଇଛି, ସେକଥା ସେହି ବାବାଜିହିଁ କହୁଥାନ୍ତା ପରା, ସେ ନିଜେ ତ କେବେ ନୁହେଁ ।

ସେ ଦିନେ ଖାଲି ଅଛି, ଜୀବନରେ ଭାଗ ନେଇ ନାହିଁ ପରା । ଅଥଚ କେତେ ଘଟଣା ସହିତ ତା' ନାଁ ଯୋଡ଼ା ହୋଇଛି । କେତେଠି କେତେ ଲୋକ ଅକାଳରେ ଜୀବନ ଦେଇଛନ୍ତି । କିଏ କେତେ ହରାଇଛନ୍ତି ଘର, ସମ୍ପତ୍ତି, ସ୍ୱାଧୀନତା । କେତେଠି ଭାଜି ବଢ଼ିଛି, ଫାଜି ବଢ଼ିଛି, କେତେ କୂଟ କପଟ, ଯନ୍ତ୍ର, ମନ୍ତ୍ର, ତନ୍ତ୍ରର ଚକ୍ର ବସିଛି, କେଉଁଠି ପେଷଣ, କେଉଁଠି ଶୋଷଣ, ସମ୍ବାଦ ତିଆରି ହୋଇଛି । ଖବରକାଗଜରେ ବଡ଼ ବଡ଼ ଅକ୍ଷରରେ ଛପା ହୋଇଛି କେତେ କଥା କେତେ ଫଟୋ । କେତେ ବଡ଼ ବଡ଼ ସଭା ସମିତି, କେତେ ପଟୁଆର, କେତେ ଫୁଲମାଳ ପୁଣି କେତେ ଗାଳି, ଦୁନିଆ ସଙ୍ଗେ ସଙ୍ଗେ ସେ ବି ଦୂରୁଛି, ଖୁବ୍ ଜୋର୍‌ରେ ଦୂରୁଛି ।

କିନ୍ତୁ ତାକୁ ଲାଗୁଛି, ଖୁବ୍ ଜୋର୍‌ରେ ଦୂରୁଛି ଯେ ସେ ତା'ର ଦେହଟା

Digitized by srujanika@gmail.com

ସୌରଜଗତ୍ ଘୂରୁଛି, କହନ୍ତି । ପୃଥିବୀ ଘୂରୁଛି । ସେଇଥିରେ ତା'ର ଦେହଟା ବି ଘୂରୁଛି । ସେ ସୃଷ୍ଟି କରି ନାହିଁ କିଛି, ଶାଗପଖଟିଏ ବି ନୁହେଁ । ଯାହା ସେ କରିଛି କେବଳ ଭାବନା, ସେ ଘଟଣା ଖାଲି ତାକୁ ନିମିତ୍ତ କରିଛି । ସେ କରିନାହିଁ ଘଟଣାକୁ ।

କରିପାରିଥାନ୍ତା ଯାହା ସେ ମଣିଷ-ସମ୍ବନ୍ଧ । ହାତ ଟେକି ପରକୁ ଦାନ ଦେଇ ପାରିଥାନ୍ତା, ଶୋଷୀ ମୁହଁରେ ପାଣି ମନ୍ଦଏ, ଗୋରୁ କୁଣ୍ଡରେ ତୋରାଣି ମନ୍ଦଏ, ଭୋକୀ ପାଇଁ ଭାତ, ଅଭାବୀ ପାଇଁ ଜୀବନଧାରଣର ଉପକରଣ । କାହାପାଇଁ ଜମି ଖଞ୍ଜି ଦେଇ ପାରିଥାନ୍ତା, କାହାପାଇଁ ଦେଇ ପାରିଥାନ୍ତା ଆପଣା ଦେହ ବଳ କି ଆପଣା ସମୟ । କିଛି ନ ହେଲେ ସ୍ନେହରେ କାହା ପିଠି ଆଉଁସି ଦେଇଥାନ୍ତା, କାହା ଲୁହ ପୋଛି ଆହା କହିଥାନ୍ତା, ତା' ନ ପାରିଲେ ଅନ୍ତତଃ ଆପେ ହସି ହସି ଦୁନିଆକୁ ହସେଇ ପାରିଥାନ୍ତା । ସେ ହସେଇ ପାରିନାହିଁ ଚିଡ଼େଇଛି, କନ୍ଦେଇଛି । ଖୋଇ ନାହିଁ, ଯାହା ଲୋକେ ଭୁଞ୍ଜିଥାନ୍ତେ ତାକୁ ଅଟକ କରି ଫାଟକ ପକାଇ ତାଲା ଦେଇଛି ।

ସେହି ବାବାଜିଟା ଜିତିଗଲା, କିଏ ପତରଚକ ବାଇଟୁଙ୍ଗୁରି, କିଏ ହନୁଆ ମୂଳିଆ ମଳମୁଣ୍ଡିଆ, କିଏ କେତେ ଯେଉଁମାନଙ୍କୁ ସେ ସାନ ବୋକା ମଣିଛି, ସେମାନେ ଜିତିଗଲେ । ଜୀବନକୁ ଜାଣି ଜାଣି ଭୋଗ କଲେ, ମଣିଷକୁ ଭଲ ପାଇଲେ । ସ୍ନେହର ଡୋରି ଲଗାଇ ପରସ୍ପର ପାଇଁ ସୁଖବେଳେ ହସି ଦୁଃଖ-ବେଳେ ଆହା ଚୁ ଚୁ କରି କିଏ କୁଆଡ଼େ ଗଲେ ।

ଆଜି ସେ ନିଜେ, ଯେତେ ପଣ୍ଡିତ ଦେଖାଇଲେ ବି ଯେତେ ବିଦେଶୀ ଭାଷା ଭାବଧାରା କୂଟ କୌଶଳ ଆଲୋଚନା କରି କରି ଯେତେ ନିଜ ବଡ଼ପଣ ଜାରି କରି ସମସ୍ତ ଦାଉରୁ ତାକୁ ଡେଙ୍ଗା ଦେଇ ଟେକି ରଖିବ, ସେ ପଡ଼ିଛି ଜାନୁଭଙ୍ଗ ଦୁର୍ଯ୍ୟୋଧନ ହୋଇ ।

ସେ ହୋଇଥାନ୍ତା ରାଜା ମାନଗୋବିନ୍ଦ !

ଏଇ ପ୍ରକାଣ୍ଡ ଫାଟକ ବାଟେ ପ୍ରକାଣ୍ଡ ଗାଡ଼ି ଗଡ଼ିଚାଲିଲା । ଢ଼' କରେ ବଗିଚା, ଜହ୍ନ ରାତିରେ କି ମାୟାଜାଲ ଟାଙ୍ଗି ହୋଇରହିଛି ସେଠି ! ନା, ସରିବ ନାହିଁ ଏ ଜହ୍ନରାତି ! କି ବାସ୍ନା ଫୁଲମାନଙ୍କର ! ମାଳତୀ, ବଉଳ, ପୁନାଙ୍ଗ । ଆଲୁଅ ଆଉ ବାସ୍ନା, ଆଉ କେତେ ଅସଂଖ୍ୟ ମାୟା ଶବ୍ଦ, ମାୟା ସୌନ୍ଦର୍ଯ୍ୟ ।

Digitized by srujanika@gmail.com

ଧୀରେ ନଅ ଗାଡ଼ି, ନା, ରଖ । ଗୁଲେଁ ଏତକ ବାଟ, ତୁମେ ଫେରି ଆସିବ । ମାଟିରେ ଜହ୍ନ ଆଜି ଅନ୍ଧାରର ପତ୍ର ପତ୍ର ଗାରରେ ଅଙ୍କା ହୋଇଛି ଅପରୂପ ଛବି । ବଡ଼ ବଡ଼ ଗୋଲ ଗୋଲ ମଧ ଗୋଳିଆ ଗୋଳିଆ ହୋଇ କମ୍ପକୁଟ ହୋ'ଇଛି । ତାଳଗଛର ବି ଅପରୂପ ସୌନ୍ଦର୍ଯ୍ୟ । ଝିଙ୍କାରି ଦୁଇଟି ଝିଁ ଝିଁ କରୁଛନ୍ତି । ଆଗରେ ପୋଖରୀ । ପାଣିରେ ପଡ଼ୁଛି ବଡ଼ ଜୋଠାର ଛୁଇ ଆଜି ଜହ୍ନ ଆଲୁଅ । କେତେ ପତନରେ କେତେ ରୂପରେ ଗନ୍ଧମାଦନ । ଧୀରେ ଧୀରେ ପାଦ ବଢ଼ାଇ ବଢ଼ାଇ ସେ ପାହାଚ ପାଖେ ପହଞ୍ଚିଲା । ମନେପଡ଼ୁଛି, ପାଖେ ଯେଉଁ ଠିକ ଦାଢ଼ିଆ ବାବାଜି ଜଣକ । ନଣ୍ଡ କଣ୍ଡିଆରେ ଓସ୍ତ ଗଛମୂଳେ, ପାଖେ ଏକ କଳ୍ପନା, ମାନସରୋବର ପାଖେ ଜାନୁଭଙ୍ଗ ହୋଇ ରାଜା ମାନଗୋବିନ୍ଦ । ସେ ରାଜା ବି ଆଶା କରିଥିଲା, କ୍ଷମତା ଲୋଡ଼ିଥିଲା, ଜାହା ମୁଣ୍ଡ ରହିବ କି ଗଡ଼ିବ କଳନା କରିନଥିଲା । ଯାହାଁତକ ତା' ନିଜ ଉଦ୍ଦେଶ୍ୟ ପୂରୁଥିବ । କେଡ଼େ ବଡ଼ ଥିଲା ତା'ର ଗାଦି । ମନ୍ତ୍ରୀ ନୁହେଁ, ରାଜା ନୁହେଁ, ସାମାନ୍ୟ ଉକ୍ରେଟର ନୁହେଁ, ମହାଭାରତର ମହା ମାନଗୋବିନ୍ଦ । କରିବା କରିବ କୁହାଟ ଛାଡ଼ି କୁଦାମାରି କରୁଛି ସେ କରିପାରିଲା ନାହିଁ । ସାମାନ୍ୟ ଗୋଡ଼ଚଳିଆ ଘାସ ବି ତା'ର ମାଟି ପାଉଁଶ ଉପରେ ଚେର ବାନ୍ଧଦେଇ ମାଡ଼ିବସିଲା । ଏଇ ତା'ର ବ୍ୟାସ ସରୋବର । ଏଇ ପୋଖରୀ । କାହିଁକି ଆଜି ଘର ଭିତରେ ପଶିବ ? ଏଇଠି ବରଂ ଯବନିକା ପଡ଼ିଯାଉ । ଯେତେ ବିଫଳତା, ଆତ୍ମଗ୍ଲାନି, ଈର୍ଷା, ହିଂସା, ସନ୍ଦେହର ବୋଝ ତା' ମୁଣ୍ଡ ଉପରେ ବନ୍ଧାହୋଇଛି ଓହ୍ଲେଇଯାଉ ସବୁ ଏଇଠି, ଏଇ ସୁନ୍ଦର ରାତ୍ରିରେ ସେ ମାଟିକି ଦେହ ଫୋପାଡ଼ି ଦେଇ ଛୁଇ ଆଲୁଅରେ ଯାଉ ମିଶି ।

ପାହାଚେ ପାହାଚେ ଆଗକୁ ଆଗକୁ ପାଦ ଉଠୁଛି ପାଦ ପଡ଼ିଯାଉଛି । ହ' କରେ ଫୁଲଗଛର କୁଣ୍ଡ ଧାଡ଼ି ଧାଡ଼ି ସାଇତା ବଗିଚା ନାନା ସ୍ତରରେ । ମନେ ମନେ ତୀବ୍ର ଉତ୍ତେଜନାରେ ଭାବୁଛି, ଏଥର—ଏଥର—ଏଥର ହେଉ ଏଇଠି ତା'ର ଅଧ୍ୟାୟ ଶେଷ । ସେ ହାରିଛି, ଏଇ ସାନ ସାନ ବଳଟେ ବଳଟେ ମଣିଷଙ୍କ ପାଖେ ହାରିଛି, ଆଉ ହାରୁଛି ଆପଣା ଅତୀତ ପାଖେ । ଆଜି ଏଇତକ ବାକିଥିଲା, ଏଇ ଊରୁଭଙ୍ଗ, ଆଜି ସେ ବୁଝିଛି, ଯୁଦ୍ଧ ବି ରହିଲା ନାହିଁ । ଘଟିଗଲା । ହନେ ତ ଏ ଖେଳ ସରିଥାନ୍ତା, ଏ ମୁଖା ଖସିପଡ଼ିଥାନ୍ତା, ଏ ଯାହାର ଯାହା ମନ ଓରମାଣ ଥିଲା ଲୋକେ ତାକୁ ତୁଣ୍ଡ ମୁଖରେ ମେଣ୍ଟାଇ ଥାଆନ୍ତେ । ଆଜି ଆପଣାକୁ

Digitized by srujanika@gmail.com

ଠିକ ହେଉନାହିଁ, ସେ ଯାହାକରୁଛି ସବୁ କର୍ତ୍ତବ୍ୟ ଅନୁସାରରେ, ବିବେକ ପରାମର୍ଶରେ କରୁଛି ବୋଲି ।

ମୁଣ୍ଡ ଭିତର ଝଣଝଣ ହେଉଛି । ଆଖିରେ ଜୁଳୁଜୁଳିଆ ପୋକ ଦେଖୁଛି । ମୁଣ୍ଡ ଭିତରେ କିଏ ହୁଇସରେ ଫୋପାଡୁଛି । ମୁଣ୍ଡଟା କେଡ଼େ ବୋଝ ! ଯାହାତ ସରିଲା, ଏଥର ଦୁଆରମୁହଁ, ଏଇଠି ବୋଧହୁଏ ସେ ପଡ଼ିଯିବ । ବୁଲିପଡ଼ି ଶେଷ ଦେଖା ଦେଖିବା ପାଇଁ ସେ ତା'ର ବିସ୍ତୃତ ବଗିଚା ବାଡ଼କୁ ଦେଖିବାକୁ ଲାଗିଲା । ସବୁଯାକ ମମତା ଟାଣି ଓଟାରି ଚୂନ କରୁଛି । ଆଜ ଭାବୁଛି, ସେ ଆଖି ବୁଜିଲେ ସ୍ତ୍ରୀକୁ ବି କେହି ଭୂତଣୀ ଖାଇବେ, ଭାଗ କରି ନେବେ । କୁରାଢ଼ିରେ ଶ୍ଳେଟ ଶ୍ଳେଟ କରି ହାଣି ପକେଇବେ ଏ ଗଛ ଗୁଡ଼ାକ । ଗୋଲାପ ବଣ କାଟି ଲଗାଇବ କେହି ବାଇଗଣ । ଗଛକୁ ଟାଙ୍ଗ ଜାଳି ହୁଏତ ଧାନ ସିଝାଇ ଦେବେ । ଧ୍ୱଂସ—ଧ୍ୱଂସ—ଧ୍ୱଂସ ! ବରଂ ତା' ଆଗରୁ ଏଇଠି ଏଇ ମୁହୂର୍ତ୍ତରେ ସେ ମରିବା ଦରକାର । ଏଇ ତା'ର ପ୍ରାଣ ଛୁଡ଼ ଛୁଡ଼ ଆସୁଛି ପରା । ଆଖିପତା ତାଙ୍କି ହୋଇଆସୁଛି । ମୁଣ୍ଡ ଭିତରେ ଏକ ବିଚିତ୍ର ଅନୁଭୂତି । ଦୁଆରବନ୍ଧ ଆଡ଼କୁ ତଳି ପଡ଼ି ସେ ଭାବିଲା ହେଇ ଏଥର ସେ ମଲା ।

ଆଖି ଖୋଲିଲା । ଦେଖିଲା ଯାହା ଯେଉଁଠି ଥିଲା ସବୁ ସେଇଠି ଅଛି । କିଛି ନଭ ନାହିଁ । ସେ ମରି ନାହିଁ ! କେତେବେଳଯାକେ ଏଠି ଏମିତି ଛୁଡ଼ା ହୋଇଥିଲା ଜାଣେ ନାହିଁ । ଯୁଗେ ଲାଗୁଛି, ବାସ୍ତବିକ ମୋଟେ ମିନିଟିଏ ହେବ କି ନାହିଁ ।

ଏ କିଛି ନୁହେଁ । ଗୋଟାଏ ବୈଦ୍ୟୁତିକ ବିସ୍ଫୋରଣ ମାତ୍ର । ସ୍ନାୟୁ ବେଶି ହେଲେ ଯେପରି ହୁଏ ।

ଏପରି ଅବସ୍ଥାରୁ ବି ତାକୁ ଆତ୍ମରକ୍ଷା କରିବାକୁ ପଡ଼ିବ ।

ଆପଣାର ଯୁକ୍ତିକୁ ଆପଣାର ବିଶ୍ୱାସ ବି ଆସିଲା ନାହିଁ ।

ସେହି ମଣିଷଟା ସେ ମଲା ନାହିଁ; ବରଂ ଠକ୍ ଠକ୍ ଠକ୍ ହୋଇ ପଶିଗଲା ଆଲୁଅ ଝଲଝଲ ଘର ଭିତରକୁ । କାହାରିକି ଡାକିଲା ନାହିଁ । ଆସ୍ତେ କବାଟ ଆଉଜେଇ କିଳିଦେଲା । ବଡ଼ ଦର୍ପଣ ସାମନାରେ ବସିପଡ଼ିଲା ଆରାମ ଗଦି ଉପରେ ।

Digitized by srujanika@gmail.com

ଏଥର ସେ ଧୀରେ ଧୀରେ ଆପଣାକୁ ଖୋଲିବାକୁ ଲାଗିଲା । ଦାନ୍ତ ଖୋଲି ଥୋଇଦେଲା । ମୁଣ୍ଡ ଉପରୁ ନକଲି ବାଳର ଖୋଳପା କାଢ଼ି ଥୋଇଦେଲା । ତା ମୁଣ୍ଡରେ ଗୋଟିଏ ବି ବାଳ ନାହିଁ । ପରସ୍ତ ପରସ୍ତ ସବୁ ଭେକ କାଢ଼ି ରଖିଦେଲା । ଚଷମା ଓହ୍ଲେଇ ପକାଇଲା । ମୁହଁକୁ ଧୋଇଲା, ପୋଛିଲା, ଆଲମାରିରୁ ବୋତଲମାନ କାଢ଼ି ଖାଦ୍ୟସାର ସାଇତା ହୋଇଥିବା ଔଷଧ ଗୁଳି ଗିଳିବାକୁ ଲାଗିଲା, ସ୍ୱେ ଚୂନ, ସ୍ୱେ ଲୁହା ସ୍ୱେ କଲିଜା, ସ୍ୱେ ଭିଟାମିନ୍ ବି, ସ୍ୱେ ଭିଟାମିନ୍ ସି, ସ୍ୱେସବୁ ମିଶାମିଶି ମଲଟିଭିଟାମିନ୍, ସ୍ୱେ ପ୍ରିଡାଇଜେସ୍‌ଟେଡ଼ ପ୍ରୋଟିନ୍ । ସେ ବଞ୍ଚିଛି । ସେ ବଞ୍ଚିବ । ଏଥର ଖୁଡ଼୍‌ଖାଡ଼୍ ଶୁଣିବେଣି ଘର ଭିତରେ । ଏଥର ସେମାନେ ଧାଇଁଆସିବେ ଅତି ଗେହ୍ଲାରେ, ଅତି ଆନନ୍ଦରେ, କାରଣ ତା'ଠି ସେମାନଙ୍କର ଆଶା ଅଛି । ସେମାନେ ତାକୁ ଆପଣାର, ଅତି ଆପଣାର ବୋଲି କହିବେ, କାରଣ ସେମାନେ ତା ଉପରେ ବଞ୍ଚିଛନ୍ତି । ଯେପରି ପୁରୁଣା ଦେଉଳ ଉପରେ ଚେର ଗୁଞ୍ଜେଇ ଯେଉଁ ଓସ୍ତ ଗଛ ବଢ଼େ, ତା' ଉପରେ ବି ବଞ୍ଚନ୍ତି ମଲ୍ଲିଙ୍ଗ । ପେଟରେ ଯେଉଁ କେଞ୍ଚୁଆ ହୁଏ, ତା' ଭିତରେ ବି ଅନ୍ୟ କେତେ ପୋକ ଘର କରି ରହନ୍ତି ତାହାଠୁ ଖାଇ ଖାଇ ।

ଆଜି ସେ ମରିନାହିଁ ସେ ବଞ୍ଚିଛି, ସେ ବଞ୍ଚିବାକୁ ଚାହେଁ । ହଠାତ୍ ସେ ହୋ ହୋ ହୋଇ ହସିବାକୁ ଆରମ୍ଭ କଲା । ସମୁଦାୟ ବଳ ଖର୍ଚ୍ଚ କରି ଚିତ୍କାର କରି ହସିଲା । ଆଜି ସେହି ହସର ପ୍ରତିଧ୍ୱନି ପରି ଆଜି କେତେ ହସ ଶୁଭିଲା କଅଁଳ ପାଟିରେ । ଆଜି ପକା ଉପରେ ଟିକି ଟିକି ପାଦରେ ଦଉଡ଼ି ଆସିବାର ଶବ୍ଦ । ତା'ର ହସର ସୁଅ ଅଟକିଲା ନାହିଁ ।

କାଉ

“ଓଃ ! କାଉଗୁଡ଼ାକ ଭାରି ଗୋଳମାଳ କଲେ !” ଶିବଶଙ୍କର ବିରକ୍ତ ହୋଇ ପରଦା ଠେଲି ଦାଣ୍ଡପିଣ୍ଡାରେ ଆସି ଠିଆହେଲେ ।

ସେତେବେଳେ ସକାଳ ନଅଟା । ବଙ୍ଗଳାର ଏତେ ବଡ ହତାଟା ଜନଶୂନ୍ୟ । ଦୂରରେ ହତା ପାଚେରି ସେପାଖେ ସଡକ କଡରେ କଡରେ ଧାଡ଼ି ହୋଇ ଯେଉଁ ଝଙ୍କା ଗଛଗୁଡ଼ାକ ତାହାରି ଉପରେ ଉଡ଼ି ଉଡ଼ି କାନ ଅତରା ପକେଇ ରଡ଼ୁଛନ୍ତି ପଲ ପଲ କାଉ, ସେଠୁ ଉଡ଼ିଆସି ଚହଳ ପକାଉଛନ୍ତି ହତା ଉପରେ, ହତା ଧଡ଼ରେ ଠାଏ ଠାଏ ଯେଉଁ କେତେଟା ଝଙ୍କା ଗଛ; ସେଠି ବି ବସିପଡ଼ି ରଡ଼ୁଛନ୍ତି ।

“କ’ଣ ହେଇଛି ଏଗୁଡ଼ାକଙ୍କର ! କେହି କ’ଣ ନାହିଁ ଏଗୁଡ଼ାକୁ ଘଉଡ଼େଇବାକୁ !” ଅସହଣି ବିରକ୍ତିରେ ଶିବଶଙ୍କର ଗରଗର ହୋଇ ଅନାଇଁ ରହିଲେ, ଗୁଡ଼ିକନା ନିଘାରେ ଲାଗିଗଲା—ଆଜି ଏ ହତାଟା ଜନଶୂନ୍ୟ ! ସବୁଦିନେ ସକାଳେ ଏଠି କେତେ ଲୋକ ଜମା ହୋଇଥାନ୍ତି, ହତା ଫାଟକ ସେପାଖେ ସଡ଼କ କଡ଼ରେ ବି ଗହଳି ଥାଏ, ଥୁଆ ହୋଇଥାଏ ବହୁତ କାର୍, ସ୍କୁଟର, ରିକ୍ସା, ସାଇକେଲ; ଲୋକେ ଆସି ଅପେକ୍ଷା କରିଥାନ୍ତି କେମିତି ତାଙ୍କ ସଙ୍ଗରେ ଟିକିଏ ଦେଖା ହେବ ବୋଲି, ଆଜି କେହି ନାହାନ୍ତି । ସଙ୍ଗେ ସଙ୍ଗେ ପୁଣି ତାଙ୍କ ମନ ଭିତରେ ହାଲୁ ହାଲୁ ଜଳିଲା ସେହି ଦୁଃଖ, ନୈରାଶ୍ୟ, ଅପମାନ ଓ ରାଗ । କାଲି ଉପରଓଳି ପାଞ୍ଚଟା ବେଳେ ନିଜ ଦୁର୍ଭାଗ୍ୟ ବିଷୟରେ ଦୁଃସମ୍ବାଦଟା ତାଙ୍କୁ ଜଣାଇ ଦିଆଯିବା ବେଳଠୁଁ ଯହିଁରେ ସେ ଛଟପଟ ହେଉଥିଲେ । ରାତିଯାକ ଶୋଇ ପାରିନାହାନ୍ତି, ଖୁବ୍ ଡେରିରେ ବିଛଣାରେ ପଡ଼ିଥିଲେ, ବାରମ୍ବାର ଉଠିପଡ଼ି ଘରଯାକ ଏକର ସେକର ବୁଲି ବୁଲି ପୁଣି ଶୋଇବାକୁ ଚେଷ୍ଟା କରୁଥିଲେ, ପାହାନ୍ତାରୁ ଉଠିପଡ଼ି ନିତ୍ୟକର୍ମ ସାରି ଶୋଇବା ଘରେ ଗୁମ୍ ହୋଇ ବସିରହିଥିଲେ, ଆହତ ଜନ୍ତୁପରି ଛପି ରହି ନିଜ କ୍ଷତ

Digitized by srujanika@gmail.com

ଯାଉଥିଲେ ଓ ଦୁଃଖରେ ଅପମାନରେ ସଂଗରେ ସନ୍ତୁଳ ହେଉଥିଲେ । କାହାକୁ ମୁହଁ ଦେଖାଇବାକୁ ସେ ଇଚ୍ଛୁ ନ ଥିଲେ । କାହାଠୁଁ ହ'ପଦ ସହାନୁଭୂତି ଶୁଣିଲେ କି କାହାର କଛି କୁତୂହଳୀ ପ୍ରଶ୍ନ ଶୁଣିଲେ ତାଙ୍କୁ ଲାଗନ୍ତା କଣ୍ଟା ଘା'ରେ ଚୂନ ପଡ଼ିଲା ପରି, ସେ ନିଜ ଫୋନ୍ ଖୋଲି ଥୋଇଦେଇଥିଲେ, କବାଟ କିଲିଥିଲେ । କିନ୍ତୁ ଅନବରତ ଲାଗିରହିଥିବା କାଉଗୁଡ଼ାକଙ୍କ ଅଚଞ୍ଚିଆ କର୍କଶ ବୋବାଳି ତାଙ୍କୁ ଖୋଜି ଖୋଜି କେଞ୍ଚି କେଞ୍ଚି ଉତ୍ୟକ୍ତ କରି ପଦାକୁ କାଢ଼ିଥିଲା । ସେ ଶବ୍ଦ ଯେପରିକି ସେ କାଲି ଶୁଣିଥିବା ଦୁଃସମ୍ବାଦର ତାଙ୍କ କାନ ପାଖେ ବାରମ୍ବାର ପ୍ରଚାର, ଯେପରି ସେ କାଲି ସନ୍ଧ୍ୟାରେ ବାରମ୍ବାର ରେଡ଼ିଓରେ ବି ଶୁଣିଥିଲେ, ଦେଶସାରା ଖବରକାଗଜମାନଙ୍କରେ ଲୋକେ ଆଜି ପଢ଼ିବେଣି, ପଢ଼ିବେ—

ଆସନ୍ତା ନିର୍ବାଚନ ପାଇଁ ତାଙ୍କ ଦଳର ପ୍ରାର୍ଥୀ ତାଲିକା କାଲି ସ୍ଥିର ହୋଇଯାଇଛି, ତହିଁରେ ତାଙ୍କ ନାଁ ଆଉ ରଖାଯାଇ ନାହିଁ ।

ତା'ର ତାତ୍ପର୍ଯ୍ୟ ଯେ ମନ ସେ ଆପେ ବୁଝି ପାରିବେ । ମାସେ ପରେ ଦେଶସାରା ନୂଆ ନିର୍ବାଚନ ହେବ । ପ୍ରତି ପ୍ରଦେଶରେ ଯେଉଁ ଦଳର ପ୍ରାର୍ଥୀ ସବୁଠୁଁ ବେଶି ସଂଖ୍ୟାରେ ନିର୍ବାଚନରେ ଜିତିବେ ସେ ଦଳ ପାଞ୍ଚ ବର୍ଷ ପାଇଁ ଶାସନ କ୍ଷମତାରେ ରହିବ । ଜିତିଥିବା ପ୍ରାର୍ଥୀମାନେ ହେବେ ଦେଶର ବିଧାନସଭାରେ ସେ ଦଳର ପ୍ରତିନିଧି । ତାଙ୍କରି ଭିତରୁ ବଛା ହେବେ ପାଞ୍ଚ ବର୍ଷ ପାଇଁ ଦେଶର ଶାସକ ଅର୍ଥାତ୍ ମନ୍ତ୍ରୀ । ଷୋଳଅଣା ସମ୍ଭାବନା ଅଛି ଯେ ପୁଣି ତାଙ୍କରି ଦଳର ପ୍ରାର୍ଥୀମାନେ ହିଁ ବେଶି ସଂଖ୍ୟାରେ ଜିତିବେ ଓ ତାଙ୍କରି ଦଳ ହିଁ ପୁଣି ପାଞ୍ଚ ବର୍ଷ ଶାସନ କ୍ଷମତାରେ ରହିବ । କିନ୍ତୁ ସେ, ଶିବଶଙ୍କର, ଆଉ ମନ୍ତ୍ରୀ ହେବାର କୌଣସି ବାଟ ନ ଥିବ, ବିଧାନସଭାର ପ୍ରତିନିଧି ବି ସେ ନଥିବେ । ଆଉ ମନ୍ତ୍ରିତ୍ୱ ବା କ'ଣ ? ସେ ହୋଇରହିଥିବେ ତାଙ୍କ ଦଳର ହଜାର ହଜାର କର୍ମୀଙ୍କ ଭିତରୁ ଜଣେ, ସେତିକି ।

ଅବଶ୍ୟ ଦଳର ପ୍ରାର୍ଥୀ ତାଲିକାରୁ ଏକା ତାଙ୍କ ନାଁ ଯେ ବାଦ୍ ଦିଆଯାଇଛି, ତା ନୁହେଁ । ଏବେ ଯେଉଁମାନେ କେଉଁଟି ମନ୍ତ୍ରୀ ଅଛନ୍ତି କିମ୍ବା ତାଙ୍କ ଦଳରୁ କେଉଁଠି କେବଳ ବିଧାନସଭାର ସଭ୍ୟ ଅଛନ୍ତି, ଆସନ୍ତା ନିର୍ବାଚନ ଲାଗି ତାଙ୍କ ଦଳର ପ୍ରାର୍ଥୀ ତାଲିକାରେ ସେପରି ଅନ୍ୟ କେତେଜଣଙ୍କ ନାଁ ବି ଆଉ ରଖାହୋଇ ନାହିଁ, ତାଙ୍କ ପରିବର୍ତ୍ତେ ନୂଆ ଲୋକଙ୍କ ନାଁ ରଖାହୋଇଛି । କିନ୍ତୁ

Digitized by srujanika@gmail.com

ଏବେ ଯେଉଁମାନେ ମନ୍ତ୍ରୀ କି ବିଧାନସଭା ସଭ୍ୟ ସେପରି କେତେଜଣଙ୍କ ନାଁ ତ ପୁଣି ନୂଆ ପ୍ରାର୍ଥୀ ତାଲିକାରେ ରହିଛି, ନିର୍ବାଚନରେ ଜିଣିଲେ ସେମାନେ ପୁଣି ହେବେ ବିଧାନସଭା ସଭ୍ୟ, ତାଙ୍କ ଭିତରୁ ପୁଣି କେହି କେହି ମନ୍ତ୍ରୀ ହୋଇପାରନ୍ତି, ସେ—ଶିବଶଙ୍କର ଆଉ ତା' ହେବେ ନାହିଁ ।

"ସେମାନେ ହେବେ ! ମୁଁ ହେବି ନାହିଁ ! ସେମାନେ ହେବେ ! ମୁଁ ହେବି ନାହିଁ ! ଦଳର ଭଲ ପାଇଁ କ'ଣ ମୁଁ ନ କରିଛି ! କେତେ ନିନ୍ଦା ଅପବାଦ ନ ଶୁଣିଛି ! ଧନଗତ କେତେ ନ ଖଟିଛି ! ମୋ'ର ବାହାବଳ ବୁଦ୍ଧିବଳ ପାରିଲାପଣ ଯୋଗୁଁ ତ ଦଳର ଅନ୍ତ ଦମ୍ଭିଲ ଥିଲା, ନାଁ ଉଡୁଥିଲା, କିଏ ନଜାଣେ ? ଅଥଚ ମୋ ପ୍ରତି ଏତେ ଶଠତା ! ଏତେ ଅନ୍ୟାୟ ! ଏତେ ଅକୃତଜ୍ଞତା ! ବେଇମାନ ଦୁନିଆ, ଯାହା କହନ୍ତି ମଧ ଘଡ଼ା କାମ ସରିଲେ ଗଡ଼ଗଡ଼ା—ଉଃ !"

ଆଖିକୁ ଆଉ କିଛି ଦିଶୁ ନାହିଁ, ସବୁ ଚିନ୍ତା ସବୁ ଦୃଶ୍ୟ ଏକାଠି ମିଶି ଗୋଳ ହୋଇ ତାତି ଆଉଟି ହୋଇ ଉଭୁରି ବୋହିଯାଉଛି ନିବର୍ତ୍ତିଆ ତାଉରି ଉହ ଉହ ତରଳ ତେଉ ହୋଇ ଦୂରକୁ, କାହିଁ ଦୂରକୁ ।

କାଉ ଗୁଡ଼ାକ ସେମିତି ଫଡ଼ ଫଡ଼ ହୋଇ ଉଡ଼ି ଗାଉ ଗାଉ କୋବୋବାଉଛନ୍ତି । ଆଖି ଖୋଲି ଧ୍ୟାନମଗ୍ନ ଅବସ୍ଥାରେ ସ୍ଥାଣୁ ହୋଇ ଠିଆହୋଇ ରହିଛନ୍ତି ଶିବଶଙ୍କର, ସେମିତି ଘର ଭିତରୁ ବାହାରି ଆସିଥିଲେ ସେମିତି, ମୁଣ୍ଡବାଳ ଅସଜଡ଼ ହୋଇ ଫରଗୁ ସାବନା କପାଳ ଉପରେ ବିଛେଇ ହୋଇ ପଡ଼ିଛି । ମାଉଁସିଆ ଗୋଲ ମୁହଁ, ଗେବା ନାକ ଓ ମୋଟା ମୋଟା ଓଠ ବାଁ କଡ଼କୁ ଅଳ୍ପ ବଙ୍କେଇ ରହିଛି ଉଦ୍ଧତରେ ଖଟେଇ ହେଲା ଭଙ୍ଗୀରେ, ହୃଷ୍ଟପୁଷ୍ଟ ସାବନା ଦେହରେ ଖଣ୍ଡେ ଗେଞ୍ଜି; ପିନ୍ଧିଛନ୍ତି ଖଣ୍ଡେ ଲୁଙ୍ଗି, ସମୁଦାୟ ଠାଣିରେ ତାଙ୍କର ସ୍ୱାଭାବିକ ବେଖାତିରପଣ, ଦମ୍ଭ ଓ ଔଦ୍ଧତ୍ୟ ।

ତାଙ୍କ ସାମ୍ନାରେ ତାଙ୍କର ସେହି ସରକାରୀ ବସାରେ ଥିବା ଦାମୀ ଫୁଲ-ବଗିଚା, ଜାତି ଜାତି ଫୁଲ ଫୁଟିଛି । ଦେଶୀ, ବିଦେଶୀ ପ୍ରକାର ପ୍ରକାର ଫୁଲ ଗଛ, ଗୁଳ୍ମ, ଲତା, ଆକାର, ଆକୃତି, ବର୍ଣ୍ଣ, ରୂପ, ସଜାସଜି ସବୁଥିରେ ଅସାଧାରଣଭାବେ ଉଚ୍ଚ ଶ୍ରେଣୀର । ଦୂରରୁ ଦୂରରୁ ନାନା ସ୍ଥାନରୁ ସେ ସବୁ ଅଣାହୋଇଛି । ପ୍ରକୃତରେ ଫୁଲ ବଗିଚା ଉପଭୋଗ କରିବା ତାଙ୍କର ସଉକ ନଥିଲା ନଲୁବା ତାଙ୍କ ଘର ଭିତରେ ଯେଉଁ ଆଲମାରି ଜାତିଜାତିକା ବହି ତାକୁ ବସି ପଢ଼ିବା, କମ୍ପା

Digitized by srujanika@gmail.com

ଯେତେ ଦାମୀ ସାଜସଜା ତାଙ୍କ ଘର ଭିତରକୁ ପଶିଲା ମାତ୍ରେ ଆଖିରେ ପଡ଼େ ତାଙ୍କୁ ଗୁନ୍ଧି ଗୁନ୍ଧି ଖୁସି ହେବା । ସେ ସବୁ କେବଳ ଅନ୍ୟମାନଙ୍କୁ ଦେଖାଇ ଦେବାପାଇଁ ଯେ ପ୍ରତି ବିଷୟରେ ସେ ଅନ୍ୟମାନଙ୍କଠୁ ବହୁତ ଉଚ୍ଚରେ । ତାଙ୍କ ରୁଚି ମଧ୍ୟ ଅସାଧାରଣ ଭାବେ ଉନ୍ନତ । ସେ ବଗିଚାଟି ଗଢ଼ିବା ପାଇ ସେ ନିଜେ ମଧ୍ୟ ମୁଣ୍ଡ ଖର୍ଚ୍ଚ କରି ନ ଥିଲେ, କଣିବା ଲୋକଙ୍କୁ ସେ ବରଗି ଦେଇ କହିଥିଲେ, "ବଢ଼ିଆ କରି କର ।" ସେତିକି । "ଏପରି ବଗିଚା ଆଉ କାହାରି ନାହିଁ," ଏତିକି କାହାଠୁ ଶୁଣିଲେ ତାଙ୍କୁ କରିଥିବା ଲୋକେ ଆଶ୍ୱସ୍ତ । "ଏପରି ରୁଚି ଆଉ କାହାର ହେବ ? ଆଉ କିଏ ବା ଏପରି ବଗିଚା କରିପାରିବ ସେ !" କାହାର ଏତିକି ମନ୍ତବ୍ୟ କାନରେ ବାଜିଲେ ଶିବଶଙ୍କରଙ୍କ ମନ ଗର୍ବରେ ଫୁଲିଉଠୁଥିଲା । ତାଙ୍କର ବଗିଚା-ସଉକ ନଥାଉ, କେବେ କେବେ ସେହି ବଗିଚା ଉପରେ ଆଖି ପଡ଼ିଯାଉଥିଲେ ତାଙ୍କ ମନ ଭିତରେ ସବୁବେଳେ ଢ଼ୁଳୁଥିବା ନାନା ସାତପାଞ୍ଚ ଯୋଜନାର କଳ ଟିକିଏ ଧିମେଇ ଯାଉଥିଲା । ଆଖିକୁ ଭଲ ଲାଗୁଥିଲା ।

କିନ୍ତୁ ସେତେବେଳେ ସେ ବଗିଚା ବି ତାଙ୍କ ଆଖିକି ଦିଶିଲା ନାହିଁ, ସେ ଥାଇ ନଥିଲା ପରି । ମୁଣ୍ଡ ଭିତରେ ତତଲା ଯନ୍ତ୍ରଣା, ତାଙ୍କର ସତ୍ତା ଓ ଯନ୍ତ୍ରଣା ସେତେବେଳେ ଏକାକାର, ଅଭିନ୍ନ ।

ସେ ଜଣେ ସୁସ୍ଥ ସବଳ ଯୁବକ, ବୟସ ପଇଁତିରିଶି ପୂରିବାକୁ ବସିଛି । ଅଜାଙ୍କ ଅମଳରୁ, ହୁଏତ ତା' ଆଗରୁ, ଗାଁର ଜଣେ ବଡ଼ ଚାଷୀ ଘର, ବହୁତ ଜମି । ତାହାଛଡ଼ା ଅଜା ଥିଲେ ଗାଁ ମହାଜନ । ବାପା ହେଲେ ବଡ଼ ଚାଷୀ, ମହାଜନ, ସହରରେ କୋଠା ତୋଳି ରହିଲେ ।

କିନ୍ତୁ ବ୍ୟବସାୟ ଆରମ୍ଭ କଲେ, ଆହୁରି ବଢ଼ିଲେ, ହେଲେ କାଣ୍ଟ୍ରାକ୍ଟର, ହୋଟେଲ୍ ମାଲିକ, ଶିଳ୍ପ ଉଦ୍ୟୋଗର ମାଲିକ, ସହରରେ ଜଣେ ଧନୀ ନାମୀ ବ୍ୟବସାୟୀ ବୋଲି ଖ୍ୟାତି ପାଇଲେ । ତାଙ୍କର କୁଟୁମ୍ବ ବଢ଼ିଲା । ତା' ସଙ୍ଗେ-ସଙ୍ଗେ ବ୍ୟବସାୟ ବି ବଢ଼ିଲା । ପିଲାଦିନୁ ଗେହ୍ଲା ଆଦରରେ ବଢ଼ିଲେ ଶିବଶଙ୍କର, ଅଭାବ କ'ଣ ତା' ଜାଣିଲେ ନାହିଁ । ସ୍କୁଲରେ କଲେଜରେ ପାଠ ପଢ଼ିବାକୁ ପଡ଼ିଲା । ପାଠ ପ୍ରତି ଶ୍ରଦ୍ଧା ଯୋଗୁ ନୁହେଁ, ଯେମିତି ପଦାକୁ ବାହାରିଲେ ଆଉ ଦଶଜଣଙ୍କ ପରି କାମିଜ୍ ପିନ୍ଧିବାକୁ ପଡ଼େ, ସେହିପରି । ଦେହକୁ ଯେପରି ହଉ ଯେପରି ଲାଗୁ, ସେଇଟା ସମାଜ ଆଖିରେ ଭଦ୍ରତାର ଭେକ । ପରିଶ୍ରମ

Digitized by srujanika@gmail.com

ନ କରି ଗୋଟାକ ପରେ ଗୋଟାଏ ହୋଇ ପାସ୍ ଗୁଡ଼ାକ କେମିତି କେମିତି ହୋଇଗଲେ, ସମସ୍ତର ଚଳନ୍ତି ଗତି ଅନୁସାରେ ବନା ବିଦ୍ୟାରେ ଯେଉଁ ବୁଦ୍ଧି କୌଶଳ ବଳରେ ପରୀକ୍ଷା ବୈତରଣୀକୁ କେହି ପାରି ହୋଇପାରେ ତା' ତାଙ୍କଠି ଅଭାବ ନଥିଲା । ଜୀବନରେ ସାଫଲ୍ୟ ଅଭିବୃଦ୍ଧି ଉନ୍ନତି କହିଲେ କ'ଣ ବୁଝାଏ ଓ ତାହା କପରି ମିଳେ, ଏ ଉଭୟ ପ୍ରଶ୍ନର ଉତ୍ତର ସେ ମୂଳରୁ ବୁଝିଥିଲେ ନିଜ ପରିବାରରୁ, ସେହି ଶ୍ରେଣୀର ଅନ୍ୟମାନଙ୍କ ଦୃଷ୍ଟାନ୍ତରୁ, ଓ ସେହି ଅର୍ଥରେ ତାଙ୍କ ଘରପରର ଦୁନିଆଁକୁ ଗୃହିଁ ଚହିଁରୁ । ସ୍କୁଲରେ ଉପର କ୍ଲାସମାନଙ୍କରେ ପଢ଼ିଲା ବେଳକୁ ତାଙ୍କର ସ୍ପଷ୍ଟ ଭାବେ ଧାରଣା ହେଲାଣି ଯେ ଖୁବ୍ ପାଠ ପଢ଼ିଲେ ଯେ କେହି ଧନ ସମ୍ପତ୍ତି କ୍ଷମତା ଖ୍ୟାତି ପାଇବ, ନାଁ ଡାକ୍ ହେବ, ସେପରି ଆଦୌ ନୁହେଁ, କେତେ ବଡ ବଡ଼ ପାଠୁଆ ଗୁକରି ପାଇଁ ହାଁ ହାଁ ହୋଇ ବୁଲନ୍ତି, ତାଙ୍କ ବାପାଙ୍କ ପାଖେ କି ଆଉ କେଉଁ ବ୍ୟବସାୟୀ ପାଖେ ଅଳ୍ପ ବେତନରେ ଗୁକରି କରନ୍ତି । ବଡ଼ ବଡ଼ ସରକାରୀ ଗୁକରିଆ ହେଲେ ବି ବଜାରର ଗୁଉଳ-ଡାଲି ଦୋକାନୀଟିଏ ମାସକୁ ଯାହା ଅର୍ଜେ, ତାଙ୍କ ବର୍ଷକର ଅର୍ଜନ ସେତେ ହୁଏ ନାହିଁ ।

ସେହି ବଳରେ ଭାବୁ ଭାବୁ ଆଉ ଟିକଏ ଆଖି ଫିଟିଲା ପରେ ସେ ଜାଣିଲେ ଲୋକେ ଉଜ୍ଜ୍ୱଳ ଛାତ୍ର ହୋଇ ଏ ଦେଶରେ ବଡ଼ ପାଠ ପଢ଼ି ବିଦେଶରେ ଆହୁରି ପଢ଼ି ବଡ ବଡ଼ କୁଶଳୀ କାରିଗର ବିଜ୍ଞାନୀ ହୋଇ ଫେରନ୍ତି । ମୋଟା ଦରମା ପାଇ ବଡ଼ ବଡ଼ ଶିଳ୍ପ ଉଦ୍ୟୋଗରେ ନିଯୁକ୍ତି ପାଆନ୍ତି । କିନ୍ତୁ ତାଙ୍କର ଜ୍ଞାନ ତାଙ୍କର ଉଦ୍ୟମକୁ ଭେଳାଇ ତାଙ୍କର ହାତରେ ଶିଳ୍ପ ଉତ୍ପନ୍ନ କରାଇ ଶିଳ୍ପ ପ୍ରତିଷ୍ଠାନମାନଙ୍କ ମାଲିକ ବ୍ୟବସାୟୀମାନେ ଯେଉଁ ଲକ୍ଷ ଲକ୍ଷ କୋଟି କୋଟି ଟଙ୍କା ଲାଭ କରନ୍ତି ତା ତୁଳନାରେ ସେ ବିଶେଷଜ୍ଞଙ୍କ ଆୟ ଅତି ସାମାନ୍ୟ । ସେ ଦେଖୁଥିଲେ, ଯେ ଯେତେବଡ଼ ସରକାରୀ କର୍ମଗୁରୀ ହୋଇଥାଆନ୍ତୁ, ଶାସକ ଦଳର ଜଣେ ସ୍ଥାନୀୟ ରାଜନୈତିକ ନେତା ଯେତେ ଖାତିର ପାଆନ୍ତି ତାଙ୍କର ତା ନଥାଏ, ମନ୍ତ୍ରୀ ତ ସର୍ବେସର୍ବା, ଅଥଚ ସେପରି କ୍ଷମତାପନ୍ନ ହେବାପାଇଁ ବିଚକ୍ଷଣ ବିଦ୍ୱାନ୍ କି ନିଷ୍ଠାଳଙ୍କ ସଦଗୁଣବନ୍ତ ହେବା ଆଦୌ ବାଧ୍ୟତାମୂଳକ ହୁଏ ନାହିଁ, ନ ହେଲେ ବି ଚଳେ । ଆଖି ଆଗରେ ଯେତେ ଉଦାହରଣ ସବୁ ସେଇଆ ଶିଖାଏ । ଘରେ ଗୁରୁଜନମାନେ ହିତ କଥା ଶୁଣାନ୍ତି ସିନା, ନିଜେ ତା' କରନ୍ତି ନାହିଁ । ଶାସ୍ତ୍ରର କଥା, ଧର୍ମର କଥା ବହିରେ ରହି ଆଲମାରି ଭିତରେ ଶୋଭାପାଏ, ଯେମିତି କାନ୍ଥରେ ଶୋଭାପାଏ କାଚରେ ବନ୍ଧା ହୋଇ ଠାକୁର-

Digitized by srujanika@gmail.com

ମାନଙ୍କର, ମହାପୁରୁଷମାନଙ୍କର ଛବି । ଆଖିସହା ହୋଇଯାଏ, କ୍ରମେ ହୁଏ ଘରର ଶିଳ୍ପା ସାଜସଜ୍ଜାର ଅଂଶବିଶେଷ, ଯେଉଁଠି ଆଉ ଆଖି ବି ଅଟକେ ନାହିଁ, କୌଣସି କାର୍ଯ୍ୟ କୌଣସି ପ୍ରକାର ବ୍ୟବହାର ଅଟକେ ନାହିଁ, ତାହାର ଦେଖନ୍ତାରେ ସବୁ ଚଳେ ।

ନିଶ୍ଚିତ ଧାରଣା ଓ ବିଶ୍ୱାସ ହୋଇଗଲା ଯେ ଜୀବନରେ ସଫଳ ହେବା ଅର୍ଥ ଧନୀ ହେବା, କ୍ଷମତାପନ୍ନ ହେବା—ଏଥିରୁ ଗୋଟିକ ସାହାଯ୍ୟରେ ଆଉ ଗୋଟିଏ ଆସେ, ଏ ଯୋଡ଼ିକର ମଣିକାଞ୍ଚନ ସଂଯୋଗ ହେଲେ ମଣିଷ ନାଁ ଡାକ୍ ହୁଏ, ନାନା ଭୋଗଭାଗ୍ୟ ପାଏ ଓ ଏ ଶିଡ଼ିରେ ଚଢ଼ିବା ପାଇଁ ଦରକାର ପଡ଼େ ବୁଦ୍ଧି, କୌଶଳ, ପ୍ରକାର ପ୍ରକାର ଫନ୍ଦିଫିକର, ଅବସ୍ଥା ବୁଝି ବ୍ୟବସ୍ଥା, ପଦେ କଥାରେ ହସାହସି ଉପାୟରେ ପାରିଲାପଣ । ନିଜ ସ୍ୱାର୍ଥ ନିଜ ଉଦ୍ଦେଶ୍ୟ ସିଦ୍ଧି ପାଇଁ ଯେଉଁ ଉପାୟ ସବୁଠୁଁ ବେଶି ଉପଯୋଗୀ, ପାରିବାର ଲୋକେ ସେଇଆ କରନ୍ତି, ଉଠନ୍ତି । ମିଛ କହିବା, ମିଛ ଭେକ ପକାଇବା, ମିଛ କହି ପରଙ୍କୁ ଭୁଲେଇବା, ମଟେଇବା, ଚଟାକାଟିବା, ଦଗା ଦେବା, ଦରକାର ପଡ଼ିଲେ ଅସତ୍, ନିର୍ମମ, ନିଷ୍ଠୁର ହେବା, ଯାହା ମନ ତା କରିବା, ନିଜ ସ୍ୱାର୍ଥ ସିଦ୍ଧି ପାଇଁ କୌଣସି ଉପାୟ ତ୍ୟଜ୍ୟ ନୁହେଁ । ସେଇଆ ତ ସେମାନେ କରିଛନ୍ତି । କରିଯାଇଛନ୍ତି ଟୁପ୍‌ଟାପ୍ ହୋଇ, ଯେପରିକି ଏସବୁ ହେଲା ହୋଟେଲ୍‌ର ରୋଷେଇ ଶାଳର ଭିତର କଥା—ସଜାସଜି ଭୋଜି ଘରେ ଭିନ୍ନ ପରିବେଶ, ଭିନ୍ନ ଦୃଶ୍ୟ ।

ସେହି ଟୁପ୍‌ଟାପ୍ କାମ କଥା କେବେ ପୁଣି ଫୁସୁରୁଫାସୁରୁ ହୋଇ ପଦାକୁ ଫୁଟେ, ସେହି ପରିବାର ଲୋକଙ୍କ ତୁଣ୍ଡରୁ ନୁହେଁ । ତାଙ୍କର ତ ପୋଚରା ଖଡକୁର ଉପରେ ଫୁଲ ଫୁଟେ, ମୁହିଁଟିମାନ ଉଦାର, ପ୍ରସନ୍ନ, ଅମାୟିକ, ତୁଣ୍ଡରେ ଉଚ୍ଚ ନୀତି-ଆଦର୍ଶମୟ ଧାର୍ମିକ ସୁବାସିତ ସୁଭାଷଣ—ତାହା ବି ସେମାନଙ୍କଠୁ ଶିଖିବା କଥା, ସେ ଠାଣି, ସେ ଭାବଭଙ୍ଗୀ, ସେ ମୁଦ୍ରା ଓ ସେ ଭାଷା ।

ସେ ଶୁଣୁଥିଲେ, ପଢ଼ୁଥିଲେ—ମହାତ୍ମାଗାନ୍ଧୀଙ୍କ ନୀତି ଆଦର୍ଶମୟ ଜୀବନର କଥା, କେମିତି ଆଜୀବନ ସେ ସତ୍ୟ ଅହିଂସା ସୁନୀତିକୁ ନିଜ ଚିନ୍ତା, କଥା ଓ କାର୍ଯ୍ୟରେ ଆଶ୍ରା କରି ସେହି ମାର୍ଗରେ ବିନା ଅସ୍ତ୍ରରେ ବିନା ରକ୍ତପାତରେ ବିନା ହିଂସାରେ ସ୍ୱାଧୀନତା ସଂଗ୍ରାମ ଚଳାଇ ପରାଧୀନ ଭାରତକୁ ସ୍ୱାଧୀନ କରାଇଥିଲେ, କେମିତି ଲକ୍ଷ ଲକ୍ଷ ଲୋକ ତାଙ୍କ ଦ୍ୱାରା ଅନୁପ୍ରାଣିତ

Digitized by srujanika@gmail.com

ହୋଇଥିଲେ, ତାଙ୍କୁହିଁ ଅନୁସରଣ କରିଥିଲେ, ନାନା କ୍ଲେଶ ନାନା କଷ୍ଟ ସହିଥିଲେ, କେତେଲୋକ ସେ ସଂଗ୍ରାମରେ ଆତ୍ମାହୁତି ଦେଇଥିଲେ, କେମିତି ଗାନ୍ଧୀମାର୍ଗ ଦେଖାଇ ଦେଇଗଲେ ମନୁଷ୍ୟ ଉନ୍ନତତର ଜୀବନ ବଞ୍ଚିବାର ବାସ୍ତବରେ ସମ୍ଭାବ୍ୟ ପ୍ରଣାଳୀ । କିନ୍ତୁ ଶିବଶଙ୍କରଙ୍କ ପାଇଁ ସେ ସବୁ ଖାଲି ଶୁଣା କଥା । ସ୍ୱାଧୀନତା ଆସିଲାବେଳକୁ ତାଙ୍କୁ ସାତ ବର୍ଷ ହୋଇଥାଏ । ସେତେବେଳେ ତାଙ୍କର ହେତୁ ହୋଇନଥାଏ । ମହାତ୍ମାଗାନ୍ଧୀ ନିଜେ କେବେ ଭାରତର ଶାସନ ଦାୟିତ୍ୱ ତୁଲାଇ ନଥିଲେ । ସ୍ୱାଧୀନତାର ପରେ ସେ ଶହୀଦ୍ ହେଲେ । ଶିବଶଙ୍କରଙ୍କ ବୟସ ଓ ବୁଦ୍ଧି ବଢ଼ିବା ସଙ୍ଗେ ସଙ୍ଗେ ଯେତେବେଳେ ସେ ନିଜ ଚାରିଆଡ଼କୁ ଚାହୁଁଥାନ୍ତି, ଯେତେବେଳେ ସେ ମହାତ୍ମା ଗାନ୍ଧୀଙ୍କୁ ତ ଦେଖି ନଥାନ୍ତି, ଯେଉଁମାନେ ଦେଶର ନାମୀ ଲୋକ ବୋଲି ଲୋକେ ସେମାନଙ୍କ ପଛରେ ଗୋଡ଼ାନ୍ତି, ସେହି କ୍ଷମତାଶାଳୀ ମୁଖିଆଙ୍କ ଭିତରେ ବି ଏପରି କାହାରିକୁ ଦେଖି ନଥାନ୍ତି ଯାହାଙ୍କ ଚାଲିଚଳଣିରୁ ମହାତ୍ମା ଗାନ୍ଧୀଙ୍କ ମତ-ଆଦର୍ଶ ବିଷୟରେ କିଛି ଜାଣି ହେବ । ତୁଣ୍ଡରେ ସେମାନେ ମନ୍ତ୍ର ବୋଲିଲା ପରି ସେତେ ଗାନ୍ଧୀ ଗାନ୍ଧୀ ଉଚ୍ଚାରଣ କରନ୍ତି ସିନା । ତଥାପି ଅତି ଅଳ୍ପ କେତେଜଣ ଗାନ୍ଧୀ ମାର୍ଗୀ ମଣିଷ ଦେଖା ନ ପଡ଼ୁଥାନ୍ତି ତା ନୁହେଁ, କିନ୍ତୁ ଲାଗୁଥାଏ ସତେ ଯେପରି ସେମାନେ ସେହିପରି ଲୋକ ଯେଉଁମାନେ ବ୍ରତ ଉପାସ କରି ଅଲଗା ପ୍ରକାରେ ଜୀବନ ଯାପି ଚାଲନ୍ତି, କି ଯେମିତି କେଉଁ ସଂପ୍ରଦାୟର ବାବାଜି ଗୋଷ୍ଠୀର କେହି, ସେ ବାଟରେ ରୋଜଗାର ମିଳେ ନାହିଁ, ମାମଲା ଜିଣି ହୁଏ ନାହିଁ, କୌଣସି ସଂସାରୀ ସ୍ୱାର୍ଥର ଉଦ୍ଦେଶ୍ୟ ସାଧି ହୁଏ ନାହିଁ ।

ତେଣୁ ଚଳନ୍ତି ଯୁଗରେ ମଣିଷ ହେବା ବାଟରେ ସେ ବଢ଼ି ଚାଲିଥିଲେ, ଗାନ୍ଧୀ ବାଟରେ ନୁହେଁ । ତାଙ୍କ ହାତରେ ବେଉସା ଭଲ ଚଳିଲା, ତାଙ୍କ ବାପା ବି ସ୍ୱୀକାର କଲେ ପୁଅଟି ମାରିଲାପଣ ଅଛି । ବରଂ ଆଉ କିଛି ଅଧିକ ଅଛି— ନିର୍ଭୀକତା, ଦୁଃସାହସ, ଲୋକ ଭେଳେଇବା ଶକ୍ତି, ବ୍ୟବସାୟ ବୁଦ୍ଧି, ଖସିଯିବାକୁ ବାଟ ଖୋଲା ରଖି ନୂଆ ବାଟରେ ଧସେଇ ପଶିବା ଓ ମାଡ଼ିଯିବା ଦକ୍ଷତା । କ୍ରମେ ସେ ଦେଖିଲେ ବ୍ୟବସାୟୀ ଖାଲି ବ୍ୟବସାୟ କରି ଅଟକି ରହିଲେନି । ପୂର୍ବେ ପରୋକ୍ଷରେ ରହି ସେମାନେ ରାଜନୀତିକୁ ସାହାଯ୍ୟ କରୁଥିଲେ, ତା ବଦଳରେ କିଛି ସୁବିଧା ପାଉଥିଲେ, କ୍ରମେ ସେମାନେ ସିଧାସଳଖ ରାଜନୀତିରେ ପଶିଲେ, ଯଦି ଜିଣିଲେ ତେବେ ତାଙ୍କ ବ୍ୟବସାୟକୁ ବେଶି ସୁବିଧା ମିଳିଲା, ସହଜେ ତ

Digitized by srujanika@gmail.com

ହାତରେ କ୍ଷମତା ରହିଲା, ମଣିଷ ରହିଲେ, ସମ୍ମାନ ତ ଆପେ ଆସିଲା । ପୁଞ୍ଜିବାଦ ମୁହଁ ଦେଖାଇଲା ଦେଶ ସେବକ ଦେଶ ନେତାଙ୍କ ଭେକ ଉହାଡ଼ରୁ । ପାଟେଲୀପଣ ପାଇଁ ଅବାରିତ ଓ ପ୍ରଶସ୍ତ କ୍ଷେତ୍ର, ସେ ନିଜେ ବି ପଶିଲେ । ଏକୁଟିଆ ନୁହଁନ୍ତି, ସେପରି ଆହୁରି କେତେ ।

ଆପଣାକୁ ସମର୍ଥନ କରି ସେ ଭାବି ଲାଗିଲେ—

ଘାସ ଗଜୁରିଲା, ଖାଇଲେ, ଫସଲ ପାଚିଲା, ଅମଳ କଲେ, ନାଁ କଣ କ'ଣ କଲେ ? କାଆଁରେ ମୂତିଲେ ! ତାଙ୍କ ପାରିବାରପଣିଆଁ ତ ସମସ୍ତେ ଦେଖିଲେ । ସେ ଯାହା ଖାଇଲେ, କାମ କଲେ ତା'ର ଦଶଗୁଣା, ଲୋକଙ୍କର ବହୁତ ଉପକାର ହେଲା । ତା'ଛଡ଼ା ଖାଇଲେ ଯେତେ, ଖୁଆଇଲେ ତାଠୁଁ ବହୁତ ବେଶି । ଅନ୍ୟମାନେ କଣ କରନ୍ତି ? ସେମାନେ ଠାକୁର ଖାଇ ଗଣ୍ଠିଲି ଖାଆନ୍ତି, ପର ପାଇଁ କରନ୍ତି ନାହିଁ କିଛି ।

ଭାବୁଥାନ୍ତି—କିନ୍ତୁ ଏ ବେଇମାନ୍ ଲୋକେ ! ସେ କିଛି ପାଇବା ଲୋଭରେ ତାଙ୍କୁ ବାହାବାହା ଦେଇ ଫେରୁଥାନ୍ତି, ଖାଇପିଇ ନିଜ ପଣ୍ଟାଲ୍ ଭାଗରେ ହାତ ପୋଛିଦେଇ ସବୁ ଭୁଲିଗଲେ ! ଭୁଲିଗଲେ ସେ ଶିବଶଙ୍କରଙ୍କ ଦୟାରୁ ତାଙ୍କ ଅବହେଳିତ ଅଞ୍ଚଳ ସବୁ ରାତାରାତି ସୁନା ପାଲଟିଗଲା, ସେମାନେ ସବୁ ମଣିଷ ହୋଇଗଲେ ! ଦରକାରବେଳେ ତାଙ୍କୁ ହିଁ ଭଣ୍ଡିଆ କଲେ ! ଜନତା ଜନାର୍ଦ୍ଦନଙ୍କ ସ୍ମୃତିକୁ କ'ଣ କହିବ ! ସେମାନେ ତ ଦିନେ ମଧୁବାବୁଙ୍କୁ ବି ଭୁଲିଥିଲେ !

ଆଜି ତାଙ୍କ ସାଙ୍ଗସାଥୀମାନଙ୍କର ବି କି ବଚ୍ଛର ! ତାଙ୍କରି ପାଗଳାପଣ ତାଙ୍କରି ବାହାବଳର ସୁବିଧା ଉଠାଉଥିଲେ ସେମାନେ; ଅଥଚ ତାଙ୍କରି ପ୍ରତି ଈର୍ଷାରେ ଜଳି ଲାଗିଲେ, ବେଳ ଉଣ୍ଡି ପଛଆଡ଼ୁ ସତେ ଅବା ଛୁରୀ ଭୁଷିଲେ ! ହଁ, କାମିକା ଲୋକ ତ, ଖୁସାମଦ୍ କଲାଭଳି ବନେଇ ଚୂନେଇ କଥା ତାଙ୍କୁ କହି ଆସେ ନାହିଁ, ତାଙ୍କର ଖୋକ୍‌ଠୋକ୍ ଠୋଠା କଥା—କେତେବେଳେ ପାଟିରୁ କ'ଣ ଖସି ଯାଇଥିବ, ସେଥିପାଇଁ ଏମାନେ ଦାଉ ସାଧିଲେ ! ନା ତା ନୁହେଁ, ସମସ୍ତେ ସୁବିଧାବାଦୀ ସ୍ୱାର୍ଥପର, ଜନ୍ତୁଗୁଡ଼ାକ ! ସମସ୍ତେ ପୁଣି ନିଜ ନିଜ ଆସ୍ଥାନରେ ରହିଲେ, ସମସ୍ତେ ମିଶି ତାଙ୍କୁ ମଞ୍ଚ ଉପରୁ ପେଲିଦେଲେ ଯେମିତି ଆଉ ସେ ନ ଉଠନ୍ତି ।

Digitized by srujanika@gmail.com

କିନ୍ତୁ କାହିଁକି ବା ତାଙ୍କର ଚିନ୍ତା ? କି ଗରଜ ପଡ଼ିଛି ତାଙ୍କର ଯେ ସତେକ ଜଗତକୁ ଉଦ୍ଧାର କରିବାକୁ ସେ ରାଜମଞ୍ଚରେ ପଶି ଧାଡ଼ି ହେବେ ? କାହିଁକି ସେଥିପାଇଁ ହାତ ଖଲଖଲ ମନ ସକସକ ? ଶେଷରେ ଫଳ ତ ଏଇଆ, ଲୋକେ ଆଜ ଟେକିବେ କାଲି କଚାଡ଼ି ଦେବେ ।

କିନ୍ତୁ ତାଙ୍କ ମନରେ ଏ ଯୁକ୍ତିଟି ଭାସିଉଠି ଲହୁଁ ଲହୁଁ ଫିକା ପଡ଼ିଗଲା, ନିଭିଗଲା, ଅଦୃଶ୍ୟ ହୋଇଗଲା । ଯେତେବେଳେ ଜାଣିନଥିଲେ ସେତେବେଳେ ସେ ଯୁକ୍ତି ଭଲ ହେଉଥିଲା, କିନ୍ତୁ ଥରେ ସୁଆଦ ଚାଖିଲାପରେ ଲାଗିଲା ରାଜନୈତିକ କ୍ଷମତା ହିଁ ସାର, ତା ନଥିଲେ ଆଉ କିଛି ସୁଆଦ ଲାଗିବ ନାହିଁ । ମନରେ ରାଉ ରାଉ ଗର୍ଜିଲା ପ୍ରତିବୋଧ ଓ ପ୍ରତିହିଂସାର ଅରଣା ପଶୁ ।

ଚାରିଆଡ଼ୁ କାଉଗୁଡ଼ାକଙ୍କ 'କା' 'କା' ରଡ଼ି ନିଷ୍ଠୁର ପରିହାସ ପରି ଦେହରେ ବିନ୍ଧୁଛି, ଟେଙ୍କ ଲାଗିଛି, ଛୁଗୁଲେଇ ଲାଗିଛି, ତାକୁ କିଛି କରି ହେଉ ନାହିଁ, ନ କରି ରହି ହେଉ ନାହିଁ । ମୁହଁଟା ରାଗ ଗରଗର, ଆଖିରେ ନିଆଁ, ବେକରେ ଦୃପ୍ତ ଠାଣି, କିନ୍ତୁ ସବୁ ଉପରେ ଯନ୍ତ୍ରଣାର ମୁହଁ ବିକୃତ । ଦଶହରା ମହିଷାସୁର-ବଧ ରୂପଟିଏ ।

କା କା କା କା—ବିଶ୍ରାମ ନାହିଁ ।
ତୁଣ୍ଡ ବାଇଦ, ଖବର କାଗଜ,
ଖବର ପ୍ରଚାର ମାର୍ଗ—ବିଶ୍ରାମ ନାହିଁ ।
କାଉଗୁଡ଼ାକ ମାତିଛନ୍ତି ।

Digitized by srujanika@gmail.com

ବିଦେଶୀ

ଧାଁତ୍-ବାକ୍ସ ।

“ଆଁ କଲ । ହଁ, ଟିକିଏ ରହ, ଦୁଇ ମିନିଟ୍ ।”

ବଖରାଟିଯାକ ସବୁ କାନ୍ଥରୁ ଖଟେଇ ହେଉଥାଏ ପ୍ରକାର ପ୍ରକାର ଦାନ୍ତର ଛବି । ଆଲମାରି ଆଲମାରି ଦାନ୍ତ, ଆଉ ପଦାରେ—ବାଟର ବାଟୋଇଙ୍କି ନିମନ୍ତ୍ରଣ କରେ ହ’ପାଟି ଖୋଲା ଦାନ୍ତର ଛବି, ତା’ର ନାମଫଳକ ।

ପର୍ଦ୍ଦା ଟେକି ଭିତରକୁ ଅନାଇଲେ ଦିଶେ ସେହି ଦାନ୍ତମୟ ଦୁନିଆଁ ଭିତରେ ବସିରହିଥାଏ ଜଣେ, ହଳଦିଆ ଗୋରା ଚେପ୍ଟା ନାକ, ଧାର ଆଖି, ତା’ର ଭଙ୍ଗୀରେ ଥାଏ ଅସାଧାରଣ ସ୍ଥିରତା, ମୁହଁରେ ସବୁବେଳେ ପ୍ରଶାନ୍ତ । ବିଶାଳ ଭାରତରେ ନାନା ସହରରେ କିଳିବିଲି ଲୋକଙ୍କ ଭିତରେ ଜାତି ଜାତି ଚେହେରା, ସେଥିରେ ତା’ ଚେହେରା ବି ଖାପିଯାଏ । ଯାହା ଟିକିଏ ଆଖିଦୁରୁଣିଆ ବିଶିଷ୍ଟତା ସେତିକି ତା’ ପୂର୍ବପୁରୁଷଙ୍କର ।

ଆଗରୁ ତା’ର ନାମଫଳକ ଘୋଷଣା କରେ, ‘ସୁଂ-ଉଂ, ଚୀନା ଦନ୍ତ-ଚିକିତ୍ସକ !’ ବସ୍ତିର ଲୋକେ ଜାଣନ୍ତି ସେ ଜଣେ ଚୀନା ଲୋକ, ସେମାନେ ବା ସେ ନିଜେ କେବେ ଚୀନ୍‌ଦେଶ ଦେଖିନାହାନ୍ତି । ବହୁ ବର୍ଷ ହେଲା ଏଇ ସହରରେ ଅଛି । ତା’ ବିଷୟରେ ଅଧିକା ଜାଣିବାକୁ କାହାରି କୁତୂହଳ ନଥିଲା । ଦାନ୍ତ ଚିକିତ୍ସା କାମରେ ସେ ନାଁ କରିଛି । ବହୁତ ଗରାଖି ଆସନ୍ତି, ବହୁତ ପରିଶ୍ରମ କରେ, ଭଲ ରୋଜଗାର କରେ । ଖୁବ୍ ମିତବ୍ୟୟୀ ହେଲେ ବି ସେ କାର୍ପଣି ନୁହେଁ । ଦୁର୍ଗାପୂଜା, ତାଜିଆ, ସେମିତି ଅନୁଷ୍ଠାନ ତା’ ସାହିରେ ହୁଏ ସେ ସବୁଥିକି ଚାନ୍ଦା ଦିଏ, ତା’ ଉପରେ କାହାରି ପଇସା ବାକି ରହେନାହିଁ । ତା’ର କାହାରି ସଙ୍ଗେ ଅପଡ଼ ନାହିଁ; ସେ କୌଣସି ଦଳରେ ମିଶେ ନାହିଁ, ନିଜ ସୁଖ ଦୁଃଖରେ ଥାଏ । ମୋଟାମୋଟିରେ ଏହିପରି ତା’ ବିଷୟରେ ସାହି ଲୋକଙ୍କର ଧାରଣା ।

Digitized by srujanika@gmail.com

ଚୀନ-ଭାରତ ଯୁଦ୍ଧ ଲାଗିଲା । ସମସ୍ତିଙ୍କ ପରି ସୁଂ-ଡ଼ଂ ବି ବ୍ୟସ୍ତ ହେଲା । ସେ ବି ଦେଲା ଯୁଦ୍ଧ ଚାନ୍ଦା । ସାଧାରଣତଃ ଦାନ୍ତ କାମ ଛଡ଼ା ନିଜ କାମ ଛଡ଼ା ଅନ୍ୟମାନଙ୍କ ସଙ୍ଗେ ସେ ଅନ୍ୟ ବିଷୟରେ କଥାଭାଷା ହୁଏନାହିଁ । ଯୁଦ୍ଧ ବିଷୟରେ ବି ତାହାର ବ୍ୟତିକ୍ରମ ଘଟି ନଥିଲା ।

କିନ୍ତୁ ସେତିକବେଳେ ତା' ମନରେ ଆସିଥିଲା ଉଦ୍‌ବେଗ । ଗରାଖ କମିଗଲେ କାହିଁକି ? ଏବେ ନୂଆ ଲୋକ ତା' ବିଷୟରେ କୁତୂହଳୀ ହେଉଛନ୍ତି କାହିଁକି ? ଆକ୍ରମଣକାରୀ ଦେଶ ସହିତ ତା'ର ସମ୍ବନ୍ଧ କ'ଣ ? ସେ ତ ତାଙ୍କ ଭାଷା ବୁଝେ ନାହିଁ, ଯଦିଓ ଜାଣେ ତା'ର ପୂର୍ବପୁରୁଷ ସେହି ଦେଶର ଲୋକ, କେଉଁ ଯୁଗର କଥା ! ସେ ଯେଉଁ ବୋଲିରେ ତା' ସ୍ତ୍ରୀ ସଙ୍ଗେ ତା' ବନ୍ଧୁବାନ୍ଧବଙ୍କ ସଙ୍ଗେ କଥାଭାଷା ହୁଏ, ତେଉଁଠିରେ ତା' ନୁହେଁ । ସେ ଜାଣେ ହିନ୍ଦୀ, ଓଡ଼ିଆ, ବଙ୍ଗଳା, ଇଂରେଜୀ, ସେ ଲେଖି ଶିଖିଛି ଇଂରେଜୀରେ ଶୁଦ୍ଧ ଅଶୁଦ୍ଧ ମିଶାଇ । ସେ ଏ ଦେଶର । କିଏ କଲେ ଭାରତ ଉପରେ ଆକ୍ରମଣ ? କେଡ଼େ ଦୁଷ୍ଟ ଲୋକ ସେମାନଙ୍କ ! ସେମାନେ କରୁଛନ୍ତି ଅପକର୍ମ ଆଉ ତା' ଚେହେରାରେ ତା' ପୂର୍ବପୁରୁଷଙ୍କ ମୋହର ମରିଛି ବୋଲି ହଠାତ୍ ଏଠି ତା' ସହରର ଲୋକ ତା' ପ୍ରତି ସନ୍ଦେହୀ ହୋଇପଡ଼ିଛନ୍ତି ।

ସେ ଆଶା କରି ରହିଲା, ସେ ସନ୍ଦେହ ବଳେ ଦୂରହେବ । ସମୟ ଦୂର କରିବ । କ୍ରମେ ହିନାକେତେ ପରେ ଗରାଖ ପୁଣି ବଢ଼ିଲେ । ଯୁଦ୍ଧ ବି ସରିଥିଲା । ସୁଂ-ଡ଼ଂର ମନର ତଳରେ ତଥାପି ରହିଗଲା ଉଦ୍‌ବେଗର କିଛି ଶେଷାଶେଷି । ହଠାତ୍ କେବେବେଳେ ଛାତି ଥରିଉଠେ, କେଉଁଠି କ'ଣ ହେଲା କି ?

ତା'ର ପୁଅ ସୁଂ-ଚୁଂ । ସାଙ୍ଗମାନେ ଥଟ୍ଟା କରି ଡାକନ୍ତି 'ଶୁଂ-ଶୁଂ' 'ଚୁଂ-ଚୁଂ' । ସେତିକ ତା' ଚୀନ ପଣର ଚିହ୍ନଶେଷ । ତା' ଛଡ଼ା ତା'ର ନାକ, ତା' ଆଖି, ତା' ରଙ୍ଗରେ ଯାହା ବିଶେଷତ୍ୱ ଗହଳରେ ତା' ଉପରେ ବେଶି ନଜର ପଡ଼େନାହିଁ । ସେହି ସହରରେ ତା'ର ଜନ୍ମ । ପିଲାଟି ଦିନୁ ସେହି ଗୋଠରେ ସେ ବଢ଼ିଛି । ତା'ର ବେଶଭୂଷା, ଖାଦ୍ୟ, ଆଚାରବ୍ୟବହାର ଭାଷା ସବୁ ଏଇ ମଣିଷଙ୍କର, ସେ ବି ଓଡ଼ିଆ କହେ ଓଡ଼ିଆ ଓ ଇଂରେଜୀ ପଢ଼େ, ଘରେ କଥାଭାଷା ହେଲାବେଳେ କହେ ବାପ ମା'ଙ୍କ ବୋଲିରେ । କେତେବେଳେ ଓଡ଼ିଆରେ, ସେଠି ଉଭୟ କଥା ଚଳେ ।

Digitized by srujanika@gmail.com

ସାଙ୍ଗ ମହଲରେ ତାକୁ ଭଲ ପାଆନ୍ତି ସମସ୍ତେ । ହସହସ ପିଲଟିଏ, କୌତୁକପ୍ରିୟ, ଖେଳ ଓ ପଢ଼ା ଏ ଦୁଇ କ୍ଷେତ୍ରରେ ସେ ଭଲ । ତତିଁ ଗର୍ବ ଅଭିମାନ ନାହିଁ । ଅନ୍ୟମାନଙ୍କୁ ଆପଣା ସାଧ ଅନୁସାରେ ସାହାଯ୍ୟ କରିବାକୁ ସେ ଅକୁଣ୍ଠିତ । ସାଙ୍ଗମାନଙ୍କ ଆଖିରେ ତା'ଠିଁ ଚୀନ ଶବ୍ଦର ବିଶେଷତ୍ୱ କିଛି ନାହିଁ, ସେ ତାଙ୍କର ଭିତରୁ ଜଣେ ।

ସୁଂ-ଜୁଂର ତିନିଅ ବିତେହିଁ ବଡ଼, ଉଭୟେ ବିବାହିତା, କଲିକତାରେ ଥାଆନ୍ତି । ବଡ଼ ଜୋଇଁ ଜୋତା ଦୋକାନୀ । ସାନ ଜୋଇଁର ଯନ୍ତ୍ରପାତିର ଦୋକାନ । ଏଠି ସୁଂ-ଜୁଂ ପରିବାରରେ ସେ, ତା' ସ୍ତ୍ରୀ ଓ ଏକମାତ୍ର ପୁଅ ସୁଂ-ଚୁଂ । ସେ ନିଜେ ଇସ୍କୁଲ କଲେଜର ଦୁଆର ମୁହଁ ମାଡ଼ିନାହିଁ । ତା'ର ଇଚ୍ଛା ସୁଂ-ଚୁଂ ବେଶି ପାଠ ପଢ଼ୁ, ଡାକ୍ତର ହେଉ, ଦାନ୍ତ ଚିକିତ୍ସାରେ ଉଚ୍ଚଶିକ୍ଷିତ ବିଶେଷଜ୍ଞ ହେଉ । ତା' ହେଲେ ତା'ର ଅଜା ଅମଳରୁ ଗଢ଼ିଅସୁଥିବା ବେଉସା ଆହୁରି ତେଜିବ, ସେ ଆହୁରି ସମ୍ମାନିତ ହେବ । ପିଲଟି ପ୍ରତି ଶ୍ରେଣୀରେ ଭଲ ନମ୍ବର ରଖି ରଖି ପ୍ରଥମ ଶ୍ରେଣୀରେ ମ୍ୟାଟ୍ରିକ ଓ ପି.-ୟୁ. ପାସ୍ କଲା । ତା'ପରେ ସେହି ପ୍ରଥମ ଶ୍ରେଣୀରେ ପ୍ରି-ପ୍ରଫ୍. ସାରିଲା । ତା'ପରେ ଦୂର ସହରରେ ଗୋଟିଏ ବିଖ୍ୟାତ କଲେଜ୍‌ରେ ଡାକ୍ତରୀ ପଢ଼ିବା ପାଇଁ ଦରଖାସ୍ତ ଦେଲା, ସୁଂ-ଜୁଂ ସବୁଥିରେ ଆଗରୁ ସବିଶେଷ ବ୍ୟବସ୍ଥା କରିଥାଏ । ତା'ର ଏପାଖ ସେପାଖ ନାହିଁ ।

ଛୁଟି ବେଳେ ମନଖୁସିରେ ସୁଂ-ଚୁଂ କଲିକତା ଯାଇ ବନ୍ଧୁବାନ୍ଧବଙ୍କୁ ଦେଖି ଆସିଲା । ବଡ଼ ଭଉଣୀ ଖୁସି ହୋଇ ଡାକିଲା "ଡକ୍ଟର ଚୁଂ ।" ସୁଂ-ଚୁଂ ହସି ଦେଇ କହିଲା—"ଧେତ୍" । ବଡ଼ ମଝିଆ ଭଉଣୀ ସବୁବେଳେ ବା'ପ ମା'ଙ୍କୁ ଦେଖିବାକୁ ଯିବ ବୋଲି ଗୋଡ଼ ଟେକି ଥାଏ । ଅଭିମାନ କରି କହିଲା, "ହୁଁ, ତୁ ହେବୁ ଡାକ୍ତର, ମତେ ବାପା ଆଉ ପଢ଼େଇଲା ନାହିଁ । ନହେଲେ ଡାକ୍ତର ହେବାକୁ ମୋର କେଡ଼େ ମନ ହେଉଥିଲା ।" ତା'ର ଗୁଡ଼ିଏ ଛୁଆ, ଏକାଠି ନାଚି ନାଚି ପାଳି ଧରିଲେ, "ଡାକ୍ତର୍ ! ଡାକ୍ତର୍ !" ଖା'ପିଅ ପରେ ରାତି ଅଧରେ ମଝିଆ ଭଉଣୀର ସ୍ୱାମୀ ଫୁ-ଚେ ତାକୁ ନିରୋଳାରେ ଡାକି କହିଲା, "ଏଇଠି ବସିବା, କଥାଭାଷା ହେବା । ତୁମର ତେଣେ ଆଉ ଖବର କ'ଣ ?" କଥାଭାଷାରେ ତା'ର ଗୁପ୍‌ଚୁପିଆ ଧରଣ ଦେଖି ଦେଖି ସୁଂ-ଚୁଂକୁ ଅଡୁଆ

Digitized by srujanika@gmail.com

ଅଡ଼ୁଆ ଲାଗିଲା । କହିଲା, "ଖବର ତ ଧନଯାକ ଗପିଚ ଶୁଣିଲ, ଆଉ କ ଖବର ?"

"ଆରେ, ସେଗୁଡ଼ାକ ତ ସଡ଼କର କଥା, ସେ ଖବର ମୁଁ ପଚାରୁନାହିଁ । ମୁଁ ଜାଣିବାକୁ ଚାହେଁ ଆମର ଓ ଅନ୍ୟମାନଙ୍କ ସମ୍ପର୍କର ଖବର । ମାନେ—ଚୀନା ଓ ଭାରତୀୟ ସମ୍ପର୍କର ଖବର । ତୁମର ତେଣେ କେମିତି କେମିତି ଚାଲିଛି ? ତୁମେ ସବୁ କ ବ୍ୟବସ୍ଥା କରୁଛ ?"

ସୁଂ-ଚୁଂ ଗମ୍ଭୀର ହୋଇଗଲା, ତା' ମୁହଁ ଶୁଖିଗଲା, କହିଲା, "ଆମେ କ'ଣ ଭାରତୀୟ ନୋହୁଁ ?"

ଫୁ-ତେ ଫାଇଁ କରି ହସିଦେଇ କହିଲା, "ସେ କଥା ମତେ ଜଣାନାହିଁ ତମୁକୁ ଜଣା । ଭାରତୀୟ ହେଲେ ନହେଲେ କିଛି କ୍ଷତି ନାହିଁ । ଅନ୍ତତଃ ହିନ୍ଦୀ-ଚୀନି ଭାଇ ଭାଇ ।"

ଫୁ-ତେର ଶ୍ଳେଷ-ହସରେ ସୁଂ-ଚୁଂର ମୁହଁ ଟାଣିଗଲା । କହିଲା, "ଏତେ କଥା ତ ଆମର ତେଣେ କେହି ଭାବନ୍ତି ନାହିଁ । ସେଠି ସମସ୍ତେ ଯେମିତି, ଆମେ ସେମିତି । ଆମର ସେଠି ହିନ୍ଦୁ-ମୁସ୍ଲିମ୍ କଳି ବି ଲାଗେ ନାହିଁ, ତୁମ ଏଠାପରି ନୁହେଁ ଯେ ଲୋକେ ଟାକି ବସିଥିବେ କ'ଣ ଗୋଟାଏ ଆଳ ମିଳିଗଲେ ଥୋଡ଼ାଏ ହଣା-କଟା ଭଙ୍ଗାରୁଜା ଆଗ କରିଦେବେ । ତା'ପରେ ଲୁଚି ଲୁଚି ତେଲ ପୋପାଡ଼ିବେ । କାହିଁ, ଆମେ ଚୀନା ଲୋକ ବୋଲି ତ କେବେ ଭାବି ନାହୁଁ ।"

ଫୁ-ତେ କହିଲା, "ସେଇଟା ତୁମର ଗଭୀର ଦେଶାନୁରାଗ ।" ପୁଣି ସେ ହସିଲା । କହିଲା, "ତୁମେ ନିଜକୁ ଚୀନା ନକହି ପାର, କିନ୍ତୁ ଏ ଦେଶର ଲୋକେ କହିବେ, ନିଜ ଚେହେରା ନିଜକୁ ନଦିଶି ପାରେ, କିନ୍ତୁ ପରକୁ ଅବଶ୍ୟ ଦିଶିବ ।"

"ତା ହେଲେ କ'ଣ କହୁଚ ?" ଛେପ ଢୋକି ଢୋକି ସୁଂ-ଚୁଂ କହିଲା ।

ଫୁ-ତେ କହିଲା, "ଚୀନାମାନଙ୍କର ବି ଗୋଟାଏ ଦେଶ ଅଛି, ସେ ଦେଶ ଭାରତ ନୁହେଁ ।"

ସୁଂ-ଚୁଂ କହିଲା, "ସେ ଦେଶ କ'ଣ ତୁମେ ଦେଖିଚ ? ସେଠିକି କେବେ ଯାଇଚ ?"

Digitized by srujanika@gmail.com

"ନା।"

"ତୁମ ବାପା ?"

"ନା।"

"ଯିବ ବୋଲି ଭାବୁଚ ?"

"ସେ ଗୁଡ଼ା କାହିଁକି ପଚାରୁଚ ? କାଲି କ'ଣ ହେବ ଆଜ କିଏ କହି-ପାରିବ ? ମୁଁ ନଦେଖି ଥାଏଁ, ମୋ ଅଜା ନଦେଖି ଥାଉ, ତଥାପି ସେହି ମୋର ଯୁଗ ଯୁଗର ପିତୃପୁରୁଷଙ୍କ ଦେଶ।"

"ସେ ଦେଶରେ ଯେଉଁ ଶାସନ ଚାଲୁଛି, ଯାହା ଯାହା ଘଟୁଛି ସେସବୁ ତୁମର ମନକୁ ଆସୁଛି ? ତୁମେ ତା'ର ସମର୍ଥକ ?" ଫୁ-ତେ କହିଲା, "କ'ଣ ଘଟୁଛି ଆଖିରେ ନଦେଖି ଏତେ ଦୂରରେ ଥାଇ ମୁଁ ସେ ବିଷୟରେ କ'ଣ କହି ପାରିବ ? ଯଦି ସେ ବିଷୟରେ ଜାଣିବାକୁ ମନ ହେଉଛି ଆସ ଯିବା ଆଉ କାହା ପାଖକୁ, ତା'ପରେ କଥାଭାଷା ହେବା।"

ସୁଂ-ଚୁଂର ଆଶଂକା ବଢ଼ିଗଲା। କହିଲା, "ଆଉ କେତେ ସମୟ ପରେ ମତେ ଷ୍ଟେସନ ଯିବାକୁ ପଡ଼ିବ। ସେ ସବୁ ବିଷୟରେ ମୋର କି ଆମ ଘରେ ଆଉ କାହାର ଏତେ ଟିକିଏ ବି କୁତୂହଳ ନାହିଁ। ତୁମମାନଙ୍କର ବି ନରହିବାହିଁ ଉଚିତ। ଏଇ ଦେଶରେ ଦ' ଚାରି ପୁରୁଷ ହେଲା ରହିଲେଇଁ, ଏ ଦେଶରେ ଅନ୍ନ ଜଳ ଖାଉଥାଇଁ, ଏଇଟି ଆମ ଘର, ଆସୁ ଯେତେବେଳେ ଯାହା। ଚୀନ ଦେଶ ଆମ ଦେଶ ନୁହେଁ, ତା ସହିତ ଆମର କିଛି ସମ୍ପର୍କ ନାହିଁ।"

ଫୁ-ତେ ହସିଲା, କହିଲା, ଖୁବ୍ ଭଲ କଥା କହୁଚ। ସେ ପଚାରିଲେ ସେଇଆ କହୁଥାଅ। ତେବେ, ମୁଁ କ'ଣ କହୁଚି କି, ତେମେ ସବୁ ପାଠଶାଠ ପଢ଼ିଲ, ଆମ ଭଳିଆ ତ ନୁହଁ, ଆଉ ଆଜକାଲି ସବୁଠି ଦେଖ ପିଲମାନେ ଖାଲି ଘୋଷା-ବଳଦ ନୁହନ୍ତି, ସେମାନେ ଦେଶର ଜାତିର ଭଲ ମନ୍ଦ ବିଷୟ ଭାବନ୍ତି। ସେଥିପାଇଁ କାମ କରନ୍ତି। ତୁମେ ବି ତେଣେ ଟିକିଏ ନଜର ଦେଇଥିବ। ଇନାକେତେ ଛୁଡ଼ ଆସ, ପୁଣି କଥା ହେବା।"

ସୁଂ-ଚୁଂ କହିଲା, "ମୁଁ ତ ଏସବୁ ବାଜେ କଥାରେ ଆଦୌ ଆଗ୍ରହୀ ନୁହେଁ, ତମକୁ ବି କହୁଚି, ଏଗୁଡ଼ାକ ମୁଣ୍ଡରେ ପୂରାଅ ନାହିଁ। ବାପା ଶୁଣିଲେ

Digitized by srujanika@gmail.com

ବରକ୍ତ ହେବେ । ଅନେକ ପ୍ରକାର ଲୋକଙ୍କୁ ତୁମେ ଦେଖୁଥିବ, ମୁଁ ଶୁଣିଛି ଚୀନ୍ ତରଫରୁ ଲୁଚି ଲୁଚି କାମ କରିବା ପାଇଁ, ଲୋକଙ୍କୁ ମତେଇବା ପାଇଁ ଅନେକ ଲୋକଙ୍କୁ ନିଯୁକ୍ତ କରାଯାଇଛି, ଏଣେ ପୁଲିସ ବି ଲୁଚି ଲୁଚି କାମ କରେ, ଆଜି ଏଭଳି କଥାରେ ପ୍ରତ୍ୟେକ ଭାରତୀୟ ଜଣେ ଜଣେ ଗୁପ୍ତ ପୁଲିସ୍ ।"

ଫୁ-ଚେ କହିଲା, "ଓହୋ, ଜାଣିଚ ତେବେ । ନହେଲେ କଥା ଯେମିତି କହୁଚ ଯେ ଶୁଣିବ ଭାବିବ ନିତାନ୍ତ କଞ୍ଚା ପିଲା ।"

ସୁଂ-ଚୁଂ ରାଗିଯାଇ କହିଲା, "କିନ୍ତୁ ମୁଁ ଯାହା ଜାଣିଚି ତେମେ ଯାହା ଜାଣିଚ ତା'ଠୁ ବୋଧହୁଏ ଏକା ନୁହେଁ । ମୁଁ ଜାଣିଚି ଏ ଦେଶ, ଏ ଭାରତ ମୋ ଦେଶ । ମୁଁ ଜଣେ ଭାରତୀୟ । ଏ ଦେଶ ସଙ୍ଗେ ଯେ ଶତ୍ରୁତା କରିବ ସେ ମୋର ଶତ୍ରୁ । ତମୁକୁ ବୋଧହୁଏ କିଏ ଭିନେ କଥା କହିଚି । ଦରକାର ପଡ଼ିଲେ ଏ ଦେଶର ଶତ୍ରୁ ସଙ୍ଗରେ ଯୁଦ୍ଧ କରିବାକୁ ମୁଁ ତିଆର୍, ହାବୁଡ଼େ ପଡ଼ିଲେ ତାକୁ ପୁଲିସ୍ ଜିମାରେ ଦେବାକୁ ମୋର ଆଦୌ ଆପତ୍ତି ନାହିଁ ।"

ଫୁ-ଚେ କହିଲା, "ବାଃ, ତମୁକୁ ଭଲ ପାଠ ପଢ଼ାଇଛନ୍ତି ।"

ସୁଂ-ଚୁଂ କହିଲା, "ଯଦି କାହାର ଭିନ୍ନ ମତ ହୋଇଥାଏ, ତେବେ ସେ ନିଜ ଇଚ୍ଛାରେ ଡାକହାକ ନିଜକୁ ଘୋଷଣା କରିଦେବା ଉଚିତ, ଚୀନ୍‌କୁ ଚାଲିଯିବ ବୋଲି ସରକାରଙ୍କୁ ଜଣାଇବା ଉଚିତ, ସାପ ପରି ଘାସରେ ଲୁଚି ରହିବା କାପୁରୁଷତା । ନାଇଁ ଫୁ-ଚେ, ମୁଁ ସାପ ନୁହେଁ ।"

ଫୁ-ଚେ କହିଲା, "ଆରେ ଭାଇ ମୁଁ ବି ସାପ ନୁହେଁ ଯେ, କିନ୍ତୁ ଏ ଚେହେରାଟାକୁ କ'ଣ କରିବ ? ଭାରତର ଲୋକେ ସବୁ ଚୀନା ଲୋକଙ୍କୁ ଯେତେବେଳେ ସନ୍ଦେହ କରିବେ, ସେତେବେଳେ କେହି ବାଦ୍ ଯିବା ନାହିଁ । ସେଥିପାଇଁ ଆଗରୁ ପ୍ରସ୍ତୁତ ହେବାକୁ ପଡ଼ିବ । ଆମେ ସମସ୍ତେ ଏକଜୁଟ ନହେଲେ କିଛି କରିହେବ ନାହିଁ । ବାପାଙ୍କୁ ଦେଖିଲେ ମୁଁ ସେଇଆ ବୁଝେଇଥାନ୍ତି ।"

ସୁଂ-ଚୁଂ କହିଲା, "ବାପାଙ୍କୁ ଚିହ୍ନିଚ ତ, ତାଙ୍କୁ ଏସବୁ ନକହିବା ଭଲ । ସେ ଏସବୁଥିରେ ନଥାନ୍ତି । ସେ ବୁଝନ୍ତି—ମଣିଷ କାମ କରିବ, ଖାଇବ । ବିପଦ ଆସିଲେ ଆସୁ, ନିଜ ମତରୁ ସେ ଏତେ ଟିକିଏ ଟଳିବେ ନାହିଁ । ତୁମେ ବି ସେଇ ମତ ଧର ଫୁ-ଚେ, ନହେଲେ..."

Digitized by srujanika@gmail.com

ଫୁ-ଚେ କହିଲା, "ନହେଲେ ?"

ସୁଂ-ଚୁଂ କହିଲା, "କିଛି ନାହିଁ ଯାହା ଭଲ ବିଚାରୁଚ ତା କର, ମୁଁ ତୁମକୁ କି ଉପଦେଶ ଦେବି ? ତୁମେ ମୋଠୁ ଦଶବର୍ଷ ବଡ଼ ।"

ସେମାନେ ସେ ବିଷୟରେ ଆଉ କଥା ହେଲେ ନାହିଁ । କିନ୍ତୁ ସୁଂ-ଚୁଂ ବାରିପାରିଲା, ତା ଭିତରେ ଫୁ-ଚେ ଭିତରେ ଗୋଟାଏ ହାଣ୍ଡିଆ ପାଚିରି ଠିଆହୋଇଛି, ବିଦେହି ଦୁଇପଟେ । ଫୁ-ଚେ କିଛି ନକହି ସତେ ଯେମିତି ବହୁତ କଥା କହି ପକାଇଛି । କ'ଣ କହିଲା ? କି ଉପାୟରେ ? ତା'ର ଠାଣି, ତା'ର ହସ, ତା'ର ବ୍ୟବହାର, ତା କଥାର ଇଙ୍ଗିତ, ବୋଧହୁଏ ସବୁ ଏକାଠି ହେଲେ ଗୋଟିଏ ବାକ୍ୟ ହୁଏ । ବର୍ଣ୍ଣନା କରେ ଫୁ-ଚେ କ'ଣ ।

ଭଉଣୀ କ'ଣ ଜାଣେ ? ନା, ସେ ପଚାରିବ ନାହିଁ, ଅପେକ୍ଷା କରିବ । ବରଂ ଏଇଥର ଭଉଣୀ ଓ ଭଣଜା ଭାଣିଜାଙ୍କୁ କିଛି ଦିନ ପାଇଁ ତା ସଙ୍ଗରେ ନେଇଯିବ । ତା'ପରେ ଦେଖାଯିବ ।

ଫୁ-ଚେ ଆପତ୍ତି କଲାନାହିଁ । ସେମାନେ ବି ତା ସଙ୍ଗେ ଆସିଲେ । ଫୁ-ଚେ ରହିଲା ।

ସୁଂ-ଉଂ ଘରେ ଆନନ୍ଦ ଖେଳିଗଲା । ବହୁତ ଦିନପରେ ଝିଅ ଆସିଛି । ପୁଅର ନାଁ ଲେଖାଇବା ଦିନ ପାଖହେଲା । ତା ଆଗରୁ ପ୍ରାରମ୍ଭିକ ବଛାବଛି ହେବ, ସେଥିରେ ବି ସୁଂ-ଚୁଂର ଅସୁବିଧା ହେବାର ଆଶଙ୍କା ନାହିଁ, ସେ ଖୁବ୍ ଭଲ ଛାତ୍ର । ପ୍ରଥମ ଶ୍ରେଣୀରେ ପାସ୍ କରିଛି । ଆହୁଁ ଆହୁଁ କେତୋଟା ବର୍ଷ ଗଲେ ସୁଂ-ଚୁଂ ବାହାରିବ ଡାକ୍ତର ହୋଇ ।

ଯେଉଁମାନଙ୍କୁ ଡାକ୍ତରି ପଢ଼ିବାକୁ ନାମ ଲେଖାଇବାକୁ ଆମନ୍ତ୍ରଣ କରାଗଲା, ସେମାନଙ୍କର ନାଁ ତାଲିକା ଖବରକାଗଜରେ ଛପା ହେଲା । ସେଥିରେ ସୁଂ-ଚୁଂର ନାଁ ନଥିଲା ।

ବାପ ପୁଅ ଲାଗିପଡ଼ି ବୁଝାସୁଝା କଲେ, କାଳେ ଭୁଲ୍ ହୋଇଥିବ ।

ସୁଂ-ଚୁଂ କହିଲା—"ନିଶ୍ଚୟ କିଛି ଭୁଲ୍ ଅଛି, ହେଇ ତ ମୋ ସାଙ୍ଗର କେତେ ପିଲାଙ୍କ ନାଁ, ସେମାନେ ଯଦି ନଆହେଲେ ତାହେଲେ ମୋ ନାଁ ରହିବ ନାହିଁ କେମିତି ?"

Digitized by srujanika@gmail.com

ରେଲ୍ ଚଢ଼ିଯାଇ ଧାଁଦଉଡ଼ କରି ସେମାନେ ଏତିକି ଖବର ବୁଝିଲେ ଯେ ସୁଂ-ଚୁଂର ଦରଖାସ୍ତ ହଜିନାହିଁ, କିନ୍ତୁ ବହୁବର୍ଷ ତାଲିକା କଲାବେଳେ ତା ନାଁ କାଟିଦିଆ ହୋଇଛି, ଯାହାକୁ କାଟିଦିଆଯାଏ ତା'ର କାରଣ ବୁଝିହୁଏ ନାହିଁ । ନ୍ୟାଯ୍ୟସଙ୍ଗତ କାରଣ ଅବଶ୍ୟ କିଛି ଥିବ, ଦରଖାସ୍ତରେ କିଛି ତ୍ରୁଟି, କୌଣସି ଅଭାବ । କାହାରି ପ୍ରତି ଅନ୍ୟାୟ କି ଅବିଚାର କରାହୋଇ ନାହିଁ ।

ସୁଂ-ଚୁଂ ଘରକୁ ଫେରି ଲମ୍ବହୋଇ ବିଛଣାରେ ଶୋଇଲା । ଦେହରେ ଖାଇ ଫୁଟୁଛି । ପୁଅକୁ କହିଲା, "କାରଣ ମୁଁ ଅନୁମାନ କରିପାରୁଚିରେ ପୁଅ । ଆମେ—ନା ନା, ଥାଉ । ମୁଁ ଶୁଏଁ ।"

ସୁଂ-ଚୁଂ କାଠପରି ବସିଥାଏ । ତା' ମା, ତା' ଭଉଣୀ ତା' ବାପର ଦେହ ଆଉଁସୁଛନ୍ତି । ସୁଂ-ଚୁଂ କଳ୍ପନାରେ ଦେଖିପାରୁଛି କଲିକତାରେ ଫୁ-ତେ'ର ମୁହଁ, ତା'ର ଅଭିସନ୍ଧିମୟ ତାଚ୍ଛଲ୍ୟମୟ ହସ ।

ସୁଂ-ଉଂ ବୁଢ଼ା ବାଉଳା ହୋଇ ପାଟିକଲା, "ତୋଫାନ—ଗୋଟାଏ ବଡ଼ ତୋଫାନ, ଆରେ କିଏ କୋଉଠି ଅଛରେ ? ଟିକେ ଅଛଟି ?" ଜ୍ୱର କମ୍ପୁଛି ।

●

Digitized by srujanika@gmail.com

ବଗିଚ୍ଛ

ମହାଶୂନ୍ୟ ଭିତରେ ଛୁଞ୍ଚିମୁନରେ ଦାଗ ଟିକଏ ପରି ବକଟେ ଜାଗା କାଉଁରି ଝାଉଳ ବଡ଼ ସହର ଭିତରେ ବୁଦାଟିଏ । କେହି ବାଟ ପାଇବ ନାହିଁ ନ ଜାଣି-ଥିଲେ । ତଥାପି ଡାକବାଲା ଡାକେ—'ଚିଠି' । ଗଉଡ଼ ପାଟିକରେ—'ଦୁଧ ନିଅ ।' ଶୁଖୁଆବାଲୀ ଆଗୁଳି ଠେକ ଭିତରେ ପଶେ । ଜଙ୍ଗଲ ପରି ବଗିଚ୍ଛ ଅଗଳ ଭେଦି ମୁଣ୍ଡ ପସରାର ବାସ ଚହଟେଇ ସିଧା ଖୁଆଡ଼ ଦୁଆର ମୁହଁକୁ ଆସି ଅଳି କରେ—

"ଭଲ ପାଟଲି ଇଲସି ଅଛୁ ମ, ଆଜ କଏ ଦେଖିବ ବୋଲି ଲୁଚେଇ କରି ଆଣିଚି, ଦେଖୁନା ଚମରି ନାଗି ।" ମୁହଁଠେକ ତୋଳା ଠେକ ମୁହଁକୁ ଚାହାଣି ଗୁଡ଼ି ଫାଉଁକଳା ହସିଦିଏ । ଥପ୍ କରି ହସ ନଭେଇଦେଇ ଓହଳ ମହଲ ପରି ଝୁଙ୍କି ପଡ଼ ନଖରେ ଭୂଇଁରେ କାଟେ ଫୁଲ ଆଉ ବର୍ଛା ଫାଳ, ଆଉରୁଷା ଦେଇ କହେ—

"ନଉନ ।"

ପିମ୍ପୁଡ଼ି ମଳା ପରି ସାଲୁ ମାଲୁ ମଣିଷ । ଉପରୁ ତଳକୁ ଚାହିଁଲେ ବାରି ହେବ ନାହିଁ ଚର । କିଏ କଳା, କିଏ ଗୋରା, କିଏ ଟିକଏ ବଡ଼, କିଏ ଟିକଏ ସାନ । କିଏ କାଲି ବି ଥିଲା କିଏ ଆଜି ନୂଆ । ଖାଲି ମଳା ମଳା, ଆଉ ନିରେଖି ଦେଖିଲେ ଦିଶିବ ହଲ୍‌ଚଲ୍ । ଆଗକୁ ପଛକୁ, ବାଁକୁ ଡାହାଣକୁ, ଉପରୁ ଚାହିଁଲେ ସୁମାରି କରିହେବ ନାହିଁ । କେଉଁ ଗଛରେ କେତେବେଳେ କଷି ଧରୁଛି, କେଉଁ ଗଛ ଫଳ ପଡ଼ୁଛି । କେଉଁଥିରେ ଲଗିଲାଣି ଉଇ । କାହା ପତରେ ପଜ ପୋକ । ସିମିତ ।

କିନ୍ତୁ ପ୍ରେ ଘରେ ସେସବୁ ଅନିଶ୍ଚିତତା କେବେ କାହା ଧାରଣାକୁ ମଳିଆ କରିନଥିବ । ସବୁ ଧାରଣା ସଫା, ନିର୍ଦ୍ଦିଷ୍ଟ, ଆରମ୍ଭ ଓ ଶେଷ ଦେଖି ହେବ—

Digitized by srujanika@gmail.com

ଏଇଠୁ ଆରମ୍ଭ ହେଲା, ଏଇଠି ସରିଲା, ମାପ କଷ୍ଟହେବ—ନଦୀ, ସତେ ଅବା ହାତ ମୁଠାରେ, ଯିମିତି ହାତର ଅଙ୍କା, ହାତର ରଙ୍ଗ, ହାତର ଇଷ୍ଟ୍ରଓ୍ୱାର୍ ।

ଏ ଘର, ଏ ଘରର ମଣିଷ—ସେମାନଙ୍କୁ ଚିହ୍ନିଥିବା ମଣିଷ ଅଛନ୍ତି । ସେମାନଙ୍କୁ ଲୋଡ଼ୁଥିବା ମଣିଷ ଅଛନ୍ତି, ଆଉ ଅଛନ୍ତି କେତେ ଲୋକ, ଯେଉଁ-ମାନେ ତାଙ୍କ ଅସ୍ତିତ୍ୱକୁ ଏଭଳି ସ୍ୱୀକାର କରିପାରିଛନ୍ତି ଯେ, ସେମାନେ କାମନା କରୁଥାନ୍ତି, ନଥାନ୍ତେ କି ଏ ।

ହତାକୁ ଲଗି ବା ପାଖକୁ ଜଗୁ ଜେନାଙ୍କ ଘର । ବଡ଼ଘର । ଖାଲି ଦୋ-ମହଲା ବୋଲି ନୁହେଁ, ମେଲା ଫରକ୍ସ ବୋଲି ନୁହେଁ, ସେଥିରେ ଯେଉଁ ମାଲ-ମସଲା ବ୍ୟବହାର କରାଯାଇଛି, ଯେତେଯେତେ ଆଧୁନିକ ସୁନ୍ଦର ଦାମିକା ପଦାର୍ଥ ଲାଗିଛି, ଯେଉଁ ଶୈଳୀରେ କୋଠାଟିର ଗଢ଼ଣ, ସେସବୁ ପାଇଁ ସେ ବଡ଼ଘର । ଲୋକେ ଫୁସୁରୁ ଫୁସୁରୁ ହୁଅନ୍ତି, ସେ ଘର ବିଷୟରେ କୁଆଡ଼େ କେତେ ଗୁପ୍ତ ଅନୁସନ୍ଧାନ ଚାଲିଥିଲା, ପରବର୍ତ୍ତୀ ଶାସନ-ଦୁଆ ଉଠିଲାବେଳେ ଗନ୍ଧ ଫିକଲାଗ ହୋଇଥିଲା, ଗୁପ୍ତ ହେଉ ହେଉ ଅଟକିଗଲା ।

କିନ୍ତୁ ଗନ୍ଧରେ ଗନ୍ଧିପଡ଼ି ଗଣେଶଙ୍କ ବାହନମାନଙ୍କୁ ସମର୍ପିତ ହୋଇ ପଡ଼େ, ତା' ପରବର୍ତ୍ତୀ ତ ଜଣେଇଜଣା । ମଝିରେ ମଝିରେ ହଠାତ୍ ସେଠି ଉଡ଼େ ଗେରୁଆ ଶବ୍ଦର ଗୁଡ଼ିଏ । ମାଇକ୍ ବାଟେ ଗର୍ଜନ ଗୁଡ଼େ ବହୁତ ପାଟିରେ ହରିନାମର ଲହଡ଼ି । କାଳି କଳି ଯୁଗର କଳପାଦରେ କଳୁଷିତ ସହରର କଳୁଷକୁ ବାରମ୍ବାର ଧୋଇଥାଏ । କଳା ପିମ୍ପୁଡ଼ି ପରି କୁଆଡ଼ୁ କୁଆଡ଼ୁ ଠୁଳ ହୁଅନ୍ତି ମଣିଷ, ସଡ଼କରେ ଗାଡ଼ିଭିଡ଼, ଅଇଁଠାପତ୍ର ପାଖେ କୁକୁରଙ୍କର କାମୁଡ଼ାକାମୁଡ଼ି ।

ମଝିରେ ମଝିରେ ଅନ୍ୟ କେଉଁ ଧର୍ମବାଣୀ ଧର୍ମଗୀତ ଟେପ୍ ଧ୍ୱନିତ ହୁଏ । କେତେବେଳେ କେଉଁ ରାଜା, ଇଂରେଜୀ, ବଙ୍ଗଳା, ହିନ୍ଦୀ କି ଓଡ଼ିଆ ଶୁଣାଯାଏ କେଉଁ ସନ୍ଥ ଆସିଛନ୍ତି, ଅଥବା କେଉଁ ସନ୍ଥଙ୍କର କେଉଁ ଶିଷ୍ୟ, ଧାଡ଼ିହୋଇ ଗାଡ଼ିସବୁ ଠିଆ ହୋଇଯା'ନ୍ତି । ସବୁବେଳେ ପ୍ରଫୁଲ୍ଲ ଗୋଲଗାଲ ଜଗୁ ଜେନା । ଲୋକ ଚିହ୍ନି ନସର-ପସର ହୋଇ ଫାଟକ ପାଖରୁ ପାଛୋଟି ନିଅନ୍ତି ।

"ସାର୍ ଆସନ୍ତୁ । ଅଇଛା ତ ଆପଣଙ୍କ କଥା କହୁଥିଲେ !" ସେ ଜେବେ କଲଟରରେ ଆଙ୍ଗୁଠି ଚେଞ୍ଜି ଚେଞ୍ଜି ଟାଇପ କରି କରି ସାପ-ଶିଡ଼ି ଖେଳରେ

Digitized by srujanika@gmail.com

ସାର୍ ପକାଉଥିଲେ, କେବେ ପଡ଼ଗଲ ଶିଢ଼ ପାଦତଳେ, ଉଠି ଉଠି ହେଲେ ମନ୍ତ୍ରୀଙ୍କ ପି. ଏ. । କେତେ ଅମଳ ଦେଲେ ଭୋଗ କଲେ, ତା'ପରେ ସାର୍ ପଡ଼ଲ ସାପର ମୁଣ୍ଡ ପାଖେ ଟୋକେଇ ଦେଇ ଖେଳ ଭଙ୍ଗି ଉଠି ଗୁଲେଗଲେ, ଇସ୍ତଫା ଦେଲେ, ଲୋକେ ଜାଣିଲେ ତାଙ୍କର ଦୁର୍ଭାଗ୍ୟ ହୃଦ୍‌ରୋଗ ବାହାରିଛି । ଖାଲି ଆଖିରେ ତ ଜାଣିହେବ ନାହିଁ, ଏକା ଡାକ୍ତର ବୁଝିବେ ସିନା, ତା'ପରେ କ'ଣ ବେପାର ତା'ବ କ ବେପାର୍ କଏ କହିପାରିବ, ପଚ୍ଛରିଲେ ଅନେକେ କହନ୍ତି କଏ ବେପାରୀ, କଏ କ ଗବେଷଣା କରୁଛନ୍ତି, କଏ କରୁଛନ୍ତି ସାମ୍ବାଦିକତା କଏ ଖାଲି କର୍ମୀ ।

କିନ୍ତୁ ଏ ବଡ଼ଘର ଯେତେବେଳେ ତୋଳା ହେଲା—ନାଁ ଝୁଲିଲା ଇନ୍ଦ୍ରାଣୀ-ଭବନ । ଯେତେବେଳେ ବେପାରର ସିଦ୍ଧି ଆଖିଦୁରୁଣିଆ ହେଲା, ଆଉ ଅବିଶ୍ୱାସ କରିହେବ ନାହିଁ । ଇନ୍ଦ୍ରାଣୀ ଦେବୀ କୁଆଡ଼େ ତାଙ୍କ ସ୍ତ୍ରୀ । କଏ କହେ ଇନ୍ଦ୍ରାଣୀ ତାଙ୍କ ଇଷ୍ଟଦେବୀଙ୍କ ନାଁ । ଆଉ କଏ କହେ—ସିଏ ସବୁ ସନ୍ଥଙ୍କୁ ସେବା କରନ୍ତି ସତ; କିନ୍ତୁ ତାଙ୍କ ଗୁରୁ କେଉଁ ଶ୍ରୀ ଶ୍ରୀ ଶ୍ରୀ ଇନ୍ଦ୍ରାଣୀ ଦେବୀ । ଆଗେ ମୈମନସିଂରେ ଥିଲେ । ଏବେ ହିମାଳୟରେ ଉତ୍ତର କାଶୀଆଡ଼େ କେଉଁ ଗୁମ୍ଫା ଭିତରେ ।

ସବୁ ଠିକଣା ଏ ସହରକୁ ଅପହଞ୍ଚ । ଯେତେକାଳ ଥାଏ, ମୁହଁର କଣ୍ଠରୁ ହିଁ ପରିଚୟ ମିଳିଥାଏ । ବଡ଼ କୋଠା ଆଗରେ ଥଣ୍ଟ ପରି ଯେଉଁ ଖଣ୍ଡିକ ଆଗକୁ ବାହାରିଛି, ତା' ମୁଣ୍ଡି ଖିଲଣ ଓ ଗୁଣ୍ଠ ଏପରି ଗଢ଼ାହୋଇଛି ଯେ, ସଡ଼କରୁ ଦିଶେ କଇଁଫୁଲିଆ ହାଣ୍ଡିଟିଏ ଠିଆହୋଇଛି । ତା' ପିଠିରେ କମଳୁଠ ଖଟୁଲି ପରି ଗୋଟିଏ ବାଡ଼ାଦିଆ ପିଣ୍ଡା, ତା' ଉପରେ ବଗିଚା ପରି ଆଗବାଡ଼ା ପାଖେ, କୁଣ୍ଡରେ ପାଣି ପଶି ସଡକୁ ସଡ ଗୁଡ଼ଏ ଧାନଗଛ ।

ଲୋକେ କହନ୍ତି—ଜଗୁ ଜେନା ଜଣେ ବଡ଼ ବ୍ଯଷୀ ।

ଢାଣ୍ଡିଘରେ କାଚଆଲମାରିରେ ପଶି ଶୋଭା ପାଉଥାଏ, କେଇଖଣ୍ଡ ଲୁହା-ପଥର । କୁଆଡ଼େ କେନ୍ଦୁଝରପଟ ଖଣ୍ଡାଧାର ଜଳପ୍ରପାତ ଆଡ଼ର । ଲୋକେ କହନ୍ତି ସେଠି ସେହି ପାହାଡ଼ଉଚ୍ଚଆଳରେ ଜଗୁଜେନାଙ୍କର ଲୁହାଖଣି ଅଛି । ବହୁତ ମୂଲ୍ୟବାନ ଖଣି । ସେଭଳି ଆଉ କାହାର ନାହିଁ । ଅତି ଆଧୁନିକ ଯନ୍ତ୍ରପାତି ଲଗାଇ ଅତି ଆଧୁନିକ ବିଜ୍ଞାନ କୌଶଳରେ ସେ ଖୋଳାହେବ । ଏଇ ହେଲା

Digitized by srujanika@gmail.com

ଜାଣ, ନିଜ ନାଁ ରହିବ ନାହିଁ, ଦେଖେଇହେଲେ ଇନ୍‌କମ୍‌ଟିକ୍‌ସ କାମୁଡ଼ିବା ଭୟ ଅଛି ।

ଅନ୍ତତଃ ସେହି ପ୍ରସିଦ୍ଧ ଜେନା କୋଠି ଆଖିରେ ତା' ଡାହାଣ ପାଖର ସେ ଜାଗା ଅଗ୍ରକ ଗୋଟାଏ ଅତି ବାସ୍ତବ ନଦୀ ଆଉ ଟାଣୁଆ ଖେଣ୍ଟା । କେତେ ଲୋକ ଆସିଛନ୍ତି, କୁଆଡ଼େ ଉଡ଼ିଯାଇଛନ୍ତି, ଉଭେଇ ଯାଇଛନ୍ତି; କେତେ ମନ୍ତ୍ରୀ ବି ଆସିଛନ୍ତି । ଯେଉଁ ଜନସମୁଦ୍ରରୁ ଆସିଥିଲେ ସେଠି ଲୀନ ହୋଇଯାଇଛନ୍ତି । କେତେ ସାଧୁବାବା ଆସିଥିଲେ, କିଏ ମଲେଣି, କିଏ କୁଆଡ଼େ ଗଲେଣି, କାହାର କଳାହରଣ ହୋଇଯାଇଛି, କେତେ ବାବୁ କେତେ ପିଢ଼ି ଉପରେ ବସି କେତେ ପ୍ରତାପୀ ହୋଇଥିଲେ, ସେମାନେ ବି ସେଠି ଆଉ ନାହାନ୍ତି । ଗ୍ରନ୍ଥକୀଟ ପେଣ୍ଡାଲ ଉପରେ ବି ପାଞ୍ଚବର୍ଷ ଦଶବର୍ଷ ଆଙ୍ଗୁଠିଟିପ ଆଗରେ ସୁମାରି କରୁ କରୁ ଜଣେ ଜଣେ ପାଞ୍ଚଥର ବେଶ ବଦଳେଇ ଟୋପ ବଦଳେଇ ସାରିଲେଣି, ତାଙ୍କର ଆଉ ସ୍ଥାୟୀ ପରିଚୟ ବୋଲି କିଛି ନାହିଁ ।

କିନ୍ତୁ ଡାହାଣ ପାଖରେ ଏ ଅଗ୍ରକ—ଯେମିତିକି ସେମିତି ।

ଫାଟକରେ କବାଟ ନାହିଁ । ତା' ପରିବର୍ତ୍ତେ ପାଞ୍ଚଟି ସାମନ୍ତରାଳ ବାଉଁଶ ଆଡ଼ବାଗିଆ ହୋଇ, ଦି'ପଟେ ଯୋଡ଼ିଏ ଖମ୍ବ ଭିତରେ ଗଳି, ଧଡ଼ାଟାଏ ହୋଇଛି । ସହର ଅବା ମଫସଲର ବାଇଗଣବାଡ଼ି । ଲୋକେ କେବେ ଧଡ଼ା ଖୋଲୁ ଖୋଲୁ ଭଉ ଭଉ କରି ଦେଶୀ କୁକୁର ଯୋଡ଼ାଏ ଛନଟା ଗୋଡ଼େଇ ଆସନ୍ତି, କେତେବେଳେ ନଥାନ୍ତି, ପେଟ-ପାଟଣାପାଇଁ କୁଆଡ଼େ ବୁଲୁଥାନ୍ତି, ଜଗୁଜେନା କୁକୁର ସହିପାରନ୍ତି ନାହିଁ । କୁଆଡ଼ୁ କୁଆଡ଼ୁ ହାଡ଼, ଗୋଡ଼ ମୁଣ୍ଡଘେନି ସେମାନେ ସେ ବାରିକି ଆସନ୍ତି । ବେଳେବେଳେ ସଢ଼ା ଗନ୍ଧ ହୁଏ, ଜଗୁଜେନାଙ୍କର ଝରକାବାଟେ ଗନ୍ଧ ଆସେ । ଫଳେ କୁକୁର, ଗର୍ଭହେଲେ ଅନେକ ସମୟରେ ସଙ୍ଗୀତ କରନ୍ତି । ପ୍ରକୃତକଥା ମାଈ କୁକୁରଗୁଡ଼ାକ ଉଦ୍ଧକୁଟି ହୋଇ ସେଠି ଜଗି ରହନ୍ତି, ତାଙ୍କର ଛୁଆ ହୁଏ । ଅଣ୍ଡିରି ଓ ସୁନ୍ଦର୍ଶିଆ ଛୁଆଗୁଡ଼ିକୁ କିଏ କୁଆଡ଼େ ନେଇଯାଆନ୍ତି, ଦୁଃସାହସୀଗୁଡ଼ିକ ଗାଡ଼ିଚକତଳେ ସଡ଼କରେ ଗ୍ଲପିହୋଇ ମରନ୍ତି । ରୋଗ, ମଡ଼କ, ସାପଖିଆ, ବିଲୁଆଖିଆ ଆଦି ଦୈବଦୁର୍ବିପାକରେ ବି କେତେଗୁଡ଼ିଏ ଯାଆନ୍ତି । ତଥାପି ସବୁ ମୁଥରୁ ଗୋଟାଏ ଦି'ଟା ରହିଯାନ୍ତି, ମାଈ, ଅସୁନ୍ଦର, ରୋଗୀଣା, ଧେଡ଼ ଆଉ ଯେମିତି ଦଶବାରମାସ ପାଖହୁଏ ସିମିତି କୁଆଡ଼ୁ କୁଆଡ଼ୁ

Digitized by srujanika@gmail.com

ସେମାନଙ୍କ ଦେହରେ ଝଟକେ ନବଯୌବନ, ଧଡ଼ା ପାଖରେ ଲାଗେ ସାହ୍ୱଯାଙ୍କର କୁକୁରମେଳା । ଗଣ୍ଡ ଗଣ୍ଡ ସଡ଼କ ଉପର ଯାକ ସଙ୍ଗୀତ ଲହଡ଼ିଇ । ସତେ ଅବା "ପପ୍-ବାଟ୍-ଆଧୁନିକ" ମାଧ୍ୟମରେ କରୁଣରସର ଗଙ୍ଗ ଗଜ । ଜଗୁଜେନା ବିରକ୍ତହୋଇ ଭ୍ରୂକୁଟି କରି କହନ୍ତି—"ମଣିଷଟା ଯେମିତି ନା—ହୁଁ ।" ପ୍ରତି ଆଗନ୍ତୁକ କୁକୁର-ଯୁବା ଖାତାରେ ଦସ୍ତଖତ୍ କଲାପରି ପଛଗୋଡ଼ରୁ ଗୋଟିଏ ଟେକି ମଧ୍ୟ ପରିହ୍ରା କରି ଦେଇଯାଏ । ଏକାପାଖଘର ପାଚିରି କରୁରେ ନୁହେଁ । ଜଗୁଜେନାଙ୍କର ଇନ୍ଦ୍ରାଣୀଭବନ ପାଚିରି କାନ୍ଥ କରରେ ବି ।

ଧଡ଼ାଟେକ ପଶିଲେ, ଛୋଟିଆ ଜଙ୍ଗଲଟିଏ, ନାନାଜାତିର ଫୁଲ ଗଛ, ଜାତି ସେତେ ଦୁଷ୍ପ୍ରାପ୍ୟ ନୁହେଁ; ଡଗର, ମନ୍ଦାର, ମଲ୍ଲୀ, ଯୂଇ, ଚମ୍ପା, କାଠଚମ୍ପା, ବେଣୀଚମ୍ପା, ବ୍ରଜମଲ୍ଲୀ, ନଆଳୀ, କୁନ୍ଦ, ରଙ୍ଗଣି, ଗେଣ୍ଡୁ, ନାଲି କନିଅର, ଦାମକେରେଣ୍ଡା, ସେବତୀ, କୁସୁମ, ସ୍ଥଳପଦ୍ମ ପ୍ରେନ୍ଥା ପ୍ରେନ୍ଥା ଫିକା ବାସ୍ନା ଗୋଲାପ । କେତେ ଏମିତି ନିଜ ନିଜ ଫୁଲ ଫୁଟିବା ଋତୁରେ ସବୁ ଗଛରେ ଫୁଲଭର୍ତ୍ତି, ସବୁଗଛ ଝଙ୍କା, ଘରଯାକେ ହ' କରରେ ଧାଡ଼ିହୋଇ ନାନା ବର୍ଣ୍ଣର ଶୋଭା-ପତ୍ର ଗଛ, ତା' ପ୍ରକାର ସେତେ ଦୁଷ୍ପ୍ରାପ୍ୟ ନୁହେଁ; କିନ୍ତୁ ଆଖି ଝଲସିଯାଏ ସେ ଗଛମାନଙ୍କ ଆକାର ଓ ସ୍ୱାସ୍ଥ୍ୟ ଦେଖିଲେ, ଯାଉ ଯାଉ ମଝିରେ ଅଗସଏ କୃତ୍ରିମ ପାହାଡ଼ ପରି ଜମିରୁ ଉଡ଼ା ହୋଇଥିବା ପଥରଗୁଡ଼ିକ ପର୍ବତ ପରି ସଜାଇ ଥୁଆହୋଇଛି । ତା'ଉପରେ ଅଗସଏ ଅଗସଏ ନାନାବର୍ଣ୍ଣର ଗୁଳ୍ମ ଲଗାହୋଇଛି । ଗୋଟାଏ କରକୁ, ଜେନାଙ୍କ ଘର ଆଗକୁ, ସେଉଁଠି ପାହାଡ଼ରୁ ଝର ଫୁଟିଲ ପରି ତାଙ୍କ ଗାଧୁଆଘରମାନଙ୍କରୁ ଅପନା ପାଣିର ଧାର ନଗିଡ଼େ ସେ ପଟେ ଅନ୍ଧାରୁଆ ହୋଇ ଫଳ ବଗିଚ୍ଛଟିଏ । ବରକୋଳି, ଅମୃତଭଣ୍ଡା, ପିଜୁଳି, ଗୋଲାପ, ଜାମୁ, କଦଳୀ, କଲମି ଆମ୍ବ—ସଂଖ୍ୟାରେ ଗୋଟିଏ ଯୋଡ଼ିଏ; କିନ୍ତୁ ଖୁବ୍ ହୃଷ୍ଟପୁଷ୍ଟ, ଏତେ ଗହଳ ହୋଇ ସୁଦ୍ଧା ଖୁବ୍ ଫଳେ । ଘର ପାଖହେଲେ, ଆଗହଣେ, ଧାଡ଼ି ହୋଇ ନଡ଼ିଆଗଛ ଗୁଡ଼ିଏ ପୁରୁଷେ ଦେଢ଼ ପୁରୁଷ ଉଚ୍ଚରେ ଫଳଭର୍ତ୍ତି । ଗେଟମଗାଟମ ଦମ୍ଭିଲ ଗଛ, ବଡ଼ବଡ଼ ବାହୁଙ୍ଗା, ନଡ଼ିଆ ବାହୁଙ୍ଗା, ଖିଲଣ ତଳେ, ଆଣ୍ଠୁଏ ଉଚ୍ଚ ପିଣ୍ଡାକୁ ଚଢ଼ିଗଲେ, ସେ ଘରେ ପହଞ୍ଚିବାକୁ ହେବ । କୋଠା ନୁହେଁ, କଞ୍ଚା ଇଟାର ବି ନୁହେଁ, ମାଟିକାନ୍ଥ, ଟାଇଲ୍ ଛାତ, ଟାଇଲ ବି ହଟେଣ ନାହିଁ, ଛାତଯାକ ବହଳ ହୋଇ ମାଳତୀଲତା ମାଡ଼ିଛି, ଫୁଲ ହଳେ ଗୋଟାଯାଏଁ ଧଳା । "ଲୋକଟାର ବୁଦ୍ଧି ଦେଖ ।" ଜଗୁଜେନା

Digitized by srujanika@gmail.com

କହନ୍ତି—"ଛୁଆ ପିଲା ଯେନ ଘର କରୁଛି, ବଢ଼ାଉଛି ଅରମା, ପୋଷୁଛି ସାପ, ପାଇବ ଯେ କେବେ ବୁଝିବ । ସେତେବେଳକୁ କୋପାକୁ ମଣ୍ଡପ ଡାକିବ, କପାଳକୁ ଜାଗା ଖଣ୍ଡେ ଅଛି, ସେ କଅଣ ଏଇଥିପାଇଁ ? ଅନ୍ୟ ପ୍ରକାର ବ୍ୟବହାର ନାହିଁ ?" କେତେ କହିଲି, ଏକାକନ୍ଦ ।

ଜଗୁଜେନା ଦର ଡାକିଥିଲେ—ତିନି ହଜାରକୁ କେହି ପଚାରିବେ ନାହିଁ, ନହେଲେ ଗୁଣ୍ଡକ ପାଞ୍ଚହଜାର କଣନଜ; କେଡ଼େ ସୁନ୍ଦର ଆଉ କୋଉଠି ହେଲେ ଜାଗା ଦେଖି କୋଠାଘର ଖଣ୍ଡେ ତ କରିପାରନ୍ତା ।

ଆଉ ଜଗୁଜେନା ଆପଣା ଘରକୁ ଲଗାଇ ସେଠି ତୋଳ ପାରନ୍ତେ ଆହୁରି କୋଠା । ଗୋଦାମ, କାରଖାନା, ହୋଟେଲ, ସିନେମା ଘର, ଯୋଜନା ବହୁତ ଥିଲା ।

ବେଳେ ବେଳେ ମନ ଅଜାଣତରେ ଝରିଯାବାଟେ ଗୁହୁଁ ଗୁହୁଁ ଜଗୁଜେନାଙ୍କ ଆଖି ହେ ବାଗିରୁ ଉପରେ ଭରା ଦେଇ ଅଟକିଯାଏ ; ସତେ ଯେମିତି ଗୃହାଣିଟା ଶୋଇପଡ଼ି ଆଉ ସ୍ୱପ୍ନ ଦେଖେ, ଆଖି ମେଲା ଛଡ଼ଥାଏ, ସମସ୍ତ ଓ ଚେତନା ସମ୍ପର୍କିତ ସେମିତି କ'ଣ ରୂପକୁ ଦେଖେ । ସେମିତି କ'ଣ ଭାବରେ ମଜିରହେ, ଅଥଚ ଲାଗୁଥାଏ, ଅତି ଚହ୍ଲା ହୋଇଥିଲା ସବୁ କେବେ । କେମିତି ଗୋଟିଏ କଳ୍ପନାରେ ଗଢ଼ାହୋଇଥିବା ତପୋବନ, ପାଇବାକୁ ନାହିଁ ପାଇବାକୁ ନାହିଁ ଏଭଳି ଉଦ୍‌ବେଗର ତାଜ ସେଠି କେବେ ଲାଗିନାହିଁ । ଗଲା କି ରହିଲା, ଗଲା କି ରହିଲା ଏ ମନସ୍ତାପର ଲଙ୍କାମରିଚ-ଧୂଆଁ ସେଠି ପଶି ନାହିଁ, ସବୁ ଦିଶୁଛି ସହଜ, ସୁନ୍ଦର, ସ୍ୱାଭାବିକ । ଝିମ ଲାଗେ—ଧର ଏଠି ମିରିଗଟାଏ ବାହାରିବ, ଆଉ ତା ବେକରେ ଗୁଡ଼େଇ ହୋଇଥିବ ମୋଟା ବୋଡ଼ା ସାପ, ତେବେ ତା'ର ଏତିକି ଖାଲି ଅର୍ଥ ଯେ ମିରିଗ ଆଉ ବୋଡ଼ା ଭାଇ ବନ୍ଧୁ । ଜଗୁଜେନାଙ୍କ ମୁଣ୍ଡଭିତରେ ସଲସଲ ଲାଗେ, ଆଖିରୁ ପାଣି ବୁହେ, ଗାଲ ଉପରେ ଥଣ୍ଡା ଥଣ୍ଡା ଲାଗିବା ମାତ୍ରେ ଗୃହାଣି ଚେଇଁଉଠେ । ସେତେବେଳେ ଲାଗେ, ଇସ୍ ! କି ଅରମା ! ଲୁଚ୍ଛା ଅରମା ! ଏ ଦେଶରେ କ'ଣ କେବେ ପ୍ରଗତି ହେବା ସମ୍ଭବ ?

ପ୍ରଗତି ତା' ଗୁଆଁକୁ ତାଙ୍କ ପାଖକୁ ଆସେ । ଛି, ରେଡ଼ିଓ, ସମ୍ବାଦ, ଫୋନ, ଗହଳି ଲୋକ ଆତଯାତ, ନଜର ଓ ଅନ୍ୟମାନଙ୍କ ବ୍ୟସ୍ତତା ଓ ବେଗ

Digitized by srujanika@gmail.com

ରୂପରେ । ଅନେକେ ଯେଉଁମାନେ ନାନା କ୍ଷମତାରେ ଅଛନ୍ତି—ଜାଣନ୍ତି ଯେ ତାଙ୍କ ସାହାଯ୍ୟ ନହେଲେ ସେମାନଙ୍କର ନଚଳେ । ସେ ଭାବନ୍ତି ସେ ନିଜେ ମନ୍ତ୍ରୀ ହେବାକୁ ଲୋଡ଼ୁନାହାନ୍ତି । ତେଣୁ ହୋଇନାହାନ୍ତି, କିବା ବଡ଼ ?

ତଥାପି ଆଉ ପାଖେ ସେ ନିଷ୍କଳ । ଭାରତ ସମ୍ବିଧାନରେ ପରିବର୍ତ୍ତିତ ହେଲା ପରେ ଦେଖାଯିବ ସହରର ମଝିରେ ଛକ ଉତ୍ତରେ ଫାଙ୍କା ଜାଗା ଯହିଁ ପେଟ୍ରୋଲ୍ ଦୋକାନ କରିବାକୁ ଦିଆଯାଇ ପାରିଲା ଏଠି ଗୋଟାଏ ପାଠାଗାର କରିବାପାଇଁ ଜାଗାଟା ଦିଆଯାଇ ପାରିବ ନାହିଁ ?

ସେ ପାଖେ ଯେଉଁ ମଣିଷଟି ରହେ, ସେ ଏ ପାଖର ସହଚ୍ଛା ବିଷୟରେ କୁତୂହଳୀ ନୁହେଁ । ସକାଳୁ ଧଡ଼ା ଆଉଡ଼ଇ ସାଇକେଲ ଝୋଷାର ମୁଣି ଓହଳେଇ ବାହାରିପଡ଼େ, ବଜାର କରି ଫେରେ । ପୁଣି ଥରେ ବାହାରିପଡ଼େ, ସାଢ଼େ ନଅଟାରେ । ଫେରୁ ଫେରୁ ପାଞ୍ଚ । ଦୋଟି ପିଲା ଇସ୍କୁଲକୁ ଯାଆନ୍ତି ଆସନ୍ତି । ଧଡ଼ା ପଡ଼ଆଏ, ବାଟ ମୁହଁରେ ଗହଳ ନାହିଁ । ସକାଳେ ଉପରଓଳ, ମା' ବାପ, ପିଲାଏ ପରିବାରଟିଯାକ ବଗିଚ୍ଚ ଭିତରେ କାମ କରନ୍ତି । ସଢ଼କରୁ ଦିଶେ ନାହିଁ, କାନେଇଲେ କଥାବାର୍ତ୍ତା ଶୁଣିଲା ପରି ଲାଗେ । ଯେଉଁମାନେ ସ୍କୁଲକଳା କାର୍ଯ୍ୟାଳୟରେ କାମ କରନ୍ତି, ସେମାନେ ଚିହ୍ନିଛନ୍ତି ତାଙ୍କ ଅଧକ୍ଷ ବୈଷ୍ଣବ ଚରଣ ଆଗ୍ନର୍ଯ୍ୟଙ୍କୁ । ଖୋଜିଗଲେ ବଖରାଟି ଦେଖାଇ ଦେବେ ।

ଫୁଙ୍ଗା ହୋଇ ପଦାରେ କୁଢ଼ ହୋଇଥିବା ଟିଣଗଦା ଭଙ୍ଗା କାଠ ତାବଲା ଓ କାଠଜିନିଷ ଗଦା ପଥରକୁଢ଼ ଟପି ଘାସ ନଥିବା ଗାଢ଼ ଗାଢ଼ ଟାଙ୍ଗି ଉପରେ ଧାଉଡ଼ିଏ ଟିଣଛାତ ଥାଇ ଘର, କାନ୍ଥରେ ବରଷାଧାରର ଚିହ୍ନ, ସବୁ ବଖରାରେ ଠେସାଠେସି କାରୁକାର୍ଯ୍ୟମୟ ମୂର୍ତ୍ତି ନାନାରୂପ କାଠର, ମାଟିର ପଥରର ପ୍ରକାର ପ୍ରକାର ଛବି, ନାନା କାରୁକାର୍ଯ୍ୟ କରୁଥିବା ଗ୍ରହମାନେ, ଗୁରୁମାନେ ଆଜ ଠାଏ ଟେବୁଲ ଉପରେ କେଉଁ ଚିତ୍ର ଆଙ୍କୁଥିବା ଅବସ୍ଥାରେ ଝୁଙ୍କିପଡ଼ ଖଣ୍ଡେ ଚୌକିରେ ବୈଷ୍ଣବଚରଣ ଆଗ୍ନର୍ଯ୍ୟ, ଖଣ୍ଡେ ଖଦଡ଼ଲୁଗା ଖଣ୍ଡେ ପାଉଁଶିଆ ଖଦଡ଼ ପଞ୍ଜାବି, ଡେଙ୍ଗା ଦେହ, କାନ୍ଧହାଡ଼ ଓ ଲମ୍ବା ବାହାଯୋଡ଼ିକର ହାଡ଼ ଟାଣୁଆ ଓ ଓସାରିଆ ଜଣାପଡ଼େ, ଲମ୍ବା ବେକ, ତା'ଉପରେ ଗୋଟିଏ ହାଡ଼ୁଆ ଲମ୍ବାଳିଆ ମୁହଁ କଳା ମିଚ୍ ମିଚ୍, ମୁଣ୍ଡଯାକ ବୋଢ଼େ କଳା କଳା ବାଳ କୁଣ୍ଡା ହୋଇନଥିବ ଅର୍ଦ୍ଧାଜଳିଆ ନୁହେଁ ।

Digitized by srujanika@gmail.com

ସେ ମୁହଁର ବିଶେଷତ୍ୱ କିଛି ହଠାତ୍ ବାରିହୁଏ ନାହିଁ । ଖାଲି ଦମ୍ଭ ଦିଶେ । ମୋଟାଏ ଉଚ୍ଚ ନାକ, ଫଇଲୁ ଠିଆ କପାଳ, ମୋଟାଳିଆ ଓଠ ଉପର ଟିକିଏ ବାଙ୍କ, କଟାହେବା ବେଳ ଅନ୍ତତଃ ଦି' ମାସ ଗଡ଼ିଯାଇଛି, ଏଣୁକରି ଯେଉଁ ବାଳଗୁଡ଼ିକ ଲମ୍ବି ଉଠିଛି, ମୁହଁ ଉପରକରଙ୍କରେ ତା ବନ୍ଧନୀ । ସବୁ ଏକାଠି ହେଲେ କେମିତି ଗୋଟାଏ ନାକଟେକା ଅବସ୍ଥା ସୂଚାଏ । କିନ୍ତୁ ଉମା ଉମା ଲମ୍ବାଳିଆ ଆଖିଯୋଡ଼ିକୁ ଅନାଇଲେ ସେ ଧାରଣା ଓଲଟି ପଡ଼େ । ବୟସ ଗୁଳଣ ପରେ, କିନ୍ତୁ ଏ ଯେପରିକି ଗେହ୍ଲାରେ ବଢ଼ିଥିବା ଗୋଟିଏ ସ୍କୁଲ ପିଲାର ଆଖି, ତା'ର ଯେ ଗାଳି ଖାଇଛି, ଆଉ ଭାବୁଛି ଗାଳି ମିଳିଲା, ବିନା ଦୋଷରେ । ଆଉ ଟିକିକୁ ସେ ହସିଦେବ । ହସରେ କୌତୁକ ଓ ଉତ୍ସାହ । ଯେମିତି ପିଲାଟି ଦେଖି ପକାଇଲା ବଲ୍ ତା' ଆଡ଼କୁ ଆସୁଛି । ଆଉ ପାଏ କିଏ ? ସେମିତି ଅନ୍ୟମନସ୍କ ଚାହାଣି । ହସ ଉପରୁ ପାନ ଯେ ଖୋଲି ଧରିବ, ନିଜେ ଖଣ୍ଡେ ଟେକିନେଇ ହାଉଁ ଭିତରକୁ ଗୁଞ୍ଜିଦେବ ଅଚ୍ଛା କରି ପୁଳାଏ ଗୁଣ୍ଡି, ସମ୍ଭାବିତ ପରିମାଣର ଦୁଇଗୁଣ । ତା'ପରେ ଦ୍ୱିଏତ ଅକାରଣରେ ହି-ହି-ହି ହସ । ଆଉ ତା'ପରେ କମିଆଁ କଲିପରି କେତୋଟିବସ୍ତୁ ଉପରୁ କନା ଘୋଡ଼ଣୀ ଟେକିନେଇ ସେ ଦେଖାଇବ ।

"ଏଇଟି ଗୋପବନ୍ଧୁ ଚୌଧୁରୀଙ୍କ ମୁଣ୍ଡ ଆଉ ଏ ମୁଣ୍ଡ ଆଚାର୍ଯ୍ୟ ହରିହରଙ୍କର ।"

ଦେଖାଇବ ଆଉ ଏ ପଞ୍ଚନ୍ତବ ଆର୍କିବ ବୋଲି ଏ ଯେଉଁ ଶିଳ୍ପ କରିଛି ନାଁ, ଏ ରାବଣ ସୀତାଙ୍କୁ ଘେନିଗଲା ବେଳର ଛବି । ଦଶମୁଣ୍ଡିଆ ଅସୁର ରାବଣଟାଏ ଆଜିକାଲି ଲୋକଙ୍କୁ ଲାଗିବ ଅସମ୍ଭବ ପାଗଳାମି, ବୋଲି । ଏଗୁଡ଼ାକ ପୁରୁଣାକାଳିଆ କଥା । ନୁହେଁ ? କିନ୍ତୁ ଆଜିକାଲି ଜୀବନରେ ଯେତେ ହିଂସ୍ରକ କୁସ୍ତିତତା । ପରୋକ୍ଷ ତରେ ଯେଉଁ ନୃଶଂସ ବାହସତା ତା' ସୃଷ୍ଟିପାଇଁ ଲାଗୁଛି ଯେତେ ଜଟିଳ କୌଶଳ, ସୂକ୍ଷ୍ମ ବୁଦ୍ଧି, ବୈଜ୍ଞାନିକ ବିକାଶ, ରାବଣଟା ତା' ଆଗରେ କି କଥା, ଅସଲ ପଟାଳିଆ ବାଘ ଆଗରେ କାଗଜର ବାଘ ଛବିଟାଏ, ଆଉ କେତେ ?

ଦେଶରେ ଦଳେ ଶିଳ୍ପୀ ତାକୁ ଭାରି ପ୍ରତିଭାବନ୍ତ ବୋଲି ଭାବନ୍ତି, ଆଉ ଦଳେ ମୁହଁ ମୋଡ଼ନ୍ତି । ଉଭୟଙ୍କ ଭାଷାରେ ସେ "ବସ୍ତୁବାଦୀ ।"

Digitized by srujanika@gmail.com

କିନ୍ତୁ ସେସବୁ କଥା ଶୁଁ ସେତିକି ତା'ର ନିଶା । ଅନୁଷ୍ଠାନରେ ତା' ବୃତ୍ତି ମାସିକ ସାତେ ତିନିଶହ ଟଙ୍କାରେ ଚାକିରି କିନ୍ତୁ ଅନୁଷ୍ଠାନଟି ତା'ର ଅତିପ୍ରିୟ, ସେତିକି ମା' ଓ ଛୁଆଙ୍କ ସମ୍ବନ୍ଧ ।

ଆଉ ଛୁଆଟି ତା' ବଗିଚ୍ଚ । ଘରକୁ ଫେରୁ ଫେରୁ ସେ ଆଗ ବଗିଚ୍ଚ ଭିତରକୁ ଧାଇଁଯାଏ । ଏଠି ସେଠି ଗୋଟି ଗୋଟି ଗଛ ଦେଖି ଦରାଣ୍ଡି ଆଉଁସି ପକାଏ । ଖୋଳାଖୋଳି କେଞ୍ଚାକେଞ୍ଚି, ଖତସାର ଦିଆ, ପାଣି ମଡ଼ା, କେତେ କାମ, ନାନା ଜଞ୍ଜାଳ । ଫୁଲ ସେ ଛିଣ୍ଡାଏ ନାହିଁ । ସେଥିପାଇଁ ସାହିରେ ମନାନ୍ତର । ହେଇ, ସେଦିନର କଥା ସକାଳୁ ଜଣେ ବୁଢ଼ା ଚମ୍ପାଗଛର ଡାଳ ଓଟାରି ନେଇ ଫୁଲ ତୋଳୁଥାନ୍ତି । ବଡ଼ କର୍ମଚାରୀ ଥିଲେ, ବହୁବର୍ଷ ହେଲା ଅବସର ନେଲେଣି, ଖୁବ୍ ପୂଜା କରୁଥିବେ । ଫୁଲ ଦରକାର ।

"ପରର ଦ୍ରବ୍ୟ ଲୁଟିଲାବେଳେ ବୁଢ଼ା ଦେହ ବି କେମିତି ପିଲା ଦେହ ପରି ଚଞ୍ଚଳ ହୋଇପଡ଼େ !" ବସ୍ତ୍ରାଚାର୍ଯ୍ୟ ଚାହିଁ ଚାହିଁ ଭାବୁଥାଏ ଏ କଅଣ ଲୋଭର ନୁହେଁ । ଧର୍ମ ନାଁରେ ହେଉ ପଛେ, କେତେ ପାପ ।

ହଠାତ୍ ବସ୍ତ୍ରାଚାର୍ଯ୍ୟ ଗର୍ଜନ ଛାଡ଼ିଲା, "ହୁଃ ।" ଚମକିପଡ଼ି କାନ୍ଥ ନଇଁବ ପାଳି ଧରିଲାପରି ବୁଢ଼ା ପାଟି କଲେ "ହୁ ।" ଗଛ ଡାଳ ପୁଣି ଉପରକୁ ଚାଲିଗଲା । ବୁଢ଼ା ଆବାକାବା ହୋଇ ଚାରିଆଡ଼କୁ ଅନାଇଲେ ।

ବସ୍ତ୍ରାଚାର୍ଯ୍ୟ ବଡ଼ ପାଟିରେ ହସିଲା, ହସି ହସି ଫାଟିପଡ଼ିଲା । ସେଥିବ ହସର ପାହାଡ଼ ଖାଇ ସତେ ଅବା ବୁଢ଼ାଙ୍କର ପୂର୍ବ ସ୍ମୃତି ଲେଉଟି ଆସିଲା, ସେ ଚାଲିଗଲେ ।

ଲୋକେ ଠାକୁରପୂଜା କରିବେ ବୋଲି ଫୁଲ ତୋଳି ଆସନ୍ତି, ସେ ଘଉଡ଼େ । ସେମାନେ ଅନ୍ଧାରୁ ଅନ୍ଧାରୁ ଆସନ୍ତି । ତା' ଆଗରୁ ବିଛଣାରୁ ଉଠିପଡ଼ି ସେ ଜଗିଥାଏ । କୁକୁରଗୁଡ଼ିକ ସାହାଯ୍ୟ କରନ୍ତି । ଲୋକେ ଅନୁରୋଧ କରନ୍ତି । ଫୁଲ ତ ଠାକୁରଙ୍କ ପାଇଁ । ତା'ଠୁ ଆଉ ଭଲ ବ୍ୟବହାର ଅଛି ?

"ଠିକ୍ କଥା । ସେଇଥିପାଇଁ ମୁଁ ଫୁଲ ଛିଣ୍ଡାଇ ଦିଏ ନାହିଁ । ଫୁଲ ଥିଲେ ଠାକୁର ନିଜେ ତାକୁ ଦେଖୁଥିବେ । ଶୁଙ୍ଘୁଥିବେ । ସେ ତ ସବୁଠି ଅଛନ୍ତି ।"

ଶୀତଦିନ । ଫୁଟିଥାଏ ନାନା ଜାତି ଗୋଲାପ ଓ ମନ୍ଦାର ବାଡ଼ପାଖ କନ୍ଦ କନ୍ଦ ବୁଗେନ୍‌ଭିଲ । ନାଲି, ପାଟ, ଧଳା, ହଳଦିଆ । ମନ୍ଦାରଗୁଡ଼ିକ

Digitized by srujanika@gmail.com

ଏକପରସ୍ତିଆ, ଦୁଇପରସ୍ତିଆ । ଗୋଟାଏ ଗୋଟାଏ ଦେଢ଼ ଦେଢ଼ ଗୃଖଣ୍ଡ ଓସାର । ନାନା ବର୍ଣ୍ଣ—ଧଳା, ସୁନେଲି ନାଲି, ନାନା ଚିତ୍ର ବିଚିତ୍ର । ଗୋଲାପ ଗଛରେ ବି ନାନାବର୍ଣ୍ଣର ଫୁଲ । ଗୋଟିଏ ଗୋଟିଏ ଗଛରେ ଗଣି ବସିଲେ କୋଡ଼ିଏଟି ପଚିଶଟି କରି ଫୁଲ । ଶାଗୁଆ ଛନଛନିଆ ଅଳ୍ପ ଅଳ୍ପ ପତ୍ର । ଯେପରିକି ଫୁଲଗୁଡ଼ିକର ଶୋଭା ବଢ଼ାଇବାକୁ ଖଞ୍ଜା ହୋଇଛି । ଅଳ୍ପ ଅଳ୍ପ ଛଡ଼ାରେ କୋଡ଼ିଏଟି ବୁଦା । ଘର ଆଗରେ ବଗିଚାର ଠିକ୍ ମଝିରେ । କରେ କରେ ବସି ଦେଖିବାକୁ ଅଳ୍ପ ଅଳ୍ପ ଘାସ । ବାଙ୍ଗାଲୋରର କସ୍ତୁରି ରଙ୍ଗିନ୍ । ଦିଲ୍ଲୀର ଉଲରପାଲ । ଦେଓଗଡ଼ର ସରକାର, ନାନା ସ୍ଥାନର ବିଚକ୍ଷଣ ଗୋଲାପ-ବୃକ୍ଷୀଙ୍କଠୁଁ ବୃକ୍ଷ ମଗାଇ ବୁଦ୍ଧି ଆଣି ବସ୍ତ୍ରାଚାର୍ଯ୍ୟ ଗଢ଼ିଛନ୍ତି ତା' ଗୋଲାପ ବଗିଚାଟି । ସେଥିପାଇଁ ମୂଲ୍ୟ ଦେଇଛନ୍ତି କେତେ ଶ୍ରମ, କେତେ ଅନଟନ, କେତେ ଚିନ୍ତା, କେତେ ଯତ୍ନ । ତା' ଆଖିରେ ଏ କଅଣ ଖାଲି ଫୁଲଗୁଡ଼ିଏ ? ସେଠି ବସିଥିଲେ ଲାଗେ ଜୀବନର ଏ ଗୋଟିଏ ନୂଆ ରୂପ, ନୂଆ ଅର୍ଥ, ସ୍ନେହ, ସୌନ୍ଦର୍ଯ୍ୟ, ଆନନ୍ଦ ବିଶ୍ୱାସମୟ ଶାନ୍ତ ନିର୍ଭୀକତା ଯେନ ଏ ଜୀବନ ଭିତରେ ଯେଉଁ ଅପରାଜେୟ ସର୍ଜନାଶକ୍ତି ସବୁଦିନେ ରହିଛି ସେ ତାହାର ପ୍ରକାଶର ସ୍ଫୁରଣ । ଅକାମୀ, ଘଷରା, ଭୂଆଁବୁଲା ମାପ ଓଜନ ମୂଲ୍ୟ ତଉଲର ଚଳନ୍ତି ବାଟ ଉହାଡ଼ରେ ଜୀବନର କେତେ ନୂଆ ତାତ୍ପର୍ଯ୍ୟ ଅଛି । ଏ ତା' ସମର୍ଥନ, ପୁଣି ତା' ନିଜପ୍ରଶ୍ନ ।

କିନ୍ତୁ ସେଦିନ ସକାଳେ ବସ୍ତ୍ରାଚାର୍ଯ୍ୟ ଘର ଆଗରେ ବହୁତ ଗାଡ଼ି ମଟର ସାଇକେଲ । ଫାଟକର ଧଡ଼ା ଖୋଲାଥାଏ । ତା' ସ୍ତ୍ରୀ ସେ ଦୋକାନରେ ପାନ ଭାଙ୍ଗିବାରେ ବ୍ୟସ୍ତ ଥା'ନ୍ତି । ସେ' ପୁଅଟା ଯାଉଣି । ଗୋଟିଏ ପୁଅ ସାଇକେଲ ଚଢ଼ି ପୁଣି କଣି ଆଣିବାକୁ ଗଲେଣି । ଆସିଥିବା ଲୋକେ ବଗିଚାପାକ ଖେଳେଇ ହୋଇ ପଡ଼ଥା'ନ୍ତି । କିଏ ପିଜୁଳି ଛିଣ୍ଡେଇ ଖେଳୁଥା'ନ୍ତି—"ବାଃ, ଭାରି ଭଲ ପିଜୁଳି, ଖୁବ୍ ମିଠା ।" କିଏ କେଉଁ ଗଛରୁ ଫୁଲ କି କଡ଼ ଛିଣ୍ଡାଉଥା'ନ୍ତି । କୋଟରେ, କମିଜରେ ମାରିବେ ସେହା କରି ବାନ୍ଧିବେ ବସ୍ତ୍ରାଚାର୍ଯ୍ୟଙ୍କୁ ଭେଟି ଦେବାପାଇଁ । ସେମାନେ ବଡ଼ପାଟିରେ ତା' ପ୍ରଶଂସା ଗାଉଥା'ନ୍ତି ।

ସେମାନେ ଆସିଥିଲେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇବାକୁ । କାରଣ; କାଲି ରାତିରେ ଥରେ ଓ ପୁଣି ସକାଳୁ ଆଜ ଥରେ ରେଡ଼ିଓ ସମ୍ବାଦ କହିସାରିଛି । ଶ୍ରୀ ବୈଷ୍ଣବଚରଣ ଆଚାର୍ଯ୍ୟଙ୍କ ହାତ ତିଆରି ଓଡ଼ଶୀ ପଛଶିତ 'ଗୀତାଗୋଲି' ଆମେରିକାରେ ଶ୍ରେଷ୍ଠତମ ବିବେଚିତ ହୋଇ ଲକ୍ଷେ ଡଲାର ପୁରସ୍କାର ପାଇବ

Digitized by srujanika@gmail.com

ବୋଲି ବସ୍ତ ହୋଇଛି । ଛବିଟି କିଣିବାକୁ ଆହୁରି ଲକ୍ଷେ ଡଲାର ପଡ଼ୁଛି । ମନ ହେଲେ ସେ ବିକି ପାରିବେ । ସ୍ତ୍ରୀ' ପରେ ଆମେରିକା ଭ୍ରମଣ ଓ ଆମେରିକାରେ ସମ୍ବର୍ଦ୍ଧନା ଲାଗି ତାଙ୍କୁ ଆମନ୍ତ୍ରଣ ଆସୁଛି ।

ଆଶ୍ଚର୍ଯ୍ୟ ! ଆଶ୍ଚର୍ଯ୍ୟ ! ଅଦ୍ଭୁତ ପ୍ରତିଭା ! ଧନ୍ୟ କଳିଙ୍ଗର ଶିଳ୍ପୀ ! ଉତ୍କଳ, ଉତ୍କୃଷ୍ଟ ଯାହାର କଳା ! ଧନ୍ୟ ବସ୍ତ୍ରାଶ୍ଚର୍ଯ୍ୟ !

ଆମେରିକା ମୂଲ୍ୟ ନିରୂପଣ କରିଛି । ଶ୍ରେଷ୍ଠ ବସ୍ତ୍ରାଶ୍ଚର୍ଯ୍ୟ ନିଶ୍ଚୟ ଅଦ୍ଭୁତ ପ୍ରତିଭାଶାଳୀ । ଆମେରିକା ଭିଏତନାମରେ ପୁଣି ବୋମାମାଡ଼ ଚଳାଇଲାଣି, ଆମେରିକା ଭାରତ ବିରୁଦ୍ଧରେ ସପ୍ତମ ନୌବାହିନୀ ପଠାଇଥିଲା, ଆମେରିକା ଭାରତକୁ ବହୁତ ଟଙ୍କା ଋଣ ଦେଇଥିଲା, ବହୁତ ସାହାଯ୍ୟ ଦେଇଥିଲା, ବହୁତ ଭାରତୀୟଙ୍କୁ ସେଠି ନିଯୁକ୍ତି ଦେଇଛି ।

କିନ୍ତୁ ସେ ସବୁ ତ ଭିନ୍ନକଥା, ରାଜନୀତିକ କଥା ।

ଆମେରିକା ଓଡ଼ିଶାର କଳାକାର ଜଣଙ୍କୁ ସମ୍ମାନ ଦେଇଛି । ଶ୍ରେଷ୍ଠ ତାଙ୍କ କଳା ନିଶ୍ଚୟ ଉତ୍କୃଷ୍ଟ । ସେ ନିଶ୍ଚୟ ଭଲ ଜାଣେ ଲୋକ । ସେମାନେ ବି ତାଙ୍କୁ ଶ୍ରେଷ୍ଠ ଆବିଷ୍କାର କରିଛନ୍ତି ଓ ଖୁସି ହୋଇ ବାହା ବାହା କରିବାକୁ ଆସିଛନ୍ତି ।

ବସ୍ତ୍ରାଶ୍ଚର୍ଯ୍ୟ ବିବ୍ରତ ହୋଇ ସେମାନଙ୍କ ମୁହଁକୁ ଅନାଇଥାନ୍ତି, ମାମୁଲି କଥାରେ କୃତଜ୍ଞତା ଜଣାଉଥାନ୍ତି, ବିନୀତ ହୋଇ କଥା କହୁଥାନ୍ତି । ଆଗଠୁ ଅଧିକ ନମ୍ର ଆଉ ଉଦାସୀନ ।

"ଆପଣଙ୍କୁ ବୋଧେ ଏକଦମ ରଖିନେବାକୁ ଚାହିଁବେ ସେଠି ସେମାନେ । ଆପଣ କଅଣ ସେଠି ରହିବେ ?"

"ସେଠି ବୋଧହୁଏ ଓଡ଼ିଶୀ ଶାଢ଼ୀ ଶିଖାଇବାକୁ ଇସ୍କୁଲ ଖୋଲିବେ । ଆଉ ବି କାହାକୁ କାହାକୁ ନେବେ ।"

ତା' ଉତ୍ତର ଗୋଟାଏ ନିଶବ୍ଦ ହସ । ଆହୁରି ପ୍ରଶ୍ନ । ଉତ୍ତରରେ ଆହୁରି ହସ । ଜଣକର ହସ ଆଉ ଜଣକର ପ୍ରଶ୍ନ ପାଇଁ ଆଗରେ ଗୋଟାଏ ଯବନିକା । ଅଥବା ପ୍ରଶ୍ନ ଆଗରେ ଖୋଲା ଆକାଶ, ଅନ୍ଧାର, ତାରାଫୁଟା । ଉତ୍ତର ହଁ ବା ନାହିଁ ଯେ ଯେପରି ଭାବିବ ।

ଆଃ, କି ବଢ଼ିଆ ଗୋଲାପ ଫୁଲ ଫୁଟିଛି । ନହେଲେ କଅଣ ମାହାଳିଆ

Digitized by srujanika@gmail.com

ଏତେ ବଡ ଶିଳ୍ପୀ, ଯାହାକୁ ଆମେରିକା ମୁଣ୍ଡରେ ମୁଣ୍ଡେଇଛି । ସେମାନେ ପଶି ଗଲେଣି ଗୋଲାପ ଅଗଣା ଭିତରକୁ । ଗଛ ଗୁଡ଼ିଆକ ନରମ ମାଟିରେ ଯୋଚା ଖୁବ ଚଢ଼ ଗାଡ଼ ଗାଡ଼ ହୋଇଛି, ସହରର ବଶିଷ୍ଟ ଲୋକ, ପ୍ରତାପୀ ଲୋକେ, ବସ୍ତ୍ରାଗ୍ରହଣ୍ୟ ଘାସ ଧାଡ଼ିରେ ଠିଆହୋଇ ଖାଲି ଅନାଉଛନ୍ତି । ଏ ଫୁଲଗୁଡ଼ାକ କ'ଣ କରୁଛନ୍ତି ? ଜାଣନ୍ତି ତ ଯା ବ୍ୟବହାର ? ପାଖୁଡ଼ାଟିଏ ଖାଇବାନ୍ତୁ, ଦେଖିବେ କେତେ ସୁଆଦ ଓ ମିଠା ଲାଗିବ । ଭୋକ ବଢ଼ାଏ, ବଳ ଦିଏ, ପେଟ ସଫା କରେ, ସୁନ୍ଦର ଔଷଧ ଚାଲକାଟର ଗୁଲ୍-କନ୍ଦର ଭରନ୍ତି, ପୁଷ୍ଟିକାରକ ଔଷଧ । ଗୋଲାପ ପାଖୁଡ଼ାକୁ ମିଶ୍ରି ଶିଶିରେ ପକାଇ ଚୁଲିରେ ବସାଇ ଫୁଟାଇବାକୁ ହୁଏ । ହେଇ ଦେଖନ୍ତୁ ଗୋଲାପର ସୁସ୍ୱାଦ ।

ଜଣେ ଛିଣ୍ଡାଇ ପାଟିରେ ପକାଇଲା ପରେ ଅନ୍ୟମାନେ ଗୋଟିଏ ଗୋଟିଏ କରି ଗୋଲାପ ଫୁଲ ଗୁଡ଼ିକର ପାଖୁଡ଼ାତକ ଛିଣ୍ଡେଇ ଖାଇବାକୁ ଲାଗିଲେ ।

ଆରେ ବାଃ, ସତେ ତ, କି ସୁଆଦ ଆଉ ବାସ୍ନା, ଅଳ୍ପ ଟିକିଏ କଷା ଲାଗୁଛି । ସେ କହୁ ନୁହେଁ ।

"ହୁଁ, ଦେହକୁ ଭାରି ହିତ, ପେଟର ସବୁ ଗୋଳମାଳ ଭଲ କରିବ, ରକ୍ତ ବଢ଼େଇବ ।"

"ଭଲ ଗେଣ୍ଡୁ ଫୁଲ ଫୁଟିଛି, ନେଇଯାଉଛୁ କହୁ ଠାକୁର ପୂଜାରେ ଲାଗିବ । ଯାହେଉ ଠାକୁରେ ଆପଣଙ୍କର ଖୁବ୍ ବଡ଼ତ କଲେ", ଜଗୁଜେନା କହିଲେ; ସମ୍ବର୍ଦ୍ଧନା ଜଣାଇବାକୁ ସେ ବି ଆସିଥିଲେ ।

"ହିଁ, ମୁଁ ବି—"

ଉତ୍ତରକୁ ଅପେକ୍ଷା ନରଖି ମଟ୍‌ମାଟ୍ ରଟ୍ ଗଟ୍ କାମ ଆରମ୍ଭ ହୋଇ-ଗଲା ।

କଦାଚିତ୍ ବସ୍ତ୍ରାଗ୍ରହଣ୍ୟଙ୍କୁ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜଣାଇବା ଲୋକ ଖୁଲିଗଲେଣି, ଗୋଲାପ ଗଛ, ଗେଣ୍ଡୁ ଗଛ, ଥୁଣ୍ଟାହୋଇ ଠିଆହୋଇ ରହିଛି, ଏଠି ସେଠି ଭଙ୍ଗା ଡାଳ ଛିଣ୍ଡାପତ୍ର, ଛିଣ୍ଡା ପାଖୁଡ଼ା, ବସ୍ତ୍ରାଗ୍ରହଣ୍ୟ ଠିଆହୋଇ ରହିଛି କଳା ହୋଇ, ସ୍ୱପ୍ନ ପରି ଦେଖୁଛି, କଅଁଳ ସୁନ୍ଦର ନରମ, ଜୀବନ ଛଳଛଳ ଗୋଲାପ ପାଖୁଡ଼ାଗୁଡ଼ିକୁ ମଣିଷ ନଖରେ ଛିଣ୍ଡେଇ ଦାନ୍ତରେ ଚୋବେଇ ଚୋବେଇ ଖାଉଛନ୍ତି, ପରମ ତୃପ୍ତି ଓ ଆବେଗରେ । ●

Digitized by srujanika@gmail.com

ରଣାକୁହୁଡ଼ି

ସବୁଟା ଘର ଓଳୋଇଥିଲା । ସାନ ଆଲମାରି ଉପରେ ଟାଇମ୍‌ପିସ୍ ଘଣ୍ଟାଟିଏ ଥୁଆହୋଇଛି, ତା ଫଳକଟା ମସିଆ ପଡ଼ିଗଲାଣି । ସେଇଟା କୁଆଡ଼େ ତାଙ୍କ କଲେଜ ଦିନରୁ ଅଛି । ଦଶଟା ବାଜିଲାଣି । କ'ଣ କରୁଥିବେ ସେ ?

ଥରେ ଅଧେ ସେ ଲାଜଲାଜ ହୋଇ ତାଙ୍କୁ କହିଛି, “ତୁମ ଅଫିସ ଭିତରଟା କେମିତି ଥରେ ଦେଖାନ୍ତ ନାହିଁ ? ତୁମେ ଯେଉଁଠି ବସ, କାମରେ—ଦିନରେ ସିନା ଲୋକ, ରାତିରେ ଯାଇହୁଅନ୍ତା ନାହିଁ ?”

ସେ ହସିଦେଇ କହିଥିଲେ, “ହୁଣ୍ଡୀ ଆଜି ଗଛରେ ଫଳନ୍ତି କି ?”

ତା'ର କୁତୂହଳ ହୁଏ କେତେ କଥା ଜାଣିବାକୁ, କେମିତି ତା ସ୍ୱାମୀ ତାଙ୍କ ନିଜର ଓ ତା'ର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ୁଛନ୍ତି । ନିଶ୍ଚୟ ଗଢ଼ୁଛନ୍ତି, ସେଥିରେ ତା'ର ସନ୍ଦେହ ନାହିଁ । ସେ ନିଜେ ତ ବୁଝାନ୍ତି, ସକାଳେ ଓ ରାତିରେ ଖାଇ ବସିଲାବେଳେ—ଅନ୍ୟବେଳେ ତାଙ୍କୁ ଗପସପ ହେବାକୁ ସମୟ ନଥାଏ, ବଜାର କରି ନଗଲେ ବସି ପଢ଼ୁଥାନ୍ତି, କ'ଣ ଲେଖୁଥାନ୍ତି, କହନ୍ତି, ଜରୁରି କାମ ଏସବୁ । ସେ ବୁଝାନ୍ତି—“ଆମର ସାହା ଭଗବାନ, ଆଜି ଆମେ ନିଜେ । ଭବିଷ୍ୟତଟା ଗଢ଼ିବାକୁ ପଡ଼େ ନିଜକୁ । ଆଗ ଆଗ ଖାଲି ପରିଶ୍ରମ, ଖାଲି ଖେଣ୍ଟିଖାଣ୍ଟି ଚାଲି କାମ କରିବାକୁ ପଡ଼ିବ । ମନ ଛଟପଟ ହେଉଥିବ, ଅଭାବ ଅସୁବିଧା ଦେହ ଯୋଡ଼ା ବାଧୁଥିବ । ସବୁ ପଛକୁ ପକାଇଦେବା, ଧୈର୍ଯ୍ୟଧରି ଅପେକ୍ଷା କରିବା, ଦିନେ ଦିନକର କାମର ଫଳ ଏକାଠି ଦୂନ ହେବ, ଆଖିଦୃଶିଆ ହେବ, ସେତେବେଳେ ତୁମେ ବୁଝିବ ମୋ କଥା ସତ କି ମିଛ । କାହାର ଛଇଛଟକ କାହା ବଡ଼େଇ ବଡ଼ଲୋକ ଦେଖି ଆମେ ହନ୍ତସନ୍ତ ହେବା ନାହିଁ, ଆମେ ଉନ୍ନତି କରିପାରିଥିବା ଗୌରବରେ, ଖାଲି କାମ ଓ କାମର ଗୁଣବଳରେ, ତୁମେ ଦେଖିବ ।”

Digitized by srujanika@gmail.com

"ହେଉ, ଭଗବାନ ଉନ୍ନତି ଦେଲେ ଉନ୍ନତି ହେବ, ତୁମେ ସେଥିପାଇଁ ଧଇଁସଇଁ ହୋଇ କାମ କରନା, ଦେହଟା ଭଲ ଥାଉ, ମନ ଖୁସି ଥାଉ ।" ସେ କହେ ।

ସେ ତାଙ୍କୁ କି ଉପଦେଶ ଦେବ ? ସେ ତ ତାଙ୍କୁ ପୂଜାକରେ । ବୟସରେ ତାଠୁଁ ଆଠ ବର୍ଷ ବଡ଼, ତାକୁ ଜାଣେଇଣି, ତା ସ୍ୱାମୀ ଧନଞ୍ଜୟଙ୍କୁ ସତେଇଣି । ପାଠରେ ସେ ନିଜେ ଗାଁ ଇସ୍କୁଲରେ ମାଇନର ପାସ୍, ତା ସ୍ୱାମୀ ଏମ୍. ଏ. । କୃତ୍ତିଗୁଣ । ଆକାରରେ ତା ସ୍ୱାମୀ ତାଠୁଁ ଗୁଖଣ୍ଡେ ଉପରେ, ବଳିଷ୍ଠ ସରୁଆ ପିଳା, ହାତ, ଗୋଡ଼ ସତେ କି ଲୁହାରେ ତିଆରି, ଠିଆହେଲେ ଏକଦମ୍ ସିଧା, ଗୁଲିଲେ କେଡ଼େ ଦମ୍ଭ ଆଉ ଫୁର୍ତ୍ତି, ବର୍ଣ୍ଣରେ ଶ୍ୟାମଳ, ତାକୁ ଲାଗେ ତାଙ୍କ ବର୍ଣ୍ଣ କେଡ଼େ ସୁନ୍ଦର ମଧୁରିଆ ସେ ମୁହଁ ।

ସଂଯୁକ୍ତା ସେ ମୁହଁକୁ ବାରମ୍ବାର ମନେପକାଏ, ଗର୍ବ ହୁଏ ସେ ତା'ର ପାଇଁ, ଗୋଟା ସୃଷ୍ଟି ତା'ର ସମ୍ପତ୍ତି । ଓସାର ଉଞ୍ଚ କପାଳ, ଅଂକା ହୋଇପଡ଼ି ବହଳ କଳା ଭ୍ରୂଲତା, ବଡ଼ ବଡ଼ ଆଖି, ବଡ଼ ଶୁଆଥଣ୍ଟିଆ ନାକ, ସେ ମୁହଁର ଠାଣି ଅସାଧାରଣ ବୁଦ୍ଧି ଓ ସାହସ କହିଁ ବୁଝାଏ ।

ଥଟ୍ଟାରେ ଗୀତା କହୁଥିଲା, "ତୋ ବରଟା କଳା ଭୂଆ", ଗୀତା ତା'ର ନଣନ୍ଦ । ସେ ହସିଥିଲା, ମନେ ମନେ କହୁଥିଲା, "ଆଉ ତୋ ବରଟା ? ନହେଲପା ଗରଗର ପେ, ମାଇଚିଆ ମୁହଁଟାଏ ତ, କ'ଣ ହେବ ?"

ଦିନ ସାଢ଼େ-ଦଶ ନହେଉଣୁ ସଂଯୁକ୍ତାର ଏ ଓଳିର ସବୁକାମ ଶେଷ । ଧନଞ୍ଜୟ ଅଫିସରୁ ଫେରୁ ଫେରୁ ଚ'ର ବାଜିଯାଏ, ତା ଆଗରୁ ସେ ଜଳଖିଆ ତିଆରି କରିବ, ସେ ପର୍ଯ୍ୟନ୍ତ କାମ ନାହିଁ । ବାରମ୍ବାର ଘର ଓଟେଇବାକୁ ତାକୁ ଭଲ ଲାଗେ, ହାତ ଖାଲି ଖାଲି ହୁଏ, ତା ସଂସାରଟିକୁ ସେ ମଠାମଠି କରିବ । ଛୋଟ ବସାଟିଏ, ଏକ ମାହାଲ କୋଠା, ସାନ ବାଟଘର, ତାକୁ ଲାଗି ଶୋଇବାଘର, ତା'ପରେ ଭଣ୍ଡାରଘର ଓ ଆଉ ସାନ ବଖରାଏ—ଠାକୁରଘର । ତା ସେପାଖେ ରନ୍ଧାଘର । ସାନ ଦୁଆରଟିଏ, ସେଠି ଠାକୁରଘର ସିଧା ଚଉରା ଉପରେ ବଡ଼ ତୁଳସୀ ଗଛଟିଏ । କରକଥା ହୋଇ ଗାଧୁଆଘର । ପାଇଖାନା । ନକୁଳ ଖଞ୍ଜା ।

ବାହାଘର ପରେ ଶାଶୁ ଶଶୁରଙ୍କ ପାଖେ ଗାଁରେ ଦୁଇମାସ ରହିଲା ପରେ

Digitized by srujanika@gmail.com

ସେ ଏ ବସାରେ ରହିଲାଣି ସାତ ମାସ, ସ୍ୱାମୀ ସଙ୍ଗେ ଚାହାଁଦେବାର ଏଇ ମୋଟେ ଦଶ ମାସ ପୂରିଲାଣି । ଦଶମାସ !

ଭାବୁ ଭାବୁ ତା ମୁହଁ ଲାଜରେ ନାଲି ପଡ଼ିଗଲା, ଛାତି ଉପରେ ମୁଠା ଶିଥିଳ ହେଲା । ଖଟ ଏପାଖ କାନ୍ଥରେ ଗୋଟିଏ ସୁନ୍ଦର ଛବି, ଯଶୋଦା ତାଙ୍କର ନୂପୁରପିନ୍ଧା, ମୁଣ୍ଡରେ ମୟୂର ପିଚ୍ଛ ଖୋଷା କୁଲୁକୁଲିଆ ପୁଅଟିକ କାଖେଇଛନ୍ତି । ଧନଞ୍ଜୟ ତାକୁ ଥରେ କହିଥିଲା । "ତୁମେ ଜାଣିଛ ? ଏ ଯେଉଁ ଯଶୋଦା ଛବିଟି ସେଇଟି ଅନେକାଂଶରେ ତୁମରି ପରି ଦିଶେ ।"

ସଂଯୁକ୍ତା ଠିଆହୋଇ ଝରକା ଆଡ଼କୁ ଅନାଇଁ ରହିଲା । ସେପାଖେ ସଡ଼କ, ଗାଡ଼ି ମଣିଷ ଚାଲିଛନ୍ତି । ସେ ଚାହିଁଥିଲା ଆପଣା ଭିତରର ଶୂନ୍ୟକୁ ।

କେଡ଼େ ବିଚିତ୍ର ମଣିଷଟିଏ ସେ ! ସବୁଥିକ ଏତେ ହସିଆର ଏତେ ମାପଚୁପା ଏତେ ଗୁଡ଼ାଏ ବସ୍ତୁର କ'ଣ ଦରକାର ? ଧୈର୍ଯ୍ୟ, ସଂଯମ, ପରିଣାମ-ଚିନ୍ତା, ବହୁତ ବହୁତ ଅଛି ତାଙ୍କଠି । ଆଶ୍ଚର୍ଯ୍ୟ ଲାଗେ । ସେ ହେଲେ ପ୍ରଶଂସା କରନ୍ତି ।

ମନକୁ ମନ ହସିପକାଇଲା—କିଏ ପ୍ରଶଂସା କରିବ ? କିଏ ଜାଣିବ ? କେମିତି ? ସେ କହନ୍ତି—"ଏଡ଼େ ଚଞ୍ଚଳ ଆମେ ବାପ ମା' ହେବା ଦରକାର ନାହିଁ । ସେତେବେଳେ ବାପ ମା ହେବା, ସେତେବେଳେ ପିଲେ ଛୁଆ ବି ଆମର ଦରକାର ନାହିଁ । ମହଙ୍ଗା ସହର, କିଣିଖିଆ, ଚାକିରି ତ କିରାଣି ଚାକିରି, ସବୁ ମିଶି ମାସକୁ ଦୁଇଶହ ଟଙ୍କା ବି ନୁହେଁ, ସେଥିରୁ ପୁଣି ଘରକୁ କିଛି ପଠାଇବାକୁ ପଡ଼ିବ । ଜାଣି ଜାଣି ଏଡ଼େ ଚଞ୍ଚଳ ଅଭାବ କାହିଁକି ଜଞ୍ଜାଳ କାହିଁକି ବଢ଼ାଇବା ? ତେବେ ସବୁଦିନେ ସେ ଅବସ୍ଥା ରହିନଥିବ ଯେ । ଆଶା ଅଛି ଆଉ ଦି' ବର୍ଷ ଗଲେ ମୁଁ ବୋଧହୁଏ ତିନି ଶହ ଟଙ୍କା ପାଉଥିବି ।"

ଯଶୋଦା ମାତା ଓ ଶିଶୁ ଶ୍ରୀକୃଷ୍ଣଙ୍କ ଛବିକୁ ଅନାଇଁ ସଂଯୁକ୍ତା ଦୀର୍ଘଶ୍ୱାସ ପକାଇଲା । ଅନ୍ୟମନସ୍କ ହୋଇ ଅଟକି ରହିଲା । ଟିକିଏ ବେଳ ଗଲା, ମନେ-ପଡ଼ିଲା, ସେ ତା' ସ୍ୱାମୀ କଥା ହିଁ ଭାବୁଛି । ତା' ଏମନ୍ତ ସେ ଗମ୍ଭୀର ଭିତରେ ସେ ଯେପରିକ ନିଜକୁ ନିଜେ କହୁଥାଏ, ତାଙ୍କୁ ସେ ଡରେ । ବାପା ଲେଡ଼ିଥିଲେ ପାଠପଢ଼ା ଖ୍ୟାତିମନ୍ତ ଯୋଗ୍ୟ ଜ୍ୱାଇଁ, ସେ ଭାରି ଖୁସି । ଭାବବିହ୍ୱଳ ହୋଇ ସେ କହିଥିଲେ—"ଧନ ତ ଖର୍ଚ୍ଚ ହୋଇଯାଏ, କାହାର ରହେ ? ଅସଲ ହେଲା

Digitized by srujanika@gmail.com

ମଣିଷ ଆଉ ତା' ମଣିଷପଣିଆ । ଧନଞ୍ଜୟ ଯେ ମଣିଷ । ସେ ବହୁତ ବାଟ ଉଠିବ, ବହୁତ ନାଁ କମେଇବ, ବହୁତ ଧନ ରୋଜଗାର କରିବ, ଧନ୍ୟ ଧନ୍ୟ ପୁରୁଷ ହେବ ସେ, ଆମର ଭାଗ୍ୟ ।" ବାପା ଗାଁ ସ୍କୁଲ୍‌ରେ ଶିକ୍ଷକ, ନିଜେ ଜାତକ ଦେଖି ଏବେଓ ଠିକ୍ ଠିକ୍ କହନ୍ତି ଯେ ତାଙ୍କ ପାଖକୁ ବହୁତ ଲୋକ ଆସନ୍ତି ।

କିନ୍ତୁ ମଣିଷ କ'ଣ ଏମିତି କଳପରି ନିର୍ଭୁଲ୍ ଆଉ କଣ୍ଟାକଣ୍ଟି ହୁଏ ?

ସେ ଲୋକ ପାନ, ବିଡ଼ି, ଗୁ' କିଛି ଖାଏ ନାହିଁ, ଆଇଁଷ ଛୁଏଁ ନାହିଁ, ସିନେମା ଥିଏଟର କିଛି ଦେଖିଯାଏ ନାହିଁ, ବାବୁମାନଙ୍କ ସଙ୍ଗେ ଆଡ୍ଡା ଦେବାକୁ ଯାଏ ନାହିଁ, ତାସ ବି ଖେଳେ ନାହିଁ । ସେ ଅନ୍ଧାରୁଆରୁ ଉଠି ଗାଧାଏ, ଦି'ଓଳି ତୁଳସୀପତ୍ର ଚୋବାଏ, ଦି'ଓଳି ଘଣ୍ଟାଏ ଘଣ୍ଟାଏ ଧର୍ମପୁସ୍ତକ ପଢ଼େ, ପୂଜା କରେ, ଧ୍ୟାନ କରେ, ଅନ୍ୟ ସମୟରେ କିଛି ଗୋଟାଏ କାମ କରୁଥାଏ । ହେଁ ହେଁ ହେବାକୁ ତା'ର ଇଚ୍ଛା ନଥାଏ । ସତେ ଯେମିତି ଥଟ୍ଟା-ନକଲ କରି ସେ ଜାଣେ ନାହିଁ । ସେ କହେ ସାଧୁ ବାକ୍ୟ, ନୀତି ଆଦର୍ଶର କଥା, ସଂସାରର ଦରକାରୀ କଥା । ସେ ତା' ଉପରେ ବି ନିର୍ଭର କରିବାକୁ ଚାହେଁ ନାହିଁ; ଘରେ ଥିଲାବେଳେ ରୋଷେଇ, ବାସନମଜା, ଲୁଗାକଚା ଏସବୁ କାମରେ ବି ଭାଗ ନେବାକୁ ଉପରେ ପଡ଼ି ଚାଲିଆସେ । ଆପତ୍ତି କଲେ କହେ "ତୁମେ ଆସିଲ ବୋଲି ମୁଁ ପଙ୍ଗୁ ହେବି ସେଇଟା କ'ଣ ଉଚିତ ?" ତା' ସଙ୍ଗେ କଥା କହିଲାବେଳେ ବି ସାବଧାନ ହେବାକୁ ପଡ଼େ, ପରର ହାନି-ଲାଭ କି କୁତ୍ସା କଥା ପକାଇଲା ମାତ୍ରେ ସେ ସତର୍କ କରିଦିଏ ।

"ହୁସିଆର, ପରର ଅଳିଆ ତୁଣ୍ଡରେ ମାରନା, ଅପବିତ୍ର ହୁଅନା ।"

ତା'ର ନିର୍ଦ୍ଦେଶ ଅନୁସାରେ ସହିତା ପଢ଼େ ଗୀତା, ଭାଗବତ, କେତେବେଳେ କେଉଁ ପୁରାଣ, ତାଠୁଁ ଧର୍ମକଥା ଶୁଣେ । ସେ ଧନଞ୍ଜୟକୁ ସମ୍ମାନ କରେ, ତା ଯେନ ଗର୍ବିତ ହୁଏ କିନ୍ତୁ ଡରମାଡ଼େ । ଦୃଢ଼ପ୍ରତିଜ୍ଞ ହୋଇ ସବୁ କାମ କରେ ଯେମିତି ତାର କିଛି ଭୁଲ୍ ନହୁଏ । ଭୁଲ୍ ହେଲେ ଧନଞ୍ଜୟ ଯେ ଗାଳିଦିଏ ତା ନୁହେଁ, ସେ ଖାଲି ତା ମୁହଁକୁ କେମିତି ଆଉ ପ୍ରକାରେ ଟିକିଏ ଅନେଇଁଦିଏ । ସେ ଚାହାଣିରେ ରାଗ ନଥାଏ; କିନ୍ତୁ ଲାଗେ ରାଗଠୁ ଅଧିକ କିଛି, ଯେମିତି ତା'ର ଘା ଉପରେ ଧନଞ୍ଜୟ ଗୋଟାଏ ଆଙ୍ଗୁଠି ମାଡ଼ିଦେଉଛି । କେବେ କ୍ୱଚିତ୍ ହେଲେ ବି ସଂହିତା ତା' ମନ ଭିତରେ ନ ଜାଣିଲାପରି ଭାବେ—

Digitized by srujanika@gmail.com

ସତେ କ’ଣ ତା ସ୍ୱାମୀ ଗୋଟାସୁଦ୍ଧା ଦୟା ଓ ଉଦାରତାର ଅବତାର ? ତା ଛାତି ଥରେ, ଓଠ ଥରେ ।

କିନ୍ତୁ ଅଫିସରୁ ଶୁଖିଲା ମୁହଁରେ ଫେରିଆସିଲାପରେ ତାଙ୍କ ଆଖିରେ ତାଙ୍କ ଓଠରେ ସେ ଯେଉଁ କଣା ହସ ! କେତେବେଳେ କଥାଭାଷା ହେଉ ହେଉ ହଠାତ୍ ତାଙ୍କର ସେ ଯେଉଁ ପିଲା ପରି ହସ ସରଳ, ନିଷ୍ପାପ, ମନଖୋଲା ! ସ୍ୱଚ୍ଛତାର ଅନ୍ତର ପୂରିଯାଏ । ଯେତେ ଯାହା ଛୁଇଁ ଯୋଡ଼ାଇଥାଏ ତା ଅପସରିଯାଏ ।

ତାଙ୍କ ବଶ୍ବର ଉପରେ ନିର୍ଦ୍ଦେଶ ଉପରେ ତା’ର ସମ୍ପୂର୍ଣ୍ଣ ନିର୍ଭର, ସେ ଯାହା କହୁଛନ୍ତି ସବୁ ଠିକ୍ । ଏଇ ତା’ର ସ୍ୱର୍ଗ । ତା ଜୀବନ ପୂର୍ଣ୍ଣ । ସେ ଭାଗ୍ୟବତୀ ।

ଘର ସଂସାର ସବୁର ଆରମ୍ଭ ଅଧ୍ୟାୟଟି ଏମିତି ଭୁଲିଯାଇ ହୋଇ ସେମାନଙ୍କୁ ବତେଇ ଦେବାକୁ ପଡ଼ିବ, ଏଇଠି ଏ ରତ୍ନାକରର ସ୍ଥାନ ବସାରେ । ତାପରେ ସନ୍ତାନ ବି ହେବେ, ଧନ-ସଂପତ୍ତି ବି ବଢ଼ିବ, ସେତେବେଳେ ନିଷ୍ଟୟ ସେମାନଙ୍କ ରହଣି ହେବ ଭଲେ ଘରେ, ଭଲେ ପରିସ୍ଥିତି ଭିତରେ ।

ସେ ଚୁଲି ପାଖରେ କରୁଥିଲା । ତା’ ସ୍ୱାମୀ ଆସିଲେ, କବାଟ କଡ଼ା ଖଡ଼ଖଡ଼ କଲେ, ସାଇକଲ ଘଣ୍ଟି ଟିଂ ଟିଂ କଲେ । ଏକାଠି ଏ ଶବ୍ଦ ସେ ଚିହ୍ନିଛି । ସେ କବାଟ ଫିଟାଇଦେଲା । ଧନଞ୍ଜୟ ଭିତରକୁ ପଶିଆସି ସାଇକଲ ଆଣି କବାଟ ଦେଲାପରେ ଅନ୍ୟଦିନ ପରି ତା ଆଡ଼କୁ ମାଡ଼ିଆସିଲା ନାହିଁ । ବାଟଘରେ କବାଟ ପାଖେ ଠିଆହୋଇ କହିଲା, “ଶୁଣ !”

ସେ ହସିହସି ଚାଲିଯାଉଥିଲା, କହିଲା, “ମୋ ରାଣଟି, ଆଜ ଥାଉ, ଚାଓ୍ୱା ବସେଇ ଦେଇ ଆସିଛି ।”

“ହେଇ ହେଇ, ଶୁଣ ।”

ସେ କେମିତି ଭଲେ ସ୍ୱର, ବଚକଟିଆ ଶୁଭୁଛି । ସଂହିତା କାବାହୋଇ ଠିଆ ହୋଇପଡ଼ିଲା । ଧନଞ୍ଜୟ ମୁହଁକୁ ଅନାଇଁ ଦେଇ ତା ଛାତିରୁ ରକ୍ତ ଶୁଖିଗଲା । କିଏ ସେ ପୁଣି ରୁକ୍ଷ, ନିର୍ମମ ମଣିଷ, ତା ଓଠ ଆଖି ସତେକି ଯନ୍ତ୍ରଣାରେ ଜଳୁଛି ! କେବେ ତା ସ୍ୱାମୀ ମୁହଁରେ ଏ ଠାଣି ସେ ଦେଖି ନାହିଁ !

“ମୁଁ ନ ଥିଲାବେଳେ କିଏ ଆସିଥିଲେ ? କହ ।”

Digitized by srujanika@gmail.com

"କାହିଁ ନାହିଁ ତ !"

"ସତ କହୁଚ ? ଗୌତମବାବୁ ଚୈତନବାବୁ ଆସିନାହାଁାନ୍ତି ? ଏଁ ?"

"ସେମାନେ କିଏ ? କ'ଣ ଆସିବାର ଥିଲା କ କାହାର ?"

"ତମେ ଜାଣିନା ?"

"କେଡ଼େ ଆଶ୍ଚର୍ଯ୍ୟ କଥା କହୁଚ ? ଘରେ ତ ଅଛି, କିଏ ଆସିଥିଲେ ଡାକ ନଥାନ୍ତେ ? କେହି ତ ଦେଖାନାହିଁ ।"

"ତେମେ ଦେଖିନା ? ଜଣେ ଗୋରାବାଙ୍ଗର ଲୋକ, ଗୋଲମୁଣ୍ଡି, ଲମ୍ବାବାଳ, ଅଧାନଣ, ଲମ୍ବା ଲମ୍ବା କଲ ।"

ସଂହିତା ଫାଇଁ କରି ହସିଦେଲା, ଧନଞ୍ଜୟର ଉଦ୍‌ବେଗ, ଉକ୍ରଣ୍ଠା, ତା ସହିତ ଏ ବର୍ଣ୍ଣନା, ସେ ସମ୍ଭାଳ ପାରିଲା ନାହିଁ ।

ଧନଞ୍ଜୟ କୁହୁଳ ଉଠିଲା, ଦାନ୍ତ କଡ଼ମଡ଼ କରି କହିଲା ,,ହେଁ ! ତୁମେ ହସୁଛ ! ଦେଖିଛ ଆଜ ମନାକରୁଛ !"

ସଂହିତା ଗାଲରେ ଥାପଡ଼ ଖାଇଲାପରି କାନ୍ଦ କାନ୍ଦ ହୋଇ କହିଲା, "କେତେବେଳେ କାହାକୁ ଦେଖିଲ ? ତମୁକୁ କ'ଣ ଘୋଟିଛି ?"

"ସଇତାନ୍ ଘୋଟିଛି ।" ସେ ଗର୍ଜନ କଲା ।

"ଏଁ !"

ଭେଁ-କନା ସଂହିତା କାନ୍ଦପକାଇଲା ।

ଧନଞ୍ଜୟ ଭିତରକୁ ଯାଉ ଯାଉ କହିଲା—

"ଛଳନା, ଛଳନା, ମାଇକିନିଆ ଜାତିଟା ଛଳନା, ତାଙ୍କ ହସ କାନ୍ଦ ସବୁ ମିଛ, ସବୁ ଅଭିନୟ ।"

ସଂହିତା ମୁହୂର୍ତ୍ତିକେ କାନ୍ଦ ବନ୍ଦ କରି ପଥର ହୋଇଗଲା । ତା ପଛେ ପଛେ ଧାଇଁଯାଇ ତା ଗୋଡ଼ତଳେ ମୁଣ୍ଡ ବାଡ଼େଇ କହିଲା—

"ସତରେ ତମର କ'ଣ ହୋଇଛି କହିଲ । କ'ଣ ଏଗୁଡ଼ା ଗପୁଛ ?"

ତା'ର ଥିବା ନଥିବାକୁ ଗ୍ରାହ୍ୟ ନକରି ଧନଞ୍ଜୟ କହିଲା—"ସାମାନ୍ୟ ହସ ରୋକିବାଭଳି ସଂଯମ ନାହିଁ, ତମେ ମୋ ଆଗରେ ମିଛ କହି ଉଦ୍ଧାର ପାଇଯିବ ?"

Digitized by srujanika@gmail.com

ସଂଘମିତା ଠିଆହୋଇପଡ଼ିଲା । ଝାଣହୋଇ କହିଲା—"କ'ଣ ମିଛ କହିଲ ?"

"କ'ଣ ମିଛ କହିଲ ! ଗୌତମକୁ ଯେ ଦେଖିନାହାନ୍ତି ! ତେବେ ହସ ବାହାରିପଡ଼ିଲା କାହିଁକି ? ଚୈତନକୁ ବି ଦେଖିନଥିବେ ସବୁ । ଢେଙ୍ଗା ଧେଡ଼ଙ୍ଗା ଶେଥା ଦେହ, ବଡ଼ ବଡ଼ ଦାନ୍ତ, ଫୋଡ଼ିଗଲା ଭଳିଆ କଳା କଳା ଓଠ; ବେକରେ ବଡ଼ କଣ୍ଠାଝାଏ । ଅଇଚ୍ଛା ହସ ବାହାରିବ ସେ । ଏଇ ହସ ତ ସେମାନେ ନେଇକରି ଗଲେ । ଛି ଛି ଛି ଛି ଥୂଃ ।" ସଂଘମିତା ରାଗରେ ନିଆଁ ହୋଇଗଲା । ଥରିଲା ଥରିଲା ପାଟିରେ କହିଲା, "ଖାଲି ସଂଯମ ସଂଯମ ହଉଛ, ତୁମ ନିଜର ସଂଯମ ଆଗେ ସମ୍ଭାଳ । ତୁମ କଥାରୁ ଯାହା ବୁଝୁଛି, ତୁମେ କୋଉଠୁ କ'ଣ ଶୁଣିକରି ଆସିଛ ଘରେ ଅବତରୁଛ । ଯୋଉ ତୁଳପଣା ଛତର ବ'ଝାଙ୍କ ନାଁ କହିଲ ତେଣେହେବ ବର୍ଣ୍ଣନାକଲ କିଏ ହୋ ସେ ବ'ଝା ? କେବେ ତ ତାଙ୍କୁ ମୁଁ ଦେଖିନାହିଁ କି ତାଙ୍କ ନାଁ-ଗାଁ ଶୁଣିନାହିଁ । ସେ ଯଦି ସତରେ ଆସିଥାନ୍ତେ, ମୁଁ ତୁମକୁ କହିନଥାନ୍ତି । କ'ଣ ଯେ କଥା ?"

"ତେମେ ହସିଲ କାହିଁକି ? ମୋର ରାଗ ହେବନି, ତୁମେ ହସୁଛ ?" ସଂଘମିତା ରାଗିଯାଇ କହିଲା, "ହସିବ ନାହିଁ କ'ଣ ମୁଁ କାନ୍ଦିବ ଭାବୁଛ ? କି ସୁନ୍ଦର ନାଟୁଆ ମଣିଷଟିଏ ବର୍ଣ୍ଣନା କରୁଛ, ବାଙ୍ଗର, ପୁଣି ଲମ୍ବାବାଳ, ଲମ୍ବାକଲି, ଅଧାନିଶ—" ତା ସ୍ୱର ଶୁଣି ଧନଞ୍ଜୟର ରାଗ ଆସ୍ତେ ଆସ୍ତେ କମୁଥିଲା । କହିଲା, "ଜାଣିଚ ? ସେ ଦୁହେଁ ଆମ ଅଫିସ୍‌ରେ କାମକରନ୍ତି, ମୁଁ ଯେମିତି ସେ ସେମିତି ଗୋଟିଏ ଗୋଟିଏ କିରାନି । ମୋ ପିଠିଆଡ଼େ ତିନିହାତ ଦୂରରେ ବସନ୍ତି ।"

"ସେଇଠୁ ?"

"ସେମାନେ ଆଜି ଅଫିସରେ ନିଜ ନିଜ ଭିତରେ କଥାଭାଷା ହେଉଥିଲେ ।"

"ହୁଁ ।"

"କହୁଥିଲେ ସେମାନେ ଆଜି ତୁମକୁ ଦେଖିଲେ, ତୁମେ ତାଙ୍କୁ ଦେଖି ଭାରି ହସିଲ, ସେମାନେ ବି ହସିଲେ, ସେଇଠୁ ସେମାନେ ଚାଲିଗଲେ ।"

ସଂଘମିତା ରାଗରେ ଚିତ୍କାର କଲା—

Digitized by srujanika@gmail.com

"ସତେ ! ଏତେ ସାହସ ! ଡାକ ତାଙ୍କୁ ମୋ ଆଗକୁ ମୁଁ ଦେଖିବି, ଡାକ !"

ଏତିକିରେ ତା'ର ତେଜ ପାଣି ହୋଇଗଲା । ସେ କହିଁ କହିଁ ହୋଇ କାନ୍ଦିଲା । କାନ୍ଦି କାନ୍ଦି କହିଲା, "କିଏ କାହାକୁ ଦେଖିଲା ନଦେଖିଲା କି ମିଛରେ କହିଲା କି କ'ଣ କଲା ସେଥିପାଇଁ ତୁମେ ମୋ ଉପରକୁ ଡମଡମ ହୋଇ ଧାଇଁ-ଆସିଲ ଜେରା କରିବାକୁ ! ତେମେ ମତେ ମିଛୁଆ ବୋଲି ଭାବିଲ ! ତେବେ ମୁଁ କରିବି କ'ଣ ? ଯିବି କୁଆଡ଼େ !"

ଧନଞ୍ଜୟ ବଡ଼ ପାଟିରେ କହିଲା, "ଛୁଃ !"

ସେ ଶବ୍ଦର କିଛି ବିଶେଷ ଅର୍ଥ ନଥିଲା, କିନ୍ତୁ ସେ ସ୍ୱରର ଅର୍ଥ ଥିଲା ଯେ ଧନଞ୍ଜୟ ସଂଯୁକ୍ତାକୁ ଦୋଷୀ ସାବ୍ୟସ୍ତ କଲା ନାହିଁ, ନିର୍ଦ୍ଦୋଷ ସାବ୍ୟସ୍ତ କଲାନାହିଁ, ଅପ୍ରୀତିକର ବୋଲି ଆଲୋଚନାକୁ ଖାଲି ଟାଳି ଦେଲା, ସେତିକି ।

ସଂଯୁକ୍ତାର ମନ ଭିତରେ ଉଇଁଥିଲା ତା ସ୍ୱାମୀର ଗୋଟିଏ ଭିନ୍ନ ରୂପ— ସେଇ ଯାହା ତା ନିଜର ସ୍ନେହ ଆବେଗ ଆଶା ଉତ୍ସାହ ସେ ପାଖେ କେଉଁଠି ଛପି-ଛପିକା ଥାଏ, ଯାହାର ଖାଲି ଛୁଇ ଅବୟବ ବେଳେବେଳେ ସେ ଦେଖେ, ଛୁଇଁଅ ହୁଏ, ଆପେ ଆପେ ଥୁ ଥୁ କହି ନିଜକୁ କହେ, ପୁଣି ଆଲୁଅ ଜକଜକ ଲହଡ଼ିଟିଏ ପରି ସେ ମନସୁଖରେ ଲୋଟୁଥାଏ, ଖେଳୁଥାଏ ।

ଅପରିଚିତ ପୁରୁଷ; ତାଠୁଁ ଆଠବର୍ଷ ବଡ଼, ଆକାରରେ ବହୁତ ବଡ଼, ଆକୃତିରେ ପ୍ରକୃତିରେ ସମ୍ପୂର୍ଣ୍ଣ ଭିନ୍ନ, ଯେତେ ସହଜ ସରଳ ଜଣାପଡ଼ିଲେ ବି ତା ଗଭୀର ସଂଯୁକ୍ତା କଳିପାରେ ନାହିଁ । ସୌମ୍ୟ ଶାନ୍ତ କଲ୍ୟାଣତମ ରୂପ ସେ ଆଦୌ ନୁହେଁ, ତା ପିଠି ପଟ, ଠିକ୍ ଓଲଟା, କରାଳ, ଭୀଷଣ, ନିର୍ମମ । ସେ ରୂପ ସଙ୍ଗେ ଭାବର ଆଦାନ-ପ୍ରଦାନ କରିବା ପାଇଁ ସଂଯୁକ୍ତାକୁ ଭାଷା ଜଣାନାହିଁ; ନା ଶବ୍ଦରେ ନା ହାବଭାବରେ । ସେଠି ବିଶ୍ୱାସ, ନିର୍ଭର, ଅଭୟ ଖୋଜିବା ବୃଥା ।

କି ଣ ତେବେ ତା'ର ହେବ ?

ଜୀବନ ଅଛି, ଶରୀର ଅଛି, କିନ୍ତୁ ସ୍ୱାଧୀନତା ନାହିଁ । ସେଇ ଅପରିଚିତର ତା ଉପରେ ସଂପୂର୍ଣ୍ଣ ଦଖଲ ଅଧିକାର, ଅନ୍ୟକଥା ସଂଯୁକ୍ତା ଜାଣେ ନାହିଁ । କିଏ ଶୁଣିବ ? କିଏ ବୁଝିବ ? ଭଗବାନ ।

Digitized by srujanika@gmail.com

କିନ୍ତୁ ସେ କ'ଣ ଜାଣନ୍ତି ନାହିଁ ? ଏଇ ଯାହା ଘଟିଲା, ତାକୁ ବି ସେହି ଭଗବାନ ତ ଭିଆଇଲେ କାହିଁକି ?

ମୁହଁ ପୋଛିଦେଇ ସ୍ୱାମୀ ଆଗରେ ଗୁହା ଓ ଜଳଖିଆ ଆଣି ଥୋଇଦେଇ ଗ୍ଲଲଗଲା । ଚୁଙ୍ଗୁପ୍ତ ସେ ଯୋଡ଼ାଏ ମୋଟେ କରିଥିଲା, ଆଉ କରିବାକୁ ବେଳ ପାଇନାହିଁ, ହେବ ପଛେ କି ନହେବ । ଧୋଇଧାଇ ହୋଇ ଠାକୁରମୂର୍ତ୍ତିଙ୍କ ପାଖ ଥୋଇ ଦେଇ ଲମ୍ବହୋଇ ଗୋଡ଼ତଳେ ପଡ଼ିଗଲା । ମା ବୃନ୍ଦାବତୀ, ପରଂବ୍ରହ୍ମ ଭଗବାନ୍, କାହିଁକି ତୁମେ ଏହା ଭିଆଇଲ ? ମୁଁ କି ଦୋଷ କରିଥିଲି ? ହୁଏତ ପୂର୍ବ ଜନ୍ମରେ କେବେ କ'ଣ । ତୁମେ ରକ୍ଷାକର, ତୁମେ ପଜାଡ଼, ତାଙ୍କୁ ସଦ୍‌ବୁଦ୍ଧି ଦିଅ ।

ଧନଞ୍ଜୟ ଗୁମ୍ ହୋଇ ବସି ତା' ସ୍ତ୍ରୀର ସେ ମୁହଁମାଡ଼ ଗୋଡ଼ତଳେ ପଡ଼ିଥିବା ଶରୀରର ପିଠିକୁ ଅନାଇଁ ଦେଖିଲା । କେଡ଼େ ନିରାଶ୍ରୟ, ନିରୀହ ସେ ଦିଶୁଛି ! ଧନଞ୍ଜୟର ରାଗ ଧୀରେ ଧୀରେ ଖସିପଡ଼ିଲା, ମନରେ ଆସିଲା କରୁଣା । ତଥାପି ସେ ଆପଣା ମନକୁ ନିର୍ମଳ କରିପାରିଲା ନାହିଁ । ଗୌତମ ଆଉ ଚୈତନ —ଭଦ୍ରବେଶୀ ଖଳ ଲୋକ ଦି'ଟା, କାମ ମଝିରେ ବସି କେତେ କୁରୁଚିପୂର୍ଣ୍ଣ କଥା ଚର୍ଚ୍ଚା କରନ୍ତି ଦିହେଁ; ଖାଲି ଚରିତ୍ରହୀନତା, ଉଚ୍ଛୃଙ୍ଖଳତା ଅମିତର କଥା, ଆପଣା ଆପଣାର ପାରିଲାପଣ ହିସାବ କଷାକଷି କରି ତୁଳନା କରନ୍ତି, ବାହାଦୁରୀ ନିଅନ୍ତି; କିନ୍ତୁ ତାଙ୍କର କିଛି ଅନିଷ୍ଟ ହୁଏ ନାହିଁ । ଗୁଇଁତଭୁର ଲୋକ ଦି'ଟା, ଅଫିସରେ ତାଙ୍କ ଉପରେ ଲୋକେ କେଉଁଥିରେ ଖୁସି ହେବେ, ତା' ସେ ଭଲ ବୁଝନ୍ତି, ମିଛ କହି ଭୁଲାଇ ଜାଣନ୍ତି, ବେକ ଗ୍ଲରପାଖ ବୁଦ୍ଧି ଅର୍ଥାତ୍ ଦୁର୍ବୁଦ୍ଧି । ଧନଞ୍ଜୟ ତାଙ୍କୁ ଚଡ଼େ, ସେମାନେ ତାକୁ ହସରେ ଉଡ଼ାନ୍ତି, ସେ ମାଷ୍ଟରିଆ, ସେ ମର୍ହଳିଆ, ସେ ଓଲୁ, ସେ ବହିପୋଷା, ସେ ସ୍ୱପ୍ନବାଦୀ, ସେ ଯେଉଁ ଆଦର୍ଶ ଆଦର୍ଶ କହେ, ଏପାଖସେପାଖ ଖୋଜି ବୁଲିଲେ କେଉଁଠି ତା' ମିଳିବ ନାହିଁ, ସେ ସବୁ କାମକୁ ଅନୁପଯୁକ୍ତ, ସେ ମଣିଷଠୁଁ ଟିକିଏ ସାନ, ବିକୃତ ଅଧାଡିଆର ହୋଇ ଆଉ ଏକ ପ୍ରକାର ଜନ୍ତୁ, ଇଙ୍ଗିତରେ, ଭାଷାରେ, ମନ୍ତବ୍ୟରେ କେତେ- ପ୍ରକାର କରି ସେହି କଥା ତ ସେମାନେ ପ୍ରଗ୍ଲର କରନ୍ତି । ସେମାନେ ଗ୍ଲହାନ୍ତି ମୁହାଁମୁହିଁ ସେ ତାଙ୍କ ସଙ୍ଗେ କଳି କରୁ, ତାହେଲେ ତାକୁ ସେମାନେ ଥଣ୍ଡା କରିବେ; କିନ୍ତୁ ନିଜ ପଟୁ ସେମାନଙ୍କର ତା' ପ୍ରତି ବ୍ୟବହାର ବି ସତର୍କ, ତାଙ୍କୁ ଦୋଷ ଦେଇ ପର ଆଗରେ ଅଭିଯୋଗ କରିହେବ ନାହିଁ ।

Digitized by srujanika@gmail.com

କିନ୍ତୁ ସେମାନେ ତ ତାଙ୍କୁ କିଛୁ କହୁନାହାନ୍ତି, ତା ନାଁ ବି ଧରୁନାହାନ୍ତି । ବହେଁ କଥା ହେଉଥିଲେ, ଫୁସ୍‌ଫୁସ୍ କଥା, ଚୁପ୍‌ଚୁପ୍ କଥା, କିନ୍ତୁ ସେ କଥାର ଶବ୍ଦ ଆଉ ଘରହାତ ଦୂରକୁ ବି ସହଜରେ ଶୁଭୁଥିଲା, ତେଣୁ ଶ୍ରୋତା ଆଉ ଘରଜଣ ପହଞ୍ଚି ଯାଇଥିଲେ, ବୁଢ଼ା ଗୋବର୍ଦ୍ଧନବାବୁ, ଥନ୍ତଲପେଟା, ଗମ୍ଭୀର ମୁହଁ, ଟୋକାଙ୍କ ମଉଜ ଦୁଷ୍ଟାମି ଶୁଣିବାକୁ ତାଙ୍କର ଭାରି ଶରଧା । ମାୟାଧରବାବୁ, ପଇଁଚାଳିଶ ବର୍ଷ ବୟସ, ଅଫିସରେ ବସି ଉପନ୍ୟାସ ପଢ଼ନ୍ତି । ଟିକିଏ ସୁବିଧା ପାଇଲେ ହୃଷ୍ଟ ହୋଇ ହସୁଥାନ୍ତି । ଯୁବକ ବହେଁ, ହମିଦ୍ ଓ ରୁବେନ୍, ଅଳ୍ପଦିନ ହେଲା ଆସିଛନ୍ତି ।

ଚଇତନ ଆରମ୍ଭ କରିଥିଲା, "ଆଜ ଯାହା ହେଲା ।" ଗୌତମ —କହିଥିଲା"ଆପଣମାନେ ବିଶ୍ୱାସ କରନ୍ତୁ । ଚୈତନବାବୁ ଭାବୁଛନ୍ତି ସେ ସେ ତାଙ୍କୁ ଦେଖି ଆକୃଷ୍ଟ ହେଲା, ଅଥଚ ସେ ଘୁଣ୍ଟି ରହିଥାଏ ମୋ'ର ମୁହଁକୁ, ହସୁଥାଏ ।" ସେମାନେ ବସାଟାର ଅବସ୍ଥିତି କହିଗଲେ, ଅବିକଳ ଯେଉଁ ଘର ପରେ ଯେଉଁ ଘର, ତା' ସାମ୍ନାରେ କଅଁରେ, ସଡ଼କର ଆଗକୁ ପଛକୁ ଯାହା, ଠିକ୍ ଠିକ୍ ସବୁ । କ'ଣ କଳ୍ପନା ? ବସାଟା ବାହାରୁ ଯେମିତି ଦିଶିବ ତା ବି କହିଲେ । ଶୋଇବାଘର ଝରକାବାଟେ ଯାହା ଯାହା ଦିଶିବ, ତା ବି କହିଲେ । ସହିତାର ଚେହେରା ବର୍ଣ୍ଣନା କଲେ । ଉଃ ! ତା'ପରେ ତାଙ୍କ କାହାଣୀ । ଝରକାପାଖେ ପଦାକୁ ଅନାଇଁ ସେ ଠିଆ ହୋଇଥିଲା । ସେମାନେ ଅଟକି ଠିଆହେଲେ, ତା'ପରେ ଅନାଅନି ଆଉ ହସାହସି । ସେମାନେ ଆଉ ଟିକିଏ ଟିକିଏ ହୋଇ ଝରକା ଆଡ଼କୁ ଘୁଞ୍ଚିଆସିଲେ । ଆହୁରି ଗୁହାଣି । ଆହୁରି ହସ ।

"ହସରେ ଶବ୍ଦ ନାହିଁ; କିନ୍ତୁ ଯେମିତି କ'ଣ ବିଜୁଳି ଶକ୍ତି ଅଛି, ଓଟାରି ନେଉଛି, ଓଟାରି ନେଉଛି ।"

ତା'ପରେ ସେମାନଙ୍କର ମନ୍ତବ୍ୟ ।

ଉଃ !

ଧନଞ୍ଜୟ ମୁଣ୍ଡରେ ହାତ ଦେଇ ବସିଥାଏ ।

ମିଛ ? ମିଛ ? ସବୁ ମିଛ ?

ମନେପଡ଼ୁଥାଏ, ସେ ଆଉ ସହିତା ।

Digitized by srujanika@gmail.com

ସୁନ୍ଦର ଫୁଲଟିଏ, ସରଳ, ନିଷ୍ପାପ, ପବିତ୍ର,

ଦେବତାଙ୍କୁ ଦେବା ଫୁଲ ।

ସେହିଆଡ଼କୁ ତ ସେ ଭରସା କରିଥିଲା, ସେଥିପାଇଁ ତା'ର ଭବିଷ୍ୟତର ସ୍ୱପ୍ନ, ସେ ଆହୁରି ପରିଶ୍ରମ କରିବ, ଉନ୍ନତି କରିବ, ଯେମିତି ସେହି ଫୁଲଟି ରହିଥିବ ସବୁଦିନେ ଅମ୍ଳାନ । ପୁଣି ମନେପଡ଼ିଲା, ଆପଣା ଅନ୍ତର ଭିତରେ ସେ ଅନୁଭବ କରିଛି, ସଂହିତାକୁ ସେ ପ୍ରଚୁର ହସ ଖେଳ ଦେଇପାରିନାହିଁ; ଦେଇଥିଲେ ବୋଧହୁଏ ସେ ଖୁସି ହୋଇଥାନ୍ତା । କିନ୍ତୁ ଜୀବନର ହାଲୁକା ଦିଗଟାକୁ ତ ସେ ନାକ ଟେକେ—ସେ ଗୁଡ଼ାକ କ'ଣ ? ସଂହିତା ବି ତ କେବେ ଅଭିଯୋଗ କରିନାହିଁ । ସେ ତ ତା'ର ସବୁ ମତକୁ ଉତ୍ସାହ ଦେଇଛି ।

ତଥାପି—ଅନ୍ତତଃ ବହି ପଢ଼ି ଧନଞ୍ଜୟ ଜାଣିଛି, ସଂହିତା ନହେଉ, ଯୌବନରେ ରକ୍ତର ନିଶା ମୁଣ୍ଡକୁ ଚଢ଼େଟେ, କାମନା ଜଳେ, ଲୋକ କୁଆଡ଼େ ସେତେବେଳେ ଖୋଜେ ଦେହ ସୁଖ, ହସ ଖେଳ, ମଉଜ, ବିଳାସ ।

କେଜାଣି ! ତା'ର ଅନୁଭୂତି ମନେପଡ଼ୁନାହିଁ । ସେ ତ ସବୁବେଳେ ସଂଯମ, ଶାନ୍ତ, ମଣିଷ ନିଜ ଦୁର୍ବଳତାକୁ ଦମନ କରି ଉପରକୁ ଉଠୁଥିବ । ସଂହିତାକୁ ସେ ତାଲିମ୍ କରୁଥିଲା, ମନେ ମନେ ଖୁସି ହେଉଥିଲା ।

ପୁଣି ସେହି ପ୍ରଶ୍ନ—ଗୌତମ ଚୈତନ କ'ଣ ମିଛ କହିଲେ ? ନା ସଂହିତା ମିଛେଇ ?

ଧନଞ୍ଜୟ ଭୁଲିବାକୁ ଚେଷ୍ଟାକଲା । କ୍ରମେ ମନକୁ ବୁଝାଇଲା ଯଦିବା ସଂହିତା ମିଛ କହିଥିଲା, ତେବେ ତାକୁ ଡରି କହିଥିବ । ଏଭଳି ବି ସମ୍ଭବ, ଗୌତମ ଚୈତନ ତାକୁ ଦେଖିଛନ୍ତି, ମେ ବି ତାଙ୍କୁ ଦେଖିଛି; କିନ୍ତୁ ବେଶି କିଛି ଘଟିନାହିଁ, ଦୁଷ୍ଟ ଯୋଡ଼ାକ ବଢ଼ାଇ ବଢ଼ାଇ ବନେଇ ଚୁନେଇ କହିଥିବା କଥା ସମ୍ଭବ । ରାତିରେ ଶୋଇଲାବେଳେ ଧନଞ୍ଜୟ ଅନୁତାପ କଲା । ବାରେ ଏକାଠି କାନ୍ଦିଲେ ।

ଅଧରାତି, ଧନଞ୍ଜୟ ଅନୁଭବ କଲା ତା' ହାତର ବେଢ଼ା ଭିତରେ ଗୋଟାଏ ନିର୍ଜୀବ ଶରୀର । ସେଠି ଉଚ୍ଛ୍ୱାସ ନାହିଁ, ଆବେଗ ନାହିଁ, ସ୍ପନ୍ଦନ ବି ନାହିଁ ।

Digitized by srujanika@gmail.com

ସଂହିତା ଆଖି ବୁଜିଥିଲା, ଆଖି କୋଣରୁ ବୋହୁଥିଲା ଧାର ଧାର ଲୁହ । ପୁଣି ସକାଳ, ପୁଣି ଦିନପରେ । ଅଭ୍ୟାସ ଅନୁସାରେ କାର୍ଯ୍ୟ ଠିକ୍ ଚାଲିଥାଏ, ଦୁହିଁଙ୍କ ଭିତରୁ କାହାର କିଛି ବ୍ୟତିକ୍ରମ ଘଟେ ନାହିଁ । ସଂହିତା ପୁଣି ହସିଲା, ଧନଞ୍ଜୟ ପୁଣି ତାକୁ ଆଗପରି ଗେହ୍ଲା ଆଦର କଲା । କିନ୍ତୁ ତାଙ୍କ ଜୀବନ ଉପରେ ହଠାତ୍ ଯେଉଁ ଛୁଇଁଟା ଆସି ପଡ଼ିଥିଲା ସେଇଟା ସମ୍ପୂର୍ଣ୍ଣଭାବେ ଚାଲିଗଲା, ଏଭଳି ନୁହେଁ । ସଂହିତା ମନଭିତରେ ଧନଞ୍ଜୟକୁ ଡରେ—ବିଶ୍ୱାସରେ ଫାଟ ଦିଶୁଛି, ହେଉପଛେ ସେ ଫାଟ ମୁଣ୍ଡବାଳ ପରି ସରୁ । ସେହି ଡର ସଙ୍ଗେ ସଙ୍ଗେ ଅଧା ଅନୁଭବରେ କ୍ଷୀଣ ଅସ୍ପଷ୍ଟ ହୋଇ ବାଂଫେଇ ଉଠେ ଧନଞ୍ଜୟ ବିରୁଦ୍ଧରେ ତା'ର ଅଭିଯୋଗ—ନିଜ ଜୀବନ ବିଷୟରେ ନୂଆ ମୂଲ୍ୟାଙ୍କନ ରୂପରେ । କାହିଁକି ସେ ଜନ୍ମ ହୋଇଥିଲା ? ମଣିଷ ଜୀବନରେ ସୁଖ କ'ଣ ? ଆନନ୍ଦ କ'ଣ ? ଜେଲଖାନାର କଇଦୀ ଆଉ ତା' ଭିତରେ ତଫାତ୍ କ'ଣ ? ଭଗବାନଙ୍କୁ ଯେତେ ଡାକିଲେ ଶୁଣୁନାହାନ୍ତି କାହିଁକି ?

ଧନଞ୍ଜୟ ବି ଭାବେ ବେଳେବେଳେ—ଉଃ ! ଜୀବନ କେଡ଼େ ନଗ୍ଛଟିଆ ! ମନ ବୁଝିବାଲୋକ କେହି ନାହିଁ । ସଂସାରରେ କାହାକୁ ବିଶ୍ୱାସ କରିବ ? ସଂହିତା ପ୍ରତି ତା ବ୍ୟବହାର ସବୁବେଳେ ଦୟାର୍ଦ୍ର, ସ୍ନେହ, କିନ୍ତୁ ଏଣିକି ତା'ର ନାନା ଉପଦେଶ ଭିତରେ ମିଶିଯାଉଥାଏ ସଂସାରରେ ଲୋକଗୁଡ଼ାକ ସମସ୍ତେ ଅବିଶ୍ୱାସୀ, ଅନ୍ତତଃ ଅନେକେ । ସେଗୁଡ଼ାକ ସାପ, ବାଘ, ଆହୁରି ହିଂସ୍ର ଜନ୍ତୁ । ପୁଣି ମଣିଷର ନିଜର ମନ ସବୁବେଳେ ଏକା ସ୍ତରରେ ନଥାଏ, ପ୍ରତି ଲୋକଠି ଦୁଷ୍ପ୍ରବୃତ୍ତି ଲୁଚି ରହିଛି, ତାକୁ ଦମନ କରିବାକୁ ପଡ଼ିବ । କାମନା ବଳେଇ ପଡ଼ିଲେ ଭଗବାନଙ୍କୁ ଡାକିବା ଉଚିତ, ଶାସ୍ତ୍ର ପଢ଼ିବା ଦରକାର । ନିଜ ଭିତରେ ଯଦି ସଢ଼ିବ, ତେବେ କବାଟ କିଳିରହିଲେ ବି ପୋକ ସାଲୁସାଲୁ ହେବେ । କହୁ କହୁ କେତେ କଥା କହେ । ସଂହିତାର ଛାତି ଥରେ । ଉପଦେଶ ଗୁଡ଼ାକ ଶୁଭେ ଅଶୁଭ ବୋବାଳି ପରି ।

ତା'ପରେ ହଠାତ୍ ଦିନେ ସାଢ଼େ ପାଞ୍ଚଟାବେଳେ ଧନଞ୍ଜୟ ଘରକୁ ଆସିଲା, କିଛି କହିଲା ନାହିଁ । ଦାଣ୍ଡ କବାଟ କିଳିଦେଲା, ଭିତର ପିଣ୍ଡାରେ ସ୍ତ୍ରୀ ଆଗରେ ଠିଆହୋଇ ଜଳନ୍ତା ଆଖିରେ ତା ସ୍ତ୍ରୀ ଆଖିକୁ ଅନାଇଁ କହିଲା—"ସତ କହ ।"

ତା ଧମକ ଶୁଣି ସଂହିତା କହିଲା, "କ'ଣ ?"

Digitized by srujanika@gmail.com

"ତୁମେ କହିବ ନା ମୁଁ କହିବି ?"

"କ'ଣ କହିବ ? କୋଉ କଥା ?"

"ଆଜି ଗୌତମ ଆସି ନାହିଁ ? ପୁଣି ତୁମେ ଝରକା ପାଖରେ ଠିଆ-ହୋଇ—ଓଃ !" ସେ ଆଉ କହି ପାରିଲା ନାହିଁ, ତା ଆଖି ଓଠ, ମୁହଁ ଜଳି-ଯାଉଥାଏ, ମୁଣ୍ଡ ଭିତରେ ଫାଟି ଫାଟି ପଡ଼ୁଥାଏ, ପାଟି ଖନ ବାଜିଯାଉଥାଏ ।

ସଂହିତା କଠୋର ହୋଇ କହିଲା, "ମଲା କୋଉ ଚୁଲିପଶା ସଇତାନ୍ ଛତରା—ଗଜତମ ଫଜତମ, କିଏ ବା ସେଇଟା ? ସତେ ତମର ମୁଣ୍ଡ ଖରାପ ହେଲା ! କି ବୁଦ୍ଧି କରିବ ଲୋ ମା !"

ସେ ଚୁଲିପଡ଼ି ଶୋଆଇଘରକୁ ଚାଲିଗଲା । ଧନଞ୍ଜୟ ପାଟିକଲା "ମୁଣ୍ଡ ଖରାପ ମୋର ନୁହେଁ, ତମର । ଏତେ ବୁଝାଇଲି, ଥରେ କ୍ଷମାକଲି; ସୋଉ କଥାକୁ ସେଇକଥା, ଫେର୍ ଗାଲୁଭିରୁଡ଼ି, ମିଛ ?"

ସେ ଘରୁ ସଂହିତାର ପାଟି ଶୁଭିଲା "ହଉଥା ବକର ବକର, ଯାଉଚି ମୁଁ ଶୁଣିବାକୁ !"

"ଏତେ ସହଜରେ ନିସ୍କୃତି ପାଇବ ନାହିଁଟି, ମୁଁ କହିଦେଉଛି ।"

ସଂହିତା ରାଗରେ ଫଁ ଫଁ ହୋଇ ସାମ୍ନାରେ ଆସି ଠିଆହେଲା, ମୁହଁ ଲାଲ୍ ପଡ଼ିଯାଇଛି, ନାକପୁଡ଼ା, ଓଠ ଥରୁଛି । ତା'ର ଏ ରୂପ ଧନଞ୍ଜୟ କେବେ ଦେଖିନାହିଁ । ତା'ର ରୂପର ସୌନ୍ଦର୍ଯ୍ୟ ଆହୁରି ବଢ଼ିଯାଇଛି; କିନ୍ତୁ ସେ ଭୟଙ୍କର ଦିଶୁଛି । "କ'ଣ ମୋତେ କହୁଚ, କହ", ସଂହିତା ଫୁସରେ ଫୁଷିଲା ପରି କଥା କହିଲା ।

ଧନଞ୍ଜୟ ତୁନି ହୋଇ ଠିଆହେଲା । ସଂହିତା ପଚାରିଲା, "କୋଉ ଗୌତମ ? ସେଥର ବି ସେମିତିଆ ନାଁଟାଏ କହିଥିଲ । ମୁଁ ଭୁଲି ନାହିଁ ସେ । ସେ ଝରକା ପାଖେ ଠିଆହେଲା ? ଆଉ ମୁଁ !"

ଧନଞ୍ଜୟ କାବା ହୋଇ ତା ମୁହଁକୁ ଅନାଇଁଲା, ତା ଆଖି ଡୋଳା ସତେ ଯେମିତି ଲେଉଟି ପଡ଼ୁଛି । ଆଜି ଅଫିସ୍‌ରେ ଗୌତମବାବୁ ଖୁବ୍ ବଖାଣ କରିଥିଲା । ପ୍ରକୃତରେ ଦିନ ବାରଟା ଆଗରୁ ସେ ଅଫିସକୁ ଆସିନଥିଲା । ସେ କହିଥିଲା, ଝରକା ପାଖେ ସଂହିତା ସଙ୍ଗେ ତା'ର ଦି'ପଦ କଥାଭାଷା ବି ହେଲା ।

Digitized by srujanika@gmail.com

ଗୌତମ ସେ ବିଷୟରେ ଅତି ଖରାପ ଇଙ୍ଗିତ ଦେଉଥିଲା । ସାରାଂଶ ଏତିକି ଯେ ସଂସ୍କୃତା ତା ପ୍ରତି ଖୁବ୍ ଆକୃଷ୍ଟ ହୋଇଛି । କି ଭାଷାରେ ଧନଞ୍ଜୟ ଏତେକଥା ପ୍ରକାଶ କରିବ ? କହିଲା "ଗୌତମ କହୁଥିଲା ଆଜି ସେ ଝରକା ସେପାଖେ ଠିଆହୋଇ ତୁମ ସଙ୍ଗେ କଥାଭାଷା ବି ହେଲା ।"

"ହେ ଭଗବାନ !" ସଂସ୍କୃତା ଚାଟିକଲା, ଲୁହ ଥପଥପ ବୋହିପଡ଼ୁଥାଏ, ଯେମିତି ରାଗରେ ଫୁଲୁଥାଏ, କହିଲା "ଦେଖ, ମୁଣ୍ଡ ଥଣ୍ଡା କର, କିଏ ଶତ୍ରୁମାନେ ତମ ଆଗରେ ମିଛ କଥା କହି ତୁମ ମୁଣ୍ଡକୁ ପାଗଳ କରୁଛନ୍ତି । ତାଙ୍କ ତୁଣ୍ଡରେ ପୋକ ପଡ଼ୁ । ତୁମେ ଆଉ ତାଙ୍କ ମିଛକଥାକୁ କାନଦିଅନା, ନିଜେ ଏମିତି କଲବଲ ହୁଅନା, ମତେ କଲବଲ କରି ମାରନା ।" କହିଦେଇ ସେ ପୁଣି ରୋଷାଇ ଘରକୁ ଚାଲିଗଲା । ସେଠୁ ତା'ର କାନ୍ଦଣାର ଶବ୍ଦ ଶୁଭୁଥାଏ । ଧନଞ୍ଜୟ ଗୁମ୍ ହୋଇ ବସିଲା । ସଂସ୍କୃତାର ଆଜିର ବ୍ୟବହାରରେ ସେ କୌଣସି ପ୍ରକାର ଛଳନା ଦେଖିଲା ନାହିଁ । କିନ୍ତୁ ଗୌତମବାବୁ କ'ଣ ମିଛ କହିଲେ ?

ସେ ସଂସ୍କୃତା ପାଖକୁ ଧୀରେ ଧୀରେ ଗଲା, ତା'ର ପିଠି ଆଉଁସିଲା, ତାକୁ ଟେକି ଠିଆକଲା । ଆଉଁସି ଆଉଁସି କହିଲା "ଥାଉ, କାନ୍ଦନାହିଁ, ଛି ।"

ସଂସ୍କୃତା ଆହୁରି କାନ୍ଦିଲା ।

ତାକୁ ଆଣି ଶୋଇବାଘର ଖଟ ଉପରେ ବସାଇଲା । ଝରକା ବନ୍ଦ କଲା । କେତେବେଳ ଗଲା, ସଂସ୍କୃତାର କାନ୍ଦ ବନ୍ଦ ହେଲା ।

ଧନଞ୍ଜୟ କହିଲା, "ହଉ, ତାହେଲେ ଗୌତମ ଯାହା ଗପୁଛି ସେଗୁଡ଼ାକ ସବୁ ମିଛ ତ ?" ତା ସ୍ୱରରେ ରାଗ ନାହିଁ, ଖାଲି ଅବସାଦ ।

ସଂସ୍କୃତା ପୁଣି କଇଁ କଇଁ ହୋଇ କାନ୍ଦି କହିଲା, "ତେମେ ମତେ କ'ଣ ଭାବୁଛ ? ମୁଁ ସେଇଆ ଆଶ୍ଚର୍ଯ୍ୟ ହେଉଛି । ମୋର କି ଦୋଷ ଦେଖିଲ ? କିଏ ଲଫଙ୍ଗା ଛତର ତୁମ ଆଗରେ କ'ଣ କହିବ ତୁମେ ତା କଥା ବିଶ୍ୱାସ କରିବ, ଆଉ ମୋ କଥାକୁ ଅବିଶ୍ୱାସ କରିବ ? ତୁମେ ତା ମୁହଁରେ ଜୋତା ନ ଦେଇ ଓଲଟି ମତେ ଝିଙ୍ଗାସିବାକୁ ଆସିଛ ? ତୁମେ ଏତେ ପାଠ ପଢ଼ିଛ । ଏଡ଼େ ବୁଦ୍ଧିମାନ୍, ତୁମଠି ଏତେ ଜ୍ଞାନ, ତୁମେ ଏତିକି ବୁଝିପାରୁନା କେମିତି ? ଆଉ ମୁଁ ବଞ୍ଚି ରହିବି କାହିଁକି ? କାହା ପାଇଁ ? ତୁମର ତ ମୋଟିଁ ବିଶ୍ୱାସ ନାହିଁ, ଏ ଜୀବନ ଥାଇ ଆଉ କ'ଣ ହେବ ?"

Digitized by srujanika@gmail.com

ଧନଞ୍ଜୟର ମନରେ ନୂଆ ଆଶଙ୍କା ହେଲା । ଏ କ'ଣ ବଞ୍ଚିବା ମରିବା କଥା କହିଲଣି । ସ୍ତ୍ରୀଲୋକ ତ ଆତ୍ମହତ୍ୟା କରନ୍ତି ସେ ଶୁଣିଛି । ସେମିତି ଯଦି ବିନା କାରଣରେ ନିର୍ଦ୍ଦୋଷ ଅସ୍ମିତା ନାଁରେ ଗୌତମ ଚୈତନ କଥା ଗପୁଥିବେ ଆଜି ସେ ସତେ ସତେ ଆତ୍ମହତ୍ୟା କରିବ, ତେବେ ?

ସେ ତରତର ହୋଇ କହିଲା, "ତୁମେ କାହିଁକି ସେମିତି ବାଯୁାଣୀ ପରି ହେଉଛ ? କାହିଁକି ଭାବୁଛ ଗୌତମ କଥାକୁ ମୁଁ ବିଶ୍ୱାସ କଲି ବୋଲି ? ସେ ଅନ୍ୟମାନଙ୍କ ଆଗରେ ସେମିତି ଗପୁଥାଏ, ମୁଁ ଶୁଣିଲି, ତୁମକୁ ପଚାରିଲି, ପଚାରିବା କ'ଣ ଦୋଷ ? ସେଗୁଡ଼ାକ ପ୍ରକୃତରେ ଦୁଷ୍ଟ ଲୋକ, ମିଛୁଆ, ଲଲ୍‌ଫଲଆ ମୁଁ ଆଦୌ ତାଙ୍କ କଥା ବିଶ୍ୱାସ କରୁନାହିଁ । ତୁମେ ଗଲି, ତୁମ କାମ କରିବ ।"

"ମୁଁ ଆଦୌ ତା କଥା ବିଶ୍ୱାସ କରୁନାହିଁ ।" ସେ ଜାଣିଲା ସେ ମିଛ କହିଲା । ସେ ମିଛ କହିବାକୁ ଘୃଣା କରେ । ନିଜକୁ ବୁଝାଇଲା, ଅନ୍ୟ ମଣିଷର ଜୀବନ ରକ୍ଷା ପାଇଁ ମିଛ କହିବା ଦରକାର ହେଲେ କହିଲେ ସେତେ ପାପ ହୁଏ ନାହିଁ ।

ତଥାପି ସେ ଅନିଶ୍ଚିତ, ସତ ନା ମିଛ ?

ଅସ୍ମିତାକୁ ଅବିଶ୍ୱାସ କରୁନାହିଁ । ଗୌତମ କଥାକୁ ବି ଅବିଶ୍ୱାସ କରୁନାହିଁ—ଅତିରଞ୍ଜିତ ହୋଇପାରେ; କିନ୍ତୁ—ସମ୍ପୂର୍ଣ୍ଣ ମିଛ ନହୋଇ ବି ପାରେ । କିନ୍ତୁ ମନର ସନ୍ଦେହ ମନେ ମନେ ରଖିବାକୁ ପଡ଼ିବ, ନ ହେଲେ କାଳେ— । ସେ କଳ୍ପନା କଲା, କେଉଁଦିନ ଅଫିସକୁ ଯାଇଛି, ଆସି ଦେଖିଲା-ବେଳକୁ ଅସ୍ମିତା କ'ଣ ଖାଇଦେଇ କାଠହୋଇ ପଡ଼ିଛି, ତା ପରେ ପାଖିଲୋକ, ପୁଲିସ୍, ଗହଳି, ଖବରକାଗଜ, ହଇଚଇ । ସେ ଛିଟା ଗାଲିବ ।

ପୁଣି ସକାଳ, ପୁଣି ଦିନ ପରେ ଦିନ । ଅସ୍ମିତା ଆଶ୍ଚର୍ଯ୍ୟ ହେଲା । ହଠାତ୍ ଧନଞ୍ଜୟଠି କିଛି ପରିବର୍ତ୍ତନ ସେ ବାରି ପାରୁଛି । ସେ ତା ପ୍ରତି ଟିକିଏ ତ ନରମ ହେଉଛି, ବ୍ୟବହାରରେ ବେଶି ସୌଜନ୍ୟ, ଭଦ୍ରତା, ଟିକିଏ ବେଶି ସ୍ନେହ ଆଦର । ତେବେ କ'ଣ ଧନଞ୍ଜୟ ପ୍ରକୃତରେ ନିଜ ଭୁଲ୍ ବୁଝି ପାରିଲା ? ଅନୁତାପ କରୁଛି ?

Digitized by srujanika@gmail.com

ସେ ଭଗବାନଙ୍କୁ ବାରମ୍ବାର କୃତଜ୍ଞତା ଜଣାଇଲା । ଭାବିଲା ତା ସ୍ୱାମୀ ଗୋଟାଏ ଗ୍ରହ କବଳରେ ପଡ଼ିଥିଲା, ଭଲ ସମୟ ଆସିଲାଣି । ଦୁଇଥର ଯୋଡ଼ାଏ ଘଟଣାରେ ସ୍ୱାମୀ ଯେଉଁ ତା ଗର୍ବ, ତା ଉତ୍ସାହ କମିଯାଇଥିଲା, ସେ ଆପଣାକୁ ବୋଧ ଦେଲା—ସବୁ ମଣିଷ ଗ୍ରହର ଅଧୀନ, ବେଳ ପଡ଼ିଲେ ସବୁ ମଣିଷ ଭୁଲ୍ କରନ୍ତି । ଯାହାହେଉ, ଗଲା କଥା ଗଲା ।

ସଂହତା ପୁଣି ଫେରିଆସିଥାଏ ତା'ର ଆଶା, ସ୍ୱପ୍ନ, ପୁଣି ଏକାଠି ଠୁଳ କରୁଥାଏ ତା'ର ବିଶ୍ୱାସ, ନିର୍ଭର । ଅଭ୍ୟାସ କରୁ କରୁ ପୁଣି ତା'ର ଉତ୍ସାହ ଲେଉଟି ଆସୁଥାଏ ।

ଧନଞ୍ଜୟ ଜିନ୍ଦ ଅଫିସ୍‌ରେ ଦେଖେ ଗୌତମଙ୍କୁ, ଚୈତନଙ୍କୁ, ସେମାନେ ସେହି ପୁରୁଣା କଥା କୁହାକୋହି ହୁଅନ୍ତି, ସେ ମନେ ମନେ ଜଳୁଥାଏ । ସେମାନେ କେବେ ତା ନାଁ ଧରି ନାହାନ୍ତି, କେବେ କୁହାକୋହି ହୋଇନାହାନ୍ତି ସେ ଯେଉଁ ସ୍ତ୍ରୀଲୋକଟି ଝରକା ପାଖେ ଠିଆହୋଇଥିଲା ସେ ତା'ର ସ୍ତ୍ରୀ, ସେମାନେ କହୁଛନ୍ତି ସେ 'ଅପରିଚିତା', ସେ କିଏ, ତା ସ୍ୱାମୀ କିଏ ସେମାନେ ଜାଣନ୍ତି ନାହିଁ ।

ଦିନେ ଧନଞ୍ଜୟ କାମ କରୁଥିଲା ଶୁଣିଲା ଚୈତନ କହୁଛି ଗୌତମଙ୍କୁ "ଗୌତମବାବୁ, ଆପଣ ଆଜି ଅପରିଚିତା ଆଡ଼େ ଯାଇନାହାନ୍ତି ?"

"ଗଲି ଆଉ କୋଉଠି ? ବୋଧହୁଏ ନଯିବା ହିଁ ଭଲ ।"

"କାହିଁକି ?"

"ସ୍ତ୍ରୀଲୋକ ଯେତେବେଳେ ମୋହରେ ପଡ଼େ, ସେ ଭାରି ଗୋଲମାଲ୍ କରେ ଭାଇ । ସେ ଅଧା ପାଗଳ ହୋଇଯାଏ । ଜାତି, କୁଳ, ମାନ, ସ୍ଥାନ, କାଳ, କିଛି ସେ ଭାବେ ନାହିଁ । ସେ ତ ବିପଦରେ ପଡ଼େ, ଯାହା ପାଇଁ ପାଗଳ ହୁଏ ତାକୁ ବି ବିପଦରେ ପକାଏ ।"

"କେମିତି ?"

"ନୁହେଁ ? ସେ କ'ଣ ଅପେକ୍ଷା କରିବ ନା ସତର୍କ ହେବ ନା ବୁଦ୍ଧି ଖେଳାଇବ ? ଅବସ୍ଥା ଭଲରେ ଭଲରେ ଗଲେ ତ ଭିନେ କଥା, ନ ହେଲେ ପୁରୁଷଟା ଚହଲାପଡ଼ ହଟହଟା ହେବ ଯେ, କିଏ ପିଠିରେ ପଡ଼ିବ ?"

Digitized by srujanika@gmail.com

"ତ ଆପଣଙ୍କର କ ବପଦ ?"

"ଆପଣ ତ ମାନିବେ ନାହିଁ, ମୁଁ ମୂଳରୁ କହୁଛି ପ୍ରଥମଥର ଅପରଚିତାକୁ ଆମେ ଯେବେଠୁଁ ସେତେବେଳେ ଦେଖିଲୁଁ ସେତେବେଳେ ତା'ର ବେଣି କଥା ଥିଲା ମୋ ଆଡ଼କୁ । ଆରଥର ଯେତେବେଳେ ମୁଁ ଏକୁଟିଆ ଥିଲି ଆଉ ଝରକା ପାଖେ ଟିକଏ ଠିଆ ଟିଆ—ମାନେ—ହେଁ, ସେତେବେଳେ ମୁଁ ଦେଖିଲି ସେ ଖାଲି ମୋ'ର ପାଇଁ ଅନାଇଁ ବସିଛି, ଝୁରୁଛି । କହିଲି ଘରେ ସେ ଆଉ ତା'ର ସ୍ୱାମୀ । ସ୍ୱାମୀଟା କୁଆଡ଼େ କେଉଁ ଅଫିସ୍‌ରେ କାମକରେ, କାଠୁଆଟା, ସବୁବେଳେ ଗଧ ପରି ଖଟେ, ପୁଣି ଘର ବନ୍ଧୁର । ସହରେ, ଅନେକ ଲୋକ ଅଛନ୍ତି ଯେଉଁମାନେ ବାହାହେବା ଆଦୌ ଉଚିତ୍ ନୁହେଁ; ସ୍ତ୍ରୀ ବୋଲି ହେବେ ଅନାଇଁବେ ନାହିଁ, ସ୍ତ୍ରୀର ଗୋଟାଏ ଦେହ ଅଛି, ସେ ବି ସଉକ୍ ଖୋଜେ, ଟିକଏ ମଉଜ ମଜ୍‌ଲିସ୍ ଖୋଜେ ଏ ଧାରଣା ବି ସେମାନଙ୍କର ନାହିଁ, ସେଗୁଡ଼ାକ ଭାବନ୍ତି ସ୍ତ୍ରୀ 'ଗୋଟାଏ ଫାଇଲ୍ ।"

"ସ୍ତ୍ରୀ ଗୋଟାଏ ଫାଇଲ୍ !"

"ହଁ ହୋ, ସେଇଆ । ମଝିରେ ମଝିରେ ହଅ ବି ନ ଧାଡ଼ ନୋଟ୍ ଲେଖି ପଠେଇଦଅ; ଆଉ କଛି ସମ୍ପର୍କ ନାହିଁ ।"

"ତେଣୁ ଆପଣ—"

"ସୁବିଧା, ସୁଯୋଗ, ସତର୍କତା, ସମସ୍ତ । ସନ୍ଧାନ କରୁଛି ଆଜ୍ଞା । କାରଣ ମୁଁ ଜାଣେ ସେ ବିଚରା ମୋଠୁଁ ଖାଲି ମିଠା କଥା ହ'ପଦ ଲୋଡ଼େ ନାହିଁ । ତା ଆଖି, ତା ମୁହଁ ମତେ ପରିଷ୍କାର କରି ସେ କଥା ବୁଝାଇ ଦେଇଥିଲା । ଅନ୍ତତଃ ଘଣ୍ଟାଏ ଦରକାର । ବାହାରେ ନୁହେଁ, ଭିତରେ । ପ୍ରକୃତରେ ଭାଇ, ମୁଁ ଭଲ-ପାଇଲି ପିନା, ମତେ କାନ୍ଦ୍‌କାନ୍ଦ୍ ଲାଗିଲା । କେଡ଼େ ଅଭାଗୀଟିଏ ସେ ଅପରିଚିତା । ତା ପ୍ରତି ମୋର ଖୁବ୍ ମନଟା କେମିତି କେମିତି—ମାନେ—"

"ଓ, ଗୌତମବାବୁ, ତା ମାନେ ପ୍ରେମ ଫ୍ରେମ୍ ଫାଲଲିମି ନୁହେଁ, ଆପଣ ପ୍ରକୃତରେ ତାକୁ ଭଲପାଉଛନ୍ତି ।" ଗୌତମବାବୁ ଦୀର୍ଘଶ୍ୱାସ ପକାଇଲେ ।

ଧନଞ୍ଜୟ ଡାକିଲା—"ଗୌତମବାବୁ !"

"କ'ଣ ?"

Digitized by srujanika@gmail.com

"କ କଥା ପଡ଼ୁଛି ?"

"ଆପଣ ସେଥିରୁ କ'ଣ ପାଇବେ ? ଯେ ଜୀବନର ଦର୍ଶନ, ଶାସ୍ତ୍ର ପୁରାଣ ତ ନୁହେଁ ଯେ ଆପଣଙ୍କୁ ଭଲ ଲଗିବ !"

"କୁହନ୍ତୁ କୁହନ୍ତୁ ।"

"ଆରେ ବାବୁ, ଆପଣ ହେଲେ ତପସ୍ୱୀ, କର୍ମଯୋଗୀ, ଆଦର୍ଶବାଦୀ, କେତେକଥା । ଆପଣ ସ୍ୱର୍ଗକଥା ହେଲେ ଶୁଣିବେ, ଆମର ଯେ ମର୍ତ୍ତ୍ୟମଣ୍ଡଳ କଥା, ଆପଣ ବୁଝିବ ପାରିବେ ନାହିଁ ।"

ଗୌତମ ଚୈତନ ଉଭୟ ହସିଲେ ।

ଧନଞ୍ଜୟ କହିଲା—"ମୋ କାନରେ ବ ଟିକଏ ଟିକଏ ପଡ଼ୁଛି ଯେ !"

ଗୌତମ କହିଲା," ହଉ, ଶ୍ରୋତାଙ୍କ ମତାମତ ଶୁଣ ।"

"ଧୂଆଁ ବିଷୟରେ ଆଉ ମତାମତ କ'ଣ ? ଯେ ତ କଳ୍ପନାର ଧୂଆଁ । ମନଗଢ଼ା ।"

"ଭୁଲ୍ ଧନଞ୍ଜୟ ବାବୁ, ନିଆଁ ନଥିଲେ ଧୂଆଁ ହେବ ନାହିଁ । ଯେ କଳ୍ପନା ନୁହେଁ, ସତକଥା ।"

"ଯେ ତୁଚ୍ଛା ଗପ, କଞ୍ଚାମିଛ, ଡାହା ମିଛ ।"

"ହୁଃ । ନିଜେ କହୁଛ ନ ଜାଣି ନ ଶୁଣି କହିଦେଲେ କଞ୍ଚା ମିଛ । ଶୁଂଘିଶୁଂଘି କହିଦେଲ ସଇଁଧବ ଲୁଣ । ସେମିତିଆ ।"

"ତା ହେଲେ କ'ଣ ସତ ?"

"ଘୁଉନ୍ତୁ, ଆପଣଙ୍କର କ'ଣ ଥାଏ । ଯୁକ୍ତିରେ ବ କ'ଣ ମିଳେ, କାର୍ଯ୍ୟ ଅସଲ, ଫଳ ଅସଲ । ଆପଣଙ୍କର ସେ ଅଭିଜ୍ଞତା ନାହିଁ, ଆପଣ ଶୁଣିଲେ ବ ବୁଝିପାରିବେ ନାହିଁ ।"

"ଆଖିରେ ଦେଖିଲେ ଯେ ପାରି ସେ ବୁଝିବ ।"

"ଫେର୍ ଭୁଲ୍ କଲେ ଧନଞ୍ଜୟବାବୁ, ସଂସାରର ଯେତେ ଜ୍ଞାନ ସବୁ ଆଖିରେ ଦେଖା ଜ୍ଞାନ ନୁହେଁ । ସବୁ କଥା ବ ଆପଣଙ୍କୁ ଆଖିରେ ଦେଖାଇ ହେବ ନାହିଁ ।"

Digitized by srujanika@gmail.com

ଧନଞ୍ଜୟ ତା କାର୍ଯ୍ୟରେ ମନଦେଲା ।

ପାଞ୍ଚଟା ଗଲା । ତାପରେ ଗୌତମବାବୁ ଡେରିରେ ଅଫିସକୁ ଆସିଲେ । ତରକ ତରକ ଏ ପାଖ ସେ ପାଖ ଅନାଇଁ ଅନାଇଁ ସେ ଆସି ନିଜ ଚୌକିରେ ବସିପଡ଼ିଲେ, ଫାଇଲ୍ ଓଟାରି ନେଇ ଥୋଡ଼ାଏ ଲେଖାଲେଖି କରିପକାଇଲେ । ଘଣ୍ଟାଏ ପରେ ଚୈତନବାବୁ ବି କିଛି କାମ ସାରି ତାଙ୍କ ପାଖକୁ ଘୁଞ୍ଚି ଆସି ବସିଲେ । ଚୈତନବାବୁ ପଚାରିଲେ, "ଆଜି ଏତେ ଡେରି ? ଜାଣନ୍ତି, ଆପଣ ଆଜି ଆସୁ ଆସୁ ଦେଡ଼ଟା ବାଜିଗଲା ।"

ଧନଞ୍ଜୟର ପିଠିଆଡ଼େ ସେମାନେ, ସେ ଶୁଣିପାରିଲା ।

ଗୌତମବାବୁ ପଚାରିଲେ, "ମତେ କିଏ ଖୋଜୁଥିଲା କି ?"

ଚୈତନବାବୁ କହିଲେ, "ହଁ, ବଡ଼ବାବୁ ଦି' ଥର ଡକାଇଥିଲେ, ମୁଁ କହିଲି ସେ ଫାଇଲ୍ ଧରି ଗୋଟାଏ ବିଷୟ ବୁଝିବା ପାଇଁ ହେଇ ସେ ଆର ଅଫିସକୁ ଯାଇଛନ୍ତି । ଆଉ ଥରେ କହିଲି, ସେ ତ କଣ କହୁଥିଲେ ବଡ଼ବାବୁ ତାଙ୍କୁ ବରଗିଥିଲେ ଫାଇଲ୍‌ଟା ଶୀଘ୍ର କରିଦେବା ପାଇଁ, ସେଇ କାମରେ ସେ ତଥ୍ୟ ସଂଗ୍ରହ କରିବାକୁ ଯାଇଥିବେ ।"

"ଧନ୍ୟବାଦ ।"

ଏଥିପାଇଁ ଧନ୍ୟବାଦ କ'ଣ ? ସେ ତ ତା' ମନକୁ ହେବା କଥା । କାଲି ମୁଁ ରହିଲେ ଆପଣ ମୋ ପାଇଁ କହିବେ । ହାଜିରା ବହିଟା ବି ଅଟକାଇ ରଖିଛି, ହାତରୁ ଛାଡ଼ିନାହିଁ ଆପଣ ଦସ୍ତଖତ କରି ସାଙ୍ଗେ ଦଣ ପକାଇଦିଅନ୍ତୁ ।"

ଯାଇଦାଉ ବଞ୍ଚେଇଦେଲେ, ନ ହେଲେ ଆଜିକ ଛୁଟି ନେବାକୁ ପଡ଼ିଥାନ୍ତା ।"

"କାହିଁ କ'ଣ ହେଲା କଣ ?"

"ସେଇ ଅପରିଚିତା—"

ଧନଞ୍ଜୟ କାନ ଡେରିଲା । ଉତ୍‌କ୍ଷେପ୍ରାରେ ନିଃଶ୍ୱାସ ବନ୍ଦ ହୋଇ-ଯାଉଥାଏ । ଚୈତନବାବୁ ପଚାରିଲେ, "ଏଁ ! କ'ଣ ହେଲା ? କ'ଣ ହେଲା ?"

ଗୌତମବାବୁ କହିଲେ, "ଘରୁ ବାହାରୁ ବାହାରୁ ପ୍ରକୃତରେ ଆଜି

Digitized by srujanika@gmail.com

ଟିକଏ ଡେରି ହେଲା, ବୋଧହୁଏ ସାଢ଼େ ଏଗାର, କାମ ଥିଲା । ତା ହେଲେ ବି ବାରଟାବେଳେ ଏଠି ପହଞ୍ଚି ହୋଇଥାନ୍ତା । କିନ୍ତୁ ବାଟରେ, ଯେମିତି ସେ ଅପରିଚିତାର ଘର ହୋଇଛି, ଆଜ ମନଟା ସମ୍ଭାଳି ହେଲା ନାହିଁ । ତାଙ୍କ ଘରର ସେଉଁ ଝରକା—ଆପଣ ତ ଦେଖିଛନ୍ତି ପର୍ଦ୍ଦାଟା କରକୁ ଓଟରି ହୋଇଥାଏ । ସଡ଼କ ଆଡ଼କୁ ଅନାଇଁ ଠିଆହୋଇ ରହିଥାଏ—ସେଇ—ସେ ଅପରିଚିତା ।”

“ଆହା ବଳିହ !”

“ସାଇକଲରୁ ଓହ୍ଲେଇପଡ଼ିଲି, ଗଳାଖଙ୍କାରିଲି, ସେ ମୋ ମୁହଁକୁ ଅନାଇଁ ହସିଦେଲା ।”

“ଓଃ !”

ଧନଞ୍ଜୟ ଦୁଇ ପାପୁଲିରେ ମୁହଁଭରି ଦେଇ ତଳକୁ ମୁହଁ ପାଞ୍ଚ ତା’ ଟେବୁଲ ଉପରେ ଝୁଙ୍କିପଡ଼ିଥାଏ ଏକ ଧ୍ୟାନରେ ସେ କଥା ଶୁଣୁଥାଏ ।

“ସେଉଠୁ”—ଗୌତମବାବୁ ଚୁପ ହେଲେ ।

ଚୈତନବାବୁ ପଚାରିଲେ, “ସେଉଠୁ କ’ଣ ହେଲା ?”

“କହିବି ନା ?”

“କୁହନ୍ତୁ କୁହନ୍ତୁ ।”

“ଭାବିଲି ଯାହା ହେବ ହେବ ସାହସ କରିବି ତ । ବା’ ହାତରେ ଏମିତି କରି ଠାରିଦେଲି, କବାଟ ଫିଟାଅ । ଭାବିଲି ଆଜ କେହି ତ ନଥିବା କଥା, ଯଦି କେହି ଥିବ, ବାହାରିବ, ପାଣି ଗିଲାସେ ମାଗିଲେ କ’ଣ ପାପ ହେବ ? ମୋ ଠାରି ଦେଖି ତା ମୁହଁରେ ହସ ଆଗରୁ ତ କହିଲେ ନ ସରେ, ସେ ପରି କଳକାଳିଆ ହୋଇ ଧାଇଁଗଲା !”

“ସେଉଠୁ ?”

“କହୁନାହିଁ ମୁଁ ସାଇକେଲ ଟେକି ପିଣ୍ଡା ଉପରକୁ ନେଲାବେଳକୁ ସେ କବାଟ ଖୋଲିସାରିଥିଲା । ମୁଁ ଭିତରକୁ ଗଲି କବାଟ ବନ୍ଦ ହେଲା ।”

“ଆଁ ! ”

ଟିକଏ ଦମ୍ ମାରି ଚୈତନବାବୁ ପଚାରିଲେ, “ତା’ପରେ କ’ଣ ହେଲା ଗୌତମବାବୁ ?”

Digitized by srujanika@gmail.com

ଗୌତମବାବୁ ହସିଲେ, କହିଲେ "ଆଉ କ'ଣ ?"

"ନାଇଁ ନାଇଁ କହନ୍ତୁ କହନ୍ତୁ ।"

"କ'ଣ ଆଉ କହିବି ?"

"କେତେବେଳେ ସେଠୁ ଆସିଲେ ?"

"ସେଠୁ ତ ସିଧା ଅଫିସକୁ ।"

"ସବୁ ନିରାପଦ ତ ?"

"ଆପଦ ଆଉ କ'ଣ ? ମୁଁ ସେ ଘର ଭିତରକୁ ଗଲାବେଳେ କି ସେଠୁ ବାହାରିଲାବେଳେ ତ କାହାରିକି ଦେଖି ନାହିଁ, କିଏ ବା ମତେ କାହିଁକି ଲକ୍ଷ୍ୟ କରନ୍ତା ? ଘରେ ତ କେହି ନଥିଲେ, ଏକା ସେ, ତା ସ୍ୱାମୀ ଅଫିସ୍‌କୁ ଯାଇଥିଲା । ଦାଣ୍ଡଘରେ ସାଇକଲ, ଥୋଇଥିଲି, କହିଥିଲି ସେ ନିଶ୍ଚୟ ଚକର ଧୂଳି ଟିକ୍କ ଓଳେଇ ଦେଇଥିବ, ଆଉ ବିପଦ କ'ଣ ।"

ଧନଞ୍ଜୟବାବୁ ସବୁ ଶୁଣୁଥାଏ, ତା' ମୁଣ୍ଡ ତାତିଯାଇଥାଏ, ତାର ଅବସ୍ଥା ନଥାଏ ।

ହଠାତ୍ ଗୌତମବାବୁ, ଫୁସ୍‌ଫୁସ୍ କରି ଚିଚିଁରେଇଲେ—

"ଚୈତନବାବୁ, ସର୍ବନାଶ, ସର୍ବନାଶ ।"

"କ'ଣ ହେଲା ?"

"ଦେଖିଲେ ମତେ ? ହେଇ ଅନାନ୍ତୁ, ପ୍ୟାଣ୍ଟ ଉପରେ ସେଇ ହାଓ୍ୱାଇନ୍ । ହାଓ୍ୱାଇନ୍ ତଳେ କଣ ? ମୋ ଗେଞ୍ଜି କାହିଁ ?"

"ଗେଞ୍ଜି ? ହଃ । କିଏ ଦେଖୁଛି ? ତରତରରେ ଘରୁ ଆସିଛନ୍ତି । ଡେରିହେଲା ବୋଲି ଗେଞ୍ଜି ନ ପିନ୍ଧି ହାଓ୍ୱାଇନ୍ କାମିଜ୍ ଗଳେଇ ପକାଇ ଆସିଛନ୍ତି ।"

"ଅସମ୍ଭବ କଥା । ଗେଞ୍ଜି ନ ପିନ୍ଧି ମୁଁ ଆସନ୍ତି ନାଁ ?"

"କୁଆଡ଼େ ଗଲା ?"

"ଅପରିଚିତା ଘରେ । ଓହ୍ଲେଇଥିଲି ତ । ଆସିଲାବେଳେ ମନର ଯେଉଁ ଅବସ୍ଥା, କେତେବେଳେ କିଏ ଆସିବ ଦେଖିବ ବୋଲି ମନ ଛନଛନ, ଗେଞ୍ଜିଟା ଆଉ ପିନ୍ଧିବାକୁ ମନେ ନାହିଁ । କ'ଣ ହେବ ?"

Digitized by srujanika@gmail.com

"ଗେଞ୍ଜି କ'ଣ ସେ ଘରେ ଆଉ ନଥିବ ଯେ ଆପଣ ଡରୁଛନ୍ତି ?"

"ନିଜ ପାଇଁ ଡରୁନାହିଁ, ମତେ କିଏ ଦେଖିଛି କି । କିନ୍ତୁ ସେଇ ବିଚ୍ଛୁରି ଅପରିଚିତା ପାଇଁ । କାଳେ ତା ସ୍ୱାମୀ ଦେଖିବ ।"

"ସେ କେମିତି ଚିହ୍ନିବ ଗେଞ୍ଜିଟା ତା'ର ନୁହେଁ ବୋଲି ?"

"ସେଇଟା ମତେ ପଚାରୁଛନ୍ତି ଆପଣ ? ଧୋବା ଚିହ୍ନ ନାହିଁ ? ହେଇଟି ମୋ ହାଓ୍ୱାଇନ୍ କାମିଜ୍ ବେକପାଖେ ଦେଖୁନାହାନ୍ତି, ଯୋଡ଼ାଏ ତାରା ଚିହ୍ନ ଅଛି । ସେ ଗେଞ୍ଜିରେ ବି ସେମିତିଆ ଚିହ୍ନ ଅଛି । ପିଠିରେ ଦି'ଟା ସାନ ସାନ କଣା ଅଛି ।"

"ପିଠିକଣା ବି ଆପଣ ଲକ୍ଷ୍ୟ କରିଛନ୍ତି ? ଏତେ ନଜର ?"

"ନଜର ନକଲେ ଏ ଦୁନିଆରେ ଆମେ ବଞ୍ଚି ପାରିବା ? ଛାଡ଼ନ୍ତୁ, ବର୍ତ୍ତମାନ ଉପାୟ କ'ଣ ?

"ଯିବେ ଆଜି ଆଉ ଥରେ ?"

"ବାପରେ—ଦିନ ବେଳ, ସବୁଥର କି ଭାଗ୍ୟ ପ୍ରସନ୍ନ ହୁଏ ନାହିଁ । ହୁଏତ ଗେଞ୍ଜି ଛାଡ଼ିବାଟା ହିଁ ମୋ ପକ୍ଷରେ ଦୁର୍ଭାଗ୍ୟର ଯନ୍ତା, ଗେଞ୍ଜି ଖୋଜିଗଲେ ମୁଁ ସେ ଯନ୍ତାରେ ପଡ଼ିବି । ବେଳହେଲାଣି ଅଢ଼େଇ, ମୁଁ ଛୁଟିନେଇ ଜମ୍ମା କସ୍ବ-ପୋଛି ଯାଉପାଉ ଆହୁରି ଘଣ୍ଟାଏ, ବଡ଼ବାବୁ ବି ଦି'ଥର ଡାକିଲେଣି, ଛାଡ଼ିବେ ନାହିଁ । ନାଃ, ଆଉ ଆଜି ଯାଇହେବ ନାହିଁ, ଫେର୍ କାଲି ସେ ଝିରକାବାଟେ ଡାକିବାକୁ ଚେଷ୍ଟା କରିବି । ତା' ଆଗରୁ ତା' ସ୍ୱାମୀ ନ ଦେଖିଲେ ଭାଗ୍ୟ । ସେ ନିଜେ ଯଦି ଜାଣନ୍ତା ମୁଁ ଗେଞ୍ଜିଟା ଛାଡ଼ିଦେଇ ଆସିଛି, ତେବେ କି ଚିନ୍ତା ନଥିଲା ।"

ଧନଞ୍ଜୟ ଚିଆହୋଇ ପଡ଼ିଥାଏ । ବସିପଡ଼ିଲା, ଦରଖାସ୍ତଟାଏ ଲେଖିଦେଲା ଯେ ତା' ଦେହ ଖରାପହେଲା, ଦିନସାକର ବାକି ଘଣ୍ଟାକ ତାକୁ ଛୁଟି ଦିଆଯାଉ । ଦରଖାସ୍ତ ପଠେଇଦେଇ ସେ ତା' ସାଇକଲ ଆଣିବାକୁ ଗଲା ।

ଦିନ ଅଢ଼େଇ ବାଜିଥାଏ; ଦାଣ୍ଡ କବାଟରେ ସାଇକଲ ଚକର ଠାଇଠାଇ ଓ ସଙ୍ଗେ ସଙ୍ଗେ ଧନଞ୍ଜୟର ପାଟି ଶୁଣି ସେ ଖଟ ଉପରୁ ଧଡ଼ପଡ଼ ହୋଇ ଉଠିଲା, ମହାଭାରତ ପଢ଼ୁଥିଲା, ବହିଟି ଥୋଇଦେଲା, ଯାଇ କବାଟ ଫିଟାଇ ଦେଲା । କହିଲା, "ଆଜି ସଅଳ ଛୁଟି ହୋଇଗଲା ?"

Digitized by srujanika@gmail.com

ଧନଞ୍ଜୟ କବାଟରେ ପିଠି ଡିଖଦେଇ ନଜ ସାଇକଲକୁ କରପଟିଆ କର ଧର ଆଗ ଦାଣ୍ଡଘରର ଚଟାଣକୁ ନରେଖି ନରେଖି ଦେଖିଲା, କହିଲା "ଏଠି ସାଇକଲ ଚହ୍ନ କୋଉଠୁ ଆଇଲା ?"

ଫଲ୍ଗୁତା ତା' ମୁହଁକୁ ଦେଖି କାବା ହେଲା, ତା କଥା ଶୁଣି କହିଲା, "ସାଇକଲ ଚହ୍ନ କୋଉଠୁ ଆସିବ ? ମୁଁ ସବୁ ସଚରଥର କର ଘର ଓଳେଉଛୁ ଦୁଆର ଓଳେଉଛୁ ?"

"କାହିଁକ ଏତେ ଓଳଆ ଓଳ, ଶୁଣେ ?"

କ କଥା ! ଓଳାଇବା କ'ଣ ନୂଆ ନା କ'ଣ ମ ?"

ଧନଞ୍ଜୟ କବାଟ ବନ୍ଦ କଲା, ଶୋଇବା ଘରକୁ ଗଲା, ହଲେଇ ମୂଷା ଖୋଜଲାପରି ଘରଆଡ଼ ଚନ୍ନଚନ୍ନ କର ଖୋଜଲା ।

"କ'ଣ ହଜେଇଛ ? ହଜଛୁ କଛୁ ?" ଫଲ୍ଗୁତା ପଚାରିଲା । ଧନଞ୍ଜୟ ଜାଣୁ ଗର୍ଜନ ପର ଗୋଟାଏ ଗର୍ଜନ ଛାଡ଼ିଲା ।

ଲୁଗା ଅଲଗୁଣି, ତଳ, ଖଟ ଉପର ସବୁ ସେ ଖୋଜଗଲା । ତା'ପରେ, ଠିକ୍ ଖଟ ଦାଢ଼ତଳୁ, ଯେଉଁପଟେ ଖଟଟା କାନ୍ଥର ଅତି ପାଖ, ସେଠୁ ଗୋଟାଇ ଆଣିଲା ଗୋଟାଏ ଗେଞ୍ଜି । ଘର ମଝିରେ ଠିଆହେଲା, ଗେଞ୍ଜିଟାର ବେକଡାଖ ତଳସିଲା, ସେଟି ଯୋଡ଼ାଏ ଡାଗ ଚହ୍ନ, ତା ପିଠି ପଟେ ଦେଖିଲା, ସେଠି ଯୋଡ଼ାଏ କଣା ।

"ଦେଖା ସରଲା ? କାହା ଗେଞ୍ଜି ସେ ?"

"ତମ ଗେଞ୍ଜି ତ ନୁହେଁ । ତୁମକୁ ତ ହ'ଲା ବ ନାହିଁ । ଧୋବା ଭୁଲ୍‌ରେ ଦେଇଗଲା ? ନା, ତାହେଲେ ତ ବାସିଧୋବ ହୋଇଥାନ୍ତା । ଏଇଟା ତ କାହାର ପାଲଟା ଗେଞ୍ଜି !"

"କୋଉଠୁ ଆସିଲା ଏଠିକ ଏ ଶୋଇବାଘର ଖଟ ପାଖକୁ ? କହ ! କହ !"

"ମତେ କାହିଁକ ଧମକୋଉଚ ? ମୁଁ କେମିତ ଜାଣିବ କୋଉଠୁ ଆଇଲା ? ମୁଁ ତ କାବା ହଉଚ !"

"କାବା ହଉଚ ! ଏଁ !" ଧନଞ୍ଜୟ ଓଠ କାମୁଡ଼ ଆଖି ତରାଟି

Digitized by srujanika@gmail.com

ଦ' ପାହୁଣ୍ଡ ମାଡ଼ିଆସି ରଡ଼ି ଛାଡ଼ିଲା, କହିଲା, "ସତେ ! ଜାଣିନା କଣ୍ଟୁ ? ଆଜି ଆଜି ରକ୍ଷାନାହିଁ", ଧରଣୀକ ଏପଟ ସେପଟ ହୋଇ ଚରଚର ହୋଇ ଯା'ଆସ କଲା, ସତେ ଯେମିତି ସେ ପିଞ୍ଜରା ଭିତରେ ବାଘ, ପଦାକୁ ଯିବାକୁ ବାଟନାହିଁ, କ'ଣ ସେ କରିବ ଜାଣିପାରୁ ନାହିଁ । ମୁହଁ ଉପରେ ବାରମ୍ବାର ଭ୍ରୂକୁଟୀ ପରି କେତେ ଭୟଙ୍କର ଠାଣି ଫୁଟିଉଠୁଛି; କାନ ମାଡ଼ୁଛି; ଦାନ୍ତୁଛି; କ'ଣ ଧ୍ୱଂସାତ୍ମକ କାମ କରିଦେବାକୁ ଖୋଜୁଛି ପରା, ତା ବି ଦାନ୍ତୁଛି, ପାଦର ଗତି ଆହୁରି ଚରଚର, ମନକୁ ମନ କହୁଯାଉଛି—"ନାଃ ! ନାଃ ! ପାରିବି ନାହିଁ, ପାରିବି ନାହିଁ , ପାରିବି ନାହିଁ ।" ଧଡ଼କିଇ ହେଉଛି । ପୁଣି ଠାଏ ଠିଆହୋଇପଡ଼ି କହିଲା—

"ଏ ଗେଞ୍ଜି ମୁଁ ଚିହ୍ନିଛି । ନିଜେ ତା'ର ତୁଣ୍ଡରୁ ଶୁଣିଆସିଲି । ସେ ଚିହ୍ନାଟ ବି କହିଥିଲା । ସେ ତ ଆଉ ଜାଣେ ନାହିଁ ଯେ ଏ ସ୍ତ୍ରୀ ଲୋକଟାକୁ ମୁଁ ବାହା ହୋଇଥିଲି ! ସେ ତ ଜାଣେ ନାହିଁ ଏ ସ୍ତ୍ରୀଲୋକଟାର ସ୍ୱାମୀ କିଏ ! ତରତରରେ ଗେଞ୍ଜିଟା ଛାଡ଼ିଗଲା, କାଳେ ସ୍ତ୍ରୀଲୋକଟା ନଜାଣୁଣୁ ତା ସ୍ୱାମୀ ଦେଖିପକାଇବ ବୋଲି ସେ ଛନିଆ । ହାଃ ହାଃ ହାଃ ହାଃ ", ଧନଞ୍ଜୟ ଅଟ୍ଟହାସ କଲା, ପାଗଳର ହସ । ମଝିରେ ଫଲ୍ଗୁତା ଦି' ଖରଥର ପାଟିକରି ସାରିଥାଏ "କିଏ ? କିଏ ସେ ?, ପୁଣି କହିଲା, ଏ ଗେଞ୍ଜି ଏଠିକି କେମିତି ଆସିଲା ? କେହି କ'ଣ ଝରକାବାଟେ ଗଳେଇ ଫୋପାଡ଼ି ଦେଲା ?"

"ଝରକା ବାଟେ ଭିତରକୁ ଛାଟି ଫୋପାଡ଼ି ଦେଇଥିବ, ଆଉ କିଏ ପକେଇଥିବ, ହେ ଭଗବାନ ! କି ଷଡ଼ଯନ୍ତ୍ର !"

ଧନଞ୍ଜୟ ତା' ହାତଛାଡ଼ିଦେଇ ତା ମୁହଁ ପାଖକୁ ମୁହଁ ନେଇ ଗର୍ଜନ ଛାଡ଼ିଲା "କଳଙ୍କିନି ! ନିର୍ଲଜ୍ଜ ବଦମାସ ଧୂର୍ତ୍ତ ଭଣ୍ଡ ମିଛୋଇ ଛତରଖାଇ—"· ସେତେବେଳେ କ'ଣ ଯେ ତା ମୁହଁ ଆଖି ହୋଇଗଲା, ତା ଠାଣି ହୋଇଗଲା, ଫଲ୍ଗୁତା "ମାଲୋ !" ବୋଲି କହି ଗଛ କାଟିଲା ପରି ତଳେ ପଡ଼ିଗଲା, ତା ମୁହଁ ବଙ୍କା ହୋଇଗଲା । ସେ ବେହୋସ୍ ।

"କ'ଣ କଲି ! ମାରିପକାଇଲି ! ହେ ଶୁଣ !" ଧନଞ୍ଜୟ ତା' କଡ଼ରେ ବସିପଡ଼ିଲା, ଭେ ଭେ କାନ୍ଦିଲା, ନିଜ ମୁଣ୍ଡ ବାଳକୁ ଓଟାରିଲା । ସେ ତାକୁ ଛୁଇଁକଥା ହିଁ କହିବ, ଖାଲି ତା' ହାତକୁ ଚିପି ଧରିଥିଲା । କିନ୍ତୁ ତା'ର ଭ୍ରାନ୍ତ

Digitized by srujanika@gmail.com

ହେଉଥାଏ ସେ ଫଲ୍ଗୁତାକୁ ମାରପକାଉଛୁ, ତା ତଣ୍ଟିକୁ ଚପିଚପି ମାରୁଛୁ, ତାକୁ ଝୁଣିଝୁଣି ମାରୁଛୁ, ସ୍ତ୍ରୀକୁ ହତ୍ୟା କରୁଛୁ ।

"ମୁଁ ଖୁଣୀ ! ଖୁଣୀ ! ପୁଲିସ୍ ! ମତେ ଫାଶୀ ଦିଅ !"

ହଠାତ୍ ପୁଣି କ'ଣ ମନେପଡ଼ିଗଲା, ସେ ଧାଇଁଯାଇ ପାଣି ଆଣି ତା' ସ୍ତ୍ରୀ ମୁଣ୍ଡରେ ମୁହଁରେ ଢାଳିଲା । ଫଲ୍ଗୁତା ଆଖି ଖୋଲିଲା । ପୁଣି ବନ୍ଦ କଲା । ଧନଞ୍ଜୟ ତାକୁ ଗୋଟେଇ ନେଇ ଛାତିଆକୁ ଜାକିଲା ପରି କୋଳରେ ଥୋଇ ଧରିଲା, କେତେ କ'ଣ ସ୍ନେହ ଆଦର କଥା କହିଗଲା ।

ଫଲ୍ଗୁତାର ଚେତା ହେଲା । ସେ ତା' ସ୍ୱାମୀର ମୁହଁକୁ ଅନାଇଁଲା, ଆସ୍ତେ ଦୁଇ ହାତରେ ତା'ର ଅଣ୍ଟାକୁ ବେଢ଼େଇ ଧରିଲା । ସେଇ ମୁହଁରେ ସେଇ ଦେହରେ ସେ ଦେଖିଲା ତା'ର ପରିଚିତ ଆଶ୍ରୟ । ଧନଞ୍ଜୟ ସ୍ତ୍ରୀଆଡ଼କୁ ଅନାଇଁଲା । ପୁଣି ସବୁ ମନେପଡ଼ିଗଲା । ତା ମୁହଁର ଭଙ୍ଗୀ କଠୋର ହୋଇଗଲା, ତା' ଦେହ ଘୃଣାରେ ଥରିଲା । ଚଢ଼ିଆସୁଥିବା ରାଗକୁ ପୁଣି ତାର ଉଦ୍ଧୃତ ଆଶଙ୍କା ଦାବିଦେଲା । ଭାବିଲା, ପ୍ରେ ଗୋଟାଏ ଶରୀର ସ୍ତ୍ରୀ, ଗୋଟିଏ ମନୁଷ୍ୟ, ସେ ଆଜି ତାର ଫଲ୍ଗୁତା ବାଟ ପାଇଁ ପ୍ରସ୍ତୁତ ହେଲା, ଆଶଙ୍କାରେ ତା' ମନ ମରିଯାଇଥାଏ । କିନ୍ତୁ ପାଟି ଫିଟାଇବାକୁ ଇଚ୍ଛା ହେଉନଥାଏ, ଭାବୁଥାଏ—ତାଙ୍କ ମନ୍ତ ଠିକ୍ ନାହିଁ, ପ୍ରତିବାଦ କଲେ ସେ ଆହୁରିଥରେ ବାଧ୍ୟ ହେବେ, କିଛି କହିଲେ ପୁଣି ରଞ୍ଜନର ନିଆଁ ଲାଗିଲାପରି କାଳେ ହେବ, ଯାହା ଭାବୁଛନ୍ତି ସେଇଆ କରନ୍ତୁ । କିନ୍ତୁ କ'ଣ ପ୍ରେ ଲୀଳା ! କୁଆଡ଼ୁ ଆସିଲେ କେଉଁ ଗୌତମ କେଉଁ ଚୈତନ ତା'ର କପାଳରେ ନିଆଁ ଲଗାଇବାକୁ ? କିଏ ସେ ପିଶାଚ ଦ'ଟା ? କାହିଁକି ପ୍ରେ ଅବୋଉତ ସେମାନଙ୍କର ? କୁଆଡ଼ୁ ଆସିଥାରେ ସେ ଅଲକ୍ଷଣା ଗେଞ୍ଜିଟା ! ନଷ୍ଟପ୍ତ କେହି ଝରକାବାଟେ ଫୋପାଡ଼ିଦେଇ ପଳାଇଛି । ସେ ସେତେବେଳେ ଗୋଷାଇଘରେ ଥିଲା କି ବାସନ ମାଜୁଥିଲା କି ଆଉ କ'ଣ କରୁଥିଲା, ସେଇତିକବେଳେ ହେବ ।

ଗେଞ୍ଜିଟା ଚଟାଣରେ ପଡ଼ିଛି । ଫଲ୍ଗୁତା ତାକୁ ଆଉ ଛୁଇଁଲାନାହିଁ । ଗୁଞ୍ଜୁଣୀରେ ଓଟେଇ ଦୁଆର କଣରେ ଫୋପାଡ଼ିଦେଲା ।

ଧନଞ୍ଜୟ ଅନାଇଁଦେଲା, କହିଲା "ଓଃ!" ପୁଣି ତେଜଉଠୁଥିବା ରାଗକୁ ଦାବିରଖି ସେ ସେ ଗେଞ୍ଜିରେ ଦିଆସିଲି ଲଗାଇଦେଲା ।

Digitized by srujanika@gmail.com

ସବିତା କହିଲା—"ଭଲ ହେଲା।" ତା ଗୁହ ହାଲୁକା ଲାଗିଲା । ଧନଞ୍ଜୟର ସ୍ନାୟୁସବୁ ସଙ୍ଗରେ କ୍ଷଣକ ଉଠିଲା, ଓଠ କାମୁଡ଼ି ସେ ପୁଣି ମଝିଘର ଭିତରକୁ ଗଲେ ।

କିଛିଏ ବେଳ ପରେ ସବିତା କହିଲା, "ସେସ୍ତ କ'ଣ କରୁଛ ? ସେସ୍ତ ଲୁଗା ଟ୍ରଙ୍କ୍, ଗହଣା ଟ୍ରଙ୍କ୍, ସେସ୍ତ ବଡ଼ ସିନ୍ଦୁକ, ଏଗୁଡ଼ା ସବୁ ସଜାଉଛ ?"

ଧନଞ୍ଜୟ କହିଲା, "ଯିବା"

ସବିତା ଡରି ଡରି କହିଲା—"କାହିଁକି ?"

"ଏଁ ! କ'ଣ କହୁଚ !"

"ସବୁବେଳେ ନୁହେଁ, କେତେ କେତେବେଳେ । ଆପଣମାନଙ୍କ କଣ୍ଡରେ ରହିଲେ ସୁସ୍ଥ ରହିପାରେ । ମୋ ପାଖକୁ ଗଲେ ପୁଣି ମାଡିବ । ଦରକାର ତାକୁ ଗୋଟେ ଗୋଟେ କଟିବା । ମୁଁ ତ ଦଶଟାରୁ ଛ'ଟା ଘରେ ନଥିବି, ଅଫିସରୁ ଫେରିଲେ ହାଟ ବଜାର ଅଛି । ବସାରେ ଆଉ କେହି ବି ନାହିଁ । ତେଣୁ ଏଠି ସେ ଥାଉ । ମୁଁ ଯାଉଛି । ବର୍ତ୍ତମାନ ଗଲେ ପୁଣି ବସ୍ ଧରିବ ।"

"ଏଇ ରାତି ରାତି ! ଅଇଛା ନ ଗଲେ ନଚଳେ ବାପା ?"

"ଅଫିସ୍ ଅଛି ଯେ ।"

ସବିତା ଆସିଲା । ବାପ ମା' ଦୂରେଇଗଲେ ।

"ତୁମେ ଆସୁ ଆସୁ ନଖାଇ ଚାଲିଯିବ ?"

"କାଲି ଅଫିସ୍ ।"

"ଛୁଟି ନିଅ ।"

"ଯାଏଁ ।"

ସବିତା ଆତୁର ହୋଇ କାନ୍ଦପକାଇ କହିଲା—

"ସତେ ଚାଲିଯାଉଛ ? ଆଉ ମୁଁ ? ମତେ କେବେ ନେବ ?"

ଧନଞ୍ଜୟ ତା' ମୁହଁକୁ ଅନାଇଲା । ନଲ୍ଟନ ଆଲୁଅ ତା' ମୁହଁରେ ଦେହରେ ପଡ଼ୁଛି । ମୁହୂର୍ତ୍ତକେ ସେ ଆପଣାକୁ ଭୁଲିଗଲା, ଅଜାଣତରେ ସେହି ଦୁର୍ଦ୍ଦିନକୁ ଭୁଲିଗଲା—ଏଇ ମୁହଁ, ଏଇ ଦେହ—ତା'ର ହୃଦୟ, ତା'ର ପ୍ରେମର

Digitized by srujanika@gmail.com

ଏକମାତ୍ର ଆଧାର, ତା'ର ଅସ୍ତିତ୍ୱର ଆଶ୍ରା—ଏଇ ସନ୍ତତା। ପୁଣି ଓଟାରେ ନେଲା କିଏ ତାକୁ, ଅନ୍ଧାର ଘେର ଭିତରର ଗୌରବ ଭିତରକୁ, ଯେ ବୁଲି ପଡ଼ିଲା, କିଛି କହିଲା ନାହିଁ, ତା' ଓଠ ଥରୁଥାଏ।

"କେବେ ଆସିବ ? କେବେ ମତେ ନେବ ?" ସାନ ପିଲା ତା'ପରେ ବି, ପ୍ୟାଣ୍ଟ ହାଓ୍ୱାଇନ୍ ପିନ୍ଧି ସାଇକଲ ଚଢ଼ି ଯେଉଁମାନେ ସାଢ଼େ ଦଶଟା ବେଳେ ଅଫିସ୍ ଯାଆନ୍ତି, ତା' ଭିତରୁ ଜଣେ ଲୋକର ନାଁ ଧନଞ୍ଜୟ। ବର୍ଷ ପରେ ବର୍ଷ ବିତିଯାଏ, ଅଫିସ ଉପରୁ ଭିନେ ଅଫିସ୍। ଘୁଙ୍କଣରେ ଏ ପାହାଚରୁ ସେ ପାହାଚ—ବହୁତ ଲୋକ, ବହୁତ ପ୍ୟାଣ୍ଟ ହାଓ୍ୱାଇନ୍, ବହୁତ ଅଫିସ୍, ବହୁତ ପାହାଚ। ଦୂରରୁ ବାରି ହୁଏ ନାହିଁ କାହାଠୁଁ କେମିତି ସେ ଭିନେ। ଯେତେ ଯେମିତି ଜନ୍ଦାପଲ, ଜନ୍ଦାଧାର, କିଏ ଉଗ ଡିଗ ହୋଇ ଚାଲୁଛି ତ ଚାଲୁଛି, କିଏ କେଉଁଠି ଘେରି ବୁଲୁଛି ତ ବୁଲୁଛି, ବାରି ହୁଏ ନାହିଁ କେମିତି ଗୋଟିଏ ଜନ୍ଦାଠୁଁ ଅନ୍ୟ ଗୋଟିଏ ଭିନେ, ଖାଲି ଆକାରରେ କିଏ ସାନ, କିଏ ବଡ଼।

ପାଞ୍ଚ ବର୍ଷ—ଦଶ ବର୍ଷ—କୋଡ଼ିଏ ବର୍ଷ—କାନ ଉପରେ କପାଳ ଉପରେ ଅଳପ ଅଳପ ଚୂନ, ମୁଣ୍ଡ ମଝିରେ ଅଳପ ଚନ୍ଦା--ସମସ୍ତେ ଜାଣନ୍ତି ସେ ଏକୁଟିଆ ମଣିଷଟିଏ, ତା'ର ସ୍ତ୍ରୀ ମରିଛି। ଆଉ ବିଭା ହେଲା ନାହିଁ, ଅବିବାହିତ ଲୋକ ପରି ଥାଏ। ପାଖ ଲୋକ, ଜାଣିବା ଲୋକ କହନ୍ତି, ସେ ଯେତେବେଳେ ନୂଆ ହୋଇ ବଦଳି ହୋଇ ଆସିଥିଲା, ତା' ଅଫିସରେ କେତେଜଣ ଖଚଡ଼ା ସହକର୍ମୀ ମଜା ଦେଖିବା ଲାଗି ମିଛକଥା ଫାନ୍ଦି ତା' ଶୁଣନ୍ତାରେ କୁହାକୋହି ହୋଇ ତା' ମନରେ ସ୍ତ୍ରୀ ପ୍ରତି ସନ୍ଦେହ ସୃଷ୍ଟି କଲେ, ଦିନେ ତାଙ୍କର ଭିତରୁ ଜଣେ ତା' ଶୋଇବାଘର ଝରକା ବାଟେ ନିଜର ଗୋଟାଏ ପୁରୁଣା ଗେଞ୍ଜି ଘର ଭିତରକୁ ଫୋପାଡ଼ି ଦେଇ ପଳାଇଲେ, ସ୍ତ୍ରୀ ଲୋକଟି ବିଚରା ସେ ଘରେ ନଥିଲା, ଦେଖିନାହିଁ କି ଜାଣିନାହିଁ, ସେହି ଦୁଷ୍ଟ ଲୋକ ଅଫିସକୁ ଯାଇ ତା' ସ୍ୱାମୀ ଶୁଣିଲା ଭଳି ତାଙ୍କ ସାଙ୍ଗକୁ ମିଛରେ କହିଲେ ଯେ ସେ ସେଘର ଭିତରକୁ ଯାଇଥିଲା। ଆସିଲାବେଳେ ତରତରରେ ଗେଞ୍ଜିଟା ଫୋପାଡ଼ି ଦେଇ ଆସିଛି, ଧନଞ୍ଜୟ ଘରକୁ ଆସି ସ୍ତ୍ରୀକୁ ଦୋଷ ଦେଲା, ଅପମାନ ଦେଲା, ତାକୁ ତା' ବାପଘରେ ଛାଡ଼ି ଦେଇ ଆସିଲା।

Digitized by srujanika@gmail.com

କାକୁଡ଼ି

ମେଘ ବି କ୍ଲାନ୍ତବୋଧ ହୁଏ। ଅଫିସ ଫେରନ୍ତା ଯୋଗେଶ ସେକ୍ରେଟେରିଏଟ୍ ହତାରୁ ବାହାରୁ ବାହାରୁ ଗୋଟିଏ ଖିଆଲରେ ଭାବିଗଲା। ଆଷାଢ଼ର ତୋଫାନ ଘଡ଼ଘଡ଼ି ମିଶା ବରଷଣ ସରିଛି, ଶ୍ରାବଣର ଝଡ଼ ସରିଛି, ଧାନ ପାଚିର ସ୍ୱପ୍ନ ଦେଖି ଆସିଛି ଏ ଯେଉଁ ଭାଦୁଅ ତାକୁ ଘୋଡ଼େଇଥିଲା ମେଘ ଆଜି ହନସାର, କେମିତି ଗୋଟାଏ ଗୁଳୁଗୁଳ ଉଠୁଥିଲା, ପଡ଼ିଲେ କେଇ ଟୋପା, ଛତାଟା ଖୋଲୁ ଖୋଲୁ ସେ ଆଉ ନାହିଁ। ଯାଃ।

"ହେଇ ରିକ୍—" କଥାଟା ମନେ ମନେ ଚଣ୍ଡି ପାଟକୁ ଉଠି ଆସୁ ଆସୁ ଅଟକିଗଲା, ନା ଥାଉ। ଥରୁ ଘୁଷ୍ତି,—ନା, ଗୁଣ୍ଡିପାନ ପାଇଁ ନୁହେଁ, ଜାଣେ ସେ। ଟିକ୍ଲୁ ଗୋଡ଼, ଅଣ୍ଟାତଳକୁ ଦରଦମଲା ପରି, ମନ ହେଉଛି ବସିପଡ଼େଁ ଏଇ ସଡ଼କ କଡରେ, ମନେ ମନେ ବସିସାରିଲଣି ତ, ଲମ୍ବିପିବାକୁ ମନ ହେଲାଣି, ତା'ପରେ ଖାଲି ଆଖି ବୁଜିଦେବା କଥା, ଯଦିଚ ସେ ଅନୁଭବ କରିଛି ବାରମ୍ବାର ଅନେକ ଚେଷ୍ଟାରେ, ଆଖି ବୁଜିଲେ ବେଶି ମନେପଡ଼େ।

ଆଖି ଖୋଲା ରଖିଥିବ, ଅଥଚ ବୁଜିଥିବ, ଦୁ'ପଟର କବାଟ, ଆଗର ଓ ପଛର, ଯେମିତି ଦୁ'ପଟେ ଦୁ'ଟା ମୋଟା ପ୍ଲାଷ୍ଟିକ୍‌ର କବାଟ, ଟିକିଏ ବାପି ପିଟୋଉ ବର୍ଷାର।

ତା'ହେଲେ ଭିତରେ ଥିବ ଜଣେ ଏକୁଟିଆ, ତା'ରି ସାଙ୍ଗ ସୁଖ ତା'ର ଦରକାର, ସେ ବି ଯୋଗେଶ। ଭାରି ମଜାକଥା, ଏକ ଏକ ମିଶି ଏକ, ଏକ ବି ଅଲଗା ହୋଇ ଠିଆହେବ ତଥାପି ସେଠି ବି ରହିଯିବ ସେଇ ଏକ। ତା'ରି ସାଙ୍ଗରେ ସେ କଥାଭାଷା ହେବ।

କି କଥା ? ମଞ୍ଜାବନ-ଘଡ଼ି କଥାହିଁ ତ, ଆଉ ଦି ମାସ, ସେଇଠୁ ସେ ଏଠି ନଥିବ।

Digitized by srujanika@gmail.com

ସେମାନେ ନିଶ୍ଚୟ ଗୋଟାଏ ବିଦାୟସଭା କରିବେ । "ଆମର ଶ୍ରଦ୍ଧେୟ ହେଡ୍ ଆସିଷ୍ଟାଣ୍ଟ୍ ଶ୍ରୀଯୁକ୍ତ ଯୋଗେଶ ଚନ୍ଦ୍ର ମହାରଣା" ଇତ୍ୟାଦି । କଳ୍ପତରୁ-ବାବୁ କି ହେବେ ହେଡ୍ ଆସିଷ୍ଟାଣ୍ଟ୍, ଏଥିରେ ସନ୍ଦେହ କ'ଣ ଅଛି ? ବୟସ ପିଠା ଗୁଳିଣି, ବାଳକ ବଢିଣି ପର, ଥିଏଟରରେ କ'ଣ ଘର ସଜାଇ । ଗୋଲକ ଦାସ ଗଲାବେଳେ ଯେମିତି ସେ ମୁହଁ ଥନ ଥନ କରି ଆଖି ଛଳଛଳ କରି କହି-ଥିଲେ "ଆଜି ଏ ଦୁଃଖପୂର୍ଣ୍ଣ ବିଦାୟ ମୁହୂର୍ତ୍ତରେ—"ବୋଧହୁଏ ସେମିତି କହିବେ । ଆଉ ବଡ ବଡ ମାନେ—ସେ ଦୃଶ୍ୟ ବି ଦିଶିଯାଉଛି, ସେମାନେ ଗମ୍ଭୀର ହୋଇ ବସିଥିବେ, ଶୁଖିଲା ଜଳଖିଆ ଗ୍ରେବୋଉଥିବେ । ତା'ପରେ ଯେତେବେଳେ ଆସିବାକୁ ଚଡ଼ିବ ପେନ୍‌ସନ୍ କଥା ବୁଝିବାକୁ, ସେତେବେଳେ ଦୁଆର ମୁହଁରେ ପଡ଼ିବ ମାଗିବେ ଛୁଡ଼ ଦେଖା, ତା ବି କଷ୍ଟ ହେବ ନାହିଁ, ଡାହାଣ ପାଖ ସାନ ଘରେ ନଳମିବାବୁ ହେଉଛି ବସିଛନ୍ତି ଛୁଡ଼ କଟେଇଦେବେ ଯେ ।

ଯୋଗେଶ ଠିଆ ହେଲା । ଆଉ ଖଣ୍ଡେ ପାନ ।

ଓଃ ! ଛୁଟିଟା ! ଆଉ ଗୋଡ଼ ଦ'ଟା !

ହୁଁ, ତା'ପରେ ?

ମଟରରେ, ସାଇକେଲ୍‌ରେ, ରିକ୍‌ସାରେ, ପାଦରେ ଚାଲି, ବାହାରି-ଯାଇଛନ୍ତି ସେମାନେ ଶହ ଶହ ଲୋକ, ହଜାର ହଜାର ଲୋକ ।

ଚାଲିଛି, ବୁଢ଼ା ଲୋକଟିଏ । ସେମାନେ କିଏ ମୋର ? ଭାବୁଛି । ଏ ମାଟି ମୋର ନୁହେଁ । ଏ ଆକାଶ ମୋର ନୁହେଁ, ଏ ସଡ଼କ, ଏ ଘର ଦୁଆର, ଏ ମଣିଷ, କେହି ନୁହନ୍ତି ମୋର, କିଏ ତୁ ? କୁଆଡ଼େ ଆସିଥିଲୁ ?

ଆପଣା ଘର ମନେପଡ଼ିଲା । ହ୍ୟା-ବୋଉ ଚକୁଳି ଲେଉଟାଉଥିବ । ଆହା ବିଚରା, କେତେ ଆଶା, କେତେ ସୋଗ ! ରେଖା ଘର ଓଳେଇଥିବ, ବି. ଏ. ତ ପାସ୍ କଲା, କାମଖଣ୍ଡେ କୋଉଠି ହେଲେ ମିଳିଯିବ । ଜଗୁର ଇଞ୍ଜିନିୟରିଂ, ବୁର୍ଲାରେ ଆଉ ଦି ବର୍ଷ, ଆଉ ଦି ବର୍ଷ ! ଗେଡ଼ୁର ମାଟ୍ରିକୁଲେସନ୍, ନବର ମାଇନର; ବବୁ ତା ପାଆଁଳା, ଅଷ୍ଟମ ଶ୍ରେଣୀ । ଓଃ ! ଗୁଡ଼ ଗୁଡ଼ିଗାଡ଼ିରମାନେରେ ! ପଞ୍ଚାବନ ! ପଞ୍ଚାବନ ! ସେଇଠୁ ?

ଆଉଜଣକ ଯେମିତି ଜାକଜକ ହୋଇ ବସିଥିଲା, ଥଣ୍ଡା କଲାପରି ଅନେଇଥିଲା, ଭୁକ୍‌କରି ତା' ମନ ଭିତରେ ଥାଇ ପଚାରିଲା "ଏମିତି କେତେଜଣ

Digitized by srujanika@gmail.com

ମଲେଣି ?" ନାଃ, ନିଷ୍ଠୁର ମଣିଷଟାଏ ସେ, ସଙ୍ଗୀହୀନ ସଂସାରରେ ଏକମାତ୍ର ସାଥୀ, କିନ୍ତୁ ସବୁବେଳେ ତା ମତ ଠିକ୍ ଓଲଟା । କହିଲା, "କେମିତି ମଜା ? କେତେ ଛଟପଟ କେତେ ଧକ ଧକ ହଉଛୁ ଯୋଗେଶ ମହାରଣା ? କାଲି ତ ଏମିତି ନଥିଲୁ, ତିରିଶ ବର୍ଷ ତଳେ ?"

"ମୁଁ କିଏ ?" ଯୋଗେଶ ପଚାରିଲା ?

"ତୁ ଗୁଡ଼ାଏ ଅସନା ଏକାଠି ବନ୍ଧାହୋଇଥିବା ବୁଜୁଳାଟାଏ, ସଡ଼ା ସଡ଼ା, ଜୁଡ଼ୁବୁଡ଼ୁ, ଭଣଭଣ"

"ମୁଁ ! ମୁଁ !"

"ହଁ, ଗୁଡ଼ାଏ ଦୁଶ୍ଚିନ୍ତା, ଗୁଡ଼ାଏ ଆଶଙ୍କା, ଗୁଡ଼ାଏ ସନ୍ଦେହ, ପଶିଛୁ ଗୋଟାଏ ସ୍ୱାର୍ଥର ଶବ ମୁଣି ଭିତରେ, ସେଇ ଯେ ତୁ—"

"ଆଉ ତୁମେ ?"

ଆର ଜଣକ ହସିଦେଲା, କହିଲା "କେତେଥର କହିବ ? କେତେଥର ପଚାରିବୁ ? ମୁଁ ନଥାଏଁ ତୋର ବୁଜୁଳା ଭିତରେ, ମତେ ଲାଗେନାହିଁ ଓଧା କି ତାତି, ବାସ୍ନା କି ଗନ୍ଧ"

"ମୁଁ ତାହେଲେ କ'ଣ କରିବ ?"

"ମତେ ଅନୁସର ମନ ଥଏ କରିବୁ । ମୋ'ରି ଆରବାଟେ ଦେଖିବାକୁ ଚେଷ୍ଟା କରିବୁ ସବୁକଥା, ହେଲେ ବୁଝିବୁ ସବୁ କିଛି ନୁହେଁ, ସବୁ ଗୋଟାଏ ଖେଳ, ଆରମ୍ଭ ହୁଏ, ସରେ, ସବୁଠି ସେଇଆ । ଗୋଟାଏ ଘଟନା ସେ, ଦୁଃଖ ନାହିଁ କି ସୁଖ ନାହିଁ ।"

"ଏମାନଙ୍କର କ'ଣ ହେବ ?"

"ସେ ଚିନ୍ତା ତୁ କର କିଛି ଫଳ ନାହିଁ । କିଛି ଲାଭ ନାହିଁ । ଏ ସୃଷ୍ଟିରେ ସାନ ବଡ଼ ନାହିଁ, ଭଲ ମନ୍ଦ ନାହିଁ, ସବୁ ଖାଲି ପ୍ରକାର ପ୍ରକାର, କିଏ ଭିକାରି, କିଏ ଧନୀ ସୌଦାଗର, କିଏ କୁଷ୍ଠ ରୋଗୀ, ଆଉ କିଏ ପହିଲମାନ୍, ଗୋଟାଏ ପ୍ରକାର ବି ବଦଳିଯାଇ ଆଉ ପ୍ରକାରେ ହୁଏ ମୁହୂର୍ତ୍ତକେ, ଯେମିତି ଯାହା ଥିଲା, ତାର ଠିକ୍ ଓଲଟା । ଆଉ, ଅନବରତ କାହାର ହାଣ୍ଡି ଭାଙ୍ଗେ ।"

"ହାଣ୍ଡି ଭାଙ୍ଗେ ! ଆଉ ତୁମେ—"

"ମୁଁ ତ ହାଣ୍ଡିର ମାଟି ଖପର ନୁହେଁ ! ମୋର କି ଯାଏ ? ଭାଙ୍ଗିଲେ ଅବା କ୍ଷତି କ'ଣ ? ଏ କ'ଣ ନୂଆ କଥା ?"

Digitized by srujanika@gmail.com

ସେ ଭୁଲି ହେଲା, ତା ସ୍ୱର ଗଲା ହଜି, ଚେହେରା ତ କେବେ ଦେଖା ନାହିଁ । ଥିଲା କି ନଥିଲା ସେ କେବେ ! ଯୋଗେଶ ଭାବି ଭାବି ଗଲା । ଭାବିଲା, ଏ ତା'ର ଗୋପନ ପାଗଳାମି, ଆପଣା ଭିତରେ ଆଉ କିଏ ଗୋଟାଏ ଅଛି ବୋଲି ଛଳନା । ଅସମ୍ଭବ ! କିଏ ସେ ଫେରି ?

ଭାବିଗଲା, ଯେମିତି ଗୋଟାଏ ଗୋଡ଼ ଦୁର୍ବଳ ଲାଗିଲେ ସେ ଆର ଗୋଡ଼ଟା ଉପରେ ବେଶି ଭରାଦେଇ କେବେ କେବେ କେଉଁଠି ଆଉଜି ଠିଆହୁଏ, ସେମିତି ତା ମନର ସୃଷ୍ଟି ସା' ପାଇଁ ଗୋଟାଏ କା' ।

ତାହେଲେ ସେ ନିଜେ କ'ଣ ? ମୁଁ କିଏ ? ମୁଁ କିଏ ? ମୁଣ୍ଡ ଭିତରେ ଗୋଟାଏ ଗୋଳମାଳିଆ ଘାଉଁ ଘାଉଁ, ପାଦ ଅଟକୁ ନାହିଁ, ଘୁଁ ଘୁଁ ଚାଲିଛି ଆଗକୁ ଆଗକୁ । ଭାବନା ବନ୍ଦ ହେଲା ।

ଛ' ବାଜିବାକୁ ଆଉର କୋଡ଼ିଏ ମିନଟ୍ । ଆଗରେ ସଜନାଗଛ, ଅଗସ୍ତିଗଛ, କଦଳୀଗଛ, ଅମୃତଭଣ୍ଡା ଗଛ । କାଠ ଫାଟକର କଡ଼ା ଠଣ୍‌କିଲା । ନିଜେ ଖୋଲି ହତା ଭିତରକୁ ପଶି ତା'ପରେ ମନେପଡ଼ିଲା ଏଇ ବସା, ଏଇ ତା' ଘର ।

ଆଉ ମନେପଡ଼ିଲା, ସେ ଭାବି ଭାବି ଆସୁଥିଲା—କ'ଣ ତା ଜୀବନର ଉଦ୍ଦେଶ୍ୟ, ସତେ କ'ଣ କୌଣସି ଉଦ୍ଦେଶ୍ୟ ଘେନି ସେ ଜନ୍ମ ହୋଇଥିଲା ?

"ବାପା ଗୋଟାଏ ଶିକ୍ଷା ପାଇଲି ନାଇଁ ?" ଗାଳିଦେଲା ପରି ଅଭିମାନରେ କହିଲା ଗେଣ୍ଡୁ, "କହୁଥିଲ, ଦେହ ହାତ ଧୋଇ ହେଉଛି !" କିଏ କହିଲା ? ଗେଣ୍ଡୁ ? ନା ଗେଣ୍ଡୁର ପାଟିବାଟେ ତା ବୋଉ !

ଯୋଗେଶ ପିଣ୍ଡାରେ ପଡ଼ିଥିବା ଚୌକିରେ ବସିପଡ଼ିଲା, କହିଲା "ମୋ ପାଇଁ ଗୁଡ଼ା ଏଇଟିକି ଆଣ୍ ।"

ନିଭା ଆଉ ବରୁ ପହଞ୍ଚିଗଲେ, କାକୁଡ଼ ବ୍ଲେବୋଉଛନ୍ତି, ନିଭା କହିଲା, "ବାପା ହେଇ ଦେଖ ଆମ ଗଛରେ କେଡ଼େ କାକୁଡ଼ ଫଳିଥିଲା । ଆଉର ଅଛି, ଖାଇବ ?"

'ଏଁ ! କାକୁଡ଼ !"

ଯୋଗେଶ ଆଉ କିଛି କହିଲା ନାହିଁ । ସାମ୍ନାରେ ସତେ ଯେମିତି ଝିଲ୍‌ମିଲେଇଲା ଖବର, ଆଉ ଦିଶିଲେ—ନୂଆଁଣିଆ ଘର ଉପରେ କାକୁଡ଼ ଲଟେଇଛି, ଆଉ ସେହି କାକୁଡ଼ ଲଟାହିଁ ତା'ର ସମୁଦାୟ ଚେତନାର ଧ୍ୟାନର

Digitized by srujanika@gmail.com

ବସ୍ତୁ । ଏକା ସମୟରେ ସେଇ ଏକା ଗଛ ଉପରେ ଲେଟ୍ଟୁଛି ଗୋଟାଏ ଶାଗୁଆ ଦୁନିଆଁ, କେତେଟା କଢ଼ ଧରିଛି, କେତେଟି ଫୁଲ ଫୁଟିଛି, ପାଖୁଡ଼ା ବେଢ଼ିଛନ୍ତି, କେତେଟି ସାନ ସାନ କାକୁଡ଼ି କଷି, ଠାଏ ଠାଏ ଛନଛନିଆ ହୋଇ ଉହଳିଛି ଭେଣ୍ଡା ଭେଣ୍ଡା କାକୁଡ଼ି, ଠାଏ ଠାଏ ଆହୁରି ପାକଳ, ଠାଏ ଠାଏ ଉହଳ ପଡ଼ିଛି ବହଳ ହାଉଆ-ଖଇରିଆ ବୁଢ଼ା କାକୁଡ଼ି, କେଉଁଠି ତା'ର ଅଧେ ଅଧେ ସଢ଼ିଯାଇଛି । ଆଖି ନିରେଖି ନିରେଖି ଉଣ୍ଡି ଯାଉଛି । ଯେମିତି ଆହୁରି କ'ଣ ଦେଖିବାକୁ ଇଚ୍ଛା, ଆହୁରି, ଆହୁରି ।

"ଏମିତି କାହିଁକି ଭୁନି ହୋଇ ବସିରହିଲ ?" କଅଁଳ ପାଟିରେ ପଚାରିଲେ ସାବଜୀ, "ହେଇ ଦେଖିଲ, ଗୁହା ଥଣ୍ଡା ହୋଇଗଲାଣି କି କ'ଣ ! ପିଇଦିଅ ।"

ଯୋଗେଶ ଚଳଚଳେଇଲା ପରି ତରତରି ଫୁସ୍‌ଫୁସ୍ କରି କହିଲା "ଛୁଃ ଏଠିଟାରେ ଏମିତି !"

"କ'ଣ ମତେ କହିଲ ? କ'ଣ ଆଣି ଦେବି ?"

କ'ଣ ସେ କହିଥିଲା ତା'ର ବି ମନେପଡ଼ିଲା ନାହିଁ । ତା'ପରେ ଖୁବ୍ ଆତ୍ମବିଶ୍ୱାସ ଦେଖାଇ ସରସ ହୋଇ ସେ କହିଲା, "କାକୁଡ଼ି ତୋଳେଇଛ ? ବୁଢ଼ା କାକୁଡ଼ି ପାଇଲ ? ରାଇ କର ।"

ସାବଜୀ ହସିଲେ, କହିଲେ—"ମଲା, ଏ କୋଉ ବଡ଼ କଥାଟାଏ ଯେ ! ବସି ବସି କାକୁଡ଼ି ରାଇ କଥା ଭାବୁଚ ?"

ସେ ବି ହସିଲା, କହିଲା, ତମ ହାତ କାକୁଡ଼ି ରାଇ ଯେ ଖାଇଥିବ ! ଏଥର ତ ଏଇଆ, ଯେଉଁଦିନ ଯାହା ମନ ହେବ, ନା କ'ଣ ?"

ସାବଜୀ ହସିଦେଇ ମୁଣ୍ଡକୁ ଝାଙ୍କିଦେଲେ, ତାଙ୍କ କପାଳ ଉପରେ ଅଲଗା ହୋଇ ଲମ୍ବି ଆସିଥିଲା ସତେ ଯେମିତି ଝୋଟ ମେଞ୍ଚାଏ, ସୁଉଚ୍ଚ ଆକାର ସିନ୍ଦୂର ଟୋପାକୁ ଘୋଡ଼େଇ ପକାଇଥିଲା, ସେ ମୁକ୍ତ ହେଲା ।

Digitized by srujanika@gmail.com